ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ମାସିକ ଓଡ଼ିଆ ସାହିତ୍ୟ ଇ-ପତ୍ରିକା

# ଆହ୍ୱାନ

ମାର୍ଚ୍ଚ, ୨୦୧୯ ସଂସ୍କରଣ



କଥା ଓ କାହାଣୀ

ପଦ୍ୟ ଓ କବିତା

ହାସ୍ୟ ଓ ବ୍ୟଙ୍ଗ

ଇତିହାସ ଓ ପ୍ରବଂଧ

ଅନୁବାଦ ସାହିତ୍ୟ

ସମ୍ବଲପୁରୀ ଲେଖା

ଶିଶୁ କଥା

ଏବଂ

ଆହୁରି ଅନେକ





ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା ଓ ସଂପାଦକ, ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଆହ୍ୱାନ

ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ସମ୍ପୂର୍ଣ୍ଣ ଓଡ଼ିଆ ମାସିକ ସାହିତ୍ୟ ଇ-ପତ୍ରିକା



ଆସ ଓଡ଼ିଆରେ ଲେଖିବା, ପଢ଼ିବା ଓ ପଢ଼ାଇବା


ପ୍ରତିଷ୍ଠାତା - ସମ୍ପାଦକ

## ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଏମ୍.ବି.ବି.ଏସ୍., ପି.ଜି.ଡି.ଏମ୍.ସି.ଏଚ୍., ପି.ଜି.ଡି.ଏଚ୍.ଏମ୍


ବୀମା ନଗର, ଦ୍ୱିତୀୟ ଗଳି, ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା

ଭ୍ରାମ୍ୟଭାଷ / ହ୍ୱାଟ୍ସଆପ୍ : ୭୦୦୮୫୬୭୦୮୫ | ଇମେଲ୍ : aahwaan@gmail.com

 Magazine Downloaded from www.aahwaan.com

'ଆହ୍ୱାନ' ଇ-ପତ୍ରିକାରେ ପୂର୍ଣ୍ଣତଃ ମୌଳିକ, ଅପ୍ରକାଶିତ ଲେଖା ଗୁଡ଼ିକ ହିଁ ଲେଖାର ମାନ ଏବଂ ଭାଷା ତଥା ଉପାଦେୟତା ଆଧାରରେ ଚୟନ କରାଯାଇଥାଏ । କୌଣସି ବେନାମୀ ଲେଖା ଉପରେ ଆମର କୌଣସି କର୍ତ୍ତବ୍ୟ / ଦାୟିତ୍ୱ ରହିବ ନାହିଁ । ଲେଖାରେ ଦିଆଯାଇଥିବା ସମସ୍ତ ତଥ୍ୟ ଏବଂ ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ, ତାହା ଉପରେ ସମ୍ପାଦକ କିମ୍ବା ପ୍ରକାଶକଙ୍କ ସହମତି ରହିବ ବୋଲି କୌଣସି ଲିଖିତ ନିୟମ ନାହିଁ । ଯଦିଓ ପ୍ରତ୍ୟେକ ଲେଖାକୁ ଭଲଭାବରେ ପଢ଼ିବା ଏବଂ ବୁଝିବାପରେ ହିଁ ପ୍ରକାଶନ ହେତୁ ନିର୍ବାଚନ କରାଯାଇଥାଏ । ତଥାପି ଲେଖାର ଶତପ୍ରତିଶତ ସତ୍ୟତାର ଦାବୀ କେବଳ ଲେଖକଙ୍କର । କୌଣସି ଲେଖାକୁ ନେଇ ଉଠିଥିବା ବିବାଦର ଉତ୍ତରଦାୟିତ୍ୱ କେବଳ ଲେଖାର ମୂଳ ଲେଖକଙ୍କର, ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ରହିବ ନାହିଁ ।

ଏହି ପତ୍ରିକାର କୌଣସି ଅଂଶ ବା ଲେଖା ସମ୍ପାଦକଙ୍କ ଲିଖିତ ଅନୁମତି ବିନା ଅନ୍ୟ କୌଣସି ମାଧ୍ୟମ (ପତ୍ର ପତ୍ରିକା / ଗଣମାଧ୍ୟମ / ସମ୍ବାଦପତ୍ର ଇତ୍ୟାଦି)ରେ ପ୍ରକାଶିତ କରିବା ଅପରାଧ ବୋଲି ଧରିନିଆଯିବ । ପ୍ରତ୍ୟେକ ଲେଖା ଉପରେ ସମ୍ପୂର୍ଣ୍ଣ ଅଧିକାର ଲେଖକଙ୍କର ରହିବ, ସେ ଚାହିଁଲେ ତାହାକୁ ଫେସବୁକ ଏବଂ ଟ୍ୱିଟର ଆଦି ଗଣମାଧ୍ୟମରେ କିମ୍ବା ଅନ୍ୟ ମାଧ୍ୟମରେ ପ୍ରକାଶିତ କରିପାରିବେ ।




ପବିତ୍ର ଉତ୍କଳଦିବସ ଉପଲକ୍ଷେ ଆହ୍ୱାନର ଅଗଣିତ ପାଠକପାଠିକା, ଲେଖକଲେଖିକା, ଶୁଭାକାଂକ୍ଷୀ ବନ୍ଧୁ ମାନଙ୍କୁ ତଥା ସମସ୍ତ ଓଡ଼ିଶାବାସୀଙ୍କୁ ଆହ୍ୱାନ ଇ-ପତ୍ରିକା ତରଫରୁ ଅନେକ ଶୁଭେଚ୍ଛା ।

 Magazine Downloaded from www.aahwaan.com

# ଲେଖକ ମାନଙ୍କ ପାଇଁ ସୂଚନା

ଯେଉଁ ବନ୍ଧୁମାନେ ଏହି ପତ୍ରିକା ପାଇଁ ଲେଖା ପଠାଉଛନ୍ତି ସେମାନଙ୍କୁ ବିନୀତ ଅନୁରୋଧ, ସେମାନେ ଧୈର୍ଯ୍ୟର ସହ ପତ୍ରିକାର ପ୍ରକାଶନକୁ ଅପେକ୍ଷା କରନ୍ତୁ । ପତ୍ରିକା ପ୍ରକାଶିତ ହେବାପରେ ପରେ ଆହ୍ୱାନ ଇ-ପତ୍ରିକାର ୱେବ୍‌ସାଇଟ ଏବଂ ଆଣ୍ଡ୍ରଏଡ୍ ଆପ୍ ଦ୍ୱାରା ପତ୍ରିକାର ପ୍ରକାଶନ ସମ୍ବନ୍ଧୀୟ ସୂଚନା ପ୍ରେରଣ କରାଯିବ ।

ପ୍ରତ୍ୟେକ ମାସରେ ଜଣେ ଲେଖକଙ୍କ ସର୍ବାଧିକ ଦୁଇଟି ଲେଖା ହିଁ ପ୍ରକାଶିତ ହେବ । ସେଥିପାଇଁ ଲେଖକ ନିଜେ ସ୍ୱରଚିତ କେବଳ ଗୋଟିଏ କିମ୍ବା ଦୁଇଟି ଲେଖା ହିଁ ପଠାନ୍ତୁ । ଏକାଧିକ ଲେଖା ପଠାଇଲେ, ପ୍ରଥମେ ମିଳିଥିବା ଲେଖାକୁ ହିଁ ପ୍ରକାଶନ ହେତୁ ସ୍ୱୀକାର କରାଯିବ । ଲେଖା ପାଇବା ପରେ ଆମେ ଇମେଲ୍ ଦ୍ୱାରା ଜଣାଇଥାଉ, ତଥାପି ଯଦି ଆପଣ ଜାଣି ପାରନ୍ତି ନାହିଁ, ତେବେ ଆମ ଇ-ପତ୍ରିକାର ଆଣ୍ଡ୍ରଏଡ୍ ଆପ୍ ଡାଉନଲୋଡ୍ କରି ସେଠାରେ ସଂଗୃହୀତ ଆଲେଖ୍ୟ ପୃଷ୍ଠାରେ ଆଗାମୀ ସଂସ୍କରଣ ପାଇଁ ମିଳିଥିବା ଲେଖା ତାଲିକା ଦେଖି ପାରିବେ ।

ବାରମ୍ବାର ଅନୁରୋଧ ସତ୍ତ୍ୱେ ଅନେକ ବନ୍ଧୁ ଲେଖାଗୁଡ଼ିକୁ ଟାଇପ୍ କରି ପଠାଉ ନାହାନ୍ତି, ଆଉ ଯଦି ସେମାନଙ୍କୁ ଅଧିକ ବାଧ୍ୟ କରାଯାଏ, ଊଣାଅଧିକେ ଲେଖା ପଠାଉଥିବା ନବେ ପ୍ରତିଶତ ଲେଖକ ଲେଖା ପଠାଇବା ବନ୍ଦ କରିଦେବେ, କାରଣ ସେମାନଙ୍କୁ ଓଡ଼ିଆରେ ଟାଇପ୍ କରି ଆସେନି । ତେଣୁ ଯେମିତି ବି ହେଉ ଏହି ପତ୍ରିକାକୁ ପ୍ରତ୍ୟେକ ମାସରେ ପ୍ରକାଶନ କରିବା ମୋର ଲକ୍ଷ୍ୟ । ତେଣୁ ମୋର ବ୍ୟସ୍ତବହୁଳ ଜୀବନଚର୍ଯ୍ୟାରେ ସୀମିତ ସମୟର ସଦୁପଯୋଗ କରିବା ଉଦ୍ଦେଶ୍ୟରେ ଏହି ପତ୍ରିକାକୁ ପ୍ରକାଶିତ କରୁଛି ଏବଂ କରୁଥିବି ମଧ୍ୟ । ଆପଣ ମାନଙ୍କ ସହଯୋଗ ପାଇଁ ମୁଁ ଆପଣଙ୍କ ନିକଟରେ ଋଣୀ ।

**ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ, ସମ୍ପାଦକ**

ଆହ୍ୱାନ ଇ-ପତ୍ରିକାର ଆଣ୍ଡ୍ରଏଡ୍ ଆପ୍ ସମ୍ପୂର୍ଣ୍ଣ ନିଃଶୁଳ୍କ ଭାବରେ ଗୁଗୁଲ୍ ପ୍ଲେ ଷ୍ଟୋରରେ ଉପଲବ୍ଧ ଅଛି ।

Magazine Downloaded from www.aahwaan.com

# ସୂଚୀପତ୍ର


| | | |
|---|---|---|
| ସଂପାଦକୀୟ | ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ | ୧୪ |
| କାହାଣୀ ବିଭାଗ | | ୩୧ |
| ସୁନେଲୀ ସିଂହ | ଅଶୋକ ବିଶ୍ୱାଳ | ୩୨ |
| ଅବିନାଶି | ବିନୟ ମହାପାତ୍ର | ୩୭ |
| ମୋକ୍ଷା | ପ୍ରତିଭା ପ୍ରିୟଦର୍ଶିନୀ | ୪୬ |
| ଭାଲେଣ୍ଟାଇନ୍ ପୂର୍ବରାତି | ଧୀରେନ୍ଦ୍ର କୁମାର ପ୍ରଧାନ | ୫୩ |
| ଚୋରାବାଲି | ସୁଷମା ପରିଜା | ୫୭ |
| ଜୀବନ୍ତ ଅନୁଭୂତି | ପ୍ରଦୀପ ବନ୍ଧ | ୬୨ |
| ଅମୂଲ୍ୟ ଦାନ | ଅନସୂୟା ପଣ୍ଡା | ୬୯ |
| କବିତାର ଶେଷ କବିତା | ଗଦାଧର ବଳ | ୭୯ |
| ଅସ୍ତସୂର୍ଯ୍ୟର ଏଲିଜି | ତ୍ରିଲୋଚନ ଦାସ | ୮୫ |
| ଅସ୍ତମିତ ସୂର୍ଯ୍ୟ | ସନ୍ତୋଷ କୁମାର ରାଉତ | ୯୩ |
| କଳିଯୁଗର ବନ୍ଧୁ | ମହେଶ୍ୱର ସାହୁ | ୯୭ |
| ସାବାସ ମିଲକା | ବି. ନିରୁପମା | ୧୦୩ |
| ହେଲେ କାହିଁକି ? | ସସ୍ମିତା ସାହୁ | ୧୦୭ |
| ଭାଗ୍ୟ | ମିନାକ୍ଷୀ ଦାସ | ୧୧୦ |

 Magazine Downloaded from www.aahwaan.com


| | | |
|---|---|---|
| ମଣିଷପଣିଆ | ରଞ୍ଜନ କୁମାର ଦାସ | ୧୧୬ |
| ଶାଶୁ | ଅନୁସୂୟା ଜେନା | ୧୧୯ |
| ଦୁଇଟି କ୍ଷୁଦ୍ରଗଳ୍ପ | ସୁଧାଂଶୁ ଶେଖର ଦ୍ୱିବେଦୀ | ୧୨୪ |
| ଅସାମାଜିକ | ସନାତନ କଟା | ୧୨୭ |
| କାକ୍‌ଟସ୍ | ବିଷ୍ଣୁପ୍ରିୟା କରସୁଧା ପଟ୍ଟନାୟକ | ୧୨୯ |
| ବଉଳ | ସୀତାରାମ ଦାସ | ୧୩୩ |
| ମୋ କଲମ କାନ୍ଦୁଥିଲା | ଅଙ୍କିତା ପାଢ଼ୀ | ୧୩୭ |
| **କବିତା ବିଭାଗ** | | **୧୪୦** |
| ରାଧିକା ବଜାଏ ଘୁଙ୍ଗୁର | ରାମ ପ୍ରସାଦ ସିଂହ | ୧୪୧ |
| ହସି ହସି ଜୀଇଁଯାଅ | ଅନିଲ୍ କୁମାର | ୧୪୨ |
| ସରସ୍ୱତୀ ବନ୍ଦନା | କ୍ଷମାନିଧି ସାହୁ | ୧୪୪ |
| ନୁଆଁଣିଆ ଚାଳଘର | ରଜୀତ କୁମାର ଦାସ | ୧୪୫ |
| ନାରୀ | ଶୁଭଲକ୍ଷ୍ମୀ ଦାସ | ୧୪୭ |
| ମହାନିର୍ବାଣ | ସୁବ୍ରତ କୁମାର ଜେନା | ୧୪୯ |
| ମାନସୀ | ରମେଶ ଚନ୍ଦ୍ର ବେହେରା | ୧୫୧ |
| ରେଡ୍ ୱାଇନ୍ | ସୌମ୍ୟରଞ୍ଜନ୍ ପାଲ୍ | ୧୫୨ |
| ମୁଁ ଯଦି ହଜିଯାଏ | ଜ୍ଞାନରଞ୍ଜନ ମହାରଣା | ୧୫୩ |
| ସେ ପିଲାଦିନର କିଛି | ଟ୍ୱିଙ୍କଲ୍ ମହାନ୍ତି | ୧୫୫ |

 Magazine Downloaded from www.aahwaan.com


| | | |
|---|---|---|
| ସହରୀକରଣ ଅଭିମୁଖେ | ଅଭିଷେକ ମହାପାତ୍ର | ୧୫୭ |
| ବସନ୍ତର ଆଗମନେ | ପ୍ରଶାନ୍ତ କୁମାର ପଧାନ | ୧୫୯ |
| କିଏ ଜାଣେ କାହାକୁ | ଭଗତରାମ କଣ୍ଟା | ୧୬୦ |
| ପ୍ରକୃତ ବନ୍ଧୁ | ଦେବବ୍ରତ ଜେନା | ୧୬୧ |
| ଭ୍ରମଣ କରି ଦେଖିବେ ପ୍ରଭୂ ସର୍ବତ୍ର | ବି.ନିରୁପମା | ୧୬୨ |
| ଶୁଭ ସକାଳ | ଡମ୍ବରୁଧର ବାଗ୍ | ୧୬୩ |
| ଶିଶୁ ଶ୍ରମିକ | ଶାରଦା ପ୍ରସନ୍ନ ସାହୁ | ୧୬୪ |
| ସାଥୀ | ମୋନାଲିସା ପାଣିଗ୍ରାହୀ | ୧୬୬ |
| ମୋ ଜୀବନସାଥୀ | କ୍ଷଣପ୍ରଭା ବାଗ | ୧୬୭ |
| ରାତିର ଶାନ୍ତ ସହର | ଲିପିନ୍ ରାଉତ | ୧୬୮ |
| ଏତିକି ମିନତୀ ମୋର | ଅଙ୍କିତା ପାଢ଼ୀ | ୧୬୯ |
| କବି ଓ କଳାକାର | ମହେଶ୍ୱର ସାହୁ | ୧୭୦ |
| ମୋ ପ୍ରିୟା | ଅନିଲ୍ କୁମାର ମହାରଣା | ୧୭୨ |
| କହିଲି ଆକାଶକୁ | ଅର୍ପିତା ରଣା | ୧୭୩ |
| ମୋ ମନର ଟିକି ଶାରୀ | ପ୍ରିୟବ୍ରତ କର | ୧୭୪ |
| ଅଭୁଲା ସ୍ୱପ୍ନ | ଶିବାନନ୍ଦ ବନଛୋର | ୧୭୫ |
| କାହିଁକି ଜାଣିନି | ସିଦ୍ଧେଶ୍ୱର ତ୍ରିପାଠୀ | ୧୭୭ |
| ଆଧୁନିକତା | ଜ୍ୟୋତିରଞ୍ଜନ ମହାରଣା | ୧୭୮ |

 Magazine Downloaded from www.aahwaan.com


| | | |
|---|---|---|
| ଏଲକସ୍ ସାଇନ୍ | ଦିଲ୍ଲୀପ କୁମାର ସାମଲ | ୧୭୯ |
| ବୋଉ ମାରିବ | ନୂତନ କୁମାର ବେହେରା | ୧୮୨ |
| କେମିତି କହିବି | ସେଠୀ କାର୍ତ୍ତିକ ଚନ୍ଦ୍ର | ୧୮୪ |
| ସ୍ମୃତି | ଚିନ୍ମୟ ଶୁଭ୍ରାଂଶୁ | ୧୮୫ |
| ମନ ଆଇନା | ଆଶୁତୋଷ ମେହେର | ୧୮୬ |
| ସୁନାର ଭାରତ | ମନୋରମା ହାତୀ | ୧୮୭ |
| ଶୁଣ୍ ଲୋ କୋଇଲି | କାଳିନ୍ଦୀ ରାଉତ | ୧୮୯ |
| କାଣିଚାଏ ଚିନ୍ତନ | ଅବିନାଶ ବେହେରା | ୧୯୧ |
| ଅର୍ଦ୍ଧାଙ୍ଗିନୀ | ଓଜସ୍ୱିନୀ ଦାସ | ୧୯୩ |
| ନିର୍ବାଚନ | କସ୍ତୁରୀ ଚରଣ ରାଉତ | ୧୯୫ |
| ବଉଳର ବାସ୍ନା | ସସ୍ମିତା ମିଶ୍ର | ୧୯୬ |
| ମୁଠାଏ ସ୍ମୃତି | ଲିପୁ ସାହୁ | ୧୯୮ |
| ସ୍ୱପ୍ନ ସୁନ୍ଦରୀ | ଆତ୍ମପ୍ରକାଶ ସାହୁ | ୧୯୯ |
| ଥୁଣ୍ଟାଗଛ | ଶୁଭସ୍ମିତା ବେହେରା | ୨୦୦ |
| ଆସ ଖୋଜିବା ଠିକଣା | ରାହାସ କୁମାର ବେହେରା | ୨୦୧ |
| ଆମେ ମୟୁରଭଞ୍ଜିଆ | ପଙ୍କଜ କୁମାର ମାହାନା | ୨୦୪ |
| ସ୍ୱପ୍ନ ସୁନ୍ଦରୀ | ମନୋଜ ମହାନନ୍ଦ | ୨୦୫ |
| ସବୁ ସୁନ୍ଦର | ଅଜୟ ବେହେରା | ୨୦୬ |

 Magazine Downloaded from www.aahwaan.com


| | | |
|---|---|---|
| କଳା କହ୍ନେଇ | ଦୁଷ୍ମନ୍ତ କୁମାର ମିଶ୍ର | ୨୦୮ |
| ଆତ୍ମଚିନ୍ତନ | ବନଜ୍ୟୋସ୍ନା ପଣ୍ଡା | ୨୦୯ |
| ମନ ମନ୍ଦିର, ବିବେକ ପୂଜାରୀ | ରୋଜା ପଣ୍ଡା | ୨୧୦ |
| ଫିକରେ ଚୁଲିକୁ | ଏମ୍ ବିଜୟ କୁମାର | ୨୧୨ |
| ମମତାମୟୀ ମା ତାରିଣୀ | ଶିବାଶିଷ ନାଏକ | ୨୧୪ |
| ମୋ ଗାଁ | ପର୍ଶୁରାମ ସାହୁ | ୨୧୬ |
| ବିଚାରୀ ମାଆଟା | ନାରାୟଣ ଚନ୍ଦ୍ର ସେନାପତି | ୨୧୭ |
| ଅଭିନନ୍ଦନ | ଜିତେନ୍ଦ୍ର କୁମାର କହଁର | ୨୧୯ |
| ନିଶାକୁ କରିବା ଦୂର | ହରେରାମ ପଣ୍ଡା | ୨୨୨ |
| ଅନ୍ତରେ ଜ୍ୱଳନ ତୁମପାଇଁ ସାଥି | ସୁଜ୍ଞାନ କୁମାର କହଁର | ୨୨୩ |
| ଆସ ହେ ବସନ୍ତ | ପ୍ରେମଶିଳା ରାଉତ | ୨୨୪ |
| ନିଶିଥ ଲଗନେ | ବିକାଶଚନ୍ଦ୍ର ଧୁଙ୍ଗିଆ | ୨୨୫ |
| ଆଖିରେ ଆକାଶେ ପ୍ରେମ | ସସ୍ମିତା ସାହୁ | ୨୨୭ |
| ଲୋ ରେବ ଲୋ ଚୁଲି ଲୋ ନିଆଁ | ପ୍ରିୟଙ୍କା ନାୟକ | ୨୨୮ |
| ଓଡ଼ିଆ ଭାଷା | ତାନଶ୍ରୀ ପାଣିଗ୍ରାହୀ | ୨୩୦ |
| ଲଙ୍ଗଳା | ଡା ନୀଳମାଧବ କର | ୨୩୧ |
| ଶହୀଦର ନିବେଦନ | ଧିରେନ୍ ବାଗ୍ | ୨୩୨ |
| ଭାରି ଇଚ୍ଛା ହୁଏ | ନିନୁ ନାଏକ | ୨୩୩ |

 Magazine Downloaded from www.aahwaan.com


| | | |
|---|---|---|
| ଅମର ଶହୀଦ | ବିଭୁତିଭୂଷଣ ସାମଲ | ୨୩୪ |
| ସାଥିପାଇଁ ଚିଠିଟିଏ | ଗଙ୍ଗାସୁନନ୍ଦିନୀ ରୂପମା ଗୁରୁ | ୨୩୫ |
| ମହକିବ ଧରାଭୂଇଁ | ରବୀନ୍ଦ୍ରନାଥ ମହାରଣା | ୨୩୬ |
| ପ୍ରତିଶୋଧ | ବୈଶାଖୀ ନାୟକ | ୨୩୭ |
| ଜୀବନ | ଡଃ ଜ୍ଞାନେଶ୍ୱର ମିଶ୍ର | ୨୩୮ |
| ବଜାରବୁଲା | ବେବିସ୍ମିତା କର | ୨୩୯ |
| ମା ଓ ବନ୍ଧୁ | ସନାତନ ମହାକୁଡ଼ | ୨୪୦ |
| ଅହଂକାରୀ ଦୋଷୀ | ଜୟନ୍ତ କୁମାର ସାହୁ | ୨୪୧ |
| କର ବିଲୀନ | ଗୌରୀ ପଣ୍ଡା | ୨୪୨ |
| ଶିକ୍ଷା | ଅନାମ ଚରଣ ସାହୁ | ୨୪୪ |
| ସହୀଦ, ଅମରାତ୍ମା ! | ଚନ୍ଦ୍ର ଶେଖର ଗୋ | ୨୪୫ |
| ପ୍ରଣାମ ବୀର ଯବାନ | ନିବେଦିତା ମହାପାତ୍ର | ୨୪୭ |
| ନାଟକ ମୋ ରଙ୍ଗମଞ୍ଚେ | ଜ୍ୟୋତିରଞ୍ଜନ ସାହୁ | ୨୪୯ |
| ଭୃଣହତ୍ୟା | ଶିବଶଙ୍କର ପାତ୍ର | ୨୫୦ |
| ଆସିଛି ରଙ୍ଗୋଲୀ | ସମ୍ବିତ୍ ସତ୍ୟପ୍ରକାଶ ମିଶ୍ର | ୨୫୧ |
| ବନ୍ଧୁ | ଦିପ୍ତିଶିଖା କର | ୨୫୨ |
| ଏଇତ ଜୀବନ | କେଶରୀ ପ୍ରସାଦ ମହାନ୍ତି | ୨୫୪ |
| ସୁନ୍ଦରତା | ସୁଶାନ୍ତ କୁମାର ଧଳ | ୨୫୬ |

 Magazine Downloaded from www.aahwaan.com


| | | |
|---|---|---|
| ହୋଲି | ଅନନ୍ୟା ଅନ୍ୟତମା ମହାନ୍ତି | ୨୫୮ |
| ତୃଷ୍ଣାମୟୀ ନାରୀ | ହୃଦୟାନନ୍ଦ ପଧାନ | ୨୫୯ |
| ନୁହେଁ ସେ ତ କାଠ | ଯଶସ୍ୱିନୀ ସାହୁ | ୨୬୧ |
| ମନ କଣ କହୁଛି | ଶ୍ରୀରାଜଶେଖର ସି ଚିମା | ୨୬୩ |
| ସୁବର୍ଣ୍ଣମୋତି | ବିଭୁତି ରଞ୍ଜନ ପାଣିଗ୍ରାହୀ | ୨୬୪ |
| କଟକ | ସଂଘମିତ୍ରା ବେହେରା | ୨୬୫ |
| ମାତୃଭୂମି ପାଇଁ ପଦେ | ପବିତ୍ର ଦାସ | ୨୬୬ |
| ସାଥୀ | କାର୍ତ୍ତିକ ପାଣିଗ୍ରାହୀ | ୨୬୭ |
| ପଡ଼ୋଶୀ | ଅନୁସୂୟା ମିଶ୍ର | ୨୬୯ |
| ବସନ୍ତ | ଚନ୍ଦ୍ରକାନ୍ତ ଜେନା | ୨୭୧ |
| ନଜର ରଖିଥା ତାଙ୍କୁ | ଶିଶିର କୁମାର ପଣ୍ଡା | ୨୭୨ |
| ପ୍ରଜାପତିର ଡେଣା | ଅଶ୍ୱିନୀ ଦାଶ | ୨୭୩ |
| ଦେହରୁ ଛୁଇଁ କଥା ଦେଲି | ସୁଧାଂଶୁ ମଣ୍ଡଳ | ୨୭୪ |
| ନାରୀ | ନିବେଦିତା ମହାପାତ୍ର | ୨୭୫ |
| ପଣତ କାନି | ସଂଘମିତ୍ରା କାନୁନଗୋ | ୨୭୮ |
| ଆହ୍ୱାନ | ଦୀପକ କୁମାର ଦାସ | ୨୮୦ |
| ଶେଷ ଫଗୁଣ | ନୀଳକଣ୍ଠ ମହାନ୍ତି | ୨୮୧ |
| ନାରୀ ତୁମେ | ଟିଟୀ ସାରଙ୍ଗୀ | ୨୮୩ |

 Magazine Downloaded from www.aahwaan.com


| | | |
|---|---|---|
| ଆଈମା' କାହାଣୀ | ବିଦ୍ୟାଧର ସେଠୀ | ୨୮୬ |
| ଯାତନାର ଢେଉ | ଶଶାଙ୍କ ଶେଖର ପଣ୍ଡା | ୨୮୮ |
| ନୀଳ ଲଫାଫା | ସୁଜାତା ଗିରି | ୨୮୯ |
| ଦୋଳଯାତ୍ରାର ଆଗମନ | ପ୍ରଦ୍ୟୁତ ମହାକୁଡ଼ | ୨୯୧ |
| ତୁମେ ତ ପାରିବ ବୁଝି | ଦୀପକ ଷଡ଼ଙ୍ଗୀ | ୨୯୩ |
| ସମ୍ବଲପୁରୀ ବିଭାଗ | | ୨୯୪ |
| ଜୀବନ ଜୁଏ | ଆର୍ତତ୍ରାଣ ଖୁର୍ଡ଼ିଆ | ୨୯୫ |
| ଫଟ୍‌ଫଟି | ଯାଦବ ପ୍ରଦୀପ ପରୁଆ | ୨୯୬ |
| ଦଗଲି | ସୁବାଷ ଚନ୍ଦ୍ର ଭୁଏ | ୨୯୭ |
| ମନେଥଉ | କବି ପ୍ରସାଦ | ୨୯୯ |
| ବାଟ୍ | ପ୍ରସନ୍ନ ପ୍ରୟାସ ଭୁଏ | ୩୦୦ |
| ଖୁସିର୍ ସପନ୍ ସପନ୍ ହେଇଗଲା | ମନୋଜ ମହାନନ୍ଦ | ୩୦୧ |
| ଫଲ୍‌ସା ଫୁଲ | ଏମ୍ ବିଜୟ କୁମାର | ୩୦୪ |
| ଇ ମୋର୍ ଗାଁ କଥା | ଯୋଗେଶ୍ୱର ସାହୁ | ୩୦୫ |
| ସଜନୀ ବିନେ ରଜନୀ | ଚନ୍ଦ୍ରଶେଖର ଗୋ | ୩୦୬ |
| ପ୍ରବନ୍ଧ ବିଭାଗ | | ୩୦୭ |
| ଗିରନାର୍ ପାହାଡ଼ ଭ୍ରମଣ | ସୁବଳ ମହାପାତ୍ର | ୩୦୮ |
| ମଣିମା ଶୁଣିମା ହେଉ | ଶ୍ରୀ ଅଖଣ୍ଡ | ୩୩୫ |

 Magazine Downloaded from www.aahwaan.com


| | | |
|---|---|---|
| ଜୟ ଜୟ ପରମାତ୍ମନ୍ | ପ୍ରମୋଦ କୁମାର ପଣ୍ଡା | ୩୩୭ |
| ଜଲିଉଡ଼ରେ ନଗ୍ନତା | ନାରାୟଣ ଚନ୍ଦ୍ର ସେନାପତି | ୩୪୦ |
| ଜୀବନ ଏକ ସଂଘାତ ଓ ସଂଘର୍ଷ | ସତ୍ୟପ୍ରକାଶ ସେଠୀ | ୩୪୭ |
| ବିଶେଷ ଅନୁରୋଧ | | ୩୫୫ |
| ବିଶେଷ ସୂଚନା | | ୩୫୬ |


## ହ୍ୱାଟ୍‌ସଆପ୍ ଦ୍ୱାରା ଲେଖା ପଠାନ୍ତୁ ନାହିଁ, ପ୍ରକାଶନ ହେତୁ ଗ୍ରହଣ କରାଯିବ ନାହିଁ । ଧନ୍ୟବାଦ

ଚଳିତ ସଂସ୍କରଣ ନିମନ୍ତେ ଶେଷ ତାରିଖ ପର୍ଯ୍ୟନ୍ତ ମିଳିଥିବା ସମସ୍ତ ଲେଖା ପତ୍ରିକାରେ ପ୍ରକାଶିତ କରାଯାଇଛି, ଯେଉଁମାନଙ୍କର ଲେଖା ପ୍ରକାଶିତ ହୋଇନାହିଁ, ସେମାନେ ପୁଣିଥରେ ପଠାଇ ପାରିବେ । ପ୍ରତ୍ୟେକ ମାସରେ ପ୍ରକାଶିତ ହୁଏ ଆହ୍ୱାନ ଇ-ପତ୍ରିକା, ତାହେଲେ ଆପଣ କେବେ ବି ବିଳମ୍ବ ହେବେ ନାହିଁ । ଚଳିତ ମାସରେ ନ ହେଲେ ଆପଣ ଆଗାମୀ ମାସରେ ପତ୍ରିକାରେ ସ୍ଥାନ ପାଇବେ ।

## ଆଗାମୀ ସଂସ୍କରଣ ନିମନ୍ତେ ଆପଣଙ୍କ ଲେଖା ଅପ୍ରେଲ ମାସର ୩ ତାରିଖ ସୁଦ୍ଧା ପହଞ୍ଚିବା ଦରକାର ।

 Magazine Downloaded from www.aahwaan.com



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

# ସମ୍ପାଦକଙ୍କ କଲମରୁ...

ନମସ୍କାର

ଆହ୍ୱାନ ଇ-ପତ୍ରିକାର ମାର୍ଚ୍ଚ ୨୦୧୯ ସଂସ୍କରଣ ଆପଣମାନଙ୍କୁ ଉପହାର ଦେଉଥିବା ସମୟରେ ସମସ୍ତ ପାଠକପାଠିକାଙ୍କୁ ହୋଲି ଏବଂ ପବିତ୍ର ଉତ୍କଳ ଦିବସର ଅଗ୍ରୀମ ଅଭିନନ୍ଦନ ଜଣାଉଛି ।

ଚଳିତ ସଂସ୍କରଣ ପାଇଁ ମିଳିଥିବା ଅନେକ ଲେଖା ମଧ୍ୟରୁ ଅନେକ ଲେଖା ଦେଶପ୍ରେମରେ ଓତପ୍ରୋତ ହୋଇଥିବା ଦେଖିବାକୁ ମିଳିଛି, ଏହାର ଏକ କାରଣ ହେଉଛି ନିକଟ ଅତୀତରେ ହୋଇଥିବା ଅନେକ ଘଟଣା । ସେହି ସମସ୍ତ ବିଷୟରେ ସମ୍ୟକ ବିବରଣୀ ଦେବାକୁ ମୁଁ ଉଚିତ ମନେ କରୁଛି ।

## ପୁଲୱାମାରେ ଆତଙ୍କବାଦୀ ଆକ୍ରମଣ

ବିଗତ ମାସର ଚଉଦ ତାରିଖ ଦିନ ସମଗ୍ର ଦେଶରେ ସ୍ନେହ ଓ ପ୍ରେମର ଦିବସ ଭାବରେ ପାଳିତ ହେଉଥିବା ସମୟରେ ଅପରାହ୍ନ ସାଢ଼େ ତିନିଟା ବେଳେ ଏକ ଆତ୍ମଘାତୀ ଆକ୍ରମଣରେ ଭାରତୀୟ ପଦାତିକ ବାହିନୀର ଚାଳିଶିଜଣ ବୀର ଯବାନ ପ୍ରାଣ ହରାଇଲେ । କାଶ୍ମୀରଠାରେ କେନ୍ଦ୍ରୀୟ ସୁରକ୍ଷାବଳର ଯବାନଙ୍କୁ ନେଇ ଯାଉଥିବା ଏକ ଗାଡ଼ିକୁ ବିସ୍ଫୋରକ ଲଦା ହୋଇଥିବା ଏକ ଭ୍ୟାନ ଆସି ଧକ୍କା ଦେବାପରେ

 Magazine Downloaded from www.aahwaan.com

ଚାଳକ ନିଜକୁ ବୋମାରେ ଉଡ଼ାଇ ଦେଇଥିଲେ । ବିସ୍ଫୋରଣ ଏତେ ବିଶାଳ ଥିଲା ଯେ ଏଥିରେ ସେନାବାହିନୀର ଗୋଟିଏ ଟ୍ରକ ଭାଙ୍ଗି ଚୁରମାର ହୋଇଯାଇଥିଲା ଏବଂ ଚାଳିଶି ଜଣ ଯବାନ ପ୍ରାଣ ହରାଇଥିଲେ । ନିକଟରେ ଥିବା ଅନେକ ଘରର କାଚ ଝରକା ଭାଙ୍ଗିଯାଇଥିଲା । ଭାରତରେ ହୋଇଥିବା ଅନେକ ଆତ୍ମଘାତୀ ଆକ୍ରମଣ ଭିତରେ ଏହା ସବୁଠାରୁ ବିଶାଳ ଏବଂ ଭୟଙ୍କର ଥିଲା । ଏହାର ଖବର ପ୍ରସାରଣ ହେବାପରେ ସମଗ୍ର ଦେଶରେ ସାଧାରଣ ଜନତାଙ୍କ ମଧ୍ୟରେ ସୁପ୍ତ ଥିବା କ୍ଷୋଭ ସାମାଜିକ ଗଣମାଧ୍ୟମରେ ପ୍ରସାରିତ ହେବାକୁ ଲାଗିଲା । ଏହି ଆତଙ୍କବାଦୀ ଆକ୍ରମଣ ପରେ ପରେ ପ୍ରତିବନ୍ଧିତ ଆତଙ୍କୀ ସଂଗଠନ ଜୈଶ-ଏ-ମହମ୍ମଦ ଏହାର ସମସ୍ତ ଦାୟିତ୍ୱ ନିଜ ଉପରକୁ ନେବାର ଘୋଷଣା କରିଥିଲେ ।

ସୂଚନାଯୋଗ୍ୟ ଯେ ଚଳିତ ଲୋକସଭାର ଶେଷ କେଇ ମାସ ଥିବା ବେଳେ ଏହି ଭଳି ଏକ ଘଟଣାର ପୁର୍ବାନୁମାନ କରାଯାଉଥିଲା । ଜୈଶ୍ ସଂଗଠନ ଏହାକୁ ସ୍ୱୀକାର କରିବାପରେ ଏହା ବିରୋଧରେ ପାକିସ୍ତାନକୁ ସୂଚନା ଦିଆଯାଇଥିଲା । କିନ୍ତୁ ପାକିସ୍ତାନ ତରଫରୁ କୌଣସି ଆଖି ଦୃଶିଆ କାର୍ଯ୍ୟାନୁଷ୍ଠାନ ନିଆଯାଇ ନଥିଲା ।

ଘଟଣା ଘଟିବା ପରେ ସରକାର ଏବଂ ବିପକ୍ଷଦଳ ମାନେ ଏହାକୁ ନିନ୍ଦା କରିବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ କରିବାପାଇଁ ଉସୁକାଇଥିଲେ । ଏହା ସହିତ ଲୋକମାନଙ୍କ ଚାପ ମଧ୍ୟ ବଢ଼ିବାକୁ ଲାଗିଥିଲା । କିନ୍ତୁ ମାତ୍ର ପଚାଶ ଦିନ ଭିତରେ ସୀମିତ ଥିବା ସରକାର କେଉଁ ପ୍ରକାର ପ୍ରତିକ୍ରିୟା କରିବେ ତାହା ସମସ୍ତେ ଦେଖିବାକୁ ଚାହୁଁଥିଲେ ।

ଆଗରୁ ଅନେକଥର ଭାରତରେ ହୋଇଥିବା ଆତଙ୍କବାଦୀ ଆକ୍ରମଣକୁ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଦୃଢ଼କଣ୍ଠରେ ସମାଲୋଚନା କରିଥିଲେ ଏବଂ ତତ୍କାଳୀନ ସରକାରଙ୍କୁ ନିନ୍ଦିତ

 Magazine Downloaded from www.aahwaan.com

କରିଥିଲେ । ତେଣୁ ସମସ୍ତେ ଏହାପରେ କଣ ହେବ ବୋଲି ଚାହିଁ ରହିଥିଲେ ।

ଆକ୍ରମଣ ପରେ ପରେ ଭାରତ ସରକାର ପାକିସ୍ତାନକୁ ମୋଷ୍ଟ ଫେଭରଡ୍ ନେସନ୍ ତାଲିକାରୁ ବାଦ ଦେଇଥିଲେ ଏବଂ ପାକିସ୍ତାନରୁ ଆସୁଥିବା ଦ୍ରବ୍ୟ ଉପରେ ୨୦୦ ପ୍ରତିଶତ କର ବସାଇଥିଲେ । ଏହାକୁ ନେଇ ଅନେକ ବୁଦ୍ଧିଜୀବି ଦୁର୍ବଳ ପଦକ୍ଷେପ ବୋଲି ମତ ଦେଇଥିଲେ । ଯୁଦ୍ଧ ଏକ ପ୍ରକାର ଅବଶ୍ୟମ୍ଭାବୀ ହୋଇ ପଡ଼ିଛି ବୋଲି ପ୍ରାୟ ସମସ୍ତେ ଊଣାଅଧିକେ ମତ ଦେଉଥିଲେ ।

## ପାକିସ୍ତାନରେ ଅର୍ଥନୈତିକ ଦୁର୍ଗତି

ଭାରତଦ୍ୱାରା ଜାରୀ କରାଯାଇଥିବା ୨୦୦ ପ୍ରତିଶତ କର ବିଷୟକୁ ଅନେକ ବୁଦ୍ଧିଜୀବି ଅନୁଚିତ ପଦକ୍ଷେପ କହୁଥିବା ସତ୍ତ୍ୱେ ଏହା ଫଳରେ ପ୍ରତିଦିନ ଭାରତକୁ ରପ୍ତାନୀ ହେଉଥିବା ଅତ୍ୟାବଶ୍ୟକ ଦ୍ରବ୍ୟ ସବୁ ଆଉ ଭାରତକୁ ପଠାଇ ନ ପାରି ପାକିସ୍ତାନ ଦୈନିକ ସାଢ଼େ ତିନିଶହ କୋଟିର କ୍ଷତି ସହିବା କଥା ସେମାନଙ୍କ ଗଣମାଧ୍ୟମ କହିଥିଲେ । ଭାରତ ପାକିସ୍ତାନ ମଧ୍ୟରେ ସଂପର୍କରେ ତିକ୍ତତା ଆସିବାପରେ ଭାରତରୁ ରପ୍ତାନୀ ହେଉଥିବା ଅନେକ ପଦାର୍ଥ ମଧ୍ୟ ପାକିସ୍ତାନକୁ ପଠାଯାଇନଥିଲା । ଏହା ଫଳରେ ପାକିସ୍ତାନରେ ଅତ୍ୟାବଶ୍ୟକ ସାମଗ୍ରୀ ମାନଙ୍କ ଦର ଆକାଶଛୁଆଁ ହୋଇଗଲା । ଗଣମାଧ୍ୟମରେ ଏହାକୁ ନେଇ ଅନେକ ରୋମାଞ୍ଚକର ଖବର ପରିବେଷଣ ହେଉଥିଲା ।

ପାକିସ୍ତାନର ଏକ ବେସରକାରୀ ଚ୍ୟାନେଲରେ ପାକିସ୍ତାନରେ ଟମାଟୋର କ୍ରମବର୍ଦ୍ଧିଷ୍ଣୁ ଦରକୁ ନେଇ ତୋବା ତୋବା କରୁଥିବା ଖବର ଭାରତର ଗଣମାଧ୍ୟମ ଦ୍ୱାରା ପ୍ରସାରିତ ହୋଇ ଲୋକଙ୍କୁ ଆନନ୍ଦର ଖୋରାକ ଯୋଗାଇଥିଲା ।

ଭାରତର କୂଟନୈତିକ ସଂପର୍କ ଦ୍ୱାରା ପୂର୍ବରୁ ପାକିସ୍ତାନକୁ ଏକଘରିକିଆ କରାଯାଇ

 Magazine Downloaded from www.aahwaan.com

ଏହାର ଅର୍ଥନୀତିକୁ ଦୂର୍ବଳ କରାଯାଇଥିଲା । ଏବଂ ପୁଲୱାମା ପରବର୍ତ୍ତୀ ପ୍ରତିବନ୍ଧ ଦ୍ୱାରା ଏହା ଆହୁରି ଦୁର୍ବଳ ହୋଇଗଲା । ଏପରି ଅବସ୍ଥା ହୋଇଥିଲା ଯେ ପାକିସ୍ତାନ ଟିଭିରେ ସେମାନଙ୍କ ବୁଦ୍ଧିଜୀବି ସରକାରଙ୍କୁ  ମନେ ପକାଇ ଦେଇଥିଲେ ଯେ ଯଦି ପାକିସ୍ତାନ କୌଣସି ପ୍ରକାର ଦୁଃସାହାସ କରେ ଏବଂ ଯଦି ଭାରତ ଆକ୍ରମଣ କରେ ତେବେ ପାକିସ୍ତାନ ହୁଏତ ମାତ୍ର କେଇଦିନରେ ଦେବାଳିଆ ହୋଇଯିବ । କିଛି ନ୍ୟୁଜ୍ ଚ୍ୟାନେଲ୍ କହିଥିଲେ ଯେ ବର୍ତ୍ତମାନ ଅବସ୍ଥରେ ପାକିସ୍ତାନ ଯୁଦ୍ଧ କରିବା ସପକ୍ଷରେ ମତ ଦେବା ଉଚିତ ନାହିଁ ।

କିନ୍ତୁ ଅର୍ଥନୈତିକ ପ୍ରତିବନ୍ଧ କରିବା ଭାରତ ସରକାରଙ୍କ କାର୍ଯ୍ୟପନ୍ଥାରେ ସୀମିତ ନଥିଲା । ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ସୂଚନା ଦେଇଥିଲେ ଯେ ଭାରତରେ ଅବସ୍ଥା ଏପରି ରହିଛି ଯେ ଭାରତ ଯେକୌଣସି ମୁହୂର୍ତ୍ତରେ ଏକ ବିଶାଳ ପଦକ୍ଷେପ ନେଇପାରେ ଏବଂ ଏହାପରେ ପାକିସ୍ତାନ ସରକାର ପାକ୍ ଅଧିକୃତ କାଶ୍ମୀରରେ ଥିବା ସମସ୍ତ ଟେରର୍ କ୍ୟାମ୍ପକୁ ସ୍ଥାନାନ୍ତରିତ କରିବାକୁ ବାଧ୍ୟ ହୋଇଥିଲେ । ତଥାପି ଭାରତ ଦ୍ୱାରା କରାଯାଇଥିବା କାର୍ଯ୍ୟପନ୍ଥା ସମଗ୍ର ବିଶ୍ୱକୁ ଚକିତ କରିଦେଇଥିଲା ।

ପାକିସ୍ତାନରେ ଥିବା ଆତଙ୍କବାଦୀ ସଂଗଠନ ଉପରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଭାରତ ପ୍ରତି ସ୍ତରରେ ନିଜର ସ୍ୱର ଉତ୍ତୋଳନ କରିବାରେ ଲାଗିଛି । ସେଭଳି ପାକିସ୍ତାନ ପ୍ରତ୍ୟେକ ସ୍ତରରେ ଜୈଶ ସମ୍ପର୍କିତ ଭାରତର ଅଭିଯୋଗକୁ ମିଛ ବୋଲି ପ୍ରମାଣିତ କରିଆସୁଛି । କିନ୍ତୁ ଏବେ ସେଠାର ପୂର୍ବତନ ରାଷ୍ଟ୍ରପତି ଜେନେରାଲ ପରଭେଜ ମୁଶରଫ୍ ଏନେଇ ବଡ ଖୁଲାସା କରିଛନ୍ତି । ସେ କହିଛନ୍ତି ତାଙ୍କ କାର୍ଯ୍ୟକାଳରେ ଭାରତ ଉପରେ ଆକ୍ରମଣ କରିବା ପାଇଁ ଜୈଶ-ଏ-ମହମ୍ମଦ ପାକିସ୍ତାନର ଗୁଇନ୍ଦା ସୂଚନା ବ୍ୟବହାର କରୁଥିଲା । କେବଳ ସେତିକି ନୁହେଁ ମୁଶରଫ୍ ଏହା ମଧ୍ୟ ମାନିଛନ୍ତି ଯେ ଜୈଶ କଶ୍ମୀରରେ

 Magazine Downloaded from www.aahwaan.com

ସୃଷ୍ଟି ହେଉଥିବା ହିଂସା ଓ ସୀମାରେ ବିବାଦର କେନ୍ଦ୍ର ବିନ୍ଦୁ ।

ଭାରତ-ପାକିସ୍ତାନ ମଧ୍ୟରେ କାର୍ଗିଲ ଯୁଦ୍ଧ ପାଇଁ ମୁଶରଫ୍ ଦାୟୀ ବୋଲି ପୂର୍ବତନ ପ୍ରଧାନମନ୍ତ୍ରୀ ନଓ୍ୱାଜ ସରିଫ୍ କହିସାରିଛନ୍ତି । ଏବେ ମୁଶରଫ୍ ମଧ୍ୟ ସ୍ୱୀକାର କରିନେଇଛନ୍ତି ଭାରତରରେ ଅଶାନ୍ତି ପାଇଁ ପାକିସ୍ତାନ ଗୁଇନ୍ଦାର ଲୋକ ସବୁବେଳେ କାମ କରୁଥାନ୍ତି । ମୁଶରଫ୍ ପାକିସ୍ତାନର ଜଣେ ସାମ୍ବାଦିକଙ୍କୁ ବିଶେଷ ସାକ୍ଷାତକାର ସମୟରେ ଏହି କଥାକୁ ମାନିଛନ୍ତି । ସେ କହିଛନ୍ତି ଜୈଶର ମୁଖ୍ୟ ଲକ୍ଷ୍ୟ ଭାରତରୁ କାଶ୍ମୀରକୁ ଛଡାଇ ନେଇ ପାକିସ୍ତାନରେ ମିଶାଇବା । ମାସୁଦ ଆଝାରର ନିର୍ଦ୍ଦେଶରେ ଏହି ସଂଗଠନ କାମ କରିଥାଏ । ମୁଶରଫଙ୍କ ଏହି ବୟାନ ଏବେ ଭାରତ ଓ ସମ୍ପୂର୍ଣ୍ଣ ବିଶ୍ୱ ପାଇଁ ଖୁବ୍ ଗୁରୁତ୍ୱପୂର୍ଣ୍ଣ । ଏହାଦ୍ୱାରା ପାକିସ୍ତାନର ସତ ଏବଂ ମିଛ ସବୁକିଛି ଜଣାପଡିଯିବ ।

## ଭାରତର ଦ୍ୱିତୀୟ ସର୍ଜିକାଲ୍ ଷ୍ଟ୍ରାଇକ୍

ପୁଲୱାମା ଆକ୍ରମଣର ବାରଦିନ ପରେ ଅତ୍ୟନ୍ତ ଗୋପନୀୟ ଭାବରେ ଭାରତ ପୁଣିଥରେ ପାକିସ୍ତାନରେ ସର୍ଜିକାଲ୍ ଷ୍ଟ୍ରାଇକ୍ କରିଥିଲା । ଫେବୃଆରୀ ଛବିଶି ତାରିଖ ରାତି ସାଢ଼େ ତିନିଟା ସମୟରେ ଭାରତୀୟ ବାୟୁସେନାର ବାରଟୋ ଜାହାଜ ପାକିସ୍ତାନରେ ପ୍ରବେଶ କରି ଦୁଇଟି ସ୍ଥାନରେ ଅନ୍ୟୁନ ଏକ ହଜାର କିଲୋ ଓଜନର ବୋମାବର୍ଷଣ କରିଥିଲେ ଏବଂ ଏଥିରେ ସାଢ଼େ ତିନିଶହ ଆତଙ୍କବାଦୀ ମୃତ୍ୟୁବରଣ କରିଥିବା କଥା କୁହାଯାଇଥିଲା । ଏହାକୁ ନେଇ ଦେଶବାସୀଙ୍କ ମଧ୍ୟରେ ଉତ୍ସାହ ଦେଖାଯାଇଥିଲା ।

ସୂଚନାଯୋଗ୍ୟ ଯେ ପୁଲୱାମା ଆକ୍ରମଣ ପରେ ପାକିସ୍ତାନ ଆନ୍ତର୍ଜାତୀୟ ସୀମାରେଖା ନିକଟରେ ଥିବା ସମସ୍ତ ଆତଙ୍କ ସଂଗଠନର ଟ୍ରେନିଂ କ୍ୟାମ୍ପ ଗୁଡ଼ିକୁ ହଟେଇ ଦେଇଥିଲେ ଏବଂ ସେମାନଙ୍କୁ ବାଲାକୋଟ୍ ନିକଟରେ ଗୋଟିଏ ବିଶାଳ କ୍ୟାମ୍ପରେ ରଖାଯାଇଥିବା ଖବର

 Magazine Downloaded from www.aahwaan.com

ଗୁଇନ୍ଦା ସୂତ୍ରରୁ ଭାରତୀୟ ସରକାର ଜାଣିବାକୁ ପାଇଥିଲେ । ତେଣୁ ସେହି ସ୍ଥାନକୁ ସର୍ବେକ୍ଷଣ କରିବାପରେ ହଠାତ୍ ରାତାରାତି ଆକ୍ରମଣ କରାଯାଇଥିଲା ।

ଏହି ଆକ୍ରମଣ ଏତେ ଅପ୍ରତ୍ୟାଶିତ ଭାବରେ ହେଲା ଯେ ପାକିସ୍ତାନର ସେନାବାହିନୀ କୌଣସି ପଦକ୍ଷେପ୍ ନେବାପୂର୍ବରୁ ମାତ୍ର ଏକୋଇଶି ମିନିଟରେ କାର୍ଯ୍ୟ ସାରିଦେଇ ସେନାବାହିନୀ ଭାରତକୁ ଫେରି ଆସିଥିଲେ ।

ମଜା କଥା ହେଉଛି ଏହି ଆକ୍ରମଣର ଖବର ପ୍ରଥମେ ପାକିସ୍ତାନ ଗଣମାଧ୍ୟମରେ ପ୍ରସାରିତ ହୋଇଥିଲା । ଏହାପରେ ଭାରତୀୟ ଗଣମାଧ୍ୟମ ଏହାକୁ ପ୍ରସାରିତ କରିଥିଲେ । ଏହାକୁ ନେଇ ପାକିସ୍ତାନ ଅତ୍ୟନ୍ତ ତୀବ୍ର ପ୍ରତିକ୍ରିୟା ଦେଖାଇଥିଲା, କିନ୍ତୁ ଭାରତ ସରକାର ତରଫରୁ ଏହାକୁ ଆତଙ୍କବାଦୀଙ୍କ ବିରୋଧରେ ନିଆଯାଇଥିବା ପଦକ୍ଷେପ କହିବା ଏବଂ ସମଗ୍ର ବିଶ୍ୱର ଅନେକ ଦେଶ ଏହି ଆକ୍ରମଣ ସପକ୍ଷରେ ଆଗକୁ ଆସିବା ପରେ ପାକିସ୍ତାନ ଏକ ରକମ ଏକଘରିକିଆ ହୋଇଯାଇଥିଲା ।

ଭାରତର ଆକ୍ରମଣକୁ ଯୁଦ୍ଧ ବୋଲି ଧରିନେଇ ପାକିସ୍ତାନ ବାୟୁସେନା ଦ୍ୱାରା ଏଫ୍-୧୬ ବିମାନଙ୍କ ଏକ ଦଳ ଭାରତୀୟ ବାୟୁସୀମାରେ ପ୍ରବେଶ କରିବାର ଦୁଃସାହାସ କରିଥିବା ବେଳେ ଜାଗ୍ରତ ଭାରତୀୟ ବାୟୁସେନାର ମିଗ୍-୨୧ ବିମାନ ଗୋଟିଏ ଏଫ୍-୧୬କୁ ଧରାଶାୟୀ କରିଦେଇଥିଲେ ।

ଏହି ସମସ୍ତ ଘଟଣାକ୍ରମ ଫଳରେ ପାକିସ୍ତାନ ସରକାର ସେମାନଙ୍କ ଦେଶର ସମସ୍ତ ବିମାନବନ୍ଦରକୁ ବନ୍ଦ କରିଦେଇଛନ୍ତି । ଘଟଣା ଘଟିବାର ଦୁଇ ସପ୍ତାହ ବିତିଯାଇଥିଲେ ସୁଦ୍ଧା ପାକିସ୍ତାନକୁ କୌଣସି ବିମାନ ଯାତାୟାତ କରୁନାହିଁ । ମାତ୍ର ପାଞ୍ଚଟି ବିମାନ ବନ୍ଦର କାର୍ଯ୍ୟକ୍ଷମ ଥିବା ବେଳେ ଭାରତରେ କିନ୍ତୁ ସମସ୍ତ ବିମାନ ବନ୍ଦର ସ୍ୱାଭାବିକ ଭାବରେ କାର୍ଯ୍ୟ

 Magazine Downloaded from www.aahwaan.com

କରୁଛନ୍ତି ।

ବାଲାକୋଟରେ ବାୟୁସେନାର ସର୍ଜିକାଲ ଷ୍ଟ୍ରାଇକ୍ ପରେ ଉଭୟ ଦେଶ ତରଫରୁ ଅଧିକ ଜାଗ୍ରତ ବ୍ୟବସ୍ଥା ରହିଥିବା ବେଳେ ପାକିସ୍ତାନ ସୀମାରେ ଗୋଟିଏ ଘଟଣା ଘଟିଲା ଯାହା ସମସ୍ତ ଦେଶକୁ ଚିନ୍ତାରେ ପକାଇଦେଇଥିଲା ।

## ଭାରତୀୟ ବାୟୁସେନା ସୈନିକ ଅଭିନନ୍ଦନ ପାକିସ୍ତାନ ଦ୍ୱାରା ବନ୍ଦୀ

ଭାରତ ପାକିସ୍ତାନ ମଧ୍ୟରେ ଉଷ୍ମତା ବୃଦ୍ଧି ପାଉଥିବା ବେଳେ ସୀମାରେ କର୍ତ୍ତବ୍ୟରତ ଏକ ମିଗ୍-୨୧ ବିମାନରେ ଯାନ୍ତ୍ରୀକ ତୃଟି ଦେଖାଯିବାପରେ ବୈମାନିକ ଅଭିନନ୍ଦନ ପ୍ରାଣରକ୍ଷା ପାଇଁ ଜାହାଜରୁ ବାହାରକୁ ବାହାରିବା ପରେ ଦୁର୍ଭାଗ୍ୟ ବଶତଃ ପାକିସ୍ତାନ ସୀମା ଭିତରେ ଓହ୍ଲାଇଥିଲେ ଏବଂ ଏହାପରେ ସେହି ଅଞ୍ଚଳର ଲୋକମାନେ ତାଙ୍କୁ ଆକ୍ରମଣ କରିବାର ଭିଡ଼ିଓ ପ୍ରସାରଣ ହୋଇଥିଲା ।

ପାକିସ୍ତାନ ରକ୍ଷାମନ୍ତ୍ରଣାଳୟ ତରଫରୁ ତରବରିଆ ଭାବରେ ଏକ ପ୍ରେସ୍ ମିଟ୍ କରାଯାଇ ସୂଚନା ଦିଆଯାଇଥିଲା ଯେ ପାକିସ୍ତାନ ତରଫରୁ ଭାରତର ଦୁଇଟି ବିମାନକୁ ଉଡ଼େଇ ଦିଆଯାଇଛି ଏବଂ ଦୁଇଜଣ ପାଇଲଟ୍ ବନ୍ଦୀ ହୋଇଛନ୍ତି । ସେମାନେ ଅଭିନନ୍ଦନଙ୍କ ଭିଡ଼ିଓ ଦେଖାଇଥିଲେ କିନ୍ତୁ ଅନ୍ୟଜଣେ ପାଇଲଟ୍ ବିଷୟରେ କୌଣସି ସୂଚନା ଦେଇନଥିଲେ ।

ପରେ ଜଣାପଡ଼ିଥିଲା ଯେ ପାକିସ୍ତାନ ସରକାର କହିଥିବା କଥା ସତ୍ୟ ସେମାନେ ଦୁଇଟି ବିମାନକୁ ଉଡ଼ାଇଥିଲେ କିନ୍ତୁ ସେଥିରୁ ଗୋଟିଏ ସେମାନେ ନିଜ ଦେଶର ବିମାନକୁ ହିଁ ଉଡ଼ାଇ ଦେଇଥିଲେ । ଏବଂ ସେହି ବିମାନର ପାଇଲଟକୁ ଭାରତୀୟ ଭାବି ସ୍ଥାନୀୟ ଲୋକମାନେ ମରଣାନ୍ତକ ଆକ୍ରମଣ କରିଥିଲେ ଏବଂ ପରେ ସେ ଚିକିତ୍ସାଧୀନ ଅବସ୍ଥାରେ ପ୍ରାଣ

 Magazine Downloaded from www.aahwaan.com

ହରାଇଥିଲେ ।

## ଅଭିନନ୍ଦନ ଭାରତ ଫେରିଲେ

ଭାରତୀୟ ପାଇଲଟ୍ ଅଭିନନ୍ଦନ ପାକିସ୍ତାନଦ୍ୱାରା ଗିରଫ ହେବାପରେ ସମଗ୍ର ଦେଶରେ ଲୋକମାନେ ତାଙ୍କ ମୁକ୍ତିପାଇଁ ପ୍ରାର୍ଥନା କରିଥିଲେ । ଅବଶ୍ୟ ଯୁଦ୍ଧବନ୍ଦୀ ନିୟମ ଅନୁସାରେ ତାଙ୍କୁ ପାକିସ୍ତାନ ସରକାର ନିଜ ପାଖରେ ରଖି ପାରିବେ ନାହିଁ ବୋଲି ନିୟମ ଥିବା ହେତୁ ସେ ଫେରିବା ନେଇ ସମସ୍ତେ ନିଶ୍ଚିତ ଥିଲେ ।

କିନ୍ତୁ ପାକିସ୍ତାନ ସରକାର ତାଙ୍କଠାରୁ ଅଧିକ ଗୁପ୍ତ ସୂଚନା ପାଇବାକୁ ଚେଷ୍ଟାକରୁଥିବା ବେଳେ ଭାରତ ସରକାରଙ୍କ ଚାପରେ ପରଦିନ ହିଁ ତାଙ୍କୁ ଛାଡ଼ିଦିଆଯିବ ବୋଲି ପାକିସ୍ତାନୀ ପ୍ରଧାନମନ୍ତ୍ରୀ ଇମ୍ରାନ ଖାଁ ତାଙ୍କ ସଦନରେ ଘୋଷଣା କରିଥିଲେ ।

ଏହାର ଦିନଟିଏ ପରେ ଅଭିନନ୍ଦନଙ୍କୁ ସସମ୍ମାନେ ଆଣି ପାକିସ୍ତାନ ଏବଂ ପଞ୍ଜାବ ସୀମାନ୍ତରେ ଥିବା ୱାଘା ବୋର୍ଡର ଠାରେ ଛାଡ଼ି ଦେଇଥିଲେ । ଏହା ଭାରତର ଏକ ବିଶାଳ ବିଜୟ ବୋଲି ସମସ୍ତେ କହିଥିଲେ ଏବଂ ଏହା କେବଳ ମୋଦୀ ସରକାରଙ୍କ କୂଟନୈତିକ ବିଜୟ ବୋଲି କହିଥିଲେ ।

## ଏଫ୍-୧୬ ବ୍ୟବହାର ପାଇଁ ପାକିସ୍ତାନକୁ ଟ୍ରମ୍ପଙ୍କ ଧମକ

ସୂଚନାଯୋଗ୍ୟ ଯେ ଆମେରିକା ସରକାର ଆତଙ୍କବାଦ ବିରୋଧରେ ଯୁଦ୍ଧ ପାଇଁ ପାକିସ୍ତାନକୁ ଉନ୍ନତ୍ ଏଫ୍-୧୬ ଜାହାଜ ଦେଇଥିଲେ କିନ୍ତୁ ପାକିସ୍ତାନ୍ ସରକାର ଏହି ବିମାନକୁ ଭାରତର ଅନେକ ସ୍ଥାନରେ ଆକ୍ରମଣ ଉଦ୍ଦେଶ୍ୟରେ ବ୍ୟବହାର କରିବା ଏବଂ ସେଥିରୁ ଗୋଟିଏ ବିମାନ ନଷ୍ଟ ହୋଇଯିବାର ଯଥେଷ୍ଟ ପ୍ରମାଣ ଭାରତ ଦ୍ୱାରା ଦେବାପରେ ଆମେରିକା ପ୍ରଶାସନ ପାକିସ୍ତାନକୁ ଜବାବ ତଲବ କରିଛନ୍ତି ।

 Magazine Downloaded from www.aahwaan.com

କିନ୍ତୁ ଏଫ୍-୧୬ ବିମାନକୁ ଭାରତର ମିଗ୍-୨୧ ବିମାନ ନଷ୍ଟ କରିଥିବା ଖବର ପ୍ରସାରଣ ପରେ ସର୍ବାଧିକ ଖୁସି ହୋଇଥିଲେ ଋଷ ସରକାର । ସୂଚନାଯୋଗ୍ୟ ଯେ ମିଗ୍-୨୧ ବିମାନ ଋଷରେ ନିର୍ମିତ ଏବଂ ଏହା ପଚାଶବର୍ଷରୁ ପୁରୁଣା କୌଶଳରେ ନିର୍ମିତ ବିମାନ ହୋଇଥିବା ବେଳେ ଏଫ୍-୧୬ ନୂତନ ଜ୍ଞାନକୌଶଳରେ ନିର୍ମିତ ହୋଇଥିବା ସତ୍ତ୍ୱେ ଏହାକୁ ମିଗ୍-୨୧ ଧ୍ୱଂସ କରି ପାରିବା ଋଷିଆକୁ ଆନନ୍ଦ ଦେଇଛି ।

## ପୁଣିଥରେ ସର୍ଜିକାଲ ଷ୍ଟ୍ରାଇକ୍‌କୁ ନେଇ କଂଗ୍ରେସର ପ୍ରଶ୍ନ

ସର୍ଜିକାଲ୍ ଷ୍ଟ୍ରାଇକ୍ ପରେ ଏହାକୁ ନେଇ ଅନେକ ରାଜନୀତି ପୁଣିଥରେ ଦେଖା ଦେଇଛି । ଅଭ୍ୟାସଗତ ଭାବରେ କଂଗ୍ରେସ ଦଳର ଅନେକ ତୁଙ୍ଗ ନେତା ପୁଣିଥରେ ସର୍ଜିକାଲ୍ ଷ୍ଟ୍ରାଇକକୁ ନେଇ ପ୍ରଶ୍ନ ପଚାରିଛନ୍ତି । ବାଲାକୋଟ୍ ଆକ୍ରମଣରେ କେତେଜଣ ମରିଥିଲେ ତାହାର ହିସାବ ଅନେକ ମାଗିଥିବା ବେଳେ ବିଧାୟକ ନବଜ୍ୟୋତ ସିଂ ସିଦ୍ଧୁ ଭାରତୀୟ ସେନାକୁ କଟାକ୍ଷ କରିବାକୁ ପଛାଇ ନଥିଲେ । ପୂର୍ବରୁ ସେ ପୁଲୱାମା ଆକ୍ରମଣ ସମୟରେ ମଧ୍ୟ କହିଥିଲେ ଯେ ପ୍ରତ୍ୟେକ ଆକ୍ରମଣ ପାଇଁ ପାକିସ୍ତାନକୁ ଦୋଷୀ କରିବା ଠିକ୍ ନୁହେଁ ।

ବର୍ତ୍ତମାନ କଂଗ୍ରେସର ଦିଗବିଜୟ ସିଂ, ସିଦ୍ଧୁ, କମଲନାଥ, ପି ଚିଦାମ୍ବରମ୍ ଆଦି ନେତାମାନେ ଏହି କାର୍ଯ୍ୟ ବିରୋଧରେ ବିଭିନ୍ନ ପ୍ରକାର ପ୍ରଶ୍ନ ପଚାରିଛନ୍ତି ଯାହାକୁ ଦେଖାଇ ପାକିସ୍ତାନର ଗଣମାଧ୍ୟମ ସେମାନଙ୍କ ଜନତାଙ୍କୁ ଜଣାଇଛନ୍ତି ଯେ ମୋଦୀ ମିଥ୍ୟା କହୁଛନ୍ତି । ଅନେକ ପ୍ରକାରର ସଂଗଠନ ଦ୍ୱାରା ବାଲାକୋଟ୍ ଆକ୍ରମଣରେ ଅନ୍ୟୂନ ତିନିଶହ ଆତଙ୍କୀ ମୃତ୍ୟୁବରଣ କରିଥିବା କଥା କୁହାଯାଉଥିଲେ ସୁଦ୍ଧା କେହି ବିଶ୍ୱାସ କରିବାକୁ ରାଜି ହେଉନାହାନ୍ତି ।

 Magazine Downloaded from www.aahwaan.com

ସର୍ଜିକାଲ ଷ୍ଟ୍ରାଇକ୍ ପରେ ଏକୋଇଶିଟି ବିରୋଧୀ ଦଳର ନେତାମାନେ ଦିଲ୍ଲୀଠାରେ ଏକତ୍ରିତ ହୋଇ ସଭା କରି ଏହାକୁ ନେଇ କୌନସି ରାଜନୀତି କରାନଯାଉ ବୋଲି ମତ ଦେଇଥିଲେ । ସେମାନେ କହୁଥିଲେ ଯେ ସର୍ଜିକାଲ ଷ୍ଟ୍ରାଇକକୁ ବ୍ୟବହାର କରି ମୋଦୀ ପ୍ରଚାର କରୁଛନ୍ତି । ସେ ଯାହେଉ, ବର୍ତ୍ତମାନ ସମୟରେ ଭାରତ ଦ୍ୱାରା ନିଆଯାଇଥିବା ପଦକ୍ଷେପ ଫଳରେ ଲୋକମାନଙ୍କର ମୋଦୀ ଉପରେ ଆସ୍ଥା ଅଧିକ ବୃଦ୍ଧି ପାଇଛି ଏହା କହିଲେ ଅତ୍ୟୁକ୍ତି ହେବନାହିଁ । କାରଣ ଆମେ ଆଗରୁ ଅନେକ ସମୟରେ ଭାରତ ଉପରେ ପାକିସ୍ତାନରେ ଘର କରିଥିବା ଆତଙ୍କୀ ସଂଗଠନ ଦ୍ୱାରା ହୋଇଥିବା ଆକ୍ରମଣ ପରେ ସରକାରରେ କୌଣସି ଉଲ୍ଲେଖନୀୟ ପ୍ରତିକ୍ରିୟା ଦେବାର ଦେଖିନଥିଲୁ । ୨୬/୧୧ ମୁମ୍ବାଇ ଆକ୍ରମଣ ପରେ କେବଳ ସୂଚନା ଦିଆନିଆରେ ହିଁ ସୀମିତ ରହିଯାଇଥିଲା ପ୍ରତିକ୍ରିୟା । ଏବଂ ଏହାକୁ ନେଇ କଂଗ୍ରେସ ନେତା ଦିଗବିଜୟ ସିଂ ସେହି ସମୟରେ ଏହାକୁ ହିନ୍ଦୁ ଆତଙ୍କବାଦୀଙ୍କ କାର୍ଯ୍ୟ କହି ଏକ ପୁସ୍ତକ ଉନ୍ମୋଚନ ମଧ୍ୟ କରାଯାଇଥିଲା ।

## ବୈଜୟନ୍ତଙ୍କ ବିଜେପିରେ ବିଲୟ

ବିଜୁ ଜନତା ଦଳର ଲୋକପ୍ରିୟ ନେତା ତଥା କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡା ବିଜେଡ଼ିରୁ ନିଷ୍କାଶିତ ହେବାପରେ କେଉଁ ଦଳରେ ଯୋଗ ଦେବେ ବୋଲି ଅନେକ କଳ୍ପନା ଜଳ୍ପନା ଚାଲିଥିଲା ଏ ସବୁର ଅନ୍ତ କରି ସେ ବିଗତ ଦିନରେ ଭାରତୀୟ ଜନତା ପାର୍ଟିରେ ଯୋଗ ଦେଇଛନ୍ତି । ଅବଶ୍ୟ ସେ ବିଜେପିରେ ଯୋଗ ଦେବେ ବୋଲି ଆଗରୁ ଅନେକ ଖବର ଆସୁଥିଲେ ସୁଦ୍ଧା ସେ କୌଣସି ସୂଚନା ନିଜେ ଦେଇନଥିଲେ ।

କିଛି ମାସ ପୂର୍ବରୁ ଶୁଣାଯାଉଥିଲା ଯେ ଓଡ଼ିଶାରୁ ବୈଜୟନ୍ତ ପଣ୍ଡା ବିଜେପିରେ ଯୋଗ ଦେବେ ଏବଂ ସେ ଦଳର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ହେବେ । କିନ୍ତୁ ଏହି ସମୟରେ ଅପରାଜିତା

 Magazine Downloaded from www.aahwaan.com

ଷଡ଼ଙ୍ଗୀଙ୍କୁ ଦଳରେ ସାମିଲ କରିବା ସହ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ବୋଲି କୁହାଗଲା । ନୂଆ କରି ଭାରତୀୟ ଜନତା ପାର୍ଟି (ବିଜେପି)ରେ ଯୋଗ ଦେଇଥିବା ପୂର୍ବତନ ସାଂସଦ ବୈଜୟନ୍ତ ପଣ୍ଡାଙ୍କୁ ଦଳ ବଡ଼ ଦାୟିତ୍ୱ ଦେଇଛି । ଦଳର ଜାତୀୟ ଉପସଭାପତି ପଦବୀ ସହ ତାଙ୍କୁ ମୁଖପାତ୍ର ଭାବେ ନିଯୁକ୍ତ କରିଛି ବିଜେପି । ରାଷ୍ଟ୍ରୀୟ ସଭାପତି ଅମିତ ଶାହଙ୍କ ଅନୁମୋଦନ କ୍ରମେ ବୈଜୟନ୍ତଙ୍କୁ ଏହି ଦାୟିତ୍ୱ ଦିଆଯାଇଛି ବୋଲି ରାଜ୍ୟ ପ୍ରଭାରୀ ତଥା ବିଜେପି ଜାତୀୟ ସାଧାରଣ ସମ୍ପାଦକ ଅରୁଣ ସିଂହ ସୂଚନା ଦେଇଛନ୍ତି । ଏହି ଦାୟିତ୍ୱ ମିଳିବା ପରେ ଦଳର ଜାତୀୟ ସଭାପତି ଶାହଙ୍କୁ କୃତଜ୍ଞତା ଜଣାଇଛନ୍ତି ବୈଜୟନ୍ତ । ଟ୍ୱିଟ୍ କରି ବୈଜୟନ୍ତ କହିଛନ୍ତି, ଦଳର ସଫଳତା ବଜାୟ ରଖିବାକୁ ସେ ନିଷ୍ଠାର ସହ କାମ କରିବେ । ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ନୂଆ ଭାରତ ଗଠନ ପାଇଁ ଉଦ୍ୟମ ଜାରି ରଖିବେ ।

## ଆମ୍ମାଙ୍କ ଅନୁପସ୍ଥିତିରେ ମୋଦି ଆମର ପିତା: ଏଆଇଏଡିଏମକେ

ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ଜୟଲଳିତାଙ୍କ ପରଲୋକ ପରେ ତାଙ୍କ ଦଳ ଏଆଇଏଡିଏମକେ ପାଇଁ ଏବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସବୁ କିଛି । ଏକଥା ନିଜେ କହିଛି ଦଳ । ରାଜ୍ୟର ମନ୍ତ୍ରୀ କେଟିଆର ବାଲାଜୀଙ୍କୁ ଯେତେବେଳେ ପଚରାଯାଇଥିଲା ଗୁଜରାଟର ମୋଦି ଓ ତାମିଲନାଡୁରେ କିଏ ସବୁଠାରୁ ଭଲ ? ଏହାର ଉତ୍ତରରେ ସେ କହିଥିଲେ ଆମ୍ମା(ଜୟଲଳିତା)ଙ୍କ ଅନୁପସ୍ଥିତିରେ ମୋଦି ହିଁ ତାଙ୍କ ଦଳ ପାଇଁ ପିତା ସଦୃଶ୍ୟ । ସେ ଭାରତର ପିତା । ଆମେ ତାଙ୍କର ନେତୃତ୍ୱକୁ ସ୍ୱୀକାର କରୁଛୁ । ଆମ୍ମାଙ୍କ ନିଷ୍ପତ୍ତି ତାଙ୍କ ନିଜର ହିଁ ଥିଲା । କିନ୍ତୁ ଆଜି ସମୟ ବଦଳିଛି । ୨୦୧୪ରୁ ୨୦୧୯ ମଧ୍ୟରେ ବିଜେପି ଓ ଏଆଇଏଡିଏମକେର ସମ୍ପର୍କରେ ଖୁବ୍ ପରିବର୍ତ୍ତନ ହୋଇଛି ।

୨୦୧୪ରୁ ନିର୍ବାଚନରେ ଏଆଇଏଡିଏମକେର ମୁଖ୍ୟ ଓ ପୂର୍ବତନ ମୁଖ୍ୟମନ୍ତ୍ରୀ

 Magazine Downloaded from www.aahwaan.com

ଜୟଲଳିତାଙ୍କ ରାଲିରେ ଲୋକଙ୍କୁ ପଚାରୁଥିଲୁ କିଏ ସବୁଠାରୁ ଭଲ ପ୍ରଶାସକ ? ଗୁଜରାଟର ମୋଦି ନା ତାମିଲନାଡୁର ଲେଡି ? ଏହାର ଉତ୍ତରରେ ଲୋକେ କହୁଥିଲେ ଲେଡି । ସେ ସମୟରେ ଏଆଇଏଡିଏମକେ ସମସ୍ତ ୩୯ ଟି ଲୋକସଭା ଆସନରେ ନିର୍ବାଚନ ଲଢୁଥିଲା, ଯେଉଁଥିରେ ଦଳ ୩୭ଟି ଆସନରେ  ବିଜୟୀ ହେଉଥିଲା । କିନ୍ତୁ ୨୦୧୬ରେ ଜୟଲଳିତାଙ୍କ ପରଲୋକ ପରେ ସବୁ କିଛି ବଦଳିଗଲା ।

ଉପମୁଖ୍ୟମନ୍ତ୍ରୀ ଓ ପନିରସେଲଭରମ ଦଳରୁ ବାହାର ହୋଇ, ପୁଣିଥରେ ସାମିଲ ହେଲେ । ଏହାପରେ ଭିକେ ଶଶିକଳା ଓ ତାଙ୍କର ପୁତୁରା ଟିଟିଭି ଦିନାକରନଙ୍କୁ ବାହାର କରାଯାଇଥିଲା । ଉଲ୍ଲେଖନୀୟ ଯେ ବିଧାନସଭାର ୨୩୫ଟି ଆସନରୁ ଏଆଇଏଡିଏମକେ ପାଖରେ ୧୧୪, ଡିଏମକେ ନିକଟରେ ୮୮, କଂଗ୍ରେସର ୮, ଆଇୟୁଏମଏଲର ଗୋଟିଏ ଏବଂ ଜଣେ ନିର୍ଦଳୀୟ ବିଧାୟକ ରହିଛି । ବିଧାନସଭାରେ ୨୧ଟି ଆସନ ଖାଲି ରହିଛି ଯେଉଁଥିରେ ୧୯ ବିଧାୟକଙ୍କୁ ଅଯୋଗ୍ୟ ଘୋଷିତ କରାଯାଇଛି ଓ ୨ ଜଣ ଜଣଙ୍କର ମୃତ୍ୟୁ ହୋଇସାରିଛି । (ସୌଜନ୍ୟ : ପ୍ରମେୟ)

## ବାରାଣସୀରୁ ଲଢ଼ିବେ ନରେନ୍ଦ୍ର ମୋଦି

ଆଗାମୀ ଲୋକସଭା ନିର୍ବାଚନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପୁଣିଥରେ ବାରାଣସୀ ଆସନରୁ ଲଢ଼ିବେ  । ଆଜି ବିଜେପିର ସର୍ବୋଚ୍ଚ ନୀତି ନିର୍ଦ୍ଧାରକାରୀ ସଂସ୍ଥା ସଂସଦୀୟ ବୋର୍ଡ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି  । ବୈଠକରେ ପ୍ରଧାନମନ୍ତ୍ରୀ ମୋଦି, ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ, ସ୍ୱରାଷ୍ଟ୍ରମନ୍ତ୍ରୀ ରାଜନାଥ ସିଂହ, ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ, ବୈଦେଶିକ ବ୍ୟାପାର ମନ୍ତ୍ରୀ ସୁଷମା ସ୍ୱରାଜ, ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡକରୀ ଓ ଅନ୍ୟ ନେତାମାନେ ଉପସ୍ଥିତ ଥିଲେ  । ଲୋକସଭା ନିର୍ବାଚନ ପୂର୍ବରୁ ଏହା ବିଜେପିର ଶେଷ

 Magazine Downloaded from www.aahwaan.com

ସଂସଦୀୟ ବୋର୍ଡ ବୈଠକ ବୋଲି କୁହାଯାଉଛି ।

ପ୍ରାୟ ୩ ଘଣ୍ଟା ଧରି ବୈଠକ ବସିଥିଲା । ଏଥିରେ ଲୋକସଭା ନିର୍ବାଚନ ପାଇଁ ପ୍ରାର୍ଥୀ ଚୟନ ଓ ରଣନୀତି ଉପରେ ବିସ୍ତୃତ ଆଲୋଚନା ହୋଇଛି । କିନ୍ତୁ ବୈଠକରେ କ'ଣ ସବୁ ନିଷ୍ପତ୍ତି ନିଆଯାଇଛି ସେ ବିଷୟରେ ବିଜେପି ପକ୍ଷରୁ କିଛି କୁହାଯାଇ ନାହିଁ । ଆସନ୍ତା ସପ୍ତାହରେ ପ୍ରାର୍ଥୀ ତାଲିକା ଘୋଷଣା କରାଯିବ । କିନ୍ତୁ ଅସମର୍ଥିତ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ମୋଦି ପୁଣିଥରେ ବାରାଣସୀରୁ ପ୍ରାର୍ଥୀ ହେବେ । ୨୦୧୪ ଲୋକସଭା ନିର୍ବାଚନରେ ସେ ଏହି ଆସନରୁ ୫ଲକ୍ଷ ୮୦ ହଜାରରୁ ଅଧିକ ଭୋଟ ପାଇ ବିଜୟୀ ହୋଇଥିଲେ । ୨୦୧୭ ଉତ୍ତରପ୍ରଦେଶ ବିଧାନସଭା ନିର୍ବାଚନରେ ବାରାଣସୀ ଲୋକସଭା ଅଧୀନସ୍ଥ ସମସ୍ତ ୮ଟି ଯାକ ଆସନରେ ବିଜେପି ଓ ତାହାର ସହଯୋଗୀ ଦଳ ବିଜୟୀ ହୋଇଥିଲେ । ସେହିଭଳି ବିଜେପି ସଂସଦୀୟ ବୋର୍ଡ ବୈଠକରେ ବୟସ ଓ ବିଜୟ ସମ୍ଭାବନାକୁ ଦୃଷ୍ଟିରେ ରଖି ପ୍ରାର୍ଥୀ ଚୟନ କରାଯିବ ବୋଲି ସୂଚନା ମିଳିଛି । ୭୫ ବର୍ଷ କିମ୍ବା ତା ଠାରୁ ଅଧିକ ବୟସର ନେତାଙ୍କୁ ଆଉ ଟିକେଟ ଦିଆଯିବ ନାହିଁ । ଏଭଳି ହେଲେ ଲାଲକୃଷ୍ଣ ଆଡଭାନୀ, ମୁରଲୀ ମନୋହର ଯୋଶୀ, କଲରାଜ ମିଶ୍ର, ବି.ସି. ଖଣ୍ଡୁରୀ, ସୁମିତ୍ରା ମହାଜନ, ହୁକୁମ ଦେବ ନାରାୟଣ ସିଂହ ଯାଦବ ଓ ବି.ଏସ୍.ୟେଦୁରପ୍ପାଙ୍କ ଭଳି ବର୍ଷୀୟାନ ନେତାଙ୍କୁ ଆଉ ଟିକେଟ ମିଳିବ ନାହିଁ । କିନ୍ତୁ ଏଭଳି ବୟସ ସୀମା ଧାର୍ଯ୍ୟ ହୋଇଥିବା ଖବରକୁ ଶାହ ଖଣ୍ଡନ କରିଛନ୍ତି ।

ବୈଠକ ପରେ ବିଜେପି ସାଧାରଣ ସମ୍ପାଦକ ଭୁପେନ୍ଦ୍ର ଯାଦବ କହିଛନ୍ତି ଯେ ବିଜୟ ସମ୍ଭାବନା ଥିବା ପ୍ରାର୍ଥୀଙ୍କୁ ଅଗ୍ରାଧିକାର ଭିତ୍ତିରେ ଟିକେଟ ଦିଆଯିବ । ଏଥିସହିତ ଝାଡଖଣ୍ଡରେ ବିଜେପି ଅଲ୍ ଝାଡଖଣ୍ଡ ଷ୍ଟୁଡେଣ୍ଟସ୍ ୟୁନିଅନ (ଏଜେଏସ୍ୟୁ) ସହିତ ନିର୍ବାଚନ

 Magazine Downloaded from www.aahwaan.com

ମେଣ୍ଟ କରିବ । ରାଜ୍ୟର ମୋଟ ୧୪ ଲୋକସଭା ଆସନରୁ ବିଜେପି ୧୩ ଏବଂ ଏଜେଏସ୍‌ୟୁ ଗୋଟିଏ ଆସନରେ ଲଢ଼ିବାକୁ ସ୍ଥିର ହୋଇଥିବା ସେ କହିଛନ୍ତି । ୨୦୧୪ ଲୋକସଭା ନିର୍ବାଚନରେ ବିଜେପି ଏକାକୀ ଲଢ଼ିଥିଲା ଏବଂ ୧୨ଟି ଆସନ ଜିତିବାରେ ସକ୍ଷମ ହୋଇଥିଲା ।

## ଉତ୍କଳ ଦିବସରୁ ଟ୍ରେନ୍ ଟିକେଟ୍‌ରେ ଓଡ଼ିଆ ଭାଷା ରହିବ

ଏଣିକି ଟ୍ରେନ୍ ଟିକେଟ୍‌ରେ ଇଂରାଜୀ ଓ ହିନ୍ଦି ଭଳି ଓଡ଼ିଆ ଭାଷା ରହିବ । ଓଡ଼ିଶା ଦିବସ ବା ଉତ୍କଳ ଦିବସରୁ ଏହା ଆରମ୍ଭ ହେବ । କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରେଳମନ୍ତ୍ରୀ ପୀୟୂଷ ଗୋଏଲଙ୍କୁ ଚିଠି ଲେଖିବା ପରେ ରେଳ ମନ୍ତ୍ରଣାଳୟ ଏଭଳି ନିଷ୍ପତ୍ତି ନେଇଛି । ଧର୍ମେନ୍ଦ୍ର ରେଳମନ୍ତ୍ରୀଙ୍କୁ ଲେଖିଥିବା ଚିଠିରେ ଅନୁରୋଧ କରିଥିଲେ, ଓଡ଼ିଶାରେ ରେଳ ଟିକେଟକୁ ଆଞ୍ଚଳିକ ଓଡ଼ିଆ ଭାଷାରେ ଛାପାଯାଉ । ଓଡ଼ିଶାରେ ରେଳଯାତ୍ରୀଙ୍କ ସୁବିଧା ପାଇଁ ଭାରତୀୟ ରେଳ ବିଭାଗ ପକ୍ଷରୁ ଅନେକ ବ୍ୟବସ୍ଥା କରାଯାଇଛି । ଯାତ୍ରୀ ସୁବିଧାରେ ଗତ କିଛି ବର୍ଷରେ ଉନ୍ନତି ହେବା ସହ ଯାତ୍ରା ସମୟରେ ଲୋକମାନଙ୍କର ସୁଖଦ ଅନୁଭୂତି ହେଉଛି ।

ଏଗୁଡ଼ିକ ସହିତ ଓଡ଼ିଶାରେ ଟିକେଟ୍‌ଗୁଡ଼ିକ ଓଡ଼ିଆରେ ହେଲେ ରାଜ୍ୟର ଲୋକମାନେ ଅଧିକ ଲାଭବାନ ହେବେ ବୋଲି ଶ୍ରୀ ପ୍ରଧାନ ଚିଠିରେ ଉଲ୍ଲେଖ କରିଥିଲେ । ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି ଯେ, ସମସ୍ତ ଷ୍ଟେସନ୍ ଓଡ଼ିଆ ଭାଷାରେ ଲେଖାଯାଇଛି । ସେହିପରି ଓଡ଼ିଶା ମଧ୍ୟରେ ଥିବା ପୂର୍ବତଟ, ଦକ୍ଷିଣ-ପୂର୍ବ ଏବଂ ଦକ୍ଷିଣ-ପୂର୍ବ-ମଧ୍ୟ ରେଳପଥର ସମସ୍ତ ୩୧୭ ଷ୍ଟେସନରୁ ଏପ୍ରିଲ ୧ ତାରିଖ (ଉତ୍କଳ ଦିବସ)ରୁ ଓଡ଼ିଆ ଲିପିରେ ଟ୍ରେନ୍ ଟିକେଟ୍ କରିବାକୁ ବ୍ୟବସ୍ଥା କରାଯାଇଛି ।

 Magazine Downloaded from www.aahwaan.com

କ୍ରିସ୍ ଦ୍ୱାରା ବୈଷୟିକ ସହାୟତା ସହ ରେଳ ଯାତ୍ରୀଙ୍କ ସୁବିଧା ପାଇଁ ପୂର୍ବତଟ ରେଳପଥ ଦେଶର ୮ହଜାରରୁ ଅଧିକ ଷ୍ଟେସନ୍ ନାମକୁ ଓଡ଼ିଆ ଲିପି ସହ ସଂଯୋଗ କରିଛି । ଦେଶର ବିଭିନ୍ନ ପ୍ରାନ୍ତରେ ଥିବା ଷ୍ଟେସନଗୁଡ଼ିକରେ ଭାଷାଗତ ଉଚ୍ଚାରଣକୁ ଦୃଷ୍ଟିରେ ରଖି ପ୍ରାନ୍ତୀୟ ରେଳ ଷ୍ଟେସନଗୁଡ଼ିକର ଓଡ଼ିଆ ଲିପିରେ ନାମକରଣ କରାଯାଇଛି । ରାଜ୍ୟରେ ଥିବା ଷ୍ଟେସନଗୁଡ଼ିକର ଟିକେଟ୍ କାଉଣ୍ଟରରୁ ଅଣସଂରକ୍ଷିତ ଟିକେଟ୍ ପାଇଁ ପ୍ରଥମେ ଏହି ସୁବିଧା କରାଯାଇଛି ।

## ଭୁବନେଶ୍ୱର ବିମାନବନ୍ଦର ସର୍ବଶ୍ରେଷ୍ଠ

ଓଡ଼ିଶା ପାଇଁ ଖୁସି ଖବର । ଆନ୍ତର୍ଜାତିକସ୍ତରରେ ଭୁବନେଶ୍ୱରକୁ ମିଳିଛି ଆଉ ଏକ ଖ୍ୟାତି । ବିମାନ ଯାତ୍ରୀଙ୍କୁ ସେବା ଯୋଗାଇବା କ୍ଷେତ୍ରରେ ସର୍ବଶ୍ରେଷ୍ଠ ବିବେଚିତ ହୋଇଛି ବିଜୁ ପଟ୍ଟନାୟକ ଆନ୍ତର୍ଜତିକ ବିମାନବନ୍ଦର, ତାହା ପୁଣି ବିଶ୍ୱସ୍ତରରେ । ଭୁବନେଶ୍ୱର ବିମାନବନ୍ଦର ଜିତିଛି ସମ୍ମାନଜନକ ଏୟାରପୋର୍ଟ ସର୍ଭିସ୍ କ୍ୱାଲିଟି (ଏଏସ୍‌କ୍ୟୁ) ଆୱାର୍ଡ-୨୦୧୮ । ଏସିଆ ପ୍ୟାସିଫିକ୍ ରିଜନର ବାର୍ଷିକ ୨୦ ଲକ୍ଷରୁ ୫୦ ଲକ୍ଷ ଯାତ୍ରୀଙ୍କୁ ସେବା ଯୋଗାଉଥିବା ବିମାନବନ୍ଦର ବର୍ଗରେ ଭୁବନେଶ୍ୱର ନମ୍ବର ୱାନ୍ ହୋଇଛି । ବଡ଼ କଥା ହେଲା, ଏହି ଆୱାର୍ଡ ରେସ୍‌ରେ ଇଣ୍ଡୋନେସିଆ, ଇନ୍ଦୋର, ଚୀନ ଓ ଚଣ୍ଡିଗଡ଼ ବିମାନବନ୍ଦରକୁ ବି ପଛରେ ପକାଇ ଦେଇଛି ଭୁବନେଶ୍ୱର । ପ୍ରଥମ ଥର ପାଇଁ ଏଭଳି ଏକ ବିଶ୍ୱସ୍ତରୀୟ ସର୍ବେକ୍ଷଣରେ ଭୁବନେଶ୍ୱର ବିମାନବନ୍ଦର ଏତେ ବଡ଼ ସମ୍ମାନର ହକ୍‌ଦାର୍ ହୋଇଛି ।

ବିଜୁ ପଟ୍ଟନାୟକ ବିମାନବନ୍ଦରକୁ ଯାତ୍ରୀଙ୍କ ଆଗମନ ବଢ଼ିବାରେ ଲାଗିଛି । ଗତ ଆର୍ଥିକ ବର୍ଷରେ ୩୨ ଲକ୍ଷ ଯାତ୍ରୀ ଯାଆସ କରିଥିଲେ । ଚଳିତ ଆର୍ଥିକ ବର୍ଷରେ ଏହା ବୃଦ୍ଧି

 Magazine Downloaded from www.aahwaan.com

ପାଇ ଫେବୃଆରୀ ସୁଦ୍ଧା ୪୧ ଲକ୍ଷରେ ପହଞ୍ଚିଛି । ମାର୍ଚ୍ଚ ଶେଷ ସୁଦ୍ଧା ଏଥର ଯାତ୍ରୀଙ୍କ ସଂଖ୍ୟା ୪୫ ଲକ୍ଷ ଛୁଇଁବା ଆଶା କରାଯାଉଛି । ଆସନ୍ତା ବର୍ଷକୁ ଯାତ୍ରୀ ସଂଖ୍ୟା ୫ ଲକ୍ଷ ଛୁଇଁପାରେ ।

## ରସଗୋଲା ଜିଆଇ ଟ୍ୟାଗ୍ ଲଢ଼େଇ: ଏପ୍ରିଲ ସୁଦ୍ଧା ପ୍ରମାଣ ରଖିବ ଓଡ଼ିଶା

ରସଗୋଲାର ଭୌଗଳିକ ଉତ୍ପତ୍ତି ସ୍ଥଳ (ଜିଆଇ) ଟ୍ୟାଗ୍ ନେଇ ଓଡ଼ିଶା-ପଶ୍ଚିମବଙ୍ଗ ଭିତରେ ଚାଲିଥିବା ଲଢ଼େଇ ନୂଆ ମୋଡ଼ ନେଇଛି । ଜିଆଇ ଟ୍ୟାଗ୍ ଜାରି କରୁଥିବା ଚେନ୍ନାଇସ୍ଥିତ ସଂସ୍ଥା ନିକଟରେ ଓଡ଼ିଶା ସରକାର ଏପ୍ରିଲ ମାସ ସୁଦ୍ଧା ରସଗୋଲାର ଦାବିଦାରୀ ନେଇ ସମସ୍ତ ଦସ୍ତାବିଜ ଓ ପ୍ରମାଣ ଦାଖଲ କରିବେ । ଏପ୍ରିଲରେ ହିଁ ଏହି ମାମଲାର ବିଚାର ହେବ । ୨୦୧୫ରୁ ରସଗୋଲାକୁ ନେଇ ଓଡ଼ିଶା ଓ ପଶ୍ଚିମବଙ୍ଗ ଭିତରେ ବିବାଦ ଆରମ୍ଭ ହୋଇଛି । ପଶ୍ଚିମବଙ୍ଗ କହୁଛି, ରସଗୋଲାର ଜନ୍ମ ପଶ୍ଚିମବଙ୍ଗରୁ । ଓଡ଼ିଶା ବି ଦାବି କରୁଛି, ରସଗୋଲା ଆମର । ଜଗନ୍ନାଥ ପରମ୍ପରାରେ କେଉଁ ଯୁଗରୁ ରସଗୋଲା ଭୋଗ ଲାଗି ଆସୁଛି । ତେବେ ରସଗୋଲା କାହାର ? ଏହାକୁ ନେଇ ଉଭୟ ରାଜ୍ୟ ଭିତରେ ବିବାଦ ଲାଗିଥିବାବେଳେ ୨୦୧୭ ନଭେମ୍ବରରେ ରସଗୋଲା ଲଢ଼େଇରେ ବାଜି ମାରି ପ.ବଙ୍ଗ । ହାତେଇ ନେଇଥିଲା ଜିଆଇ ଟ୍ୟାଗ୍ । ଏହା ପରେ ଓଡ଼ିଶାର ଚେତା ପଶିଥିଲା ।

ରାଜ୍ୟ କ୍ଷୁଦ୍ର ଶିଳ୍ପ ନିଗମ (ଓଏସ୍ଆଇସି) ରସଗୋଲାର ଜିଆଇ ଟ୍ୟାଗ୍ ପାଇଁ ଦାବିଦାରୀ ରଖିଥିଲା । ପିଟିସନ୍ ଦାଖଲ କରିଥିଲା ଚେନ୍ନାଇସ୍ଥିତ ଜିଆଇ ଟ୍ୟାଗ୍ ଜାରି କରୁଥିବା ସଂସ୍ଥା ନିକଟରେ । ଏହି ମାମଲାରେ ଉକ୍ତ ସଂସ୍ଥା ଓଡ଼ିଶା ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି, ଏପ୍ରିଲରେ ଏହି ପିଟିସନ୍ ଉପରେ ଶୁଣାଣି ହେବ । ଏହା ପୂର୍ବରୁ ରସଗୋଲାର ଉତ୍ପତ୍ତି ସ୍ଥଳ ନେଇ ଓଡ଼ିଶା ନିଜର ପ୍ରମାଣ ଓ ଦସ୍ତାବିଜ୍ ଦାଖଲ କରୁ । ନଚେତ୍ ଓଡ଼ିଶା

 Magazine Downloaded from www.aahwaan.com

କରିଥିବା ଆବେଦନକୁ ଖାରଜ କରାଯିବ ।

ଭାରତ ଏକ, ଏହାର ସମସ୍ତ ନାଗରିକ ଦେଶପ୍ରେମରେ ଓତପ୍ରୋତ । ଏହାକୁ ପ୍ରମାଣ କରିବାର କୌଣସି ଆବଶ୍ୟକତା ନାହିଁ । କିନ୍ତୁ ସାଂପ୍ରତିକ ସମୟରେ ଯେତେବେଳେ ଭାରତ ସରକାର ପାକିସ୍ତାନରେ ବୃଦ୍ଧିପାଉଥିବା ଆତଙ୍କବାଦୀ ସଂଗଠନ ବିରୋଧରେ କୌଣସି ପଦକ୍ଷେପ ନେଉଛନ୍ତି, ଆମେ ଏହାକୁ ସ୍ୱାଗତ କରିବା ଉଚିତ, ଏବଂ ଆମ ସେନାବାହିନୀକୁ ସମାଲୋଚନା କରିବା ଅନୁଚିତ ।

ବିଭିନ୍ନ ଶିକ୍ଷାନୁଷ୍ଠାନରେ ଏବେ ବାର୍ଷିକ ପରୀକ୍ଷାର ସମୟ । ଗ୍ରୀଷ୍ମର ନିଦାଘ ଏବ ଅନୁଭୂତ ହେଲାଣି । ସମସ୍ତେ ସୁରକ୍ଷିତ ରୁହନ୍ତୁ ଏବଂ ସମସ୍ତଙ୍କର ଉନ୍ନତି ହେଉ । ଆଶା କରୁଛି ମାର୍ଚ୍ଚ ମାସର ଏହି ସଂସ୍କରଣ ଆପଣଙ୍କୁ ଭଲ ଲାଗିବ ।

ଧନ୍ୟବାଦ

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା-ସମ୍ପାଦକ

ସମସ୍ତ ବନ୍ଧୁଙ୍କୁ ଅନୁରୋଧ ଦୟାକରି ଆହ୍ଵାନ ଇ-ପତ୍ରିକାର ଆଣ୍ଡ୍ରଏଡ୍ ଆପ୍ ଗୁଗୁଲ୍ ପ୍ଲେ ଷ୍ଟୋରରୁ ଡାଉନଲୋଡ୍ କରି ନିଜ ମୋବାଇଲ୍‌ରେ ଇନ୍‌ଷ୍ଟାଲ୍ କରନ୍ତୁ । ଏବଂ ଏହି ଆପ୍‌ରେ ନିଜ ମତାମତ ଦିଅନ୍ତୁ । ଆପଣ ଚାହିଁଲେ ଏହି ଆପ୍‌ରେ ବିନା ଶୁଳ୍କରେ ଆମକୁ କ୍ଷୁଦ୍ର ସମ୍ବାଦ (ଏସ୍‌ଏମ୍‌ଏସ୍)ପଠାଇ ପାରିବେ । ଆଜି ହିଁ ଆମ୍ ଆପ୍ ଡାଉନଲୋଡ୍ କରନ୍ତୁ ।

Search "**Aahwaan e-Patrika**" on Google Play Store and Download Our App.
For More Information Read Last Pages or Send Request to 7008567085.

 Magazine Downloaded from www.aahwaan.com

# କାହାଣୀ ବିଭାଗ

 Magazine Downloaded from www.aahwaan.com

# ସୁନେଲୀ ସିଂହ



ଅଶୋକ ବିଶ୍ୱାଳ

ପରିବାରରେ ଅତିଥି

ସେମାନଙ୍କ ଦଳରେ ଏକ ନୂଆ ସିଂହୀ ମିଶିଗଲା । ସେମାନେ ଖୁସି ହେଲେ । କିନ୍ତୁ ସେମାନଙ୍କର ପୁରୁଣା ସିଂହୀମାନେ ପ୍ରଥମରୁ ଜମା ନୂଆ ସିଂହୀକୁ ପାଖ ପୁରାଉ ନଥିଲେ । କଥାଟା ଏମିତି ।

ଏକ ଆଉ ନୂଆ କାହାଣୀ, ଗୀର୍ ଜଙ୍ଗଲ ମଧ୍ୟରେ କେମିତି ଗୋଟିଏ ଏକୁଟିଆ ସିଂହୀ ହୋଇ ଯାଇଥିଲା । ସାଧାରଣତଃ ସିଂହୀମାନେ ଏକୁଟିଆ ରୁହନ୍ତି ନାହିଁ । ସିଂହ ମାନଙ୍କୁ ଦଳରୁ କାଢି ଦିଆଯାଏ । ସେ କେମିତି ଏକୁଟିଆ ହୋଇଯାଇଥିଲା । ଆଉ ତାର ଭାଇ ଭଉଣୀମାନେ ତା ଠାରୁ ଅଲଗା ହୋଇ ଯାଇଥିଲେ ।

ଏକୁଟିଆ ସିଂହୀ ବଂଚିବା କଷ୍ଟ । ତେଣୁ ସିଂହୀଟି କେଉଁ ଏକ ଦଳସହ ମିଶି ଯିବା ପାଇଁ ଚାହୁଁଥିଲା । ସିଂହୀଟି ପୂର୍ଣ୍ଣ ବୟସ୍କା । ସେ ଏକ ସାଥି ଖୋଜି ବୁଲୁଥିଲାଆଉ ନିଜର ପରିବାର ଖୋଜି ବୁଲୁଥିଲା । ଏମିତି ହୋଇଥିବ ନିଜେ ଶିକାର ଖୋଜି ବାହାରି ଆସିଥିବ ଆଉ ରାସ୍ତା ଭୁଲି ଯାଇଥିବ । ଏମିତି ହେବା କଥା ନୁହେଁ । କିମ୍ବା ଦଳରେ କିଛି ବଡ ଲେଢଇ ହୋଇଥିବ ଆଉ ସେ ବଂଚିବା ପାଇଁ ଦଳରୁ ବାହାରି ଆସିଥିବ । ପରେ ସେ ପ୍ରାୟ ଏକୁଟିଆ ଶିକାର କରୁଥିଲା । ଏ ସିଂହୀଟି ଅନ୍ୟ ସିଂହୀଠାରୁ କେଉଁ ଗୁଣରେ କମ୍ ନଥିଲା । ଖୁବ ଚଂଚଳ ଆଉ ଭଲ ଶିକାରୀ ଥିଲା । ସେ ଏକୁଟିଆ ବଂଚି ଯାଇଥାନ୍ତା । କିନ୍ତୁ ସିଂହୀକୁ ବଂଚିବା ପାଇଁ ଏକ ଦଳ ଦରକାର, ଛୁଆ ହେଲେ ଦଳ କାମରେ ଆସିବ ।

 Magazine Downloaded from www.aahwaan.com

ସିଂହୀଟି ଦିନେ ଏହି ଦଳ ସହିତ ମିଶିବାକୁ ଚାହିଁଲା ।

ଦିନ ଅନେକ ହୋଇଯାଇଥିଲା । ସିହ ଦଳଟି ବିଶ୍ରାମ ନେଉଥିଲେ । ଗୀରର ଅଳ୍ପ ଖୋଲା ଅଂଚଳ, କିଛି ଗଛ ଅଛି । ଏକ ଛୋଟ କୁଦ, କିଛି ପଥର ଏପଟ ସେପଟ ପଡିଛି । ବେଶି ଗରମ ହେଉ ନଥିଲା । ସିଂହୀ ଦଳକୁ ବିଶ୍ରାମ ନେଉଥିବାର ଦେଖର ଏହାକୁ ଏକ ଭଲ ମଉକା ଭାବିଲା । ଦଳର ସବୁ ସଦସ୍ୟ ଅଛନ୍ତି । ସେମାନେ ଖାଇ ବିଶ୍ରାମ ନେଉଛନ୍ତି । ସମସ୍ତେ ଆକ୍ରମଣମୁଖା ହେବେ ନାହିଁ । ତେଣୁ ଧୀର ଚାଲିରେ ଦଳ ପାଖକୁ ଆସୁଥିଲା । ଏବେ ଦଳର ଖୁବ୍ ପାଖରେ । ତା ମନରେ ବହୁତ ଡର ଥିଲା । ଦଳର ସିଂହ ଓ ଅନ୍ୟ ସିଂହୀମାନେ ତାକୁ ସାମୁହିକ ଆକ୍ରମଣ କରିପାରନ୍ତି । ଦଳରେ ଛୁଆମାନଙ୍କ ନିଦ ସାମାନ୍ୟ ଶବ୍ଦରେ ଭାଙ୍ଗିଯାଏ । ସେମନେ ସବୁବେଳେ ସଜାଗ ଥାଆନ୍ତି ।

ଗୋଟିଏ ଛୁଆ ଆଗେଇ ଆସୁଥିବା ସିଂହୀକୁ ଦେଖିଦେଲା । ଆଉ ନିଜ ସ୍ୱରରେ ଅ...ଅ... ହୋଇ କିଛି କହିବାକୁ ଲାଗିଲା । ବିପଦର ଧ୍ୱନୀ ।

ଏଇଟା କିଏ ?

ଆମ ଦଳ ଆଡକୁ ମାଡି ଆସୁଛି ।

ସମସ୍ତେ ସଜାଗ ହୋଇଗଲେ । ଏକ ଆଗେଇ ଆସୁଥିବା ସିଂହୀକୁ ଦେଖି ସମସ୍ତେ ତା ଆଡକୁ ଅନାଇଲେ । ନୂଆ ସିଂହୀଟି ଧିରେ ଧିରେ ଚାଲି ଚାଲି ଆସୁଥିଲା । ମୋଟେ ଛକୁ ନଥିଲା । ତାର ଚାଲି ଦୌଡ ମଧ୍ୟ ନଥିଲା । ଏମିତିଆ ଚାଲିରେ କିଛି ଔଦ୍ଧତ୍ୟ ବା ଆକ୍ରମଣର ନିଦର୍ଶନ ନଥିଲା । ଦଳପାଇଁ ସେମିତି ଡରିବାର କିଛି କାରଣ ନାହିଁ । କିନ୍ତୁ ମା ମାନ ମାନେନା । ଦଳର ସିଂହୀ ମାନେ ଠିଆ ହୋଇଗଲେ । ହୁଏତ ଏ ନୂଆ ସିଂହୀଟି ଦଳର ଛୁଆମାନଙ୍କୁ ମାରି ଦେଇପାରେ । ଅଜଣା ସିଂହ ସବୁବେଳେ ଯୁଦ୍ଧପାଇଁ ପ୍ରସ୍ତୁତ ଥାଏ

 Magazine Downloaded from www.aahwaan.com

। ସେମାନେ କିଛି ଦୟା ନଦେଖେଇ ଛୁଆ ମାନଙ୍କୁ ମାରି ଦେଇଥାନ୍ତି ।

ନୂଆ ସିଂହୀଟି ଧିର ପାଦରେ ଆଗେଇ ଆସୁଥିଲା । ସିଂହୀକୁ ସମସ୍ତେ ବୁଲି ଅନାଇଲେ ଆଉ ସବୁ ସିଂହୀମାନେ ଏକାଥରେ ତା ଆଡକୁ ଖେଦିଯାଇ ଆକ୍ରମଣ କରିବାକୁ ଆରମ୍ଭ କଲେ । ଆଶ୍ଚର୍ଯ୍ୟର କଥା ହେଉଛି ଦଳର ସିଂହମାନେ ଆକ୍ରମଣ କରୁ ନଥିଲେ । ଦଳରେ ପ୍ରଥମେ ସିଂହମାନେ ଆକ୍ରମଣ କରନ୍ତି । ସେମାନେ ନିଜର ସୀମାକ୍ଷେତ୍ର ଭିତରେ କେଉଁ ଆଗନ୍ତୁକକୁ ଆସିବାକୁ ଦିଅନ୍ତି ନାହିଁ । ଦଳର ସିଂହୀମାନେ ଏକୁଟିଆ ସିଂହୀ ଚାରିପଟେ ବୁଲିବାକୁ ଲାଗିଲେ । ତାକୁ ସବୁଆଡୁ କାମୁଡିବାକୁ ଚେଷ୍ଟାକଲେ । ସେ ନୂଆ ସିଂହୀଟି ମୋଟେ ଆକ୍ରମଣ କରୁ ନଥିଲା, ମୁଣ୍ଡ ତଳକୁ କରି ଆଉ ଟିକିଏ ନଇଁଯାଇ ନିଜର ଆନୁଗତ୍ୟ ଦେଖାଇବାକୁ ଚେଷ୍ଟା କରୁଥିଲା । ଦଳର ସିଂହୀମାନେ କିଛି ମାନୁ ନଥିଲେ, ତାକୁ କାମୁଡିବାକୁ ଚେଷ୍ଟା କରୁଥିଲେ । ବାଧ୍ୟହୋଇ ନୂଆ ସିଂହୀଟି ଟିକିଏ ଦୂରକୁ ଚାଲିଗଲା ଆଉ ଅଳ୍ପବାଟ ଚାଲିଯାଇ ପେଟେଇ ପଡିଲା ଆଉ ପୁଣିଥରେ ନିଜର ଆନୁଗତ୍ୟ ଦେଖାଇବାକୁ ଚେଷ୍ଟା କଲା ।

ମୁଁ ଦଳରେ ମିଶିବାକୁ ଚାହୁଁଛି । ନୂଆ ସିଂହୀଟି ଅଃ --ଅଃ-- ହୋଇ କହିବାକୁ ଲାଗିଲା ।

ନୂଆ ସିଂହୀଟି ପ୍ରତି ଆକ୍ରମଣ କରିବାକୁ ଏକଦମ ଚେଷ୍ଟାକରିନଥିଲା । ନିଜର ଦାନ୍ତ ଦେଖାଇ ଅନ୍ୟକୁ ଡରାଇବାର ଚେଷ୍ଟା କରି ନଥିଲା । କିନ୍ତୁ ପୁରୁଣା ସିଂହୀମାନେ ତାକୁ ପାଖରେ ପୂରାଇ ଦେବାକୁ ଚାହୁଁନଥିଲେ । ସେମାନେ ତାକୁ ଖୁବ କାମୁଡିଲେ । ଆଜି କିଛି ଲାଭ ନାହିଁ । ସେ ଦୌଡି ପଳାଇଲା ।

ଏମିତି ସେ କିଛିଦିନ ପାଇଁ ଚେଷ୍ଟା କରି ଚାଲିଲା । କିନ୍ତୁ ପ୍ରତିଥର ତାକୁ ଅନ୍ୟ ସିଂହୀମାନେ ଘଉଡାଇ ତଡି ଦେଉଥିଲେ । କିନ୍ତୁ ନୂଆ ସିଂହୀର ଆଉ କିଛି ଉପାୟ ନଥିଲା ।

 Magazine Downloaded from www.aahwaan.com

ଯେମିତି ହେଲେବି ତାକୁ ଏକ ଦଳ ଦେଖି ନୂଆ ଦଳ ସହିତ ତାକୁ ମିଶିଯିବାକୁ ପଡିବ । ପାଖରେ ଆଉ କେଉଁ ଦଳ ନଥିଲା । ଏମିତି ଦଳକୁ ଆସିବାର ଚେଷ୍ଟା ଅନେକ ଦିନ ଧରି ଚାଲିଲା । ଦିନେ ସେ ଦଳର ଏକଦମ୍ ପାଖେଇ ଆସୁଥାଏ । ଅନ୍ୟଦିନ ଭଳି ଅନ୍ୟ ସିଂହୀମାନେ ତାକୁ କାମୁଡ଼ିବାକୁ ଚେଷ୍ଟା କରୁଥାନ୍ତି । କିନ୍ତୁ ସେଦିନ ସେ ଦୌଡି ଚାଲିଯିବାକୁ ଏକଦମ ଚାହୁଁ ନଥିଲା । ଅନ୍ୟ ସିଂହୀମାନେ ତାକୁ ଜୋର୍ରେ ଗର୍ଜନ କରି କାମୁଡ଼ିବାକୁ ଚେଷ୍ଟା କରୁଥାନ୍ତି । ଦଳର ସିଂହଟି ଦୂରରେ ଥାଇ ନୂଆ ସିଂହୀକୁ ଦେଖୁଥିଲା କିନ୍ତୁ ଆକ୍ରମଣ କରୁନଥିଲା ।

ମୋତେ ଦଳରେ ମିଶିବାକୁ ଦିଅ- ନୂଆ ସିଂହୀଟି ଗଡିଯାଇ ବିକଳ ହୋଇ କହୁଥିଲା ।

ଦଳର ମୁଖିଆ ସିଂହୀ ନୂଆ ସିଂହୀକୁ ଅନେକ ସମୟ କାମୁଡିବାକୁ ଚେଷ୍ଟା କଲା । ଏଣେ ନୂଆ ସିଂହୀଟି ସଂପୂର୍ଣ୍ଣ ଭାବରେ ଆନୁଗତ୍ୟ ଦେଖାଉଥାଏ । ଟିକିଏ ହେଲେ କାମୁଡ଼ିବାକୁ ଚେଷ୍ଟା କରୁନଥାଏ । ଯେତେବେଳେ ବଡ ସିଂହୀଟି କାମୁଡିବାକୁ ଆରମ୍ଭ କରୁଥାଏ ସେ ତଳେ ଗଡିଯାଇ ନିଜକୁ ହାରିଯାଉଥିବା ସିଂହୀଟି ପରି ଦେଖାଇ ହେଉଥାଏ । ଏମିତି ଅନେକ ସମୟ ପରେ ଦଳର ମୁଖ୍ୟ ସିଂହୀ ଆଉ ତାକୁ କାମୁଡିଲା ନାହିଁ । ଆଉ ଦଳର ଅନ୍ୟମାନେ ଧୀରେ ଧୀରେ ତାକୁ ଗ୍ରହଣ କରିନେଲେ । ତେଣୁ ବର୍ତ୍ତମାନ ସିଂହୀଟିଏ ଦଳର ସଦସ୍ୟ । ଛୁଆମାନଙ୍କର ସେ ମଧ୍ୟ ଖିଆଲ ରଖିବ, ଯତ୍ନ କରିବ ।

ଦଳରେ ବର୍ତ୍ତମାନ ୧୨ ଜଣ ସଦସ୍ୟ । ୫ ଜଣ ପୂର୍ଣ୍ଣ ବୟସ୍କ ଶକ୍ତିଶାଳୀ ସିଂହୀ ଅନେକ ଛୁଆ । ସିଂହୀମାନେ ନିଜ ମୁଣ୍ଡକୁ ମୁଣ୍ଡ ଘଷାଘଷି ହେଲେ । ନୂଆ ସଦସ୍ୟ ତାଙ୍କ ସହିତ ମିଶି ଗଲା । ଏବେ ସିଂହମାନେ ଏ ସିଂହୀକୁ ତଡିବାରେ କିଛି ଇଙ୍ଗିତ କରୁ ନଥିଲେ । ଦଳରେ ସିଂହୀ ମିଶିଲେ ଦଳର ସଂଖ୍ୟା ବଢିବ । ଏକ ସମ୍ରାଟ ଏଇ ହିଁ ତ ଚାହେଁ ।

 Magazine Downloaded from www.aahwaan.com

ଜୟ ବିଜୟ ଦୁହେଁ ନୂଆ ସିଂହୀକୁ ଦେଖିଲେ । ସେମାନେ ତା ପାଖକୁ ଆସି ତାକୁ ଟିକେ ଶୁଂଘିଲେ । ଅନ୍ୟ ସିଂହୀମାନେ ନୂଆ ସିଂହୀର ଗନ୍ଧସହ ପରିଚିତ ହେଉଥିଲେ । ପଶୁ ସମାଜରେ ଗନ୍ଧ ନିଜର ଏକ ପରିଚୟ ଦେଇଥାଏ ।

ସିଂହୀଟି ସମସ୍ତଙ୍କ ପାଖକୁ ଗଲା । କେହି ଠିଆ ହୋଇତାକୁ ତଡିବାକୁ ଚେଷ୍ଟା କଲେ ନାହିଁ । ସେ ବଡ ସିଂହ ପାଖକୁ ବହୁତ ଧିରେ ଯାଉଥିଲା । ବଡ ସିଂହ ପାଖରେ ଏକଦମ ଆଣ୍ଠେଇ ପଡିଲା । ନିଜର ବିନମ୍ର ଆନୁଗତ୍ୟ ପ୍ରକାଶ କରୁଥିଲା । ସିଂହ ନୂଆ ସିଂହୀକୁ ଟିକେ ଦେଖିଲା । ଏହାଠାରୁ ଦଳପାଇଁ କିଛି ବିପଦ ନାହିଁ । ତାର ଆଖି ଜଳୁ ନଥିଲା । ସେ ଧିରେ ଆଖି ବୁଜିଦେଲା ।

ଦୁଇ ଭାଇ ନୂଆ ଅଦଳରେ ମିଶି ଯିବାର ଦେଖିଲେ । ସେମାନଙ୍କୁ ଏବେ ସବୁ ସ୍ୱାଭାବିକ ଲାଗୁଥିଲା । ଦଳ ଆଗଭଳି ବିଶ୍ରାମ ନେଉଥିଲା । ନୂଆ ସିଂହୀ ଏକ ବଡ ସିଂହୀପାଖରେ ଶୋଇପଡିଲା । ସେ ଏବେ ଯାଗା ପାଇଯାଇଥିଲା ।

ହ୍ୱାଟସ୍ଆପ୍ ଦ୍ୱାରା ଲେଖା ପଠାନ୍ତୁ ନାହିଁ । କେବଳ ଇମେଲ୍ ଦ୍ୱାରା ହିଁ ଲେଖା ପ୍ରକାଶନ ଯୋଗ୍ୟ ବୋଲି ଧରାଯିବ । ଆପଣ ଦେଇଥିବା ଲେଖା ଆମ ନିକଟରେ ପହଞ୍ଚିଛି କି ନାହିଁ ଜାଣିବା ପାଇଁ ଆପଣ ଆହ୍ୱାନ ଇ-ପତ୍ରିକାର ନୂତନ ଆଣ୍ଡ୍ରଏଡ୍ ଆପରେ ସଂଗୃହୀତ ଲେଖା ତାଲିକା ଦେଖି ପାରିବେ ।

 Magazine Downloaded from www.aahwaan.com

# ଅବିନାଶି



ବିନୟ ମହାପାତ୍ର

ବେଳେ ବେଳେ ମନ ଯେମିତି ଆଦ୍ୟ ଯୌବନର ପ୍ରେମକରିବା ବୟସରେ ପହଞ୍ଚିଯାଏ । ହାତଠାରି ଡାକେ, କହେ, ଆରେ ଚାଲ ମୋ ସାଥିରେ, ନଇକୂଳକୁ ଯିବା ! ସେଇଠି ଦି'ଘଡି ପାଣିପାଖରେ ନିରୋଳାରେ ଦେହକୁ ଦେହ ଲଗେଇ ବସିବା, ତୁ କିଛି କହିବୁ, ମୁଁ କିଛି କହିବି ଦୁହେଁ ମିଶି ଢେରସାରା ଗପିବା । ମନର କଥାମାନି ତା ସାଙ୍ଗରେ ନଇକୂଳକୁ ଗଲି । ସେଇଠି ପାଣିପାଖରୁ ଟିକିଏ ଦୂରରେ ସେଇ ବାଲି ଉପରେ ବସିଲୁ, ସଂଜ ହୋଇ ଆସୁଥିଲା, ପକ୍ଷୀମାନେ ନାଲିଆ ଆକାଶରେ ତାଙ୍କର ଡେଣାଝାଡି ଉଡିଯାଉଥିଲେ । ଘରେ ପହଞ୍ଚିବାର ବ୍ୟଗ୍ରତା ତାଙ୍କ ଗତିରୁ ସ୍ପଷ୍ଟ ବାରିହୋଇ ଯାଉଥିଲା । ସଂଧ୍ୟାର ବୁଡିଲା ସୂର୍ଯ୍ୟକୁ ଅଙ୍ଗୁଠି ଦେଖେଇ ମନ କହିଲା, ଦେଖୁଛୁ କି ସୁନ୍ଦର, କମନୀୟ ଦିଶୁଛି ଏଇ ଅସ୍ତଗାମୀ ସୂର୍ଯ୍ୟ, ଲାଲ ଟହଟହ କମଳାଟିଏ ଯେମିତି । କିନ୍ତୁ ଅବଶୋଷ ବେଶି ସମୟ ରହିପାରିବନି ଏଇ ସୂର୍ଯ୍ୟ, ଆଉ ଅଳ୍ପ ସମୟ ପରେ ସେଇ ଦୂରଦିଗବଳୟରେ ଚୁପଚାପ୍ ଅସ୍ତହୋଇଯିବ । ହେଲେ ମନ, ବଡଭାଇପରି ଆଖି ବଡବଡ କରି ମୋତେ ସାବଧାନକରି କହିଲା, ଆରେ ଏଇ ବୁଡିଲା ସୂର୍ଯ୍ୟକୁ ଦେଖି ଇମୋସନାଲ ହୋଇଯାଉନୁ ତ ! ମନେରଖ, କେବେବି ଏମିତି ଭାବିବୁନିଯେ ତୋ ଜୀବନର ସୂର୍ଯ୍ୟବି ସେଇ ଅସ୍ତସୂର୍ଯ୍ୟର ପଛରେ ଆଉ ତୋ ଜୀବନର ଶେଷପାହାଚ ଉପରେ ଠିଆ ହୋଇଛି, ଆଉ ସୂର୍ଯ୍ୟର ପଛେ ପଛେ ସିଏବି ଅସ୍ତ ହୋଇଯିବ !

ମନକୁ କହିଲି, ଠିକ୍ କହୁଛୁ, ହେଲେ ସେକଥା ଭାବିବିନି ତ ଏ ବୟସରେ ଆଉ କଣ

 Magazine Downloaded from www.aahwaan.com

ଭାବିବି କହିଲୁ ? ସୁଖିଲା ପତ୍ରପରି ଏଇ ଜୀବନ, ଖାଲି ଡେମ୍ଫରେ ଯାହା ଲଟକିରହିଛି । ଥିରିଥିରି ପବନରେ ବଡ ସାବଧାନରେ ଦୋହଲୁଛି । ପବନ ଯଦି ଟିକିଏ ଜୋରରେ ବୋହିବ, କୋଉ ମୁହୁର୍ତ୍ତରେ ଟପ୍ କରି ଝଡିପଡିବ କିଏ ଜାଣିଛି ? ମଣିଷ ଜୀବନର ଭରଷା କଣ, ଏଇନେ ଅଛି ଏଇନେ ନାହିଁ । କହନ୍ତି ପାଣି ଫୋଟକା ପରି ଜୀବନ, ବୟସ ତ ସରିଆସିଲାଣି । ଯେତେ ଯାଏ ନିଶ୍ୱାସ ଚିଲିଛି ଚାଲିଛି, କୋଉ ମୁହୁର୍ତ୍ତରେ ବନ୍ଦ ହୋଇଯିବ କେହି କହିପାରିବନି ।

ମନ ଆଖି ଦେଖେଇଲା, ବିରକ୍ତ ହୋଇ କହିଲା, କି ଅଜବ ମଣିଷଟାଏରେ ତୁ । ସବୁବେଳେ ନିରାଶ ହୋଇଯାଉଛୁ । ବୟସଟା କଣ ? କେବଳ ଗୋଟିଏ ସଂଖ୍ୟାତ ! ସମୟ ସାଥିରେ ବଢି ବଢିଯିବ ଏଥିରେ ନୁଆକଥା କଣ ? ଜୀବନଟା ତ ଗୋଟାଏ ଗଣିତ । କିନ୍ତୁ ସବୁ ଜିନିଷର 'ନେଗେଟିଭ ପଏଣ୍ଟ' ଉପରେ ଯୋରଦେବା କଣ ନିହାତି ଜରୁରୀ ? ସବୁ କଥାର ଗୋଟିଏ 'ପଜିଟିଭ ପଏଣ୍ଟ' ବିତୁଥାଏ ! ସେଇ କଥାଟା କଣ ମନେ ପଡେନା, ନା ଭାବିବାକୁ ମନ ହୁଏନା ?

ପଚାରିଲି, ଏମିତି କ'ଣ ପଜିଟିଭିଟି ଅଛି ଏଇ ଅସ୍ତ ସୂର୍ଯ୍ୟରେ ? ଦିନ ସରିଲା, ସୂର୍ଯ୍ୟ ଏବେ ଅସ୍ତ ହୋଇଯିବ, ସାରା ଦୁନିଆ ଅନ୍ଧାର ଭିତରେ ହଜିଯିବ । ୟା ଛଡା ଆଉ ଅଧିକ କଣ ହେବ ଯେ ? ଅସ୍ତସୂର୍ଯ୍ୟରେ ଏମିତି କଣ ଅଛି ଯେ ତା ଭିତର ପଜିଟିଭିଟି ଖୋଜିବି ? ସୂର୍ଯ୍ୟ ଅସ୍ତହେବା ଦିନର ସମାପ୍ତିର ଖବର ଦେଇଯାଏ । ସୂର୍ଯ୍ୟର ଗୋଟିଏ ଦିନର, ତାର ଆଜିର ଜୀବନ ସମାପ୍ତ ହୋଇଗଲା । ଶେଷ ହେବାଟା କିଛି ଭଲକଥା ନୁହେଁନା ।

ମନ ଟିକିଏ ହସିଲା, କହିଲା ବସ ଏଇଠି ମୋ ପାଖରେ । ଦେଖ, ସୂର୍ଯ୍ୟର ମୁହଁରେ ବୟସର କ୍ଳାନ୍ତି ଦିଶୁଚି ତୋତେ ? ନାହିଁ ନା' ! ସକାଳେ ଯେତେବେଳେ ସୂର୍ଯ୍ୟ ଉଇଁଥିଲା, ଠିକ

 Magazine Downloaded from www.aahwaan.com

ଏମିତି ଦିଶୁଥିଲା ତାର ହସହସ ମୁହଁଟା ! ଏବେବି ସେମିତି ଦିଶୁଚି, କଅଁଳିଆ ଛୁଆଟିଏ ପରି ଲାଲ ଟୁକ୍ ଟୁକ୍ । ଏଇଆକୁ ଦେଇ, ଖାଇବା ଲୋଭରେ ହନୁମାନଜୀ ଅନ୍ତରୀକ୍ଷରେ ପହଞ୍ଚି ଯାଇଥିଲେ ପରା । "ଯୁଗ ସହସ୍ର ଜୋଜନ ପର ଭାନୁ, ଲିଲ୍ୟୋ ତାହି ମଧୂରଫଲ ଜାନୁ" ଭୂଲିଗଲୁନା ହନୁମାନ ଚାଳିଶା ! ଆରେ ସେଇ ସକାଳ ସୂର୍ଯ୍ୟର ଆଭା, ସଂଧ୍ୟାର ଏଇ ଅସ୍ତ ସୂର୍ଯ୍ୟରେ ବି ଠିକ୍ ସେମିତି ଦିଶୁଛି । ସୂର୍ଯ୍ୟ ହସିହସି କହୁଛି ଆରେ ଦେଖ, ମୁଁ ପୁଣି ପିଲାଟିଏ ହୋଇଗଲି । ଏବେ ଯାଉଛି ମାଆ ପାଖକୁ, ସେଇଠି ଟିକିଏ ରେଷ୍ଟ ନେବି, କାଲି ସକାଳେ ପୁଣି ନୁଆହୋଇ ଆସିବି । ସଧ୍ୟା ସୂର୍ଯ୍ୟର ସନ୍ଦେଶ ଏଇଟା, ଯିବାବେଳରେ ଅଶ୍ରୁଳ ଆଖିର 'ଗୁଡବାୟ୍' ପରି ନୁହେଁ, ବରଂ 'ଫିର ମିଲେଙ୍ଗେ' ପରି ପ୍ରତିଶୃତିଟିଏ ! ସୂର୍ଯ୍ୟ ପୁଣି ଆସିବ କାଲି ସକାଳେ । ଠିକ୍ ଏମିତିଆ ଲାଲ୍ ଟୁକ୍ ଟୁକ୍ ହସିଲା ମୁହଁ ଦେଖେଇ । ଅନ୍ତ କେବଳ ଅନ୍ତ ନୁହେଁ, ଅନ୍ତ ଆରମ୍ଭର ସୂଚନା ମଧ୍ୟ ଦେଇଯାଏ । ଦୁନିଆ ନା ଆଗକୁ ଯାଉଛି ନା ପଛକୁ । ଦୁନିଆ ଗୋଟିଏ ବୃତ୍ତର ପରିଧୀରେ ଘୁରୁଛି । ଯେଉଁଠାରୁ ଆରମ୍ଭ ସେଇଠି ଶେଷ, ପୁଣି ସେଇ ଶେଷରୁ ଆଉଥରେ ଆରମ୍ଭ । ନିରନ୍ତର ଏଇ ଯିବା ଆସିବା ଚାଲିଛି ଆଉ ଚାଲିବ । ଶେଷକୁ ଶେଷ କାହିଁକି ଭାବୁଛୁ, ଶେଷଟାକୁ ଆରମ୍ଭ ହେବାର ସୂଚନା ବୋଲି ମାନିନେବାରେ କ୍ଷତି କଣ ?

ଏଇଠି କିଛି ସରେନା ଏଇ ଦୁନିଆରେ, 'ନଥିଙ୍ଗ ଏଣ୍ଡସ୍ ହିଅର' । ଫିଜିକ୍ସ ପଢିଛୁ ନା' ? କୌଣସି ବସ୍ତୁ ନଷ୍ଟ ହୁଏନା, ଅନନ୍ତ ବିଶ୍ୱରେ କାହାର ବି ଅନ୍ତ ନାହିଁ, ସବୁ ଅନନ୍ତ । ବସ୍ତୁର କେବଳ ଆକାର ବଦଳେ, ରୂପ ବଦଳେ, ଗୁଣ ବଦଳେ । କିନ୍ତୁ ସିଏ ଏଇଠି ଥାଏ, ଏଇଠି ରହେ । ଯେମିତି ପାଣି, ପାଣି ବରଫ ହୁଏ, ବାମ୍ଫ ବି ହୁଏ, ସେଇଟା ପାଣିର ପରିବର୍ତ୍ତିତ ରୂପ, ହେଲେ ସେଇଟାବି ତ ପାଣିର ଅନ୍ୟରୂପ ! ଯେମିତି ଗୀତାରେ ଭଗବାନ ଶ୍ରୀକୃଷ୍ଣ କହିଛନ୍ତି ।

 Magazine Downloaded from www.aahwaan.com

ଆତ୍ମା ଅବିନାଶୀ । କାଠ ଜଳିଲେ, ଅଙ୍ଗାର ହୋଇଯାଏ, ପାଉଁଶ ହୋଇଯାଏ । କାଠର ନାଆଁ ବଦଳେ, ରୂପ ରଙ୍ଗ ଗୁଣ ସବୁ ବଦଳେ ହେଲେ ଏ ସବୁତ ସେଇ କାଠର ପରିବର୍ତ୍ତିତ ରୂପ ନା' !

ତୋର ଅନ୍ତ କିପରି ହୋଇଯିବ ? ତୋର ବୟସ ବଦଳି ଗଲା, ରୂପରଙ୍ଗ ବଦଳି ଗଲା ତା'ମାନେ ନୁହେଁ ଯେ ତୁ ବଦଳିଗଲୁ । ତୋର ବିଚାର, ତୋର ଜୀବନ, ତୋର ଭାବନା ସବୁ କଣ ବଦଳିଯିବ ବୟସ ସାଥିରେ ? ଏତେ ନିରାଶବାଦୀ କାହିଁକି । କେଉଁଠି ଥିଲା ତୋର ଯୌବନ ? ତୋ ଦେହରେ ? ତୋ ରକ୍ତର ଉଷ୍ମତାରେ ? ତୋ ଉଦଣ୍ଡ ଚାଲିରେ ? ତୋ କଥାରେ ତୋ ଗୀତରେ କୋଉଠି ଥିଲା ସେ ଯୌବନ ? ମନ ପୁଣି ବୁଝାଏ, ତୋ ଯୌବନ ତୋ ମନରେ ଥିଲା, ତୋ ହୃଦୟରେ, ତୋ ଭାବରେ, ତୋ ଭାବନରେ ଥିଲା । ସେ ଯୌବନ, ଏବେବି ସେଇଠି ସେମିତି ଅଛି । ଥରେ ଆଖିଖୋଲି ଦେଖ୍, ସେ ସବୁ ଆଗପରି ସେଇ ଜାଗାରେ ସେମିତି ମିଳିବ । କିନ୍ତୁ ତୁ ଯେ ତା'ଉପରେ ତୋ ନିରାଶବାଦର ଚାଦର ଢାଙ୍କିଦେଇଛୁ, ଭୁଲିଯାଇଛୁ ତୋର ଯୌବନକୁ, ତୋର ବୟସ ସାଥିରେ ତୋର ଭାବ, ଭାବନାକୁ ବୁଢା କରିଦେଉଛୁ । ଫଳ ପାଚିଲେ ତାର ସ୍ୱାଦ ବଢିଯାଏ, ଚିନିପାଣିକୁ ଗାଢକଲେ ସିରା ହୋଇଯାଏ । ଶରୀର ସହିତ ତୋର ଭାବ ଆଉ ଭାବନା ମଧ୍ୟ ପରିପକ୍ୱ ହୋଇଉଠିଛି । ତୋର ଜ୍ଞାନ ସହିତ ତୋର ଅଭିଜ୍ଞତା ମିଶି ତୋତେ ଆହୁରି ଶକ୍ତିଶାଳୀ କରିପାରିଛି । ଯୌବନ ଉପରୁ ତୋର ସେ ନିରାଶର ଚାଦରକୁ ହଟେଇକି ଦେଖ୍, ପୁଣି ତୋର ସେଇ ସୁପ୍ତ ଯୌବନ ଜାଗିଯିବ । ଯୌବନଟା କିଛି ଅବସ୍ଥା ନୁହେଁ, କିଛି ବୟସ ନୁହେଁ । ଯୌବନଟା ଏକ ମାନସିକ ସ୍ଥିତି, ଗୋଟିଏ ମାନସିକ ଅବସ୍ଥା । ମନରେ ଯେ ପର୍ଯ୍ୟନ୍ତ ଯୌବନ ଜାଗ୍ରତ ଅଛି, ମଣିଷ ସେ ପର୍ଯ୍ୟନ୍ତ ଯୁବକ ଅଛି । କହିଲୁ ଦେଖି, ଘର ପୋଡିଗଲା

 Magazine Downloaded from www.aahwaan.com

ବେଳେ ଜଣେ ଦୁର୍ବଳ ମଣିଷ ବି ଅନେକ ବଳଶାଳୀ ଲୋକର କାମ କରିଯାଏ, ପରେ ଭାବେ, ଏତେ ବଡ କାମଟାଏ ସେ କଲା କେମିତି ? ତା'ର ମାନେ କଣ ଜାଣୁ ? ? ତା'ର ମାନେ, ମଣିଷର ଶକ୍ତି ତା ଦେହରେ ନଥାଏ । ଶକ୍ତି ଥାଏ ତା ମନରେ । ସେମିତି ଏଇ ଯୌବନଟା ।

ସବୁ ମଣିଷ ବୁଢା ହୋଇଗଲେ କଣ ତୋରି ପରି ଏମିତି ନିରାଶବାଦୀ ହୋଇଯାଆନ୍ତି ? ଜୀବନଟା ଏମିତି ଏକ ଜିନିଷ ତାକୁ କେବେବବି ଆରମ୍ଭ କରାଯାଇ ପାରେ କିନ୍ତୁ ତୁ ତ ମରିଯିବୁ ବୋଲି ଏବେଠାରୁ ଗୋଡଟେକି ଯିବାକୁ ବାହାରିଲୁଣି, ଧେତ୍ ବୁଢା କେଉଁଠିକାର ! ଆରେ ବୟସ ହେଲେ ସମସ୍ତେ ମରିବେ, କହନ୍ତି ମରିବାର କିଛି ଗୋଟାଏ ନିର୍ଦ୍ଦିଷ୍ଟ ବୟସ ନଥାଏ । ମୃତ୍ୟୁ ସତ୍ୟ, ସେ କେବବି ଆସିପାରେ, ତା ବୋଲି ମଲା ଆଗରୁ ହେଂସ ଘୋଡେଇହୋଇ କେହି ପଡିରହିବ ନା କଣ ? ? ବାର୍ଦ୍ଧକ୍ୟଟା ଜୀବନର ଅଭିଶାପ ନୁହେଁ । ବାର୍ଦ୍ଧକ୍ୟକୁ ଜୀବନର ଆଶିର୍ବାଦ ରୂପେ ଦେଖ୍ । ଜାଣିଛୁ, ସମସ୍ତେ ତୋପରି ଭାଗ୍ୟବାନ ନୁହଁନ୍ତି । ଅନେକ ଅଧା ଜୀବନରେ ବି ଚାଲିଯାଆନ୍ତି । ମୃତ୍ୟୁ ସତ୍ୟ, ସମସ୍ତଙ୍କ ଜୀବନରେ ଆସିବ, ନିଶ୍ଚୟ ଆସିବ । କିନ୍ତୁ କେବେ ଆସିବ କେହି ଜାଣେନା । କିନ୍ତୁ ଏହାର ଅର୍ଥ ନୁହେଁ ଯେ, ମୃତ୍ୟୁକୁ ଅପେକ୍ଷା କରି ବସିରହିବ । 'ଫରଗେଟ ଏବାଉଟ ଏଜ୍' । ଭୂଲିଯାଆ ନିଜର ବୟସ, ବୟସଟା ମନେ ରଖିବା କଣ ନିହାତି ଜରୁରୀ । କୋଉ ଝିଅକୁ ଯାଇ ପଚାରେ, ଦେବୀଜୀ ଆପକା ଉମର କ୍ୟା ହୈ । ଜାଣିଛୁ ସେ କଣ କହିବ ? ଆରେ କହିବ କଣ, ସେ କରିକି ଦେଖେଇ ଦେବ, ମାରିବ ବ୍ରହ୍ମ ଚାପୁଡାଟାଏ । କହିବ ଇଡିଅଟ୍, ଏତିକି କର୍ଟସି ନାହିଁ । ଝିଅମାନଙ୍କର ବୟସ ପଚାରନ୍ତି ନାହିଁ ବୋଲି ଜାଣିନ । ଆରେ ଝିଅ କଥା ଛାଡ କୋଉ ମରଦକୁ ଯାଇ ପଚାର, ସେବି ଲୁଚେଇବ ତାର ଅସଲି ବୟସ, ଚାରି ଛଅ ବର୍ଷ କମ୍ କରିକି କହିବ । କହନ୍ତି 'ଏଜ ଇଜ୍ ଜଷ୍ଟ ଏ ଫିଗର' ବୟସଟା ଏକ ସଂଖ୍ୟା କେବଳ ।

 Magazine Downloaded from www.aahwaan.com

ମନକୁ କହିଲି, କହିବାଟା ଯେତେ ସହଜ, ବୁଝିଯିବାଟା କଣ ସେତେ ସହଜ ? କେମିତି ଭୁଲିଯିବି, ଚାରିମାସ ଆଗରୁ ପିଲାମାନେ ମୋ ୬୦ତମ ଜନ୍ମଦିନ ମନେଇଥିଲେ । ବଡ କେକ୍‌ଟିଏ ଆଣିଥିଲେ । ତା ଉପରେ ଲେଖା ହୋଇଥିଲା ହାପି ସିକଷ୍ଟିଥ ବାର୍ଥଡେ । ଆରେ ୬୦ବର୍ଷର ଜନ୍ମଦିନ କୋଉ ହାପି ବାର୍ଥଡେ ଥାଏ ଭଲା ! ସେଇ ଦିନଠାରୁ ୬୧ବର୍ଷ କାଉଣ୍ଟଡାଉନ୍ ରେ ଚାଲିଛି ।

ମନ ଟିକେ ହସିଲା । କହିଲା, ଦେଖ୍, ଦୁନିଆରେ ଏତେ ଅଦଳ ବଦଳ ଓଲଟ ପାଲଟ ହେଉଛି । ତୁ ସାମାନ୍ୟ ଗୋଟିଏ ସଂଖ୍ୟାକୁ ଓଲଟେଇ ପାରୁନୁ ? କହନ୍ତି ନା ବୟସଟା ଗୋଟିଏ ସଂଖ୍ୟା ମାତ୍ର । ୬୧କୁ ଓଲଟେଇଲେ କେତେ ହେଲା ? ୧୬ ନା ଁ ? ମୁଁ ବି ତ ଏବେ ସେଇ ବୟସରେ ଅଛି ! ତୁ ବି ମୋ ବୟସର ହୋଇଯାଆ । ମୋର ସାଙ୍ଗ ହେଇଯାଆ । ବୁଢା ଦେହ ଘୋଡା ହୋଇ ପାରିବନି, ତାହାହେଲେ କଣ ହେଲା ? ମନବିତ ଘୋଡାଟିଏ, ଚୋଖା ଆରବୀ ଘୋଡା ପରି । ମନକୁ ଦଉଡା ଜୀବନର ରେସରେ । କଳ୍ପନାର ଘୋଡାରେ ଚଢି କୁଆରୀ କନିଆଁ ରାଜାପୁଅ, ମନ୍ତ୍ରୀପୁଅର ସପନ ଦେଖେ ନା । ଗରୀବ ବିଚରା ଭଙ୍ଗା ଚାଲିଆରେ ଶୋଇ ଶୋଇ କଳ୍ପନାର ଘୋଡାରେ ଚଢି ରାଜ ଉଆସର ସପନ ଦେଖେନା ? ଏଇ କଳ୍ପନାର ଘୋଡାରେ ଚଢି କେତେ କିଏ କଣ କଣ ସପନ ବୁଣି ଯାଆନ୍ତି । ତୁ ତୋ କଳ୍ପନାର ଘୋଡାକୁ କାହିଁକି ବାନ୍ଧି ରଖିଛୁ ? ଦଉଡା ତାକୁ, ଦଉଡେଇ ପାରିବୁନି ? ଦି' ଘଡି ଆନନ୍ଦ ହେବାକୁ, ମନଖୋଲି ଟିକିଏ ହସିବାକୁ, କିଏ ମନା କରିଛି ତୋତେ ।

ମନକୁ କହିଲି, ତୁ କଣ ସମାଜକୁ ଜାଣିନୁ ? ସମାଜର କିଛି ନିୟମ କାନୁନ୍ ବି ଅଛି । ଶାସ୍ତ୍ରରେ ଲେଖା ଅଛି ଚାରି ଆଶ୍ରମ କଥା । ବ୍ରହ୍ମଚର୍ଯ୍ୟ, ଗାର୍ହସ୍ଥ୍ୟ, ବାନପ୍ରସ୍ଥ ଆଉ ସନ୍ୟାସ । ଏଇ ବୟସଟା ସନ୍ୟାସର ବୟସ । ଘୋଡା ଦଉଡେଇବାର ବୟସ ନୁହେଁ । ତୋ କଥାରେ

 Magazine Downloaded from www.aahwaan.com

ପଡିଲେ ଖାଲି ଲୋକହସା ହେବାହିଁ ସାର ହେବ । ଲୋକେ କଣ କହିବେ ? ସମାଜ କଣ କହିବ ? କହିବେ ଏଇ ବୟସରେ ରାମନାମ ନଜପି ବୁଢା ସପନ ଦେଖୁଛି । ସପନ ଦେଖିବାର ବୟସ କଣ ଆଉ ବାକିଅଛି ମୋର ? ସବୁ କାମ ପାଇଁ ଗୋଟେ ସମୟ ଥାଏ, ବୟସ ବି ଥାଏ ।

ମନ ହସିଲା ଖୁବ୍ ଯୋରରେ, ସତେ ଯେପରି ପାଗଳ ହୋଇଯାଇଛି । ମୋତେ କହିଲା, ପାଗଳ କୋଉଠିକାର । ସବୁ କାମ ପାଇଁ ବୟସ ଥାଏ ! ସଃ, କିଏ ସ୍ଥିର କରିଛି ଏ ବୟସସୀମା ? ସମାଜ ? ସମାଜ କଣ ନିଜେ ସ୍ଥିର ? ? ନା ରେ ନା' ସମାଜ ନିଜେ ବି ସ୍ଥିର ନୁହେଁ । ସମୟ ଯେମିତି ବଦଳେ, ଲୋକ ବି ବଦଳନ୍ତି, ସମାଜବି ବଦଳେ, ସମାଜର ନିୟମବି ବଦଳେ । କୋଡିଏ ବର୍ଷ ତଳର ସାମାଜିକ ନିୟମ ଅଛି ଆଜି ? ବାହାଘର ବୟସ କଥା ଭାବ, ପ୍ରଥମେ ବାଲ୍ୟ ବିବାହ ହେଉଥିଲା, ତାପରେ ନିଶ ଉଠିଗଲେ ବାହା ବୟସ ହୋଇଗଲା ବୋଲି କୁହାଯାଉଥିଲା, ଏବେ ମୁଣ୍ଡବାଳ ଗୋଟେ ଗୋଟେ ଧଳା ହେବା ଆରମ୍ଭ ହୋଇଗଲା ପରେ ଯାଇ ପୁଅଝିଅ ବାହା ହେଉଛନ୍ତି । ଏଇ ସମାଜରେ, ଶାସ୍ତ୍ରରେ ଶ୍ରବଣ କୁମାର ବିଷୟରେ କେତେ କଥା ଲେଖା ହୋଇଛି, ମାଆ ବାପାଙ୍କର କେତେ ସେବା କରୁଥିଲା ସେ । ବୁଢା ବାପା ମାଆଙ୍କୁ କାନ୍ଧରେ ଉଠାଇ ତୀର୍ଥଯାତ୍ରା କରାଇଥିଲା ସିଏ । ହେଲେ ଆଜି କାଲିକା ପିଲାଏ ମାଆ ବାପାଙ୍କୁ ଅନାଥ ଛାଡି ଦେଉଛନ୍ତି । ସେତେବେଳେ କୁଆଡେ ଯାଏ ସମାଜ ? ଯଉତୁକ ପାଇଁ ନୁଆବୋହୂକୁ ଜଳାଇ ଦିଆଯାଏ, ସେତେବେଳେ କୁଆଡେ ଯାଏ ସମାଜ ? ସମାଜ ଏକ ସୁବିଧାବାଦୀ ବ୍ୟବସ୍ଥା । ସୁବିଧା ଅନୁସାରେ ନିୟମ ତିଆରିହୁଏ, ସୁବିଧା ଅନୁସାରେ ନିୟମ ବଦଳେ ।

ମୁଁ ତୋତେ ସମାଜ ବିରୁଦ୍ଧରେ ଯିବାକୁ କହୁନି, ସାମାଜିକ ବ୍ୟବସ୍ଥାକୁ ନମାନିବାକୁ

 Magazine Downloaded from www.aahwaan.com

କହୁନି । କିନ୍ତୁ ମୁଁ ତୋ ନିଜ ଜୀବନ ପାଇଁ କହୁଛି । ନିଜେ ବଞ୍ଚି ରହିଲେ, ତାପରେ ଆସିବ ସମାଜର ଚିନ୍ତା । ସମାଜ ମଣିଷଙ୍କୁ ନେଇ ଗଢା । ସମାଜକୁ ନେଇ ମଣିଷ ଗଢା ହୁଏନି । ମଣିଷ ନଥିଲେ ସମାଜ କେଉଁଠୁ ଆସିବ ? କିନ୍ତୁ ତୋ ନିଜ ଖୁସି କଥା ସମାଜ କିପରି ଡିସାଇଡ୍ କରିବ ? ତୁ କଣ ଖାଇବୁ, କଣ ପିନ୍ଧିବୁ କେମିତି ଜିଇଁବୁ ସେକଥା କେବଳ ତୁ ହିଁ ସ୍ଥିର କରିପାରିବୁ । ଅନ୍ୟର କ୍ଷତି ନକରି, ଅନ୍ୟକୁ କଷ୍ଟ ନଦେଇ ତୁ ଯଦି ତୋ ନିଜର ଖୁସି ପାଇଁ କିଛି କରୁ, ସେଥିରେ ସମାଜ କାହିଁକି ଆପତ୍ତି କରିବ ? ? ଆଉ ରହିଲା ପ୍ରଭୁଙ୍କ ନାମ ନେବା, ଭଗବାନଙ୍କ ନାମନେବା ଖୁବ୍ ଭଲ କଥା । ପ୍ରଭୁଙ୍କୁ ସ୍ମରଣ କର, ପୁଜାପାଠ କର ଶାସ୍ତ୍ର ଅଧ୍ୟୟନ କର । କିନ୍ତୁ ତା ଅର୍ଥ ନୁହେଁ ସେଥିପାଇଁ ଆଉ ସବୁକିଛି କରିବା ମନା । ଦିନରାତି ମିଶି ଚବିଶ ଘଣ୍ଟା, ତାଆରି ଭିତରେ ନିଜ ସମୟକୁ ଖାଇବା ପିଇବା ଶୋଇବା ଠାକୁରପୂଜା ନାତି ନାତୁଣୀଙ୍କ ସହ ଖେଳିବା ସାଙ୍ଗ ସାଥୀ ବନ୍ଧୁ ପ୍ରିୟଜନ ସମସ୍ତଙ୍କ ପାଇଁ ସମୟ ବାହାର କର । ଜୀବନଟା କିଛି ସ୍କୁଲର ରୁଟିନ୍ ନୁହେଁ । ଚାରି ପିରିୟଡର ବୟସ । ଚତୁର୍ଥ ପିରିୟଡଟା କେବଳ ଗଣିତ ପାଇଁ ଉଦ୍ଦିଷ୍ଟ, ସେଇଠି ଆଉ କିଛି ପଢାଯାଇ ପାରିବିନି । ଏଇ ବୟସଟା କଣ ସେମିତି କେବଳ ସନ୍ୟାସ ପାଇଁ ସମର୍ପିତ ? ଏଇ ବୟସରେ ଭଗବାନ ନାମ ଛଡା ଆଉକିଛି କରାଯାଇ ପାରିବନି ? ମୁଁ କହୁଛି, ପ୍ରଭୁଙ୍କୁ ବି ଡାକ, ଜନସେବା ବି କର, ନିଜ ଖୁସି ପାଇଁ ଯାହା ଇଛା ହେଉଛି କର, ବସର୍ତ୍ତେ, ତୁମର କାର୍ଯ୍ୟକଳାପ, ତୁମର ଜୀବନଶୈଳୀକୁ ସନ୍ତୁଳିତ ସୌହାର୍ଦ୍ଦ୍ୟପୂର୍ଣ୍ଣ ରଖ, ଯାହା ଅନ୍ୟମାନଙ୍କ ପାଇଁ ଏକ ଆଦର୍ଶ ହୋଇପାରିବ । ସମାଜ ପାଇଁ କୌଣସିଭାବେ ଅହିତ କର ନହୁଏ ଅବା ଏହାର କୌଣସି କୁପ୍ରଭାବ ଅନ୍ୟ ଉପରେ ଯେପରି ନପଡିବ ସେଥିପ୍ରତି ସାବଧାନ ରୁହ ।

ବୟସର ରାଗ ଆଳାପ କରି ବାହୁନି ହେଲେ ବୟସ ତ ଆଟକି ଯିବନି । ଏଠି

 Magazine Downloaded from www.aahwaan.com

ଅଧାବୁଜା ଆଖିରେ ଯମଦୂତର ସପନ ଦେଖିବା ଅପେକ୍ଷା ଦି'ଘଡି ଖୁସି ହେବାରେ ଅସୁବିଧା କଣ ? କିଛି ନୂଆ ସପନ ଦେଖ, କିଛି ସପନ ଦେଇ ଯାଆ ଆଗାମୀ ପିଢିକୁ । ତୁମେ ଯେବେ ଏଠି ନଥିବ, ତୁମ ସପନ ରହିଯିବ ଏଇଠି । ତାରି ସୁଗନ୍ଧ ମହକି ଯିବ ଚଉଦିଗରେ । ତୁମର ପଦିଏ କଥା, ତୁମର ପଦିଏ ଗୀତ, ତୁମର ଟିକିଏ କାମ, ତୁମର ଉପସ୍ଥିତିକୁ ଜାହିର କରିଯିବ ଏଇ ଦୁନିଆରେ, ଯେତେବେଳ କାହା ମୁଁହରୁ ତୁମ ନାଆଁ ଶୁଭିଯିବ, କାହା କଣ୍ଠରୁ ତୁମର ପଦିଏ କବିତା ଶୁଣାଯିବ ଅଥବା ତୁମ ଗପର ଗୋଟିଏ ପାରା କାହା ଜୀବନରେ ନୂଆ ଆଲୋକ ନେଇ ଆସିବ ସେତେବେଳେ ସାର୍ଥକ ହୋଇଯିବ ତୁମର ଜନ୍ମ ତୁମର ନାମ । ଏଇଠି କେତେ ରୋଜଗାର କଲ, କେତେବଡ ଘର ତିଆରି କଲ, କେତେ ସଂଞ୍ଚୟ କଲ, ତାକଥା କେହି ପଚାରିବେନି । କେତେ ଦେଇକି ଗଲ, କଣ ଦେଇକି ଗଲ, କେବଳ ତାରି ଚର୍ଚ୍ଚା ହେବ ତୁମେ ଗଲାପରେ । ମଣିଷ ଜୀବନ ବଡ ଦୂର୍ଲଭ, ଜୀବନଟା କେତେ ଅଧିକ ଜିଇଁଲ ତାର କିଛି ମୂଲ୍ୟନାହିଁ, ଜୀବନକୁ କେମିତି ଜିଇଁଲ ସେଇଟା ମାନେ ରଖେ । ଜୀବନର ପ୍ରତିଟି ମୁହୁର୍ତ୍ତ ମୂଲ୍ୟବାନ । ଜୀବନର ପ୍ରତିଟି ମୁହୂର୍ତ୍ତକୁ ନିଜପାଇଁ ଆଉ ଅନ୍ୟପାଇଁ ମନଭରି ଜିଇଁ ଯାଆ ।

ପଟିଆ, ଭୁବନେଶ୍ୱର, ଓଡିଶା

 Magazine Downloaded from www.aahwaan.com

# ମୋକ୍ଷା



ପ୍ରତିଭା ପ୍ରିୟଦର୍ଶିନୀ

ଭୀଷଣ ଗୋଟେ ଅସହାୟତାରେ ଥରୁଥାଏ ମୋକ୍ଷା । ପ୍ରସବ ପରେ ହଠାତ ହାଲୁକା ଲାଗୁଥିବା ଦେହଟା ଯେମିତି ମେରୁଦଣ୍ଡ ଭେଦି ଥରିଯାଏ, ଠିକ ସେମିତି । ୯ବର୍ଷ ପରେ ଭିତରେ ପୁରେଇ ରଖିଥିବା ସବୁତକ ସଞ୍ଚିତ କ୍ରୋଧ, ଅବସୋସ, ବିରକ୍ତି, କ୍ଷୋଭ ଓ ଅଭିସମ୍ପାତ ତକ କିଲିବିଲି ହେଉଥିଲା କେତେକାଳୁ । ହେଲେ ସଂଯମର ପଥର ଛାତି ତଳେ ଚାପି ଦେଇଥିଲା ସବୁକିଛି ସଂସ୍କାରି ବୋହୁର ପରିଚୟ ପଛରେ । କୁହୁଳି କୁହୁଳି ଲାଭା ହୋଇସାରିଥିଲା ସେସବୁ । ଲାଭା ତ ପୃଥିବୀର ବୁକୁ ଚିରି ପଥର ତରଳେଇ ଫୁଟିପଡ଼େ ଚାପ ଅତ୍ୟଧିକ ହେଲେ । ଏଠି ମଧ୍ୟ ତାହା ହିଁ ହେଲା । ମଥାରୁ ପାଦ ଯାଏ ବହୁଥିଲା ଗମ ଗମ ଝାଳର ଝରଣା । ଆଉ ଠିଆ ହେଇ ହଉନି । କାନ୍ଥକୁ ଆଶ୍ରା କରି ନିତମ୍ବ ଚଟାଣ ଛୁଇଁଲା ଯାଏ ଦେହକୁ ତଳକୁ ଖସଉଥାଏ । ଚଟାଣ ସିମେଣ୍ଟର ହେଲେବି ମାଟି ମା'ର କୋଳ ଭଳି ଲାଗେ । ସେଇ ମାଟି ମା' ଯିଏ ସୀତା ମାତାଙ୍କୁ ଅଙ୍କରେ ଆବୋରି ନେଇଥିଲା ବେଦନାର ଭାର ଅସହ୍ୟ ହେବାରେ । ମୋକ୍ଷାକୁ ମୋକ୍ଷ ନୁହେଁ, ନିର୍ଭୟ ଓ ଦମ୍ଭ ଆଶ୍ରାଟିଏ ଲୋଡ଼ା ଏଇ ମୁହୂର୍ତ୍ତରେ । ମାଟି ମା'ଠୁ ବଡ଼ ଆଉ କିଏ ହେବ ଏମିତି ଦାମ୍ଭିକ ଆଶ୍ରା ।

ଅପରାହ୍ନ ବୋଲି କହି ହେବନି ବୋଧେ ଖରାଦିନ ଦ୍ୱିପ୍ରହର ସାଢ଼େ ତିନିଟା ବେଳକୁ । ସେଇ ସମୟ ସାଙ୍ଗକୁ ଗ୍ରୀଷ୍ମ ଋତୁର ପ୍ରଭାବରେ ଚାରିଆଡ଼େ ପ୍ରସରିଥାଏ ବିଚିତ୍ର ଏକ ଧୂସର ନୀରବତା । ମୋକ୍ଷା ଲୁହ ଝରାଇ ଚାଲିଛି । ଭିତରୁ ଏବେବି ଶୁଭୁଚି ଶାଶୁଙ୍କ ପାଟି । ତାଙ୍କ

 Magazine Downloaded from www.aahwaan.com

କଣ୍ଟାକ୍ଟ ଲିଷ୍ଟରେ ଥିବା ସମସ୍ତ ବନ୍ଧୁ ପରିଚିତଙ୍କୁ ଗୋଟିକ ପରେ ଗୋଟିଏ କଲ କରି ଚାଲିଛନ୍ତି ଆଉ ସାମାନ୍ୟ ସକେଇ ସକେଇ ଶୁଣେଇ ଚାଲିଛନ୍ତି ଏଇ କେଇପଦ କଥା, "ଆମେ ଠକାମୀରେ ପଡ଼ିଗଲୁ । ଶିକ୍ଷକ ଘରର ସଂସ୍କାରି ଝିଅକୁ ବୋହୁ କରି ଆଣିଥିଲୁ କେତେ ଆଶାରେ । ହେଲେ ଆଜି ପସ୍ତେଇବା ବିନା ଅନ୍ୟ ବାଟ ନାହିଁ । ମୁଁ ତ ଜୋତା ଝାଡୁ ମାଡ଼ଖାଇ ରହିଥିଲି ଏତେଦିନ । ଆଜି ମୋତେ ଘରୁ ତଡ଼ିଦେବ କହିଦେଲା । କୁଆଡ଼େ ନେଇ ଫୋପାଡିବ ମୋତେ ଜାଣିନି । ସେଇଥିପାଇଁ ସମସ୍ତଙ୍କ ସାଙ୍ଗେ କଥା ହେଇଗଲି । କିଏ ଜାଣେ ଆଗକୁ ସୁଯୋଗ ମିଳିବ କି ନାହିଁ ।" ଏତକ କହି ପୁଣି ଟିକେ ସକେଇ ସକେଇ କାନ୍ଦୁଥାନ୍ତି । ଏଇ ପ୍ରକ୍ରିୟା ସେତେବେଳକୁ ପ୍ରାୟ ୨୦ ଥରରୁ ବେଶୀ ପୁନରାବୃତ୍ତି ହୋଇ ସାରିଥାଏ ।

ମୋକ୍ଷା ତାଙ୍କ କଥାରୁ ଧ୍ୟାନ ହଟେଇ ଅଗଣା କୋଣର ଖୋଲା ମାଟିକୁଣ୍ଡ ଆଡେ କେନ୍ଦ୍ରିତ କଲା । ପାରା ହଳେ ଆସି ଚଞ୍ଚୁଏ ଲେଖାଏଁ ପାଣି ପିଇ ଖେଳରେ ମାତିଥାନ୍ତି । ଥଣ୍ଟରେ ପାଣି ଟିକେ ନେଇ ପରକୁ ସଫା କରି ଝାଡ଼ିଝୁଡ଼ି ହେଇ କିଛି ସମୟ ଉତ୍ତାରେ ଉଡ଼ିଗଲେ କେତେ ଦୂର ଆକାଶକୁ । ମୋକ୍ଷା ବି ତ ଏମିତି ଝିଅଟେ ଥିଲା । ଚଞ୍ଚୁଏ ଜୀବନକୁ ଢ଼ୋକି ବଞ୍ଚୁଥିଲା ଚଞ୍ଚଳ ଚାପଳ ଛନ୍ଦରେ । ବାପା ବୋଉ ଭାଇଭଉଣୀ ଆଉ ଜେଜେମା, ଏତିକି ଭିତରେ ତ ପୃଥିବୀ । ବାପା ବୋଉ ଉଭୟ ଶିକ୍ଷକ । ପିଲାଦିନରୁ ସବୁ ରୁଟିନ୍ ବନ୍ଧା । ସକାଳୁ ଉଠିବା ବେଳୁ ରାତିରେ ଶୋଇବା ଯାଏ, ସବୁର ସମୟ ନିର୍ଦ୍ଧିଷ୍ଟ କରିଥିଲେ ବାପା । ବୋଉବି ତାଙ୍କୁ ପୂର୍ଣ୍ଣ ସମର୍ଥନ କରେ । ଅନ୍ୟ ପିଲାଙ୍କ ବୋଉମାନେ ପିଲାଙ୍କ ପକ୍ଷ ନିଅନ୍ତି, ହେଲେ ମୋକ୍ଷା ବୋଉ ସବୁବେଳେ ପ୍ରଥମେ ନିଜ ପିଲାଙ୍କୁ ଜେରା କରିବେ କେହି କିଛି ଅଭିଯୋଗ ଆଣିଲେ । ଆଉ ବାପାଙ୍କ କଥା ସମ୍ବିଧାନ । ଜେଜେମା ଟିକେ ପିଲାଙ୍କ ପଟେ

 Magazine Downloaded from www.aahwaan.com

ହୁଏ । ମୋକ୍ଷା ଘରର ପ୍ରଥମ ଛୁଆ, ତେଣୁ ମୁଖୀ ହେଉଛି ଜେଜେମାର ଗଣ୍ଠିଧନ । ମୋକ୍ଷା ମାଟ୍ରିକ ପାସ କରିବା ପରେ ବାପା ତାକୁ ଘରର ନିଷ୍ପତ୍ତିରେ ସାମିଲ କରନ୍ତି । ବିଶେଷ କରି ସାନ ଭାଇ ଭଉଣୀ ଦୁହିଁଙ୍କ ସମ୍ପର୍କରେ ନିଆଯାଉଥିବା ଫଇସଲାରେ ମୋକ୍ଷା ବି ସାମିଲ୍ ହୁଏ, ତେଣୁ ଦୀକ୍ଷା ଓ ମିଟୁ ଯେତିକି ରାଗନ୍ତି, କାମଥିଲେ ସେତିକି ତେଲ ମାଲିସ ବି କରନ୍ତି । ଏମିତି ସ୍ନେହ ଛଳ ଛଳ ଜୀବନ ବଞ୍ଚିଥିବା ମୋକ୍ଷା ପାଇଁ ବିବାହୋତ୍ତର ଜୀବନ ଥିଲା ଏକଦମ ବିପରୀତ ।

ସବ୍ୟସାଚୀ ଖୁବ ଅମାୟିକ ଓ ଶାନ୍ତ ମଣିଷ । ଅଫିସରେ ସାକ୍ଷାତ ହୋଇଥିଲା ମୋକ୍ଷା ଆଉ ସବ୍ୟଙ୍କର । ଏମିତି କ୍ୟାଣ୍ଟିନରେ ଗପସପ ବେଳେ ସବ୍ୟ କହିଥିଲେ ତାଙ୍କୁ ପ୍ରେମରେ ପକେଇ ପାରିବା ଭଳି ଝିଅ କେହି ନାହିଁ । ସାଥି ସହକର୍ମୀଙ୍କ ଚିହାଇବାରେ ମୋକ୍ଷା ନେଇଥିଲା ଚ୍ୟାଲେଞ୍ଜ । ସବ୍ୟଙ୍କ ଅଗୋଚରରେ ପହଞ୍ଚି ଯାଇଥିଲା ତାଙ୍କ ଘରେ । ସେଠି ସବ୍ୟଙ୍କ ମା ଓ ସାନ ଭଉଣୀଙ୍କୁ ବିଶ୍ୱାସ ଦିଆଇଥିଲା ଯେ ସବ୍ୟ କାଳେ ତାକୁ ବିବାହ ପ୍ରତିଶ୍ରୁତି ଦେଇଛନ୍ତି ଆଉ ଆଜି ଘରକୁ ଡାକିଥିଲେ ପରିବାର ସହିତ ଭେଟ କରେଇବାକୁ । ଭିତରେ ଭୟ ଥରହର ମୋକ୍ଷା ସବୁ କହିଗଲା । ସବ୍ୟଙ୍କ ମା କିନ୍ତୁ ମାନିବାକୁ ନାରାଜ । ସାନ ଭଉଣୀ କିନ୍ତୁ ଖୁବ ଏକ୍ସାଇଟେଡ଼ ହେଉଥାଏ । ଫେରି ଆସିଲା ମୋକ୍ଷା । ସବ୍ୟଙ୍କୁ ସବୁ ଜଣାଇଦେଇଥିଲେ ଅନ୍ୟମାନେ । କିଛି ଦିନ ପରେ ସବ୍ୟ ଘରେ ନିଜେ ଘୋଷଣା କଲେ ମୋକ୍ଷାକୁ ବିବାହ କରିବାକୁ ଚାହାନ୍ତି ବୋଲି । ରୀତିମତ ପ୍ରେମ ନହେଲେ ବି ଉଭୟ ମୋକ୍ଷା ଓ ସବ୍ୟ ଦୁଇଜଣ ଖୁବ ସହଜ ଚରିତ୍ରର ପିଲା । ତେଣୁ ଜୀବନକୁ ଏକାଠି ବଞ୍ଚିବାରେ ବିଶେଷ ଅସୁବିଧା ନାହିଁ । ଏମିତି ବି ଦୁହେଁ ଆରେଞ୍ଜ ମ୍ୟାରେଜ କରିଥିଲେ ସମ୍ପୂର୍ଣ୍ଣ ଅପରିଚିତଙ୍କ ସହିତ ବଞ୍ଚିଥାନ୍ତେ । ଏମିତି ଅନ୍ତତଃ ଚିହ୍ନିଥିବାର ସାମାନ୍ୟ ଫାଇଦା ମିଳିବ । ତା ସାଙ୍ଗଙ୍କୁ

 Magazine Downloaded from www.aahwaan.com

ଗୁରୁଜନଙ୍କୁ ମିଛ କହିବା ଦ୍ରୋହ ବି ଲାଗିବନି । ଏମିତି ଘଟିଗଲା ତାଙ୍କ ବାହାଘର ।

ଦୁନିଆ ଜାଣେ ତାଙ୍କର ଲଭ ମ୍ୟାରେଜ ବୋଲି, ହେଲେ ସେ ଦୁହେଁ ଜାଣନ୍ତି ଏହା ଏକ ପରିଚିତଙ୍କ ଆରେଞ୍ଜ ମ୍ୟାରେଜ । ମୋକ୍ଷା କିନ୍ତୁ ପୂର୍ଣ୍ଣ ପ୍ରାଣରେ ଆପଣେଇଥାଏ ସବ୍ୟଙ୍କ ପରିବାରକୁ । ହେଲେ ସବ୍ୟଙ୍କ ପରିବାର କେବେବି ଅନ୍ତରରୁ ଆପଣେଇଲେ ନାହିଁ ମୋକ୍ଷାକୁ । ତଥାପି ମୋକ୍ଷା ସମାନ୍ତରାଳ ଭାବେ କରିଚାଲେ ଆପଣା କର୍ତ୍ତବ୍ୟ । ଶାଶୁଙ୍କର ସବୁଠାରୁ ବଡ ଅବଶୋଷ ଯେ ମୋକ୍ଷା ସୁନ୍ଦରୀ ନୁହେଁ । ସେ ଖୋଜିଥିଲେ ତାଙ୍କ ରାଜାପୁଅ ଭଳି ଚେହେରା ଧାରି ସବ୍ୟ ପାଇଁ ପରୀଟିଏ ଖୋଜିଥାନ୍ତେ ଯିଏ ସାଙ୍ଗରେ ଯୌତୁକର ବଡ଼ ଖଣିଟିଏ ଧରି ଆସିଥାନ୍ତା । ମୋକ୍ଷା ତାଙ୍କ ଅଭିମାନକୁ ବି ସାଦରେ ଗ୍ରହଣ କରେ । ଶ୍ୱଶୁର ଚାଲିଗଲେ ସବ୍ୟ ଏମବିଏ କରିବା ବେଳେ । ସେ ଦୁଇବର୍ଷ ସବ୍ୟ ନିଜ ପାଠପଢା ଖର୍ଚ୍ଚ ନିଜେ ଉଠାଉଥିଲେ ଟ୍ୟୁସନ କରି । ହେଲେ ସୁଚରିତାର ପଢ଼ାଖର୍ଚ୍ଚ ଓ ଘର ଚଲେଇବା ଖୁବ କଠିନ ଥିଲା ଶାଶୁଙ୍କ ପାଇଁ । ପୁଣି ମନଲାଖି ବୋହୁଟିଏ ସବୁ ଶାଶୁଙ୍କର ଇପ୍ସିତା । ତାଙ୍କ ଜୀବନରେ ଥିବା ସମସ୍ତ ଫ୍ରଷ୍ଟ୍ରେସନ ସେ ମୋକ୍ଷା ଉପରେ ବାହାର କରନ୍ତି । ମୋକ୍ଷା ବି ଏକଥା ଭାବି ସହିଯାଏ ଯେ ଉତ୍ତର ପ୍ରୌଢରେ ବିଧବା ମହିଳା ଜଣଙ୍କ ମନୋଦଶା ଏଭଳି ହେବା ସ୍ୱାଭାବିକ । ଯଥା ସମ୍ଭବ ତାଙ୍କୁ ଖୁସି କରିବା ଚେଷ୍ଟା କରେ ।

ତିନିବର୍ଷ ତଳେ ସୁଚରିତାର ବିବାହ ପରେ ଶାଶୁଙ୍କ ଚିଡାପଣ ଆଉ ରୁକ୍ଷ ବ୍ୟବହାର ବେଶୀ ବଢିଛି । ସୁଚରିତା ନିଜ ଇଚ୍ଛାରେ ଘରୁ ଫେରାର ହେଇଗଲା ଅନ୍ୟ ଧର୍ମର ପିଲା ସହିତ । ସେଇ ଦୋଷ ବି ମୋକ୍ଷା ଉପରେ ଲଦିଦେଲେ ସେ । ସାରା ଜୀବନ ଭଡାଘରେ ବିତିଗଲା, ମୋକ୍ଷା ସହିତ ବାହାଘର ପାଇଁ ଶୀଘ୍ରତା ନଥିଲେ ସବ୍ୟ ପ୍ରଥମ ଘରତୋଳି ତା ପରେ ବାହା ହୋଇଥାନ୍ତେ ବୋଲି ବାରମ୍ବାର କୁହନ୍ତି । ତେଣୁ ଉଭୟ ସବ୍ୟ ଓ ମୋକ୍ଷା ନିଜ

 Magazine Downloaded from www.aahwaan.com

ପେଟକାଟି ପ୍ରଥମେ ଘର ତୋଳିଲେ । ୫ ବର୍ଷ ଯାଏ ସନ୍ତାନ ହୋଇନଥିଲା ବୋଲି ମୋକ୍ଷାକୁ ଯାବତୀୟ ଉଲୁଗୁଣା ଦିଅନ୍ତି । ବୁଝନ୍ତିନି ଯେ ପୁଅ ବୋହୁ ଏକାବେଳେ ଏତେ ଦାଇତ୍ୱ ନିଭେଇବେ କେମିତି । ଶେଷରେ ମୋକ୍ଷା ମା ହେଲା । କିନ୍ତୁ ମିଠିର ଆଗମନରେ ପୁଣି ରାଗ ତାଙ୍କର । ବଂଶ ରକ୍ଷା ପାଇଁ ପୁଅ ଲୋଡ଼ା । ଆଉ ୨ ବର୍ଷରେ ଜନ୍ମ ହେଲା ମୁନୁ । ଏବେ ଶାନ୍ତ ହେଲାବେଳକୁ ସୁଚି ଫେରାର ହେବାକୁ ଥିଲା । ମୋକ୍ଷା ଜୀବନରେ ଶାଶୁଙ୍କ ନିନ୍ଦାରୁ ବର୍ତ୍ତିବାର ମୁହୂର୍ତ୍ତଟେ ରଖିନଥିଲେ ଈଶ୍ୱର ।

ମଣିଷର ସହିବାର ବି ଗୋଟାଏ ସୀମା ଥାଏ । ୯ ବର୍ଷ ସହିବା ପରେ ଧୈର୍ଯ୍ୟ ସୀମା ଲଙ୍ଘିବାର ଆଶଙ୍କା ବଢିଥିଲା । ସବୁଠୁ ବେଶି କଷ୍ଟଦିଏ ସବ୍ୟଙ୍କ ଉଦାସୀନତା । ସେ କେବେବି ମୁହଁ ଖୋଲନ୍ତିନି ମୋକ୍ଷା ସପକ୍ଷରେ । ଓଲଟା ବୋଉଙ୍କ ସାମ୍ନାରେ ତାଙ୍କ ସହିତ ସ୍ୱର ମିଶାନ୍ତି ତାଙ୍କୁ ଖୁସି କରିବାକୁ । ଆଜି କିନ୍ତୁ ଆଉ ସମ୍ଭାଳି ପାରିଲାନି ମୋକ୍ଷା । ଫାଟିପଡିଲା ଭିତରର ସୁପ୍ତ ଆଗ୍ନେୟଗିରି । ନୂଆ ଘରକୁ ଆସିବା ପରେ ପ୍ରଥମ ଅଭିଯୋଗ ଥିଲା ଶାଶୁଙ୍କର ନିଜ କୋଠରୀକୁ ନେଇ । ଲିଭିଂ ରୁମରେ ତାଙ୍କ ଫୋଟୋ ନାହିଁ, ତାଙ୍କ ରୁମରେ କାନ୍ଥର ରଙ୍ଗଠୁ ବେଡ଼ ଯାଏଁ କିଛି ତାଙ୍କ ପସନ୍ଦର ନୁହେଁ କହି ମୁହଁ ଫୁଲେଇଲେ । ଶେଷରେ ମୋକ୍ଷା ଇଣ୍ଟେରିଅର ଡିଯାଇନରଙ୍କୁ ଭେଟି ଶାଶୁଙ୍କୁ ସୁହାଇବ ଭଳି ସଜାଡ଼ିଲା ତାଙ୍କ ରୁମ । ତଥାପି ଅସନ୍ତୁଷ୍ଟ । ଲିଭିଂ ରୁମରେ ଲାଗିଥିଲା ସବ୍ୟ, ମୋକ୍ଷା, ମିଠି ଓ ମୁନୁଙ୍କର ବଡ଼ ଗୋଟେ ଫୋଟୋ ଫ୍ରେମ । ତା ସାଙ୍ଗକୁ ଥିଲା ଦୁଇ ପିଲା ଓ ସବ୍ୟ-ମୋକ୍ଷାଙ୍କ ଭିନ୍ନ ଭିନ୍ନ ଆଉ କିଛି ଫୋଟୋ । ଶାଶୁଙ୍କ ରୁମରେ ଶଶୁରଙ୍କର ଏକକ ଫୋଟୋ ସହିତ ଶାଶୁଙ୍କ ସହିତ ସବ୍ୟ ଓ ପିଲା ଦୁହିଁଙ୍କ ଫୋଟୋ ସବୁଥାଏ । ଡିଯାଇନର ଆସିଥାନ୍ତି ଘରକୁ, ସୌଜନ୍ୟ ମୂଳକ ସାକ୍ଷାତ କରିବାକୁ ଓ ମତାମତ ଜାଣିବା ପାଇଁ । ତାଙ୍କରି ସାମ୍ନାରେ ବାରମ୍ବାର ଶାଶୁଙ୍କର

 Magazine Downloaded from www.aahwaan.com

ଅଭିଯୋଗ ଯେ ମୋକ୍ଷା ଜାଣିଶୁଣି ତାଙ୍କୁ ସୀମିତ କରିଦେଇଛି ଗୋଟିଏ ରୁମରେ । ସେମାନେ ଯେତେ ବୁଝାଇଲେ କି ମାଉସୀ ଆପଣ ଖୁସି ହୁଅନ୍ତୁ ଯେ ଆପଣଙ୍କ ବୋହୂ ଆପଣଙ୍କ ପାଇଁ ଏତେ କିଛି କରେଇଛି ।

ତାଙ୍କ ସହିତ ଯୁକ୍ତି ତର୍କ କଲେ କି ମୋକ୍ଷା ସ୍ୱାର୍ଥୀ । ସେମାନେ ଫେରିଗଲା ପରେ ପୁଣି ଶୁଣେଇଲେ ମୋକ୍ଷାକୁ । ବାହାର ଲୋକଙ୍କ ଆଗରେ ଏମିତି ଅପମାନ ନୂଆ ନଥିଲା ସତ, କିନ୍ତୁ ସହିବାର ସୀମା ଟପିଗଲା ଆଜି । ହଠାତ ଚିତ୍କାର କରି ଉଠିଲା ମୋକ୍ଷା, ବାସ୍.....ବହୁତ କହିଲେ । ଶୁଣୁଛି ମୁଁ ୯ ବର୍ଷ ହେଲାଣି । ସବୁ ଅପମାନର ଜହର ପିଇ ସାରିବା ପରେ ମୋ ଭିତରେ ବି ବାକି ନାହିଁ ମିଠାପଣ । ଏତେ ଯଦି ଗନ୍ଧଉଛି ମୁଁ ତେବେ ଯାଆନ୍ତୁ ସେଠିକି ଯୋଉଠି ଖୁସିରେ ରହିବେ । ମୁଁ ରୋକିବିନି ଆପଣଙ୍କୁ । ଦୟାକରି ନିଜକୁ ପୀଡିତ ଦେଖେଇ ମୋତେ ମାନସିକ ପ୍ରତାଡନା ଦେବାର ଏ ପୁରୁଣା କୈକେଇପଣିଆ ଛାଡ଼ନ୍ତୁ । ଖୁବ ସହିଲି । ଆଉ ନୁହେଁ । ଆପଣଙ୍କୁ ସମ୍ମାନ ଦେବା ମୋ ସଂସ୍କାର କିନ୍ତୁ ସବୁ ଅବିଚାର ଓ ଅନ୍ୟାୟୋଚିତ ବ୍ୟବହାର ସହିନେବା ବି ବଡ଼ ଅପରାଧ । ମୁଁ ଆଉ କରିବିନି ସେ ଅପରାଧ । ମୁଁ ବୟସରେ ଆପଣଙ୍କଠୁ ଯଥେଷ୍ଟ ସାନ ହୋଇ ଜଣେ ନାରୀ ଭାବେ ଆପଣଙ୍କ ମନଦଶା ବୁଝି ପାରିଲି ଓ ସେଇ ହିସାବରେ ସବୁକୁ ଆଡ଼ଜଷ୍ଟ କଲି । ଅଥଚ ଆପଣ ବୟସ୍କ ନାରୀଟିଏ ହୋଇ ମୋ ସମ୍ମାନକୁ ବାରମ୍ବାର କ୍ଷତାକ୍ତ କରିଛନ୍ତି । ମୋତେ ଅନ୍ତରରୁ ଆପଣେଇ ପାରିବେ ଯଦି ଏକାଠି ରହିହେବ, ନଚେତ ଯିଏ ଜଣେ ହେଲେ ଅନ୍ୟତ୍ର ରହିବା ଦରକାର ପରିବାରରେ ଶାନ୍ତି ପାଇଁ । ମୁଁ ମୋ ପିଲାଙ୍କୁ ନେଇ ଚାଲିଯିବି, ନଚେତ ଆପଣ ନିଜ ପସନ୍ଦରେ ଯେଉଁଠି ରହିବାକୁ ଚାହିଁବେ ଯିବେ । ଖର୍ଚ୍ଚ ଆପଣଙ୍କ ପୁଅ ବୁଝିବେ ।

ସେତକ କହି ବାହାରି ଆସିଲା ମୋକ୍ଷା । ବାସ୍, ସେତିକି ବେଳୁ ଶାଶୁ ଫୋନରେ

 Magazine Downloaded from www.aahwaan.com

ଲାଗିଛନ୍ତି । ଦୀର୍ଘ ଶ୍ୱାସଟାଏ ଭିଡ଼ିନେଲା ଭିତରକୁ । ଚୁମ୍ବକରେ ସବ୍ୟଙ୍କୁ ଜଣେଇଦେଲା ଆଜିର ଘଟଣାକ୍ରମ ଆଉ ବରାଦ ଦେଲା ଶାଶୁଙ୍କ ପ୍ରିୟ ଛେନାପୋଡ଼ ନେଇ ଆସିବାକୁ । ସବ୍ୟ ଜାଣନ୍ତି ମୋକ୍ଷାର ଏ ଗୁଣ । ଯେତେ କଷ୍ଟ ପଡୁ ପଛେ ସେ କର୍ତ୍ତବ୍ୟରୁ ଓହରେନି । ଶାଶୁ ଏ ଭିତରେ ଥକି ଶୋଇ ପଡିଲେ ବୋଧେ । ଆଉ ଫୋନ କି ସକେଇବା ଶୁଭୁନଥିଲା । ମୋକ୍ଷା ମନକଥା ଓଗାଳି ଦେଇ ହାଲୁକା ହେଇଗଲା, ସେତିକିରେ ସେ ସନ୍ତୁଷ୍ଟ । ସେ ଆଉ ଏ ବୟସରେ ବଦଳିବେନି କିନ୍ତୁ ପିଲାମାନେ ସ୍କୁଲରୁ ଆସିଯିବେ ଏବେ, ତାଙ୍କ ଲାଗି ଜଳଖିଆ ତିଆରି କରିବାକୁ ହେବ । ନିଜ କାନ୍ଧକୁ ଥାପୁଡ଼େଇ ନିଜକୁ ସବାସୀ ଦେଲା ମୋକ୍ଷା ଆଉ ଉଠି ଠିଆ ହେଲା ଜୀବନ ଯାତ୍ରାରେ ଭଲ ବୋହୁ, ଆଦର୍ଶ ପତ୍ନୀ ଓ ମାତୃତ୍ୱର ପରୀକ୍ଷା ଦେବାକୁ.....

ଲିଙ୍କ୍ ରୋଡ଼, କଟକ, ଓଡ଼ିଶା

 Magazine Downloaded from www.aahwaan.com

# ଭାଲେଣ୍ଟାଇନ୍ ପୂର୍ବରାତି



ଧୀରେନ୍ଦ୍ର କୁମାର ପ୍ରଧାନ

ରାତି ଏଗାରଟା । ନିର୍ଜନ ନିଃଶବ୍ଦ । ସକାଳ ପାହିଲେ ଭାଲେଣ୍ଟାଇନସ୍ ଡେ । ସହରର ଶେଷରେ ଥିବା ପାର୍କର କୋଣ ବେଞ୍ଚରେ ବସିଛନ୍ତି ଦୁଇ ପ୍ରେମୀଯୁଗଳ ରାଜା ଓ ରାଣୀ ।

ପ୍ରଥମ ପ୍ରେମର ମହକରେ ମହମହ ବାସୁଥିଲା ରାଜାର ମନ । ରାଣୀର ମଥାକୁ ଆଉଁସି ଦେଉଦେଉ ତା ମଥାରେ ଛୋଟ କୋମଳ ଓଠ ସ୍ପର୍ଶ ଦେଉଥିଲା ରାଜା । ଦୁଇ ପ୍ରେମୀଙ୍କର ମିଳନ । ରାଜା, ରାଣୀ ସାମ୍ନାରେରେ ବସି ଏକ ଲୟରେ ଦେଖୁଥିଲା ତାର ପ୍ରାଣର ପ୍ରେୟସୀ ମନର ମାନସୀକୁ । ଆଉ କହୁଥିଲା ଏ ଚାତକ ମନ ପରିତୃପ୍ତ ହୋଇଯାଉ । ସାଗରକୁ ପିଇଗଲା ଭଳି ଶୋଷ ଥିଲା, ତୁମକୁ ଏତେ ପାଖରେ ପାଇ ମୁଁ ବାସ୍ ଏଇ ଆଖିକୁ ପରିତୃପ୍ତ କରିବାକୁ ଚାହେଁ । ହେ ରାତି ତୁମେ ଏଇଠି ରହିଯାଅ । ଆଉ ଦୁଇ ବାହୁ ମେଲି ଚିଲେଇ କହିଲା ମୁଁ ତମକୁ ବହୁତ ଭଲପାଏ ରାଣୀ । ଆଉ ରାଣୀ ମୋ ଜହ୍ନକୁ ପାଇଛି ଯେତେବେଳେ ସେ ଜହ୍ନ ସହ ତୁଳନା କରିଦିଏ ଟିକେ ମୋର ଜହ୍ନକୁ ।

ରାଣୀ ଲାଜେଇ ଗଲା । ରାଜା ପୁରା ମାତାଲ ସେ ଲାଜବତୀ ରାଣୀକୁ ଦେଖି ଆଉ କହିଲା, "କଣ ତୁମେ ମୋ ଭାଲେଣ୍ଟାଇନ୍ ହେବ କି ?"

ରାଣୀ- ହଁ, ମୋ ରାଜକୁମାର । ମୁଁ ତୁମକୁ ବହୁତ ଭଲ ପାଏ ।

ରାତିରେ ବହୁଥିଲା ମଳୟ । ଆସିଥିଲେ ଭ୍ରମର ଆଉ କୋଇଲି । ଶୁଭୁଥିଲା ମଧୁଗୁଞ୍ଜନ କୁହୁତାନ । ହ୍ରଦରେ କଇଁ ଫୁଟୁଥିଲେ ଜହ୍ନକୁ ଦେଖି । ରାଜାର ବାହୁବନ୍ଧନରେ ଅଳସୀ ରାଣୀ ଆଉଜି ପଡି ଶୁଣୁଥିଲା ହୃଦସ୍ପନ୍ଦନ ।

 Magazine Downloaded from www.aahwaan.com

ରାଜାର ପରିବାର ଓ ରାଣୀର ପରିବାର ମଧ୍ୟରେ ଶତ୍ରୁତା ଚରମ ସୀମାରେ ଥିଲା ଯାହା ବଂଶ ବଂଶ ଧରି ଚାଲିଥିଲା । ଆଉ ଉଭୟଙ୍କ ପ୍ରେମ ସେ ଘୃଣାର ନିଆଁରେ ଘୃତାହୁତି ଭଳି କାମ କଲା । ପ୍ରେମର ମିଠା ଆକର୍ଷଣ ତ ମାନେନା କିଛି । ବନ୍ଦ ହୋଇଯାଇଥିଲା କଲେଜ । ଖୁବ୍ ମାଡ ଖାଇଥିଲେ । ଦୁହିଁଙ୍କ ବୟସ ଏତେ ଅଧିକ ବି ନଥିଲା ଏତେ ସହ୍ୟ କରିବା ପାଇଁ । ଆଖିରୁ ମନର ମଣିଷକୁ ସିନା ଦୂର କରାଯାଇ ପାରିବ କିନ୍ତୁ ହୃଦୟରେ ତ ଶକ୍ତ ନିଅଁଟିଏ ପଡ଼ି ସାରିଥିଲା ।

ନିଜ ଘରର ପ୍ରତ୍ୟେକଟି ଆଖି ତାଙ୍କ ବିରୋଧରେ ଥିଲା । କାହାରି ଆଖିରେ ବି ଟିକେ ମମତା ନଥିଲା । ଯନ୍ତ୍ରବତ୍ ବଞ୍ଚି ଚାଲିଥିଲେ ଉଭୟ ନିଜଘରେ ନଜରବନ୍ଦୀରେ । ବଢିଯାଇଥିଲା ସିନା ଦୂରତା କିନ୍ତୁ ହୃଦୟର ଦୂରତା ହ୍ରାସ ହୋଇ ଏକ ହୋଇଯାଇଥିଲା ।

ଦିନେ ହଠାତ ରାଣୀକୁ ସୁଯୋଗ ମିଳିଲା ଫୋନ କରିବାର । ଆଉ ଫୋନ କରିବା ବେଳେ ସଂଯୋଗ ସୌଭାଗ୍ୟରେ ରାଜା ବି ଫୋନ ଉଠେଇଲା । ହୋଇଗଲା ପ୍ଲାନ । ଗାଁରେ ମହାଯଜ୍ଞ । ଫେବୃଆରୀ ତେର ତାରିଖରେ । ସମସ୍ତେ ବ୍ୟସ୍ତ ରହିବେ । ଏଇ ସୁଯୋଗରେ ଦେଖା ହେବାର କଥା ହୋଇଗଲେ । ଆଉ ତାପରେ ।

ରାଣୀ - ଆରେ ତମେ ଏତେ ଦିନ ପରେ ମୋତେ ପାଇଛ । ମୋ ପାଇଁ କଣ ଆଣିଛ ଯେ ?

ରାଜା - ମୋର ଅବସ୍ଥା ଦେଖୁଛ ତ ତମେ । ଦୌଡି ଦୌଡି ହାଲତ ଖରାପ । ଆରେ ଆସିଲାବେଳେ ଗୋଟେ ଅଟୋରେ ବାଡେଇ ହୋଇଗଲି । ଅନ୍ଧାର ଥିଲା । ଆରେ ସେ ବଜାର ଛକ ବୁଲାଣିରେ ମ । ଚିହ୍ନି ଦେବ କିଏ ବୋଲି ସିଧା ଝାଡିଝୁଡି ନହୋଇ ଦୌଡିଛି । ମୁଣ୍ଡ ଝଣ ଝଣ କରୁଥାଏ । ଆଉ କଣ ଆଣିଥାନ୍ତି ଯେ ?

ରାଣୀ - ଆରେ ମୁଁ ବି ଆସିଲାବେଳେ ବିଲରେ ଗୋଡ ଖସିଗଲା । ଯେ ମୁଁ ସିଧାଯାଇ

 Magazine Downloaded from www.aahwaan.com

ଗୋଟେ ଛୋଟ ପଲିଥିନରେ କିଛି ସ୍ନାକ୍ସ ଆଣିଥିଲି । ଛିଟିକିଯାଇ ଖଣ୍ଡେ ଦୂରରେ ପଡିଲା । ହାତ ବଢେଇଲି ଉଠିକି । ଅନ୍ଧାରରେ ଅଣ୍ଡାଳି । ହେଲେ କେମିତି ଗୋଟେ ଅଣନିଶ୍ୱାସୀ ଲାଗୁଥାଏ । କିଏ ଗୋଟେ ସେପଟୁ ଆସିବାର ଶୁଭିଲା ତ ମୁଁ ବି ଉଠିକି ଦୌଡିଛି । ହାହାହାହା । ଧନ କିଛି ହୋଇନି ତ ତମର ? ? ?

ରାଜା - ଆରେ ନା ମ । କହି ରାଣୀକୁ ପାଖକୁ ଟାଣିଆଣି ମଥାକୁ ଆଉଁସି ଦେଲା । ହଁ ମୁଁ ଗୋଟେ ଗୋଲାପ ଫୁଲ କିଣିବାକୁ ଯାଇଥିଲି । ଦି ଥର ମାଗିଲି । ସେ ବୁଢୀ ସେଆଡେ ଗପରେ ମସଗୁଲ । ତାପରେ କେହି ଚିହ୍ନି ଦେବା ଭୟରେ ପଳେଇ ଆସିଲି ।

ରାଣୀ - ଆରେ ମୋ ରାଜା ତମେ ତ ମୋର ଗୋଲାପ । ତମେ ମୋର ଜୀବନ ଆଉ କଣ ଦରକାର ମୋର । ହେଲେ ଆମେ !!!!!

ରାଜା - ମୁଁ ଭୁବନେଶ୍ୱର ଯିବି । ଚାକିରୀ ପାଇଁ ପ୍ରସ୍ତୁତ ହେବି । ଆଉ ଦିନେ ତମକୁ ତମ ଘରୁ ପାଲିଙ୍କିରେ ହିଁ ବାହାହୋଇ ବୋହୂକରି ନେଇଯିବି ।

ରାଣୀ - ତମେ ଜଗିକି ଚଳିବ । ଆମ ଘରଲୋକଙ୍କୁ ମୋର ଭୟ । କାଳେ ତମକୁ ? ? ? ?

ରାଜା - ଆରେ ତମ ଘର ଛାଡ ଆମ ଘର ଲୋକ ମୋତେ ମାରିଦେବେ । ତମେ ଚିନ୍ତା କରନି । ଭରସା ରଖ ମୋ ଉପରେ ।। ଏଥର ଉଠ । ଯିବା । ଯଜ୍ଞ ମଣ୍ଡପ ପାଖରେ ଛାଡିଦେବି ତମକୁ । ରାଜା ରାଣୀ ଏକ ନିବିଡ ଆଲିଙ୍ଗନ ରେ ହଜିଗଲେ ଓ ଯିବାକୁ ଲାଗିଲେ ।।।

ରାଣୀ ବାଡିପଟେ ଘର ଭିତରକୁ ଯାଇ ଦେଖେତ ତା ଜେଜେ ମାଆ କାନ୍ଦୁଛି । ଡରିଗଲା ରାଣୀ । ସବୁ ଜାଣିଦେଲେ ନା କଣ ? ଜେଜେମାକୁ ପଚାରିଲେ କଣ ହେବ ତାକୁ ଶୁଭୁନି କି ଦେଖାଯାଉନି ।

 Magazine Downloaded from www.aahwaan.com

ସେ ମୋ ରାଣୀ ଲୋ କୁଆଡେ ଗଲୁ ଲୋ ବୋଲି ବାହୁନି କାନ୍ଦୁଥାଏ । ସେ ବୁଝିଗଲା ଯେ ସେ ଧରା ପଡିଯାଇଛି । ବାହାରକୁ ଯିବାକୁ ସାହସ ନଥିଲା ।କିନ୍ତୁ ବାହାରେ ବି କାନ୍ଦୁଥିବା ଖୁଡୀଙ୍କୁ କେହି କହୁଥାଏ ସେମାନେ ଡାକ୍ତରଖାନାରୁ ଫେରିଲେଣି ବୋଲି । ରାଣୀ ଦୌଡିଯାଇ ଖୁଡୀଙ୍କୁ ପଚାରିଲା । କିନ୍ତୁ, ଏଇ ସମୟରେ ଆମ୍ବୁଲାନ୍ସ ଆସିଲା । ସାହି ସାରା ଭିଡ ହୋଇଗଲେ । ଅଜଣା ଆଶଙ୍କାରେ ଡରିଯାଇଥାଏ ରାଣୀ । କିନ୍ତୁ ବାପା ବୋଉ ସବୁ ତ ସୁସ୍ଥ ଅଛନ୍ତି । ଭାଇ ଦାଦା ସବୁ ପଛ ଗାଡିରୁ ଓହ୍ଲାଇଲେ । ବୋଉ ଛାତି ବାଡେଇ କାନ୍ଦୁଥାଏ । ବାପା ଖସିପଡିଲେ ଅଗଣାରେ । ଦୌଡିଗଲା ରାଣୀ । ପାଦ ତଳୁ ତାର ଜମି ଫାଟିଗଲା । ଆମ୍ବୁଲାନ୍ସ ଭିତରେ ରାଜା ବସିଛି । ଆଉ ଷ୍ଟ୍ରେଚରରେ ଶୋଇଛି ନିଜେ ରାଣୀ । ଶବଟିଏ ହୋଇ ।

ରାଜା ରାଣୀକୁ ଆସି କୁଣ୍ଢେଇ ପକେଇ କାନ୍ଦିବାକୁ ଲାଗିଲା । ରାଣୀ ଚମକି ପଡି ରାଜାକୁ କହିଲା - ରାଜା ମୋ ଧନ ତମେ । ରାଜା ରାଣୀର ହାତ ଧରି ଦୌଡିବାକୁ ଲାଗିଲା । ରାଜା ଘର ସାମ୍ନାରେ ଭିଡ । ଘେରିବସି କାନ୍ଦୁଛନ୍ତି ରାଜାର ଘର ଲୋକ ରାଜାର ଶବ ଚାରିପାଖରେ ।

ରାଜା - ଭୋଭୋ କରି କାନ୍ଦି କହିଲା ହଁ ରାଣୀ ମୁଁ ବି । ବିଲରେ ରାଣୀ ନାକରେ କାଦୁଅ ପଶି ଓ ରାଜାର ଅଟୋ ଧକ୍କାରେ ଦୁହେଁ ସାଜିଥିଲେ ଆତ୍ମା, ଅଶରୀର ପ୍ରେମ ଦିବସ ପୂର୍ବ ଦିନ ରାତିରେ । ଦୁହେଁ ଏକାତ୍ମା ହୋଇ ଯାଉଥିଲେ କେଉଁ ଏକ ଅଜଣା ରାଇଜେ ଖୋଜିବାକୁ ମିଳନର ସ୍ୱର୍ଗ ।

ଝଜିରୀବାହାଳ । ଅନୁଗୋଳ । ୭୯୦୪୪୫୮୧୪୫ ।

 Magazine Downloaded from www.aahwaan.com

# ଚୋରାବାଲି



ସୁଷମା ପରିଡ଼ା

ସୁମନକୁ ନିଶାମୁକ୍ତି କେନ୍ଦ୍ରରେ ଛାଡି ଫେରୁଥିଲା ଅଲିଭା । କାନ୍ଦିକାନ୍ଦି ଆଖି ଦୁଇଟା ଗେଣ୍ଡା ଭଳିଆ ଫୁଲି ଯାଇଥିଲା, କେଶ ଫୁରୁଫୁରୁ ହୋଇ ଉଡୁଥିଲା, ତାକୁ ଦେଖିଲେ ହିଁ ଲାଗୁଥିଲା ସେ କିଛି ଗୋଟାଏ ହଜେଇ ଆସିଛି । ଆଜିକୁ ସାତଦିନ ତଳେ ସେ ନରେଶ ସାଙ୍ଗରେ ଗାଁରୁ ଆସିଥିଲା କଟକ ସୁମନକୁ ଡାକ୍ତରଙ୍କୁ ଦେଖାଇବା ଲାଗି । ଗାଁରେ ଛଅ ମାସ ଧରି ସୁମନର ଦେହ ବରାବର ଖରାପ ରହୁଥିଲା । ଖୁଁ ଖୁଁ କାଶରୁ ଆରମ୍ଭ ହୋଇଥିଲା ସୁମନର ଅସୁସ୍ଥତା । ଥଣ୍ଡା ଅନବରତ ଲାଗି ରହୁଥିଲା, ନାକରୁ ସବୁବେଳେ ପାଣି ଗଡୁଥିଲା । ଧୀରେ ଧୀରେ ଦେହହାତ ଘୋଳାବିନ୍ଧା ହୋଇ ଛଟପଟ ହେଉଥିଲା ସୁମନ । କ୍ରମେ କ୍ରମେ ସେ ଛଟପଟ ହେବାର ମାତ୍ରା ବଢି ବଢି ଚାଲିଲା, ସେଇ ସମୟରେ ଲାଗୁଥିଲା ଯେମିତି ସୁମନର ତଣ୍ଟିକୁ କିଏ ଚିପି ଧରିଛି, ସେ ଅଣନିଃଶ୍ୱାସୀ ହୋଇ ପଡୁଥିଲା ଜାଲ ଭିତରେ ପଡିଥିବା ମାଛଟିଏ ଭଳି, ପେଟକୁ ଧରି ଗଡି ଯାଉଥିଲା ଭୂଇଁ ଉପରେ । ତା'ର କଷ୍ଟ ଦେଖି ଛାତି କୋରି ହେଇ ଯାଉଥିଲା ଅଲିଭାର । ନରେଶ ପୁଅର କଷ୍ଟ ଦେଖି ସହିପାରୁ ନଥିଲେ ମଧ୍ୟ ମୁହଁରେ କିଛି କହୁ ନଥିଲେ । ସେ ସବୁଦିନେ ସେମିତି ଅନ୍ତଃମୁଖୀ । ଦୁଃଖରେ ଛାତି ଫାଟି ଯାଉଥିଲେ ମଧ୍ୟ ଉପରକୁ ପୁରା ସ୍ଥିର ଜଣା ପଡୁଥିବେ । ମନ ଭିତରେ କୋହକୁ ଚାପି ରଖି ଏକବାର ସାଧାରଣ ଢଙ୍ଗରେ ବ୍ୟବହାର କରୁଥିବେ ସତେ ଯେମିତି ତାଙ୍କୁ କେଉଁଠି କିଛି ଫରକ ପଡୁନି । ସୁମନର ଏମିତି ଅବସ୍ଥା ଦେଖି ସେ ଧରି ନେଇଥିଲେ ଯେ କେଉଁଠି ଗୋଟିଏ

 Magazine Downloaded from www.aahwaan.com

ଅସୁବିଧା ନିଶ୍ଚୟ ହୋଇଛି ସୁମନର । ସେଥିଲାଗି ପଇସା ପତ୍ର ଯୋଗାଡ କରି ଅଲିଭା ଆଉ ସୁମନକୁ ସାଥୀରେ ଧରି ବାହାରି ଆସିଥିଲେ କଟକ ବଡ ମେଡିକାଲରେ ବଡ ଡାକ୍ତରଙ୍କୁ ଦେଖାଇ ପରାମର୍ଶ କରିବା ପାଇଁ ।

କଟକରେ ପହଞ୍ଚି ରାଣୀହାଟର ଗୋଟିଏ ଛୋଟ ଏବଂ ଶସ୍ତା ହୋଟେଲ୍ ରହିଥିଲେ ସେମାନେ । ପରଦିନ ମେଡିକାଲରେ ପହଞ୍ଚିଥିଲେ । ଆନୁଷଙ୍ଗିକ କାଗଜପତ୍ର କରି ଦେଖାଇଥିଲେ ମେଡିସିନ୍ ସ୍ପେଶାଲିଷ୍ଟଙ୍କୁ । ସବୁ ପରୀକ୍ଷା ନିରୀକ୍ଷା କରି ଡାକ୍ତର କହିଲେ, "ଏଇଟା ଡ୍ରଗ୍ ଆଡିକ୍ସନ କେଶ୍, ଏଥିଲାଗି ଲମ୍ବା ଚିକିତ୍ସା କରିବାକୁ ପଡିବ, ରୋଗୀକୁ ଶୀଘ୍ର ଚିକିତ୍ସା ନକଲେ ରୋଗୀ ପାଗଳ ହୋଇ ଯାଇପାରେ କିମ୍ବା ମରି ଯାଇପାରେ, ଆପଣ ତୁରନ୍ତ ତ୍ୟାର ଚିକିତ୍ସା ଆରମ୍ଭ କରନ୍ତୁ ମୁଁ ତ୍ୟାକୁ ଆଡମିଶନ ପାଇଁ ଲେଖି ଦେଉଛି ।"

ଥକ୍କା ମରା ହୋଇ ବସି ପଡିଥିଲେ ଅଲିଭା ଆଉ ନରେଶ । ଅଠର ବର୍ଷର ପୁଅ ତାଙ୍କର "ଡ୍ରଗ୍ ଆଡିକ୍ଟେଡ୍ ?" ସ୍କୁଲ ଛାଡ଼ି କଲେଜ ଯିବାର ଦୁଇ ବର୍ଷ ପୁରି ନାହିଁ,କେଉଁଠି ଶିଖିଲା ଏ ସର୍ବନାଶୀ ବିଦ୍ୟା ?

ଗୋଟିଏ ବୋଲି ପୁଅ ତାଙ୍କର, କେତେ ଶାନ୍ତଶିଷ୍ଟ, କେତେ ସୁଧାର ଥିଲା । ଫାଷ୍ଟ ଡିଭିଜନରେ ମାଟ୍ରିକ ପାସ୍ କରିଥିଲା ଗାଁ ସ୍କୁଲରୁ । ରେଭେନ୍ସା କଲେଜରେ ସାଇନ୍ସ ପଢିବାପାଇଁ ସିଲେକ୍ସନ ହେବାରୁ ଖୁସିରେ ଉଛୁଳି ପଡିଥିଲା ବାପାମାଆଙ୍କ ମନ । ଆଡମିଶନ୍ ପରେ ହଷ୍ଟେଲ ନ ମିଳିବାରୁ ପାରେଶ୍ୱର ସାହିରେ ମେସ୍‌ଟିଏ କରି ରହୁଥିଲା ସାଙ୍ଗମାନଙ୍କ ସହିତ । କେତେବେଳେ କେମିତି ଛୁଟିଦିନ ମାନଙ୍କରେ ଗାଁକୁ ଯାଉଥିଲା । କାଇଁ କେବେ ତ ଏକଥା ଅନୁମାନ କରି ପାରିନଥିଲେ ସେମାନେ । ହଁ, ଆଗରୁ ହଜାରେ ଟଙ୍କା ମାସରେ ପକେଟ୍ ଖର୍ଚ୍ଚ ଦେଉଥିଲେ ଚଳି ଯାଉଥିଲା ସୁମନ, ଧୀରେ ଧୀରେ ତା'ର ଖର୍ଚ୍ଚ

 Magazine Downloaded from www.aahwaan.com

ବଢୁଥିଲା, ହଜାରେରୁ ଦୁଇହଜାର ଟପି ତିନି ହଜାର ଧରିଲା ବେଳକୁ ବିରକ୍ତ ହୋଇଥିଲେ ନରେଶ । ଅଲିଭାକୁ କହିଥିଲେ କ'ଣ କରୁଛି କି ସୁମନ ପଇସା ଗୁଡାକ ? ମୁଁ କେତେ କଷ୍ଟ କରୁଛି ଏ ପ୍ରାଇଭେଟ୍ କମ୍ପାନୀରେ ପଇସା ରୋଜଗାର କରିବା ଲାଗି ତମେ ମା'ପୁଅ ଦି ଜଣ ବୁଝି ପାରୁନ ନା କଅଣ ? ଅଲିଭା କହିଥିଲା, "ଓହୋ ! ତମର ସବୁବେଳେ ଖାଲି ପଇସା କଥା । ଛୁଆଟା କ'ଣ ମନକରି ସାଙ୍ଗ ସାଥିରେ ଖାଇ ଦେଇଥିବ କି ବୁଲାବୁଲି କରି ସିନେମା ଫିନେମା ଟିକେ ଦେଖି ଦେଇଥିବ, ସେଥିଲାଗି ପଇସା ସରି ଯାଇଥିବ, ତମେ ଏମିତି ଜାହାଜ ଖାଲି ହୋଇଗଲା ଭଳିଆ ଚିଲ୍ଲା ପକେଇଛ କାହିଁକି ଯେ ?" ମୁହଁକୁ ବନ୍ଦକରି ଫେରି ଆସିଥିଲେ ନରେଶ ।

ତା'ପର ମାସଠାରୁ ଆଉ ତାଙ୍କୁ ଅଧିକ ପଇସା ମାଗିନଥିଲା ସୁମନ । ନରେଶ ଭାବୁଥିଲେ ବାପ ଧମକରେ ସାବାଡ୍ ହୋଇଯାଇଛି ସୁମନ । କିନ୍ତୁ ସେ ଯେ ଚୁପ୍ ଚୁପ୍ କରି ଅଲିଭାଙ୍କର ହାତ ପାଣ୍ଠି ଖାଲି କରୁଥିଲା ସେକଥା ନରେଶ ଜାଣିବା ବେଳକୁ ବହୁତ ଡେରି ହୋଇ ଯାଇଥିଲା । କାରଣ ପୁତ୍ର ମୋହରେ ଅଲିଭା ଏତେ ଅନ୍ଧୁଣୀ ହୋଇ ଯାଇଥିଲେ ଯେ ପୁଅର ଅସ୍ୱାଭାବିକ ଆଚରଣ ସବୁ ତାଙ୍କ ଆଖିରେ ପଡୁନଥିଲା, ପଡୁଥିଲେ ବି ସେ ତାକୁ ଗୁରୁତ୍ୱ ଦେଉନଥିଲେ । ସୁମନର ଏମିତି ଖାପଛଡା ବ୍ୟବହାର କିନ୍ତୁ ନରେଶଙ୍କ ଆଖିରୁ ବାଦ ପଡିନଥିଲା । ନରେଶ ଲକ୍ଷ୍ୟ କରୁଥିଲେ ସୁମନ ଆଜିକାଲି ତାଙ୍କୁ ଆଖିରେ ଆଖି ମିଶେଇ କଥା କହୁନି, ସବୁବେଳେ ଗୁମ୍ ସୁମ୍ ରହୁଛି, ଛୁଟିଦିନମାନଙ୍କରେ ଘରକୁ ଆସିବା ଅପେକ୍ଷା ମେସ୍‌ରେ ରହିବାକୁ ଇଚ୍ଛା କରୁଛି, ଫୋନରେ କଥା ହେଲାବେଳେ ଅନୁଚ୍ଚ ଶବ୍ଦରେ କଥାବାର୍ତ୍ତା କରୁଛି, କେହି ଆସିଗଲେ ଫୋନଟିକୁ କାଟିଦେଉଛି ଏମିତି ଅନେକ ଅସ୍ୱାଭାବିକ ଆଚରଣ ସବୁ କରୁଛି । ଦିନେ ଅଲିଭାଙ୍କୁ ଏକଥା ସେ କହିଥିଲେ ମଧ୍ୟ । କିନ୍ତୁ ଅଲିଭା

 Magazine Downloaded from www.aahwaan.com

ଏସବୁ ଏମିତିକା ବୟସରେ ହୁଏ କହି ଏଡେଇ ଯାଇଥିଲେ । ଦିନେ ଗାଧୁଆ ଘରୁ ଖାଲି ଦେହରେ ବାହାରି ଆସୁଥିବା ସୁମନର ବାହୁରେ ସେ ଦେଖିଲେ ଇଞ୍ଜେକ୍ସନ ଛୁଞ୍ଚିର ଦାଗ । ସୁମନକୁ ପାଖକୁ ଡାକି ସେ ବିଷୟରେ ପଚାରିଲେ ମଧ୍ୟ, କିନ୍ତୁ ସୁମନ କହିଲା ଯେ କଲେଜରେ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା ତ ସେଥିଲାଗି ସେ ବ୍ଲଡ୍ ଗ୍ରୁପ୍ କରିବା ପାଇଁ ସେଠୁ ସାମ୍ପଲ ନେଇଥିଲେ ଡାକ୍ତର । ଆଶ୍ୱସ୍ତ ହୋଇଥିଲେ ନରେଶ ।

ଫାଇନାଲ ପରୀକ୍ଷା ସରିଲା ପରେ ଘରକୁ ଫେରିଲା ସୁମନ । କିନ୍ତୁ ସେ ପ୍ରତିଦିନେ ଦୁଇଦିନ ଅନ୍ତରରେ କଟକ ଯିବା ଛାଡୁନଥିଲା । ତାକୁ ଯେତେ ମନାକଲେ ବି ସେ ଶୁଣୁନଥିଲା । ଆଜି ଏ କାମ ଅଛି, କାଲି ସେ କାମ ଅଛି କହି ଖସି ଯାଉଥିଲା । ଲାଗୁଥିଲା ଯେମିତି କଟକରେ ସେ କିଛି ଛାଡ଼ି ଆସିଛି ଯାହା ତା'ର ଏକାନ୍ତ ଆବଶ୍ୟକ । ଅଯଥାରେ ଯିବା ଆସିବା କରି ପଇସା ଗୁଡାକ ନଷ୍ଟ କରୁଛି ବୋଲି ବିରକ୍ତ ହେଉଥିଲେ ନରେଶ ।

ସେଥରକ କ'ଣ ହେଲା କେଜାଣି କଟକରୁ ଫେରିବା ପରେ ସେ କେମିତି ଅସ୍ତବ୍ୟସ୍ତ ଜଣା ପଡୁଥିଲା । ଘରୁ ବାହାର, ବାହାରୁ ଘର ଏମିତି ଅଣନିଃଶ୍ୱାସୀ ହୋଇ କ'ଣ ଯେମିତି ଖୋଜି ବୁଲୁଥାଏ ସୁମନ । ବାହାରେ ରହି ତା'ର ଏ ବ୍ୟସ୍ତତାକୁ ଲକ୍ଷ୍ୟ କରୁଥିଲେ ନରେଶ । ତା'ପାଖକୁ ଯାଇ ପଚାରିଲେ ସେ କ'ଣ ଖୋଜୁଛି ବୋଲି । କିଛି ନାହିଁ କହି କଥା ବୁଲେଇ ଦେଲା ସୁମନ । ନରେଶ ଦେଖିଲେ ସୁମନର ଦେହ ମୁଣ୍ଡ ଥରୁଛି, ସେ ନିଶ୍ୱାସ ପ୍ରଶ୍ୱାସ ନେବାକୁ କଷ୍ଟ ପାଉଛି । ଧାଇଁ ଯାଇ ତାକୁ ଧରି ପକେଇ ଅଲିଭାଙ୍କୁ ଡାକ ପକାଇଲେ ନରେଶ । ସେତେବେଳକୁ ସୁମନ କେଉଁ ଏକ ଅଜଣା ଆତଙ୍କରେ ଛଟପଟ ହେଉଥାଏ । ତା'ର ହାତଗୋଡ ମୁଠା ମୁଠା ହୋଇ ଯାଉଥାଏ । ପାଟିରୁ ଫେଣ ବାହାରୁଥାଏ । ଆଖିରୁ ଧାର ଧାର ଲୁହ ବୋହି ଯାଉଥାଏ । ନରେଶ ଭାବୁଥିଲେ ପୁଅକୁ କିଛି ଗୋଟାଏ ବଡ ରୋଗ

 Magazine Downloaded from www.aahwaan.com

ହୋଇଛି । ମୁହଁକୁ ପାଣି ଛାଟି ତାକୁ ସାଷ୍ଟାମ କରିବାକୁ ଲାଗିଗଲେ ବାପମାଆ ଦୁଇଜଣ ଯାକ । ନରେଶ କହିଲେ ଅଲିଭାଙ୍କୁ, ଆଜି ରାତିଟା କେମିତି କଟିଯାଉ । କାଲି ସକାଳୁ ପୁଅକୁ କଟକ ନେଇ ବଡ ମେଡିକାଲରେ ସ୍ପେଶାଲିଷ୍ଟଙ୍କୁ ଦେଖାଇବା । ସେଇ ଅନୁସାରେ ସେମାନେ ଆସିଥିଲେ କଟକ ବଡ ମେଡିକାଲକୁ ।

କାହାର ଗୋଟିଏ ବିକଟାଳ ଚିତ୍କାରରେ ଚମକି ପଡିଲା ଅଲିଭା । ତିନିଦିନ କାଳ ଅଖିଆ ଅପିଆ ବସି ରହିଥିଲା ରାତି ଅନିଦ୍ରା ହୋଇ ନିଶାମୁକ୍ତି କେନ୍ଦ୍ର ବାହାରେ ପଡିଥିବା ସେଇ ମଇଳା ବେଞ୍ଚ ଉପରେ । ଯେଉଁଠି ତା' ପୁଅ ଚିକିତ୍ସିତ ହେଉଥିଲା । ଓଃ କି କଷ୍ଟ ପାଉଥିଲା ସୁମନ, ତା'କୁ ଦେଖି ଛାତି ଫାଟି ଦି ଫାଳ ହୋଇ ଯାଉଥିଲା ଅଲିଭାର । ଆଉ ସମ୍ଭାଳି ପାରୁନଥିଲା ସେ । ତା'କୁ ହୋଟେଲକୁ ଫେରିଯିବାକୁ ଅନୁରୋଧ କରି କରି ଥକି କି ଫେରି ଯାଇଥିଲେ ନରେଶ ଶସ୍ତା ହୋଟେଲର ସେଇ ଛୋଟ ରୁମଟିକୁ । ମନେମନେ ପଶ୍ଚାତାପ କରୁଥିଲା ଅଲିଭା, ଯଦି ନରେଶଙ୍କ କଥାରେ ସେ ପ୍ରଥମରୁ ଧ୍ୟାନ ଦେଇ ଥାଆନ୍ତା ତେବେ ତା'ପୁଅ ଏମିତି ଅବାଟକୁ ଯାଇ ନଥାନ୍ତା । ମାରାତ୍ମକ ନିଶାର ଚୋରାବାଲିରେ ଫସି ଏମିତି ପ୍ରାଣାନ୍ତକ କଷ୍ଟ ଭୋଗୁ ନଥାନ୍ତା । ଆଖିରୁ ଲୁହ ପୋଛି ବେଞ୍ଚ ଉପରୁ ଉଠିଲା ଅଲିଭା । ଦୁଇ ହାତଯୋଡ଼ି ପ୍ରାର୍ଥନା କଲା, “ହେ ଜଗନ୍ନାଥ ! ମୋ ପୁଅର ଦୋଷ କ୍ଷମା କରି ତା'କୁ ଆରୋଗ୍ୟ କରିଦିଅ ପ୍ରଭୁ, ସେ ସୁସ୍ଥ ହୋଇ ଘରକୁ ଫେରିଆସୁ, ତା'କୁ ଶକ୍ତି ଦିଅ ସେ ଏଇ ନିଶା ରାକ୍ଷସ କବଳରୁ ମୁକ୍ତି ପାଉ ।”

ଶାରଳା ଭବନ, ପୋତାପୋଖରୀ, ନୂଆବଜାର କଟକ

ଭ୍ରାମ୍ୟଭାଷ : ୯୩୩୭୨୭୨୬୪୭

 Magazine Downloaded from www.aahwaan.com

# ଜୀବନ୍ତ ଅନୁଭୂତି



ପ୍ରଦୀପ ବନ୍ଧ

ସେଦିନ ଥାଏ ଅକ୍ଟୋବର ମାସ ତେର ତାରିଖ । ସକାଳୁ ସକାଳୁ ରେଡ଼ିଓ ରେକଡିଂ ପାଇଁ ଡାକରା ଆସି ପହଁଚିଲା, ପାଖରେ ଗୋଟେ ବି ହେଲେ ପଇସା ନଥାଏ, କେମିତି ଯିବି କ'ଣ କରିବି ଭାବି ଭାବି ମନଟା ଗୋଳେଇ ଘାଣ୍ଟି ହେଉଥାଏ । ଅସହାୟ ମନେ ହେଲେ ମୋ ଅତି ପ୍ରିୟ ବନ୍ଧୁ ରତିକୁ ସବୁ କଥାରେ ସେୟାର କରେ, ତା ପାଖକୁ ଯାଇ ସବୁ କହିଲା ପରେ ସତେ ଯେମିତି ତା ହୃଦୟରେ ଭଗବାନ ମହାପ୍ରଭୁ ଶ୍ରୀ ଜଗନ୍ନାଥ ବିରାଜମାନ ହୋଇ ମୋତେ ବାଟ କଢେଇ ନେଲେ ଭଳି ମନେ ହେଉଥିଲା ।

ରତି ପାଟିରୁ ଆପେ ଆପେ ବାହାରି ଆସିଲା ବୋକା ତୁ କାହିଁକି ଭୁବନେଶ୍ୱରରୁ ଓହ୍ଲେଇ ପୁଣି କୋଣାର୍କ ଯିବୁ, ଗୋଟେ କାମ କର ସିଧା ସଳଖ ପୁରୀ ଚାଲିଯା ଜଗନ୍ନାଥଙ୍କ ଦର୍ଶନ ବି କରି ତୋ କାମ ସାରି ଫେରିଆସିବୁ । ଆଉ ପଇସା ନିଜ ପକେଟରୁ କାଢି କହିଲା ଜଗତର ନାଥ ଜଗନ୍ନାଥଙ୍କୁ ମୋ ପାଇଁ ଟିକେ କହିବୁ, ଏସବୁ ଏତେ ଶୀଘ୍ର ମୋ ଜୀବନରେ ପରିବର୍ତ୍ତନ ଆସିବ ଭାବି ଭାବି, ମହା ବଳିଆନ ବାଲିହାର ଭୁଜ ଶ୍ରୀ ଶ୍ରୀ ହଳଧରଙ୍କ ସତ ସିଂହର ବଳ ମୋ ଶରୀରରେ ଜାଗ୍ରତ ହେଇ ଉଠୁଥିଲା, ସମୟ ସେତେବେଳେ ସନ୍ଧ୍ୟା ସାତଟା ପନ୍ଦର କି ସାଢ଼େ ସାତଟା ହେବ ।

ଆମ ବଜାରରୁ ପାଞ୍ଚ କିମି. ପର୍ଯ୍ୟନ୍ତ ଯାତାୟତ ପାଇଁ ନିହାତି କେହି ଜଣେ ସାହାଯ୍ୟର ଆବଶ୍ୟକ ଭାବି ଭାବି ବାପାଙ୍କ ପାଖକୁ ଯାଇ ସବୁ ଜଣେଇ ଲୁଗାପଟା ପିନ୍ଧି ବାହାରି ବାପାଙ୍କୁ

 Magazine Downloaded from www.aahwaan.com

ମୁଣ୍ଡିଆଟେ ମାରି ଆସିଲା ବେଳେ ବାପା କିଛି ପଇସା ଦେଲେ । ଖୁସି ମନରେ ଆସି ରାସ୍ତା ପାଖ ଦୋକାନରେ ପାଣି ଟୋପେ ପିଇ କେତେ କ'ଣ ଭାବୁଥାଏ ଯିବି କେମିତି । ହଠାତ୍ ଜଣେ ଅଚିହ୍ନା ଅଜଣା ବାଇକି ଚାଳକ ଆସି ମୋ ସାମ୍ନାରେ ବ୍ରେକ ମାରି କହିଲେ ଯିବେକି ଭାଇ ? କିଛି ନ କହି ହଁ କହି ବସିପଡ଼ିଲି । ଏତେ ଖୁସି ଯେ ସେ ସମୟରେ ଆଉ କାହାରି କଥା ମନେ ପଡୁନଥାଏ । କେବଳ ସେହି ମହାପ୍ରଭୁଙ୍କ କୃପା ଏମିତି ଭାବି ଭାବି ଖୁସିରେ ଆଖି ଭିଜି ଯାଉଥାଏ, ସେ ବାଇକି ଚାଳକ ଭାଇ ଜଣକ କେତେ କ'ଣ ଗପି ଚାଲିଥାନ୍ତି । ହଠାତ୍ ବ୍ରେକ ମାରି କହିଲେ, ଆରେ ଭାଇ ମୁଁ ଏତେ ଗପିଚାଲିଛି ଆପଣ କିଛି କହୁନାହାନ୍ତି ଯେ ? କିଛି ନ କହି ଓହ୍ଲେଇ ଠିଆ ହୋଇ କହିଲି ନା କିଛି ନାହିଁ । ଏକଥା ଶୁଣି ପୁଣି ଗାଡି ଷ୍ଟାର୍ଟ ମାରି ବସନ୍ତ କହି ଚଲେଇବାକୁ ଲାଗିଲେ, ଅଳ୍ପ ସମୟ ମଧ୍ୟରେ ଯାଇ ବସ୍‌ଷ୍ଟାଣ୍ଡ ପାଖରେ ପହଞ୍ଚିଗଲୁ, କହିଲେ ଏଥର ଭାଇ ଓହ୍ଲାନ୍ତୁ ମୋର ଟିକେ କାମ ଅଛି ଏପଟକୁ ଯିବି କହି ମୋତେ ଛାଡ଼ି ଗଲାବେଳେ ତାଙ୍କୁ ପ୍ରଣାମଟିଏ କରି କହିଲି ଜଗନ୍ନାଥ ଆପଣଙ୍କର ମଙ୍ଗଳ କରନ୍ତୁ, ସେତେବେଳକୁ ପ୍ରାୟ ଆଠଟା ପାଖାପାଖି, ସେଠାରେ ଠିଆ ହୋଇଥାଏ ଆଉ ଗୋଟେ ହେଲେବି କୌଣସି ଗାଡି ରଖୁନଥାନ୍ତି, ଭଗବାନଙ୍କୁ ଡାକି ଡାକି ରାସ୍ତା କଡରେ ଠିଆ ହୋଇଥାଏ ।

ଅଧଘଣ୍ଟାଏ ପରେ ସେହି ଭାଇ ଜଣକ ପୁଣି ଫେରିଆସି ବ୍ରେକମାରି କହିଲେ ଆରେ ଭାଇ ଆପଣ ସେତେବେଳୁ ଠିଆ ହୋଇଛନ୍ତି । କୁଆଡେ ଯିବେକି ଏତିକି ତାଙ୍କ ପାଟିରୁ ସରିଛି କି ନାହିଁ ଖୁସିରେ ଅତି ନିଜର ଲୋକ ଭଳି ଭାବି ତାଙ୍କ ଗାଡ଼ିରେ ବସିପଡି କହିଲି ବାସୁଦେବପୁର ଯିବି, ତା'ପରେ ଆମେ ଅନେକ କଥାହେଲୁ ସେ ଗାଡି ଚଲାଉଥାନ୍ତି, ମୋ ମନେ ମନେ ଭଗବାନଙ୍କୁ ଶହ ଶହ ପ୍ରଣାମ କରି ହୁଁ ମାରି ଚାଲିଥାଏ, ଶେଷରେ ସେ ଗୋଟିଏ

 Magazine Downloaded from www.aahwaan.com

କଥା କହିଥିଲେ ଏବେବି ମୋର ମନେ ଅଛି ଆପଣ ଯଦି କୌଣସି ଜୀବଜନ୍ତୁଙ୍କୁ ସାହାଯ୍ୟ କରିଥିବେ ଆପଣଙ୍କୁ ଭଗବାନ ନିଶ୍ଚୟ ସାହାଯ୍ୟ କରିବେ । ହେଇ ଦେଖୁନାହାନ୍ତି ଆପଣଙ୍କୁ ବାଟ କଢେଇ ନେବା ପାଇଁ ମହାପ୍ରଭୁ ଜଗନ୍ନାଥ କେମିତି ମୋତେ ପଥ ପ୍ରଦର୍ଶକଟିଏ କରି ପଠେଇଛନ୍ତି । ଏମିତି କହୁ କହୁ ବାସୁଦେବପୁର ଆସିଗଲା । ବ୍ରେକ ମାରି କହିଲେ ଏଇଠି ଓହ୍ଲେଇବେ ନା ଆଉ କୁଆଡେ ଯିବେ ମୁଁ ଭଦ୍ରକ ଯିବି କହି ଆନନ୍ଦରେ ଅଶ୍ରୁ ଆସିଗଲା ଜଗନ୍ନାଥଙ୍କୁ ସୁମରି ହୃଦୟରୁ ପ୍ରଣାମଟିଏ କରି ପୁଣି ଗାଡ଼ିରେ ବସି ଭଦ୍ରକରେ ପହଁଚିଲା ବେଳକୁ ପ୍ରାୟ ଦଶଟା । ଶୀଘ୍ର ଯାଇ ଟିକେଟ କାଟି ପଚାରି ବୁଝେିତ କହିଲେ ତିନି ନମ୍ବର ପ୍ଲାଟଫର୍ମରେ ଜଗନ୍ନାଥ ଏକ୍ସପ୍ରେସ କିଛି ସମୟ ମଧ୍ୟରେ ଛାଡିବ । ଏକଥା ଶୁଣି ଦଉଡି ଦଉଡି ଯାଇ ପହଞ୍ଚିଲା ବେଳକୁ ଟ୍ରେନଟି ଛାଡିବ ଅବସ୍ଥାରେ । ଚଳନ୍ତା ଟ୍ରେନରେ ଉଠିପଡ଼ି ଗୋଟେ କଣରେ ଠିଆ ହୋଇ ନିଶ୍ୱାସ ମାରିଲି ଜୟ ଜଗନ୍ନାଥ ତୋର ଅପର କରୁଣା ପ୍ରଭୁ କହୁ କହୁ, ଟିଟି ଜଣେ ଆସି ଟିକେଟ ଟିକେଟ କହି ମୋତେ ପଛପଟୁ ଛୁଇଁଲା ବେଳକୁ ମୁଁ ହଠାତ୍ ବୁଲି ପଡି ଦେଖେ ତ ସେହି ଚିହ୍ନା ମୁହଁ ।

ଯିଏକି ପ୍ରଥମରୁ ମୋତେ ଭଦ୍ରକ ପର୍ଯ୍ୟନ୍ତ ସାହାଯ୍ୟ କରି ଆଣି ଖୁସିର ଲହରୀ ଖେଳେଇ ଦେଇଛନ୍ତି । ମୁଁ ଆଶ୍ଚର୍ଯ୍ୟ ହୋଇଗଲି କେମିତି ସମ୍ଭବ ଭଗବାନ ନିଜେ ଆସି ମୋ ପ୍ରତିଟି ଦୁଃଖର ପାହାଚରେ ଫୁଲଟିଏ ହୋଇ ପଦାର୍ପଣ କରୁନାହାନ୍ତି ତ ତାଙ୍କ ମୁହଁକୁ ବଲ ବଲ କରି ଚାହିଁଥାଏ । ଅତି ଖୁସି ମନରେ ପଚାରିଲି ଆପଣ ଆଜ୍ଞା କହିବା ସରିଛି କି ନାହିଁ ସେ - ହଁ ମୁଁ ଜଗନ୍ନାଥ ଏକ୍ସପ୍ରେସର ଟିଟି ଆପଣ ମୋତେ ପ୍ରଥମରୁ ମୋ ପଚାରିବାର ଉତ୍ତର ଗୁଡାକ ଦେଇଥିଲେ ଆଜି ଏତେ ଦୁଃଖ କି ଅସୁବିଧାରେ ସମ୍ମୁଖୀନ ହେବାକୁ ପଡିନଥାନ୍ତା । ହସିଦେଇ କହିଲେ ପାଗଳାଟା, ହଉ ଆସ ମୁଁ ଗୋଟେ ସିଟ୍ ଦଉଛି ତା'ପରେ ଗୋଟେ ସିଟ୍ ଦେଇ

 Magazine Downloaded from www.aahwaan.com

କହିଲେ କିଛି ଖାଇଛ ନା ନାହିଁ । କହୁ କହୁ ମୋ ମୁହଁକୁ ଚାହିଁ ପଚାରିଲେ ଆରେ ପାଗଳା ଖାଲି କାନ୍ଦୁଛ କାହିଁକି ? ମୁଁ ସବୁକଥା କହିବାକୁ ଲାଗିଲି ମୋ ସାହିତ୍ୟ ଜୀବନୀ କଥାଶୁଣି ଭାରି ଖୁସି ହେଲେ ମୋତେ ଅଭିନନ୍ଦନ କହି ଛାତି ଉପରକୁ କୋଳେଇ ନେଇ କହିଲେ ମୋତେ ଚିହ୍ନିଛନ୍ତି । ମୁଁ ଗୁଂ ମାରି କହିଲି ନା ଆଜ୍ଞା । ସବୁ ତାଙ୍କ ତରଫରୁ କହି ତାଙ୍କ ଭଜନ ସାତଟା ମୋତେ ଶୁଣେଇଲେ ନିଜେ ଲେଖି ନିଜେ କଣ୍ଠଦାନ ଏତେ ସୁନ୍ଦର କରିଛନ୍ତି ଯେ ଏତେ ସୁନ୍ଦର ଭାବଧାରରେ ରଚନା ମାନ ଶୁଣୁ ଶୁଣୁ ସତେ ଯେମିତି ପୁରୀ ବଡ଼ଦାଣ୍ଡରେ ନିଜ ଗରିବ ପଣିଆକୁ ବିଛେଇ ଦେଇ ତା ପାଦ ତଳେ ଶରଣ ନେଇ ଶହେ କୋଟି ପ୍ରଣାମ କରି ଚାଲିଥାଏ । ହଠାତ୍ କଟକ ଆସିଗଲା । ଟିଟି ଭାଇ ଜଣକ ଓହ୍ଲେଇ ପଡି କହିଲେ ମୁଁ ଅଧ ଘଣ୍ଟାଏ ପରେ ଆସିବି ଶହେ ଟଙ୍କା ରଖ କିଛି ଖାଇନେବ, ମୁଁ ମନା କରିବା ସତ୍ତ୍ୱେ ହାତରେ ଗେଞ୍ଜି ଚାଲିଗଲେ । ଏମିତି ହେଉ ହେଉ ଭୁବନେଶ୍ୱର ଆସିଗଲା ଯେତେ ଆଙ୍କୁ ପାଙ୍କୁ ହୋଇ ଖୋଜୁଥାଏ ସେ ଟିଟି ଜଣଙ୍କୁ ଆଉ ଭେଟି ପାରିଲି ନାହିଁ, ପୁରୀରେ ଓହ୍ଲେଇ ମଧ୍ୟ ପ୍ରଥମ ବଗିରୁ ଶେଷ ବଗି ପର୍ଯ୍ୟନ୍ତ ଖୋଜିଲି । ଶେଷରେ ନିରାଶ ହୋଇ ଆଖି ଛଳ ଛଳ ହୋଇଗଲା ସତରେ ହେ ମହାପ୍ରଭୁ ଜଗନ୍ନାଥ ଆପଣ ମଣିଷ ରୂପରେ ଆସି ମୋ ପ୍ରତିଟି ପାହାଚରେ ସୁଖର ଆସର ସଜେଇ ଦେଇ କୁଆଡେ ଉଭେଇ ଗଲେ କହୁ କହୁ ଭାଗବତର ଗୋଟେ ଆଦର୍ଶ ବାଣୀ ମନେ ପଡିଗଲା । ମନେ ମନେ ଗାଉଥାଏ ହେ ପ୍ରଭୁ ଯାହାକୁ ରଖିବେ ଅନନ୍ତ କେ କରିପାରେ ବଳବନ୍ତ । ଏମିତି ଜଗନ୍ନାଥଙ୍କର ଶହେ ଅଢ଼ଷଠି ନାମ ଉଚ୍ଚାରଣ କରୁ କରୁ ପୁରୀ ବେଳାଭୂମି ପୁରୀ ବେଳାଭୂମି କରି ଡାକି ଚାଲିଥାଏ ଯାଇ ଖୁସିରେ ବସିପଡ଼ିଲି, ଓହ୍ଲେଇଲା ବେଳକୁ ମୁହଁ ଅନ୍ଧାର ଥାଏ । କ'ଣ କରିବି କୁଆଡେ ଯିବି ଭାବି ଭାବି ମହୋଦଧି ତଟ ଆଡକୁ ଯାଇ ଶୌଚ ହୋଇସାରି ଫେରିଲା ବେଳକୁ ଜଣେ ଅଜଣା ବ୍ୟକ୍ତି ଠିଆ ହୋଇ

 Magazine Downloaded from www.aahwaan.com

ଆଖିରୁ ଲୁହ ନିଗାଡ଼ି କାନ୍ଦୁଥିବାର ଦେଖି ସହିପାରିଲିନି ।

ବୟସ ପ୍ରାୟ ପଞ୍ଚାବନ ପରେ ହେବ ପଚାରିଲି ଆଜ୍ଞା ଆପଣ କାନ୍ଦୁଛନ୍ତି କ'ଣ ହୋଇଛି । ଏତିକି ପାଟିରୁ ସରିଛି କି ନାହିଁ ଆହୁରି ଜୋର୍ କାନ୍ଦିବାକୁ ଲାଗିଲେ । କିଛି ସମୟ ପରେ ନିଜ ଦୁଃଖ ପ୍ରକାଶ କରିସରିବା ପରେ ମୋତେ ବହୁତ ଦୁଃଖ ଲାଗିଲା ଭଗବାନଙ୍କୁ ଆଖ୍ୟା କରି କହିଲି ଯାହା ଘଟିବାର ଥିଲା ଘଟି ସରିଛି ଚାଲନ୍ତୁ କିଛି ପଇସା ଦେବି ସେହି ଭଗବାନ ହିଁ ଆପଣଙ୍କୁ ସାହା ଭରସା । ଅମୃତମୟ ଅନୁଭବର ମହାମୟଙ୍କ ରୂପକାନ୍ତି ଦର୍ଶନାଭିଲାଷେ ସାଥିରେ ଚାଲିଥାଉ, ନାଲି ଅଧରିଆ ଚକାଡୋଳା ସତେ ଯେମିତି ପାଛୋଟି ନେଉଥାଏ ମନ୍ଦିର ବେଢା ଆଡକୁ । ପ୍ରଥମ ଭଗବାନଙ୍କ ସିଂହଦ୍ୱାରର ରକ୍ଷାକର୍ତ୍ତାଙ୍କୁ ପ୍ରଣିପାତ କରି ମହାପ୍ରଭୁଙ୍କ ଶ୍ରୀମନ୍ଦିର ଭିତରକୁ ପ୍ରବେଶ କଲୁ ।

ବ୍ରାହ୍ମଣ ଦୈତା ମାନଙ୍କର ବ୍ୟବହାର ଅତିଷ୍ଟ ଲାଗୁଥିଲେ ମଧ୍ୟ ଜଗତର ଠାକୁର ତିନି ଦିଅଁଙ୍କୁ ଦର୍ଶନ କରିବା ଲାଗି ଧାଡିରେ ଠିଆ ହୋଇ ଭାବ ଭକ୍ତିର ସେ ଜଗା, ବଳିଆ ଓ ମା ସୁଭଦ୍ରାଙ୍କ ମହା ମୁରତି ବେଶ ଦେଖି ଆଖି ହଟୁନଥାଏ । ପଛରୁ ଭକ୍ତଙ୍କର ଭିଡରେ କେତେ କ'ଣ ମନରେ ଭାବନୁରାଗରେ ଚାଲିଥାଉ, ପୋଲିସ ମାନଙ୍କର ଲାଠିମାଡରେ ବି ହଟୁନଥାଏ ଆଖି ଚାଲୁନଥାଏ ଆଗକୁ ପାଦ । ସତେ ଯେମିତି ଭକ୍ତର ମନ ବୁଝୁଥିବା ସେ ଏକା ଭାବର ମନୁଆ ଠାକୁର । ଚତୁର୍ଦ୍ଧା ମୁରତି ଦେଖି ଭୋକଶୋଷ ଦୁଃଖସବୁ ଯେମିତି ଲାଘବ ହେଇଯାଉଥାଏ । ଦର୍ଶନ ସାରି ଧଣ୍ଡା ଅମୃତ ପାନ କରି ଅଭଡ଼ା ଖାଇ ବଡ଼ ଦାଣ୍ଡକୁ ବାହାରି ଆମେ ଦୁଇ ଜଣ ଚାଲିଥାଉ । କିଛି ବାଟ ଗଲା ପରେ ହଠାତ୍ ସେ ବୟସ୍କ ଲୋକ ଜଣକ କହିଲେ ଆଜି ଏ ବଡ଼ ଦାଣ୍ଡରେ ଯାହା ପାଇଲି ଆଉ ଜମା ଭୁଲି ପାରିବିନି ଏମିତି କହୁ କହୁ କହିଲେ ମୋର ଦୁଇଟି ଝିଅ ଆଜି ଠାରୁ ଜଗା ଦେଇଥିବା ଧନଟି ତମେ ଆଜି ଠାରୁ ମୋ

 Magazine Downloaded from www.aahwaan.com

ପୁଅ ହେଲ । କହି ଖୁସିରେ ଆଖିରୁ ଲୁହ ଗଡେଇ କୋଳେଇ ନେଲେ, ମୋ ହୃଦୟ ଆହୁରି ଗୁମୁରି ଗୁମୁରି କାନ୍ଦୁଥାଏ । ଖୁସିରେ ତାଙ୍କ ହାତରେ କିଛି ପଇସା ଦେଇ ପ୍ରଣିପାତ କରି କୋଣାର୍କର ରେଡ଼ିଓ ରେକଡିଂ ନିମନ୍ତେ ବାହାରୁ ବାହାରୁ ହଠାତ୍ ଜଣେ ବନ୍ଧୁ ଦେଖା ହୋଇ ମୋତେ କୋଣାର୍କରେ ଆଣି ଛାଡିଲେ, ସେ ମୁହୁର୍ତ୍ତ ଗୁଡିକୁ ମନେ ପକେଇଲେ ଆଖି ଭିଜି ଯାଉଛି କିନ୍ତୁ ପ୍ରଥମରୁ ସାହାଯ୍ୟ କରିଥିବା ବ୍ୟକ୍ତି ଜଣଙ୍କୁ ଖୋଜି ଖୋଜି ବି ମୁଁ ହାରି ସାରିଛି,ଏ ଗରିବ ଜୀବନର ଅନ୍ୟତମ ସେ ହିଁ ପରା ହଟ ହଟିଆ, ତାଙ୍କ କରୁଣ ଥିଲେ ଅନ୍ଧ ପଥଦର୍ଶକଟିଏ ହୋଇ ବାଟ କଢେଇ ନେବ ।

ପ୍ରଥମ ରେକଡିଂରେ ଗାଇଥିବା ଜଗନ୍ନାଥଙ୍କ ପାଦ ପଦ୍ମରେ ମୋର ପ୍ରେମ ନିବେଦନର ଆବୃତ୍ତି କବିତା । ।

ହେ କାଳିଆ ଠାକୁର । ।

ବଡ଼ ଦେଉଳରେ ରାଜା ତୁ କାଳିଆ
ଶୁଣୁଛୁ କୋଟିଏ ଡାକ,
ତୋତେ ଆଶା କରି ଧାଇଁ ମୁଁ ଆସିଛି
ମାଗିବାକୁ ମୁଠେ ଭିକ । ।

ସିଂହ ଦୁଆରରେ ଥାଳି ପାତି ପ୍ରଭୁ
ଗାଉଛି  ତୋହରି ନାମ,
କାହିଁକି ଯିବି ମୁଁ ଅନ୍ୟ ଦୁଆରକୁ
ତୋ ଚରଣେ ଚାରି ଧାମ । ।

 Magazine Downloaded from www.aahwaan.com

ତିନି ପାଦ ଭୁମି ମାଗିଥିଲ ପ୍ରଭୁ
ବଳିକୁ ବାମନ ହୋଇ
ତୋତେ ମୁଁ ମଗୁଛି ଶରଧା ବାଲିରୁ
ଦେ'ରେ ଚାଖଣ୍ଡେ ଭୂଇଁ ।।

ସେ ଭୂମିରେ ବସି ଭକତିରେ ରସି
ଗାଇବି ଭଜନ ତୋର
ନୀତି ଦେଖୁଥିବି ତୋ କଳା ମୁହଁକୁ
ଜୀବ ଥିବା ଯାଏ ମୋର ।।
ହେ କାଳିଆ ଠାକୁର
ହେ କାଳିଆ ଠାକୁର ।।

।। ଜୟ ଜଗନ୍ନାଥ ।।

ଭଦ୍ରକ, ବାସୁଦେବପୁର
ରାଜଘରପୋଖରୀ, ସାନମଛୁଆଘାଇ
ମୋ–୮୦୭୨୭୮୩୨୨୦ ।।

Magazine Downloaded from www.aahwaan.com

# ଅମୂଲ୍ୟ ଦାନ



ଅନସୂୟା ପଣ୍ଡା

ପୁଣିଥରେ ଅମୀୟଙ୍କ ମୋବାଇଲକୁ ଫୋନ ଲଗାଇଲା ନିଳୀମା । "ହଁ, ହଁ ଏବେ ବାହାରୁଛି ଅଫିସରୁ । ମିଟିଂ ସରୁ ସରୁ ଛଅଟା ବାଜି ଯାଇଥିଲା । ତମେ ରେଡ଼ି ହୋଇଥାଅ । ମୁଁ ପନ୍ଦର ମିନିଟରେ ପହଞ୍ଚୁଛି ଘରେ ।" ବ୍ୟସ୍ତ ବ୍ୟସ୍ତ ସ୍ୱରରେ କହୁଥିଲେ ଅମୀୟ ସେପଟୁ । ହଉ କହି ଫୋନ୍ ରଖିଥିଲା ସେ । କେତେବେଳୁ ସେ ପୁରା ସଜ ହୋଇ ବସିଛି । ଆଜି ଅନର୍ସ୍ ପିଲାମାଙ୍କର ଦୁଇଟା କ୍ଲାସ୍ ଥିଲା । ଗୋଟେ ପରେ କଲେଜରୁ ଫେରି ସୁଦିପ୍ତାର ମନପସନ୍ଦ ଚକୋଲେଟ୍ କେକ୍, ଛେନା ପାଏସ୍ କଲା ।

ସୁଦିପ୍ତା ତା ସାନ ଭଉଣୀ, ଡାକ୍ତର ଅଛି । ଆଜି ତା'ର ଜନ୍ମଦିନ । ଖୁବ୍ ସୁନ୍ଦର ପିଙ୍କ୍ କଲର ଲେହଙ୍ଗାଟିଏ ମଧ୍ୟ କିଣିଛି ସୁଦିପ୍ତା ପାଇଁ । ପିଙ୍କ୍ ରଙ୍ଗ ସୁଦିପ୍ତାର ଖୁବ୍ ପସନ୍ଦ । ଛୋଟ ବେଳଠୁ ଲେହ୍ଙ୍ଗା ପିନ୍ଧିବାକୁ ସୁଦିପ୍ତାର ଖୁବ୍ ଦୁର୍ବଳତା । ନିଳୀମା ଭାବିଥିଲା ତା ବାହାଘରକୁ ସୁଦିପ୍ତାପାଇଁ ଲେହ୍ଙ୍ଗାଟିଏ କିଣିବା ପାଇଁ, ମାତ୍ର ସେତେବେଳେ ସମ୍ଭବ ହୋଇ ପାରିନଥିଲା ।

ସମୁଦ୍ରପରି ସୁଦିପ୍ତା । କେବଳ ସେ ନିଳୀମାକୁ ଦେବା ଜାଣେ ।  ଭଲ ଡ୍ରେସଟେ, ଭଲ କାନଫୁଲ, ଭଲ ଖାଇବା ଜିନିଷ, ସବୁଥିରେ ଯେମିତି ନିଳୀମାର ପ୍ରଥମ ହକ୍ । ସବୁ ଭଲ ଯେମିତି ନିଳୀମାକୁ ଦେଇଦେଲେ ଖୁସିପାଏ । ଯେତିକି ଚଳଚଞ୍ଚଳ ସେତିକି ସ୍ଥିର, ନିର୍ବିକାର ଝିଅଟେ ସେ । ସବୁ ପରିସ୍ଥିତିକୁ ସେ ସାମନା କରିଛି ଗୋଟିଏ ସମାଧାନର ହାତ ନେଇ ।

 Magazine Downloaded from www.aahwaan.com

ନିଳୀମା ବଡ଼ ହେଲେ ବି ସବୁବେଳେ ନିଜ ସମସ୍ୟା କହି ବାପାବୋଉଙ୍କୁ ଚିନ୍ତା ଦେଇଛି । ବାପାବୋଉଙ୍କ ବାହାଘରର ଛଅବର୍ଷପରେ ନିଳୀମା ଜନ୍ମ, ତେଣୁ ଖୁବ୍ ଗେହ୍ଲା । ସବୁବେଳେ କେବଳ ଆଦେଶ ଦେଇଛି ଆଉ ଇଚ୍ଛା କରିଛି । ଆଉ ସୁଦିପ୍ତା ନିଜର ପାଠପଢ଼ା ସହ ଘରର ସବୁ ସମସ୍ୟା ବାପାଙ୍କ ଦେହ ଖରାପ ସମୟର ସମସ୍ତ ଦାୟିତ୍ୱ ରିଟାୟର୍ମେଣ୍ଟ ହେବାଯାଏଁ ବାପା ଘରଟିଏ ବି କରିନଥିଲେ, ଘର କରିବାର ସମସ୍ତ ଦାୟିତ୍ୱ ବି ସୁଦିପ୍ତା ନେଇ ମଧ୍ୟ ଆଜି ସିଏ ଏକ ସଫଳ ଡାକ୍ତର । ଘରର ସବୁ କୋଣ ଅନୁକୋଣରେ ସୁଦିପ୍ତା ହିଁ ସୁଦିପ୍ତା । ତଥାପି ବାପା ବୋଉଙ୍କର ନିଳୀମା ପାଇଁ ବ୍ୟାକୁଳତା ତାକୁ ଆହୁରି ଦୁର୍ବଳ କରିଦିଏ ।

ମାଗାଜିନ୍‌ରୁ ତା ଲେଖା ପଢ଼ି ଚିଠି ଲେଖିଥିଲେ ଅମୀୟ । ତାପରେ ତାଙ୍କ ସହ ଏମିତି ଯୋଗାଯୋଗ ଓ ମିଳାମିଶା ପରେ ଅମୀୟ ଆପଣାର ଲାଗିଥିଲେ ନିଳୀମାକୁ । ଅମୀୟ ଇଞ୍ଜିନିୟର୍ ଅଛନ୍ତି ତାଳଚେରରେ ।

ଜୀବନର ଅନେକ ଅସଫଳତା ପରେ ଭାଙ୍ଗିପଡ଼ିଥିଲା ନିଳୀମା । ଯଦି ବାହାଘର ପୁଣି ଏକ ଝଡ଼କୁ ଡାକିଆଣେ ! ବାହାଘର ପାଇଁ ମତ ଖୁବ୍ ଭିନ୍ନ ଥିଲା ନିଳୀମାର । ସବୁବେଳେ ସେ ଭାବେ ବାହାହୋଇଥିବା ଲୋକଟିକୁ ଆଗରୁ ଜାଣିବା ଦରକାର । ସେ ତାକୁ ବୁଝୁଥିବା ଦରକର । ଗୋଟେ ଅବାସ୍ତବ ବୈବାହିକ ଜୀବନ କାଟିବାକୁ ନିଳୀମାର ବିଲକୁଲ୍ ଇଚ୍ଛା ନଥିଲା । ତା ମନରେ ତିଆରି ହୋଇଥିବା ମଣିଷର ଛବି ସେ ଅମୀୟଙ୍କ ପାଖରେ ପାଇଥିଲା । ମାତ୍ର ଦୁଇମାସ ଚିହ୍ନା ଜଣାରେ ଅମୀୟ ତାଙ୍କ ଘରକୁ ବିବାହ ପ୍ରସ୍ତାବ ନେଇ ଆସିଥିଲେ ଆଉ ତା ବାପାବୋଉ ନିଳୀମାଙ୍କର ପସନ୍ଦକୁ ନାକଚ କରିବାର କୌଣସି ଅଭିଯୋଗ ଦେଇନଥିଲେ ଅମୀୟ । ତାଙ୍କର ବାହାଘର ବହୁ ଆଡ଼ମ୍ବର ସହିତ ସମ୍ପନ୍ନ

 Magazine Downloaded from www.aahwaan.com

ହୋଇଥିଲା । ଖୁବ୍ ଭଲ ମଣିଷ ଅମୀୟ, ଖୁବ୍ ଆପଣାର, ବୁଝିବାର, ନିହାତି ସରଳ ।

କାରର ହର୍ଣ୍ଣ ଶବ୍ଦରେ ନିଳୀମା ସଚେତନ ହେଲା । ଅମୀୟବାବୁ ଅଫିସରୁ ଆସିଲେ । ଦାଣ୍ଡ କବାଟ ଖୋଲୁ ଖୋଲୁ ନିଳୀମାକୁ ରେଡ଼ି ଥିବା ଦେଖି ଅମୀୟ କହିଲେ, "ଆଉ ଗାଡ଼ି ଗେଟ୍ ଭିତରକୁ ଆଣିବି କଣ, ତୁମେ ତ ବାହାରିକି ଅଛ, ଚାଲ ଯିବା । ସାଢ଼େ ଛଅଟା ବାଜିଲାଣି । ପାଖାପାଖି ଘଣ୍ଟେ ଲାଗିଯିବ ତୁମ ଘରେ ପହଞ୍ଚିବାକୁ । ସଂଧ୍ୟା ସମୟ, ଟ୍ରାଫିକ୍ ବି ଥିବ ।"

ନିଳୀମା କହିଲା, "ତୁମେ ଅଫିସରୁ ଆସିଛ, ଟିକେ ଧୁଆଧୋଇ ହୋଇଯାଅ । କଫି ଟିକେ କରିଦେଉଛି, ପିଇ ଦିଅ ।"

"ଆରେ ନା, ଡେରି ହୋଇଯିବ, ମୁଁ ଏମିତି ରେ ବି ଠିକ୍ ଅଛି ।" ଅମୀୟ କହିଦେଇ ଚପଲ ପିନ୍ଧିବାରେ ଲାଗିଲେ ।

ଟିକେ ହସିଦେଇ ନିଳୀମା କହିଲା, "ବାହାଘର ପରେ ତୁମେ ତୃତୀୟଥର ପାଇଁ ଶଶୁର ଘରକୁ ଯାଉଛ, ପୁଣୀ ଗୋଟେ ବୋଲି ସୁନ୍ଦରୀ ଶାଳୀର ଜନ୍ମଦିନ ଅଛି । ଆଉଥରେ ଭାବିନିଅ ।"

କଣ ଭାବି ଅମୀୟ ଗାଡ଼ି ଗେଟ୍ ଭିତରକୁ ପୁରାଇଲେ । ବାଥରୁମରୁ ଆସି କଫି କପ୍‌ଟା ନିଳୀମା ହାତରୁ ନେଉ ନେଉ କହିଲେ, "ସେ ବ୍ଲୁ ସରୁ ଚେକ୍ ସାର୍ଟ୍ ଯେଉଁଟା ସୁଦିପ୍ତା ମୋ ପାଇଁ ପଠାଇଥିଲା ସେଇଟା ଆଣିଲ ।"

ନିଳୀମା ମଧ୍ୟ ଆଉଟିକେ ନିଜକୁ ସଜାଡ଼ି ନେଲା । ବାପାବୋଉ ଦେଖି ଖୁସି ହୁଅନ୍ତୁ ଯେ ଝିଅ ତାଙ୍କର ବାହାଘର ପରେ ଖୁସିରେ ଅଛି ।

ବାହାଘର ଦିନପରେ, ସପ୍ତମଙ୍ଗଳାକୁ ଅମୀୟଙ୍କ ସହ ନିଳୀମା ଘରକୁ ଆସିଥିଲା ।

 Magazine Downloaded from www.aahwaan.com

ହେଲେ ସୁଦିପ୍ତାର କଣ ଜରୂରୀ ଅପରେସନ ଥିଲା ଯାହାକି ସେ ଏଡ଼ାଇ ପାରିଲାନି । ତେଣୁ ବାହାଘରର ହୋ ହଲ୍ଲା ଦିନପରେ ପ୍ରଥମଥର ପାଇଁ ସୁଦିପ୍ତାକୁ ଅମୀୟ ଭଲଭାବରେ ଦେଖିବେ, କଥା ହେବେ । ସବୁଦିନେ ଅମୀୟଙ୍କୁ ସୁଦିପ୍ତା କଥା ନିଳୀମା ଶୁଣାଏ । ସେ ନିରବରେ ଶୁଣନ୍ତି, ହସନ୍ତି କେବେ ବି ବିରକ୍ତ ହୁଅନ୍ତି ନି । ସତରେ ସେମିତିକା ଝିଅଟେ ସୁଦିପ୍ତା, ତାକୁ ସମ୍ମାନ କରିବାକୁ ଇଚ୍ଛା ହୁଏ ନିଳୀମାକୁ ।

ଅମୀୟଙ୍କ ଘର ସମ୍ବଲପୁର । ତାଙ୍କ ବାପାମା' ସେଠି ରହନ୍ତି । ବାପା ଏବେ ଅବସର ନେଇଛନ୍ତି ଚାକିରୀରୁ । ମା ଏବେ ବି ସ୍କୁଲରେ ପ୍ରଧାନଶିକ୍ଷୟିତ୍ରୀ ରୂପେ କାମ କରୁଛନ୍ତି । ନିଳୀମାର ବାପାଙ୍କ ଘର ସେମାନେ ରହୁଥିବା ଯାଗାଠୁ କମ୍ ଦୂର ହୋଇଥିଲେ ମଧ୍ୟ ଅମୀୟ ପସନ୍ଦ କରନ୍ତିନି ବାରମ୍ବାର ଯିବାକୁ । ବାହାଘରର ଚାରିମାର ପରେ ଏ ଥିଲା ତାଙ୍କର ତୃତୀୟ ଗସ୍ତ । ସବୁଦିନ ଫୋନରେ କଥା ହେଲେ ବି, ବାପାବୋଉଙ୍କୁ ଦେଖିବାକୁ ମନ ବ୍ୟକୁଳ ହୁଏ ନିଳୀମାର । ସେମାନଙ୍କର ଭଲପାଇବା ହିଁ ତାକୁ ବହୁତ ଦୁର୍ବଳ କରିଦିଏ ।

ହଁ ବାଟରୁ ହଳଦିଆ ରଙ୍ଗର ଗୋଲାପ ଫୁଲତୋଡ଼ା ଓ ବେଲୁନ୍ କିଣିବାକୁ ଅନୁରୋଧ କଲା ନିଳୀମା ଅମୀୟଙ୍କୁ । 'ସୁଦି' ବେଲୁନ୍ ଏବେ ବି ଖୁବ୍ ଭଲପାଏ । ଆଉ ହଳଦିଆ ଗୋଲାପ ତା ଜୀବନ ।

ଏତେଦିନ ପରେ ନିଳୀମାକୁ ଦେଖି ତା ବାପାବୋଉ ଖୁବ୍ ଖୁସି ହେଲେ । ତା ଭାଇ ଶିତୁ ମଧ୍ୟ ହାଇଦ୍ରାବାଦରୁ ଆସିଥିଲା । ପ୍ରାରମ୍ଭିକ କଥାବାର୍ତ୍ତାପରେ ଜ୍ୱାଇଁ ଚର୍ଚ୍ଚାରେ ଲାଗିଗଲେ ନିଳୀମାର ବୋଉ । ହେଲେ ସୁଦି କାହିଁ ? ସେ ତ ବେଶୀ ହେବାକଥା ନିଳୀମା ଆସିବା ଶୁଣି । ନିଳୀମା ତା' ବୋଉକୁ ପଚାରିଲା, "ବୋଉ, ସୁଦି ଆସିନି କି ଡାକ୍ତରଖାନାରୁ ? କାହିଁ ଦେଖାଯାଉନି ତ ?"

 Magazine Downloaded from www.aahwaan.com

"ନାଇଁ ମ । ଏଇ ପନ୍ଦର ମିନିଟ୍ ହେବ ଆସିଲା ତ, ଉପର ଘରେ ଥିବ ।" ବୋଉ କହିଲେ ।

ଅମୀୟ ବସି ନିଳୀମାର ବାପାଙ୍କ ସହ କଥା ହେଉଥିଲେ । ଅମୀୟଙ୍କୁ ଡାକି ନିଳୀମା କହିଲା, "ଆସ ଉପର ଗହ୍ରକୁ ଯାଇ ବାର୍ଥ ଡେ ବେବିକୁ ସର୍‌ପ୍ରାଇଜ୍ ଦେବା ।" ତା'ର ଲେହ୍‌ଙ୍ଗା, ବେଲୁନ୍ ଓ ଫୁଲତୋଡ଼ା ଧରି ଦୁହେଁ ସୁଦିପ୍ତାକୁ ଭେଟିବାକୁ ଉପରକୁ ଗଲେ ।

ଗୋଟେ ଚିନ୍ତ ଚିନ୍ତା ମୁଡ଼ରେ ସୁଦି ଖଟ ଉପରେ ଗଡ଼ପଡ଼ ହେଉଥିଲା । ବୋଧହୁଏ ସେମାନେ ଆସିବା ଖବର ସେ ପାଇନଥିଲା । ହଠାତ୍ ସେ ଦୁହିଁଙ୍କୁ ଦେଖି ଖୁସିରେ ନିଳୀମାକୁ କୁଣ୍ଢାଇ ପକାଇଲା । ଫୁଲତୋଡ଼ାଟା ଅମୀୟ ବଢ଼ାଇଦେଲେ ତା ହାତକୁ । "କଣ ପସନ୍ଦ ଆସିଲା ତ ? ଫୁଲତୋଡ଼ାଟା ତୋ ଭାଇନା ତୋ ପାଇଁ ବାଛି ବାଛି ଆଣିଛନ୍ତି ।" ନିଳୀମା ଜଣାଇଦେଲା । ଗୋଟେ ଶୁଖିଲା ହସ ହସିଲା ମାତ୍ର ସୁଦିପ୍ତା । ବେଲୁନ୍ ଦେଖିଲେ ସେ ଛୁଆଙ୍କ ପରି ନାଚିଯାଏ । ମାତ୍ର କୌଣସି ଚଞ୍ଚଳତା ନଥିଲା ତା'ଠି । ବୋଧହୁଏ ସେ ବହୁତ ଥକିଯାଇଥିଲା । ମାତ୍ର ଯେତେ ଥକିଲେ ବି, କେବେ ହେଲେ ତା ମୁହଁରୁ ସେ ନିଛକ ହସ ଲିଭିନଥାଏ ?

"ତୁ ଭାଇନାଙ୍କ ସହ କଥା ହେଉଥା । ଏଠି ଲେହ୍‌ଙ୍ଗା ରହିଲା, ପିନ୍ଧିକି ତଳକୁ ଆସିବୁ । ମୁଁ ତଳକୁ ଯାଉଛି, କେକ୍ ସଜାସଜି କରିବି, ଖାଇବା ପିଇବା କଥା ବୋଉ ସହ ଦେଖିବି ।" କହିଦେଇ ନିଳୀମା ତଳ ଘରକୁ ଆସିଲା ।

"କଣ ହୋଇଛି ବୋଉ ସୁଦିର ? ବହୁତ ମନ ଦୁଃଖ ଥିବାପରି ଲାଗୁଛି ? କଣ ଅସୁବିଧା ହୋଇଛି କି ? ଆଉ ତା ବାହାଘର କଥା କଣ ହେଲା ?" ନିଳୀମା ଏକାଥରେ ଏତେ ପ୍ରଶ୍ନ ପଚାରିଥିଲା ବୋଉକୁ ।

 Magazine Downloaded from www.aahwaan.com

"ଆଜି କଣ ତାର ଗୋଟେ ମେଜର ଅପରେସନ ଥିଲା ବୋଲି କହୁଥିଲା । ଆଉ ତୁ ଥିଲୁ, ତୁମେ ଦିହେଁ ହସଖୁସି ହେଉଥିଲ । ତୋ ବାହାଘର ପରେ ସେ ଏକୁଟିଆ ହୋଇଯିବାରୁ ଚୁପ୍ ହୋଇଯାଇଛି ।" ତା ବୋଉ ଖାଇବା ଟେବୁଲ୍ ଉପରେ ପ୍ଲେଟ୍ ସବୁ ସଜାଡ଼ି ସଜାଡ଼ି କହୁଥିଲେ । "ହଁ ସେ ବି କଣ ବାହା ହେବନି ବୋଲି କହୁଛି । କଣ ଯେ ତୁମେ ସବୁ ପାଲା କରୁଛ ମୁଁ ବୁଝିପାରେନା ।"

ଏମିତି ମା'ଝିଅ ଦୁହେଁ କଥାବାର୍ତ୍ତା ହେଉ ହେଉ ତା ବାପା ଟିଭି ପାଖରୁ ଉଠି ଆସି କହିଲେ, "ଆରେ ତୁମେ ଦୁହେଁ ଆଜି ରହିବ ତ ?"

"ନା ବାପା, ସେ ରାଜି ହେବେନି । ତାପରେ କାଲି ତାଙ୍କର ଅଫିସ୍ ଅଛି ଓ ମୋର ସକାଳ କ୍ଲାସ୍, ଅସୁବିଧା ହେବ ।" ନିଳୀମା କହିଲା ।

"କଣ ଦରକାର ଥିଲା ତେବେ ତରତର ହୋଇ ରାତିରେ ଆସି ରାତିରେ ଯିବା ? ଯଦି ଏମିତି କଥା ତେବେ ଆଉ ଡେରି କାହିଁକି ? ଜ୍ୱାଇଁଙ୍କୁ ଡାକ । ସୁଦି କୁଆଡ଼େ ଗଲା ? ବଢ଼ାବଢ଼ି କର ଏଥର ।" ନିଳୀମାର ବାପା ବିରକ୍ତ ହୋଇ କହିଲେ ।

"ହଉ ମୁଁ ଯାଉଛି ସେ ଦୁଇଜଣଙ୍କୁ ଡାକି ଆଣୁଛି । ବୋଉ ତୁ ଶିତୁକୁ ଡାକେ ଆମେ ସମସ୍ତେ ଏକାଠି ବସି ଖାଇବା ।" କହି ନିଳୀମା ଉପର ମହଲାକୁ ଗଲା । କବାଟ ଅଧା ଆଉଜା ହୋଇଥାଏ । ଅମୀୟଙ୍କ କଣ୍ଠ ଶୁଭୁଥିଲା, "ତୁମ କଥା ଅନୁସାରେ ମୁଁ ସବୁକଲି । ଜାଣି ଜାଣି ତୁମ ବଡ଼ ନାନୀଙ୍କୁ ତାଙ୍କ ଲେଖାପାଇଁ ପ୍ରଶଂସା କରି ଚିଠି ଲେଖିଲି । ଭଲପାଇ ବିବାହ କଲି । କାହିଁକି ଜାଣ ? କେବଳ ମୁଁ ତୁମକୁ ଖୁବ୍ ଭଲପାଏ ବୋଲି । ତୁମେ ଖୁସି ହୁଅ ବୋଲି । କେତେ ଆଉ ଜଳାଞ୍ଜଳୀ ଦେବ ସୁଦି ତୁମେ ? ଏବେ କଣ କହୁଛ ନା, ବଦଳି ହୋଇ ଦୂରକୁ ଚାଲିଯିବ ! ଠିକ୍ ଅଛି, ତୁମେ ଭାବୁଛନା ମୋତେ ଦେଖିଲେ ତୁମର ଅସୁବିଧା ହେବ ତେଣୁ ମୁଁ

 Magazine Downloaded from www.aahwaan.com

ଆଉ କେବେ ବି ଆସିବିନି ତୁମ ଘରକୁ । ସବୁକିଛି କରିବି ତୁମ ଖୁସିପାଇଁ, ହେଲେ ତୁମେ ତୁମ ଭଲ ପାଇବା ପାଇଁ ଯାହା ଇଛା କରିବ ସେଇଆ କରିବ । ନିଳୀମା କେଉଁଠି ବାହା ହେବାକୁ ରାଜି ହେଉନଥିଲେ, ତା' ପସନ୍ଦ ତୁମେ ଠିକ୍ ଭଲ ଭାବରେ ଜାଣିଥିଲ । ନିଳୀମାର ବାହାଘରକୁ ନେଇ ତୁମ ବାପାମା' ଖୁବ୍ ବ୍ୟସ୍ତ ଥିଲେ, ଏମିତି କି ତୁମ ବାପାଙ୍କର ହୃଦଘାତ ବି ହେଲା । ଆଉ ତୁମେ ଶେଷରେ ନିଳୀମାର ପସନ୍ଦ ପାଇଁ, ସୁଖ ପାଇଁ ବାପାମା'ଙ୍କ ଇଛା ପାଇଁ ନିଜ ଭଲପାଇବାକୁ ଟେକିଦେଲ । ସତ କୁହ ତୁମ ନାନୀ, ତୁମ ଘରକୁ ଛାଡ଼ି କେବେ କଣ ତୁମେ ମୋତେ ଭଲ ପାଇଥିଲ ? କଣ ବିତିଥିବ ମୋ ମନରେ କେବେ ଭାବିଛ ?

କେତେ ଖୁସି ଲାଗେ ତୁମକୁ ଦେଖିଲେ ମୋତେ ସେ କଥା ତୁମେ ଜାଣିନ, ହେଲେ ବାରମ୍ବାର ମୋତେ ବାହାଘର ପରେ ମନା କରିଛ ତୁମକୁ ଦେଖା କରିବାପାଇଁ । ସେଥର ଅପରେସନ ବାହାନା କରି ବାହାରେ ରହିଗଲ । ଆଜିବି ଯଦି ଆଗରୁ ଜାଣିଥାନ୍ତ ତେବେ ସେଇୟା କରିଥାନ୍ତ । କେବଳ ତୁମକୁ ସରପ୍ରାଇଜ୍ କରିବାପାଇଁ ନିଳୀମା ବାପାବୋଉଙ୍କୁ ଆଗରୁ କହିଦେଇଥିଲା ତୁମକୁ ନ ଜଣାଇବା ପାଇଁ । ସେଥିପାଇଁ ଆଜି ଦେଖା ହୋଇଗଲା ।

କଣ ଭାବୁଛ ତୁମେ, ତୁମ ନାନୀଙ୍କୁ ମୁଁ ହଇରାଣ କରିବି ? ତୁମ ସହ ମିଶିଲେ, ତୁମ ନାନୀଙ୍କ ପ୍ରତି ଭଲପାଇବା କମ ହୋଇଯିବ ? ନା ସେମିତି କେବେ ହେବନି । କାରଣ ଯେଉଁଠି ତୁମ ନାନୀ ଖୁସିରେ ରହିବେ, ସେଥିରେ ତୁମର ଖୁସି । ଆଉ ମୁଁ ସେ ଶପଥ କରି ତୁମ ନାନୀଙ୍କୁ ବିବାହ କରିଛି ।

ସେଥିରେ କେବେ ଢିଲା କରିବିନି । ମୋ ଉପରେ ବିଶ୍ୱାସ ରଖ ମୁଁ କେବେ ଏ ସବୁ ବିଷୟରେ ନିଳୀମାକୁ ଅବଗତ କରାଇବିନି । ତାକୁ ଖୁସିରେ ରଖିବି । ମାତ୍ର ତୁମେ ଏଠୁ ଦୂରକୁ ବଦଳି ହୋଇ ଯାଅନି । ମୋ ଠାରୁ ମୋ ପ୍ରେମର ପରୀକ୍ଷା ନିଅନି ।

 Magazine Downloaded from www.aahwaan.com

ବୁର୍ଲା କଲେଜଠାରୁ ଏ ପର୍ଯ୍ୟନ୍ତ ଦୀର୍ଘ ଆଠବର୍ଷ ଧରି ମୁଁ ତମର ସବୁ ଇଚ୍ଛା ରଖିଛି । ତୁମକୁ ସମ୍ମାନ କରିଛି । ତୁମେ ମୋର ଏଇ ଗୋଟିଏ ଇଚ୍ଛା ରଖ । ଅନ୍ତତଃ କେବେ କେବେ ତୁମକୁ ଦେଖିବାକୁ ମନା କରନି । ମୋ ଠାରୁ ଦୂରକୁ ଯାଅନି । ତୁମ ଖୁସିପାଇଁ ମୁଁ ନିଳୀମାକୁ ଖୁବ୍ ଖୁସିରେ ରଖିବି ।”

ସୁଦିର ଚାପା କାନ୍ଦ ଶୁଣାଯାଉଥିଲା ।

ଭିତରକୁ ଯିବା ଠିକ୍ ଭାବିଲାନି ନିଳୀମା । ଘର ବାହାରୁ ପଳାଇ ଆସିଲା ତଳକୁ । ଓଃ କଣ କଲା ସୁଦିପ୍ତା । ଛୋଟ ବେଳଠୁ ସବୁ ଜିନିଷ ତା'ର ମୁଁ ପ୍ରଥମେ ବ୍ୟବହାର କରେ । ସବୁବେଳେ ସେ ମୋ ପାଇଁ ସବୁ ଭଲ ବାଛିଦେଲା ବେଳେ ନିଜର ଇଚ୍ଛା ବ୍ୟକ୍ତ କରେନି କି ମନ ଦୁଃଖ କରେନି । ଆଉ ମୁଁ ସେସବୁ ଉପଭୋଗ କଲାପରେ ମଧ୍ୟ ଶାନ୍ତିରେ ରହିପାରେନି । ହେଲେ ସେ ସବୁ ଜିନିଷ କଥା ଛାଡ଼, ଗୋଟେ ମଣିଷକୁ ବି ସେ ମୋ ପାଇଁ ବଳିଦାନ କରିଦେଲା ? ସବୁ ଜାଣିଲାପରେ ମୁଁ କେମିତି ଶାନ୍ତି ପାଇବି ? ଚିରଦିନ ସୁଦି ମୋତେ ଦୟାର ପାତ୍ର କରି ରଖିଦେଲା ?”

ନିଳୀମାର ମନ ଗୋଳେଇଘାଣ୍ଟି ହେଉଥିଲା । ତାକୁ କିଛି ଭଲ ଲାଗୁନଥିଲା ।

“ଏଇ ତାହେଲେ ସେ ସୁପର୍ ସିନିୟର୍ ଇଲେକ୍ଟ୍ରିକାଲ୍ ଇଞ୍ଜିନିୟରିଂ ବିଭାଗର ଅମୀୟ ଯାହାଙ୍କ କଥା ଥରେ ଅଧେ ସୁଦି କହିଥିଲା ପଢ଼ିଲା ବେଳେ । ବୁର୍ଲାରେ ମେଡ଼ିକାଲ୍ ପଢୁଥିବା ବେଳେ ବହୁତ ରେଗିଂ ହେଉଥିଲା । ରେଗିଂ ବନ୍ଦପାଇଁ ଥରେ ଭୀଷଣ ଷ୍ଟ୍ରାଇକ୍ ହୋଇଥିଲା । କିଏ କୁଆଡ଼େ ହଷ୍ଟେଲ୍ ଛାଡ଼ି ଯାଉଥାନ୍ତି । ନହେଲେ ହଷ୍ଟେଲରେ ସିନିୟର୍ ମାନଙ୍କର ଦୌରାତ୍ମ୍ୟ, ହଷ୍ଟେଲରୁ ଷ୍ଟାଣ୍ଡ ପର୍ଯ୍ୟନ୍ତ ଆସିବା ନୂଆ ନୂଆ ଘରୁ ହଷ୍ଟେଲ୍ ଯାଇଥିବା ସୁଦିପ୍ତାକୁ ମୁସ୍କିଲ୍ ହୋଇଯାଇଥିଲା । ଏଇ ଅମୀୟ ହିଁ ତାକୁ ସେତେବେଳେ ବହୁତ ସାହାଯ୍ୟ

 Magazine Downloaded from www.aahwaan.com

କରିଥିଲେ । ତାପରେ ବୋଧହୁଏ ବନ୍ଧୁତା ହୋଇଥିବ । ନିଳୀମା ଭାବୁଥିଲା ।

ଏଇ ଚାରିମାସ ଭିତରେ ସେ ଅମୀୟଙ୍କ ରାଗ ଦେଖିଛି, ହସ ଦେଖିଛି, କାନ୍ଦ ଦେଖିଛି, ପ୍ରେମ ଦେଖିଛି, ସ୍ନେହ ଦେଖିଛି ହେଲେ ଏତେ ବଡ଼ ସତ୍ୟର ସୁରାଗ ଟିକିଏ ବି ପାଇନି । ତିଳେ ବି ହେଳା କରିନାହାନ୍ତି ସେ ନିଳୀମାକୁ ।

ହେଲେ ସୁଦି କଣପାଇଁ ଏତେ ଛୋଟ କରିଦେଲା ନିଳୀମାକୁ । ଶେଷକୁ ନିଜ ଭଲପାଇବାକୁ ତା ପାଇଁ ତ୍ୟାଗ କରିଦେଲା । ସେଥିପାଇଁ ବୋଧହୁଏ ସେ ବାହା ହେବାକୁ ମନା କରୁଛି । ବହୁତ ଗୁମସୁମ୍ ରହୁଛି । ନିଜର ପ୍ରେମକୁ ନିଜ ବଡ଼ ଭଉଣୀର ସ୍ୱାମୀ ଭାବରେ ଗ୍ରହଣ କରିବା ସତରେ ବହୁତ କଠିନ ହୋଇଯାଉଥିବ ତା ପାଇଁ । ସତରେ କେତେ ଯେ ଗରଳ ଚଳୁ କରି ନିରବରେ ପିଇଯାଉଛି ସୁଦିପ୍ତା ?

ଖାଇବା ପିଇବା ପରେ ସେ ଦୁହେଁ ଫେରିବାକୁ ବାହାରିଲେ । ନିଳୀମାର କଥା ରଖି ସୁଦି ସେ ଲେହ୍‌ଙ୍ଗାଟା ପିନ୍ଧିଥିଲା । ସତର ହଜାର ଟଙ୍କାର ଲେହ୍‌ଙ୍ଗା କିଣିଥିଲା ବୋଲି ନିଳୀମା ଖୁବ୍ ଗର୍ବ କରୁଥିଲା ମାତ୍ର ଆଜି ସୁଦିର ମହାନତା ଶୁଣି ସାରାଜୀବନ ତା ଦୟାରେ ସେ ଦବି ହୋଇ ରହିଯିବାପରି ଲାଗୁଥିଲା । ଫେରିବା ବାଟରେ ଅମୀୟ କହୁଥାନ୍ତି, “ଖୁବ୍ ସୁନ୍ଦର ଦିଶୁଥିଲା ନା ସୁଦି ସେ ଲେହ୍‌ଙ୍ଗାରେ ? କେକ୍‌ଟା ବି ତୁମେ ଖୁବ୍ ଭଲ ତିଆରି କରିଥିଲ ।”

ସତରେ କେତେ ନିଛକ, ପବିତ୍ର ଭଲ ପାଇବା ସୁଦିପ୍ତା ଓ ଅମୀୟଙ୍କର । କେତେ ତ୍ୟାଗ ଓ ବିଶ୍ୱାସରେ ଭରପୂର । ନିଜ ସାନଭଉଣୀର ପ୍ରେମୀକୁ ସ୍ୱାମୀ ରୂପେ ଗ୍ରହଣ କରିବା ଏବେ ନିଳୀମା ପାଇଁ କଠିନ ହୋଇଯିବ । କଣ ବା ଲାଭ ହେଲା ? ପୁଣି ସେ ସାରାଜୀବନ ଅଶାନ୍ତିରେ ଜଳିବ । ନା ସେ ସୁଦିକୁ ଅନୁରୋଧ କରି ପାରିବ ତା ଦାନକୁ ସେ ଫେରାଇ

 Magazine Downloaded from www.aahwaan.com

ନେଉ, । ପାରିବ ନିଳୀମା ଏ କଥା କହି ? ନା ସେ ପାରିବନି । ଅନ୍ୟମନସ୍କ ହୋଇ ନିଳୀମା ଭାବୁଥିଲା ।

ତା ହାର ଉପରେ ହାତରଖି ଅମୀୟ କହିଲେ, "ହେ, କଣ ଏତେ ଭାବୁଛ ? କଣ ହେଲା ତୁମର ? ତୁମେ ଏମିତି ଚୁପ୍ ହୋଇଗଲେ ମୋତେ ବିଲକୁଲ୍ ଭଲ ଲାଗେନି । ଦେଖ ଆମ ଘର ଆସିଲାଣି ।"

ଯଦି ତାର ସୁଖଶାନ୍ତି ପାଇଁ ସୁଦି ତାର ସୁଖ ଟେକି ଦେଇପାରିଲା, ତେବେ ତାକୁ ସେ ପ୍ରଶାନ୍ତିରେ କାହିଁକି ଗ୍ରହଣ ନ କରିବ ? ପଛକୁ ଫେରିଯାଇ ସୁଦିପ୍ତାକୁ ତ ତାର ଏ ଅମୂଲ୍ୟଦାନ ଫେରାଇ ହେବନି, ସମାଜରେ ବାପାବୋଉଙ୍କ ପ୍ରତିପତ୍ତିକୁ ଆଖିରେ ରଖି ।

ଯେକୌଣସି ଲେଖକଙ୍କ ସର୍ବାଧିକ ଦୁଇଟି ଲେଖା ହିଁ ଗୋଟିଏ ସଂସ୍କରଣରେ ପ୍ରକାଶିତ ହୋଇପାରିବ । ସେଇଥିପାଇଁ ନିଜର ଶ୍ରେଷ୍ଠ ବିବେଚିତ ଲେଖା ହିଁ ଆମ ନିକଟକୁ ପଠାନ୍ତୁ । ଏକାଧିକ ଲେଖା ପଠାଇ ଚୟନ ପ୍ରକ୍ରିୟାକୁ ଜଟିଳ କରନ୍ତୁ ନାହିଁ । କେବଳ ଗୋଟିଏ କିମ୍ବା ସର୍ବାଧିକ ଦୁଇଟି ଲେଖା ହିଁ ପଠାନ୍ତୁ । ଯେକୌଣସି ବିଭାଗରେ (ଗଳ୍ପ, କବିତା, ପ୍ରବନ୍ଧ, ସମ୍ବଲପୁରୀ ଇତ୍ୟାଦି) କେବଳ ଗୋଟିଏ ହିଁ ଲେଖା ପ୍ରକାଶିତ ହୋଇପାରିବ ।

 Magazine Downloaded from www.aahwaan.com

# କବିତାର ଶେଷ କବିତା



ଗଦାଧର ବଳ

ସେଦିନ ତରତର ହୋଇ ବିକାଶ ବାବୁ ନିଜର ଅଫିସ କାମ ସାରି ନିଜର ପୈତୃକ ଗାଁ ଚାନ୍ଦବାଲି ଅଞ୍ଚଳର ହରିପୁର ଅଭିମୁଖେ ବାହାରିଲେ । ଜଣେ ଅଧସ୍ଥନ କର୍ମଚାରୀଙ୍କ ମଟର ସାଇକେଲରେ ବସି ବରମୁଣ୍ଡା ବସଷ୍ଟାଣ୍ଡକୁ ବାହାରିଛନ୍ତି । ବସ୍ ସମୟ ସଂଧ୍ୟା ୫ଟା ୧୫ ବରମୁଣ୍ଡା ବସଷ୍ଟାଣ୍ଡରୁ । ସେ ବସ୍ ଫେଲ ହେଲେ ଆଉ ପ୍ରାୟ ବସ୍ ନାହିଁ ସିଧା ତାଙ୍କ ଗାଁକୁ ଯିବା ପାଇଁ । ବ୍ୟସ୍ତ ହୋଇ ବରମୁଣ୍ଡାରେ ପହଁଞ୍ଚି ଗାଁକୁ ଯାଉଥିବା ଏକମାତ୍ର ବସଟି ପାଇଗଲେ ବିକାଶ ବାବୁ । ପିଣ୍ଡରେ ଯେମିତି ପ୍ରାଣ ରହିଗଲା ତାଙ୍କର । ଘରେ ପହଞ୍ଚିବାର ସମୟ ରାତି ୧୦ଟା ପରେ । କଣ୍ଡକ୍ଟର ବି ବସରେ ଚଢିବା ପରେ ବାମ ପାଖରେ ଗେଟ୍ ପାଖକୁ ଗୋଟିଏ ସିଟ୍ ଦେଇଦେଲା ବସିବା ପାଇଁ । ବସ୍ ଟି ଅନେକ ସମୟରେ ଅଳ୍ପ ଯାତ୍ରୀଙ୍କୁ ନେଇ କଟକ ପଳାଇ ଆସେ । କଟକ ବାଦାମବାଡି ବସ୍‌ଷ୍ଟାଣ୍ଡରୁ ଯାତ୍ରୀ ପ୍ରାୟ ଭର୍ତ୍ତି ହୋଇଯାଆନ୍ତି । ବିକାଶବାବୁ ବସରେ ବସୁ ବସୁ ରସୁଲଗଡ ଛକ ପରେ ପରେ ତାଙ୍କ ଆଖିକୁ ସାମାନ୍ୟ ଛାଇ ନିଦ ଲାଗିଯାଇଛି । ନିଦ ଆସିବାଟା ବି ସ୍ୱଭାବିକ କାରଣ ଅଫିସରେ କାର୍ଯ୍ୟର ଚାପ ପୁଣି ବସରେ ବସି ପ୍ରାୟ ୫ ଘଣ୍ଟାର ଯାତ୍ରା, ନିଦ ନ ଆସୁଥିଲେ ବି ଯେ କୌଣସି ବ୍ୟକ୍ତି ଯାତ୍ରାର ଦୀର୍ଘ ସମୟ ଚିନ୍ତାରେ ଆପେ ଆପେ ଥକକ୍କା ନେବାକୁ ବାଧ୍ୟ ହୁଏ ।

ବିକାଶବାବୁ, ବିକାଶ କୁମାର ସାମନ୍ତ ରାଜ୍ୟ ସଚିବାଳୟର ଜନୈକ ବରିଷ୍ଠ କିରାଣୀ । ଦୀର୍ଘ କୋଡିଏ ବର୍ଷର ଚାକିରିର ଅଭିଜ୍ଞତା । ଇତିମଧ୍ୟରେ ତାଙ୍କର କର୍ମ କୁଶଳତା ହେଉ କି

 Magazine Downloaded from www.aahwaan.com

ସରକାରୀ ବିଧିବ୍ୟବସ୍ଥା ହେଉ ହେଡକ୍ଲର୍କକୁ ପ୍ରମୋଶନ ପାଇଛନ୍ତି । ଭୁବନେଶ୍ୱରରେ ସରକାରୀ କ୍ୱାର୍ଟରଟିଏ ମିଳିଛି, ମାତ୍ର ଚାକିରି ଆରମ୍ଭରୁ ତାଙ୍କର କାହିଁକି କେଜାଣି ଗାଁ ପ୍ରତି ଏତେ ଦୁର୍ବଳତ ! ତା'ପରେ ପାରିବାରିକ ଜଞ୍ଜାଳ ବି ତାଙ୍କୁ ବାଧ୍ୟ କରିଥିଲା ଗ୍ରାମାଭିମୁଖୀ ଚିନ୍ତାଧାରାକୁ ଆପଣେଇନେବାକୁ । ଚାକିରି ଆରମ୍ଭରୁ ମାସର ପ୍ରାୟ ଛୁଟିଦିନରେ ଗାଁକୁ ଯାଆନ୍ତି । ନିଜ ପିତାଙ୍କର ସେ ଏକମାତ୍ର ସନ୍ତାନ । ପିତା ପ୍ରାଥମିକ ବିଦ୍ୟାଳୟର ଶିକ୍ଷକତା କରି ଅବସର ନେବା ପରେ ବି ତାଙ୍କର ଏକାନ୍ତ ଜିଦ୍ ଗାଁ ଛାଡି କୁଆଡେ ବି ଯିବେନି । ଗାଁରେ ଜନ୍ମିଛନ୍ତି, ଗାଁରେ ହିଁ ତାଙ୍କର ଜୁଇ ଜଳିବ । ପିତାଙ୍କ ଯୁବାବସ୍ଥାରେ ଏକମାତ୍ର ପୁତ୍ର ବିକାଶକୁ ଜନ୍ମ ଦେବାପରେ ପରେ ମାଆ କୌଶଲ୍ୟାଦେବୀ ଡାକ୍ତରଖାନାରେ ହିଁ ମୃତ୍ୟୁବରଣ କରିଥିଲେ । ବିକାଶବାବୁ ସେତେବେଳେ ମାତ୍ର ମାସକର ଶିଶୁ । ତେଣୁ ବାପା ତାଙ୍କର ଉଭୟ ପିତା ଓ ମାତା । ବିକାଶ ବାବୁଙ୍କ ମୁହଁକୁ ଚାହିଁ ସେ ସମୟେ ବାପା ତାଙ୍କର ଆଉ ୨ୟ ବିବାହ ନ କରିବାକୁ ନିଷ୍ପତ୍ତି ନେଇଥିଲେ । ତେଣୁ ବିକାଶ ବାବୁ ବି ବିବାହପରେ ବାଧ୍ୟ ହୋଇଥିଲେ ପତ୍ନୀ ପିଲାମାନଙ୍କୁ ଗାଁରେ ରଖିବା ପାଇଁ । କେବେ ବି  ଛୁଟି ହେବାର ପୂର୍ବ ଦିନରୁ ସେ ଗାଁକୁ ଚାଲି ଆସନ୍ତି ।

ଇତି ମଧ୍ୟରେ ବିକାଶ ବାବୁଙ୍କର ଅଜାଣତରେ ବସଟି ବାଦାମ ବାଡି ପାରି ହୋଇ ଯାଇଛି, ଗାଡି ଚାଲିବା ଓ ପୁରା ଲୋକ ଭର୍ତ୍ତି ଯାତ୍ରୀଙ୍କ କୋଳାହଳ ଭିତରେ ବିକାଶ ବାବୁ ଦେଖିଲେ ଜଣେ ମଧ୍ୟ ବୟସ୍କା ମହିଳାଙ୍କୁ କଣ୍ଡକ୍ଟର ତାଙ୍କ ପାଖ ସିଟରେ ଆଣି ବସାଇଲା । ଅଲୁଳାୟିତ ସାମାନ୍ୟ ଶ୍ୱେତ କୁନ୍ତଳ ମୁହଁରେ ବିଚ୍ଛିର୍ଣ୍ଣ ହୋଇପଡିଛି । ଛିଟା ପ୍ରିଣ୍ଟ ଶାଢୀଟିଏ, ହାତରେ ହ୍ୟାଣ୍ଡ ବ୍ୟାଗଟିଏ ଧରିଥିଲେ ଭଦ୍ର ମହିଳା ଜଣକ । ବିକାଶ ବାବୁଙ୍କ ସିଟ୍ ପାଖରେ ବସିବାପରେ କଣ୍ଡକଟର ସହ ବାର୍ତ୍ତାଳାପ ସମୟରେ କେଜାଣି କାହିଁକି ବିକାଶ ବାବୁଙ୍କୁ ଅତି

 Magazine Downloaded from www.aahwaan.com

ପରିଚିତା ଲାଗିଲା ସେ ମହିଳା ଜଣକ ତାଙ୍କର କଣ୍ଠ ସ୍ୱରରୁ । ବସ୍ ଚାଲିବା ପରେ ବିକାଶ ବାବୁ ଭଦ୍ରମହିଳା ଜଣଙ୍କର ହାବଭାବରୁ ଅନୁଭବ କଲେ ମହିଳା ଜଣକ ଯେମିତି ଖୁବ୍ ମାନସିକ ଚାପଗ୍ରସ୍ଥ ଅଛନ୍ତି । ଅଳ୍ପ ରାସ୍ତା ଯିବାପରେ ବିକାଶ ବାବୁ ନିଜ ଆଡୁ ପଚାରିଲେ, "ମାଡାମ କେଉଁଠି ଓହ୍ଲାଇବେ ?"

ଉତ୍ତର ଥିଲା, "ଜାରକାରେ ।"

ସନ୍ଧ୍ୟାର ଅନ୍ଧକାର ବସକୁ ମଧ୍ୟ କବଳିତ କରିସାରିଥିଲା । ମାତ୍ର ବସ୍ ଭିତରର ସାମାନ୍ୟ ଆଲୋକରେ ଯାତ୍ରୀମାନେ ନିଜ ନିଜ ମଧ୍ୟରେ ପରିଚିତ ଲୋକମାନଙ୍କ ସହ ବାର୍ତ୍ତାଳାପରେ ପ୍ରାୟ ମଗ୍ନ ହୋଇ ସାରିଥିଲେ ଓ ଉକ୍ତ ଗୁଞ୍ଜରଣ ସାମାନ୍ୟ ନିରବତାକୁ ମଝିରେ ମଝିରେ ଭଙ୍ଗ କରୁଥାଏ । ବିକାଶ ବାବୁଙ୍କ ସ୍ମୃତିକୁ ଉଦବେଳିତ କଲା, ଏ କଣ୍ଠ ସ୍ୱର ୩୫ ବର୍ଷ ତଳର ସହ ପାଠିନୀ କବିତାର ନୁହଁ ତ !

ବହୁଦିନର ସ୍ମୃତି ତାଙ୍କର ମନକୁ ଆସି ତାଙ୍କୁ ବାରମ୍ବାର ଆଘାତ ଦେବାକୁ ଲାଗିଲା । କାଲି ପରି ଲାଗୁଛି ତାଙ୍କର ସ୍ମୃତିଖିଅ ଅଡୁଆ ସୁତାଟା ।

କଲେଜ ଅଧ୍ୟୟନ ସମୟେ ଇଂଗ୍ରାଜୀ ଅଧ୍ୟାପକ ପ୍ରଫେସର ମାୟାଧର ମହାପାତ୍ରଙ୍କ ଏକମାତ୍ର କନ୍ୟା 'କବିତା' ତାଙ୍କର ସହପାଠିନୀ । ଉଭୟ ଇଂଗ୍ରାଜୀ ଅନର୍ସର ଛାତ୍ର ଥିଲେ । କ୍ରମଶଃ ନିକଟତର ହୋଇ କେହି କହାକୁ ନ କହିପାରିଲେ ବି ମନେ ମନେ ଉଭୟ ଉଭୟଙ୍କୁ ମନ ଦେଇ ଭଲ ପାଉଥିଲେ । ବି.ଏ. ପାଶ ପରେ ଉଭୟ କଲେଜ ଛାଡିଥିଲେ । କଲେଜ ଜୀବନ ପରେ ବିକାସ ବାବୁ କନିଷ୍ଠ କିରାଣୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଭୁବନେଶ୍ୱରର ସଚିବାଳୟରେ ଚାକିରୀରେ ଯୋଗ ଦେଇଥିଲେ ।

ସତରେ 'କବିତା' ନାଁଟା ଯେମିତି ତା କଥା ବି ସେମିତି, କଥା ନୁହଁ ତ ତାର କୋକିଳ

 Magazine Downloaded from www.aahwaan.com

କଣ୍ଠ ସହ ସୁଢଳ ଚେହେରା କଲେଜର ସହପାଠୀମାନଙ୍କୁ ସେ ସମୟରେ ଦିୱାନା କରି ଦେଉଥିଲା । ବି.ଏ. ପାଠ ସାରିବା ପରେ ସେ ଉଚ୍ଚତର ଶିକ୍ଷା ଗ୍ରହଣ ପାଇଁ ରେଭେନ୍ସା କଲେଜରେ ନାମ ଲେଖାଇ ଥିଲା । ପରେ ଗବେଷଣା ପାଇଁ ହାଇଦ୍ରାବାଦ ଯାଇଥିବାର ଶୁଣିଛନ୍ତି ବିକାଶ ବାବୁ ।

ବିକାଶବାବୁ ବି ଅତ୍ୟନ୍ତ ମେଧାବୀ ନ ହେଲେ ବି ଆପାତତଃ ଉତ୍ତମ ନମ୍ବର ରଖି ମେଟ୍ରିକ ପାଶ୍ ପରେ ଭଦ୍ରକ କଲେଜରେ ନିଜର ଆଇ.ଏ. ତଥା ପରେ ବି.ଏ ପାଶ୍ କରିଛନ୍ତି ।

ବିକାଶ ବାବୁ ସନ୍ଦେହ ସ୍ୱରରେ ପଚାରିଲା, "ତମେ ମାୟାଧର ସାରଙ୍କ ଝିଅ......."

ବିକାଶ ବାବୁଙ୍କ କଥା ମଝିରେ ମହିଳା ଜଣକ କହି ପକାଇଲେ, "ତମେ ବିକାଶ ତ ?"

କ୍ଳାନ୍ତିତ ଅପରାହ୍ନରେ ବାର୍ଦ୍ଧକ୍ୟର ଦ୍ୱାରଦେଶରେ ଉପନିତ ଦୁଇ ଚରିତ୍ର ନିଜ ନିଜ ମଧ୍ୟରେ ଚିହ୍ନା ପରିଚୟ ହେବା ପରେ ବାର୍ତ୍ତାଳାପ ହେବା ପୁର୍ବରୁ ବିକାଶ ବାବୁ ଏକତରଫା ଭାବେ ଅନେକ ପ୍ରଶ୍ନ ଏକ ନିଶ୍ୱାସରେ ପଚାରି ଚାଲିଥିଲେ, "ସାର୍ ଙ୍କ ଖବର କଣ ? ତମେ ଏବେ କଣ କରୁଛ ? କେଉଁଠି ବିବାହ କରିଛ ? ସ୍ୱାମୀ ତମର କଣ କରୁଛନ୍ତି ?" ଇତ୍ୟାଦି ଇତ୍ୟାଦି...

ବନ୍ଧ୍ୟା ମରୁଭୁମୀର ଦିଗହରା ନିର୍ଝରିଣୀ ପରି 'କବିତା' ବିକାଶ ବାବୁଙ୍କ ପ୍ରଶ୍ନ ଶେଷ ହେବାପରେ କୋହ ଭରା କଣ୍ଠରେ କହି ଚାଲିଲା ତାର ସ୍ୱୟକ୍ତି, "ବାପା ଅବସର ନେବାର ୩୦ ବର୍ଷରୁ ଅଧିକ ହେଲାଣି । ବାପାଙ୍କ ଅବସର ୧୦ ବର୍ଷ ପରେ ମାଆ ସ୍ୱର୍ଗାରୋହଣ କରି ସାରିଛନ୍ତି । ତମେ ତ ଜାଣିଛ ମୁଁ ସେମାନଙ୍କର ଏକମାତ୍ର ସନ୍ତାନ । ରେଭେନ୍ସାରୁ ସ୍ନାତକୋତ୍ତର ପାଶପରେ ଉଚ୍ଚତର ଅଧ୍ୟୟନ ପାଇଁ ହାଇଦ୍ରାବାଦ ଓ ପରେ ବିଦେଶ

 Magazine Downloaded from www.aahwaan.com

ଯାଇଥିଲି । ୩ ବର୍ଷ ପରେ ବାପାଙ୍କର ଦେହ ଅସୁସ୍ଥତା ପାଇଁ ଘରକୁ ଫେରି ଆସିଲି । ଏବେ ଆମ ପୈତୃକ ଗାଁ ରସଲପୁରରେ ରହୁଛୁ । ବାପାଙ୍କର ଅସୁସ୍ଥତା ସମୟରେ ସେ ପାରାଲିସିସରେ ପିଡିତ ହୋଇ ଶଯ୍ୟାଶାୟୀ ହୋଇ ଯାଇଛନ୍ତି । ସେହି ସମୟରେ ମାଆ ଆମକୁ ପର କରି ଆରପାରିକୁ ଚାଲିଗଲେ । ଉଚ୍ଚ ବେତନରେ ମୋ ପାଇଁ ବିଭିନ୍ନ କଂପାନୀରୁ ଚାକିରି ଅଫର ଆସିଛି, ମାତ୍ର ବାପାଙ୍କର ଅସୁସ୍ଥତା ସେ ସବୁକୁ ମୋତେ ପ୍ରତ୍ୟାଖ୍ୟାନ କରିବା ପାଇଁ ବାଧ୍ୟ କରିଛି । ସବୁ କଷ୍ଟକୁ ସହ୍ୟ କରି ଚାକିରି କରିବାକୁ ନିଷ୍ପତ୍ତି ନେଇଥିଲି । କିନ୍ତୁ ବାପାଙ୍କୁ ସେ କଥା କହିବା ପରେ ରୋଗ ଶଯ୍ୟାରେ ସେ ମୋ ହାତ ଧରି ଛୋଟ ପିଲାଟି ପରି କଇଁ କଇଁ କାନ୍ଦିଥିଲେ, ଆଶଙ୍କା କରିଥିଲେ ମୁଁ ଚାକିରିକୁ ପଳାଇ ଗଲେ ସେ ପ୍ରତ୍ୟକ ଦିନ ଔଷଧ ଖାଇବେ କେମିତି ! ତାଙ୍କ ସେବା ଶୁଶୃଷା କରିବ କିଏ ? ତେଣୁ ଚାକିରି କରିବାର ଲାଳସାକୁ ମନରୁ ପୋଛି ଦେଇଥିଲି ସେଦିନ ମୁଁ । ନିଷ୍ପତ୍ତି ନେଇଥିଲି ବାପାଙ୍କୁ ଛାଡି କେବେ ବି ଯିବିନି । ଅତିକ୍ରାନ୍ତ ବୟସରେ ବି ବିବାହ ସ୍ୱପ୍ନ ମଉଳି ସାରିଥିଲା । ଆଶା ବୈତରଣୀ କ୍ରମଶଃ ସୁଖି ସୁଖି ଯାଇଥିଲା ମନରୁ । ବାପାଙ୍କର ଏମିତି ଅବସ୍ଥାରେ ଡାକ୍ତର ଦେଖାଇବା, ଔଷଧ ଆଣି ଦେବା ସବୁ କାମ ମୋର । ବାପାଙ୍କର ଅବସର ପରର ମାସିକ ପେନସନ ହିଁ ଆମର ରୋଜଗାରର ଏକମାତ୍ର ପନ୍ଥା । ବାପାଙ୍କର ଦୈନିକ ଆବଶ୍ୟକ ହେଉଥିବା ଔଷଧ କେବଳ କଟକରେ ହିଁ ମିଳେ । ତେଣୁ ମାସରେ ଥରେ କଟକ ଆସି ତାଙ୍କ ପାଇଁ ଔଷଧ ନେବାକୁ ପଡେ । ବାପାଙ୍କୁ ରୋଗ ଶଯ୍ୟାରେ ଶୁଏଇ ଦେଇ ମୁଁ କଟକ ଆସେ ପ୍ରତ୍ୟକ ମାସର ପ୍ରଥମ ସପ୍ତାହରେ । ଆଜି ବି ସେହି ଔଷଧ ପାଇଁ ହିଁ ମୁଁ କଟକ ଆସିଥିଲି..... ! !” ଏମିତି ଅନେକ ଅନେକ ଦୁଃଖ କଥା କହି ଚାଲିଥିଲା କବିତା ତାର କୋହ ଭରା କଣ୍ଠରେ ।

ବସର କ୍ଲିନର ସେହି ସମୟରେ ଡାକ ପକାଇଥିଲା, “ଜାରକା, ଜାରକା ! ! ଜାରକାରେ

 Magazine Downloaded from www.aahwaan.com

ଯିଏ ଓହ୍ଲାଇବ ଗେଟ୍ ପାଖକୁ ଶୀଘ୍ର ଚାଲିଆସ ।”

ବୁଢୀ ମାଆର କାହାଣୀ ପେଡିର ସବୁ କାହାଣୀ ଶେଷ ହେବା ପୁର୍ବରୁ ଯେମିତି ବେଳେ ବେଳେ ଛୋଟ ପିଲାଟି ଶୋଇଯାଏ, ଆଉ ବୁଢୀମାଆର କାହାଣୀ ଅସଂପୁର୍ଣ୍ଣ ରହିଯାଏ । ଠିକ୍ ସେମିତି କବିତା ସିଟ୍ ଛାଡି ବସର ଗେଟ ପାଖକୁ ଚାଲି ଯାଉଥିବା ବେଳେ ବିକାଶ ବାବୁଙ୍କୁ ସେମିତି ଅନୁଭୁତ ହୋଇଥିଲା । ବିକାଶ ବାବୁ କେବଳ କର୍ମବ୍ୟସ୍ତତା ମଧ୍ୟରେ ନିଜର ନିସ୍ୱାର୍ଥପରତା, କର୍ତ୍ତବ୍ୟ ପରାୟଣତା ବିଷୟରେ ଅନେକ ସମୟରେ ଅନ୍ୟମାନଙ୍କୁ ଉଦାହରଣ ଦେଉଥିବାର ଅହଂଭାବ ସେଦିନ ଭାଙ୍ଗି ଯାଇଥିଲା ତାଙ୍କ ମନର ଅଳନ୍ଦୁ ଭିତରୁ । ଅନୁଭବ କରିଥିଲେ ଦୁନିଆରେ ଏମିତି ବି ମହୀୟସି ମହିଳା ଅଛନ୍ତି ଯେଉଁମାନେ ପିତାମାତାଙ୍କ ସେବାରେ ନିଜର ଭବିଷ୍ୟତକୁ ଜଳାଞ୍ଜଳି ଦେଇପାରନ୍ତି । ନାରୀର ଦେବତୁଲ୍ୟ ପରଶ କେବଳ ଯେ ସନ୍ତାନ, ପରିବାର, ସମାଜ ପାଏ, ସେକଥା ନୁହଁ, ଜନ୍ମିତ ପିତା ମାତା ବି ସେମିତି ପରଶ ପାଇଥାନ୍ତି......

ବିସ୍ତିର୍ଣ୍ଣ ବେଳାଭୂମୀର ଅସହାୟ ଶାମୁକଟିଏ ପରି କବିତା ଜୀବନର ଦରଦି କବିତାଗୁଛକୁ ମନେ ମନେ ସାଉଁଟୁ ସାଉଁଟୁ ଅଜାଣତରେ ବିକାଶ ବାବୁଙ୍କ ନୟନ ସାମାନ୍ୟ ଜଳାର୍ଣ୍ଣବ ହୋଇ ଯାଇଥିଲା । ଦୀର୍ଘଶ୍ୱାସ ପକାଇ ନିଜ ସିଟରେ ମୁଣ୍ଡ ଗଡଉ ଥିଲେ ସେ.....

ଗଦାଧର ବଳ,

ଆଇନଜୀବୀ ,ଭଦ୍ରକ

୯୪୩୭୧୨୮୮୪୧

 Magazine Downloaded from www.aahwaan.com

# ଅସ୍ତ ସୂର୍ଯ୍ୟର ଏଲିଜି



ତ୍ରିଲୋଚନ ଦାସ

ସୁବ୍ରତ ବାରମ୍ବାର ନିଜଘଣ୍ଟାକୁ ଦେଖୁଥିଲା ଆଉ ଅନ୍ୟମନସ୍କ ହୋଇ ଯାଉଥିଲା । ସତରେ ସେ କ'ଣ ଗାଁକୁ ଶେଷ ବସ୍ ଧରିପାରିବ ! ଏତିକି ବେଳେ ବି ଏ ଟ୍ରାଫିକ୍ ଆଲୁଅଟା ଦାଉ ସାଧିବାର ଥିଲା । ସେହି ଯେ ନାଲି ହେଇଚି, ରଙ୍ଗ ବଦଳେଇବା ନାଁ ଧରୁନି । ସତରେ ଯଦି ଶେଷ ବସଟା ଧରି ନପାରେ, ତେବେ ସେ କଣ କରିବ ? ସେ ମନେମନେ ନିଜକୁ ଦୋଷୀ ମଣୁଥିଲା ଆଉ କେମିତି ଗୋଟେ ଅପରାଧବୋଧ ତା ଭିତରେ ସଞ୍ଚରି ଯାଉଥିଲା । ଏହା ଭିତରେ ଟ୍ରାଫିକ୍ ଖୋଲିଯାଇଥିଲା ଆଉ ପଛଗାଡ଼ିଟା ଜୋରରେ ହର୍ଣ୍ଣଦେବାରୁ ସେ ପ୍ରକୃତିସ୍ଥ ହୋଇ ଯେତେ ସମ୍ଭବ ନିଜ ବାଇକକୁ ଆଗେଇ ନେଲା । ଷ୍ଟାଣ୍ଡରୁ ବହାରୁଥିଲା ଆଉ ଗାଁ କଣ୍ଡକ୍ଟର ତାକୁ ଦୌଡୁଥିବାର ଦେଖି ହେଲପରକୁ  ବସ୍ ଅଟକାଇବାକୁ କହିବା ମାତ୍ରେ ସେ ଗୋଟେ ଲମ୍ଫରେ ବସ୍‌ଭିତରେ ହାଜର ହୋଇଗଲା । କଣ୍ଡକ୍ଟର ନିଜ ସିଟ ଛାଡିଦେଇ କହିଲା, "ସୁବୁ, ତୁ ପରା କାଲି ଆସିବାର ଥିଲା ? କକେଇ କାଲି ସନ୍ଧ୍ୟାରେ ଷ୍ଟାଣ୍ଡରେ ତୋତେ ଅପେକ୍ଷା କରିଥିଲେ, ଆଉ ତୁ ନ ଆସିବା ଦେଖି ମୁହଁ ଶୁଖେଇ ଫେରିଗଲେ । କ'ଣ ହେଇଛି କିରେ ? ଘରେ କିଛି ଅସୁବିଧା ହେଇନି ତ" ! ସୁବ୍ରତ କହିଲା, "ନାନା ସେମିତି କିଛି ହେଇନି, ତେବେ ବାପା କାଲି ମୋତେ ଆସିବାକୁ କହିଥିଲେ, ଆଉ ବ୍ୟସ୍ତତା ଯୋଗୁଁ ମୁଁ ଆସି ପାରିଲିନି" । କଣ୍ଡକ୍ଟର କହିଲା,"ହଉ ତୁ ମୋ ସିଟରେ  ବସ, ମୁଁ ପଛ ଆଡୁ ଆସୁଛି" । ବାପା ଗତକାଲି ଅପେକ୍ଷା କରିଥିବା କଥା ଶୁଣି ସୁବ୍ରତକୁ ଭାରି ବ୍ୟସ୍ତ ଲାଗିଲା । ଗତଥର ଆସିଥିବା ବେଳେ ବାପାଙ୍କର

 Magazine Downloaded from www.aahwaan.com

ଉଦାସ ଆଖିଯୋଡ଼ାକ ଦେଖି ତାକୁ ଲାଗୁଥିଲା ଯେମିତି ଏବେ ବାପାଙ୍କର ଅନ୍ୟ କିଛି ନୁହେଁ, ସାହାରାର ଆବଶ୍ୟକତା ଅଛି । ବାପା ଦୁଇଦିନ ତଳେ ଟେଲିଫୋନ୍ କରିଥିଲେ । ପ୍ରାୟ ମାସେ ହେବ ବୋଉ ଦେହ ଖରାପ ରହୁଥିଲା, ଏବେ ପୁଣି କିଛିଦିନ ହେଲା ତାର ପୁରୁଣା ରୋଗଟା ବାହାରିଛି । ଦୁଇଦିନ ହେଲା ସେ ଆଖିବୁଜି ପଡ଼ି ରହିଛି ଆଉ ମଝିରେ ମଝିରେ ଆଖିଖୋଲି ପଚାରୁଛି "ସୁବୁ, ଆସିଲାଣି ?" ବାପା କହୁଥିଲେ, "ବୋଉର ଶ୍ୱାସ ରୋଗଟାକୁ ଆଉ କୌଣସି ଚିକିତ୍ସା କାଟୁ କରୁନି । ବୋଉର ଦେହ ଖରାପ ଶୁଣି 'କୁନି' ତା' ତିନି ମାସର ଛୋଟପୁଅକୁ ଧରି ଜ୍ୱାଇଁଙ୍କ ସହିତ ଆସି ପହଞ୍ଚିଛି । ତୁ ଯେମିତିହେଲେ ଆଜି ସନ୍ଧ୍ୟାସୁଦ୍ଧା ଆସିବାକୁ ଚେଷ୍ଟା କରିବୁ" । ସେଦିନ ବାପାଙ୍କର କଥାଗୁଡାକ ସବୁଦିନ ଭଳି ଟାଣ ନଥିଲା । ତାଙ୍କ କଥାରେ କେମିତି ଗୋଟେ ଉଦାସ ଭାବ ଥିବାଭଳି ଜଣା ପଡୁଥିଲା, ଆଉ କିଛି ଗୋଟେ ହରେଇବା ଭୟରେ ତାଙ୍କର ସେହି ଦମ୍ଭିଲା ସ୍ୱର ହଠାତ୍ ଯେମିତି କରୁଣ ହୋଇ ଯାଇଥିଲା । ବାପାଙ୍କର ଏଭଳି ଅସହାୟତା ସୁବ୍ରତ କେବେ ବି ଦେଖିନଥିଲା । ଯେତେ ଯାହା ଅଭାବ ହେଉପଛେ, ସ୍କୁଲ ଶିକ୍ଷକ ଚାକିରୀର ସ୍ୱଳ୍ପ ଦରମାରେ ବି ସେ କାହା ଆଗରେ ହାତ ପତେଇବାର ବା ଅସହାୟତା ପ୍ରକାଶ କରିବାର ସୁବ୍ରତ କେବେ ଦେଖି ନାହିଁ । କିନ୍ତୁ ସେ ବେଳେ ବେଳେ ଭାବେ, ଯେ ତାଙ୍କ ପୁଅ ହେଇ ଆଉ ତାଙ୍କ ଆଦର୍ଶରେ ବଢ଼ି ମଧ୍ୟ, ସେ କାହିଁକି ସବୁବେଳେ ନିଜକୁ ଅସହାୟ ମଣୁଚି । ତା'ଭିତରେ ବାପାଙ୍କ ସେହି ଦୃଢ଼ତା ଆଉ ନିଜକୁ ଅନ୍ୟଆଗରେ ଜାହିର କରିବାର ଲଢୁଆ ମନୋବୃତ୍ତି ନାହିଁ କାହିଁକି ? କାହିଁକି ସେ ନିଜର ବ୍ୟକ୍ତିତ୍ୱକୁ ଅନ୍ୟ ଆଗରେ ଠିକ୍‌ଭାବେ ପ୍ରକାଶ କରି ପାରୁନାହିଁ? ବାପାଙ୍କର ସ୍ୱପ୍ନଥିଲା ତାଙ୍କ ପୁଅକୁ ସେ ଡ଼ାକ୍ତର କରିବେ । କିନ୍ତୁ ସ୍ୱପ୍ନ ତାଙ୍କର ଅଧାରେ ରହିଗଲା ଯେତେବେଳେ ସୁବ୍ରତ ବାରମ୍ବାର ଏଣ୍ଟ୍ରାନସ୍ ଦେବାସତ୍ତ୍ୱେ ବି କୌଣସି ସରକାରୀ ମେଡିକାଲ କଲେଜରେ

 Magazine Downloaded from www.aahwaan.com

ସିଟଟିଏ ପାଇଲା ନାହିଁ । ଶେଷରେ ତାକୁ ବିଜ୍ଞାନରେ ସ୍ନାତକ କରି ବ୍ୟାଙ୍କ କିରାଣୀ ଚାକିରୀ ଆଦରିବାକୁ ପଡ଼ିଲା । ସୁବ୍ରତ କେବେ ବି ବାପାଙ୍କର ଅବାଧ୍ୟ ହୋଇ ନାହିଁ, ଏମିତିକି ଜୀବନ ସାଥିଟିଏ ବାଛିବା ବେଳେ ମଧ୍ୟ । ଯେତେବେଳେ ବାପାଙ୍କ ଅନ୍ତରଙ୍ଗ ବନ୍ଧୁଙ୍କର ସ୍ୱଳ୍ପ ଶିକ୍ଷିତା କନ୍ୟା 'ଛନ୍ଦା'କୁ ତା'ର ଅନିଚ୍ଛା ସତ୍ତ୍ୱେ ତା'ସହିତ ଛନ୍ଦି ଦିଆଗଲା, ସେତେବେଳେ ବି ସେ ପ୍ରତିବାଦ କରିନାହିଁ । କିନ୍ତୁ ଆଜି ସେ ବାପାଙ୍କର ଅବାଧ୍ୟ ହେଲା କେମିତି ? ବାପା ଯେତେବେଳେ ତା'ର ଉପସ୍ଥିତି ଅତି ଜରୁରୀ ବୋଲି ମନେ କରୁଥିଲେ, ସେତେବେଳେ ସେ ତାଙ୍କ କଥାକୁ ଗୁରୁତ୍ୱ ଦେଲା ନାହିଁ କାହିଁକି ? ଗତକାଲି ସେ ଗାଁକୁ ଯିବାପାଇଁ ବାହାରିଲା ବେଳକୁ ବୋଉର ଅସୁସ୍ଥତାକୁ ଛନ୍ଦା ଯେଉଁଭଳି ହାଲକା ଭାବରେ ଗ୍ରହଣ କଲା, ଆଉ ଅସୁସ୍ଥ ବୋଉକୁ ଦେଖାକରିବା ଅପେକ୍ଷା ଝିଅର ବାର୍ଷିକ ଉତ୍ସବରେ ଯୋଗଦେବା କଥାଟାକୁ ଅଧିକ ଗୁରୁତ୍ୱ ଦେଲା, ସେତେବେଳେ ସେ ତାକୁ ସହଜରେ ଗ୍ରହଣ କରିନେଲା କେମିତି ? ହୁଏତ ତାର ଅବଚେତନ ମନ ଭିତରେ ଗୋଟେ କଳହ ପ୍ରିୟ ସ୍ତ୍ରୀ ସହିତ ସାଲିସ୍ କରିବା କଥାଟା ବସା ବାନ୍ଧି ରହି ଯାଇଥିଲା । 'ମୁନି'ର ଗତକାଲି ତାଙ୍କ ସ୍କୁଲରେ ବାର୍ଷିକ ଉତ୍ସବ ଥିଲା, ଆଉ ସେହି ଉପଲକ୍ଷେ ଛାତ୍ରଛାତ୍ରୀମାନେ କରୁଥିବା ଏକ ଗୀତିନାଟ୍ୟରେ ଅଭିନୟ କରୁଥିଲା । ନିଜନିଜ ପିଲାମାନଙ୍କର ଅଭିନୟ ଦେଖିବା ଏବଂ ତାଙ୍କୁ ଉତ୍ସାହିତ କରିବାପାଇଁ ପ୍ରାୟତଃ ସବୁ ବାପାମା' ଯାଉଥିଲେ । ଝିଅକୁ ନେଇ ପଡୋଶୀଙ୍କ ଗାଡ଼ିରେ ଯିବାର ସମସ୍ତ ବନ୍ଦୋବସ୍ତ କରିଦେବ ବୋଲି ସୁବ୍ରତ କହିବା ସତ୍ତ୍ୱେ ଛନ୍ଦା ବୁଝିବାକୁ ରାଜିହେଲା ନାହିଁ । ଓଲଟି କହିଲା, "ବୋଉଙ୍କ ଶ୍ୱାସରୋଗ ସବୁବେଳେ ବାହାରୁଛି, ଆଉ ବାପା ବି ଖବରଦେଲା ମାତ୍ରେ ସଙ୍ଗେ ସଙ୍ଗେ ଯାଇ ଗାଁରେ ପହଞ୍ଚି ଯାଉଛ । ପହଞ୍ଚିଲା ବେଳକୁ ସବୁ ଠିକ୍‌ଠାକ୍ ଥିବା ଦେଖି ଗାଁରେ ଦୁଇଚାରିଦିନ ମହାଆଡ଼ମ୍ବରରେ ରହି ଫେରି ଆସୁଛ । ଆଜି କଥାଟା ବି ସେଇୟା । ବରଂ

 Magazine Downloaded from www.aahwaan.com

ଝିଅର ଉତ୍ସବକୁ ନ ଗଲେ ସେ ଅନ୍ୟସବୁ ବାପାମା'ଙ୍କୁ ଦେଖି, ତୁମର ଅନୁପସ୍ଥିତି ତାକୁ ଖୁବ୍ ବାଧିବ । ଏଣୁ ଝିଅର ଉତ୍ସବ ପରେ ଆସନ୍ତା କାଲି ଯିବାର ବନ୍ଦୋବସ୍ତ କର ।" ସୁବ୍ରତ, ଛନ୍ଦାକୁ ବୁଝେଇବାକୁ ଚେଷ୍ଟାକରି କହିଲା ଯେ, ଏଥର ବାପାଙ୍କ କଥା ଭିତରେ ବୋଉର ଅସୁସ୍ଥତା ଅତି ଗୁରୁତର ବୋଲି ସ୍ୱଷ୍ଟ ବାରି ହୋଇପଡୁଥିଲା ଏବଂ ତା'ର ଯିବାଟା ଅତ୍ୟନ୍ତ ଜରୁରୀ ଥିଲେ ବି ଛନ୍ଦା କୌଣସି ପ୍ରକାର ତା'କଥାକୁ ବୁଝିବାକୁ ରାଜି ହେଲାନି । ବରଂ ଯୁକ୍ତିତର୍କଟା ଆସ୍ତେ ଆସ୍ତେ ଉତ୍କଟ ଆକାର ଧାରଣ କଲା, ଆଉ ଏଭଳି ପରିସ୍ଥିତିରେ ସେ ଶାନ୍ତି ପାଇଁ ସନ୍ଧି କରିବାକୁ ବାଧ୍ୟହେଲା । ସେଦିନ ରାତିରେ ସୁବ୍ରତ ଶୋଇ ପାରିଲା ନାହିଁ । ଗୋଟେ ଅଜଣା ଆତଙ୍କ ତା'ଚାରିପଟେ ବେଢ଼ି ରହିଥିବାର ଅନୁଭବ କଲା । ଛାଇ ନିଦରେ ସେ ସ୍ୱପ୍ନ ଦେଖିଲା ଯେ ବୋଉ କହୁଛି, "ଆରେ 'ସୁବୁ', ଶୀଘ୍ର ଗାଧୋଇଆ । ତୁ ମହୁରାଳୀ ମାଛ ବେସର ଖାଇବାକୁ ଭଲପାଉ ବୋଲି ବାପା ସକାଳୁ ସକାଳୁ ଯାଇ ମାଛ ଯୋଗାଡ଼ କରି ଆଣିଛନ୍ତି । ଆଉ ତୁ ଅଖିଆ ଅପିଆ ଗାଁଟା ଯାକ ଟୋଟୋ ହୋଇ ବୁଲୁଚୁ !" ଗାଁ ଯେତିକି ପାଖେଇ ଆସୁଥିଲା, ସୁବ୍ରତର ଉତ୍କଣ୍ଠା ସେତିକି ବଢ଼ି ବଢ଼ି ଯାଉଥିଲା, ଆଉ ତା' ମନକୁ ପାପ ଛୁଉଁଥିଲା । ସେ ଭାବୁଥିଲା, ସତରେ ବୋଉ ଆଉ କ'ଣ ଭଲ ହେବନି, ବୋଉଠୁ ଆଉ କେବେ 'ସୁବୁ' ଡ଼ାକ ସେ ଶୁଣି ପାରିବନି ? ଗାଁକୁ ସେହି ଗୋଟିଏ ବସ୍ । ରାଜଧାନୀରୁ ସଞ୍ଜ ବେଳେ ଯିବ, ପୁଣି ଫେରିବ ପରଦିନ ସକାଳେ । ସେ କାଲି ଛନ୍ଦାକୁ କହୁଥିଲା ଯେ ଭଡ଼ା ଗାଡ଼ିଟେ ନେଇ ସକାଳେ ଗଲେ ଭଲ ହୁଅନ୍ତା । କିନ୍ତୁ ଗାଡ଼ିକଥା ଶୁଣି ଛନ୍ଦା ଚିହିଁକି ଆସି କହିଲା, "ମାସ ଶେଷରେ ଆଉ ଟଙ୍କା ଅଛି ଯେ ଗାଡ଼ିଭଡ଼ା ନେଇଯିବ । ତୁମେ ଘର ଚଳେଇବାକୁ ଏ ମାସ ଦେଇଥିବା ଟଙ୍କା ଶେଷ ହେଇଗଲାଣି । ଏବେ ପୁଣି କ'ଣ ବାକିରେ ଗାଡ଼ି ନେଇଯିବ ? ଭଡ଼ା ସିନା ଗାଡିବାଲା ପରେ ନବ, କିନ୍ତୁ ଗାଡ଼ିରେ ତ ଆଉ ବାକିରେ

 Magazine Downloaded from www.aahwaan.com

ତେଲ ପକେଇ ପାରିବନି ?" ନିଜର ଆର୍ଥିକ ଅବସ୍ଥାର ନକ୍ସାଟା ଯେମିତି ଉଦ୍ଦେଶ୍ୟମୂଳକ ଭାବେ ତାକୁ ଛନ୍ଦା ପୁଣିଥରେ ଦେଖେଇ ଦେଲା । ପ୍ରକୃତରେ କେବଳ ତାର ନୁହେଁ, ଅଧିକାଂଶ ବ୍ୟାଙ୍କବାଲାଙ୍କ ଅବସ୍ଥା ଉଣାଅଧିକେ ଏଇୟା । ଋଣ ସହଜରେ (ସୁବିଧାରେ ନୁହେଁ !) ମିଳିଯାଏ ବୋଲି ଦରକାରୀ/ଅଦରକାରୀ ଯାହା ଦେଖିବେ କିଣିବେ, କିନ୍ତୁ ଶୁଝିବା କଥା ଚିନ୍ତା କରିବେ ନାହିଁ । କିସ୍ତି ତ ଦରମାରୁ କଟିବ, ଚିନ୍ତା କରିବେ କାହିଁକି ? ଘରଟେ ପାଇଁ ଋଣକଲ, ଠିକ୍ ଅଛି । କିନ୍ତୁ ତା'ପରେ ଉଦବୃତ୍ତ ଦରମାରେ ନିଜର ଜରୁରୀ ଆବଶ୍ୟକତା ପୁରଣ ହେବକି ନାହିଁ, ସେକଥା ଚିନ୍ତା ନକରି, ଥାଟ ପାଟ ସବୁ ବଢ଼େଇବା କ'ଣ ନିହାତି ଦରକାର ? କିସ୍ତିରେ ଯଦି ମିଳିବାର ସୁବିଧା ଅଛି, ଯାହା ମିଳୁଛି କିଣ । ଋଣରାକ୍ଷସ ଯେତେବେଳେ ଗିଳି ଗିଳି ତଣ୍ଟିପର୍ଯ୍ୟନ୍ତ ଆସିବ, ସେତେବେଳେ ଯାଇ ଚେତା ପଶିବ । ସୁବ୍ରତ ଏବେ ଏତେ ଋଣଗ୍ରସ୍ତ ହୋଇ ଯାଇଥିଲା ଯେ ଦରକାର ସମୟରେ ବାପାଙ୍କୁ ସାହାଯ୍ୟ କରିବ କ'ଣ, ବାପା ତାକୁ ସାହାଯ୍ୟ କରୁଥିଲେ । ଏମିତିକି ସେ କିଣିଥିବା ଘରର ଭିତର ସାଜସଜ୍ଜା ପାଇଁ ଟଙ୍କା ଅଭାବ ପଡିଲା ଯେ ବାପା ତାଙ୍କ ତିନି ଫସଲି ପାଟ ଜମିରୁ ଏକରଟେ ବିକି ତାକୁ ଟଙ୍କା ଦେଲେ । ଘରବାରି ବା ଜମି ବିକିଲେ ଗାଁ ଲୋକେ ଲକ୍ଷ୍ମୀଛଡ଼ା କହିବେ ବୋଲି ବୋଉ ବାପାଙ୍କୁ କହିଲାରୁ ବାପା ବୋଉକୁ ଉତ୍ତର ଦେଲେ, "ସୁବୁ ଆଉ କ'ଣ ଗାଁକୁ ଫେରିବ ନା ଚାଷ କରିବ ? ମୁଁ ମଲାପରେ ଏ ସବୁ ମୂଲ୍ୟବାନ ଜମିକୁ ସେ ମାଛ ଶାଗ ଦରରେ ବିକିବ । ତା'ଅପେକ୍ଷା ଏବେ ଯଦି ଜମିଟା ଉଚିତ ଦରରେ ବିକ୍ରି ହୋଇ ଘରକାମରେ ଲାଗି ପାରିଲା, ସେଥିରେ କ୍ଷତିକ'ଣ ?" ବାପାଙ୍କ ଯୁକ୍ତିକୁ ବୋଉ ବୋଧହୁଏ ଠିକ୍‌ଠିକ୍ ବୁଝିଗଲା, ଆଉ ସୁବ୍ରତକୁ ଜମିବିକ୍ରିରୁ ତିନିଲକ୍ଷ ଟଙ୍କା ମିଳିଗଲା ।

ଅନାବନା ଚିନ୍ତା ଭିତରେ ବୁଡ଼ି ଯାଇଥିବା ସୁବ୍ରତ ହଠାତ୍ ପ୍ରକୃତିସ୍ଥ ହେଲାବେଳକୁ ବସ୍

 Magazine Downloaded from www.aahwaan.com

ଗାଁମୁଣ୍ଡ ଷ୍ଟାଣ୍ଡରେ ପହଞ୍ଚି ସାରିଲାଣି । ସେ ତରତର ହୋଇ ଓହ୍ଲାଇ ଦି ପାହୁଣ୍ଡ ଯାଇଛି କି ନାହିଁ, ହରି କକେଇ ସାମ୍ନାସାମ୍ନି ହେଇଗଲେ । ପାଦ ଛୁଇଁଲା ବେଳକୁ ସେ ଗମ୍ଭୀର ସ୍ୱରରେ କହିଲେ, "ସୁବୁ, ତୁ କ'ଣ ଏବେ ଆସୁଛୁ ?" ସେ ମୁଣ୍ଡ ହଲେଇ ହଁ କହିଲାରୁ କହିଲେ, "ହଉ ଘରକୁ ଯା ।" ହରି କକେଇଙ୍କ ସ୍ୱରରେ ତା'ପ୍ରତି ଗୋଟେ ତାଚ୍ଛଲ୍ୟ ଭାବଥିବା ଦେଖି ତାଙ୍କୁ "ବୋଉ କେମିତି ଅଛି" ବୋଲି ପଚାରିବାର ସାହସ ସେ ଜୁଟେଇ ପାରିଲାନି । କକେଇଙ୍କ କଥାରେ ସେ ଏତେ ଭୟଭୀତ ହୋଇ ଯାଇଥିଲା ଯେ ନିଜଗୋଡ଼ ଦୁଇଟିକୁ ନିୟନ୍ତ୍ରଣ କରିପାରୁ ନଥିଲା । ଭୟ, ଉତ୍କଣ୍ଠା ଆଉ ଗୋଟେ ଅଜଣା ଅପରାଧବୋଧରେ ତାର ସର୍ବାଙ୍ଗ ଥରୁଥିଲା । ଗାଁ ଭିତରକୁ ଗଡ଼ିଲା ବେଳକୁ ଦେଖିଲା ଯେ ଏତେ ଚଳଚଞ୍ଚଳ ଗାଁଦାଣ୍ଡଟା ଖାଁ ଖାଁ ଲାଗୁଛି । ଦାମ ବାରିକ ଆଉ ଯଦୁ ବାଉରୀ ଦୁଇଜଣ ରାସ୍ତାରେ ଦେଖାହେଲେ ବି ସେ ଭରସା କରି ତାଙ୍କୁ କିଛି ପଚାରି ପାରଲା ନାହିଁ, କି ସେମାନେ ଖାଲି ଓଳଗି ହେବା ଛଡ଼ା ନିଜେ କିଛି କହିଲେ ନାହିଁ । ଘର ଯେତିକି ପାଖେଇ ଆସୁଥିଲା, ସୁବ୍ରତର ହୃତସ୍ପନ୍ଦନ ସେତିକି ବଢ଼ି ବଢ଼ି ଯାଉଥିଲା । ଉତ୍ତେଜନାରେ ତା'ଦେହ ଥରୁଥିଲା ଆଉ ଦେହସାରା ଗମ୍‌ଗମ୍ ହୋଇ ଝାଳ ବୋହି ଯାଉଥିଲା । ଗାଁ ଦାଣ୍ଡରୁ ଗଡାଣି ବୁଲି ଘରକୁ ଗଲାବେଳକୁ ଦେଖିଲା ଯେ ଗଳି ରାସ୍ତାଟା ଲୋକାରଣ୍ୟ । ତାକୁ ଦେଖି ଭିଡ଼ ଭିତରେ ଜଣେ ଜଣେ ହୋଇ କଡେଇ ଯାଇ ତା'ପାଇଁ ରାସ୍ତା ଛାଡିଦେଲେ । ସୁବ୍ରତ ଏବେ ଗଛହଣା ହେଉଥିବାର ଶବ୍ଦ ସ୍ପଷ୍ଟ ଶୁଣି ପାରିଲା, ତା ସହିତ କାନ୍ଦ ବୋବାଳି ବି । ସୁବ୍ରତର ଆଉ କିଛି ବୁଝିବାକୁ ବାକି ରହିଲାନି । ଘର ଆଗ ଅଗଣାରେ କୋକେଇ ଉପରେ ଶୋଇଛି ବୋଉ, ମୁଣ୍ଡସାରା ସିନ୍ଦୂର, ଦେହସାରା ଫୁଲଭର୍ତ୍ତି । ମୁହଁତଳକୁ କରି ବାପା ବସିଛନ୍ତି ବୋଉର ମୁଣ୍ଡ ଆଡକୁ, ବର୍ଦ୍ଧିତ ଶ୍ମଶ୍ରୁ ଆଉ ଜ୍ୟୋତିହୀନ ମୁଖମଣ୍ଡଳ । ବୋଉର ଗୋଡ଼ପାଖରେ ବସି କୁନି ଛାତି ଫଟାଇ କାନ୍ଦୁଛି । କିଏ

 Magazine Downloaded from www.aahwaan.com

ଜଣେ ପାଟି କରି କହିଲା, "ହେଇ 'ସୁବୁ' ଆସିଲାଣି ।" ବାପା ମୁଣ୍ଡ ଉଠେଇ ଚାହିଁଲେ, ତାକୁ ଦେଖିଲେ, କିନ୍ତୁ କିଛି ନକହି ପୁଣି ମୁଣ୍ଡ ତଳକୁ କରି ନେଲେ । କୁନି ମୁଣ୍ଡ ବୁଲେଇ ସୁବ୍ରତକୁ ଦେଖିଲା ଆଉ ଆହୁରି ଜୋରରେ କାନ୍ଦିବାକୁ ଲାଗିଲା । କୁନି କହୁଥାଏ, "ଭାଇ ତୁ କିଭଳି ଏତେ ନିଷ୍ଠୁର ହୋଇ ପାରିଲୁ ? ତୋର ମୋବାଇଲ୍ ଲାଗିଲାନି ବୋଲି ଲ୍ୟାଣ୍ଡଲାଇନରେ ବାପା ଆଉ ମୁଁ କାଲି ଦିନବେଳେ ଦୁଇଥର ଭାଉଜଙ୍କୁ କହିଛୁ ଯେ ଯେମିତି ହେଲେ ବି ଭାଇକୁ ସନ୍ଧ୍ୟା ସୁଦ୍ଧା ପଠେଇବ । ବୋଉର ଅବସ୍ଥା ଭଲନାହିଁ, ସବୁବେଳେ ଖାଲି ଭାଇକୁ ଖୋଜୁଛି ଆଉ 'ସୁବୁ' 'ସୁବୁ' ବୋଲି ଡାକି ଚେତା ହରେଇ ବସୁଛି । କିନ୍ତୁ ତୁ ଏଇଟା ଠିକ୍ କଲୁନି ଭାଇ, ଶେଷ ମୁହୁର୍ତ୍ତରେ ତୋତେ ଦେଖି ନ ପାରିବାର ଅବଶୋଷ ବୋଉ ମନରେ ରହିଗଲା । ତୁ ଗୋଟେ ବହୁତ ବଡ଼ ଭୁଲ୍ କରିଦେଲୁ, ଆଉ ଏଇଥିପାଇଁ ତୁ ନିଜକୁ କେବେ ବି କ୍ଷମା କରି ପାରିବୁ ନାହିଁ । ତୁ ଅନୁମାନ କରିପାରୁଛୁ କି ବାପାଙ୍କ ଉପରେ କ'ଣ ବିତୁଥିବ । ଯେଉଁ ପୁଅକୁ ନେଇ ସେ ଗର୍ବ କରୁଥିଲେ, ସେହି ପୁଅ ଆଜି ତାଙ୍କ ମୁଣ୍ଡ ତଳକୁ କରିଦେଲା । ଶେଷବେଳକୁ ବୋଉ କଥା କହିପାରୁ ନଥିଲେ ବି ଖୋଜିଲା ଖୋଜିଲା ଆଖିରେ ବିକଳ ହୋଇ ଚାରିଆଡ଼େ ଚାହୁଁଥିଲା, ଯେମିତି ତାର 'ସୁବୁ' ହାତରୁ ବୁନ୍ଦାଏ ପାଣି ପିଇଲେ ହିଁ ସେ ପ୍ରାଣ ଛାଡ଼ିବ ।" କୁନିର କଥା ଗୁଡାକ ଲୁହାକଣ୍ଟା ଭଳି ସୁବ୍ରତ ଦେହରେ ଭେଦି ଯାଉଥିଲା, କିନ୍ତୁ ତା' ପାଟିରୁ କୌଣସି ବାକ୍ୟ ସ୍ଫୁରୁନଥିଲା, ସମ୍ପୂର୍ଣ୍ଣ ଭାବେ ମୂକ ହୋଇ ଛିଡ଼ା ହୋଇଥିଲା । ନା ସେ କାନ୍ଦି ପାରୁଥିଲା, ନା ତା ଆଖିରୁ ଲୁହ ଝରୁଥିଲା । ହଠାତ୍ ସୁବ୍ରତ ଅନୁଭବ କଲା ଯେ ତା'ପାଦ ଦୁଇଟି ପକ୍ଷାଘାତଗ୍ରସ୍ତ ହୋଇ ଯାଇଛି । ଏବେ ସେ ଶବ୍ଦରେ ବୋଉର ପାଦ ଉପରେ କଚାଡି ହୋଇପଡ଼ିଲା, ଆଉ ଖାଲି ବଲବଲ ହୋଇ ବୋଉ ମୁହଁକୁ ଚାହିଁ ରହିଲା । ମିନିଟେ, ଦୁଇମିନିଟ୍, ପାଞ୍ଚମିନିଟ୍ ଏହି ଭଳି ପ୍ରାୟ ପନ୍ଦରମିନିଟ୍ ବିତିଗଲା ।

 Magazine Downloaded from www.aahwaan.com

ସୁବ୍ରତ କିନ୍ତୁ ନିଶ୍ଚଳ, ମୁହଁରେ ତାର କୌଣସି ଭାବାନ୍ତର ନାହିଁ, ନା ଅଛି ଆଖିରେ ଲୁହ ନା ସ୍ଫୁରୁଛି କୌଣସି ଶବ୍ଦ । ଶୋକାକୁଳ ବନ୍ଧୁ ପରିଜନ, ସାହି ପଡିଶା ସମସ୍ତେ ଦେଖୁଥାନ୍ତି, କିନ୍ତୁ ଜାଣି ପାରୁନଥାନ୍ତି କ'ଣ ହେଲା ବୋଲି । ଏତିକି ବେଳେ ହରି କକେଇ ଦାଣ୍ଡରୁ ଫେରି ସୁବ୍ରତକୁ ଅନେଇ ଦେଇ ହତଭମ୍ବ ହୋଇଗଲେ । ଖୁବ୍ ଜୋରରେ ଚିତ୍କାର କରି କହିଲେ, "ଆରେ କିଏ କେଉଁଠି ଅଛରେ, ଶୀଘ୍ର ଆସ, ଆଉ ୟାକୁ କନ୍ଦାଅ । ସେ ନ କାନ୍ଦିଲେ ଖୁବ୍ ଗୋଟେ ବଡ ଅନର୍ଥ ହୋଇ ଯିବରେ !"

ଭ୍ରାମ୍ୟଭାଷ:୭୦୦୮୭୩୫୧୭୯

ଠିକଣା:୨୯-ଏ,କଳ୍ପନା ଏରିଆ, ବି.ଜି.ବି.ନଗର,

ଭୁବନେଶ୍ୱର-୭୫୧୦୧୪

(ଅବସରପ୍ରାପ୍ତ ପରିଚାଳକ,

ୟୁନାଇଟେଡ଼ ବ୍ୟାଙ୍କ ଅଫ୍ ଇଣ୍ଡିଆ)

Magazine Downloaded from www.aahwaan.com

# ଅସ୍ତମିତ ସୂର୍ଯ୍ୟ



ସନ୍ତୋଷ କୁମାର ରାଉତ

ରବିବାରର ଅପରାହ୍ନ ସମୟ, କର୍ମମୟ ସମୟ ଠାରୁ ସାମାନ୍ୟ ଫୁରସତରେ ସହରଠାରୁ ଅଳ୍ପ ଦୂରରେ ଥିବା ସବୁଜିମା ଭରା, ସେଇ ଛୋଟ ପାହାଡ ଉପରକୁ ଭାରକ୍ରାନ୍ତ ମନକୁ ସାମାନ୍ୟ ହଲକା କରିବାପାଇଁ ଯାଇଥିଲି । ଚାଲି ଚାଲି ଥକିପଡିବା ପରେ, ଚଲାରାସ୍ତାର କଡ଼ରେ ଥିବା ଗୋଟିଏ ନିର୍ଜୀବ ପଥର ଚଟାଣ ଉପରେ ଥମକରି ବସିପଡିଥିଲି । କେତେବେଳେ ଯେ ଅନେକ ସମୟ ବିତିଗଲାଣି ଜଣାପଡୁନଥିଲା ।

ଏକାନ୍ତରେ କିଛି ସମୟ ଅତିବାହିତ କରିବାକୁ ଚାହୁଁଥିବା ବେଳେ ....

ଅତୀତର ସ୍ମୃତିସବୁ ମନ ଭିତରକୁ ଧସେଇ ପଶୁଥିଲା । ମନେ ପଡୁଥିଲା ସେଦିନର କଥା ....

ଆଇମା ମୋ ଫେରିବା ବାଟକୁ ଚାହିଁ ବସିଥିଲା । ତା'ର ଆଖିକୁ ବି ଆଉ ଭଲ ଦିଶୁନଥିଲା । କାନ ବି ଶ୍ରବଣ କରିବାର ଯୋଗ୍ୟତା ହରେଇ ବସିଥିଲା । ଲୋଚାକୋଚା ଚମର ଶରୀରଟା ଆଉ କେତେଦିନ ଅବା ମୋ ପାଖରେ ରହିବ । ତା କଥା ଭାବିଭାବି ଆଖିରୁ ଆପେ ଆପେ ଅଜାଣତରେ ଲୁହ ନିଗିଡି ଯାଉଥିଲା ।

ଆମ ଘରେ ମୋତେ ମିଶାଇ ଆମେ ତିନିଭାଇ, ଦୁଇ ଭଉଣୀ ମୋଟ ଭାଇ ଭଉଣୀ ପାଞ୍ଚ ଆଉ ବାପାବୋଉ । ଆଇ କହୁଥିଲା ମୁଁ ଯେତେବେଳେ ଦୁଇବର୍ଷର ଥିଲି ବାପା ଆର ପାରିକି ଚାଲିଗଲେ, ବାପାଙ୍କ ମୃତ୍ୟପରେ ମା ବି ଆମ ସମସ୍ତଙ୍କୁ ଛାଡି ଆଉ ଜଣଙ୍କୁ ବିବାହ

 Magazine Downloaded from www.aahwaan.com

କରି ନିକଟ ସହରକୁ ଚାଲି ଯାଇଥିଲା । ଆମର ଆଦିବାସୀ ଚଳଣୀରେ ଏହିଭଳି ପ୍ରଥା ରହି ଆସିଥିଲା । ବୋଉ ଯିବାପରେ, ଆମର ସାହା ଭରସା ଆଉ କେହି ନଥିଲେ, ଆହା ପଦେ କହି କୋଳେଇ ନେଇ ଆଖିରୁ ଲୁହ ପୋଛିବାକୁ କାହାର ହାତ ଆସିନଥିଲା । ସେ ସମୟରେ ଆଇ ହିଁ ଥିଲା ଆମର ଏକ ମାତ୍ର ସାହାଭରସା, ବୟସର ଅପରାହ୍ନରେ ପଦାର୍ପଣ କରିଥିଲେ ମଧ୍ୟ ତାର ଛିଣ୍ଡାକାନି ତଳେ ଆମ ଭାଇଭଉଣୀଙ୍କୁ ରାହା ଦେଇଥିଲା । ଆଉ ସେବେଠାରୁ ଆଇ ଆମ ପାଖରେ ହିଁ ରହିଲା । ନିଜେ ପରଘରେ କାମକରି, ଜଙ୍ଗଲରୁ କାଠ ଆଣି ବିକ୍ରି କରି ଆମ ମୁହଁରେ ଆହାର ଦେଉଥିଲା । ସତରେ ଭଗବାନ ଏତେ ନିଷ୍ଠୁର, ଦୁନିଆର ସବୁ ଦୁଃଖ ତାକୁ ହିଁ ଦେଉଥିଲେ । ନିଜେ ଓପାସ ରହି ଆମକୁ ଖୁଆଏ ଆଉ ରାତିରେ ପାଣି ଗିଲାସେ ପିଇ ଆମ ସମସ୍ତଙ୍କୁ କୋଳରେ ଧରି କାନ୍ଦିକାନ୍ଦି କେତେ ବେଳ ଶୋଇପଡ଼େ । ମୁଁ ବି ବୋଉକୁ ଝୁରି ଝୁରି କାନ୍ଦି କାନ୍ଦି ଆଇ କୋଳରେ ଶୋଇପଡ଼େ । ଦିନେ ଆମ ଗାଁରେ କି ରୋଗ ଏମିତି ବ୍ୟାପିଲା ଯେ ମୋର ଗୋଟିଏ ଭାଇ ଓ ଦୁଇଭଉଣୀ ଚିକିତ୍ସା ଅଭାବରୁ ମରିଗଲେ ।

ଆଇର ବି ବୟସ ଅଧିକା ହୋଇ ଯାଇଥିଲା ସେ କାମ କରି ପାରୁନଥିଲା, ଭାଇର ପାଠପଢା ଅଧା ରହିଲା । ଅନ୍ୟଘରେ ଖାଇପିଇ ଟିକେ ବଞ୍ଚୁ ବୋଲି ଆଇ ମୋ ବଡ ଭାଇକୁ ଆମ ଗାଁ ସାହୁକାରକୁ ଗାଇଆଳ କରି ଟେକିଦେଲା । ମୋର ବୟସ ଯେତିକି ଧୀରେଧୀର ବଢୁଥିଲା ଆଇର ଚିନ୍ତା ବି ସେତିକି ମାତ୍ରାରେ ବଢୁଥିଲା । ମୋର ବୟସ ଯେତେବେଳ ପାଞ୍ଚବର୍ଷ, ଆଇ ଆମ ଗାଁ ପାଖରେ ଥିବା ଏକ ସେବାସଂସ୍ଥାର ସ୍କୁଲକୁ ନେଇ ବହୁତ ନେହୁରା ହୋଇ କାନ୍ଦିଲା, ସମସ୍ତଙ୍କର ଗୋଡ଼ ହାତ ଧରିଲା, ମୋ ନାତିକୁ ଦି ଅକ୍ଷର ପାଠ ପଢ଼ାଇ ମଣିଷ କର ବୋଲି କହି ନେହୁରା ହେଲା, ସେ ବିଦ୍ୟାଳୟର କର୍ମକର୍ତ୍ତାମାନେ ଆମର ଦୁଃଖ କାହାଣୀ ଶୁଣି

 Magazine Downloaded from www.aahwaan.com

ତାଙ୍କର ଆଖି ବି ଛଳଛଳ ହୋଇଗଲା । ସେମାନେ ମୋତେ ପଢେଇବା ପାଇଁ ରାଜି ହୋଇଗଲେ । ବହି, ଖାତା, ପୋଷାକ, ଚପଲ ,ଖାଦ୍ୟ ଇତ୍ୟାଦି ମୋର ସମସ୍ତ ଖର୍ଚ୍ଚ ବହନକଲେ । ମୁଁ ଭଲ ପାଠପଢ଼ିଲି ସବୁ ଗୁରୁଜୀ, ଗୁରୁମାଙ୍କର ପ୍ରିୟଛାତ୍ର ହୋଇଗଲି । ଶ୍ରେଣୀରେ ପ୍ରଥମ ହେଉଥିଲି । ତୃତୀୟ ଶ୍ରେଣୀରେ ବୃତ୍ତି ପାଇଲି, ମୋର ସମୟାନୁବର୍ତ୍ତୀତା, ବ୍ୟବହାରରେ ସନ୍ତୁଷ୍ଟ ହୋଇ ମୋତେ ବିଦ୍ୟାଳୟର ସଚେତନ ମନ୍ତ୍ରୀ କରାଗଲା । ଚିତ୍ରାଙ୍କନ, ପ୍ରବନ୍ଧ ଇତ୍ୟାଦି ପ୍ରତିଯୋଗିତାରେ ଅନେକ ବ୍ଲକ, ଜିଲ୍ଲାସ୍ତରୀୟ ପୁରସ୍କାର ପାଇଲି । ନବଦୋୟ ପରୀକ୍ଷାରେ ମଧ୍ୟ ଉତ୍ତୀର୍ଣ୍ଣ ହେଲି । ବିଦ୍ୟାଳୟ ମୋ ପାଇଁ ଗର୍ବ ଅନୁଭବ କରୁଥିଲା ।

ଦିନେ ଖରା ଛୁଟିରେ ଗାଁକୁ ଆସି ସାଥୀମେଳରେ ଖେଳକୁଦ କରି ଘରକୁ ଫେରିବାରେ ବିଳମ୍ବ ହୋଇଯାଇଥିଲା । ଆଇ ନଥିଲେ ମୋର ଅସ୍ତିତ୍ୱ ବା କାହିଁ, ବିଦ୍ୟାଳୟରେ ସମସ୍ତଙ୍କ ପ୍ରିୟପାତ୍ର ହୋଇଛି, ସମସ୍ତେ ମୋତେ ଖୁବ ଭଲପାଉଛନ୍ତି, ମୋର ବ୍ୟବହାର ପାଇଁ ବହୁତ ପ୍ରଶଂସା ସାଉଁଟୁଛି । ଏସବୁ, ଆଇ ପାଇଁ ହିଁ ସମ୍ଭବ ହୋଇଛି । ଏମିତି ଅନେକ କଥା ଭାବି ସେଇ ସଞ୍ଜୁଆ ସନ୍ଧ୍ୟାରେ ଯେତେବେଳେ ଚାଲି ଚାଲି ଆସି ଆମ ଭଙ୍ଗାକୁଡ଼ିଆ ନିକଟରେ ପହଞ୍ଚିଲି । ସେତେବେଳକୁ ଆଇ ମୋତେ ଖୋଜିଖୋଜି ବହୁତ ବ୍ୟସ୍ତ ହୋଇ ପଡ଼ିଥିଲା । ସେଦିନ କାହିଁକି କେଜାଣି ଇଛା ହେଉଥିଲା ଆଇକୁ ଜୋରେ ଜାବୁଡ଼ି ଧରି କାନ୍ଦିବାକୁ । ଆଇ ମୋତେ ଦେଖି ଯେତେବେଳେ ଡାକିଲା ଆରେ ନିଧି । ମୁଁ ଆଉ କୋହ ସମ୍ଭାଳି ନପାରି ଆଇକୁ ଜାବୁଡ଼ି ଧରି ଭୋଭୋ ହୋଇ କାନ୍ଦିଲି ମନେ ମନେ ସଂକଳ୍ପ ନେଉଥିଲି ତୋର ପରିଶ୍ରମର ଫଳ ଦିନେ ମୁଁ ଦୁନିଆକୁ ଦେଖାଇବି ହେଲେ ସେତେବେଳେ ଯାଏ ତୁ ମୋ ପାଖରେ ରହିବୁ ... ଆଇକୁ ଯୋର ଜାବୁଡ଼ି ଧରି କାନ୍ଦି କାନ୍ଦି କହିଲି ।

 Magazine Downloaded from www.aahwaan.com

ଆଈ କହିଲା ଆରେ ପାଗଳଟା କିରେ ମାଇପିଲାଙ୍କ ପରି କଣ କାନ୍ଦୁଛୁ । ମୁଁ ତୋତେ କଥା ଦେଉଛି ତୋ ପାଖରେ ସବୁଦିନ ରହିବି ।

ରାତିରେ ସାଥି ହୋଇ ଶୋଇଲୁ ସକାଳୁ ମୁଁ ଉଠିଲି ଦେଖିଲି ଆଈ ମୋ ପାଖରେ ଶୋଇଛି, ହେଲେ ଆଈ ତ ମୋ ଠାରୁ ଆଗରୁ ଉଠିବା କଥା ଏତେ ଡେରିଯାଏ କାହିଁକି ଶୋଇଛି, ଡାକିଲି... ମୋ ଡାକ ତା କାନକୁ ଆଉ ଶୁଭୁନଥିଲା । ମୋ ଆଈ ମୋତେ ଅନାଥ କରି ଚିରନିଦ୍ରାରେ ଶୋଇ ପଡିଥିଲା 'ଅସ୍ତଗାମୀସୂର୍ଯ୍ୟ' ପରି ତାର ଜୀବନ ଆଲୁଅ ଲିଭି ଯାଇଥିଲା.... କିନ୍ତୁ.... ମୋ ପାଇଁ ସେ ଏକ ନୂଆ ସକାଳର ସନ୍ଧାନ ଦେଇ ଯାଇଥିଲା.... ।
ଆଜି ମୁଁ ଜଣେ ପ୍ରତିଷ୍ଠିତ ଡାକ୍ତର... ଆଇର ସ୍ୱପ୍ନକୁ ସଫଳ କରିଛି, ତାର ପଞ୍ଚଭୂତର ଶରୀରଟା ସିନା ମୋ ପାଖରେ ନାହିଁ କିନ୍ତୁ ସେ ମୋର ପ୍ରତିଟି ପ୍ରାଣର ସ୍ପନ୍ଦନ ହୋଇ ଯାଇଛି.... ପୁଣି ମୋ ଅଜାଣତରେ ଆଖିର ଲୁହ ଗୁଡାକ ଅମାନିଆ ହୋଇ ବୋହି ଯାଉଥିଲା.... ମନେ ପଡୁଥିଲା ସେହି ଶେଷ ସାୟଂକାଳର 'ଅସ୍ତମିତ ସୂର୍ଯ୍ୟ' ।

ସୂର୍ଯ୍ୟ ଅସ୍ତଗାମୀ... ପକ୍ଷୀ ଗୁଡିକ କିଚିରି ମିଚିରି ଶବ୍ଦ କରି ଉଡି ଉଡି ସ୍ୱର୍ଣ୍ଣିମ ଆକାଶରେ ନିଜର ବସାକୁ ଫେରି ଯାଉଥିଲେ । ଶୀତୁଆ ପବନଟା ଦେହକୁ ଥରେଇ ଦେଉଥିଲା । ମୋ ସହିତ ଯେଉଁ ସାଙ୍ଗସାଥୀମାନେ ପାହାଡ ଉପରକୁ ଆସିଥିଲେ ସମସ୍ତେ ଫେରି ଯାଇଥିଲେ, ହେଲେ ମୁଁ ଏକୁଟିଆ...... କିଛି ସମୟପରେ ମୁଁ ମୋ ନିଜର ଉପସ୍ଥିତିକୁ ଜାଣି ପାରିଲି ।

କେନ୍ଦ୍ରାପଡା ,ଦୂରଭାଷ : ୭୦୦୮୦୩୯୮୪୮, ୯୦୪୦୪୯୭୭୪୧

 Magazine Downloaded from www.aahwaan.com

# କଳିଯୁଗର ବନ୍ଧୁ



ମହେଶ୍ୱର ସାହୁ

ଆପଣମାନେ ପ୍ରସ୍ତର ଯୁଗ, ତାମ୍ର ଯୁଗ, ସତ୍ୟଯୁଗ, ତ୍ରେତୟା ଯୁଗ, ଦ୍ୱାପର ଯୁଗ ଆଦି ପଢିଥିବେ । ଆଜି ନିଶ୍ଚୟ ଏଇ କଳିଯୁଗର କିଛି ଦୃଷ୍ଟାନ୍ତ ପଢିବେ ଓ ଉପଲବ୍ଧି କରିବେ ମଧ୍ୟ । ରାମ ଓ ନରେଶ ଦୁଇ ସାଙ୍ଗ । ଦୁଇ ଗାଁର ଲୋକ, ହେଲେ ବିପଦ ଆପଦରେ ଦୁଇ ଜଣ କାନ୍ଧକୁ କାନ୍ଧ ମିଳେଇ ସମସ୍ତ କାର୍ଯ୍ୟ କରି ଯାଇଥାନ୍ତି । ରାମ ସ୍ୱଭାବରେ ସରଳ, ଶାନ୍ତ, ନମ୍ର, ଧୀର ଓ କର୍ତ୍ତବ୍ୟ ପରାୟଣ ମଧ୍ୟ । କିନ୍ତୁ ନରେଶ ସ୍ୱଭାବରେ ଟିକେ କର୍କଶ, କ୍ରୁର, ଧୂର୍ତ୍ତ, କପଟୀ ଓ ନୃଶଂସ ପ୍ରକୃତିର ଥିଲା । ଦିନକର କଥା ରାମ ନରେଶର ଘରକୁ ଆସିଥାଏ । ନରେଶ ତାର ପତ୍ନୀ ନମିତାକୁ କହିଲା, "ବୁଝିଲ ରାମର ଚର୍ଚ୍ଚା ଟିକେ ଭଲ ଭାବେ କରିବ ଆଉ ମୋର କୌଣସି ଗୋଟେ ଗରୁତ୍ୱପୂର୍ଣ୍ଣ କାମ ଅଛି ଓ ମୁଁ ଆସୁଛି ।"

ନମିତା ରାମର ସମସ୍ତ ଚର୍ଚ୍ଚା ଭଲ ଭାବରେ କଲେ । ଖାଇବା ସରିଲା ରାମ ନିଜ ବନ୍ଧୁ ଗୃହରେ ବିଶ୍ରାମ ନେଲେ । ନିଜର ବନ୍ଧୁ ଗୃହ ନିଜ ଗୃହ ଠାରୁ ବହୁତ ଉନ୍ନତ ମାନର ଅଟେ । ପକ୍କା ଘର ସହିତ ନାନାବିଧ ଉପକରଣରେ ସୁସଜ୍ଜିତ ଇନ୍ଦ୍ରଭୁବନର ମହଲ । ଯାହା ହେଉ ବନ୍ଧୁ ମୋର ଖୁସିରେ ଥାଉ କହି ରାମ ନିଜକୁ ଶୟନ କକ୍ଷରେ ବିଶ୍ରାମ ଦେଲେ । ଇତି ମଧ୍ୟରେ ନରେଶ ନିଜ କର୍ମ ସମାପ୍ତ କରି ଗୃହକୁ ଆଗମନ କଲେ । ଆଉ ରାମର ଚର୍ଚ୍ଚାର ଶୁଭ ବାର୍ତ୍ତା ଶୁଣି ଆନନ୍ଦିତ ହେଲେ ।

କିଛି ସମୟ ପରେ ରାମବାବୁ ମଧ୍ୟାହ୍ନ ଶୟନ ବିରାମ କରି ଦେଖିଲେ ନରେଶ

 Magazine Downloaded from www.aahwaan.com

ଆସିଯାଇଛି । ନରେଶଙ୍କୁ ପାଖକୁ ଡାକି କହିଲେ ନରେଶରେ ମୁଁ ଚାଲିଲି ସିଆଡେ ମୋର ବହୁତ କାମ ଅଛି । କିନ୍ତୁ ନରେଶ କହିଲା ଦେଖ ଆଜି ରାତ୍ରିଯାପନ ମୋ ଭବନରେ କରିବାକୁ ପଡିବ । ଦେଖ ମୋ କଥା ମାନିବୁ ଆଉ ରହିବୁ ମଧ୍ୟ । ରାମ ବହୁତ ବାଧ୍ୟ କଲେ ମଧ୍ୟ ନରେଶ ଶୁଣିଲେ ନାହିଁ । ଶେଷରେ ରାମ ନରେଶ ଗୃହରେ ରାତ୍ର ଭୋଜନ ପାଇଁ ରାଜି ହେଲେ ।

ରାତ୍ର ନଅଟା ମଧ୍ୟରେ ଭୋଜନ କାମ ସରିଯାଇଥିଲା । ରାତ୍ର ଶୟନ ପାଇଁ ଅତିଥି ଗୃହରେ ରାମଙ୍କୁ ନରେଶ ଅନୁରୋଧ କରିଥିଲେ । ରାମ ନିଜ ବିଛଣାରେ ଶୋଇଥାନ୍ତି । ଠିକେ ରାତି ବାରଟା ହେବ ପ୍ରାୟ । ଏକ ଚିତ୍କାର ଶବ୍ଦ ଶୁଭୁଥିଲା । ରାମଙ୍କର ନିଦ ଭାଙ୍ଗି ଯାଇଥିଲା । ଯାହା ହେଲେ ବି ଭୋଜନ ପରର ନିଦ ବହୁତ ନିଗୋଢ଼ ରହିଥାଏ । ରାମ ଚିତ୍କାର ଶବ୍ଦ ଶୁଣିଲେ ଓ ଟିକେ ଉଠି ବସିଲେ । ରାତ୍ର ଅନ୍ଧକାର ଭିତରେ ଚିତ୍କାର ଶବ୍ଦ ଭାସି ଆସୁଛି କେଉଁ ଦିଗରୁ ବାରି ହେଉନଥାଏ । ଏମିତି ଚିନ୍ତା କରୁଥାନ୍ତି ରାମ, କ'ଣ ବିପଦ ପଡିଲା ନରେଶ ଉପରେ । ଯାହା ହେଲେ ବି ସେ ମୋର ବାଲ୍ୟବନ୍ଧୁ । ତାର ଖୁସି ମୋର ଖୁସି ଆଉ ତାର ଦୁଃଖ ମୋର ଦୁଃଖ, ଯାହା ହେଲେ ବି ସେ କାଳେ କୌଣସି ବିପଦରେ ପଡିଥିବ । ନ ହେଲେ ଏମିତି ଚିତ୍କାର ଶବ୍ଦ କାହାର । ଯେତେହେଲେ ବି ମୁଁ ଅତିଥି ନରେଶ ପାଇଁ । ହଉ ଯାଇ ଦେଖେ କଣ ହେଉଛି କହି ନିଜର କବାଟ ଖୋଲିଲେ ରାମ । ଆଉ ଏମିତି ଦୃଶ୍ୟ ଦେଖି ନିଜେ ଅବାକ ହୋଇଗଲେ ରାମ ।

କେଇଜଣ ଗୁଣ୍ଡା ଶ୍ରେଣୀର ଲୋକ ହାତରେ ଛୁରୀ ଆଉ ଖଣ୍ଡା ଧରି ନରେଶଙ୍କୁ ବାନ୍ଧି ଦେଇଥାନ୍ତି । ଗୋଇଠା ଓ ବିଧା ମଧ୍ୟ ମାରି ଚାଲିଥାନ୍ତି । ସେମାନେ ରାମଙ୍କୁ ଦେଖି ଟିକେ ଭୟଭୀତ ହୋଇଗଲେ ଓ ରାମଙ୍କୁ ଛାଡି ଦେଇ ଚାଲି ଯାଇଥିଲେ । ଯାହା ହେଲେ ବି

 Magazine Downloaded from www.aahwaan.com

ଘୋଡ଼ାକୁ ଘୋଡା ସରିହେବନି । ସେମିତି ନରେଶ ପାଖରେ ରାମକୁ ଦେଖି ସେମାନେ ନରେଶର କୌଣସି କ୍ଷତି ନ କରି ଚାଲି ଯାଇଥିଲେ ।

ରାମ ନରେଶକୁ ବନ୍ଧନ ମୁକ୍ତ କରି ପଚାରିଲେ, "କିରେ ନରେଶ ସେମାନେ କିଏ ଆଉ ରାତି ଅଧରେ ଘରେ ପଶି ତୋତେ କାହିଁକି ମାରିଦେବାର ଧମକ ଦେଉଥିଲେ ।"

ନରେଶ ସିଧା ସିଧା ରାମକୁ କହିଲା ସେ ମୋର ବ୍ୟକ୍ତିଗତ ସମସ୍ୟା ଆଉ ତୁ କାହିଁକି ଏଠିକି ଆସିଲୁ ଆଉ ମଲେ ମୁଁ ମରିଥାନ୍ତି । ତୁ କଣ ମୋ ଇଜ୍ଜତକୁ ମାଟିରେ ମିଶେଇ ନିଜକୁ ବଡ଼ପଣିଆ କରିବା ଲକ୍ଷରେ ମୋ ପାଖକୁ ଧାଇଁ ଆସିଲୁ ।

ନରେଶର ଏମିତି ଓଲଟା ନୀତି ରାମ ବୁଝି ପାରିନଥିଲା । ରାମ କହିଲା ଭାଇରେ ମୁଁ କେମିତି ସହିଥାନ୍ତି ତୋର କରୁଣ ଚିତ୍କାର ତୁ ପରା ମୋର ବାଲ୍ୟବନ୍ଧୁ । ମୁଁ ମୋ ନିଜ ଜୀବନଠାରୁ ତୋତେ ଅଧିକ ଭଲପାଏ । ବରଂ ମୋ ଜୀବନ ଚାଲିଯାଉ ତୋ ପାଇଁ ହେଲେ ତତେ ମୁଁ କେବେ ବିପଦରେ ଦେଖି ପରିନଥାନ୍ତି । କିନ୍ତୁ ନରେଶ ନିଜର ବଡ଼ ପଣିଆ ଆଉ ଅହମିକାକୁ ଜାବୁଡି ଧରି ଅନ୍ଧପରି ଭର୍ତ୍ସନା କରିବାକୁ ଲାଗିଲା । ଅଧ ରାତି ଆଉ ରାମର କୌଣସି ଉପାୟ ନ ଥିଲା ଯେକି କିଛି କହିବାର । ନରେଶ ତାକୁ ଓଲଟା ବୁଝୁଥିଲା ଆଉ ନିଜକୁ ବଡ଼ ବୋଲି ଧନୀ ବୋଲି କହୁଥିବା । ନରେଶ ଯେ ଲୋକମାନଙ୍କ ପଇସା ଖାଇ ଆଉ ଜଣେ ଡ୍ରଗ୍ସ ବେପାରୀ ହୋଇ ଘରେ ବସିଛି ଯେ କଥା ରାମ ଜାଣିନଥିଲା ।

ନରେଶ ବୁଝିଗଲା ଯେ ମୋର କୋଠା ବାଡି ଠକାମି ଆଉ ଟାଉଟରୀ କର୍ମରୁ ହୋଇଛି ବୋଲି ରାମ ତ ଜାଣିନେଲା । କେମିତି ଆଉ ମୁହଁ ଦେଖେଇବି ରାମ ଆଗରେ । କିନ୍ତୁ ରାମ ତା'ର କଳା କାରନାମା କିଛି ଜାଣିନଥିଲା । ସେ ଜାଣି ପାରୁନଥିଲା ନରେଶ କାହିଁକି ତା ଉପରେ ଏତେ ରାଗୁଛି ଆଉ ଭିଣି ଭିଣି ହେଉଛି । କେମିତି ରାତି ପାହୁଛି ଆଉ ଏଠୁ ସେ

 Magazine Downloaded from www.aahwaan.com

ବିଦାୟ ନେବ ସେଇ କଥା ଭାବି ହେଉଥାଏ ।

ରାତି ପହିବା ସମୟ ପୂର୍ବରୁ ପୁଣି ଥରେ ଘରେ କୋଳାହଳ ଶୁଭିଥିଲା । ଆଉ ନରେଶ ରାମ ରାମ ବୋଲି ଡାକ ଛାଡିଥିଲା । ରାମର ନିଦ ଭାଙ୍ଗିଯାଇଥିଲା ଏବଂ ସେ ଉଠି ଦେଖେତ ନରେଶ ଭବନରେ ପୋଲିସ । କଣ ହେଇଛି ସେ ବୁଝିବା ପୂର୍ବରୁ ପୋଲିସ ଆସି ତା ହାତରେ ଓ ନରେଶ ହାତରେ ମଧ୍ୟ ହାତକଡ଼ା ପକେଇ ଦେଲେ । ରାମର କୌଣସି କଥା ବୁଝିବାକୁ କେହି ନଥିଲେ ପାଖରେ । ପୋଲିସ ତାକୁ ଧରି ନେଇଥିଲେ ଓ ଥାନାରେ ଥିବା ହାଜତ ମଧ୍ୟରେ ରଖି ଦେଇଥିଲେ ଦୁଇ ସାଙ୍ଗଙ୍କୁ । କଣ ହୋଇଛି ଆଉ ମୋର ଦୋଷ କଣ ଜାଣିବାକୁ କି କାହାକୁ ପଚାରିବାକୁ ସମୟ ନ ଥିଲା ତା ପାଖରେ ।

ହଠାତ କେଇ ଜଣ ପୋଲିସକର୍ମୀ ଆସି ରୋଲବାଡ଼ି ଧରି ନିର୍ଦ୍ଧୁମ ବଡେଇବା ଆରମ୍ଭ କରିଦେଲେ ଏବଂ ପଚାରୁଥିଲେ କହ, "ଆଉ କିଏ ତମ ସାଥିରେ ଅଛି ? କେତେଜଣ ମିଶି ଡ୍ରଗ୍‌ସ ବେପାର କର ?"

ଡ୍ରଗ୍‌ସ ବେପାର କଥା ଶୁଣି ରାମର ହୋଶ ଉଡିଯାଇଥିଲା । ସେ ତ କେବେ ଡ୍ରଗ୍‌ସ ଦେଖିନି ଜୀବନରେ ! ନରେଶ କଣ ଡ୍ରଗ୍‌ସ ବେପାର କରି ଧନୀ ଆଉ ମାନି ହେଇଛି । ଧରା ପଡିବା ପୂର୍ବରୁ ତାର ଡ୍ରଗ୍‌ସ ସାଥି ସେଇଥି ପାଇଁ ମାରିଦେବାକୁ ଆସିଥିଲେ ରାତିରେ ?

ହେ ଭଗବାନ ! ବଞ୍ଚାଅ ମୋତେ ଏହି ବିପଦରୁ । ଏମିତି ବହୁତ ବାହୁନି ହେଉଥାଏ ରାମ ଆଉ ରୂଲ ବାଡିର ଆଘାତ ମଧ୍ୟ ସହୁଥାଏ । କଳି ଯୁଗର ନୀତି ଗତି ରାମ ବୁଝି ଯାଇଥିଲା ଇତି ମଧ୍ୟରେ । ଆଉ ସେ ମଧ୍ୟ ନିଜର ଶାନ୍ତ ଆଉ ସରଳ ଭାବନାକୁ ଜାଗ୍ରତ କରିଥିଲା । ରାମକୁ ହାଜତରେ ଦୁଇ ଦିନ ରଖିବା ପରେ ପୋଲିସ ନ୍ୟାୟାଳୟକୁ ସ୍ଥାନାନ୍ତରଣ କରିଥିଲେ । କାଠଗଡ଼ା ମଧ୍ୟକୁ ରାମକୁ ଡକା ଯାଇଥିଲା । ଆଉ ପଚରା ଯାଇଥିଲା

 Magazine Downloaded from www.aahwaan.com

ବିଚାରପତିଙ୍କ ଦ୍ୱାରା ଯେ କି ତୁମେ କେତେ ଦିନ ଧରି ଡ୍ରଗ୍ସ ବେପାରରେ ସଂଶ୍ଲିଷ୍ଟ ଅଛ । ଏବଂ ରାମ ଗୋଟିଏ ସିଧା ସାଧା ଉତ୍ତର ଦେଇଥିଲେ, "ବିଚାରପତି ମହୋଦୟ, ଆପଣ ଏହି କଳି ଯୁଗର ଧର୍ମାବତାର, ମୁଁ ଜାଣିଛି ଆପଣ ମୋ ଉପରେ ବିଶ୍ୱାସ କରିବେନି ଆଉ କୌଣସି ସଂଗିନ୍ ଦଫା ଲଗେଇ ମୋତେ କାରାଗାର ପଠାଇ ଦେବେ । ହେଲେ ମୁଁ ଯାହା କହିବି ସତ କହିବି ଗୀତା ଛୁଇଁ କହୁଛି । ଯେ କି ମୋର ଏଇ କଳିଯୁଗର ବନ୍ଧୁ ହେଉଛନ୍ତି ନରେଶ ଆଉ ତାଙ୍କ ଘରକୁ ମୁଁ ନିମନ୍ତ୍ରଣରେ ଆସିଥିଲି । ସେମାନେ ବାଧ୍ୟ କରିବାରୁ ରାତ୍ରିଯାପନ କରିଥିଲି । ୟା ଛଡା ମୁଁ କିଛି ଜାଣିନି ଆଉ ୟା ବିଷୟରେ ମୁଁ ଅବଗତ ନୁହେଁ ।

ନରେଶକୁ ମଧ୍ୟ କାଠ ଗଡାକୁ ଡକା ଯାଇଥିଲା ଏବଂ ନରେଶ କହିଥିଲେ, "ମହାଶୟ ୟେ ବନ୍ଧୁ ମୋର ଡ୍ରଗ୍ସ ବେପାର ଆରମ୍ଭ କରିଛନ୍ତି ଆଉ ସେ କାଲି ଆମ ଘରକୁ ଡ୍ରଗ୍ସ ପଠାଇବା ପାଇଁ ଆସିଥିଲେ । ଏବେ ପୋଲିସ ଦ୍ୱାରା ଧରା ପଡିଯିବାରୁ ଖସିଯିବାର କୌଶଳ ଖୋଜୁଛନ୍ତି ।"

ବିଚାରପତି ଟିକେ ଦ୍ୱନ୍ଦରେ ପଡି ଯାଇଥିଲେ ଓ କହିଥିଲେ ତୁମେ ଦୁଇବନ୍ଧୁ ସତ କି ମିଛ କହୁଛ ଏବେ ମୁଁ ଏଇଠି ପ୍ରମାଣ କରିଦେବି । ଲୁଣ ଲୁଣ ଜାଗାରେ ରହିବ ଓ ଚିନି ମଧ୍ୟ ଚିନି ଜାଗାରେ ରହିବ ।

ବିଚାର ପତି ନିର୍ଦ୍ଦେଶ ଦେଲେ ୟେ ଦୁଇବନ୍ଧୁ ମଧ୍ୟରୁ କିଏ ସତ ଆଉ କିଏ ମିଥ୍ୟା କହୁଛି ଗୋଟେ ପରୀକ୍ଷା କରିବା । ଏଇ ପରୀକ୍ଷାରେ ଯିଏ ଜିତିବ ସିଏ ସତ କହୁଛି । ବିଚାର ପତି କହିଲେ ଯେକି ଦୁଇ ପ୍ୟାକ ଡ୍ରଗ୍ସ ଆଣ ଆଉ ଦୁଇ ପକେଟକୁ ଦୁଇ ଗ୍ଲାସ ପାଣିରେ ଗୋଳାଇ ଦିଅ । ଚୌକିଦାର ଆଦେଶ ଅନୁସାରେ ଦୁଇ ପ୍ୟାକେଟ ଡ୍ରଗ୍ସକୁ ଦୁଇ ପ୍ୟାକେଟ ପାଣିରେ ଗୋଳେଇ ଦେଲେ ଆଉ ବିଚାରପତି କହିଲେ ଦୁଇ ଜଣଙ୍କୁ ଦୁଇ ଗ୍ଲାସ ଡ୍ରଗ୍ସ

 Magazine Downloaded from www.aahwaan.com

ସରବତ ଦିଆ ଯାଉ ପିଇବାକୁ । ରାମ ଖୁସିରେ ଧରିନେଲା ଓ ନରେଶ କହିଲା ଡ୍ରଗ୍ସ ମୁଁ କାହିଁକି ଧରିବି ? ରାମ ବେପାର କରୁଛି ସେ ପିଉ । ମୁଁ କାହିଁକି ପିଇକି ମରିବିଯେ । ପଇସା ପକେଇ ଓକିଲ ଧରି ଜାମିନି ଆସିବି । ପୁଣି ନିଜ ଜୀବନକୁ ଆଗେଇବି । କହି ନରେଶ ପିଇବାକୁ ଅନିଚ୍ଛା ପ୍ରକାଶ କଲେ ।

ରାମ କହିଲା ଯଦି ଡ୍ରଗ୍ସ ସରବତରେ ମୋର ଜୀବନ ଯାଇପାରିବ ତେବେ ମୋତେ ଦିଅନ୍ତୁ ବିଚାରପତି ! ମୁଁ ସେଇ ଡ୍ରଗ୍ସ ସରବତ ପିଇ ମରିବାକୁ ଚାହେଁ । କଳିଯୁଗର ମିଥ୍ୟା କଳଙ୍କ ଆଉ ଅପମାନ ମୁଁ ସହିପାରିବିନି । କାରଣ ଏଇଟା କଳିଯୁଗ ଆଉ ଯାହାକୁ ବିଶ୍ୱାସ କରିବୁ ଓ ନିଜର ସଖା, ସାଙ୍ଗ ଓ ବନ୍ଧୁ ସହୋଦର ମନେ କରିବୁ ସେଇ ହେବ ତୁମର ପରମ ଶତ୍ରୁ । ତେଣୁ ମୁଁ ମରିବାକୁ ଚାହେଁ କହି ପୁରା ଗ୍ଲାସ ଯାକ ପିଇ ଦେଇଥିଲେ ରାମ ।

ବିଚାରପତି କହିଲେ ଦେଖ ରାମ ତମେ ଜଣେ ସଚ୍ଚୋଟ ଓ ସତ୍ୟବାଦୀ ବନ୍ଧୁ । ତୁମର ସତ୍ୟ ଓ ନିଷ୍ଠା ପାଇଁ ମୁଁ ତୁମ ନିକଟରେ ନତମସ୍ତକ ହେଉଛି । ତୁମେ ପିଇଥିବା ଡ୍ରଗ୍ସ ସରବତ, ତାହା ଡ୍ରଗ୍ସ ନ ଥିଲା ତାହା ଥିଲା ଗ୍ଲୁକୋଜର ସରବତ । ବିଚାରପତି ରାମଙ୍କୁ ନିର୍ଦ୍ଦୋଷରେ ଖଲାସ କରିଥିଲେ । ନରେଶକୁ ଆଜୀବନ କାରାଦଣ୍ଡର ଶୁଣାଣି କରିଥିଲେ ।

ହେଲେ ରାମ ତ କରୁଣାର ଅବତାର ସେ ତ ନ୍ୟାୟ ଓ ନିଷ୍ଠାର ଅବତାର । ଗୋଡ଼ତଳେ ପଡିଯାଇଥିଲେ ବିଚାରପତିଙ୍କର ଆଉ ଗୁହାରି କରିଥିଲେ ମଣିମା..... ନରେଶ ଖଟି ଖାଇବ ବରଂ ସେ ଆଉ ଡ୍ରଗ୍ସ କାରବାର କରିବନି ତାକୁ ଛାଡି ଦିଅନ୍ତୁ ମଣିମା....... !!!!

ଗୋପୀବିନ୍ଧା, ବ୍ରାହ୍ମଣଗାଁ, ବାଲେଶ୍ୱର(ଭଦ୍ରକ)

 Magazine Downloaded from www.aahwaan.com

# ସାବାସ ମିଲକା



ବି ନିରୁପମା

ଅନୁଗୋଳ ହାଇସ୍କୁଲରେ ମୋର ନାମଲେଖା ସରିଗଲା । ହଷ୍ଟେଲ ରହଣୀ । ଘରଠାରୁ ଅନେକ ଦୂରରେ । ନୂଆ ଜାଗା, ନୂଆ ପରିବେଶ; କେହି ଜଣେ ବି ପରିଚିତ ସାଙ୍ଗ ନଥା'ନ୍ତି । ଭାରି ଏକା ଏକା ଲାଗୁଥାଏ ।

ଏମିତି ତିନି ଚାରିଦିନ ଗଲା । ଦିନେ ଅପରାହ୍ଣରେ ଦେଖିଲି ଗୋଟିଏ ଛୋଟ କୁକୁର ମୋ ପଛରେ ଗୋଡ଼ାଉଛି । ମୁଁ ଖାଉଥିବା ବିସ୍କୁଟରୁ ଖଣ୍ଡେ ତାକୁ ଦେଲି । ସେ ଖାଇଲା । ଖାଇସାରି ମୋ ପଛେ ପଛେ ଚାଲିଲା ଲାଙ୍ଗୁଡ଼ ହଲେଇ ହଲେଇ । ତା ପ୍ରତି ମୋ ଆଗ୍ରହ ବଢ଼ିଲା । ଏବେ ସେ ହୋଇଗଲା ମୋର ସାଙ୍ଗ ।

ମୁଁ ତା'ର ନାଁ ରଖିଲି 'ମିଲକା' ।

ଛାତ୍ରାବାସ ପରିଚାଳନା ଦାୟିତ୍ୱରେ ଥାଆନ୍ତି ମୋହନ ସାର । ରବିବାର ଦିନ ସେ ଅଚାନକ ଆମ ହଷ୍ଟେଲ ପରିଦର୍ଶନ କରୁଥା'ନ୍ତି । ସେତେବେଳେ ମିଲକା ଥାଏ ବାରଣ୍ଡା ଉପରେ । ମୁଁ କୋଠରି ଭିତରୁ ବାହାରକୁ ଫୋପାଡୁଥାଏ ଖଣ୍ଡିଏ ଲେଖାଏଁ ବିସ୍କୁଟ । ସେ ଉପରକୁ ଡେଇଁ, ପାଟିରେ ବିସ୍କୁଟକୁ ଧରିନେଇ ଖାଉଥାଏ ଲାଙ୍ଗୁଡ଼କୁ ହଲେଇ ହଲେଇ । ଥରେ ଥରେ କୋଠରି ସାମନାକୁ ଧାଇଁ ଆସୁଥାଏ ବି ।

ହଷ୍ଟେଲକୁ ଅବେଳରେ ତତ୍ତ୍ୱାବଧାରକଙ୍କ ଆଗମନ ହେତୁ  ମୁଁ କିମ୍ବା ଅନ୍ୟ କେହି ଛାତ୍ର ସଜାଗ ନ ଥିଲୁ । ସାର ଅନ୍ୟ କୋଠରି ଗୁଡ଼ିକ ଯାଞ୍ଚ କରିସାରି ଆସୁଥା'ନ୍ତି ମୋ ରୁମ ଆଡ଼କୁ । ବାହାର ପଟକୁ ମୁହାଁଉଥିବା ମିଲକା ହଠାତ ପିଟି ହୋଇଗଲା ସାରଙ୍କ ଦେହରେ ।

 Magazine Downloaded from www.aahwaan.com

ଚମକି ପଡିଲେ ସାର । ଘୃଣାରେ ଦୁଇ ପାଦ ପଛକୁ ଘୁଞ୍ଚି ଆସୁ ଆସୁ ଗର୍ଜନ କଲେ, "ଏଇଟା ଛାତ୍ରଙ୍କ ହଷ୍ଟେଲ ନା କୁକୁର ଖୁଆଡ଼ ? ପ୍ରତାପ, ବାନ୍ଧିଲୁ ସେ କୁକୁରକୁ । ବାଡ଼େଇକି ଛୋଟା କରିଦେ । ଯେମିତି, ସେ ହଷ୍ଟେଲ କ'ଣ ଏ ସ୍କୁଲର ହତା ମାଡ଼ିବାକୁ ସାହସ କରିବନି ।"

ଆଜ୍ଞାଧୀନ ପିଅନ ପ୍ରତାପ ଅବିଳମ୍ବେ ଆଦେଶକୁ କାର୍ଯ୍ୟକାରୀ କଲା । ଖୁବ ଜୋର କରି ଠେଙ୍ଗାରେ ପାହାରେ ପକେଇଲା । ମାଡ଼ଖାଇ ଜୀବନ ବିକଳରେ ବାହାରକୁ ଦୌଡ଼ି ପଳେଇଲା ମିଲକା ।

ମୋ ରୁମ ସାମନାରେ ବିସ୍କୁଟର ଭଙ୍ଗା ଖଣ୍ଡ କେତୋଟି ପଡ଼ିଥାଏ । ସାରଙ୍କୁ ଆଉ କିଛି ବୁଝିବାକୁ ବାକି ରହିଲାନି । ସେ କିଛି କହିବା ଆଗରୁ - ମିଲକା ସହ ମୋର ଅନାବିଳ ବନ୍ଧୁତ୍ୱ ସମ୍ପର୍କରେ ସବିସ୍ତାରେ ବର୍ଣ୍ଣନା କଲା ପ୍ରତାପ ।

ସେଦିନ ସନ୍ଧ୍ୟାର ପ୍ରାର୍ଥନା ସଭାରେ ଉପସ୍ଥିତ ରହିଲେ ମୋହନ ସାର । ସେହି ଘଟଣାକୁ ନେଇ ମୋର ଆଚରଣ ଜଘନ୍ୟ ଅପରାଧ କହି, ସେ କଠୋର ନିନ୍ଦା କଲେ । ଭଲ ଛାତ୍ରଟିଏ ବୋଲି ପ୍ରଥମ ଥର ଦଣ୍ଡ ସିନା ଦେଲେନି, ହେଲେ ସମସ୍ତଙ୍କୁ ସେ ଚେତାବନୀ ଦେଲେ, "କେହି ବି ଛାତ୍ର ଭବିଷ୍ୟତରେ ହଷ୍ଟେଲ କିମ୍ବା ସ୍କୁଲ ପରିସରରେ ଏମିତି ପଶୁପ୍ରୀତି ଦେଖେଇଲେ, ତାକୁ ଛାତ୍ରାବାସରୁ ବହିଷ୍କାର କରାଯିବ ।"

ଅନିଚ୍ଛା ସତ୍ତ୍ୱେ ସେଇ ଦିନଠୁ ମିଲକା ସହ ମୋର ବନ୍ଧୁତାରେ ପୂର୍ଣ୍ଣଚ୍ଛେଦ ପଡ଼ିଲା । ମାଡ଼ ଭୟରେ ମିଲକା ଆଉ ପଶୁ ନଥିଲା ହଷ୍ଟେଲ ଭିତରକୁ । ପଡ଼ିଆରେ ଖେଳିବାବେଳେ ସେ ମୋ ନିକଟତର ହେବାକୁ ଚେଷ୍ଟା କରୁଥିଲା; କିନ୍ତୁ ମୁଁ ଛାତ୍ରାବାସର ନୂଆ ନିୟମ ନେଇ ବେଶ ସାବଧାନ ଥିଲି । ଅତଏବ ତା'ଠାରୁ ଯଥେଷ୍ଟ ଦୂରତା ରକ୍ଷା କରିବାକୁ ପ୍ରୟାସ କରୁଥିଲି ।

 Magazine Downloaded from www.aahwaan.com

ଏମିତିରେ ସପ୍ତାହେ ବିତିଗଲା । ମୁଁ ସେଦିନର ଅଘଟଣକୁ ଭୁଲିବାକୁ ଚେଷ୍ଟା କରୁଥାଏ । ହଠାତ ଦିନେ ରାତି ଅଧରେ ଶୁଣାଗଲା କୁକୁର ଭୁକିବାର ଶବ୍ଦ । ଲଗାତାର ଅଧଘଣ୍ଟା ଯାଏ ସେ ଶବ୍ଦ ଶୁଭୁଥିଲା ଆମ କୋଠରି ମଧ୍ୟକୁ ।

ପରଦିନ ସକାଳେ ଟିଉସନରୁ ଫେରି ଶୁଣିଲି, ମୋହନ ସାର କୌଣସି ଏକ ଜରୁରୀ କାମରେ ସପରିବାର ନିଜ ଗାଆଁକୁ ଯାଇଥିଲେ । ଏହାର ସୁଯୋଗ ନେଇ ଚୋରମାନେ ତାଙ୍କ ଘରେ କଳାକନା ବୁଲେଇ ଦେଇଛନ୍ତି ଗତ ରାତିରେ । ଖବର ପାଇ ଫେରି ଆସିଲେଣି ସାର ।

ଦୁଇଦିନ ପରର କଥା । ସନ୍ଧ୍ୟାବେଳେ ଆମେ ଛାତ୍ରାବାସରେ ପଢ଼ାପଢ଼ି କରୁଥାଉ । ରାତି ନଅଟା ବେଳେ ପୁଣି ଶୁଣାଗଲା ଖୁବ ଜୋରରେ କୁକୁର ଭୁକିବା ଶବ୍ଦ । ଏଥର କିନ୍ତୁ ମୁଁ ଆଉ ବସି ରହିପାରିଲିନି । ତୁରନ୍ତ ଶବ୍ଦ ବାରି ଘଟଣା ସ୍ଥଳରେ ଯାଇ ପହଞ୍ଚିଲି । କେତେଜଣ ଶିକ୍ଷକ ଆଉ ସ୍କୁଲ କର୍ମଚାରୀ ମଧ୍ୟ ପହଞ୍ଚି ଯାଇଥା'ନ୍ତି ସେଠାରେ । ମିଲକା ଜଣେ ବ୍ୟକ୍ତିକୁ ଗୋଡ଼େଇ କାମୁଡ଼ିବାକୁ ଚେଷ୍ଟା କରୁଥାଏ । ମୁଁ ଯାଇ ତାକୁ ଶାନ୍ତ କଲି । କୁକୁର ଆକ୍ରମଣରେ ହୁରୁଡ଼ି ଲୋକଟି ତଳେ ପଡ଼ିଯାଇଥାଏ । କେତେଜଣ ତାକୁ ତଳୁ ଉଠେଇଲେ । ସେ ଆମ ପିଅନ ପ୍ରତାପର ଜଣେ ମଧୁର ସମ୍ପର୍କୀୟ ବୋଲି କେହି ଜଣେ ତାକୁ ଚିହ୍ନଟ କଲେ । ଆଉ ଜଣେ ପାଣି ଗ୍ଲାସଟିଏ ଆଣି ବଢ଼େଇ ଦେଲା ତା' ହାତକୁ । ସେ ହାତ ବଢ଼େଇ ପାଣି ନେବା ବେଳେ ମୋହନ ସାର ହଠାତ କିଛି ଦେଖି ଚମକି ପଡିଲେ । ସେ ତାଙ୍କର ଚୋରି ହୋଇଯାଇଥିବା ବିଦେଶୀ ହାତ ଘଡ଼ିଟିକୁ ଆବିଷ୍କାର କଲେ, ସେଇ ଲୋକର ହାତରେ । ସମାନ ଘଣ୍ଟା, ସମାନ ରଙ୍ଗର ଫିତା ଆଉ ଡାଏଲ ଉପରେ ତାଙ୍କ ସଂକ୍ଷିପ୍ତ ନାମ ! !

ଚୋର ଧରା ହେଲା । ତଦନ୍ତ ପରେ ଠାବ କରାଗଲା ଚୋରି ଯାଇଥିବା ଅନ୍ୟାନ୍ୟ

 Magazine Downloaded from www.aahwaan.com

ଜିନିଷପତ୍ର ।

"ଆରେ, ଏ ଦୁଃସାହସିକ କାର୍ଯ୍ୟ କରିଥିବା ଆମ ଗୋଇନ୍ଦା ହିରୋ ମିଲକା ଏବେ ଗଲା କୁଆଡ଼େ ?" ସାଙ୍ଗ ସୁମିତ ପଚାରିଲା ମଜାରେ ।

ସେତିକି ବେଳକୁ, ଗେଟ ସେପାଖ ଏକ ଗଛ ମୂଳରେ ଛିଡ଼ା ହୋଇଥାଏ ମିଲକା । ଦୂରରେ ଥାଇ ଚାହୁଁଥାଏ ଜୁଳୁଜୁଳୁ କରି, ଅଭିମାନରେ କି ଭୟରେ, ସେ କଥା ତାକୁ ଜଣା ।

ଆମ୍ଭମାନଙ୍କ ସହ ମୋହନ ସାର ତା' ପାଖକୁ ଗଲେ । ସାରଙ୍କ ଆଗ୍ରହ ସତ୍ତ୍ୱେ, ସେ ପଛେଇ ଘୁଞ୍ଚି ଯାଉଥିବାର ଦେଖି ମୁଁ ତାକୁ କୋଳେଇ ନେଲି । ସାର ତା'ର ପିଠିକୁ ଆଉଁଶି ଦେଇ କହିଲେ, "ସାବାସ ମିଲକା । ମୋର ବୁଲା ଜୀବମାନଙ୍କ ପ୍ରତି ଥିବା ଭୁଲଧାରଣାକୁ ତୁ ଆଜି ଦୂରେଇ ଦେଇଛୁ । ଡରନା, ଏଣିକି ତୋର ଦେଖାଶୁଣା କରିବା ଦାୟିତ୍ୱ ମୋର ।"

ପରଦିନ ମୋହନ ସାର ହଷ୍ଟେଲରେ ଜାରି କରିଥିବା କଟକଣାକୁ ଉଠେଇ ଦେଲେ ।

ମାମୁରିଆ, ଛେଣ୍ଡିପଦା,ଅନୁଗୋଳ ।

 Magazine Downloaded from www.aahwaan.com

# ହେଲେ କାହିଁକି



ସସ୍ମିତା ସାହୁ

ସ୍ମିତା ୪୫ ବର୍ଷର ଏକ ପରିପକ୍ୱ ଗୃହିଣୀ । ସ୍ୱାମୀ ବିନୟ ଦାସ । ଜଣେ ନାମୀ ଡାକ୍ତର । ତିନୋଟି ପୁତ୍ର ସନ୍ତାନ, ତା ସହିତ ଘରେ କିଛି ଅଭାବ ନାହିଁ । ଧନ ଧାନ୍ୟରେ ଭରପୁର । ସ୍ମିତା ନିଜର ଘର ସଂସାରକୁ ନେଇ ଖୁସି । କିନ୍ତୁ ବେଳେବେଳେ ଏମିତି ପ୍ରତିକ୍ରିୟା ସୃଷ୍ଟି କରନ୍ତି । ଯାହାର ଉତ୍ତର ସେ ବି ନିଜେ ଜାଣନ୍ତିନି । ହଠାତ ଦୁଃଖିତ ଓ ଅନ୍ୟମନସ୍କ ଜଣାପଡନ୍ତି । ଆଉ ଏଇ କଥା ଡାକ୍ତର ବାବୁଙ୍କୁ ଆଦୌ ଭଲ ଲାଗେନା । ତେଣୁ ସେ ବହୁତ ଥର ସ୍ମିତାଙ୍କୁ ଏ ବିଷୟରେ ପ୍ରଶ୍ନ କରିଛନ୍ତି । କିନ୍ତୁ ସ୍ମିତା କଥା ବଦଳେଇ ଦିଅନ୍ତି ଅଥବା କିଛି ଉତ୍ତର ଦିଅନ୍ତି ନାହିଁ ।

ତିନି ପୁଅ ବଡ ହୋଇ ଗଲେଣି । ବଡ ପୁଅ ଇଞ୍ଜିନିଅର ଶେଷ ବର୍ଷ, ମଝିଆ ମେଡିକାଲ ୨ୟ ବର୍ଷ ଆଉ ସବା ସାନ ପୁଅଟି ମାଟ୍ରିକ ପରୀକ୍ଷା ଦେଇଛି । ପ୍ରାୟ ସମସ୍ତେ କିଶୋର ଅବସ୍ଥାରେ । ତେଣୁ ତାଙ୍କର ବସାଉଠା ଭଲମନ୍ଦ ବାପାଙ୍କ ସହିତ ବେଶୀ । ନ ହେଲେ ସାଙ୍ଗ ମାନଙ୍କ ସହିତ କଟିଯାଏ ନଚେତ, ଟିଭି ଦେଖିବାରେ । କହିବାକୁ ଗଲେ ପୁଅମାନଙ୍କର ଚିନ୍ତାଧାରା ଡାକ୍ତରବାବୁଙ୍କ ଚିନ୍ତାଧାରା ଓ ବିଚାର ସହ ମେଳଖାଏ । କିନ୍ତୁ ସ୍ମିତାଙ୍କର ଇଚ୍ଛା ପୁଅମାନେ ତାଙ୍କ ସହ କଥାହୁଅନ୍ତୁ । ମିଶନ୍ତୁ କିଛି, ସମୟ ଦିଅନ୍ତୁ । କିନ୍ତୁ ପିଲା ବଡ ହେଲେଣି । ଏବେ ସେମାନେ ପୁରୁଷ ହେବାକୁ ଲାଗିଲେଣି । ତେଣୁ ସେମାନଙ୍କର ରୁଚି ଅଲଗା ।

ଦିନେ ହଠାତ ସକାଳୁ ସକାଳୁ ସ୍ୱାମୀଙ୍କୁ ସ୍ମିତା କହିଲେ,

 Magazine Downloaded from www.aahwaan.com

- ହେଇଟି ଶୁଣୁଛ, ମୁଁ କିଛି ତୁମକୁ ମାଗିବାକୁ ଚାହୁଁଛି । କ'ଣ ତୁମେ ମୋତେ ଦେବ ?

ସ୍ୱାମୀ କହିଲେ, ଯଦି ମୋ ପକ୍ଷେ ସମ୍ଭବ ତା'ହେଲେ ନିଶ୍ଚୟ । ହେଲେ କଣ ମାଗିବାକୁ ଚାହୁଁଛ ?

ମୋ ଖୁସି ପାଇଁ ତୁମେ କ'ଣ କିଛି କରି ପାରିବ ?

ସ୍ୱାମୀ ମୁଣ୍ଡ ହଲାଇ କହିଲେ, ନିଶ୍ଚୟ ଆରେ ତୁମ ଖୁସି ତ ମୋ ଖୁସି । କାହିଁକି ନୁହେଁ ?

କୁହ କ'ଣ ଚାହଁ ?

ସ୍ମିତା ଟିକେ ଅଟକି ଯାଇ ଧିର ଗଳାରେ କହିଲେ, ମୁଁ ଗୋଟିଏ ଝିଅକୁ ଗ୍ରହଣ କରିବାକୁ ଚାହୁଁଛି । ସ୍ୱାମୀ ଶୁଣି ଆଶ୍ଚର୍ଯ୍ୟ ହୋଇଗଲେ । ଆଉ କିଛି ପ୍ରଶ୍ନ କରିବା ପୂର୍ବରୁ, ସ୍ମିତା କହିଦେଲେ ପ୍ଲିଜ, କିଛି ପ୍ରଶ୍ନ ପଚାରିବ ନାହିଁ ।

ତିନି ପୁଅଙ୍କୁ ଡକାଗଲା ଆଉ ସମସ୍ତଙ୍କ ସାମ୍ନାରେ ଏ ପ୍ରସ୍ତାବ ରଖାଗଲା । ସମସ୍ତେ ସମ୍ମତି ପ୍ରଦାନ କଲେ, ହେଲେ ସମସ୍ତଙ୍କ ମନରେ ରହିଥାଏ 'କାହିଁକି ?'

ଖୁବ ଶୀଘ୍ର କାଗଜ ପତ୍ର ପ୍ରସ୍ତୁତ କରି ସ୍ମିତା ମାର୍ଚ୍ଚ ମାସ ୮ ତାରିଖ ଦିନ, ଅନାଥ ଆଶ୍ରମରୁ ଏକ ୨ ମାସର ଶିଶୁ କନ୍ୟାକୁ ଆଇନ ଅନୁଯାୟୀ ଗ୍ରହଣ କଲେ । ସ୍ମିତା ଆଜି ବହୁତ ଖୁସି ହୃଦୟର ଆନନ୍ଦ ମୁଖରେ ପ୍ରତଫଳିତ ହେଉଛି । ତିନି ତିନିଥର ମାତୃତ୍ୱର ସ୍ୱାଦୁ ଚାଖିଲା ପରେ ବି  ଆଜି ତାଙ୍କ ପାଖରେ ମା'ର ମମତାର ଅଭାବ ନ ଥିଲା ।

ଝିଅର ଆସିବା ଖୁସିରେ ଡାକ୍ତର ବାବୁ ଏବଂ ସ୍ମିତା ଏକ ସମାରୋହର ଆୟୋଜନ କଲେ । ସାଙ୍ଗ ସାଥି ବନ୍ଧୁବାନ୍ଧବ ସାହି ପଡିଶା ସମସ୍ତଙ୍କୁ ନିମନ୍ତ୍ରଣ କରାଗଲା । ଆଉ ସମସ୍ତେ ଖୁସିରେ ଆସିଲେ, ହେଲେ ତାଙ୍କ ମନରେ ବି ସେଇ ଗୋଟିଏ ପ୍ରଶ୍ନ କାହିଁକି ? ସମସ୍ତେ ଏକାଠି ବସିଥାନ୍ତି ଠିକ ସେତିକି ବେଳେ ସ୍ମିତା ମଣ୍ଡପ ଉପରୁ ସମସ୍ତଙ୍କୁ ଧନ୍ୟବାଦ ଜଣାଇଲେ ।

 Magazine Downloaded from www.aahwaan.com

କୋଳରେ କୁନି ଝିଅ । ମୁହଁରେ ହସ । ଆଉ ତା ସହିତ ସମ୍ବୋଧିତ କଲେ, ଆଜି ମୁଁ ପୁରା ସମାଜ ଓ ପରିବାରର ସାମ୍ନାରେ ସେଇ 'କାହିଁକି'ର ଉତ୍ତର ରଖିବାକୁ ଚାହୁଁଛି ।

ମୋ ମତରେ ପ୍ରତ୍ୟେକଙ୍କ ଘରେ ଗୋଟିଏ ଝିଅ ରହିବା ନିହାତି ଆବଶ୍ୟକ । ଝିଅର ସ୍ନେହ ଓ ଆପଣା କରିବାର ଗୁଣ ପରିବାରର ସମସ୍ତ ସଦସ୍ୟଙ୍କୁ ଗୋଟିଏ ସୂତ୍ରରେ ବାନ୍ଧି ରଖେ । ତିନି ପୁଅ ଥାଇ ମଧ୍ୟ ମୋ ମନରେ ସନ୍ତୁଷ୍ଟି ନଥିଲା । ମୋ ନିଜର ଛାଇକୁ ଏମାନଙ୍କ ମଧ୍ୟରୁ କାହା ଭିତରେ କେବେ ଦେଖିନାହିଁ କି କେବେ ବି ଦେଖିବାକୁ ପାଇ ନଥାନ୍ତି ।

କନ୍ୟା ଶକ୍ତି ଅଟେ । ସୃଷ୍ଟିର ସ୍ରୋତ ଅଟେ । ଘରର ସୌନ୍ଦର୍ଯ୍ୟ । ମମତାର ଛାଇ । କୌଣସି ସ୍ତ୍ରୀ ଯଦି ଝିଅଟିଏ ହେବ ଭାବି ନିଜର ଗର୍ଭରେ ଥିବା ଭ୍ରୂଣର ହତ୍ୟା କରାଏ କିମ୍ବା ଅଳିଆ ଗଦାରେ କୁକୁର କାଉ ଖାଇବାପାଇଁ ଫୋପାଡ଼ି ଦେଇଯାଏ, ସେତେବେଳେ ମୋତେ ଦୁଃଖ ନୁହେଁ ଭାରି କଷ୍ଟ ଲାଗେ । ଆତ୍ମା କାନ୍ଦି ଉଠେ ।

ମୋ ମତରେ, ମୋ ସ୍ୱାମୀଙ୍କର ବଂଶ ସିନା ମୋ ତିନିପୁଅ ଆଗକୁ ବଢ଼େଇ ନେବେ ହେଲେ, ମୋର ମାତୃତ୍ୱର ବଂଶ କେବଳ ମୋ ଝିଅ ହିଁ ବଢ଼ାଇ ପାରିବ । ତେଣୁ ସବୁକିଛି ଚିନ୍ତା କଲା ପରେ, ମୁଁ ଗୋଟିଏ ଝିଅର ମା, ହେବାକୁ ମନସ୍ଥ କଲି । ଏବେ ଆପଣ ବୁଝି ପାରୁଥିବେ "ଏ କାହିଁକି... କାହିଁକି ?"

ନାଶିକ, ମହାରାଷ୍ଟ୍ର

 Magazine Downloaded from www.aahwaan.com

# ଭାଗ୍ୟ



ମିନାକ୍ଷୀ ଦାସ

ମମତା ବସି ଥାଏ । ହଟାତ ଗାଁ ସାହି ମୁଣ୍ଡରୁ ଜୋର ଜୋର ଶବ୍ଦ ଶୁଭାଗଲା । ପରୀକ୍ଷା ମୁଣ୍ଡଉପରେ ତେଣୁ ଶବ୍ଦକୁ ଖାତିର ନକରି ପଢ଼ାରେ ଧ୍ୟାନ ଦେଲା । ଅଗଣାରେ ବସିଥାଏ, ୪ -୫ ଜଣ ଲୋକ ପାଟି କରି ଆସୁଥାନ୍ତି, ହେ ଦୌଡ଼ି ଆସରେ କିଏ କୋଉଠି ଅଛ ଦୌଡ଼ି ଆସ । ବାପା ଖଳାରେ ଧାନ ଶୁଖାଉଥିଲେ । ଗାଁ ଲୋକଙ୍କ ପାଟିଶୁଣି ଧାଇଁଲେ, ମୁଁ ବି ବାପାଙ୍କ ପଛରେ ଧାଇଁଲି । ଗାଁର ଶେଷ ମୁଣ୍ଡରେ ଥିଲା ବରଗଛ । ଆଉ ସେ ବର ଗଛରେ ଝୁଲୁଥିଲା ରୋନିର ଶବ । ରୋନି ଆମ ଗାଁ ସନିଆ ମଉସାଙ୍କ ଝିଅ । +୨ ପଢୁଥିଲା ତା'ର ପରୀକ୍ଷା ବି ଭଲ ଯାଉଥିଲା ।କହୁ ଥିଲା ନାନୀ ମୁଁ ଏଠି ପଢ଼ିବିନି ଭୁବନେଶ୍ୱର ଚାଲିଯିବି । ସେଠି ବଡ କଲେଜରେ ପାଠ ପଢ଼ିବି । ବଡ ଚାକିରୀ କରିବି । ମୋ ବାପା ଆଉ ପର ଘରେ ମୂଲ ଲାଗିବେନି, ଦେଖିବା ଚାକିରୀ କରି ତାଙ୍କୁ ମୋ ପାଖକୁ ନେଇଯିବି । ସବୁକଥା ମୋ କାନରେ ଠୋ ଠୋ ହେଇ ବାଜୁଥାଏ । ଯେମିତି ସେ ଏବେ ଠିଆ ହେଇ ମତେ କେତେ କଣ କହିଯାଉଛି, ଏତେ ବଡ ବଡ ସ୍ୱପ୍ନ ଦେଖୁଥିବା ଝିଅ ଆଜି ନିଜେ କାହା ପାଇଁ ସ୍ୱପ୍ନ ସାଜିଗଲ । ବାପାର ଦୁଃଖ ଦୂର କରିବ କହି ଆଜି ଏକା କରି ଚାଲିଗଲା । ହେଲେ କାହିଁକି ? ହଟାତ ପଛଆଡୁ ପୁଲିସ ଗାଡ଼ିର ହର୍ଣ୍ଣ ମୋର ସବୁ ଭାବନାକୁ ମୁକ୍ତ କରିଦେଲା । ସାଇଡ୍ ସାଇଡ଼ ଶବକୁ ହାତ ଲଗାଅନି । କିଛି ଲେଡି କନେଷ୍ଟବଳ ଶବକୁ ତଳକୁ ଆଣିଲେ । ଦେହରେ କିଛି ଜାଗା ଖଣ୍ଡିଆ ଖାବରା ହେଇଛି । ତୁମେ କିଏ । ଆଜ୍ଞା ମୁଁ ତା ବାପା, ଶୁଣ ତୁମ ଝିଅର ରେପ ହେଇଛି । ଆଜ୍ଞା ସେଟା କଣ । ତୁମ ଝିଅକୁ ଧର୍ଷଣ କରାଯାଇଛି, ଯାହା ତା ଖଣ୍ଡିଆ ଖାବରାରୁ ଜଣା

 Magazine Downloaded from www.aahwaan.com

ଯାଉଛି । ପୋଷ୍ଟମୋର୍ଟମ ରିପୋର୍ଟ ଆସିଲା ପରେ ଯାହା ଜଣାପଡିବ । ଏହା କହି ରୋନିକୁ ନେଇ ଚାଲିଗଲେ । ଏକଥା ଶୁଣି ଗାଁ ଲୋକ ଆରମ୍ଭ କରିଦେଲେ ଟାହିଟାପରା, କାରଣ ଧର୍ଷଣ କଥା ହୁଏତ ସବୁ ଜାଣିଥିଲେ । ଜାଣିବେନି ବା କେମିତି ସେ କାଉନସଲରର ପୁତୁରା ରଖେଇ ବସେଇ ଦେଉନଥିଲା ଗାଁ ଝିଅ ବୋହୁଙ୍କୁ । ଟଣା ଓଟରା କରିବା, ରାସ୍ତାରେ ଗଲା ଆସିଲା ବେଳେ ଝିଅ ବୋହୁଙ୍କୁ କମେଣ୍ଟ ମାରିବା ତା'ର ନିତିଦିନିଆ କଥାଥିଲା । ହେଲେ ମୁହଁ ଖୋଲିବାକୁ କାହାର ସାହସ ନଥିଲା । ଖଟିଖିଆ ମୂଲିଆ ଲୋକ କୋଉଠୁ ବା ସାହସ ପାଇବେ ନାମଜାଦା ତହସିଲଦାର ସହିତ ଲାଗିବାକୁ । ନେତାମନ୍ତ୍ରୀ ସବୁ ତା ପାକେଟରେ । ରୋନି ଛୋଟଟି ବେଳୁ ତା ମା'କୁ ହରେଇଛି । ଦେଖିବାକୁ ସୁନ୍ଦରୀଟିଏ । ଯେତିକି ଦେଖିବାକୁ ସୁନ୍ଦର ସେତିକି ବୁଦ୍ଧିମତି ବି । ତା ଜନ୍ମପରେ ତା ମା' ଚାଲିଯିବାରୁ, ଗାଁ ଲୋକ କହିଲେ ଅଭାଗିନୀଟା ଜନ୍ମ ନଉ ନଉ ମା'କୁ ଖାଇଲା । ଘରସମ୍ପତି ଯାହାଥିଲା ବାପା ତା'ର ଚିକିତ୍ସାରେ ଖର୍ଚ୍ଚ କରିଦେଲା । ଛୋଟଟେ ବେଳୁ ଶ୍ୱାସରୋଗ ହେଲେବି ସେ ସବୁକୁ ଖାତିର କରେନା, ଜୀବନଠୁ ଅଧିକ ତା ଝିଅକୁ ସେ ଭଲପାଏ । ଆଉ ରୋନି ବି ତା' ବାପାର ଦୁଃଖ ବୁଝିପାରେ । ବୟସ ବଢିବା ସଂଗେ ସଂଗେ ଆହୁରି ଉଜ୍ୱଳ ଓ ଦିପ୍ତିମୟୀ ଲାଗୁଥିଲା । ହେଲେ ଏ ଭାଗ୍ୟ ତା ଖରାପ ଅଭାଗୀ ଏସବୁର ମାନେ ବୁଝି ପାରୁନଥିଲା । ଦିନେ ତା ବାପାକୁ ପଚାରିଲା ବାପା ଲୋ ଏ ଭାଗ୍ୟ ତା କଣ ? ସବୁ କହୁଛନ୍ତି ତୋ ଭାଗ୍ୟଟା ଖରାପ, ଜନ୍ମ ହେଲୁ ମା'କୁ ହରେଇଲୁ, ଲକ୍ଷ୍ମୀ ଛଡା କଲୁ । ମୁଁ କଣ ସତରେ ଅଭାଗିନୀ । ଝିଅର ପ୍ରଶ୍ନ ଶୁଣି ସନିଆ ମଉସା ଚୁପ ରହିଲା ହେଲେ ରୋନି ଏକଜିଦିଆ ଥିଲା କହୁନୁ ବାପା, କହ । ଶୁଣ ଏ ଭାଗ୍ୟ ମଣିଷର ନିୟତି, ମଣିଷ ଭାଗ୍ୟରେ ଯାହା ଲେଖାଥାଏ ତାକୁ ଭୋଗିବାକୁ ପଡେ । ମୋର ଆର ଜନ୍ମରେ କିଛି କର୍ମଥିବ ଆଉ ତୁ ସେଥିରେ ଭାଗିଦାର ଥିବୁ ତେଣୁ ଆମକୁ ଏ ଜନ୍ମରେ ଭୋଗିବାକୁ ପଡୁଛି । ହେଲେ ବାପା ଏ ଭାଗ୍ୟ ଲେଖେ କିଏ । ଠାକୁର ସେ

 Magazine Downloaded from www.aahwaan.com

ଉପରବାଲା ଯାହା ପାଖରେ ସବୁର ଟିକି ନିକି ହିସାବ ଥାଏ ।

ତାହେଲେ ବାପା ଭୁଲ କାମ କରିଥିବା ଲୋକ ମାନଙ୍କୁ କି ଅଭାଗୀ କହୁନଥାନ୍ତି । ଆଜି ସେମାନେ ଖରାପ କାମ କରୁଛନ୍ତି ଆଉ ଜନ୍ମରେ ବି ସେ ଅଭାଗୀ ହେବେ ଠିକ ମୋ ଭଳିଆ । ମୁଁ ଆଉ ଏ ଜନ୍ମରେ ଖରାପ କାମ କରିବିନି । ପଢିକି ବଡ ମଣିଷ ହେବି ଆଉ ସବୁ ଦୁଃଖ ତୋର ଦୂର କରିବି, ତାପରେ ମତେ କେଇ ଆଉ ଅଭାଗିନୀ କହିବେନି । ସନିଆ ମଉସା କାନ୍ଦି ପକେଇ କୋଳି ନେଲା ରୋନିକୁ ହେଲେ ଆଜି ଆଉ ରୋନି ନାହିଁ । ଆଉ ରହିଲା ଧର୍ଷଣ କଥା । ଗାଁ ଲୋକଙ୍କ ଆଗରେ ରାଣୀକୁ ଟାଣି ନେଇ ଚାଲିଗଲା । ସେ ବଦମାସ ଅଭଦ୍ର କୁଳାଙ୍ଗାର କାଳିଆ ଟା, ତାହାକୁରାଙ୍କର ନ ସିନା ପାଇଛି ହେଲେ ସବୁ କାମଟା ରାକ୍ଷସ ପ୍ରବୃତ୍ତିର । କଲେଜ ଗଲା ବାଟରେ ରୋନି ଆଉ ତା ଭଳି ଅନେକ ଝିଅମା'ଙ୍କୁ ଟାଣ ଓଟରା କରିବା ଆଉ ଲୁଗା ଭିଡ଼ି ବା ନୀତିଦିନିଆ କାମ । କିନ୍ତୁ କିଛି ଉତ୍ତର ଦଉଥିଲେ ଆଉ କିଛି ଚୁପ ରହୁଥିଲେ, କିନ୍ତୁ ରୋନିଥିଲା ଶିକ୍ଷିତା ତେଣୁ ଏସବୁ ସେ ସାହିବନୀ ବୋଲି ଦିନେଟା ଗଲାକୁ ଜୋର ସେ ତା ଗାଲକୁ ଚାପୁଡ଼ାଟିଏ ମାରିଥିଲା, ମୁଁ ବି ତା ସାଙ୍ଗରେ ଥିଲି ହଟାତ ଚମକି ପଡିଲି କୁନି ଝିଅଟେ ଥିଲା ସିନା କିନ୍ତୁ ସାହସ ତାର ଅସୀମ । କାଳିଆ ନାଲି ଆଖିରେ ଚାହିଁ ରହିଥିଲା ଆମ ଦୁହେଁଙ୍କୁ ଯେମିତି ଗୋଟା ଖାଇଯିବ । ହେଲେ ରୋନିର ଜମା ଭୟ ନଥିଲା କାରଣ ସେ ଜାଣିଥିଲା ଖରାପ କାମ କରିନି, ତେଣୁ ସେ ଆଉ ଅଭାଗିନୀ ହବନି । କିନ୍ତୁ କାଳିଆ ଯେମିତି ତମ୍ପସାପ ଭଳି ଫଁ ଫଁ ହଉଥିଲା, ପ୍ରତିଶୋଧ ନିଆଁରେ ସେ ଯାଉଥିଲା ତେଣୁ ଦିନେ କଲେଜରୁ ଫେରିବା ବାଟରେ ରୋନିକୁ ସେ ଗାଁ ଶେଷମୁଣ୍ଡରେ ସେ ଭିଡି ଧରିଥିଲା । ଗାଁର ପ୍ରାୟ ସବୁଲୋକ ଥିଲେ କିନ୍ତୁ ସମସ୍ତେ ନିଜ ନିଜର ସୁରକ୍ଷା ଚିନ୍ତା କରୁଥିଲେ, ସନିଆ ମଉସା ବିଲରେ ଥାଏ ଟପାଖେ ଖବର ପହଞ୍ଚୁ ପହଞ୍ଚୁ ସବୁ ଶେଷ ହେଇଯାଇଥିଲା । ସେ ରାକ୍ଷସତ ଖିନ୍ ଭିନ୍ କରି ଦେଇଥିଲା ତା ଶରୀରକୁ । ଏତେ କ୍ଷତାକ୍ତ

 Magazine Downloaded from www.aahwaan.com

କରି ଦେଇଥିଲା ଯେ ତା ଶରୀରକୁ ତାହା ଆଖି ଦେଖିଲେ ସହିବନି । କିନ୍ତୁ ତା ପରେ ବି ତା ମନ ପୁରିନଥିଲା ଯେ ସନିଆ ମଉସାଙ୍କର ଦୁଇ ବଖରା ଘରକୁ ଜାଳି ପୋଡି ପାଉଁଶ କରି ଦେଲା । ରୋନି ବି ଭାଙ୍ଗି ପଡ଼ିନଥିଲା କାଳିଆ ନାଁରେ ଏସପି ଅଫିସରେ କେଶ ମଧ୍ୟ କରିଥିଲା । ଆରେଷ୍ଟ ବି ହେଲା । କିନ୍ତୁ ବଡ଼ଲୋକ ତେଣୁ ସବୁଦୋଷ ରୋନି ଉପରକୁ ଦିଅ ଦଳ ଗାଁର କିଛି ଖାଲ ପ୍ରକୃତିର ଲୋକ ଟଙ୍କା ଲୋଭରେ ସାକ୍ଷୀ ଦେଲେ । କହିଲେ ରୋନି ନିଜ ଇଚ୍ଛାରେ ନିଜ ଦେହକୁ ବିକ୍ରି କରିଥିଲା । ଟଙ୍କା ନମିଳିବାରୁ ସେ କାଳିଆ ନାଁରେ କେଶ କରିଥିଲା । ଗୋଟେ ନା ଅଧେ କେତେ ଟୋକାଙ୍କ ସାଙ୍ଗରେ ଲଟର ପଟର ସେ ଝିଅର । ପଢୁଆ ଝିଅଟା ଟୋକାଙ୍କୁ ଧରି ମାଦୋନ ହଉଥିଲା । କାଳିଆ ଯେତେ ଖରାପ ଥାଉ ସେ ଧର୍ଷଣ କରିବରେ ଗରିବ ମୁଲିଆ ଝିଅକୁ ଯା ବା । ରୋନି ସେଦିନ ସତରେ ଭାଙ୍ଗି ପଡିଥିଲା ଆଉ ସ୍ୱପ୍ନବି । ହୁଏତ ତା ପରିଣତି ସେ ଆଜି ଗାଁ ବରଗଛରେ ଏମିତି ଝୁଲିଥିଲା । ଘର ବଖରା ଜଳିଗଲା ଖାଇବାକୁ ମିଳିଲାନି । ଘର ଘର ବୁଲି ପେଟ ପୋଷୁଥିବା ବାପାକୁ ଭିକ ଗଣ୍ଡେ ଦେଲେନି । ସେ ପୁଣି କଣ ବା କେଶ କରିବ । କିଛି ଲୋକ କହିଲେ ଭାଗ୍ୟ ଖରାପ ଝିଅ ତାର ଯେବେଠୁଁ ଜନ୍ମ ପାଇଛି । ଖାଲି ଦୁଃଖ ହିଁ ସାଥିରେ ଆଣିଛି । ତା ପାଇଁ ତା ବାପା କଣ ବା ନ ସହିଲା । ସତରେ ଲୋ ଭାଗ୍ୟ ଖରାପ ଥିଲେ ସୁନା ମୁଣ୍ଡା ବି ପିତଳ ସାଜି ଯାଏ, ଏଇ ଭଳି ଟାହି ଟାପରାରେ କିଛି ଦିନ ବିତିଗଲା । ସବୁ ନିଜ ନିଜ ବାଟରେ ଚାଲିଗଲେ କିଛି ଦିନ ଗଲାପରେ ସନିଆ ମଉସା ଝିଅକୁ ହରେଇବାର ଯନ୍ତ୍ରଣା ସହିନପାରି ପାଗଳ ହେଇଗଲେ । ଦିନେ ବାଟରେ ଆସିଲାବେଳେ ସନିଆ ମଉସାଙ୍କୁ ଦେଖିଲି ସେ ବରଗଛ ମୂଳେ । ପାଖରେ ଯାଇ ବସି ଟିଫିନଟିକୁ କାଢି ମଉସାଙ୍କୁ ଖାଇବାକୁ ଦେଲି । ହେଲେ ଏତେଦିନ ହେଲା ଭୋକିଲା ମଣିଷଟା ଭୋକକୁ ଭୁଲି ଠୋ ଠୋ ହେଇ ହସି ପକେଇଲା । ଯେମିତି ତା ଭାଗ୍ୟର କଷ୍ଟ ତା ଭୋକଟାକୁ ଯେମିତି ମାରିଦେଇଛି । ପୁଣି କ୍ଷଣିକରେ ଭୋ

 Magazine Downloaded from www.aahwaan.com

ଭୋ ହେଇ କାନ୍ଦି କହିଲା ମୋ ଝିଅ ଏ ଭାଗ୍ୟ ଚାପରେ ଦବି ମରିଗଲା ଯଦି ଭାଗ୍ୟ ତା ଏତେ ବଡ କର୍ମ ତା ହେଲେ କଣ । ମୁଁ ମଉସାଙ୍କୁ ତୁନି କରି କହିଲି । ଜାଣିଲି ସେ ପାଗଳ ହେଇ ନାହାନ୍ତି, ଏ ଦୁନିଆ ତାଙ୍କୁ ପାଗଳ କରିଦେଇଛି । ଟଙ୍କା ଭାଗ୍ୟ ନୁହେଁ ଏ ଗାଁ ଲୋକ ତାଙ୍କୁ ଆଜି ଭଲକରି ସଜେଇ ଦେଇଛନ୍ତି । ଆଉ କିଛି ନକହି ତାଙ୍କ ବଗେରେ ବଞ୍ଚିଥିବା ଟିଫିନ ପୁରେଇଲା ବେଳେ ଗୋଟେ ଚିଠିଟିଏ ପାଇଲା, ଏତ ରୋନିର ଲେଖା । ବେଳେ ଅଧେ ସେ ମୋ ନୋଟ ଲେଖିଦିଏ ବୋଲି ମୁଁ ତା ହାତ ଲେଖା ଜାଣିପାରୁଛି, ଚିଠିଟିକୁ ପଢିବାକୁ ଇଚ୍ଛା କଲା । ଚିଠିଟିରେ ଲେଖା ଥିଲା ବାପା ମୁଁ ଜାଣିଚି ମୁଁ ଗଲେ ତୁମେ ଭାଙ୍ଗିଯିବ, କିଛି ଦେଇପାରିଲିନି ତୁମକୁ । ଅନେକ ସ୍ୱପ୍ନ ଦେଖିଥିଲି ଯାହା ସ୍ୱପ୍ନରେ ରହିଗଲା । ସେ କାଳିଆଟା ସବୁ ସାରି ଦେଲା । ହେଲେ ବି ହାରି ନଥିଲି ପ୍ରଥମ ଯନ୍ତ୍ରଣାକୁ ସହି ଠିଆ ହେବାକୁ ଚେଷ୍ଟା କଲାବେଳେ ପୁଣି କାଲିରାତିରେ ସେ କିଛି ଟୋକାଙ୍କୁ ଧରି ଆସି ମୋ ଶରୀର ନୁହେଁ ମୋ ଆତ୍ମତାକୁ ଖିନ୍ ଭିନ୍ କରିଦେଲା । ଦେହ ଭିତରେ ଅନେକ ଯନ୍ତ୍ରଣା ହେଲା । ପିଇଥିବା ମଦ ବୋତଲ ସାହାଯ୍ୟରେ ଯୌବନର ସବୁ ରଙ୍ଗକୁ ଲାଲ ରଙ୍ଗରେ ଧୋଇଦେଲା । ଜିଅନ୍ତା ଶବ ହୋଇ ବଞ୍ଚି ପାରିବିନି ସେଥିପାଇଁ ଏଇ ପଦକ୍ଷପ ନେଲି । ଆର ଜନ୍ମରେ କି କର୍ମ କରିଥିଲି ଏ ଜନ୍ମରେ ମୋ ଭାଗ୍ୟ ମତେ ଶାସ୍ତି ଦେଲା । ସେ କାଳିଆଟା ପାପ କର୍ମ କରିଚାଲୁ ସେ ଆର ଜନ୍ମରେ ଅଭାଗୀ ହବ ତୁ କହିଥିଲୁ ନ ଠାକୁର ସବୁ ହିସାବ କିତାବ କରନ୍ତି । ସେ ଠାକୁର ତା ହିସାବ କରିବେ ଆଉ ତା ଭାଗଟାକୁ ଶାସ୍ତି ଦବ । ମୁଁ ଭଗବାଙ୍କ ପାଖକୁ ଯାଉଛି ତା ବାକିତକ ହିସାବ ତାଙ୍କୁ ଜଣେଇବା ପାଇଁ । ଆମ ଗାଁ ସାହୁ ମଉସା ଝିଅ ସେଦିନ କାଳିଆ ମଦ ନିଶାରେ ଟାକୁ ଭିଡି ଆଣି ତା ସହିତ ଖରାପ କାମ କଲା । ମୁଁ ତାଙ୍କୁ କହିଲି ପୁଲିସିରେ ଖବର ଦେବା ପାଇଁ କିନ୍ତୁ ସେ ମନା କଲେ କହିଲେ ପୁଲିସରେ ଖବର ଦେଲେ ସବୁ ଉଜୁଡି ଯିବ, ମଉସା ଭାଙ୍ଗିଯିବେ । ତାହା ଭାବି ସେ ତୁନି ରହିଲା । ଏ ଭଳି ଅନେକ ଝିଅଙ୍କର

 Magazine Downloaded from www.aahwaan.com

ଜୀବନ ନଷ୍ଟ କରି ସେ ଖୋଲା ଆକାଶରେ ଘୁରି ବୁଲୁଚି ତା ଶାସ୍ତି ତାକୁ ନିଶ୍ଚିତ ମିଳିବ । ମୁଁ ଯାଉଛି ଆର ଜନ୍ମରେ ତୋ କୋଳକୁ ଲକ୍ଷ୍ମୀ ହେଇ ଆସିବି । ମମତାର ଚିଠି ପଢି ତା ପାଦ ତଳୁ ମାଟି ଖସିଗଲା ଆଉ ଚିଠିଟିକୁ ଚିରି ଫୋପାଡ଼ି ଦେଲା । କାରଣ ସେ ଚିଠିରେ ଲେଖା ହେଇଥିବା ଝିଅ ମମତା ହିଁ ଥିଲା । ମମତା ଏତିକି ବୁଝିସାରିଥିଲା ଭାଗ୍ୟ ଆର ଜନ୍ମ କର୍ମ ନୁହେଁ ବର୍ତ୍ତମାନକୁ ନେଇ ଗାଢ଼ ହୁଏ । ମୁଁ ମୋ ଭାଗ୍ୟକୁ ଚୁପ ରହି ଗଢିବାକୁ ଚାହିଁଲି । ଆଜି ଆଇଏଏସ୍ ପରିକ୍ଷାଫଳ ବାହାରିଛି ଆଉ ମୁଁ କଲେକ୍ଟର ମମତା ସାହୁ । ଯଦି ସେଦିନ ମୁ ମଧ୍ୟ ରୋନି ଭଳି ମୁହଁ ଖୋଲିଥାନ୍ତି । ତା'ହେଲେ ମୁଁ ବି ଅଭାଗୀ ମମତା ହୋଇଥାନ୍ତି । କିନ୍ତୁ ତା ମାନେ ନୁହେଁ ସେ କାଳିଆଟା କ୍ଷମା ଯୋଗ୍ୟ । ପରିସ୍ଥିତି ମଣିଷକୁ ବାଟ ଦେଖାଏ । ମତେ ମୋ ପରିସ୍ଥିତି ମୋ ଭାଗ୍ୟ ଗଢିବାକୁ ବାଧ୍ୟ କଲା । ନହେଲେ ମୁଁ ବି ସାମାନ୍ୟ ଝିଅ ମମତା ହେଇ ରହିଥାନ୍ତି । ସେ ଦିନର ଧର୍ଷଣ ମୋ ଭାଗ୍ୟ ବଦଳେଇ ଦେଲା । ଆଜି କାଳିଆ ନାଁରେ ଆହୁରି ବି କେଶ ଚାଲିଛି ଏ ଥର ସେ ଅଭାଗା ହବ । ଆଉ କୋଉ ଝିଅ ଅଭାଗିନୀ ନୁହେଁ । କାରଣ ଆଜି ପରିସ୍ଥିତି ଓ ଭାଗ୍ୟ ସବୁ ମୋ ସପକ୍ଷରେ । ଚିଠିଟିକୁ ଚିରି ଦେଲି କାରଣ ନ୍ୟାୟ ସବୁ ବେଳେ ପ୍ରମାଣ ମାଗେ । ଭାଗ୍ୟ କେବଳ କର୍ମ ମାଗିଥାଏ । ଆଉ କାଳିଆର କର୍ମର ଚିଠା ମୋ ପାଖରେ ଥିଲା । ସେଦିନର ମମତା ଚୁପ ରହିଥିଲା ହେଲେ ଆଜିର ଏ କଲେକ୍ଟର ମମତା ସାହୁ ଚୁପ ରହିବନାହିଁ । ସେ ନିଜ ଭାଗ୍ୟ ନିଜେ ଗଢ଼ିବ ।

ମିନାକ୍ଷୀ ଦାସ, ରାଉରକେଲା

 Magazine Downloaded from www.aahwaan.com

# ମଣିଷ ପଣିଆ



ରଞ୍ଜନ କୁମାର ନାୟକ

ଡ୍ରାଇଭର ଗୋପି ସାମ୍ନାରେ ଆସି ଠିଆହୋଇ ବିନୀତ ସ୍ୱରରେ ସରୋଜଙ୍କୁ କହିଲା, "ସାର୍ ପିଣ୍ଟୁ ବାବୁଙ୍କ ପୁରୁଣା ବହିଗୁଡାକ ଦେଲେ ଏବର୍ଷ ମୋ ପୁଅର କାମରେ ଆସନ୍ତା । ଫାଷ୍ଟ ଡିଭିଜନରେ ମେଟ୍ରିକ ପାସ କରିଛି ପୁଅ । ଏବର୍ଷ ସେ ଯୁକ୍ତଦୁଇ ବିଜ୍ଞାନରେ ଆଡ଼ମିସନ ନେବ । ମା'ଙ୍କୁ ଟିକେ କୁହନ୍ତେ ।"

ପିଣ୍ଟୁ, ସରୋଜଙ୍କ ପୁଅ, ଏବର୍ଷ ଯୁକ୍ତଦୁଇ ବିଜ୍ଞାନ ପରୀକ୍ଷା ଦେଇଛି ।

ବଡ଼ ପାଟିରେ ହସିଦେଇ ସରୋଜ କହିଲା, "ତୋ ପୁଅ ସାଇନ୍ସ ପଢିବ ? ବହୁତ ଭଲ । ଖାଲି ବହି କାହିଁକି ? ତୁ ପିଣ୍ଟୁର ସବୁ ନୋଟ ବୁକ୍, ପ୍ରବେଶିକା ପରୀକ୍ଷା ପାଇଁ ବିଭିନ୍ନ କୋଚିଂ ମ୍ୟାଟେରିଆଲ, ଟେଷ୍ଟ ପେପର ନେଇଯିବୁ । ରବିବାର ଦିନ ଘରକୁ ଆସି ସବୁ ନେଇଯିବୁ ।"

କୃତକୃତ୍ୟ ହୋଇଗଲା ଗୋପୀ । "ଭଗବାନ ଆପଣଙ୍କର ମଙ୍ଗଳ କରିବେ ସାର୍ । ସେକେଣ୍ଡ ହ୍ୟାଣ୍ଡ ବହି ବି କିଛି କମ ଦାମ ନୁହେଁ ଆମ ଭଳି ଲୋକଙ୍କ ପାଇଁ ।"

ଘରକୁ ଫେରି ସରୋଜ, ସ୍ତ୍ରୀ ପ୍ରିୟାଙ୍କୁ ସବୁକଥା କହିଲେ ।

- ତମେ ମୋତେ ନପଚାରି, ଡ୍ରାଇଭରକୁ କାହିଁକି ବହି ଦେବାକୁ କହିଦେଲ ?

ଆଶ୍ଚର୍ଯ୍ୟ ହୋଇ ସରୋଜ ପଚାରିଲେ, "ପିଣ୍ଟୁର ବହି ଖାତା ସବୁ କଣ ହେବ ? ଆମର ଆଉ ପିଲା ବି କେହି ନାହାନ୍ତି ଯେ ଆମେ ସାଇତିବା ?"

- ମୋ ଭାଇଙ୍କ ପୁଅ ପରା ଏବର୍ଷ ଦଶମ ପାସ କଲା । ପିଣ୍ଟୁର ସବୁ ବହି ତାକୁ ମୁଁ

 Magazine Downloaded from www.aahwaan.com

ଦେବି ।

ସ୍ତ୍ରୀଙ୍କୁ ବୁଝାଇଲେ ସରୋଜ, "ତମ ଭାଇ ବଡ଼ କମ୍ପାନୀ'ର ଜଣେ ଉଚ୍ଚପଦସ୍ଥ ଅଫିସର । ଲକ୍ଷ ଲକ୍ଷ ଟଙ୍କା ମାସକୁ ଦରମା ପାଉଛନ୍ତି । ପିଣ୍ଟୁର ପୁରୁଣା ବହି ତୁମ ପୁତୁରା ପଢିବ ? ସେମାନେ ପୁଣି ଅନ୍ୟ ରାଜ୍ୟରେ ରହୁଛନ୍ତି । ଏତେ ବାଟ ବହି ସବୁ କେମିତି ପଠାଇବ ? ଗୋପିଟା ଗରିବ ମଣିଷ ଓ ଏ ବହିସବୁ ତା ପୁଅ କାମରେ ଆସିବ ।"

- ମୋ ଘର ଲୋକଙ୍କୁ ବହି ନଦେଇ ବାହାର ଲୋକକୁ କାହିଁକି ଦେବି ? ତମେ ଆଉ ଯୁକ୍ତି କରନା ।

ସରୋଜ ଜାଣିପାରୁ ନଥିଲେ ଗୋପୀକୁ କଣ କହିବେ । ଲାଜ ମାଡୁଥିଲା ତାଙ୍କୁ । ସପ୍ତାହେ ପାଇଁ ଟୁରରେ ସେ ବମ୍ବେ ଯିବେ । ଫେରିଲା ପରେ ବରଂ ପଇସା ଦେଇଦେବେ ତାକୁ ।

ଟୁରରୁ ଫେରି ଘରକୁ ପଶିଲା ବେଳକୁ ସରୋଜ ଦେଖିଲେ ଗୋଟେ ରଦି ବେପାରୀ ଦୁଇ, ତିନିଟା ବସ୍ତାରେ କଣ ସବୁ ପଶେଇକି ନେଉଥିଲା ।

-ଭାଇର ପୁଅ ଜିଦି କଲା କମର୍ସ ପଢିବାକୁ । ସେଥିପାଇଁ ବହି, ଖାତା ସବୁ ବିକିଦେଲି । ଦୁଇ ଶହେ କୋଡିଏ ଟଙ୍କା ମିଳିଲା । ବଦମାସ ଠକ ଲୋକଟା କେଜି ଚାରିଟଙ୍କା ହିସାବରେ ନେଲା; ସେଥିରେ ପୁଣି ଦଣ୍ଡି ମାରି ଆଉ ଦଶ କୋଡିଏ କିଲୋ ନେଇଯାଇଥିବ ।

ଆକାଶରୁ ଗଳି ପଡ଼ିଲା ଭଳି ଲାଗିଲା ସରୋଜକୁ । ଛିଃ, ଏତେ ତଳକୁ ଯାଇ ପାରିଲା ପ୍ରିୟା ? ସାମାନ୍ୟ କେତେଟା ଟଙ୍କା ପାଇଁ ଅଥବା ଡ୍ରାଇଭରକୁ ବହି ନଦେବାର ଜିଦି ?

ବାହାରେ ଗୋପି ନିଶ୍ଚୟ ଦେଖିଥିବ ରଦି ବେପାରୀ ପିଣ୍ଟୁ'ର ବହି ସବୁ ନେଇ ଯାଉଥିବାର ଦୃଶ୍ୟ । କଣ ଭାବୁଥିବ ସେ ? ସେଇଥିପାଇଁ କହିଥିଲା କି ମା'ଙ୍କୁ ଟିକେ

 Magazine Downloaded from www.aahwaan.com

କହିବେ ?

ନିଜକୁ ଅସହାୟ ଲାଗୁଥିଲା । ଗୋପିର ପୁଅ ଗଣେଷ'ର ମୁହଁଟା ମନେ ପଡିଯାଉଥିଲା ।

ଅଫିସ ଗଲାବେଳେ ବାଟରେ ଗୋପି ହାତକୁ କିଛି ଟଙ୍କା ବଢ଼ାଇ ଦେଇ କହିଲେ, "ଏଇ ଟଙ୍କା ରଖ ଗୋପୀ, ପୁଅର ବହି କିଣିବୁ ।"

- ନାଇଁ ସାର୍, ଟଙ୍କା ଦରକାର ନାହିଁ । ବହିଖାତା ସବୁ ସେଇ ଚିହ୍ନା ରଦିବେପାରୀ ଗୋବିନ୍ଦଠୁ ଆଣିଲି । ଆପଣଙ୍କ ଡ୍ରାଇଭର ବୋଲି ସେ ମୋତେ ଜାଣେ ।

ଛେପ ଢ଼ୋକି ସରୋଜ ପଚାରିଲେ, "କେତେ ଟଙ୍କା ନେଲା ତୋ ଠାରୁ ସେ ରଦି ବେପାରୀ ?

-ଗୋବିନ୍ଦ ଭାରି ଭଲ ଲୋକଟା ସାର । ଯେମିତି ଜାଣିଲା ମୋ ପୁଅ'ର ପଢ଼ିବାକୁ ସେଇ ବହି ଦରକାର, ମାଗଣାରେ ସବୁତକ ଦେଇଦେଲା । ପଇସା ଯାଚିଲାରୁ ମନା କରି କହିଲା, "ପିଲାବେଳେ ପାଠ ପଢ଼ିବାକୁ ବହି ପତ୍ର ପାଇନଥିଲି ବୋଲି ଆଜି ରଦିବେପାର କରୁଛି । ତୋ ପୁଅ ପାଠ ପଢ଼ି ତୋ ବାବୁଙ୍କ ଭଳି ବଡ଼ ଅଫିସର ହେଉ ।"

ଦେହରେ କରେଣ୍ଟ ଲାଗିଲା ଭଳି ଏକ ଅନୁଭବ । ଝଣଝାଣ ହୋଇ ଛାତି ଭିତରେ କିଛି ଭାଙ୍ଗି ଯାଉଥିଲା ସରୋଜଙ୍କର । ତାଙ୍କୁ ଲାଗିଲା ସେ ନିଜେ ଯେମିତି ରଦି ବେପାରୀ ବନି ଯାଇଛନ୍ତି; ଅଥବା ତା'ଠାରୁ ବି ନ୍ୟୁନ !

ଫାସିଗୁଡା, ଗଞ୍ଜାମ

 Magazine Downloaded from www.aahwaan.com

# ଶାଶୁ



ଅନୁସୂୟା ଜେନା

ଡ୍ରେସିଙ୍ଗ ଟେବୁଲ ସାମ୍ନାରେ ମେକଅପ୍‌ର ଫିନିସିଙ୍ଗ ଟଚ ଦେଲାବେଳେ ପଛପଟରୁ ପରଦା ଫାଙ୍କରେ ଉଙ୍କି ମାରୁଥିବା ମୁହଟି ଦେଖି ଚଢା ଗଳାରେ ପ୍ରଶ୍ନ କଲା ସୁଧନ୍ୟା, "କଣ ହେଲା ?" ନାଇଁ, କିଛି ନୁହେଁ, ଅମୃତାଞ୍ଜନ ଡବାଟା କୋଉଠି ଅଛି ପାଉନି ତ, ସେଇଟାକୁ ଖୋଜୁଥିଲି । ବିରକ୍ତି ଭାବରେ ଶାଢୀର କାନିକୁ ଝାଡି ଦେଇ କପବୋର୍ଡ଼ରୁ ଅମୃତାଞ୍ଜନ ଡବା ବାହାର କରି ଏକ ରକମ କଚିଦେଲା ସେ ଖଟ ଉପରେ ଆଉ ରାଗ ତମତମ ହେଇ ବାହାରକୁ ବାହାରିଗଲା । ଗଲାବେଳେ କହିଗଲା, ତମେ ଖାଇଦବ । ମୁଁ ଆଜି ବାହାରେ ଖାଇବି ।

ଆଜି କଲେଜ ସାଙ୍ଗ ମାନଙ୍କ ଗେଟ-ଟୁଗେଦର । କଲେଜ ଛାଡିବା ପରେ ସମ୍ପର୍କ ଗୁଡା ମହଳଣ ପଡି ଆସୁଥିଲା, ଏଇ ସୋସିଆଲ ମିଡିଆରେ ସକ୍ରିୟତା ପୁଣି ସମସ୍ତଙ୍କୁ ଏକାଠି ହେବା ପାଇଁ ସୁଯୋଗ ସୃଷ୍ଟି କରିଦେଲା । ଫୋନ କଲ ଆଉ ହ୍ୱାଟସଆପରେ ଭେନ୍ୟୁ ଆଉ ମେନୁ ସବୁ ଫାଇନାଲ ହେଇଗଲା ।  ଜଣ ଜଣ କରି ସମସ୍ତେ ଠିକ ସମୟରେ ପହଞ୍ଚିଗଲେ । ହେଲେ ସ୍ୱପ୍ନାର ଦେଖାନାହିଁ । ଆରେ, କଣ ହେଲା ? ତାକୁ ଫୋନ କର, ସ୍ମୃତି କହିଲା । "ଥାଉ, ଦରକାର ନାହିଁ, ସେ ଆଉ ଘଣ୍ଟେ ପରେ ଆପେ ଆସି ପହଞ୍ଚିଯିବ । ତା'ଶାଶୁ ପୁରା ଲେଡି ହିଟଲର । ପାନରୁ ଚୂନ ଖସିବନି ବୁଢୀର । ବିଚରା ସ୍ୱପ୍ନା ସବୁଦିନ ରାତି ଚାରିଟାରୁ ଉଠି ଗାଧୋଇ ପୂଜାପାଠ କରିବ, ଘରର ସବୁ କାମ ସାରିବ, ବୁଢୀ ଲାଗି ଚା', ଜଳଖିଆ, ଲଞ୍ଚ ଥୋଇଦେଇ ଅଫିସ ଯିବ, ଅଫିସରୁ ଫେରିଲା ବେଳକୁ ବୁଢୀ ଗୋଡ ଟେକି ବସିଥିବ

 Magazine Downloaded from www.aahwaan.com

ପୁଣି ଚା', ଜଳଖିଆ ଅପେକ୍ଷାରେ । କାମବାଲି ରଖିବାର ଘୋର ବିରୋଧୀ, ଏଣେ ନିଜେ କୁଟା ଖଣ୍ଡକୁ ଦି'ଖଣ୍ଡ କରିବନି ବୁଢୀ । କହିବ, ଆମେ ସବୁ ତ ପୁଣି କେତେ କାମ କରୁଥିଲୁ, ତମେ ଏମିତି କଣ କରିପକାଉଚ କି ? ମୁଁ ତା' ଘରକୁ ଥରେ ଦି'ଥର ଯାଇଛି, ସେ ମୋ ଆଗରେ ବଡ ଦୁଃଖରେ ଏ କଥା କହିଥିଲା । ଖାଲି ଏତିକି ନୁହେଁ, କୁଆଡେ ଯିବ, କେତେବେଳେ ଫେରିବ, କେତେ ପଇସା କୋଉ ବାବଦରେ ଖର୍ଚ୍ଚ ହେଲା, ବାପଘରୁ କିଏ ଆସିଲା, କିଏ ଗଲା, ଏସବୁର ସବିଶେଷ ବିବରଣୀ ବୁଢୀକୁ ଦେବାପାଇଁ ବି ପଡିବ । ପ୍ରାଇଭେଟ ଚାକିରୀରେ ଯେମିତି ଟେନସନ, ସ୍ୱପ୍ନ ପୁରା ପେଷି ହେଇଯାଉଛି ।" ଏକାଥରକେ ଏତକ କଥା କହି ପକାଇ ଦମ ନେଲା ସ୍ୱାତୀ । ତା'ର ସାରଗର୍ଭକ ଭାଷଣରେ କେହି କେହି ହସିଲେ ଆଉ କିଛି ଜଣ ଦୀର୍ଘଶ୍ୱାସ ନେଲେ । ଆଚ୍ଛା, ତୋ ଶାଶୁ ତ ଭଲ ହେଇଥିବେ ନା ? ସ୍ୱାତୀକୁ ପ୍ରଶ୍ନ କଲା ସ୍ମୃତି । ଏଥରକ ସ୍ୱାତୀ ମୁହଁଟା ଟିକେ ଝାଉଁଳି ପଡିଲା । କହିଲା, ହଁ, ଭଲ ଯେ.... ସତକଥା ହଉଛି ଦରକାରଠାରୁ ଅଧିକ ଭଲ, ଅଧିକ ଦେଖେଇହେବା ଲୋକ ସିଏ । ତୁ ତ ଜାଣିଛୁ, ଶଶୁର ଭଲ ଚାକିରି କରିଥିଲେ, ତାଙ୍କର ପେନସନ, ଅଲଗା ଇନକମ, ସବୁ ଶାଶୁଙ୍କ ପାଖରେ । ମୋର ରୁଚି କଣ, ମତେ କଣ ଭଲ ଲାଗେ, ସେଥିରେ ତାଙ୍କର କିଛି ଯାଏ ଆସେ ନାହିଁ, ନିଜ ଇଚ୍ଛାରେ ଖାଲି ଶାଢୀ, ଗହଣା, ଯାଡୁ ସ୍ୟାଡୁ ଆଣି ଗଦା କରିବେ ଆଉ ଯିଏ ଘରକୁ ଆସିଲା ତାକୁ ଦେଖେଇବେ, ବୋହୁ ଲାଗି ଏତେ ସବୁ ସଜ ସରଞ୍ଜାମ ଆଣୁଛନ୍ତି ବୋଲି । ଯୁଆଡିକି ଗଲେ ବୋଝେ ଗହଣା ମଣ୍ଡି ହେଇ ଯିବାକୁ ବାଧ୍ୟ କରିବେ । ତାଙ୍କରି ଇଚ୍ଛା ମୁତାବକ ରୋଷେଇ ହବ, ନହେଲେ ସେ ନିଜେ କରିପକାଇବେ, ଆଉ ସେ କଥା ସାହି ପଡିଶାଙ୍କୁ ବଖାଣିବେ ଯେ ଆଜିକାଲି ଅମୁକ ଜିନିଷଟା ଖାଇବା ଭଲ, ମୋ ବୋହୁ କରିପାରିବନି ତ, ସେଥିପାଇଁ ମୁଁ ନିଜେ କରିଦେଲି । ଏମିତିକି କୋଉ ଫିଲ୍ମ ଦେଖିବାକୁ ଯିବୁ,

 Magazine Downloaded from www.aahwaan.com

ସେ ନିଷ୍ପତ୍ତି ସେଇ ନେବେ ଆଉ ଟିକେଟ ବି ସେ କରାଇଦେଇଥିବେ । ଏଇ ଦେଖୁନୁ, ମତେ ଗ୍ରୀନ କଲର ବିଲକୁଲ ପସନ୍ଦ ନୁହେଁ, ହେଲେ ସେ ଜବରଦସ୍ତ କଲେ ମତେ ଏଇ ଶାଢୀ ପିନ୍ଧିକି ଆସିବାକୁ । ଏଣେ ମୁଁ ଏଠିକି ଆସିବି ବୋଲି ସକାଳୁ ଅତି କମରେ ଦଶଜଣଙ୍କୁ ଫୋନରେ କହିସାରିଛନ୍ତି, ମାନେ, ମୁଁ ବୋହୁକୁ ଏମିତି ଭଲପାଏ ଆଉ ଏତେ ଫ୍ରିଡମ ଦେଇଛି । ସ୍ୱାତୀ କଥାରେ ମୁଣ୍ଡରେ ହାତ ଦେଇଦେଲା ସ୍ମୃତି । କହିଲା, ଆରେ ବାପରେ, ତୋ ଶାଶୁ ତ ବଡ ସାଂଘାତିକ ଲୋକ । ତୋର ସ୍ୱାମୀ କିଛି କୁହନ୍ତିନି ? ଆରେ, ତାଙ୍କ କଥା କହନା । ଯଦି କେବେ ମୁଁ ଏଇ କଥା କହେ, ସେ କହିବେ, "ମାମା ତ ଆମର ଭଲ ପାଇଁ ଏସବୁ କରୁଛନ୍ତି, ତା'ଛଡା ତମ ସ୍ତ୍ରୀ ଲୋକମାନଙ୍କର ଗୋଟେ ଅଭ୍ୟାସ ଶାଶୁମାନଙ୍କ ବିରୋଧରେ କହିବା, ବୋଧହୁଏ ତମେ ବାହାହୋଇ ଆସିଲା ବେଳେ ଏସବୁ ଟ୍ରେନିଂ ନେଇକି ଆସିଥାଅ । " ଏମିତି କଥାର ମୁଁ କଣ ଉତ୍ତର ଦେବି କହିଲୁ ?

ମୋର କିନ୍ତୁ ପୁରା ଫଣ୍ଡା କ୍ଲିୟର । କହିଲା ସ୍ମୃତି । ପାଖରେ ରଖିବାର ନାହିଁ କି ଏତେ ଟେନସନ ନବାରେ ନାହିଁ । ବର୍ଷରେ ଥରେ ଦୁଇଥର ତାଙ୍କୁ ଗାଁରୁ ନେଇଆସେ, ଦଶ ପନ୍ଦର ଦିନ ରଖେ । ତାଙ୍କ ଖୁସି ମୁତାବକ ରନ୍ଧାବଢା ଆଉ ଟିକିଏ ବୁଲାବୁଲି କରେଇଦେଲେ ସେ ପୁରା ଖୁସ । ଯେତେବେଳେ ଟିକିଏ କଥା କଟାକଟି ହେବାର ସମ୍ଭାବନା ଆସେ, ତାଙ୍କୁ ପ୍ଲାନ କରି ଗାଁରେ ଛାଡିଦେଇ ଆସେ । ଦେହ ମୁଣ୍ଡ ହେଲେ ସଙ୍ଗେ ସଙ୍ଗେ ମେଡିସିନ ପଠାଇଦିଏ । ଛୁଟିଦିନ ଦେଖି କେତେବେଳେ କେମିତି ଚାରିପାଞ୍ଚ ଦିନ ଗାଁକୁ ଯାଏ, ପୁରା ସୁନାବୋହୁ ଭଳି ସମସ୍ତଙ୍କ ସଙ୍ଗେ ମିଶିକି ଚଳିଯାଏ । ବାସ, ଆଉ ଅଧିକ କିଛି କରିବା ଦରକାର ନାହିଁ ।

ସ୍ମୃତି କଥାରେ ତାଳ ଦେଇ ଆଉ ଦୁଇ ଚାରିଜଣ ବି ବଖାଣିଲେ, ସେମାନଙ୍କ ଶାଶୁମାନଙ୍କ ବିଷୟରେ । କାହା ଶାଶୁକୁ ଯେତେ ଭଲ ରୋଷେଇ କରିଦେଲେ ମଧ୍ୟ କେମିତି

 Magazine Downloaded from www.aahwaan.com

ରଚେ ନାହିଁ ତ ଆଉ କାହା ଶାଶୁ କେମିତି ମୁହଁ ଶୁଖାଇ ବସନ୍ତି, ଯଦି ତା' ସ୍ୱାମୀ ତା' ଲାଗି ଶାଢୀ କି ଆଉ କିଛି ନେଇ ଆସନ୍ତି ଏବଂ ସେଇ କଥା ନେଇ ତା' ଶାଶୁ ପରୋକ୍ଷରେ ଦୁଇ ଚାରିପଦ କହିବାକୁ ଭୁଲନ୍ତିନି ଇତ୍ୟାଦି ଇତ୍ୟାଦି । ସୁଧନ୍ୟା ଏସବୁ କଥା ବସି ଚୁପଚାପ ଶୁଣୁଥିଲା ଆଉ ନିଜ ସଙ୍ଗେ ତଉଲୁଥିଲା ।

ଆଚ୍ଛା, ଧନ୍ୟା, ତୋ ଖବର କଣ ? ସୁଧନ୍ୟାକୁ ପଚାରିଲା ସ୍ମୃତି । ସଙ୍ଗେ ସଙ୍ଗେ ସ୍ୱାତୀ କହିପକାଇଲା, ଆରେ ତା' କଥା ତ ନିଆରା । ମାଉସୀ ତ କେବେ ପାଟି ଖୋଲନ୍ତି ନାହିଁ । ଟିକିଏ ଗାଉଁଲିଆ ଲୋକ ତ ! ! ଧନ୍ୟାର ପୁରା ରାଜୁତି ତା' ଘରେ । ସ୍ୱାତୀର ଏଇ ଦୁଇ ପଦ କଥାରେ ଯେମିତି କରେଣ୍ଟ ଲାଗିଗଲା ସୁଧନ୍ୟା ଦେହରେ । ସେଇ ମୁହୂର୍ତ୍ତରେ ଭୀଷଣ ରାଗ ହେଲା ତା'ର ବାପାଙ୍କ ଉପରେ । ଖାଲି ଭଲ ଚାକିରି ଦେଖି କଣ କିଏ ଝିଅ ଦେଇଦିଏ ? ପରିବାର ବି ଦେଖିବା ଦରକାର ନା ନାହିଁ ? ତା'ର ଶ୍ରୀମୟଙ୍କ ସଙ୍ଗେ ପ୍ରସ୍ତାବ ପଡିବାବେଳେ ମାମା ବାପାଙ୍କୁ ଠିକ ଏଇ ପ୍ରଶ୍ନ କରିଥିଲେ, ହେଲେ ବାପା ସିଧା ସଳଖ ଉତ୍ତର ଦେଇଥିଲେ, "ତମେ କଣ ତମ ଝିଅକୁ ଜାଣିନ ? ପରିବାର ଭିତରେ ଚଳିବାଟା ତମେ ତାକୁ ଶିଖେଇଚ ?" ଏତିକିରେ ମାମା ଚୁପ ପଡିଯାଇଥିଲେ ।

ବାହାଘର ପରେ ଶ୍ରୀମୟ ତାକୁ ଅନୁରୋଧ କରିଥିଲେ, "ଧନ୍ୟା, ମୋ ମା'କୁ କେବେ ବି କିଛି କହିବ ନାହିଁ । ବହୁତ କଷ୍ଟରେ ସେ ମତେ ମଣିଷ କରିଛି । ତା' ଲାଗି ତମର କିଛି କରିବା ଦରକାର ନାହିଁ, ସେ ନିଜେ ସବୁ କରିପାରିବ । କିନ୍ତୁ ଟାଣ କଥା କହିଲେ ସେ ବହୁତ ଦୁଃଖ ପାଇବ । " ଶ୍ରୀମୟଙ୍କ କଥାକୁ ସୁଧନ୍ୟା ଅବଶ୍ୟ ଏ କାନରେ ପୁରାଇ ସେ କାନରେ ଛାଡି ଦେଇଥିଲା ଆଉ ଶାଶୁଙ୍କର ଛୋଟ ଛୋଟ ଭୁଲରେ ବିରକ୍ତ ହେଇ ବଡପାଟି କରିବାକୁ ଭୁଲୁନଥିଲା । ସେ ପରିସ୍ଥିତିରେ ଶ୍ରୀମୟଙ୍କ ଅସହାୟ ମୁହଁକୁ ବି ତା'ର ଖାତିର ନଥିଲା । ଆଜି

 Magazine Downloaded from www.aahwaan.com

ସ୍ୱାଟୀର ଏଇ "ଗାଉଁଲିଆ" ଶବ୍ଦରେ ତା'ର କଟା ଘା'ରେ ଯେମିତି ଚୂନ ଲାଗିଗଲା, ଭାରି ଅପମାନିତ ଲାଗିଲା ତାକୁ । ସାଙ୍ଗମାନଙ୍କ ସହିତ ପରବର୍ତ୍ତୀ ଘଣ୍ଟେ ଦୁଇ ଘଣ୍ଟା ବିତାଇବା କଷ୍ଟକର ହେଇଗଲା, ଖାଲି ସେଇ "ଗାଉଁଲିଆ" ଶବ୍ଦ ତା' ମୁଣ୍ଡ ଭିତରେ ଟାଇଁ ଟାଇଁ ହେଇ ବାଜିଲା ।

ହୋଟେଲରୁ ଘରକୁ ଏକ ମୁହାଁ ହେଇ ଆସି ଶାଢୀ ନ ବଦଳାଇ ଖଟ ଉପରେ ରାଗ ଆଉ କ୍ଷୋଭରେ ଗଡିପଡିଲା ସୁଧନ୍ୟା । କେତେବେଳେ ଆଖି ଲାଗିଯାଇଛି, ସେ ଜାଣିନି । ତା' ଗୋଡରେ କାହାର ଟାଁସିଆ, ହାଡୁଆ ହାତର ସ୍ପର୍ଶରେ ଚମକି ଯାଇ ଉଠିପଡିଲା ସିଏ । ଦେଖିଲା, ଶାଶୁ ତା' ପାଦ ଚିପି ଦଉଛନ୍ତି । "ଆଜି ବହୁତ ହାଲିଆ ହେଇ ଯାଇଚ କି ମା ? ଦେହ ଭଲ ଲାଗୁନି ? ସନ୍ଧ୍ୟାବେଳେ କେବେ ଏମିତି ଶୋଇବା ତ ମୁଁ ଦେଖିନି ?" ପ୍ରଥମ ଥର ଲାଗି ସୁଧନ୍ୟା ମନ ଭିତରଟା ଶାଶୁଙ୍କ ପାଇଁ ଓଦା ହେଇଗଲା । ସକାଳେ ରାଗରେ ଅମୃତାଞ୍ଜନ ଡବା କଚି ଦେଇ ଯାଇଥିବା କଥା ମନେ ପଡିଗଲା ତା'ର । ଆଖି କୋଣରୁ ନିଗିଡି ଆସୁଥିବା ଠୋପାଏ ପାଣିକୁ ବିଶି ଆଙ୍ଗୁଠିରେ ପୋଛି ଦେଇ କହିଲା, ତମର ମୁଣ୍ଡ ବିନ୍ଧା ଭଲ ହେଇଗଲା ? ଚାଲ, ତମ ପାଇଁ ଚା' ତିଆରି କରିଦେବି ।

ଗ୍ୟାସ ଷ୍ଟୋଭ ଉପରେ ସସପେନରେ ଚା' ଫୁଟୁଥିଲା, ସୁଧନ୍ୟାର ଆଖି ଜାଲୁଜାଲୁଆ ହେଇ ଯାଉଥିଲା ଅମାନିଆ ଲୁହରେ, ସେ ଲୁହ ଅନୁତାପର । ଆଜି ଯାଏଁ କେତେ କଥା ସେ ଏଇ ବୁଢୀ ମଣିଷଟିକୁ କହିଛି, ହେଲେ ସେ ଦିନେ ପାଟି ଫିଟାଇ ନାହାନ୍ତି । ଅଥଚ ସାଙ୍ଗ ମାନଙ୍କ ଶାଶୁ ମାନେ ! ! ! ତା' ଇଚ୍ଛା ହେଉଥିଲା, ଚିଲ୍ଲେଇ ଚିଲ୍ଲେଇ ସାଙ୍ଗମାନଙ୍କୁ କହିବାକୁ: "ସମସ୍ତଙ୍କ ଜୀବନ କାହାଣୀରେ ଶାଶୁ ଚରିତ୍ରଟି ଖଳନାୟିକାର ନୁହେଁ ।"

 Magazine Downloaded from www.aahwaan.com

# ଦୁଇଟି କ୍ଷୁଦ୍ରଗଳ୍ପ



ସୁଧାଂଶୁ ଶେଖର ଦ୍ୱିବେଦୀ

ନାଟକ

ସକାଳେ ସକାଳେ ୮୦ ବର୍ଷର ଶଶୁର ଖବର କାଗଜର ପୃଷ୍ଠା ଓଲଟାଉଥା'ନ୍ତି, ରୋଷେଇ ଘରୁ ବୋହୂ ଡାକମାରି କହିଲା, "ବାପା ଜଳଖିଆ ବାଢ଼ି ଦେଇଛି, ଖାଇବେ ଆସନ୍ତୁ ।"

ଶଶୁର ବୋହୂର ଡାକ ଶୁଣି ନ ଶୁଣିବାପରି ଚୁପଚାପ ବସି ରହିଲେ, ବୋହୂ ପୁଣିଥରେ ଡାକିଲା । ଏଥର ମଧ୍ୟ ଶଶୁର ପୂର୍ବପରି ଗୁମସୁମରେ ପେପର ଉପରେ ନଜର ରଖି ବସି ରହିଲେ ।

ପୁଅ ଆସି ଦେଖିଲା ଡାଇନିଂ ଟେବୁଲରେ ଜଳଖିଆ ବଢ଼ା ହୋଇଛି । ତ୍ରଇଁ ରୁମକୁ ଯାଇ ବାପାଙ୍କୁ ଡାକିଲା, "ବାପା ଆସ, ଜଳଖିଆ ଖାଇନେବ ।"

ଏଥର ନିଜ ମୁହଁକୁ ପୁଅ ଆଡ଼କୁ ଘୁରେଇନେଇ କିଛି କ୍ଷଣ ଚାହିଁ ରହିଲେ ସେ । ତାଙ୍କ ହାବଭାବରୁ ଜଣାପଡୁଥାଏ ଯେମିତି କିଛି ଜାଣି ପାରିନାହାନ୍ତି । ସେପଟେ ବୋହୂ ଦୃଢ଼ କଣ୍ଠରେ କହୁଥାଏ, "ବାପା, ଜଳଖିଆ ବଢ଼ା ହୋଇଛି, ଆସନ୍ତୁ ।"

ପ୍ରକୃତିସ୍ଥ ହୋଇ ଉଠି ଠିଆ ହେଲେ ସେ, ଡାଇନିଂ ଟେବୁଲରେ ବସି ଜଳଖିଆ କଲେ ଓ ଚୁପଚାପ୍ ନିଜ ରୁମକୁ ଚାଲିଗଲେ ।

ସଂଯୋଗକ୍ରମେ ଝିଅ ଶଶୁରଘରୁ ବାପାଙ୍କ ଘରକୁ ଆସିଥାଏ । ସେ ବାପାଙ୍କ ପାଖକୁ ଯାଇ ପଚାରିଲା, "ଆଚ୍ଛା ବାପା ! ଏବେ ତ ତୁମେ ଏତେ କମ୍ ଶୁଣୁନାହଁ, ତା ହେଲେ ଭାଇ

 Magazine Downloaded from www.aahwaan.com

ଭାଉଜ ଏତେଥର ଡାକିବା ପରେ କଣ ପାଇଁ ଶୁଣୁନଥିଲ ?"

ଲୁହ ଛଳ ଛଳ ଆଖି ଓ ଭଙ୍ଗା ସ୍ୱରରେ ବାପା କହିଲେ, "ସେ ଦୁହେଁ କେବଳ ମୋ ବ୍ରେକ୍ ଫାଷ୍ଟ ସମୟରେ ମୋତେ ମନେପକାନ୍ତି ରେ ମା' । ମୁଁ ଚାହେଁ ସେମାନେ ଆହୁରି ଅନେକଥର ମୋତେ ଡାକନ୍ତୁ । ଆଉ ସେଇଥିପାଇଁ ଶୁଣି ନ ଶୁଣିବାପରି ନାଟକ କରେ ।

+============================+

ନ୍ୟୁଜ୍

କିଛିଦିନ ତଳେ କେରଳର ଭୟଙ୍କରୀ ବନ୍ୟାରେ ଅନେକ ଜନଜୀବନ କ୍ଷୟକ୍ଷତି ହେଲା, ଲୋକମାନେ ପାଣିଘେରରେ ରହି ଜୀବନ ସହ ସଂଘର୍ଷ କରୁଥାନ୍ତି । ସେହି ପ୍ରାକୃତିକ ବିପର୍ଯ୍ୟୟରେ କେତେ ଯେ ଜୀବନ ହାନି ହୋଇଛି ତା'ର କଳନା କରିବା ଅସମ୍ଭବ ହୋଇ ପଡ଼ିଥିଲା । ବାସ୍ତବିକ ସେଭଳି ବିପର୍ଯ୍ୟୟ ହୃଦୟବିଦାରକ ଥିଲା, କୋଉଠି ଅତଡ଼ା ଖସି କୁଢ଼ କୁଢ଼ ଶବ ମାଟିତଳେ ଦବି ରହିଥାଏ ତ କୋଉଠି ବଡ଼ ବଡ଼ ପ୍ରାସାଦ ଭାଙ୍ଗି ତା ତଳେ ଦବି ଯାଇଛି ମଣିଷର ଧନସମ୍ପତ୍ତି ଓ ଜୀବନ । ବଡ଼ ବଡ଼ ଗାଡ଼ି ମଧ୍ୟ ଜଳ ସମାଧୀ ନେଇଛି । ଚାରିଆଡ଼େ ଖାଲି କୋକୁଆ ଭୟ ବନ୍ୟା... ।

ବିଜୁଳି ନାହିଁ କି ପିଇବା ପାଇଁ ପାଣି ନାହିଁ ଲୋକଙ୍କ ପାଖେ । ପ୍ରଶାସନ ଓ ଉଦ୍ଧାରକାରୀମାନେ ପୁରା ତତ୍ପରତାରେ ଉଦ୍ଧାର କାର୍ଯ୍ୟ କରୁଥାନ୍ତି । ସେଇବେଳେ ଗୋଟିଏ ଟିଭି ଚ୍ୟାନେଲର ରିପୋର୍ଟର ବନ୍ୟା ପ୍ରପୀଡ଼ିତ କ୍ଷୟକ୍ଷତିର ଦୃଶ୍ୟ ଦେଖାଇ ନ୍ୟୁଜ କହୁଥାଏ । ବାଲେଶ୍ୱର ସହରର ଗୋଟିଏ ପରିବର ଉତ୍ସୁକତାର ସହ ଟିଭିରେ ଦେଉଥିବା କେରଳ ବନ୍ୟାର ନ୍ୟୁଜକୁ ଦେଖୁଥାନ୍ତି । ସମସ୍ତଙ୍କ ମୁଖମଣ୍ଡଳରେ ନୀରବତା । କିଛି ସଦସ୍ୟଙ୍କ ଆଖିରେ ଲୁହ ଛଳ ଛଳ ।

 Magazine Downloaded from www.aahwaan.com

ଆମକୁ ଏବେ ଏବେ ଖବର ମିଳିଛି ମରିଥିବା କିଛି ଲୋକଙ୍କୁ ଦାହ ସଂସ୍କାର କରାଯାଇଛି । ଆମେ ସେମାନଙ୍କ ନାଁ ସ୍କ୍ରିନରେ ଦେଖାଉଛୁ । ରିପୋର୍ଟର ସ୍କ୍ରିନରେ ଆସୁଥିବା ନାଁ ଗୁଡ଼ିକର ଠିକଣା, ବୟସ, ନାଁ ଇତ୍ୟାଦି କହି ଚାଲିଥାଏ ।

ହେ ଭଗବାନ ! ଆମ ପରିବାର ମଧ୍ୟରୁ ସେଭଳି ଦୁର୍ଯୋଗରେ କେହି ପଡ଼ିନଥାନ୍ତୁ । ପରିବାରର ଜଣେ ବୟସ୍କା ମହିଳା ନିଜେ ନିଜେ ଭଗବାନଙ୍କୁ ନିଜର ମନକଥା ଜଣେଇ ହାତଯୋଡ଼ି ପ୍ରାର୍ଥନା କରୁଥାନ୍ତି । ପୁରା ପରିବାର ଭୟଭୀତ ଦୃଷ୍ଟିରେ ଟିଭିରେ ପ୍ରସାରିତ ହେଉଥିବା ମୃତକଙ୍କ ନାମ ଲିଷ୍ଟକୁ ଦେଖୁଥାନ୍ତି । ଘରସାରା ଶୂନସାନ । ରାତିର ନିସ୍ତବ୍ଧତା ପରି ପ୍ରତ୍ୟୟ ହେଉଥାଏ । ସମସ୍ତେ ପ୍ରାୟତଃ ଭଗବାନଙ୍କ ନାମ ସ୍ମରଣ କରି ଗୁଣୁଗୁଣୁ ହେଉଥାନ୍ତି । ହଠାତ୍ ନ୍ୟୁଜ୍ ରିପୋର୍ଟର୍ କହିଲା, "କିଛି ସମୟ ପାଇଁ ବିରତି, ବିରତି ପରେ ପୁଣି ଫେରିବୁ..."

ବିସି-୭୪, ସେକ୍ଟର - ୧, ସଲ୍ଟଲେକ୍, କୋଲକାତା - ୬୪

ଭ୍ରାମ୍ୟଭାଷ : ୯୬୮୧୩୭୩୫୧୨

ଇମେଲ୍ : s.dwibedy@rediffmail.com

 Magazine Downloaded from www.aahwaan.com

# ଅସାମାଜିକ



ସନାତନ କଟା

"ଅସହ୍ୟ ହେଉଛି ଅସାମାଜିକ କାର୍ଯ୍ୟକଳାପ ।" ସକାଳୁଆ ଚା'ପିଆ ସହିତ ଖବରକାଗଜର ଶୀର୍ଷକ ପରେ ଶୀର୍ଷକ ପଢ଼ି ଚାଲିଥା'ନ୍ତି ସୁମନ୍ତବାବୁ । ହେଲେ, କାଇଁ କେଜାଣି ଅସାମାଜିକ ଶବ୍ଦଟି ମନରେ ଅନେକ ପ୍ରଶ୍ନ ଆନ୍ଦୋଳିତ କରୁଥିଲା । ଅଟକି ଗଲେ ସେ ।

ଚା' କପରେ ଓଠ ଲଗେଇ ସିଏ ମନେ ପକଉଥିଲେ, ଯେତେବେଳେ ସିଏ କଲେଜ ପଢୁଆ ଯୁବକ ଥିଲେ ଏଇ ସାମାଜିକ ଆଉ ଅସାମାଜିକ ଶବ୍ଦର ପ୍ରଭେଦ ବୁଝଉଥାନ୍ତି, ରାଜନୀତି ବିଭାଗ ପ୍ରଫେସର ହୋତା ସାର ।

"ମଣିଷ ଏକ ସାମାଜିକ ପ୍ରାଣୀ । ସମାଜ ବିନା ସେ ତିଳେ ମାତ୍ର ତିଷ୍ଠିପାରେନା । ବିନା ସମାଜରେ ତିଷ୍ଠି ପାରନ୍ତି ହୁଏତ ଈଶ୍ୱର ଅଥବା ପଶୁ ।"

ନିଜକୁ ପୁଣି ଘାଣ୍ଟିଲେ ସୁମନ୍ତବାବୁ । ହେଲେ, ଏ ଅସାମାଜିକ ମାନେ କ'ଣ ହୋଇପାରେ ? ଠିକ୍ ଠିକ୍ ବୁଝିବାକୁ ହଲେ ଯିଏ ସାମାଜିକ ନୁହଁ ଅଥବା ସମାଜ ସହ ତିଷ୍ଠିବାକୁ ଚାହେଁନା, ସେଇ ଅସାମାଜିକ । ଆହୁରି ମଧ୍ୟ ସାମାଜିକ ସମ୍ପର୍କ ତଥା କାର୍ଯ୍ୟକଳାପରେ ବିଶ୍ୱାସ ରଖୁନଥିବା ବ୍ୟକ୍ତି ମଧ୍ୟ ଅସାମାଜିକ ହୋଇପାରେ ।

ଏଥର ଆହୁରି ଅନେକ ସ୍ମୃତି ଉଙ୍କିମାରିଲା । ସକାଳୁଆ ଖବର କାଗଜ ସହିତ ଚା'ର ନିବିଡ଼ତାକୁ ତ ସେ ଆଗରୁ ଅନେକଥର ଅନୁଭବ କରିଥିଲେ, ତା'ର ମଜା ନେଉଥିଲେ; କିନ୍ତୁ ଆଜି ଅନେକ ଅସମାହିତ ପ୍ରଶ୍ନ ତାଙ୍କୁ ବ୍ୟତିବ୍ୟସ୍ତ କରି ପକାଉଛି ।

 Magazine Downloaded from www.aahwaan.com

ଅନେକ ଦିନ ହେଲା, ଚାକିରୀ କଲାପରଠୁ ସେ ନିଜେ କୌଣସି ସାମାଜିକ କାର୍ଯ୍ୟକଳାପରେ ପ୍ରତ୍ୟକ୍ଷ ଭାବରେ ଭାଗ ନେଇ ନାହାନ୍ତି । ସାମାଜିକ ସମ୍ମାନ ଲାଳସାରେ ଆଜି ସେ ଉଚ୍ଚପଦବୀରେ ଅବସ୍ଥାପିତ ।

କେତେ ବନ୍ଧୁମିଳନ, ବିବାହ ଉତ୍ସବ, ଅନ୍ତ୍ୟେଷ୍ଟିକ୍ରିୟା ପରି ଏମିତି କେତେ ଯେ ସାମାଜିକ ଅନୁଷ୍ଠାନରେ ସେ ଭାଗନେଇ ନାହାନ୍ତି । ସବୁବେଳେ କାର୍ଯ୍ୟବ୍ୟସ୍ତତାକୁ ଆଳ କରି ଆଡ଼େଇ ଚାଲିଲେ । ଚା ପିଇସାରି ଖାଲିଥିବା କପଟିକୁ ଟିପୟ୍ ଉପରେ ରଖିଦେଲେ ।

ଏକ ଦୀର୍ଘଶ୍ୱାସ ନେଇ ପୁଣି ଅନ୍ୟମନସ୍କ ହେଲେ ।

ପୁଅ ବୋହୂ ବିଦେଶରେ ଚାକିରୀ । ସେଇଠି ନାତିନାତୁଣୀ । କେବେ କେମିତି ଫୋନ କଲ୍ ଆସେ । ବେଳେ ବେଳେ ଭିଡ଼ିଓ କଲ୍ କରନ୍ତି । ଦେଖିକି ଖୁସିରେ ଆତ୍ମହରା ହୁଅନ୍ତି । କାଚ ବାକ୍ସର ମିଠା କେବଳ ଦେଖିହୁଏ, ଖାଇ ହୁଏନା ମର୍ମରେ ନିଜକୁ ବୁଝାନ୍ତି ।

ହେଲେ, ଗତ କିଛିମାସ ହେଲା ଆଉ କଲ୍ ଆସୁନି । ସମସ୍ତେ କର୍ମବ୍ୟସ୍ତ । ନାତିନାତୁଣୀ ବି ପଢ଼ାରେ ବ୍ୟସ୍ତ । ସମୟ ବା କାହିଁ ? ବହୁତ ଏକା ଅନୁଭବ କଲେ ସେ । ନା ବନ୍ଧୁ, ନା ବାନ୍ଧବ, ନା ପୁଅବୋହୂ, ନା ନାତିନାତୁଣୀ, କେହି ନାହାନ୍ତି ।

ନିଜକୁ ନିଜେ ପଚାରିଲେ, ଯେହେତୁ ସିଏ ସମାଜର ସମ୍ପର୍କର ବହୁତ ଦୂରରେ, ମାନେ ସିଏ ନିଜେ ବି ଜଣେ ଅସାମାଜିକ ? ? ?

ସମ୍ପ୍ରତି ଦୁନିଆରେ ଏମିତି ଆହୁରି କେତେ ଯେ ଉଚ୍ଚାଭିଳାଷୀ ବ୍ୟକ୍ତି ସାମାଜିକ ସମ୍ମାନ ତଥା ପ୍ରତିଷ୍ଠା ପଛରେ ଗୋଡ଼େଇ ଗୋଡ଼େଇ ଅଜାଣତରେ ଅସାମାଜିକ ହୋଇ ସାରିଛନ୍ତି ।

ସତରେ ଭାରି ଅସହ୍ୟ ଏ ଅସାମାଜିକ ଜୀବନ ।

ସିଲୁଆଁ, ଟିଟିଲାଗଡ଼, ବଲାଙ୍ଗିର, ଭ୍ରାମ୍ୟଭାଷ : ୯୪୩୭୮୬୮୨୫୩, ଇମେଲ୍ : sanatana.kata@gmail.com

 Magazine Downloaded from www.aahwaan.com

# କାକ୍ଟସ୍



ବିଷ୍ଣୁପ୍ରିୟା କରସୁଧା ପଟ୍ଟନାୟକ

(୧)

ଜୀବନରେ ବହୁତ କିଛି ଘଟଣା ଦୁର୍ଘଟଣା ବିନା ଇଙ୍ଗିତରେ, ବିନା ଶବ୍ଦରେ ଘଟିଯାଏ । ଅଜାଗା ଘା ପରି କେବଳ ସହିବାକୁ ପଡେ ନା ଦେଖି ହୁଏ ନା ଦେଖେଇ ହୁଏ ।

ସେଦିନ ସେମିତି ବାରିଷ୍ଟର ଅମର ନାଥ ସିଂ ନିଜକୁ ନିଜେ ଅନ୍ଧକାର କୋଠରୀରେ ବେଶ କିଛି ସମୟ ଆବଦ୍ଧ ରଖିଲେ ସିନା କାହାକୁ କିଛି କହିଲେ ନାହିଁ । କାହାକୁ ଅବା କହିବେ ? କେତେ ଧୁମଧାମରେ ପୁଅର ବାହାଘର କରିଥିଲେ । ରାତି ପାଇଲେ କୁଣିଆ ଯିବେ । କୁଣିଆ ଯିବାର ବନ୍ଦୋବସ୍ତ କରିବେ କଣ... ସଦ୍ୟ ବିବାହିତା ବୋହୂ ଯିବ ପୁଣି ଏ ସାତ ଜନ୍ମ ପାଇଁ ବନ୍ଧା ସମ୍ପର୍କର ଡୋରି ତୁଟେଇ । ଲାଜ ଅପମାନ ବୋଝରେ ମୁଣ୍ଡ ଉଠେଇ ନ ପାରି ପୁଅ ବି ନିଜକୁ ଅନ୍ୟ ଏକ କୋଠରୀରେ ବନ୍ଦ କରି ରଖିଛି ।

ବଳାତ୍କାର କଣ କେବଳ ଝିଅଙ୍କର ହୁଏ ? ପୁରୁଷଙ୍କ ପୁରୁଷତ୍ୱ ବି ଏମିତି ବଳାତ୍କାରର ଶିକାର ହୁଏ । ତେବେ ଚାହିଁକି ସୁଧା ରୁମରୁ ପଦାକୁ ବାହାରି ପାରୁ ନଥାଏ ଇଞ୍ଜିନିୟର ତପନ କୁମାର ସିଂ ।

ଘରଠୁ ଦାଣ୍ଡ, ଦାଣ୍ଡଠୁ ସହର ଯାଏଁ ଟୁପୁରୁ ଟାପୁରୁ ହେଲେଣି । ବର୍ଷ ବର୍ଷ ଧରି, ଜୀବନ ତମାମ କେତେ କଷ୍ଟରେ କେତେ ପରିଶ୍ରମରେ ସଞ୍ଚିତ ଇଜ୍ଜତକୁ ନିଲାମ କରିବାକୁ ବସିଛି ସଦ୍ୟ ବିବାହିତା ବୋହୂ । କହୁଛି କଣ ନା ରହି ପାରିବନି, ଲଗେଇ ପାରିବନି ଅଳତା

 Magazine Downloaded from www.aahwaan.com

ସିନ୍ଦୂର, ତା ନାଁ ଦେଇ, ଦେଇ ପାରିବନି ଦେହ, ମନ, ପ୍ରେମ । ଯାହା ସେ ଦେଇ ଆସିଛି ଆଉ କାହାକୁ ।

ଓଃ କି ଯୁଗ ହେଲା ସତେ, ଯାହା ଶୁଣିବାକୁ ଲାଜ ଲାଗୁଛି, ତାହା ବିନା ସଙ୍କୋଚରେ, ବିନା ଲଜ୍ୟାରେ କହି ଯାଉଛନ୍ତି, କରି ଯାଉଛନ୍ତି ।

ଦୀର୍ଘ ନିଶ୍ୱାସଟେ ମାରି ଉଠିବସିଲେ ଅମର ବାବୁ, ନିଜର ସମସ୍ତ ଚେଷ୍ଟା ଖଟେଇ ବୟସ୍କ ଦେହରେ କେଉଁଠି କେମିତି ବିଚ୍ଛିନ୍ନ ହେଇଥିବା ବଳ, ଧୈର୍ଯ୍ୟ ସାହସକୁ ସାଉଁଟି ଆଣି ଅବୁଝା ସହଧର୍ମିଣୀଙ୍କୁ ବୁଝେଇବର ଅପଚେଷ୍ଟା କରି ପୁଅ ତପନ କୋଠରିକୁ ଗଲେ ।

(୨)

ତପନ ପ୍ରସ୍ତୁତ ହେଉଥିଲା, ଅଦିନିଆ ବର୍ଷା ଝଡ଼କୁ ସାମ୍ନା କରିବାକୁ । ଗତ ରାତିରେ ବାନ୍ଧିଥିବା ବସାକୁ ଆଜି ରାତି ନ ପୁରୁଣୁ ଭାଙ୍ଗିବାକୁ । ଦେଇଦେଲା ଅନୁମତି ବିବାହ ବେଦିରେ ଯେତେସବୁ ମନ୍ତ୍ର ପାଠରେ ପିନ୍ଧେଇଥିବା ନାଲି ସିନ୍ଦୁରକୁ ପୋଛି ତା ମଥାରେ କଳା ବୋଳିବାକୁ ।

ତପନ ଭାବୁଥିଲା ତାକୁ ସିନ୍ଦୁର ଦେଇ ନିଜ ମଥାରେ କଳା ହିଁ ତ ବୋଳି ହେଲା । ସକାଳ ପାଇଲେ ରାଇଜ ସାରା ଲୋକ ଖବର କାଗଜରେ ଆମ ଘର କଥା ବି ତ ପଢିବେ ।

ସାହି ପଡିଶା, ଗୁରୁଜନ, ଲଘୁଜନ ସବୁରି ଆଦେଶ ଉପଦେଶକୁ ଭୃକ୍ଷେପ ନକରି ସବୁ ସମ୍ପର୍କ ତୁଟେଇ ଚାଲିଲା ପାଦରୁ ମଥାଯାଏଁ ପିନ୍ଧିଥିବା ଆଭୂଷଣ ଉତାରି ଉତାରି । କିଏ କେତେ କଥା କହୁଥିଲେ, କେତେ ଛି ଛି କରୁଥିଲେ କିନ୍ତୁ ତା'କୁ କିଛି ଫରକ ପଡୁ ନ ଥିଲା ।

ଏ ଭିତରେ ଘର ବାହାରେ କେତେ ଲୋକ, ଆଗରୁ ପୋଲିସକୁ ଡକେଇ କାଗଜପତ୍ର କାମ ବି ସାରି ଦିଆଗଲା । ସମସ୍ତ ଲୋକଙ୍କ ସାମ୍ନାରେ ତା ବାପା ହାତରେ ଝିଅକୁ ସମର୍ପି

 Magazine Downloaded from www.aahwaan.com

ଦିଆଗଲା ।

ଲୋକହସା ହେବ ବୋଲି ଝିଅଟିଏ ବୋଧେ ଜାଣି ନଥିଲା । ସମସ୍ତଙ୍କ ସାମ୍ନାରେ ସ୍ୱୀକାର କରୁଥିଲା, ମୁଁ ଯାହାକୁ ଭଲପାଉଛି ତାକୁ ହିଁ ବାହା ହେବି, ସେଥିପାଇଁ ଏ ବାହାଘରକୁ ମୁଁ ମାନୁନି ।ଏକଥା ଶୁଣୁ ଶୁଣୁ ମୁଣ୍ଡ ତଳକୁ କରି ଠିଆ ହେଇଥିବା ତା ବାପା ଦି ଚାପୁଡ଼ା ଦେଲା.. ଚଟାଲ... ଚଟାଲ... ସମସ୍ତେ ସ୍ତବ୍ଧ । ଅମରବାବୁ ଧାଇଁ ଆସି ଝିଅ ବାପର ହାତ ଧରି ଓଗାଳିଲେ । ଅନୁରୋଧ କଲେ ବାଡ଼ାପିଟା ନ କରିବାକୁ ।

ସେପଟେ ଲୋକମାନେ କହୁଥିଲେ ଆଜିକାଲି ସବୁ ବେଲଜ୍ଜା ହେଇ ଗଲେଣି, ସିନେମା ସିରିୟଲର କୁପ୍ରଭାବ ସବୁ ଉଭଟ ଉଦ୍‌ଭ୍ରାନ୍ତ ହେଲେଣି । ଏଇ ସେଦିନ ପରା, ଆମ ବ୍ରଜ ବାବୁଙ୍କ ଘର ବୋହୁ ବା, ତିନି ତିନିଟା ଛୁଆର ମାଆ.. ଆଉ କାହା ସାଥେ ପଳେଇଗଲା, ଛି ଛି... କଳିଯୁଗ ଆଜ୍ଞା କିଏ କେଉଁ କାଳେ ଶୁଣିଥିଲା ଏଇମିତି ବିଭା ହେବା ଝିଅ ସ୍ୱାମୀ, ଶାଶୂ, ଶ୍ୱଶୁର, ପିଲା ଝିଲା ଛାଡ଼ି ଯିବାର ?

(୩)

:ହଇ ହୋ ବିଭା ହେବାକୁ ଇଚ୍ଛା ନଥିଲା ଯଦି ହେଉଥିଲୁ କିଆଁ ? ଚାଲି ଯାଆନ୍ତ ବାପ ଘରୁ ସିଧା ବାପର ନାଁ ଖାଁ'ନ୍ତ, ଏମିତି ଦୁଇ କୂଳର ନାଁ ପକେଇଦେଲୁ ଯେ ଧର୍ମ ଅଛି ?

:ଝିଅ ମାନେ ଦୁଇଘରର ଇଜ୍ଜତ ପାଇଁ ନିଜକୁ ବଳି ଦେବାର ଦେଖିଛୁ । ଆଜିକାଲି ଯୁଗ ଦେଖ, ନିଜ ସ୍ୱାର୍ଥ ପାଇଁ ଦି'ଘରର ଇଜ୍ଜତକୁ ବଳି ପକେଇ ଦେଉଛନ୍ତି ।

:କିଏ କହୁଛି ଅହଃ.. ରାମ ରାମ କାହାର ମାନସମ୍ମାନ ସହ ଖେଳିବାକୁ କିଏ ଦେଲା ୟାଙ୍କୁ ଅଧିକାର ?

:ଯାହା କୁହ ଭାଇ ଏମିତି ନିର୍ଲଜା ଗୁଡା ମରିଯିବା ଦରକାର ।

 Magazine Downloaded from www.aahwaan.com

:ଆଜ୍ଞା ବେଦ ପୁରାଣ କଣ ମିଛ ? କେଉଁ ନାରୀ ପାଦ ପଡିଲେ ଘର ସ୍ୱର୍ଗ ପାଲଟେ ତ କେଉଁ ନାରୀ ପାଦ ପଡିଲେ ଶ୍ମଶାନ ପରା..

: ଠିକ କହିଲେ ଆଜ୍ଞା, କେଉଁ ଗଛ ଶ୍ୱାସ ପାଇଁ ଅମ୍ଳଜାନ ଭରେ ତ କେଉଁ ଗଛ ନିଶ୍ୱାସ ହିଁ ବନ୍ଦ କରିଦିଏ, ଖାଇଯାଏ ଗୋଟାପଣେ ପରା ।

ଏମିତି କେତେ ଲୋକ କେତେ କଥା କହୁଥିଲେ ।

ତପନ ନିରବ ମୂର୍ତ୍ତିଟିଏ ପାଲଟି ଯାଇ ଘର ଅଗଣାରେ ହେଉଥିବା ଅଭିନବ ନାଟକ ଦେଖୁଥିଲା । ଭାବୁଥିଲା 'ଭଲ ଘାସରେ ଗାଇ କେବେ ଚରେନି' ସତ ନହେଲେ ଆମ ପରି ଅଭିଜାତ ସମ୍ପନ୍ନ ପରିବାରରେ କଳଙ୍କ ଲଗେଇ ଯିବାକୁ ଭାରନ୍ତା କି ? ଅପମାନ ବୋଧରେ ଛାତି ଭିତରଟା କୋରି ହେଇଯାଉଥାଏ ତା'ର । ମନେ ମନେ ଭାବୁଥାଏ, ଏ ଅଭିଶପ୍ତ ନାଟକର ନାୟକ ମୁଁ ହିଁ ହେବାର ଥିଲାକି ? ସଂସ୍କାର ସଂସ୍କୃତିବିହୀନ ଝିଅଟିଏ ଏକା ମୋ କପାଳେ ଥିଲା କି ? କଳ୍ପବଟ ଭାବି କାକ୍ଟସକୁ ଘରେ ସ୍ଥାପନା କରୁଥିଲୁ କି ?

ଶିକ୍ଷୟିତ୍ରୀ, ଡାବୁଗାଁ ବ୍ଲକ
ନବରଙ୍ଗପୁର

 Magazine Downloaded from www.aahwaan.com

# ବଉଳ



ସୀତାରାମ ଦାଶ

ଫଗୁଣ ଆସିନି, ହେଲେ ଚାରିଆଡ଼େ ଖାଲି ବଉଳର ମହମହ ବାସ୍ନା । ଆମ୍ବ ବଉଳ ଏହି ଆମୋଦଭରା ପରିବେଶକୁ କରିଛି ଆହୁରି ରସାଣିତ..... ପୁଲକିତ ଆଉ ଉଜ୍ଜୀବିତ । ପ୍ରକୃତିରାଣୀର ଚିରନ୍ତନ ପ୍ରେମରେ ନିଜକୁ ହଜେଇ ଦେଇଛନ୍ତି ଅନେକ ସୁନ୍ଦର ସୁନ୍ଦର ପକ୍ଷୀ ସମୂହ । କୋଇଲିର କୁହୁ ତାନରେ ମୁଖରିତ ଆମ୍ରକୁଞ୍ଜ । ପୂଜା ଅନ୍ୟମନସ୍କ ହୋଇ ଚାହିଁ ରହିଛି ଗାଁର ଶେଷମୁଣ୍ଡରେ ଥିବା ସୁନ୍ଦରୀ ଆମ୍ବଗଛକୁ । ବଉଳର ବାସ୍ନା ଆଜି ତାକୁ ଆନମନା କରିପାରୁନି । ଗଛର ଡାଳ ପତ୍ରରେ ଖାଲି ବଉଳର ମୁହଁ । ନିଜ ଅଜାଣତରେ କେଇ ଟୋପା ଲୁହ ଝରି ପଡିଲାଣି ଆଖିରୁ । ମନେ ପକାଇଛି ଅଫେରା ଅତୀତକୁ । କାଲି ପରି ଲାଗୁଛି....

ସପ୍ତମ ଶ୍ରେଣୀରେ ପଢୁଥିବା ସମୟରେ ଏଇ ଗଛମୂଳେ ଏକ ନୀରବ ଅପରାହ୍ନରେ ଜଗନ୍ନାଥଙ୍କୁ ସାକ୍ଷୀ ରଖି ଆମେ ଦୁହେଁ ବଉଳ ବସିଥିଲୁ । ଆଜୀବନ କେହି କାହା ନାଁ ନ ନେବା ପାଇଁ କରିଥିଲୁ ସଂକଳ୍ପ । ମୁଁ ତାକୁ ବହୁତ ଭଲପାଏ, ଆଉ ସେ ବି ମତେ । ତାକୁ ଦିନଟିଏ ନ ଦେଖିଲେ ମୁଁ ରହି ପାରେନି, ସେ ମୋର ସବୁ କିଛି ।

ଏକାଠି ସବୁ କାମ କରୁ, ଏପରିକି ଖାଇବା ପିଇବା, ସାଥି ହୋଇ ସ୍କୁଲ ଯିବା, ଖେଳବୁଲ ସବୁ କିଛି । କେବଳ ରାତିରେ ଶୋଇବାଟା ଛାଡିଦେଲେ କେହି ଅଲଗା କରି ପାରନ୍ତିନି ଆମକୁ । ସବୁଆଡେ ଆମରି ଚର୍ଚ୍ଚା ଆଉ ଆମ ପାଇଁ ଈର୍ଷା ।

ଧିରେଧିରେ ଆମେ ବଡ଼ ହେଲୁ, ଆମ ସମ୍ପର୍କ ଧିରେ ଧିରେ ଘନିଷ୍ଠ ହୋଇ ଚାଲିଥାଏ ।

 Magazine Downloaded from www.aahwaan.com

ସ୍କୁଲ ପରେ ଆରମ୍ଭ ହେଲା କଲେଜ ଜୀବନ । ଏବେ ଆମକୁ ଅନେକ ସମୟ ମିଳୁଥିଲା, ସାଙ୍ଗ ହୋଇ କଲେଜ ଯିବାଠୁ ଆରମ୍ଭ କରି ଆସିବା ପର୍ଯ୍ୟନ୍ତ ପାଖେ ପାଖେ ରହୁଥିଲୁ ଦୁହେଁ ।

ଖରାଦିନ ଛୁଟିରେ ବଉଳ ନିଜ ମାମୁଁଘରକୁ କିଛିଦିନ ପାଇଁ ଯିବା ପାଇଁ ବାହାରିଲା । ମୁଁ କେମିତି ବଉଳକୁ ଛାଡି ରହିବି ମନେ ମନେ ଅସ୍ତବ୍ୟସ୍ତ ହୋଇ ଯାଉଥିଲି । ବଉଳ ବି କଥା ଦେଇଥିଲା ଖୁବ ଶୀଘ୍ର ଫେରି ଆସିବ । ଗଲାବେଳେ ଆମ ଘରକୁ ଆସି ଅଧଘଣ୍ଟା ବୁଝା ସୁଝା କରି ଗଲା । ମୁଁ ବି ଶୀଘ୍ର ଆସିବାକୁ କହି ହସି ହସି ବିଦାୟ ଦେଲି ।

ବଉଳର ମାମୁଁଘର ଥିଲେ ବହୁତ ଗରିବ କିନ୍ତୁ ମାମୁଁମାଇଁ ଥିଲେ ବହୁତ ସରଳ ଆଉ ନୀରିହ । କିଛି ଦିନ ରହିବା ପରେ ବଉଳ ପୁଣି ଘରକୁ ଫେରିବାକୁ ପ୍ରସ୍ତୁତ ହୋଇଥିଲା । ମାଇଁ ଆଉ ବଉଳ ଯାଇଥିଲେ ଡ୍ରେସ କିଣିବାକୁ ପାଖ ବଜାରକୁ । ଡ୍ରେସ କିଣି ଘରକୁ ଫେରିଲା ବେଳକୁ ସନ୍ଧ୍ୟା । କିଛି ଅସାମାଜିକ ଗୁଣ୍ଡା ଶ୍ରେଣୀର ବ୍ୟକ୍ତି ଅଶାଳୀନ ବ୍ୟବହାର କଲେ ବଉଳକୁ । ବଉଳ ସେମାନଙ୍କୁ ପ୍ରତିରୋଧ କରିଥିଲା । ହେଲେ ଏକୁଟିଆ ବା କଣ କରିପାରିବ ? ସାରା ବଜାରଟି ନୀରବ, କାହାର ସାହସ ଟିକେ ନାହିଁ ଅସହାୟ ଝିଅକୁ ରକ୍ଷା କରିବାକୁ । ଗୁଣ୍ଡାମାନେ ଜଣେ ମନ୍ତ୍ରୀଙ୍କ ନିଜ ଲୋକ, ତେଣୁ ସମସ୍ତେ ନୀରବ । ଆମେ ପରା ଧୃତରାଷ୍ଟ୍ରଙ୍କ ବଂଶଧର । ଦ୍ରୌପଦୀର ବସ୍ତ୍ରହରଣ ଦେଖୁବୁ ସିନା ହେଲେ ରାଜ ନେତାଙ୍କୁ ବିରୋଧ କରିବୁନି ।

ସମସ୍ତେ ନିରବ ଦ୍ରଷ୍ଟା । ବଉଳ ଚିତ୍କାର କରୁଥାଏ, "ମତେ ଛାଡି ଦିଅ, ମତେ ବଞ୍ଚାଅ ।" ହେଲେ ପାପୀ ମାନଙ୍କର ପାଷାଣ ହୃଦୟ ଉପରେ କିଛି ବି ପ୍ରଭାବ ପଡୁ ନ ଥାଏ । ଜଣେ ବିଶାଳକାୟ ନିଶୁଆ ମଣିଷ ବଉଳକୁ ଟେକି ନେଲା କାର ଭିତରକୁ । ମାଇଁ ଲୋକଟିର ଗୋଡ଼ ଧରି ଛାଡ଼ି ଦେବାକୁ ନେହୁରା ହେଉଥିଲେ କିନ୍ତୁ ସେଇ ରାକ୍ଷସଟି ମାଇଁଙ୍କୁ ଶକ୍ତ

 Magazine Downloaded from www.aahwaan.com

ଗୋଇଠା ମାରିଥିଲା । କିଛି ଦୂରକୁ ଛିଟିକି ପଡିଲେ ମାଇଁ । ମୁଣ୍ଡରୁ ଧାର ଧାର ରକ୍ତ ଝରି ଯାଉଥିଲା । କିଛି ସମୟ ପରେ ଗାଡିଟି ଅଦୃଶ୍ୟ ହୋଇଗଲା ସମସ୍ତଙ୍କ ନଜରରୁ ।

ମାଇଁଙ୍କ ଉପରେ ଦୁଃଖର ପାହାଡ଼ ଲଦି ହୋଇଯାଇଥିଲା । ଏବେ କଣ ହେବ ବିଚାରି ଝିଅଟିର ? ତା ସହିତ କଣ କରିବେ କାମନ୍ଧ କ୍ରୁର ନରରାକ୍ଷସ ମାନେ ? ନିଜ ହାତରେ ମୁଣ୍ଡର ରକ୍ତକୁ ପୋଛି ଘରକୁ ଆସିଥିଲେ ମାଇଁ । ମାଇଁକୁ ଦେଖି ସାହିପଡ଼ିଶା ତାଟିକବାଟ ଦେଇ ଦେଇଥିଲେ । ସତେ ଯେପରି ବିରାଟ ଭୁଲ କରିଛନ୍ତି ମାଇଁ । ଘଟଣାଟି ପବନ ବେଗରେ ଖେଳିଗଲା ଚାରିଆଡେ । ମାମୁଁ ଦୌଡି ଆସିଲେ ଘରକୁ, ମାଇଁଙ୍କ ନିକଟରୁ ସବୁ ଶୁଣି ପଥର ପାଲଟି ଯାଇଥିଲେ । ଏବେ କଣ ହେବ ? ଶେଷରେ ବେସାହାରା ପରିବାରଟି ନିକଟସ୍ଥ ଥାନାରେ ଜାଣଇ ଥିଲେ କିନ୍ତୁ ଥାନା ଅଧିକାରୀ କହିଥିଲେ, ଯାଅ ସକାଳୁ ଆସିବ । ବଡ଼ବାବୁ ନାହାଁନ୍ତି ।

ମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ବି.ଡ଼ି.ଓ. କିଛି କଣ୍ଟ୍ରାକ୍ଟର ଏବଂ କିଛି ପୋଲିସ ସମସ୍ତେ ମିଶି ପଳପଳ କରି ବଉଳର ଶରୀର ସହିତ ଖେଳିଲେ । ଶେଷରେ ରକ୍ତାକ୍ତ ହୋଇ ବେହୋସ ହୋଇ ପଡିଲା ନିରୀହ ଝିଅଟି । ନିଜର ପାପ ଲୀଳା ସରିବା ପରେ ସମସ୍ତେ ମିଶି ଗାଁ ମୁଣ୍ଡ ପୋଖରୀ ନିକଟରେ ଫିଙ୍ଗି ଚାଲି ଯାଇଥିଲେ । ଗାଁରେ କକୁଆ ଭୟ, ଘଟଣାଟି ସାରା ରାଜ୍ୟରେ ଚାଂଚଲ୍ୟ ସୃଷ୍ଟି କରିଥିଲା । ବଉଳ ନିଜ ଜୀବନ ସହ ସଂଘର୍ଷ କରି ଶେଷରେ କୋମାକୁ ଚାଲିଯାଇଥିଲା । ଏତେ ପରେ ବି ଅପରାଧୀମାନେ ରାଜରାସ୍ତାରେ ଛାତି ଫୁଲେଇ ବୁଲୁଥିଲେ । କିଏ କହିବ ? ଆପେ ବଞ୍ଚିଲେ ବାପର ନା ।

ଏ ଘଟଣାରେ ପୋଲିସ ତତ୍ପରତା ଦେଖାଇ ନ ଥିଲା । କେସ କେବଳ କାଗଜ କଲମରେ ଚାଲିଥିଲା । ଅନେକ ଦିନ କୋମାରେ ରହିଲା ପରେ ଡାକ୍ତର ଗୋଟେ

 Magazine Downloaded from www.aahwaan.com

ଇଂଜେକସନ ଦେଇଥିଲେ ବଉଳକୁ । ଏହାର କିଛି ମୁହୂର୍ତ୍ତ ପରେ ବଉଳ ଚାଲିଯାଇଥିଲା ଏ ଦୁନିଆ ଛାଡ଼ି । ସବୁ ଦିନ ପାଇଁ ନୀରବ ହୋଇ ଯାଇଥିଲା ଏକ ଅବଳାର କରୁଣ କାହାଣୀ । ଲିଭି ଯାଇଥିଲା ଏକ କୁଆଁରୀ କନ୍ୟାର ଅସ୍ମିତା । ତାଠାରୁ ଛଡେଇ ନେଇଥିଲେ ବଞ୍ଚିବାର ନ୍ୟାଯ୍ୟ ଅଧିକାର । ଦୁର୍ବଳର ପ୍ରତିବାଦକୁ ପାଦରେ ଦଳିଦେଲେ ସମାଜର ବଡ଼ ପଣ୍ଡା ମାନେ ।

ଅନେକ ବର୍ଷ ପରେ ଉଚ୍ଚ ନ୍ୟାୟାଳୟରୁ ବିଚାର ଆସିଲା "ପ୍ରମାଣ ଅଭାବରୁ ସମସ୍ତ ଅଭିଯୁକ୍ତ ମାନଙ୍କୁ ନିର୍ଦ୍ଦୋଷ ରେ ଛାଡି ଦିଆଗଲା ।" ଅନେକ ଲୋକ ଦେଖାଣିଆ ସମବେଦନା ଆସିଥିଲା ଚାରିଆଡୁ । ରାସ୍ତାରୋକଠୁ ଆରମ୍ଭ କରି ଅନେକ ପ୍ରତିବାଦ କରାଯାଇଥିଲା । ଆଉ ଅଭିଯୁକ୍ତ ମାନେ ଖୁସି ମନାଇଥିଲେ ଅପୂର୍ବ ଆନନ୍ଦରେ । ରାଜନେତା ଜଣଙ୍କ କହିହେଉ ଥିଲେ "ଆଇନ ସମସ୍ତ ପାଇଁ ସମାନ । କ୍ଷୀର କ୍ଷୀର, ପାଣି ପାଣି । ଦଶ ଜଣ ଦୋଷୀ ଖସି ଯାଆନ୍ତୁ କିନ୍ତୁ ଜଣେ ନିଦୋଷୀ ଦଣ୍ଡ ନ ପାଉ ।"

ସନ୍ଧ୍ୟାରେ ଘୋଟି ଆସିଲାଣି । ପୂଜା ଏକ ଲୟରେ ଚାହିଁ ରହିଛି ଆମ୍ବ ଗଛକୁ । ପଛ ପଟୁ ବୋଉ ଡାକ ପକାଇଲେ ଝିଅପିଲାଟା ଏକୁଟିଆ କଣ ଏଠି କରିଛୁ । ଘରକୁ ଚାଲ, ତତେ କେତେ ଖୋଜିଲୁଣି ଆମେ । ପୂଜା ଆଖିର ଲୁହକୁ ହାତରେ ପୋଛି ଘରକୁ ଫେରିଲା ।

ବି.ଦ୍ର. : କିଛିଦିନ ପରେ ନେତାମାନଙ୍କ ପାଇଁ ଅପରାଧ କରିବା, ଧର୍ଷଣ ଏବଂ ହଣାକଟା ଇତ୍ୟାଦିରୁ ତୁରନ୍ତ ମୁକ୍ତି କରିବା ପାଇଁ ଆଇନ ତିଆରି କରାଯିବ କାରଣ ଆଇନର ହାତ ବହୁତ ଲମ୍ବା

 Magazine Downloaded from www.aahwaan.com

# ମୋ କଲମ କାନ୍ଦୁଥିଲା



ଅଙ୍କିତା ପାଢ଼ୀ

ସତ କହିବାକୁ ଗଲେ ମୋର ଲେଖା ଆପଣଙ୍କୁ ଭଲ ଲାଗେ କି ନାହିଁ ! ମୁଁ ତ ଜାଣିନି । ତଥାପି ବେଳେ ବେଳେ ମୋ କଲମ କାନ୍ଦି କାନ୍ଦି କହେ, ଖୁସି (ମୋ ଡାକ ନାମ) ତୁ ଲେଖିଚାଲ ତୋ ଉପରକୁ ନିଶ୍ଚୟ ଶାରଳାଙ୍କ କୃପା ଦୃଷ୍ଟି ଆସିବ ଆଉ ଦିନେ ନା ଦିନେ ତୁ ନିଶ୍ଚୟ ଜଣେ ଲେଖିକା ଆଉ କବି ଆସନରେ ବସିଥିବୁ । ହଁ ଯେ ନିଶ୍ଚୟ ମୁଁ ଲେଖି ଚାଲିବି ଭଲ ପିଲା ମଧ୍ୟ ହେବି । ଏକଗ୍ରତା, ନିଷ୍ଠା, ଦୃଢ଼ ପରିକଳ୍ପନାର ଅଭ୍ୟାସ ହିଁ ଜଣଙ୍କୁ ଶିଖର ପହଞ୍ଚାଇ ଦେଇଥାଏ । ମୋ ମଧ୍ୟରେ ଏମିତି କଣ କଳା ଦେଖିଛନ୍ତି ମୋ ଗୁରୁଜୀ (ମହେଶ୍ୱର ସାହୁ), କୁହନ୍ତି ତମେ ଜଣେ ଲେଖିକା ହେବ । ହଁ ସତରେ ମୋ ଶିକ୍ଷକଙ୍କୁ ମୁଁ ବହୁତ ଭକ୍ତି, ସମ୍ମାନ ଓ ଆଦର କରିଥାଏ । ମୋ ବାପା ଆଉ ମାଆ ମଧ୍ୟ ମୋ ଲେଖା ପଢିଲେ ବହୁତ ଖୁସି ହୁଅନ୍ତି । ମୁଁ ଜଣେ ଷଷ୍ଠ ଶ୍ରେଣୀର ଛାତ୍ରୀ । ମୋ ଲେଖା ଓଡିଶାବାସୀଙ୍କୁ ପସନ୍ଦ ଆସୁଛିକି ନାହିଁ । କିନ୍ତୁ ଆପଣମାନଙ୍କ ଆଶୀର୍ବାଦ ମୋର କାମ୍ୟ । ମୁଁ ଶପଥ କରୁଛି ଆପଣମାନଙ୍କ ପାଖରେ ଆଉ ମୋ ବାପାମାଆ ଶିକ୍ଷକଙ୍କ ପାଖରେ ଯେକି ମୁଁ ନିଶ୍ଚୟ ଜଣେ ଭଲ ଲେଖିକା ଓ କବିର ପରିଚୟ ନେବି । ତା ସହିତ ମନଦେଇ ପାଠ ପଢିବି ।

ଗୋଟେ ସତ କଥା କହିବି ! ଶୁଣନ୍ତୁ ମୋ କଲମ ଆଗରୁ କାନ୍ଦୁ ନଥିଲା, କିନ୍ତୁ ଏବେ କଣ ହେଇଛି କେଜାଣି ଏବେ ଯଦି ମୁଁ ଗୋଟେ ଦିନ ଟିକେ କିଛି ମୋ ନିଜ ପାଠ ହେଉ କି ଲେଖା ଲେଖି ହେଉ ନ କଲେ ବହୁତ ଭୋ ଭୋ ହେଇ କାନ୍ଦୁଛି । ମୋ କଲମ ମୋର ବହୁତ ଗେହ୍ଲା

 Magazine Downloaded from www.aahwaan.com

ହେଇଗଲାଣି । ଟିକେ ଛାଡିଦେଲେ କି ଦୁରେଇ ରହିଲେ ସେ ମୋ ସ୍ୱପ୍ନରେ ବାରମ୍ବାର ଆସୁଛି । ଯେମିତି ଭୋ ଭୋ ହୋଇ କାନ୍ଦୁଛି ।

ମୁଁ ଏମିତି କେମିତି ତୋତେ ଛାଡ଼ିଦେବି କହିଲୁ ? ମୋ ମାଆ କୁହନ୍ତି କଲମର ଯିଏ ପ୍ରିୟ ସେ ରାତି ଦିନ ପଢେ । ସତରେ ମୋ ମାଆ (ପୁଷ୍ପିତା ପାଢ଼ୀ) ବହୁତ ସ୍ନେହମୟୀ । ସ୍ନେହୀ ମାଆ ମୋର; କେଉଁ ପୁଣ୍ୟ ବଳରେ ମୋ ମାଆର କୋଳମଣ୍ଡନ କରିଛି ମୁଁ ଜାଣିନି । କିନ୍ତୁ ସବୁବେଳେ ମୋତେ ପଢ଼ ପଢ଼ କହି ରଖେଇ ଦିଏନି । ଟିକେ ନ ପଢ଼ିଲେ କହିବ ରହ ସାରଙ୍କୁ ଫୋନ କରୁଛି । ମୁଁ ତ ସାରଙ୍କ କଥାମାନେ ଆଉ ବହୁତ ମଧ୍ୟ ଡରେ । ଆପଣ ଜାଣନ୍ତି ବହୁତ ବାଡ଼ାନ୍ତି ପାଠ ନ କରିଥିଲେ । ହେଲେ ମୋତେ ବହୁତ ସ୍ନେହ କରନ୍ତି ।

ଆଉ ଗୋଟେ ମୋର ମନର କଥା କହିବି । ମୋ ବିଦ୍ୟାଳୟରେ ମୋତେ ବହୁତ ବହୁତ ଭଲ ପାଆନ୍ତି ଆମର ଲିଲି ମ୍ୟାଡାମ(ଗୁରୁମା) ବହୁତ ସ୍ନେହମୟୀ ଆମର ସେ । ସବୁ ଛାତ୍ର ଆଉ ଛାତ୍ରୀମାନଙ୍କୁ ବହୁତ ସ୍ନେହ ଆଉ ଆଦର କରିଥାନ୍ତି । ସତରେ ବିଦ୍ୟାଳୟ ଯିବାଠାରୁ ମୁଁ ତାଙ୍କର ରାଗ ଆଉ ଅଭିମାନ କେବେ ବି ଦେଖିନି ।

ଆଉ ଗୋଟେ କଥା ଜାଣନ୍ତି ମୋ ବାପା(ରଞ୍ଜନ ପାଢ଼ୀ) ବାହାରେ ମାନେ ଓଡିଶା ବାହାରେ ରୁହନ୍ତି । ସେ ମାସରେ ଥରେ ଦୁଇଥର ଘରକୁ ଆସନ୍ତି ଆଉ ଘରକୁ ଆସିଲେ ଆମେ ଭାଇ(ଆୟୁଷ ପାଢ଼ୀ) ଗୁଡୁ ଡାକେ ଭଉଣୀ ଦୁଇଜଣଙ୍କ ମଜା । କଲମ ବିଶ୍ରାମ ନେଇ ନିଏ । ସେଇ କିଛି ଦିନ କଲମ ପାଇଁ ବିଶ୍ରାମ । ଯେତେ କାନ୍ଦୁଥିଲେ ବି ମୋ କଲମ ଆମେ ଦୁଇ ଜଣ ଶୁଣିବାର ନାଁହି ।

ଆପଣ ମାନେ ଆଶ୍ଚର୍ଯ୍ୟ ହେଉଥିବେ କଲମ କଣ କାନ୍ଦେ । ହଁ ଆଜ୍ଞା କଲମ ବହୁତ କାନ୍ଦେ । ଆଉ ଯିଏ କଲମର କାନ୍ଦ ଶୁଣିପାରେ ସେ ହେଉଛି ତ ଲେଖକ ଆଉ ଲେଖିକା ।

 Magazine Downloaded from www.aahwaan.com

କିନ୍ତୁ ସତ କଥା ଆଜିର ଦୁନିଆ ଏମିତି ଯେକି କିଛି କଳୁଷିତ ଲୋକ ଅଛନ୍ତୁ, ସେମାନେ ସଜ ମାଛରେ ପୋକ ପକେଇ ଦେବେ । ଆଉ ସବୁବେଳେ ହାତେ ମାପି ଚାଖଣ୍ଡେ ଚାଲିବା ନୀତି ଧରିଲେ ଦୁନିଆରେ ଚଳିବା ସହଜ ହୋଇଥାଏ ।

ସତ କହୁଛି ଆପଣ ବି ଅନୁଭବ କରିବେ ଯେକି ୟେ ଦୁନିଆ ଯେତେ ଆଗକୁ ବଢୁଛି, ଲୋକଙ୍କର ଚିନ୍ତା ଧାରା ସେତେ ନିମ୍ନ ମାନରେ ତଳକୁ ଖସି ଯାଉଛି । ଝିଅଟିଏ କାହାକୁ ଅନେଇ ହସିଦେଲେ ଲୋକେ ତା ବାପା ମାଆ ଆଉ ଅନ୍ୟ ଆପଣାର ଲୋକଙ୍କ ପାଖରେ କେତେ କଣ କହି ଦିଅନ୍ତି ଯାହାକି ଆପଣ ଭାବି ପାରିବେନି । ହେଲେ ଆମେ ହିମ୍ମତ ନ ହରାଇ ନିଜ ଲକ୍ଷ ପଥରେ ଆଗେଇ ଚାଲିବା । ଆଉ ନିଜ ବାପା ଆଉ ମାଆଙ୍କର ସ୍ୱପ୍ନ ସାକାର କରିବା ହେଉଛି ମୋର କଲମ ମାଧ୍ୟମରେ ନୂତନ ଦିଗନ୍ତର ଆହ୍ୱାନ । ଆଜି ଏତିକି ଲେଖିଲି ଆଉ ପୁଣି ଥରେ ଆଗକୁ ମୋର ଲେଖା ପଢିବେ ଓ ଆପଣ ମାନଙ୍କର କୁନି ଭଉଣୀ ଓ ଝିଅଙ୍କୁ ନିଷ୍ଚୟ ଆଶୀର୍ବାଦ କରିବେ କମନାରେ..... ମୁଁ

ଷଷ୍ଠ ଶ୍ରେଣୀ, ଜେନିଥ ଇଂରାଜୀ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀ ।

ଗଗନବାବୁ ଛକ, ଏଡ଼ତାଳ, ଭଦ୍ରକ

 Magazine Downloaded from www.aahwaan.com

# କବିତା ବିଭାଗ

 Magazine Downloaded from www.aahwaan.com

# ରାଧିକା ବଜାଏ ଘୁଙ୍ଗୁର



ରାମ ପ୍ରସାଦ ସିଂହ

ବାଜୁଛି ଘୁଁଘୁଁର, ଝୁମୁଛି ରାଧିକା
ନାଚୁଛି ଗୋପଦାଣ୍ଡ
ଶୁଭୁଛି ମୁରଲୀ, ହସୁଛି ମୋହନ
ଦେଖୁଛି ଯମୁନାଘାଟ ;
ଘୁଁଘୁଁର ସାତ ସୁରେ, ଶ୍ୟାମର ପ୍ରେମରେ
ପ୍ରଣୟ ସାଥିରେ
ଭାବନା ସାଗରେ, ସ୍ୱପ୍ନର ଝରରେ
ରାଧିକା ଝୁମେରେ ;
ଆହା ସେ ସୁନ୍ଦରୀ
ଶ୍ୟାମର ମନ ନିତି କରେ ଚୋରି ;
ଘୁଙ୍ଗୁର ଧ୍ୱନି ତାଳେ ତାଳେ
ଶ୍ୟାମର ପ୍ରେମ ହୁଏ ମଧୁର
ରାଧିକା ହୁଏ ସତେ ମନେ
ଭାବର ସମୁଦ୍ରରେ ଆତୁର ;

ସୁକରପଡା, କଟକ

 Magazine Downloaded from www.aahwaan.com

# ହସି ହସି ଜୀଇଁଯାଅ



ଅନିଲ୍ କୁମାର

ସଂଶୟ ଦୋଛକିରେ..
ମଣିଷ ଜୀବନ ନିତି ହେଉଥାଏ ଘାଣ୍ଟି
ଛଳନା ରଶିରେ ଚିପି ହୋଇଯାଏ ତଣ୍ଟି ,
ଚିଲ ଶାଗୁଣାଏ ଚାହିଁ ରହିଛନ୍ତି
ହାଡ଼ମାଂସକୁ ଖିନଭିନ୍ କରି ଖାଇଯିବା ପାଇଁ ବାଣ୍ଟି ।।

କାଣିଚାଏ ସୁଖ,ଶାନ୍ତି ଟିକିଏ ପାଇବାର ଲାଳସାରେ ,
ନିତି ପ୍ରତିଦିନ ଧାଇଁବାକୁ ହୁଏ ଦୁଃଖର ନଈ ତୀରେ..
ବିଷ ପାଦପରେ ଅମୃତ କଣା ସିଞ୍ଚି ,
ଚାଲିବାକୁ ହୁଏ ଆଗକୁ ଆଗକୁ ହସର ଫୁଆର ବିଞ୍ଚି ।।

ସ୍ୱାର୍ଥୀ ଦୁନିଆ ଯହିଁ ଦେଖ ତହିଁ ସ୍ୱାର୍ଥପରତା ଦିଶେ
ମଣିଷ ଜୀବନ ବନ୍ୟା ପ୍ଲାବନେ କୁଟା ଖିଅକରେ ଭାସେ
କିଏ ଅବା କାହା ପାଇଁ ,
କାହା ବିଷୟରେ ଭାବିବାକୁ ତିଳେ ସମୟ କାହାର କାଇଁ.. ? ?
କେହି ଆସିବଇଁ ନାଇଁ ,

 Magazine Downloaded from www.aahwaan.com

ଉତ୍ତରୀୟରେ ଲୋତକ ଧାରାକୁ ତୁମ ପୋଛି ଦେବାପାଇଁ ।।

ଜୀବନ କହିଲେ ଏନ୍ତୁଡ଼ି ଶାଳୁଁ ମଶାଣୀର ଜୁଇ ଯାଏ
ମୁଠାଏ ପାଉଁଶ ଶେଷ ସନ୍ତକ ହାଏ
ବୁଝିବାକୁ ତାକୁ ଇଛିଲେ ତୁମେ ଅତୀତକୁ ଫେରିଯାଅ
ଜିଇବାକୁ ହେଲେ ବର୍ତ୍ତମାନରେ ଛିଡା ହୋଇକରି
ହସିହସି ଜୀଇଁଯାଅ.... ।।

ଭ୍ରାମ୍ୟଭାଷ : ୯୩୩୭୩୪୫୫୧୬

Magazine Downloaded from www.aahwaan.com

# ସରସ୍ୱତୀ ବନ୍ଦନା



କ୍ଷମାନିଧି ସାହୁ

ଜୟ ମା'ଗୋ ବାଣୀ, ପଦ୍ମେ ବୀଣାପାଣି
ଶୁଭେ ଆସ ଅବତରି
ପୁଲକିତ ହେଉ ବୀଣାର ଝଙ୍କାର
ହୃଦେ ଶାନ୍ତି ଯାଉ ଭରି.. ୧

ମା'ଗୋ ଭଗବତୀ ଏ ପଞ୍ଚମୀ ତିଥି
ମାଘମାସ ଶୁକ୍ଳପକ୍ଷ
ତବ ଆଗମନେ ମଳୟ ପରସେ
ସୁଗମ କର ମା' ଲକ୍ଷ୍ୟ... ୨

ଆଗୋ ମା ଶାରଦା ହଂସେ ବିରାଜିତା
ସୁଶୋଭିତ ତବ ମୂର୍ତ୍ତି
ଘେନ ନିବେଦନ ଭକତି ଆମର
ଦେଖାଅ ମା' ଦିବ୍ୟ ଜ୍ୟୋତି... ୩

ଆହେ ବାଗୀଶ୍ୱରୀ ଶ୍ୱେତ ପାଟଧାରୀ
ପଙ୍କଜ ପ୍ରସୂନେ ଉଭା
ଅନଭିଜ୍ଞ ଶିରେ ଜ୍ଞାନ ସଂଚାର ମା'
ସତ୍ୟରେ ଦର୍ଶାଇ ଶୋଭା... ୪

ତୁହିଁ ବାଗଦେବୀ ବିଦ୍ୟା ପ୍ରଦାୟିନୀ
ଯଦି ତୋର କୃପାହୁଏ
ମୂର୍ଖ କାଳିଦାସ ପଣ୍ଡିତ ବୋଲାଏ
ପଙ୍କରେ ସରୋଜ ଫୁଟେ... ୫

ବ୍ରହ୍ମାଙ୍କର ସୂତା ସରସ୍ୱତୀ ମାତା
ବିଦ୍ୟା, ବୁଦ୍ଧି ଦିଅ ମତେ
ଜଳାଇ ଦିଅ ମା' ଜ୍ଞାନର ପ୍ରଦୀପ
ଶରଣ ତୋ ପାଦଗତେ... ୬

ଜାମପାଲି, ମେଲଛାମୁଣ୍ଡା, ବରଗଡ଼
୭୦୭୭୦୫୯୩୪୯

Magazine Downloaded from www.aahwaan.com

# ନୁଆଁଣିଆ ଚାଳଘର



ରଜୀତ ଦାସ

ନୁଆଁଣିଆ ଚାଳ ଘର
ଦିକ ଦିକ ଜଳୁଥିଲା
ଡିବିରି ଆଲୁଅ ।
ବୁଢ଼ୀ ମା ଗପୁଥିଲା
ବୁଢ଼ୀ ଅସୁରୁଣୀ ଠୁଁ ନେଇ
ଚିରୁଗୁଣି ପିତାଶୁଣି ଓ
ଗାଁ ଶେଷମୁଣ୍ଡ
ରାଧୁଆ ମାଇପ
ସାଜୁଥିବା କଞ୍ଚାଡାହାଣୀ ପର୍ଯ୍ୟନ୍ତ ।

ଠିକ ସେତିକି ବେଳେ ଶୁଭୁଥିଲା
ଉତ୍ତମ ଚୌକିଦାରର ପିତଳ
ସମା ଲଗା ନାରୁଗୁଣି ବାଡିର
ଠକ ଠକ ଆବାଜ ଓ
ମଝିରେ  ମଝିରେ
ଆରେ ହୋ ହୁସିଆର ଡାକ ।

ଭୀତତ୍ରସ୍ତ ହରିଣୀଟି ପରି
ଜାକିଜୁକି ହେଉଥିଲୁ
ବୁଢ଼ୀ ମା ର ପଣତ କାନିରେ ।

ଏବେ ଏବେ ଦିନ ଆଉ
ରାତି ବି ସମାନ
ଚକଚକ ଆଲୁଅରେ ଭରା
ଚାରିଆଡେ ମଦ୍ୟପ ଙ୍କ ଆଡା
ନାହାନ୍ତି ସେ ଚିରୁଗୁଣି
ଆଉ ପିତାଶୁଣି
ନାହିଁ ବି ସେ ବୁଢ଼ୀ ଅସୁରୁଣୀ

ଏବେ ଖାଲି ଜୀବନ୍ତ ପିଶାଚ
ଖେଳୁଛନ୍ତି ରକ୍ତ ଆଉ

 Magazine Downloaded from www.aahwaan.com

କଅଁଳ ମାଂସ ରେ

ନାହିଁ ଆଉ ବୁଢ଼ୀ ମା ପଣତ

ହଜିଛି ସେ ସୁନ୍ଦର ଅତୀତ

ମଣିଷ ତ ଭୟଭୀତ ଏଠି

ଶାସକ ଓ ପ୍ରଶାସକ ଡରେ

ବୋଧ ହୁଏ ଭଲ ଥିଲି


ମୋର ସେଇ ନୁଆଁଣିଆ ଚାଳ ଘରେ ।

ସିଙ୍ଗିଟାଳି, କୁଜଙ୍ଗ, ପାରାଦୀପ

୮୨୪୯୩୦୯୪୬୦

 Magazine Downloaded from www.aahwaan.com

# ନାରୀ



ଶୁଭଲକ୍ଷ୍ମୀ ଦାସ

ସଂସ୍କାର ସ୍ମରଣେ ଲଜ୍ଜା ନିବାରଣେ,
ଲୋତକ ଝରଣା ତୀରେ
ଲକ୍ଷେ ଦୁଃଖ ପାନ କରି ମହାନ ସେ,
ସର୍ବଂସହା ନାମେ ଖ୍ୟାତ....
ହେ ନାରୀ !!!!
ତୋର ଚରଣେ ଶତ ପ୍ରଣିପାତ ।

ଭୃଣରେ ସନ୍ତାନ କନ୍ୟା ହେଲେ ଜ୍ଞାତ,
ଶତୃ ଯେ ହୁଅନ୍ତି ଆପଣାର ଲୋକେ....
ବୁଦ୍ଧି ଭ୍ରଷ୍ଟ ହୁଏ ରାକ୍ଷସ ପରାଏ,
ଜୀବହନ୍ତା ପାଲଟି ଯାଆନ୍ତି ତ୍ୱରିତ ।

କନ୍ୟା, ଭଗ୍ନୀ, ଜାୟା, ମାତା ରୂପରେ ତୁ,
ହିଂସା ଦ୍ୱେଷକୁ ବି ଏକା ସହ୍ୟ କରୁ ।
ଯେଉଁମାନେ ତୋତେ ପୂଜନ୍ତି ଶରତେ....
ସ୍ୱାର୍ଥସାଧନ ଛଳରେ କରିପାରନ୍ତି ଅପମାନିତ ।

 Magazine Downloaded from www.aahwaan.com

ଅତ୍ୟାଚାରର ପ୍ରଭାବ, ଯୁଗେ ଯୁଗେ ରହିଛି ପ୍ରମାଣ,
ତୋ ପାଇଁ ରଚିତ ମହାକାବ୍ୟ ରାମାୟଣ ।
ତୋ ଅପମାନ ଲାଗି ହେଲା ଯେ ମହାଭାରତ....
ତଥାପି ଅବୋଧ ମାନବ ଭ୍ରାନ୍ତଧାରାରେ କବଳିତ ।

ସାକ୍ଷୀ ଯେ ଇତିହାସ ନାରୀ ଯେବେ ଜଳେ ଧୈର୍ଯ୍ୟର ବହ୍ନିରେ,
ଲୀନ ହୁଏ ସମଗ୍ର ସୃଷ୍ଟି ପ୍ରଳୟ କୋଳରେ ।
ପ୍ରତିଶୋଧର ଦାବାଗ୍ନୀ କରାଳ ପ୍ରକୋପ ହେବା ପୂର୍ବରୁ ରୂପାୟିତ,
ସାବଧାନ ସାଧୁଗଣ !!!!
ସତୀ ରୂପୀ ସର୍ବଂସହା ନାରୀ ମହିମା ସର୍ବବିଦିତ ।

ସିଡିଏ, ସେକ୍ଟର - ୦୭,
କଟକ - ୭୫୩୦୧୪

 Magazine Downloaded from www.aahwaan.com

# ମହାନିର୍ବାଣ



ସୁବ୍ରତ କୁମାର ଜେନା

ଶୁଣ ଥରେ ମୋର ହେ ଆଗନ୍ତୁକ ?

ମୋ ହୃଦୟର ବେଦନା କଥା.

ପ୍ରତୀକ୍ଷା ମୋ ଶହ ଶହ ବର୍ଷର

ତୁମେ ଆସ ?

ତୁମେ ଥରୁଟିଏ ହେଲେବି ଆସ.

ତୁମରି ପାଦର ସ୍ପର୍ଶରେ ପବିତ୍ର ହୋଇ ଯାଉ

ମୋର ଏ ଅଭିଶପ୍ତ ଜୀବନ ମଞ୍ଚ

ତୁମରି ପ୍ରତୀକ୍ଷା ଯେ ଏତେ ଲମ୍ବା !

ତାହା ମୁଁ ପାରିନଥିଲି କରି କଳନା

ହୁଏତ ମୋ ତପସ୍ୟା ପାରିନି କରି ସନ୍ତୁଷ୍ଟ ତୁମକୁ

ନ ହେଲେ କଣ ପାଷାଣୀ ରୁ ମୁକ୍ତି ପାଇଥାନ୍ତା ଅହଲ୍ୟା ?

ହୁଏତ ତା ପରି ମୋ ତପସ୍ୟାରେ ନାହିଁ ଏକାଗ୍ରତା

ତଥାପି ମୁଁ କରିଚାଲିଛି ପ୍ରତୀକ୍ଷା ତପସ୍ୟା ପରି

ତୁମେ ମୋ ତପସ୍ୟା କୁ ଅଘୋର୍ ନାମ ଦେଇପାର

ଯାହାର ଅନ୍ତ କେବେ ମୁଁ ଜାଣେନା

କିନ୍ତୁ ମୁଁ ଘୋର ଆଶାବାଦୀ

 Magazine Downloaded from www.aahwaan.com

ଖୁବ୍ ଶୀଘ୍ର ପାଇବି ମୁକ୍ତି ଏଇ ନର୍କରୁ

ସମସ୍ତେ ତ ଆସନ୍ତି ଆଉ ଚାଲିଯାଆନ୍ତି

ମାତ୍ର ମୁଁ ଯେଉଁଠି ଥିଲି ଆଜିବି ସେଇଠି

ଯାହା ଖାଲି ଝୁଲୁଛି ବାଇଆ ବସା ଭଳି

ଶୂନ୍ୟରେ ହଳା ହଳ ଭରା ପାପର ମହା ଶୂନ୍ୟରେ

ବାସ୍ !ଖାଲି ଅପେକ୍ଷା ଗୋଟେ ମହଜାଗତିକ ଦୃଶ୍ୟର

ସମସ୍ତେ ତ ମହାପ୍ରଭୁ ଶ୍ରୀରମ ହୋଇପାରିବେନି

ଯିଏ ମୋତେ ଦେଇପାରିବେ ମୁକ୍ତି

ଏଇ ନର୍କର ଜୀବନରୁ.........

ଯାଜପୁର, ଓଡ଼ିଶା

୯୭୭୬୨୦୮୯୩୦

 Magazine Downloaded from www.aahwaan.com

# ମାନସୀ



ରମେଶଚନ୍ଦ୍ର ବେହେରା

ଛୋଟିଆ ଝିଅ ସେ ଚଗଲି ମନଟେ
ନାମଟି ତାର ମାନସୀ
ଭାରି ଭଲ ଲାଗେ ଧରି ନେଲେ ତାକୁ
ହୋଇଯାଏ ଭାରି ଖୁସି ।(୧)

ସକାଳୁ ସକାଳୁ ଡାକି ଦେଲେ ତାକୁ
ଆସିଥାଏ ଧାଇଁ ଧାଇଁ
ଟଣା ଟୁଣୀ ହେଉ ଆମେ ଦୁଇ ଜଣ
ତା ସାଥେ ଖେଳିବା ପାଇଁ ।(୨)


ବଡ଼ ସାନ ନୁହଁ ସଭିଙ୍କ ସାଥିରେ
ଖେଳିଥାଏ ମିଳିମିଶି
କୋମଳ ହୃଦୟ ଭଲ ଲାଗେ ସେତ
ଯାଏନା କେବେ ସେ ରୁଷି ।(୩)

ଖିଲି ଖିଲି ହସ ଆନନ୍ଦ ଲାଗଇ
କେହି ନାହାନ୍ତି ତା ପରି
ଦିନ ଯାକ କଷ୍ଟ ଭୁଲି ଯାଉ ଆମେ
ତାହାକୁ କୋଳରେ ଧରି ।(୪)

ବାଟୀ, ସିମୁଳିଆ, ବାଲେଶ୍ୱର
ଭ୍ରାମ୍ୟଭାଷ : ୯୯୫୮୩୭୫୫୨୯

 Magazine Downloaded from www.aahwaan.com

# ରେଡ୍ ୱାଇନ୍



ସୌମ୍ୟରଞ୍ଜନ୍ ପାଲ୍

ନିଶା ଧରିଯାଏ  ଗୋଟେ ଚାହାଣୀରେ
ମାଦକଠୁ ଭୟଙ୍କର ,
ଶିରା ଧମନୀରେ  ଖେଳେ ଶିହରଣ
ଉତ୍ତେଜନା ଶୁଭଙ୍କର  ।
ଚିରୁଣୀର ହାତେ  ବାରୁଣୀର ସ୍ନାନ
ଓଦା ହେଇଯାଏ ଦେହ ,
ବେଗେ ଚଲା ପାଦ  ଶିଥିଳ ହୁଅଇ
ଲାଜ ସରସର ମୁହଁ  ।
ସୁନେଲି ଆଭାର  ସୂରୁଜ କିରଣ
ରଙ୍ଗ ଢ଼ାଳିଦିଏ ମନେ ,
ସଫଳ ସିନେମା  ନୂଆ କାରନାମା
କହିଯାଏ କାନେ କାନେ  ।

ପବନ ସାଥିରେ  କଥା କହେ ପୁଣି
ନଜର ତ କାଢ଼ିନିଏ ,
ଅଫୁରନ୍ତ ସେଇ  ଉଲ୍ଲାସ ଭିତରେ
ଆବେଦନ ବାଢ଼ିଦିଏ  ।
ଅଇନା ଆଗରେ  ଅବୟବ ଥିଲେ
ନିଜ ପାଇଁ ଆଣେ ଖୁସି ,
ଦୁନିଆଁ ଆଗରେ  ଦରଶନ ଦେଇ
ବାସ କିଣେ ପରଦେଶୀ  ।

ଗ୍ରା/ପୋ:- ବଡ଼ଶୋଳ, ଝାରପୋଖରିଆ,
ମୟୁରଭଞ୍ଜ
୭୫୭୦୮୬, ଓଡ଼ିଶା
ଭ୍ରାମ୍ୟଭାଷ : ୯୯୩୭୮୮୯୮୩୩

 Magazine Downloaded from www.aahwaan.com

# ମୁଁ ଯଦି ହଜିଯାଏ



ଜ୍ଞାନରଞ୍ଜନ
ମହାରଣା

ମୁଁ ଯଦି ହଜିଯାଏ
ଓଲଟାଇବନି ଫର୍ଦ୍ଦ
ପଢିବନି ଅନାଲୋଚିତ ଗଳ୍ପ
କାରଣ ମୁଁ ଏକ ବାଜେ ଅଧ୍ୟାୟଟିଏ ତୁମ  ଜୀବନ ବହିରେ
ଅଶାନ୍ତ ହୋଇପାରେ ତୁମର ପ୍ରଶାନ୍ତ ଭାବନା,
ଅନାବୃତ ହେଲା ପରେ ।

ମୁଁ ଯଦି ହଜିଯାଏ,
କହିବନି ଆହା ପଦେ
ମୋ ଚାରିପାଖ ଘଟଣାକୁ ଦେଖି
କାରଣ  ମୁଁ ଏକ ଅଲୋଡା ପରିତ୍ୟକ୍ତ ଭଗ୍ନ ହୃଦୟଟିଏ
ଭରି ଦେଇପାରେ କିଛିଟା ଯନ୍ତ୍ରଣା , ତୁମରି ମନରେ  ।

ମୁଁ ଯଦି ହଜିଯାଏ
ଆଙ୍କିବନି ତୈଳ ଚିତ୍ର
ଦବ ନାହିଁ ଫୁଲମାଳ ମୋ ମର ଶରୀରରେ
କାରଣ ମୁଁ ଏକ ପରାଜିତ ସୈନିକ, ପ୍ରେମ ନଗରୀରେ
କରିପାରେ ଆକ୍ରମଣ ଆଉ ଜନମରେ ।

 Magazine Downloaded from www.aahwaan.com

ମୁଁ ଯଦି  ହଜିଯାଏ
ଖୋଜିବନି ମୋତେ
ମୁଁ ତୁମ ପାଇଁ ନୁହେଁ , ଏବେ ମୁଁ ଅଚିହ୍ନା
ବନ୍ଧା ଏବେ ସମ୍ପର୍କର ମାୟା ଜାଲରେ
ଖିନ୍ ଭିନ୍ କରିପାରେ ତୁମ ସୁନ୍ଦର ନୀଡ଼କୁ
ଅଦିନିଆ ଝଡ ବର୍ଷାରେ ।

ମୁଁ ଯଦି  ହଜିଯାଏ
ଭୟ କରିବନି ମୋ ନିଶଙ୍ଗତା ପାଇଁ
ମଜଭୁତ କରିଦେବ ହୃଦୟକୁ
କାରଣ ତୁମ ଭଲ ପାଇବାର ସ୍ମୃତିକୁ ଏକାଠି କରି
ମୁଁ ଏବେ ବେଶ୍ ଶାନ୍ତିରେ
ପଥିକ ମୁଁ ନିର୍ବାଣ ପ୍ରାପ୍ତିରେ ।

ମୁଁ ଯଦି  ହଜିଯାଏ
କେବଳ ଏତିକି କରିବ
ଲିଭେଇ ଦେବ ସବୁ  ସ୍ମୃତି ମୋ ଯୁଇ ପାଉଁଶରେ
କାରଣ ମୁଁ ଥିଲି ଅନୁପ୍ରବେଶକାରୀ
ତୁମ ଜୀବନର ଶାନ୍ତ ଇଲାକାରେ ।

ଜିଲ୍ଲା ଜଳ ଓ ପରିମଳ ମିଶନ
ଭଞ୍ଜନଗର, ଗଞ୍ଜାମ
୯୦୪୦୮୭୭୧୨୯

 Magazine Downloaded from www.aahwaan.com

# ସେ ପିଲାଦିନର କିଛି



ଟ୍ୱିଙ୍କଲ୍ ମହାନ୍ତି

ଶୀତ ସକାଳର ସେ ଶିଶିର ଟୋପା ଟୋପା,
ମନେ ପକାଇ ଦିଏ ସେଇ ପୁରୁଣା ଦିନର କଥା !
ଖେଳୁଥିଲେ ମିଶି କାକର ଉପରେ ,
ଘାସ ଗାଲିଚାରେ ........

ତୁ ମୋ ଅଗଣାର ପ୍ରଥମ ଅତିଥି ,
ଯାହା ବାଟ ଚାହିଁ ବସିଥିଲି ,
କି ଦିନ କି ରାତି ?

ମୋ ବନ୍ଧୁ ତୁ ,
ତୁ ହିଁ ମୋର ସାଥି !
ଆସ ପୁଣି ଖେଳିବା ଆଜି ଲୁଚାଲୁଚି !

ସେ ପିଲାଦିନ , ସେ ପିଲାଳିଆମି , ସେ କାଗଜ ଡଙ୍ଗା ,
ସେ ବର୍ଷାର କାହାଣୀ ।

 Magazine Downloaded from www.aahwaan.com

ଝିପି ଝିପି ବର୍ଷାରେ ମୁଁ ଯେବେ ଚାଲୁଥିଲି ପାଦ ଚାପି ଚାପି ,

ଝୁଣ୍ଟି ପଡୁଥିଲି ତୋତେ ଦୂରୁ ଦେଖି !

ସେ ଯେ ଟାଇଁ ଟାଇଁ ଖରା ହେଲେ ,

ସମୟ ଟା ଜଣାପଡ଼େ ନାହିଁ ତୁ ସାଥେ ଥିଲେ ।

ସେ ବାଗୁଡ଼ି , ସେ ବହୁଚୋରି ସବୁ ଲାଗେ ନିଆରା ,

ଯେବେ ତୁ ପାଖେ ଥାଉ କି ଶୀତ, ବର୍ଷା , ଖରା !!

କୃଷ୍ଣନଗର,-ସେରପୁର,- କାଇପଡା

ଯାଜପୁର,-୭୫୫୦୧୦, ଓଡ଼ିଶା

ଇମେଲ୍ : twinklemohanty26@gmail.com

 Magazine Downloaded from www.aahwaan.com

# ସହରୀକରଣ ଅଭିମୁଖେ



ଅଭିଷେକ ମହାପାତ୍ର

ଯେବେ ଆମ ଘର ଆଗରେ ରାସ୍ତା ନଥିଲା,
ଛପର ଘର ଯେବେ ଆମ ଗାଆଁ ଲୋକଙ୍କ ଆଶରା ଥିଲା,
ବୋଧେ ସେବେ ଆମ ଗାଆଁ ଭଲ ଥିଲା ।

ମାଟି ରାସ୍ତାର ଓଦା ପଚର ପଚର ରାସ୍ତା ,
ଗାଆଁ ଚାଟଶାଳୀକୁ ଚାଲି ଚାଲି ଯିବାର ମୋହ,
କେବେ କାହା ବାଡିପଟ ଲେମ୍ବୁ ଗଛରେ ଆମ ଦୌରାତ୍ମ୍ୟ !
ସେବେ ବୋଧେ ଆମ ଗାଆଁଟା ଭଲ ଥିଲା ।
ଯେବେ ଆମ ଗାଆଁରେ ନଳକୂପ ନଥିଲା ,
ପାଣି ପାଇଁ କୁଳବଧୂ ନଦୀ ତୁଠକୁ କଳସୀ ନେଇ ଯାଉଥିଲା !

ଛୋଟବେଳେ ବୁଢ଼ୀ ମା କୋଳେ ଗପଟିଏ ଶୁଣିଲା ବେଳେ ,
ଯେବେ ଭୟରେ କାନିରେ ମୁଁ ମୁହଁ ଗୁଞ୍ଜୁଥିଲି -
ଡାହାଣୀ ଗପର ପେଡ଼ି ଯେବେ ଜେଜେମା ଖୋଲିଦେଉଥିଲା ,
ସେବେ ବୋଧେ ଆମ ଗାଆଁଟା ଖୁବ୍ ଭଲ ଥିଲା ।
ଯେବେ ଯେବେ କପଡା କଣ୍ଢେଇର ମୋହ ଥିଲା !

 Magazine Downloaded from www.aahwaan.com

ଏବେ ଏବେ ସବୁକିଛି ହାତ ପାହାନ୍ତାକୁ ଆସିଲା !
ହାତରେ ଗଣ୍ଡା ଗଣ୍ଡା ସ୍ମାର୍ଟ ଫୋନ୍ , ଲ୍ୟାପଟପ୍ , କମ୍ପୁଟର,
ସହରକୁ ଧାଇଁ ଟଙ୍କା ପାଇଁ ମନ ବ୍ୟାକୁଳ ହେଲା ।
ଏବେ ଗାଆଁର କାଦୁଅ ପଚର ପଚର ରାସ୍ତା,
ଶିଘଂ ।ଣିନାକି ଅଲୁରୀ ବାଳ ଝିଅଟା ମଫ ଲାଗିଲା ।

ଆଉ ସହରୀକରଣ ଭୂତ ଆବୋରି
ଗାଆଁଟାକୁ ନାରଖାର କରିଦେଲା !

ରାମଦାସପୁର, କୋଲଣଗିରି, ଭାୟା - ଇନ୍ଦୁପୁର
ଯାଜପୁର, ୭୫୪୨୧୪, ଓଡ଼ିଶା

 Magazine Downloaded from www.aahwaan.com

# ବସନ୍ତର ଆଗମନେ



ପ୍ରଶାନ୍ତ କୁମାର ପଧାନ

ହେ ବସନ୍ତ ତୁମେ ଋତୁରାଜ ସାଜି
ଆସ ଯେବେ ଫଗୁଣରେ
ବେଦନାସିକ୍ତ ଏ ବିଦଗ୍ଧ ହୃଦୟ
ଉପଶମ ଲଭେ ଧିରେ ।।
ବିରହୀ ଋତୁ ବି ସାଜଇ ପ୍ରଣୟ
ତୁମର ସେ ଆଗମନେ
ପ୍ରେମର ରଙ୍ଗରେ ଅବିରର ଛିଟା
ବୋଳିଦିଏ ପ୍ରତୀକ୍ଷଣେ ।।
କୋଇଲିର ସ୍ୱର ତୋଳଇ ଝଙ୍କାର
ପ୍ରେମର ରାଗିଣୀ ସୁରେ
ଆନମନା ହୋଇ ପ୍ରେମିକ ବିଚରା
ପ୍ରିୟାର ସ୍ପର୍ଶକୁ ଝୁରେ ।।
ସୋରିଷର କ୍ଷେତ କରେ ଆକର୍ଷିତ
କୁହୁକିନୀ ଟିଏ ପରି
ବାଧାବିଘ୍ନ ଭୁଲି ପ୍ରେମିକା ଆସଇ
ଫଗୁର ପସରା ଧରି ।।

ପଳାସ ହସଇ ନବବଧୂ ବେଶେ
ପଦ୍ମ ପାଏ ଯଉବନ
ପ୍ରେମିକ ଖୋଜଇ ମିଳନ ମୁହୂର୍ତ୍ତ
ଆନ୍ଦୋଳିତ ହୁଏ ପ୍ରାଣ ।।
ମଳୟ ପବନ ତା ଶୀତଳ ସ୍ପର୍ଶେ
ଖେଳାଏ ଯେ ଶିହରଣ
ଦୁଷ୍ଟ ପ୍ରଜାପତି ମିଠା ଚୁମ୍ବନରେ
ଦେଇଯାଏ ପ୍ରୀତି ଚିହ୍ନ ।।
ଫେରିଯାଅ ତୁମେ ଅଜଣା ରାଇଜେ
ମିଳନର ପର୍ବ ସାରି
ସ୍ମୃତିର ରେଖାଟେ ଆଙ୍କିଦିଅ ମନେ
ଅସୁମାରୀ ସ୍ୱପ୍ନ ଭରି ।।

ବୁରୋମୁଣ୍ଡା, ବରଗଡ, ଓଡ଼ିଶା

 Magazine Downloaded from www.aahwaan.com

# କିଏ ଜାଣେ କାହାକୁ



ଭଗତରାମ୍ କଣ୍ଟା

କିଏ ଜାଣେ କାହାକୁ
ଏତେ ବଡ ଦୁନିଆରେ
ସମସ୍ତେ ଆପଣା ପରିଧିରେ
ସୀମାବଦ୍ଧ ହୋଇଯାଆନ୍ତି ସତରେ

କିଏ ଚିହ୍ନେ କାହାକୁ
ଏତେ ବଡ ଭିଡ ଭିତରେ
ସମସ୍ତେ ହୁଅନ୍ତି ସଜାଗ
ନିଜକୁ ରଖିବା ପାଇଁ ସୁରକ୍ଷିତ

କିଏ କହେ କାହାକୁ
ମୁହାମୁହିଁ ହେଲେ ସାମନାରେ
ଆପଣା ଛାଏଁ ନଇଁଯାଏ ମଥା
ସବୁକିଛି ସ୍ୱୀକାର କରାଯିବାରେ

କିଏ ଖୋଜେ କାହାକୁ
ଘୋର ଅନ୍ଧକାର ରାତିରେ
ସମସ୍ତେ ଭାବନ୍ତି ନିଜକୁ
ବୁଲା କୁକୁର ଠାରୁ ହୀନ ନୀରବରେ

କିଏ ପଚାରେ କାହାକୁ
ଏତେ ବଡ ଚିନ୍ତା ଭିତରେ
ସମସ୍ତେ ଘାଣ୍ଟି ହେଉଥାନ୍ତି
ଉଙ୍କି ମାରୁଥିବା ପ୍ରଶ୍ନ ଉତ୍ତର
ଅପେକ୍ଷାରେ

ଛତା, କୋମନା, ଜି-ନୂଆପଡା ।(ଓଡିଶା )

 Magazine Downloaded from www.aahwaan.com

# ପ୍ରକୃତ ବନ୍ଧୁ



ଦେବବ୍ରତ ଜେନା

ଦୁନିଆରେ ଭାଇକହିବ କି ମୋତେ
ସବୁଠୁ ନିଜର କିଏ
ଦୁର୍ଦ୍ଦିନ ସମୟେ ଛିଡା ହୋଇଥାଏ
ସଦାବେଳେ ପାଖେ ସିଏ ।।

ସ୍ୱାର୍ଥୀ ନୁହେଁ ସିଏ ଅତି ଆପଣାର
ନାମଟି ତାହାର ବୃକ୍ଷ
ଯୁଗେ ଯୁଗେ ଥାଏ ମାନବର ସାଥୀ
ଜନ୍ମଜନ୍ମ ପାଇଁ ସତ୍ୟ ।।

ଅଂଗାରକାମ୍ଳ ଓ ବିଷାକ୍ତ ଗ୍ୟାସକୁ
ପ୍ରଶ୍ୱାସେ ନିଅଇ ଯିଏ
ଅମ୍ଳଜାନ ନାମୀ ପୀୟୂଷ ବାଂଟଇ
ପ୍ରାଣୀ ଜଗତକୁ ସିଏ ।।

ପଥିକ ପାଇଁକି ସୁଶୀତଳ ଛାୟା
ଦାନ କରିବାରେ ବ୍ରତୀ
ପ୍ରଚଣଡ ନିଦାଘ କୋପ ସହ୍ୟ କରି
ଯୁଗେ ଯୁଗେ ବାଂଟେ ପ୍ରୀତି ।।

ଜୀବଜଗତକୁ ଆହାର ଯୋଗାଏ
ଦିନ ମାସ ବର୍ଷ ଯାକ
ଫଳ ମୂଳ ଆଉ ଇନ୍ଧନ ସାଥିରେ
ନିସ୍ୱ ହୋଇ ସିଏ ଏକ ।।

ବୃକ୍ଷ ରୋପଣଟି ଅଟେ ପୁଣ୍ୟକର୍ମ
ଶାସ୍ତ୍ରରେ ଅଛି ଲିଖିତ
ସୁପୁତ୍ର ଜନ୍ମଠୁ ମୂଲ୍ୟବାନ ଅଟେ
ଏ ଶୁଭକର୍ମଟି ସତ ।।

ବନ ମହୋତ୍ସବ ସପ୍ତାହ ପାଳିବା
ଚାଲ ଗଛ ଲଗାଇବା
ବୃକ୍ଷଟିକୁ ଭାଇ ଭଉଣୀ ସଭିଏଁ
ପ୍ରକୃତ ବନ୍ଧୁ ମାନିବା ।।

ରଣସିଂହପୁର ଆଶ୍ରମ ବିଦ୍ୟାଳୟ, କମର୍ଦ୍ଧା, ଭୋଗରାଇ
ବାଲେଶ୍ୱର, ଓଡ଼ିଶା, ୯୫୮୩୧୩୮୫୩୩

 Magazine Downloaded from www.aahwaan.com

# ଭ୍ରମଣକରି ଦେଖିବେ ପ୍ରଭୁ ସର୍ବତ୍ର



ବି ନିରୁପମା

ବୃଷଭ ବାହନେ ବିଜେ ଶ୍ରୀ ମହେଶ୍ୱର,
ମାଆଙ୍କୁ ନେଇ ଆସିବେ ମରତପୁର ।
ସାଥିରେ ଆସିବେ ତାଙ୍କ ଶ୍ରୀ ଗଜାନନ,
କରିବାକୁ ମର୍ତ୍ତ୍ୟପୁରେ ତୀର୍ଥ ଭ୍ରମଣ

ଶିବାଳୟ,ଶକ୍ତିପୀଠ,ଗଣେଶ କ୍ଷେତ୍ର ,
ଭ୍ରମଣ କରି ଦେଖିବେ ପ୍ରଭୁ ସର୍ବତ୍ର ।
ଭକତଙ୍କ ପାଶେ ମିଳି ଶୁଣି ଗୁହାରି ,
ଦୁଃଖ,ଶୋକ ସଙ୍କଟରୁ କରିବେ ପାରି ।

ଆଶୁତୋଷ ଅଳପରେ ହୋଇ ପ୍ରସନ୍ନ,
ଆଶିଷ ଦେବେ ଭକ୍ତଙ୍କୁ ଦେଇ ଦର୍ଶନ ।
ଦେଖି ସନ୍ତାନମାନଙ୍କ ଭାବ ଭକତି,
ବିତରି ଦେବେ ମାଆ ତ ତାଙ୍କ ଶକତି ।

ପଣତର ଆଢୁଆଳେ ରଖିବେ ଢାଙ୍କି,
ବିପଦୁ ତରିବେ ଭକ୍ତ ମାଆଙ୍କୁ ଡାକି ।

ଗଣପତି ଦେବଙ୍କୁ ଯେ ପାରିବ ତୋଷି,
କୃପାକରି ଦେବେ ତା'ର ଅଜ୍ଞାନ ନାଶି ।
ବିଦ୍ୟା,ବୁଦ୍ଧିରେ ସେ ପରା ହେବ ପ୍ରବୀଣ,
ଜ୍ଞାନୀ, ଗୁଣୀ ହିସାବରେ ହୋଇବ ଗଣ୍ୟ ।

ଏ ତିନି ମୂରତି ଦେଲେ ଏକାଠି ଦେଖି ,
ପବିତ୍ର ହୋଇବ ନିଶ୍ଚେ ଆମରି ଆଖି ।
ଘୁଞ୍ଚିଯିବ ଦୁଃଖ, ଶୋକ,ବାଧା-ବିପତ୍ତି,
ଉଦ୍ଧରି ଧରିବେ ସେ ତ ଦେଇ ଶକତି ।

ମାମୁରିଆ, ଛେଣ୍ଡିପଦା,ଅନୁଗୋଳ ।

Magazine Downloaded from www.aahwaan.com

# ଶୁଭ ସକାଳ



ଡମ୍ବରୁଧର ବାଗ୍

ଦୂର ଦିଗବଳୟରୁ ପ୍ରକାଶିଲା ଦେଖ
ସୂର୍ଯ୍ୟଙ୍କ ସୁନେଲି ଆଭା ।
ନୀଳ ଗଗନରେ କିରଣ ବିଛେଇ
ଦିବାକର ହେଲେ ଉଭା ।
ଶୁଭ ସକାଳକୁ ସ୍ୱାଗତ କରିଣ
ବାହାରିଲେ ଦିବାକର ।
ସଂସାର ମଙ୍ଗଳ କରିବା ଉଦ୍ଦେଶ୍ୟେ
ଧରିଲେ ଦାୟିତ୍ୱ ଭାର ।
ଅନ୍ଧକାର ନିଶି ବିଦାୟ ନେଲାଣି
ଆଲୋକିତ ହେଲା ଧରା ।
ପଶୁପକ୍ଷୀ ଗଣ ଖାଦ୍ୟ ଅନ୍ୱେଷଣେ
ଧରିଲେଣି ନିଜ ଧାରା ।
ଚଷା ପୁଅ ଚଷେ ବିଲକୁ ତାହାର
ନାନା ଗୀତ ଗାଇ ଗାଇ ।
ଶ୍ରମିକ ଭାଇସେ ମାଟି ହାଣୁଥାଏ
ପେଟ ପାଟଣାର ପାଇଁ ।
ତୁଳସୀ ବୃକ୍ଷରେ ପାଣି ଢାଳୁଥାଏ
ଗାଁ'ର ମାଉସୀ ବୁଢୀ ।
ମନ୍ଦିରେ ଶୁଭିଲା ଶଙ୍ଖ ଘଣ୍ଟ ସ୍ତୁତି
ଦିନ ଗଲା ବଢି ବଢି ।
ଏ ଶୁଭ ଲଗନେ ଆଜିକାର ଟୋକା
ଶେଯ ଛାଡେ ନାହିଁ ଶୀଘ୍ର ।
ଗପୁଥାଏ ବସି ସାଙ୍ଗ ସାଥୀ ସହ
ହେଉପଛେ ଅର୍ଦ୍ଧରାତ୍ର ।
ଅଧ୍ୟୟନ ଛାଡି ମୋବାଇଲ ଧରି
ବସି ରହେ ଦିନରାତି ।
କି ଯୁଗ ଆସିଲା ଦିନ ବଦଳିଲା
ହେବ କେବେ ତା'ର ଇତି ।

ଚପ୍ରିଆ, ଗୋଲାମୁଣ୍ଡା,-କଳାହାଣ୍ଡି,
୯୧୭୮୨୨୫୭୬୪

Magazine Downloaded from www.aahwaan.com

# ଶିଶୁ ଶ୍ରମିକ



ଶାରଦା ପ୍ରସନ୍ନ ସାହୁ

ଶିଶୁଟିଏ ସଦା ବସୁଧା ବୁକୁରେ
ସୁନ୍ଦର ବନର କଳିକା,
ଜ୍ୟୋସ୍ନା ଗଗନ ର ଅଗଣିତ ତାରକା
ଝଲସି ଉଠେ ସେ ଭଳି ଭଳିକା ।।

ଗରିବ କୁଳରେ ଜନମିଛି ବୋଲି
ଦାଦନ ଖଟୁଛି ପେଟ ପଡିଥାଏ ଖାଲି,
ସରକାର ଚଳାଏ ସର୍ବଶିକ୍ଷା ଅଭିଯାନ
ଦରିଦ୍ର ଦାଉରେ ଶିଶୁ ଖଟେ ଦାଦନ ।।

ବାଳୁତ ହାତେ ନ ଧରି ଖଡ଼ି
ଧରି ବୁଲୁଥାଏ ଲୁହା କୁରାଢ଼ୀ,
କଅଁଳ ହାତରୁ ଉଠିଯାଏ ଛାଲ
ମାଲିକ ମାଡ଼େ ଫାଟି ଯାଏ ଗାଲ ।।

ତତଲା ଦେହେ ଖଇ ଫୁଟେ ମଥା
ଦେହେ ବାଜି ଉଠେ ଗରମ ଚେଙ୍କ ବ୍ୟଥା,
ନିର୍ଦ୍ଦୟ ମାଲିକ ବୁଝେ ନାହିଁ ମନ କଥା
ପେଟେ ଓଦା କନା ଦେଇ ଶିଶୁ ପିଟୁଥାଏ ମଥା ।।

ଉଙ୍କି ମାରି ମନେ ଯାଆନ୍ତି କି ସ୍କୁଲ ବୁଲି
ହାତ ରେ ବହି ସାଙ୍ଗ ମେଳେ ଥିବି ଚାଲି ,
ମଜୁରୀ ବିନା ଘରେ ଜଳେ ନାଇଁ ତାର ଚୁଲି
ଭାଗ୍ୟ କୁ ଆଦରି ସପନ ଯାଏ ସେ ଭୁଲି ।।

କିଏ ଡାକେ ଛୋଟୁ ଡାକେ ପୁଣି କିଏ ଚୁଇଁ
ସହିଛି ଯେ କେତେ ଗାଳି ଆପତ୍ତି ଯେ ନାଇଁ,
ପେଟ ପାଇଁ କଅଁଳ ଖଟୁଛି ଏଠି ବେଠି
କେହି ଆହା ବୋଲି ପଦେ କହେ ନାହିଁ ଉଠି

 Magazine Downloaded from www.aahwaan.com

। ।

କୋମଳ ଶରୀର ଆଉ ସହି ପାରେ ନାହିଁ ପୀଡା
ବଳ ପାଉ ନାହିଁ କୁନି ପାଦେ  ହେବା ପାଇଁ ଛିଡା,
ଚାତକ ପରି ଚାହିଁ ଆକାଶ କୁ ଖିଲିଖିଲି ସିଏ ହସେ
ଆସିବ ଦଇବ କୋଳେଇ ନେବା କୁ ସାଜି ମଣିଷ ବେଶେ । ।

ଭାବିଲେ ଲାଗଇ ସତେ ଆମେ ଏତେ ଅପାରଗ
ନିର୍ଦ୍ଦୟ ହାତେ ଉଜଡି ଦଉ ଏ ଶିଶୁ ସରଗ,
ବଢ଼େଇ ହାତ ଯଦି ଆଗେଇ ଯିବା
କେତେ ଶିଶୁ ଭବିଷ୍ୟତ ଗଢି ତୋଳିବ  । ।

କୃଷି ସ୍ନାତକ (ଓୟୁଏଟି), ଚିପିଲିମା, ସମ୍ବଲପୁର
ଚର୍ତୁଥ ବର୍ଷ
କିଶିନାପୁର, ସାଲେପୁର, କଟକ

 Magazine Downloaded from www.aahwaan.com

# ସାଥୀ



ମୋନାଲିସା
ପାଣିଗ୍ରାହୀ

ଜାଣି ମୁଁ ନଥିଲି ସାଥି ତୁମେ ଏମିତି ମିଳିବ ବୋଲି ।
ତୁମକୁ ପାଇ ମୁଁ ସାଥି ସଭିଙ୍କୁ ଯାଇଚି ଭୁଲି ।।୧
ସାଥି ମୁଁ ତୁମକୁ ଯେତିକି ଚିହ୍ନୁଛି ସେତେ ଲାଗ ନୂଆ ।
ମୁଁ ତୁମ କଥା ଯେତିକି ଭାବୁଛି ତୁମେ ହୁଅ ଅମାନିଆ ।।୨
ସାଥି ତୁମେ ଯାଦୁଗର ମୋତେ ଯାଦୁ କଲ ।
ସିନ୍ଦୂର ଦେଇ ଏ ସଖୀକୁ ନିଜର କରି ନେଲ ।।୩
ତୁମେ କୁହ ସାଥି କେବେ ମାମା ଗେଲୁ କେବେ ଧନ ।
ଧରିବନି Janu(ଜାନୁ), ଏ ଗେଲୁର ମିଛ ରାଗ ଅଭିମାନ ।।୪
ଜାଣି ମୁଁ ନଥିଲି ସିନ୍ଦୂରର ମାନେ ସିନ୍ଦୂର ପିନ୍ଧିଲା ଯାଏଁ ।
ସାଥି ତୁମ ସିନ୍ଦୂର ଲାଗିଥାଉ ସିନ୍ଥିରେ ମୁଁ ମଶାଣି ଯିବା ଯାଏଁ ।।୫
ଜୀବନରେ ଗୋଟିଏ ମାଗୁଣି କାଳିଆ ପାଖରେ ।
ରଖିଥାନ୍ତୁ ତୁମକୁ ଆରୋଗ୍ୟ, ସୁଖ ସମୃଦ୍ଧିରେ ।।୬

ଦିବ୍ୟ ଜ୍ୟୋତି ସାଇନିବାସ
ପି ମ ପାଲେମ, ବିଶାଖାପାଟଣା, ଆନ୍ଧ୍ରପ୍ରଦେଶ
ପିନ - ୫୩୦୦୪୧

 Magazine Downloaded from www.aahwaan.com

# ମୋ ଜୀବନସାଥୀ



କ୍ଷଣପ୍ରଭା ବାଗ

ତୁମ ବିନା ମୁଁ ବଞ୍ଚିବି କେମିତି
ତୁମେ ମୋର ପ୍ରାଣ ଧନ ।
ତୁମ ଚେହେରାକୁ ଦେଖି ଦେଲେ ସତେ
ଭୁଲିଯାଏ ଅଭିମାନ ।
ଦିନେ ନ ଦେଖିଲେ ତୁମକୁ ସତେ
ଲାଗେ ଦୁନିଆ ଅନ୍ଧାର ।
ଦେଖିଲେ ତୁମକୁ ଯେତେ ଦୁଃଖ କଷ୍ଟ
ହୋଇଯାଏ ସବୁ ଦୂର ।
ତୁମେ ଥିଲେ ପାଖେ କିଛି ଲୋଡା ନାହିଁ
ସବୁ ତ ତୁମେ ମୋହର ।
ଭଲପାଏ କେତେ ତୁମକୁ ମୁଁ ସତେ
ତୁମେ ମୋ ଗଳାର ହାର ।

ପାଶେ ନାହଁ ବୋଲି ହୃଦୟ ମୋହର
କାନ୍ଦୁଛି କୁହୁଳି କୁହୁଳି ।
ପାଶେ ଯେବେ ତୁମେ ଆସିଯାଅ ସାଥୀ
ଦୁନିଆ କୁ ମୁଁ ଯାଏ ଭୁଲି ।
କଥା ମୁଁ ଦେଉଛି ରାଣ ମୁଁ ଖାଉଛି
ଭଲ ମୁଁ ଯେ ପାଉଥିବି ।
ଭୁଲିଯିବି ପଛେ ଦୁନିଆକୁ ସତେ
ତୁମକୁ କେବେ ନ ଭୁଲିବି ।

ଚପ୍ରିଆ, ଗୋଲାମୁଣ୍ଡା, କଳାହାଣ୍ଡି

 Magazine Downloaded from www.aahwaan.com

# ରାତିର ଶାନ୍ତ ସହର



ଲିପିନ୍ ରାଉତ

ଶୀତ ରାତିର ନିସ୍ତବ୍ଧ ସହର
ଶୁନଶାନ ପଥ
ରାସ୍ତା କଡେ, ଷ୍ଟ୍ରିଟ ଲାଇଟର ଆସର
ଶାନ୍ତ ଲାଗେ, ସହରଟା ଆଜି
ଲାଗୁଛି ବିଶ୍ରାମ ନିଏ
ମା'ର କୋଳରେ...
ଦିନର ଥକ୍କା ପଣରୁ ଟିକେ ଲାଘବ ପାଇଁ
ଶୋଇ ପଡିଛି  ନିର୍ବୋଧ ଶିଶୁଟିଏ ହୋଇ - ୧

ଓହୋଃ  ! କି ନିଦ
ଲାଗୁଛି କି,
ଶୋଇନାହିଁ ଦୀର୍ଘ ଦିନ ହେଲାଣି ,
କିନ୍ତୁ, ତୁ କାଇଁ ଶୋଇନୁ କିରେ  ?
ସମସ୍ତେ ତ ଶୋଇଛନ୍ତି
କଣ ହେଇଛିରେ ଧନ
କଣ ନିଦ ଆସୁନି  ? ୨

ଦେହରେ ତାର ସୂତା ଖିଅଟିଏ ବି ନାହିଁ ,
ପଡ଼ି ରହିଛି ରାସ୍ତା କଡ଼ରେ  ।
ଦେହ ତା ଥରୁଛି, ଶୀତରେ
କେମିତି ଶୋଇବ
କୁହତ  ? - ୩

ତୁମର କଣ ଅଛି, ତୁମେ ତ
ରହୁଛ ନା ଆଲିସାନ ବଙ୍ଗଳାରେ,
ଶୋଉଛ ହସ୍ତୀର ପଲଙ୍କରେ....
କେବେ ଭାବିଛ, ଏମାନଙ୍କ କଥା,
କେମିତି ଶୋଉଛନ୍ତି ?
ଏଠି ଏମାନେ, ବିନା ଛାତ, ବିନାବସ୍ତ୍ରରେ  ୪

ଜାଣିଛି, କେବେ ଭାବି ନଥିବ
ଆଉ ଭାବିବ ବା କାହିଁକି, ସେ ତୁମର କିଏ ?
ଆସରେ ଧନ,ମୋ ପାଖକୁ ଆସ
କେହି ବୁଝିବେନି ଏଠି
ତୋର ଦୁଃଖ, ତୋର କଷ୍ଟକୁ
ଏ ଦୁନିଆ ପରା ସ୍ୱାର୍ଥପର  । ୫

ମଦନପୁର, କେନ୍ଦୁଝର, ଓଡ଼ିଶା
ଭ୍ରାମ୍ୟଭାଷ : ୯୭୭୭୧୨୩୨୬୭

 Magazine Downloaded from www.aahwaan.com

# ଏତିକି ମିନତୀ ମୋର



ଅଙ୍କିତା ପାଢ଼ୀ

ସବୁ ଠାରୁ ସସ୍ତା,  ଅଟେ ଉପଦେଶ,
ମାଗିବା ପୂର୍ବରୁ ମିଳେ ।
ହଜାର ହଜାର,  ଉପଦେଶ ଦେବେ,
ବେଢ଼ି ଯାଇଣ ସକଳେ ।।
ହଜାର ଲୋକଙ୍କୁ,  ମାଗି ମାଗି ଯାଅ,
ସାହାଯ୍ୟ ଟିକିଏ ପାଇଁ ।
ପାଦତଳେ ପଡି, କରଯୋଡି ଯେତେ,
ଜଣିଏ ଆସିବେ ନାହିଁ ।।
ଏମିତି ଦୁନିଆ,  କେହି ନୁହେଁ କା'ର,
ସବୁ ଯେ ମାୟାରେ ବାୟା ।
ନିଜ ଖୁସି ଦେଖି,  ପାରିବେନି ସହି,
କୁମ୍ଭୀର କାନ୍ଦଣା ଛାୟା ।।
ନିଜ ଦୁଃଖ ଦେଖି, ଲୋତକ ଝରାନ୍ତି,
ସାହି ଭାଇ ହୋଇ ଆସି ।
ସୁଖ ଦେଖି କିଆଁ,  ସହି ନ ପାରନ୍ତି,
ଚେର କାଟିଥାନ୍ତି ବସି ।।

ମିଛରେ ଝରାନ୍ତି,  ଚକ୍ଷୁରୁ ଲୋତକ,
କହିଥାନ୍ତି ହାଏ ହାଏ ।
ଏତେ ଇର୍ଷା କିଆଁ,  ତୁମ ହୃଦୟରେ,
ଛୋଟ କଥା ବଡ଼ ହୁଏ ।।
ହେ ଦୁନିଆବାସୀ, ଦେଉଛି ଆହ୍ୱାନ,
କୁନି ହୃଦୟରୁ ମୋର ।
ଛାଡି ହିଂସାଦ୍ୱେଷ,  ଧରି ଧର୍ମପଥ,
ଖୁସିରେ ସଂସାର କର ।।
କରିବାକୁ ଯଦି,  ନାହିଁ ହେ କ୍ଷମତା,
ଦୁର୍ବଳର ଉପକାର ।
ଅନିଷ୍ଟ କରନା,  ସାଜି କଂସାସୁର,
ଏତିକି ମିନତୀ ମୋର ।।

ଜେନିଥ୍ ଇଂରାଜୀ ମାଧ୍ୟମିକ ବିଦ୍ୟାଳୟ, ଗଗନ
ବାବୁ ଛକ, ଏଡ଼ତାଳ, ଭଦ୍ରକ

 Magazine Downloaded from www.aahwaan.com

# କବି ଓ କଳାକାର



ମହେଶ୍ୱର ସାହୁ

ସମାଜ ଦରିଆ, ପ୍ରକୃତି ନଉକା,
ନାଉରି ହୃଦୟେ ମନ ।
ନାଆ ଚାଲିଥାଏ, ଅଙ୍କା ବଙ୍କା ପଥେ,
କର୍ତ୍ତବ୍ୟ ଅଟେ ପବନ ।।
ସମାଜ ଅଙ୍କୁଶ, ଦିଏ ସୁଖ ଦୁଃଖ,
ଟାଣି ରଖଇ ବନ୍ଧନ ।
ସୁସ୍ଥ ଚିନ୍ତା ଧର୍ଯ୍ୟ, ଥିଲେ ମନୁଷ୍ୟରେ,
ପାଏ ସେ ଉଚ୍ଚ ଆସନ ।।
ହିଂଶା ଦ୍ୱେଷ ମତି, ତେଜହେ ମାନବ,
ରୁହ ଶ୍ରେଷ୍ଠ ହୋଇ ଧାମେ ।
ବୁଦ୍ଧି ଜ୍ଞାନେ ଅଟ, ଶ୍ରେଷ୍ଠ ଜଗତରେ,
ବଞ୍ଚି ବଞ୍ଚାଅ ଧରମେ ।
ଲେଖି ଦେଇ ଥାଏ, କବିଟିଏ ସିନା,
ନିଜ କଳ୍ପନାର କଥା ।
ବାର୍ତ୍ତା ଦେଇଥାଏ, ସମାଜକୁ କବି,
ଜନ୍ମାଏ ପ୍ରକୃତ ମଥା ।।

କବି କଳାକାର, ଶାନ୍ତିର ମନ୍ଦିର,
ସବୁରି ହୃଦୟ ଜିଣି ।
ନେଇଛି ଆସନ, ପରଂବ୍ରହ୍ମ ରୂପେ,
ଶାନ୍ତିର ଆଲୋକ ବୁଣି ।।
କବି ଲେଖି ଦିଏ, ଦେଶ ଦଶ ପାଇଁ,
ଉତ୍ତେଜିତ କରେ ଲହୁ ।
ଲୁହ ପୋଛିଦିଏ, ଦୁଃଖୀ ହୃଦୟରୁ,
ବର୍ଣ୍ଣନାରୁ ଢାଳି ମହୁ ।।
କଳାକାର ନୁହଁ, ପ୍ରତିମୂର୍ତ୍ତି ଜଡ,
ହୋଇ ପାରେ ବିକଳାଙ୍ଗ ।
ଅନ୍ଧର ଲଉଡି, ହୁଏ ନିଃସହାୟେ,
ଢାଳିଦିଏ ହାସ୍ୟ ବ୍ୟଙ୍ଗ ।।
ଖୁସିର କାମନା, ହୃଦୟେ ଆଣିଲେ,
ଲୋଡ଼ା କଳାକାର ମଞ୍ଚ ।

 Magazine Downloaded from www.aahwaan.com

ଦିବ୍ୟ ଜ୍ୟୋତି ଢାଳି, ଉଡାଏ ପତାକା,
କବି କଳାକାର ଉଚ୍ଚ ।।
ସ୍ୱାଗତ ସଭିଏଁ, କଳାକାର ବନ୍ଧୁ,
ଲେଖକ ଲେଖିକା ବୃନ୍ଦ ।
ଲେଖି ଚାଲୁଥାଅ, ନିଜ ଭାବନାକୁ,
ଦୁନିଆ ନ ହେଉ ଅନ୍ଧ ।।

ଗୋପୀବିନ୍ଧା, ବ୍ରାହ୍ମଣଗାଁ, ବାଲେଶ୍ୱର(ଭଦ୍ରକ)

Magazine Downloaded from www.aahwaan.com

# ମୋ ପ୍ରିୟା ! !



ଅନିଲ୍ କୁମାର
ମହାରଣା

କେହି ଯଦି ମୋତେ ପଚାରିବ ଆଜି
ଜହ୍ନ ସୁନ୍ଦର କି, ତାରା ସୁନ୍ଦର ?
ମୁଁ କହିବି ତା'କୁ, ଦେଖି ମୋ ପ୍ରିୟାକୁ
ଦୁହେଁ ପିଇଦେବେ ନିଶ୍ଚେ ଜହର । ୧

ପ୍ରିୟାର ମୁହଁଠୁ ଜହ୍ନ ଲାଗେ ଫିକା
ହଜାରେ କଳଙ୍କ ବୋଳା ତା' ଦେହେ
ଏଡେ ଅଲାଜୁକି, ମୋ ପ୍ରିୟାକୁ ଦେଖି
ଇର୍ଷାରେ କେମିତି ଜଳୁଛି, ହାଏ ! ୨

ତାରାମାନେ ସିନା ଗହଳ ଲଗାନ୍ତି
ମୋ ଅନୁପମାକୁ ଦେଖିବା ପାଇଁ,
ଏ ତ ଅସମ୍ଭବ, କେତେ ଅବା ଦମ୍ଭ
ସେ ରୂପକୁ ସମ ହୋଇବେ କାହିଁ ? ୩

ଯଦି'ବି ପଚାର, କିଏ ସେ ଗହନ
କଳା ବଉଦ, ବା ଘନ ଶର୍ବରୀ
ଏତିକି କହିବି, ମୋ ପ୍ରିୟାର ଆଖି
ନତୁବା ପ୍ରିୟାର କୃଷ୍ଣ କବରୀ ! ୪

କଳାଘୁମୁର ସେ ନେତ୍ର ଯୁଗଳକୁ
କାହୁଁ ଅବା କେହୁ ହେବ ସମାନ ?
ଏମିତି କେ'ଅଛି, ଆଖି ମିଶେଇଛି
ହୋଇନାହିଁ ପୁଣି କ୍ଷଣେ ଅଜ୍ଞାନ ! ୫

ସମୀରଣ ଯା'ର, ମୁକୁଳା କେଶରେ
କେତେ ବାହାନାରେ ଖେଳୁଛି ଦୋଳି
ସେ ଭାବ ଗହୀରେ, ଯିଏ ନ'ବୁଡିଛି
କାହୁଁ ସେ ପ୍ରିୟାକୁ ପାରିବ କଳି ? ? ୬

ନୟାଗଡ, ଭାପୁର, ବଡସହରା
ଭ୍ରାମ୍ୟଭାଷ-୮୫୯୮୮୩୨୮୮

 Magazine Downloaded from www.aahwaan.com

# କହିଲି ଆକାଶକୁ



ଅର୍ପିତା ରଣା

କହିଲି ଆକାଶକୁ,
ଆକାଶରେ ଆକାଶ ଶୁଣି ଯା ଟିକେ
ଡାକୁଛି ମୁଁ ହାତ ଠାରି କେତେ ଯେ ସୋହାଗେ,
ଜାଣିଛି ମୁଁ ତୋ ରଙ୍ଗ ନୀଳ ନୁହେଁ ନୀଳ ନୁହେଁ
କାହାଠୁ ତୁ ଆଣିଛୁ ଯେ ଜାଣିବାକୁ ଚାହେଁ ।
ତମସା ତମସା ସବୁ ଏ ବ୍ରହ୍ମାଣ୍ଡ ସାରା
ନୀଳ ବୋଲି ରଙ୍ଗ କିଛି ନାହିଁ ପରା ?
ଚୋର କି ତୁ ! ଠକ କି ତୁ ! ଚୋରେଇଛୁ ରଙ୍ଗ
ଧୋବା ଆଜି କହୁଥିଲା ତୋର ବୁଦ୍ଧି ମନ୍ଦ ।
ଦେଇଛି କି ପ୍ରଜାପତି ତା ଡେଣା ଝଡେଇ ?
ଆଣିଛୁ କି ତୁ ଟିକେ ତା ଠୁ ଛଡେଇ ?
ମାଳତୀ କୁ କହିଥିଲୁ ନୀଳ ଦେବାପାଇଁ
ଦେଇଛି କି ନୀଳ ତୋତେ ନୀଳ ହେବାପାଇଁ ।
ମାଗିଛୁ କି ଶ୍ରୀକୃଷ୍ଣ ଙ୍କୁ, ସେ ତ ନୀଳ ମାଣିକ
ଯାଚିଥିବେ ଆନନ୍ଦେ ତାଙ୍କ ଲୋଭ କାହିଁ !
ହସିଦେଇ ଆକାଶ କହିଲା ଇଏ ରବି ଓ ଆଲୋକର ଖେଳ
ବିଚ୍ଛୁରଣ !
କ'ଣ ଯାର ଅର୍ଥ କେଜାଣି !( ?)

ପଦ୍ମପୁର, ରାଜବୋଡାସମ୍ବର, ବରଗଡ଼

 Magazine Downloaded from www.aahwaan.com

# ମୋ ମନର ଟିକି ଶାରୀ



ପ୍ରିୟବ୍ରତ କର

କାନ୍ଦି କାନ୍ଦି ମୋର  ଆଖି ଗଲା ଶୁଖି
ଲୁହ ଆସୁନାହିଁ ଝରି ,
ଯେବେଠୁ ଯାଇଛି  ଏ ପଞ୍ଜୁରୀ ଛାଡି
ମୋ ମନର ଟିକି ଶାରୀ  ।
କାହିଁ ଉଡ଼ିଗଲୁ  ଛାଡି ଚାଲିଗଲୁ
କହିଲୁନି କାହିଁ ମୋତେ ,
ଖୋଲା ଥିଲେ ଆଖି  ତୋ ମୁହଁ ଦେଖୁଛି
ସପନେ ଦେଖୁଛି ତୋତେ  ।
ରାତିରେ ମୋହର  ସପନ ଭାଙ୍ଗୁଛି
ହୃଦୟ ହୁଏ ଆହତ ,
ସପନଟା ସିନା  କଳ୍ପନା ଜଗତ
ହୃଦୟ ଢାଳେ ରକତ  ।
ରକତେ ଲେଖିଛି  ଏଇ କବିତା ମୁଁ
କାହାଣୀ ନିଜ ପ୍ରେମର ,
ଦୁନିଆଁରେ ଯଦି  ପ୍ରେମ ଶବ୍ଦ ଥିବ
ଏ ଲେଖା ହବ ଅମର  ।
ଜୀଇଁପାରୁନାହିଁ  ମରିପାରୁନାହିଁ
ଜାଳୁଛୁ କାହିଁକି ଏତେ ,
ମୋତେ ଫାଙ୍କିଦେଇ  ମନ ଭାଙ୍ଗିଦେଇ
ନନ୍ଦେ ଅଛୁ କାହା ସାଥେ  ?

ପ୍ରେମ ବାଟେ ମୋର  ଫୁଲ ଆଉ ନାହିଁ
ବାଟସାରା ଖାଲି କଣ୍ଟା ,
କହିବୁକି ପ୍ରିୟା  କୋଉ ଦୋଷ ପାଇଁ
ପ୍ରେମ କଲୁ ଭାଗବଣ୍ଟା  ?
ଲୋକେ ହିଁ କହନ୍ତି  ମନ ଭାଙ୍ଗିବନି
ଭାଙ୍ଗିଗଲେ ଯୋଡିବନି ,
ଆହତ ହୃଦୟ  ଯନ୍ତ୍ରଣା ଭୋଗିବ
ମରଣ ବି ଆସିବନି  ।
ଏତେ ହେଲା ପରେ  ତଥାପି ହାରିନି
ଧୈର୍ଯ୍ୟକୁ ରଖିଛି ଧରି ,
ଏବେ ବି ତାହାର  ବିଶ୍ୱାସ ଅଛି ଯେ
ଫେରିବ ତା' ଟିକି ଶାରୀ  ।

ସୋରିଷକୋଠା, ପାଳଶିଆ, ଗଡ଼ଦେଉଳିଆ
ମୟୁରଭଞ୍ଜ, ଓଡ଼ିଶା, ୭୫୭୦୮୨

 Magazine Downloaded from www.aahwaan.com

# ଅଭୁଲା ସ୍ୱପ୍ନ



ଶିବାନନ୍ଦ ବନଛୋର

ପ୍ରତ୍ୟକ୍ଷଦର୍ଶୀ ଥିଲି ତୁମ ବଧୂ ବେଶର
ସଜାଇ ହୋଇଥିଲ ନିଜ ରୂପ ଶୃଙ୍ଗାର କରି
ମଥାରେ ଓଢଣା ଦେଇଥିଲ ଆଉ
ନୟନ ପାର୍ଶ୍ୱେ ଦେଇଥିଲ ଗାଢ କଜ୍ଜଳ ବିନ୍ଦୁ
ଆଉ ସଜାଇ ହୋଇଥିଲ ନବବଧୂ ବେଶରେ ।।
ତୁମ ପାଉଁଜିର ରୋମାଞ୍ଚିତ ରୁଣୁଝୁଣୁ ଶବ୍ଦ
ତୁମ ହସ୍ତ ଚୁଡିର ଛଣଛଣ ଧ୍ୱନି
ଆଉ ତୁମ କୋମଳ ଅଙ୍ଗର ସୁବାସିତ ବାସ୍ନା
ମୋ ହୃଦୟରେ ସୃଷ୍ଟି କରୁଥିଲା ଅଦିନିଆ ଝଡ ।।
ହଠାତ ତୁମେ କବାଟ ଖୋଲି ପଶି ଆସିଲ କକ୍ଷକୁ
ମୁଁ ହତବାକ୍ ଥିଲି ତୁମର ଏ ମହନୀୟ ରୂପରେ
ମୋ ସମ୍ପୂର୍ଣ୍ଣ ହୃଦୟ ଓ ଶରୀରର ଆଉ ମୋ ଅଧିନରେ ନ ଥିଲା
ଆଉ ଚାରିଆଡେ ଖାଲି ତୁମେ ହିଁ ତୁମେ ।।
ବାହାରେ ଟୁପୁର ଟାପୁର ବର୍ଷାର ଶବ୍ଦ
ବର୍ଷାରେ ଭିଜା ମାଟିର ସୁଗନ୍ଧ
ଆଉ ବାହାରୁ ଆସୁଥିବା କାମୁକ ମଳୟ

 Magazine Downloaded from www.aahwaan.com

ବାତାବରଣକୁ ଆହୁରି ରୋମାଣ୍ଟିକ କରୁଥିଲା ।।

ତୁମେ ଆସି ମୋ ପାଖରେ ଅବସ୍ଥାନ କଲ

ଆଉ ଠିକ୍ ଯେତେବେଳେ

ତୁମ ମଧୁରା ପ୍ରୀତିର ସ୍ୱର୍ଶ ଦେବାକୁ ଯାଉଥିଲ

ହଠାତ ବାହାରୁ ଗୋଟେ ଶବ୍ଦ ହେଲା-ଉଠିପଡ଼ ଆଉ କେତେ ଶୋଇବୁ

ଆଉ ଧଡକରି ଉଠି ପଡିଲି ବିଛଣାରୁ

ହେଲେ ତୁମେ କାହିଁ

ନା ସେ ରୋମାଣ୍ଟିକ ପରିବେଶ ଅଛି ନା ତୁମେ

ଆଉ ବୁଝି ପାରିଥିଲି ସେଟା ଗୋଟେ ଅଭୁଲା ସ୍ୱପ୍ନ ବୋଲି ।।

ଶକ୍ତି, ଝାରବନ୍ଧ, ଓଡ଼ିଶା

Magazine Downloaded from www.aahwaan.com

# କାହିଁକି ଜାଣିନି



ସିଦ୍ଧେଶ୍ୱର ତ୍ରିପାଠୀ

ଏ ଦୁନିଆରେ
ଅନେକ ସୁନ୍ଦରୀ ଅଛନ୍ତି
ତୁ କାହିଁକି ଏତେ ଭଲଲାଗୁ ।

ତୋ ଗୀତ ପାଖରେ ଫିକା ଲାଗେ
କୋଇଲିର ସ୍ୱର
ତୋ ହାତ ଅଙ୍କା ଚିତ୍ର ଗୁଡା
ଲାଗେ ଭାରି ନିଜର ନିଜର ।

ତୋ ରଙ୍ଗ ଢଙ୍ଗ ଚାହାଣୀ କାହାଣୀ
ମୋ ମନକୁ କରିନିଏ ଗୁଣି
ତୁ ନାଚିଲେ ଅଟକେ ମୟୂରୀ
କଥାରେତୋ ମନ ନେଉ କିଣି ।

ପାଠତୋର ସତରେ ବଢିଆ
ପ୍ରେମ କିନ୍ତୁ ଭରା ଛଳନାରେ
ଶୁଣିଥିଲି ଭଲ ଅଭିନେତ୍ରୀ
ଭାସିଗଲି ତୋ ଅଭିନୟରେ ।

କେତେ ଲୋକ ଲେଖନ୍ତି କବିତା
ତୋ ଶବ୍ଦ ସବୁ ହୃଦୟକୁ ଛୁଏଁ
ସମାଜର କଥା ସବୁ ଭୁଲି
ଆଜିବି ମୁଁ ତୋତେ ଭଲପାଏ ।

କାଠି କୁଟା ଜରି ପତରରେ
ତୁ ଗଢୁ କେତେ ହସ୍ତକଳା
ତୋ ସ୍ମୃତି ଭାରି ମିଠା ମିଠା
ହେଉପଛେ ବିରହର ଜ୍ୱାଳା ।

ସମ୍ପାଦକ,- କବିର ଘର ଇ-ପତ୍ରିକା
କୁଣ୍ଡିଲୋ କେରଙ୍ଗ ଖୋର୍ଦ୍ଧା, ୮୦୧୮୭୪୬୭୦୪

 Magazine Downloaded from www.aahwaan.com

# ଆଧୁନିକତା



ଜ୍ୟୋତିରଞ୍ଜନ
ମହାରଣା

ଚକୁଳି ପିଠା, ଗୁଡ ପକାଇଲେ
ଆହା କି ମିଠା
ସିଲଟ ଖଡିର ପ୍ରଥମ ଲେଖା
ହାତରେ ଟାଣେ ମୁଁ ,ବିଦ୍ୟାର ରେଖା

ପୁରୁଣା ପେଣ୍ଟ ସ୍କୁଲ ବେଗ୍ ହୁଏ
ସାରୁ ପତର ଟା ଛତା
Bata ସ୍ଲିପର ଏତେ ଯେ ଡିମାଣ୍ଡ
ମାରଇ କାଦୁଅ ଛିଟା

ପୁରୁଣା ଶାଢ଼ୀରେ ଟେବୁଲୁ ସଜାକୁ
ଦ୍ରୋଣାଚାର୍ଯ୍ୟ ନେଇ ଭାଷଣ
ଅଭିମନ୍ୟୁ ଆଜି ଜନମ ନିଏନା
ଇତିହାସ ଆଜି ପୁରାଣ

ମଧ୍ୟାହ୍ନ ଭୋଜନ ଗୁରୁ ଖାଇ ଯାଏ
ପିଲାଏ ଭୋକିଲା ରୁହନ୍ତି
ଗୁରୁମା ଆମର ସ୍କୁଟି ଚଢି ଆସି
Facebook ମଜା ନିଅନ୍ତି...

ସିଠାଲୋ, ନିଆଳି
କଟକ, ୭୫୪୨୯୪
ଭ୍ରାମ୍ୟଭାଷ : ୯୯୩୮୮୫୭୪୪୮

 Magazine Downloaded from www.aahwaan.com

# ଏଲକସ୍ ସାଇନ୍



ଦିଲ୍ଲୀପ କୁମାର ସାମଲ




ତୁମକୁ ଧରିବାକୁ ଭଲ ଲାଗେ ଦେଖିବାକୁ ଚକାଚକ
ପୁଣି ଆଖିକି ଭାରି ସୁଆଦ
ସେ ସୁଆଦର ମୂଲ୍ୟ ନାହିଁ
ଭାବିଦେଲେ ମନେ ଆସିଯାଏ କେତେ ଖେଦ ।

କାଚଘର ପରି ତୁମେ ଆଖିକୁ ସୁନ୍ଦର
ବେଳେବେଳେ ଲାଗେ ଅବାନ୍ତର
ମଦ ନିଶା ଠାରୁ ଆହୁରି ସେ ନିଶା
ଚାବୁକ ପ୍ରହାର ପରି ମନରେ ମାଡ଼ ହୁଏ ବାରମ୍ବାର ।

ତୁମର ସେ ଅର୍ଦ୍ଧନଗ୍ନ ଦେହ ଭାରି ଭଲଲାଗେ
ମସ୍ତିଷ୍କ ହୁଏ ନାହିଁ ହଲଚଲ
ଆଜିର ଏ ସମାଜରେ କଣ ଘଟିଲାଣି
ମନକୁ କଲାଣି ବେହାଲ ।

ମାନିଯାଉ ଯଉବନ ଜୀବନରେ ଥରେ ଆସେ
ବାଟ ଦେଇ କହି ଚାଲିଯାଏ
ସେ ନୁହେଁ କ୍ଷଣସ୍ଥାୟୀ
ନିଶା ସବୁଦିନ ପାଇଁ ରହିଯାଏ ।

 Magazine Downloaded from www.aahwaan.com

ଗାଁ ପୋଖରୀର ଦୁଇ ତୁଠେ

ମଇପି ମରଦଙ୍କର ଗାଧୁଆ ହୁଏ

ନାହିଁ ସେଠି ଲାଜ ବେସରମ

ନଥାଏ ଲାଜ ଥାଏ ସଭିଏଁ ପାଖେ ସମ୍ମାନ ।

କିଏ କହେ ସଂସ୍କାର ହୀନ

ପୁଣି କିଏ କହେ ନାହିଁ ଲଜ୍ଜ୍ୟା ନିବାରଣ

ଯିଏ କହେ ସେ କି ବୁଝିପାରେ

ସଂସାରରେ ସଂସ୍କାର ଆଉ ସଂସ୍କୃତି କଣ ।

ଏବେକାର ସଂସ୍କୃତି ବୋଧେ ସହରୀ ଜୀବନ

ଆଉ ପାଶ୍ଚାତ୍ୟର ବେଶଭୁଷା

ବାଥରୁମର ସାୱାର ତଳେ ବିବସ୍ତ୍ର ଗାଧୁଆ

ଏହା କଣ ସଂସ୍କୃତିର ପରିଭାଷା ।

ଏ କଣ ଆମ ସଂସ୍କୃତି

ଲାଗେ କାହିଁ ବିକୃତି

ଭାଙ୍ଗ ନିଶା ଠାରୁ ଆହୁରି ସେ ନିଶା

ଜୋକ ପରି ଲାଗିଛିଯେ ଛାଡୁନାହିଁ ଏଇ ପାଶ୍ଚାତ୍ୟ ସଂସ୍କୃତି ।

ବାପା ଅଜା ବେଳ କାଳ ଘର ହାଣ୍ଡିଶାଳ

ଗାଁ'ର ସେ ପରିବେଶ କେତେ ଶୃଙ୍ଖଳିତ

ଭାରି ସଂସ୍କାରିତ, ଭାବିଦେଲେ ଭଲ ଲାଗେ ପୁଣି ଦୁଃଖ

 Magazine Downloaded from www.aahwaan.com

ଆଜିର ଏ ସମାଜ ବିବସ୍ତ୍ର ଆଉ ବିଶୃଙ୍ଖଳିତ ।

ଯାହା କିଛି ସୁବିଧା ତାହା ବୋଧେ ସଂସ୍କୃତି

ତା ବୋଲି ନାହିଁ ଲଜ୍ଜ୍ୟା ନିବାରଣ

ଶତକଡ଼ା କିଛି ଭାଗ ରହୁ ମନେ

ଆଉ ଆଖି ଆଗେ ପାପପୁଣ୍ୟ ବିଚାର ଆଚାର ।

ଭଗବାନ ନାହିଁ ଆଜି ତୁମର ସଂସ୍କୃତିର ଶ୍ରେଷ୍ଠ ବାଣୀ

ପୁରୁଣା ଯାଇ ଯୋଡ଼ି ହେଲାଣି ନୂଆ କାହାଣୀ

ସବୁ ଦେଖି ସହିଲାଣି କଣ କେଜାଣି

ସଂଯମତା ଚାହିଁଲଣି ଏ ଧରଣୀ ।

ସଂସ୍କୃତି ନୁହେଁ ଆଜି କୂଅ ପୋଖରୀ ବିଲବଣ

ବୋଧେ ବାଥରୁମ ସାୱାର ପୁଣି ଟଏଲେଟ ଆଉ ବେସିନ

ଦେଖିବାକୁ ସବୁ ଭଲ ଲାଗେ ପୁଣି ମନେ ଅବଶୋଷ

ଆଜିର ସଂସ୍କୃତି ବୋଧେ ଦେଖିବାକୁ ଲେଖା ଫିଙ୍ଗା ପେନ ଏଲକସ ସାଇନ ।

ରାଇପୁର, ନୟାଗଡ଼

ଭ୍ରାମ୍ୟଭାଷ : ୯୮୫୩୫୭୦୦୯୯

 Magazine Downloaded from www.aahwaan.com

# ବୋଉ ମାରିବ



ନୂତନ କୁମାର ବେହେରା

ପିଲେ ମୋ କଥା
ଟିକେ ଶୁଣିବ,
ନିୟମିତ ସ୍କୁଲ ଯିବ
ମନ ଦେଇ ପାଠ ପଢ଼ିବ
ନହେଲେ ବୋଉ ମାରିବ ।

ନହୁଅ ଅଝଟ
ହୁଅ ଭଲ ଚାଟ
ମନ କରି ଛୋଟ
ଧରନା ମନ୍ଦ ବାଟ,
ଯିଏ ଦେଖିବ
ପ୍ରଶଂସା ନ କରି
ବହୁତ ଗାଳି ଦେବ
ଶୁଣି ବୋଉ ମାରିବ ।

ସାଙ୍ଗ ସାଥିରେ ଖେଳିବ
କଳି ଗଣ୍ଡଗୋଳ ନ କରିବ ,
ପିଟାପିଟି ହେଲେ
ଦେହକୁ କାଟିବ
ସହି ନ ପାରି ଭେଁ ଭେଁ କାନ୍ଦିବ,
ବୁଝାଇ ଦେଲେ ବୁଝି ତୁନି ହେବ
ନହେଲେ ରାଗିଯାଇ ବୋଉ ମାରିବ ।

ଗୁରୁ ଗୁରୁଜନ କଥା ମାନିବ
ଭାଇ ଭଉଣୀଙ୍କୁ ସେନେହ କରିବ
କେବେ ଜିଦ୍ଦି ନ କରିବ
ଦରକାର ଯାହା ମାଗି ନେବ,
ଚୋରି ନ କରିବ
କି କାହାଠୁ ଛଡାଇ ନ ଆଣିବ
ଏ କଥା ଜାଣିଲେ ବୋଉ ମାରିବ ।

 Magazine Downloaded from www.aahwaan.com

ସ୍କୁଲରେ ତ ଦଣ୍ଡ
କେବେ ନ ପାଇବ
ଦଣ୍ଡ ମୁକ୍ତ ଅଞ୍ଚଳରେ ପଢିବ
ଅଝଟ ହେଲେ କିଏ ସମ୍ଭାଳିବ,
ବୋଉ ଆକଟ ବାପାର ଧମକ
ତୁମକୁ ଭଲ ବାଟ ଦେଖାଇବ,
ଏତେ ସବୁ କଥା ଯଦି ନ ମାନିବ
ବଡ ହେଲେ ହଇରାଣ ହେବ,
ବୁଝାଇଲେ ଯେବେ ବୁଝିଯିବ
ନିଶ୍ଚେ ସୁନା ପିଲା ହେବ
ଅଯଥା କାହିଁକି ବୋଉ ମାରିବ ।

କୋହି, ଗଡିଆ, ମୟୂରଭଞ୍ଜ ।

 Magazine Downloaded from www.aahwaan.com

# କେମିତି କହିବି



ସେଠୀ କାର୍ତ୍ତିକ ଚନ୍ଦ୍ର

କେମିତି କହିବି ଦରଦୀ ବନ୍ଧୁ ଟେ
ନୀଳମଣି କହ ମୋ'ର
ଲୁହ ହୋଇ ଆସୁ ମହ ମହ ବାସୁ
ନ ଦେଉ କେବେ ଉତ୍ତର !! ୧

ଚାହିଁ ରହିଥାଉ ପଦେ ବି ନ କହୁ
ପଲକ ପଡେନି ତୋ'ର
ବଡ଼ ବଡ଼ ଆଖି ମନେ ଯାଏ ଲାଖି
ଆଉ ରଙ୍ଗା ପାଟି ତୋ'ର ।।୨

ଚନ୍ଦନ ଚର୍ଚ୍ଚିତ ମସ୍ତକ ଶୋଭିତ
କେକୀ ପୁଚ୍ଛ ଚନ୍ଦ୍ର ଡୋରେ
ଲୋଭନୀୟ ପୁଣି ଶ୍ରୀବାଙ୍କ ଚାହାଁଣି
କୋଟି କନ୍ଦର୍ପ ବି ହାରେ ।।୩

ଦିବ୍ୟ ଅଙ୍ଗ, ରୂପେ ଶୋଭାପାଉ ହେଲେ
ପୂତିଗନ୍ଧ ମୋ'ର ଘର
ଘୂରି ବୁଲିବା କି ଭାଗ୍ୟେ ମୋ'ର ଲେଖା
ପାଶେ ଥାଇ ହେଉ ଦୂର !! ୪

ଜନ୍ମରୁ ଜନ୍ମକୁ କଳ୍ପକଳ୍ପ ଯାଏଁ
ଦିଗହରା ଏଇ ବନ୍ଧୁ
କି ମଜା ପାଉଛୁ କହରେ ଶ୍ରୀମୁଖ
ହୋଇ ତୁ ଆନନ୍ଦ ସିନ୍ଧୁ ।।୫

ତୁ ଚାହିଁଲେ ଧନ ଗୋଟେ ଜନମରେ
ଭବୁ ହୋଇଯିବି ପାର
ଭକ୍ତି ସୁଧାରସେ 'ଜଗନ୍ନାଥ' ଗାଇ
ବୁହାଇବି ଅଶ୍ରୁ ଧାର ।।୬

ଛାଡ଼ିଯିବି ନାହିଁ ତୋ' ବଡ଼ଦାଣ୍ଡକୁ
ଆସୁଥିବି ବାର ବାର
ଜୀବନ୍ମୁକ୍ତ ଥରେ କରିଦେ କାଳିଆ
ମୁକ୍ତି ଆଶା ନାହିଁ ମୋ'ର ।।୭

ଚଉମୁଖ, ବାଲେଶ୍ୱର

 Magazine Downloaded from www.aahwaan.com

# ସ୍ମୃତି



ଚିନ୍ମୟ ଶୁଭ୍ରାଂଶୁ

ସ୍ମୃତିର ସେଇ ଭଗ୍ନ ଉଆସରେ
ଅଜଣା ଛବିଟି କାହାର... ?
ଅଜଣା ଛବିର ଉଜ୍ଜ୍ୱଳ ମୁହଁଟି
ଚିହ୍ନା ଚିହ୍ନା ଲାଗେ ମୋର ।
ଅଜଣା ଛବିର ଅଖି ଦୁଇଟି କୁ
ଲାଗୁଛି ଦେଖିଚି କେବେ... ?
ଭୁଲି ମୁଁ ଗଲିଣି ଆଖି ଦୁଇଟି କୁ
ମନେ ନାହିଁ ମୋର ଏବେ ।
ହସ ହସ ମୁହଁ ଅଜଣା ଛବିର
ମନେ ମୋର ପଡୁଅଛି
କିଏ ଜଣେ ଏବେ ଜୀବନ୍ତ ଛବିଟି
କୋଉଠି କେମିତି ଅଛି... ?

ସ୍ମୃତିର ସେଇ ଭଗ୍ନ ଉଆସରୁ
ଝରି ଆସେ କିଛି କୋହ
ହସିବି ହସିବି ଭାବିଲା ବେଳକୁ
ଝରିଯାଏ ଆଖି ଲୁହ ।
ମନେ ପଡିଗଲା ଅଜଣା ଛବିର
ଆଖି ହସ ଆଉ ମୁହଁ
ସ୍ମୃତି କୋଠରୀ ରେ ଆବଦ୍ଧ ରହିଛି
ଭାବନା ତାହାରି ନାମ ।

ଗ୍ରାମ/ପୋ: - କୁଆମରା, ଥାନା - ଖୁଣ୍ଟା
ଜିଲ୍ଲା - ମୟୂରଭଞ୍ଜ, ଓଡ଼ିଶା, ୭୫୭୦୨୭
ଭ୍ରାମ୍ୟଭାଷ - ୯୭୭୬୦୫୦୬୬୭

 Magazine Downloaded from www.aahwaan.com

# ମନ ଆଇନା



ଆଶୁତୋଷ ମେହେର

ଆଖିରେ ମୋ ଯାହା ପଢୁଛ ପ୍ରିୟେ ଗୋ
ମନ ର ଆଇନା ଦେଖି
ସେଇ କଥା ସବୁ ଖୋଜିଲେ ପାଇବ
ହୃଦୟେ ଦେଇଛି ଲେଖି ।।

ଓଠ କେବେ କେବେ କହି ଯେ ପାରେନା
ମରମ ଭିତର କଥା
ହୃଦୟୁ ନିଗିଡି ଆଖି ଲୁହ ଧାର
ଗାଇ ଦିଏ ସବୁ ବ୍ୟଥା
କିଏ ସେ ଜାଣିବ ଏହା ଠୁଁ ଅଧିକା
ତୁମେ ଏକା ସାକ୍ଷୀ ସଖି
......ହୃଦୟେ ଦେଇଛି ଲେଖି ।।୧।।

କିଛି କଥା ଆସେ ଲୁହ ହୋଇ ସିନା
କିଛି କଥା ହୁଏ ଲହୁ
କିଛି କଥା ପୁଣି ପାଷାଣ ପ୍ରତିମା
ବନି ଯାଏ କହୁ କହୁ
କିଛି କଥା ପୁଣି ବାଟ ବଣା ହୁଏ
ମନ ଗହିରରେ ଲାଖି
.........ହୃଦୟେ ଦେଇଛି ଲେଖି ।।୨।।

୫୪, ଆର୍ଯ୍ୟପଲ୍ଲୀ
କିଟଛକ,ପଟିଆ
ଭୁବନେଶ୍ୱର ୭୫୧୦୨୪
ଦୂରଭାଷ : ୯୪୩୭୦୮୫୩୯୬

Magazine Downloaded from www.aahwaan.com

# ସୁନାର ଭାରତ



ମନୋରମା ହାତୀ

ହେ ମୋ ଦେଶର ବୀର ସୈନିକ,

ଏ ଦେଶର ଅଧାଲୋକ
ଅନୀତି ଅତ୍ୟାଚାରରେ ମାତିଥିବା ବେଳେ
ତମେ ସବୁ ଭୋଗବିଳାସ ତ୍ୟାଗକରି
ଲହୁ ଲୁହାଣ ହେଉଥାଅ ଶତ୍ରୁର ଗୁଳିରେ
ପାଉଁଶ ହେଉଥାଅ ବିସ୍ଫୋରଣରେ
ଖାସ୍ ଆମ ପାଇଁ,
ଯିଏ ଲୁଣ୍ଠନ କରନ୍ତି ଦିନ ଦିପ୍ରହରେ
ଅନ୍ୟର ଅର୍ଜିତ ଧନ
ଯିଏ ଧର୍ମର ଭେଦଭାବ ନେଇ
ପ୍ରତିଦିନ କରେ ଶହ ଶହ ଗଣ୍ଡଗୋଳ
ଆନ୍ଦୋଳନ ପୁଣି ଆନ୍ଦୋଳନକୁ
ରାଜନୀତିର ରୂପ ଦେବା ଲାଗି
ଅବିରତ ଚକ୍ରାନ୍ତରେ ଜଡିତ

ଯିଏ ସ୍ୱପ୍ନ ଦେଖନ୍ତି
ସଂପଦ ବିଭବ ପ୍ରାଚୁର୍ଯ୍ୟରେ
ସାରା ଜୀବନ କାଟିବାର
ଯିଏ ନିଜ ଭିତରର ମଣିଷପଣିଆ ମାରି
ବଢାଇବାରେ ଲାଗିଥାନ୍ତି ବ୍ୟାଙ୍କ ବାଲାନସ୍
ଅଥଚ ରାସ୍ତାରେ ସର୍ବହରାର ପାତ୍ରରେ
ଟଙ୍କାଟିଏ ଫିଙ୍ଗନ୍ତିନି

ଯିଏ ମାତିଥାନ୍ତି
ସରଳ ନିରୀହଙ୍କୁ ଠକିବାରେ
ଲାଞ୍ଚ ମାଗିବାରେ
ଯିଏ ବଳପୂର୍ବକ ଶକ୍ତିମୟୀ ନାରୀକୁ
ଲାଗିଥାନ୍ତି ବିବସ୍ତ୍ର କରିବାରେ
ଚବିଶ ଘଣ୍ଟାରୁ ଘଣ୍ଟାଟିଏ ସମୟ ନାହିଁ

 Magazine Downloaded from www.aahwaan.com

ନିଜ ମାତୃଭୂମି କଥା ଭାବିବା ପାଇଁ

ଅଥଚ ଲକ୍ଷ ଲକ୍ଷ ଯୁବଜାତି ଏଠି

ଦିନ ତମାମ ରାତି ତମାମ

ମାତାଲ ହୁଅନ୍ତି ବାର୍ ରେ ରାଜରାସ୍ତାରେ

ଆଉ ତମେ !

ଜୀବନ ତମାମ ବିତାଅ

ବରଫାବୃତ ଅଞ୍ଚଳରେ ଘଞ୍ଚ ଅରଣ୍ୟରେ

ସେ ବି ଉଜାଗରେ

ଖାସ୍ !ଏଇ ମାନଙ୍କର ସୁରକ୍ଷା ଲାଗି

ସତରେ ! ତମେ କଣ

ଏଇମାନଙ୍କୁ ନେଇ ଆଗାମୀର

ସୁନାର ଭାରତ ଗଢିପାରିବ !

ସମସ୍ତ ଭାରତପ୍ରେମୀ ମାନଙ୍କ ପାଇଁ

ଏହା ଆଜି ପ୍ରଶ୍ନ ବାଚୀ...... ।

କନ୍ହେଇପୁର, ସି. ଆର୍. ଆର୍. ଆଇ, କଟକ, ୭୫୩୦୦୬

ଭ୍ରାମ୍ୟଭାଷ : ୮୯୧୭୨୭୯୦୨୩

 Magazine Downloaded from www.aahwaan.com

# ଶୁଣ୍ ଲୋ କୋଇଲି



କାଳିନ୍ଦୀ ରାଉତ

ଶୁଣ୍ ଲୋ କୋଇଲି,

ତୁ କେମିତି ବାହାର କରିପାରୁଛୁ

ତୋର କଳା ରଙ୍ଗ ଭିତରୁ କୁହୁତାନର ମଧୁର ମୂର୍ଚ୍ଛନା ?

ଶିଖାଇ ଦିଅନ୍ତୁନି ଥରେ,

କଳା ମୁଖା ପିନ୍ଧା ମଣିଷ ମାନଙ୍କୁ

ପ୍ରେମ ସଙ୍ଗୀତର ପରିଭାଷା,

ବୁଝାଇ ଦିଅନ୍ତୁନି ଥରେ ବିଧର୍ମୀ ମାନଙ୍କୁ

ଧର୍ମର ମାନେ ଅନ୍ୟକୁ ଭଲ ପାଇବା ।

ଶୁଣ୍ ଲୋ କୋଇଲି,

ତୋ କୁହୁତାନର ମହୁରେ ଭିଜିଯାଆନ୍ତାନି ସାରା ଦୁନିଆ,

ହଜି ଯାଆନ୍ତାନି କାଉ ମାନଙ୍କର କର୍କଶ ସ୍ୱର  ସବୁ

ଆକାଶର ନୀଳ ନୀରବତା ଭିତରେ ।

ଯେଉଁଠି ମଣିଷ ମନରେ ଫଗୁଣ ଆସିନି

ମଳୟ ପବନ ଛୁଇଁ ଯାଆନ୍ତାନି ସେମାନଙ୍କୁ,

ପ୍ରେମ ହେଇଯାଆନ୍ତାନି ସେ ଆତଙ୍କବାଦୀମାନଙ୍କୁ,

 Magazine Downloaded from www.aahwaan.com

ଧର୍ଷଣକାରୀଙ୍କୁ, ଆଉ ବିଶ୍ୱାସ ଘାତୀଙ୍କୁ ।

ଶୁଣ୍ ଲୋ କୋଇଲି,

ଯେଉଁ ମାଟି ରକ୍ତ ରଞ୍ଜିତ ଲାଲ୍ ରଙ୍ଗର ହୋଲି ଖେଳରେ,

ସେଠି ଫଗୁଣର ଫଗୁ ସବୁ ବିଛେଇ ହେଇଯାଆନ୍ତାନି

ପୁଲ୍ ବାମାଠୁ ପେଶାବର ଯାଏ, କୋରିଆଠୁ ସିରିୟା ଯାଏ,

ଆଉ ଇସ୍ରାଏଲ୍ ରୁ ପାଲେଷ୍ଟାଇନ୍ ଯାଏ ।

ଶୁଣ୍ ଲୋ କୋଇଲି,

ହୋଲିକା ଦହନରେ,

ସବୁ ଆର୍ଡିଏକ୍ସ,ଆଇଇଡି କାଠ ହେଇ ଜଳି ଯାଆନ୍ତାନି,

ଆଉ ପୃଥିବୀର ସବୁ ପରମାଣୁ ବୋମା ଫୁଟି ଯାଆନ୍ତାନି

ଫଗୁଣର ଫୁଲ ସବୁ ହେଇ ! ! !

 Magazine Downloaded from www.aahwaan.com

# କାଣିଚାଏ ଚିନ୍ତନ



ଅବିନାଶ ବେହେରା

ଅଧିର ନ ହୋଇ, ଅବିରତ କରି ନିଜ କର୍ତ୍ତବ୍ୟ
ଅଧିକ ନ ଭାବି, ଅନୁସନ୍ଧାନ କର ଚିରସତ୍ୟ ।

ଆରମ୍ଭ ଅଛି ଯାହାର, ନିଶ୍ଚେ ଶେଷ ଅଛି ତାହାର,
ଆଶାର ଆଲୋକ ଝଲସି ଉଠେ, ଦୂରେଇ ଅନ୍ଧାର ।

ଇଚ୍ଛାରେ ମଣିଷ ବଞ୍ଚିବାକୁ ଚାହେଁ, କିନ୍ତୁ ପାରେନା
ଈର୍ଷାରେ ଛନ୍ଦିହୋଇ ଜଳିଯାଏ, ପାଏ ବିଡମ୍ବନା ।

ଈଶ୍ୱର ସବୁଠାରେ, ହୋଇ ନିରାକାର ବିଦ୍ୟମାନ
ଈଶ୍ୱର କରନ୍ତି ସଭିଁଙ୍କ ସମସ୍ୟାର ସମାଧାନ ।

ଉତ୍ତର ଖୋଜିବା ନୁହଁଇ ସହଜ, ସବୁ ପ୍ରଶ୍ନର
ଉତ୍ତର ପାଇବି କେବେ ହବାକୁ ହୁଏ ନିରୁତ୍ତର ।

ଊର୍ଦ୍ଧ୍ୱଦେଶୁ ତଳକୁ ଦେଖିବା ହୁଏନାହିଁ ସମ୍ଭବ

 Magazine Downloaded from www.aahwaan.com

ଊଣା ରହିଯାଏ ଅନ୍ୟର ପାଉଣା ଦେବାକୁ ହେବ ।

ଋଣ ନେଇ ନେଇ ଉଧାରରେ ଚାଲଇ ଏ ଜୀବନ
ଋତୁରାଜ ବସନ୍ତ କରେ କୋଇଲିକୁ ଅଭିମାନ ।

ଏକମାତ୍ର ଉପାୟ ଚିନ୍ତନ ବିଭୂପାଦେ ମନନ
ଏଥିପାଇଁ ମନର ମନ୍ଦିରରେ ପ୍ରଭୁ ବିଦ୍ୟମାନ ।

ଐତିହ୍ୟକୁ କରି ପାଥେୟ ଦେଖରେ ବଡସପନ
ଐଶ୍ୱରୀୟ ଶକ୍ତି ବଳରେ ହେବ ବୁଦ୍ଧିର ବପନ ।

ଓଡିଆ କହିବା ଓଡିଆ ଲେଖିବା ଆମର ଧର୍ମ
ଓଡ଼ିଶାର ମାନରଖି ଓଡ଼ିଆର ବୁଝିବା ମର୍ମ ।

ଔଷଧ ସେବନ କଷ୍ଟରୁ ଦିଏ କିଛିଟା ଆରାମ
ଔଷଧୀୟ ବୃକ୍ଷ ଲଗାଇଲେ ଭାଇ ଶାନ୍ତି ପରମ ।

ସଂସ୍କୃତ ଶିକ୍ଷକ, ବାକରତଳା ସରକାରୀ ଉଚ୍ଚ ବିଦ୍ୟାଳୟ,
ମୟୂରଭଞ୍ଜ ।
ଭ୍ରାମ୍ୟଭାଷ:୯୯୩୮୩୩୪୨୨୫

 Magazine Downloaded from www.aahwaan.com

# ଅର୍ଦ୍ଧାଙ୍ଗିନୀ



ଓଜସ୍ୱିନୀ ଶତପଥୀ

ମୁଁ ଗାନ୍ଧାରୀ....
ଦିନେ ଥିଲି ଗନ୍ଧର୍ବ ଦୁଲାରୀ
ଆଖିରେ ସ୍ୱପ୍ନ ଥିଲା ଅସୁମାରୀ
ଅଖଣ୍ଡ-ସୌଭାଗ୍ୟବତୀ ହେବାର ଇଚ୍ଛା ନେଇ
ମୋର ପ୍ରାଣପ୍ରିୟତମର ଅପେକ୍ଷାରେ ଥିଲି
କିନ୍ତୁ ବିଧିର କି ବିଡ଼ମ୍ବନା ! ! ! !
ନିୟତିର କଠୋର ଚକ୍ରାନ୍ତ
ଭାଙ୍ଗିଗଲା ମୋ ନରମ ସ୍ୱପ୍ନ
ହେଲି ମୁଁ ଧୃତରାଷ୍ଟ୍ର ଜାୟା
ଭରିଗଲା ଅନ୍ଧକାର ଛାୟା
ତିଳେ ମାତ୍ର ଭୃକ୍ଷେପ ନ କରି
ଆଖିରେ ବାନ୍ଧିଲି ପଟି
ଆଜୀବନ ନେତ୍ରହୀନା ହେଲି
କାହାପାଇଁ ଥିଲା ଏ ତ୍ୟାଗ, ଏ ସମର୍ପଣ ? ?
କେବଳ ରଖିବା ପାଇଁ ସ୍ୱାମୀର ଅଭିମାନ ।
ନିଜକୁ ସ୍ୱାମୀର ସମତୁଲ କରିବା ପାଇଁ
ସହଧର୍ମିଣୀ, ସହକର୍ମିଣୀ, ସଙ୍ଗିନୀ ହେବା ପାଇଁ
ନିଜଆଖିରେ ନିଜେ ବାନ୍ଧିଲି ଅନ୍ଧପୁଟୁଳି । । ।

ମୁଁ ଯାଜ୍ଞସେନୀ....
ଯଜ୍ଞର ଔରସରୁ ଜାତ ହେଇଥିଲି
ଅସାମାନ୍ୟ ରୂପସୀ, ଅସାଧାରଣ ବୁଦ୍ଧି
ଅଜସ୍ର ସମ୍ଭାବନାର ଥିଲି ଅଧିକାରୀ
ସମୟ କ୍ରମେ ହେଲା ସ୍ୱୟଂବର
ପତି ହେଲେ ସର୍ବଶ୍ରେଷ୍ଠ ଧନୁର୍ଦ୍ଧର
କିନ୍ତୁ,........
ନିୟତିର ଅଦ୍ଭୁତ କରାମତି
ବିନା ଦୋଷେ ହେଲି ମୁଁ ପାଞ୍ଚାଳୀ
ପାଞ୍ଚ ପୁରୁଷରେ ବଣ୍ଟା ହେଲି
ନିରୀହ, ନିର୍ଜିବ ବସ୍ତୁ ପରି
କାହାପାଇଁ ନିଜ ଅସ୍ତିତ୍ୱକୁ ଜଳାଞ୍ଜଳୀ ଦେଲି ? ? ? ? ?
କେବଳ 'ମାତୃ ବଚନ'କୁ ସମ୍ମାନ ଦେବାପାଇଁ ।
କେବଳ ମାତୃ ଆଜ୍ଞା ପାଳନ ପାଇଁ
ଆତ୍ମସମର୍ପଣ କଲି
ତଥାପି ଜଗତ କହିଲା ମତେ

 Magazine Downloaded from www.aahwaan.com

ଆତ୍ମଗର୍ବୀ, ଅହଂକାରୀ । ।

ମୁଁ ଝାନସୀ ରାଣୀ ଲକ୍ଷ୍ମୀବାଇ
ଅଗ୍ନିକୁ ସାକ୍ଷୀ ରଖି
ଦେଲି ପ୍ରତିଶ୍ରୁତି
ଦୁଃଖରେ, ସୁଖରେ
ଅଭାବରେ, ସ୍ୱଭାବରେ
ବିପଦରେ, ସଂପଦରେ
ଶୁଭରେ, ଅଶୁଭରେ
ଅନୁକୂଳେ ପ୍ରତିକୂଳେ
ତୁମ ପାଖରେ ଠିଆ ହେବି
ପ୍ରତିଛବି, ପ୍ରତିବିମ୍ବ ପରି
ସେଇ ପ୍ରତିଶ୍ରୁତି ପାଇଁ
ଉଠାଇଲି, ଖଡ୍ଗ ଆଉ ଢାଲ
ବ୍ରିଟିଶ ସାମ୍ରାଜ୍ୟକୁ କଲି ଛାରଖାର
ଯୁଦ୍ଧଭୂମିରେ, ସ୍ଥିତପ୍ରଜ୍ଞ ରହି
ଅଜସ୍ର ଅଶ୍ରୁ ଆଉ କୋହକୁ ଲୁଚାଇ
ଶେଷରେ ବିଜୟିନୀ ହେଲି
କାହା ପାଇଁ ? ? ? ? ? ?
କେବଳ ସ୍ୱାମୀର ସମ୍ମାନ ପାଇଁ ।

ମୁଁ ନାରୀ, ପତ୍ନୀ, ଭଗିନୀ ଜାୟା
ବସୁନ୍ଧରା ପରି ସର୍ବସହା
ମୁଁ ଅଗ୍ନି ପଥରେ ଚାଲିପାରେ
ଧୈର୍ଯ୍ୟ ଆଉ ଆତ୍ମବିଶ୍ୱାସ ନେଇ
ମୁଁ ପର୍ବତ ଶିଖରକୁ ଚାହିଁ ପାରେ
ଅଟଳ, ଅସ୍ଥିର ଦୃଢନିଶ୍ଚୟ ନେଇ
ସଫଳତା ମୋର ପ୍ରତିଜ୍ଞା
ଜିତିବା ମୋ ଜୀବନର ସଂଜ୍ଞା
ମୁଁ ବିଶ୍ୱଜିତା...
କିନ୍ତୁ ସାରା ବିଶ୍ୱକୁ ଜିତିବା ଆଗରୁ
ମୁଁ ତୁମ ଅର୍ଦ୍ଧାଙ୍ଗିନୀ, ପତ୍ନୀ ଓ ପରିଣୀତା ।

ଓଜସ୍ୱିନୀ ଶତପଥୀ, ନୂଆ ଦିଲ୍ଲୀ

Magazine Downloaded from www.aahwaan.com

# ନିର୍ବାଚନ



କସ୍ତୁରୀ ଚରଣ ରାଉତ

ଭାରତୀୟ ଆମେ ବଡ ସଂପଦଟା
ଆମ ମାନ ସନମାନ
ଭୁଲିଯାଉ ଆମେ ନେତା ଓ ଜନତା
ଆସିଗଲେ ନିର୍ବାଚନ ।

କେତେଟା ଟଙ୍କାରେ ବୋତଲେ ମଦରେ
ସ୍ୱାଭିମାନ ଦେଇ ବିକି
ଗଣତନ୍ତ୍ର ନାମ କରୁ କଳୁଷିତ
ପାଞ୍ଚ ବର୍ଷ ଯାଉ ଠକି ।

କ୍ଷମତା ମଞ୍ଚରେ ଅଭିନେତା ସାଜି
ନେତା କରନ୍ତି ଶାସନ
ମୂଲ୍ୟବୋଧ ଭୁଲି କରିବାନି ଆମେ
ନିକୃଷ୍ଟ ପ୍ରାର୍ଥୀ ଚୟନ ।

ଲାଭ ଛଡା ନେତା କ୍ଷତି ସହିବାକୁ
ପ୍ରସ୍ତୁତ ନୁହଁନ୍ତି କେହି
ରାଜନୀତି ଏବେ ସେବା ନୁହେଁ ଭାଇ
ବେପାର ଯାଇଛି ହୋଇ ।

ଶିକ୍ଷକ, ଧଣ୍ଡାମାଳ, ଦେଓଗାଁ, ବଲାଙ୍ଗୀର, ମୋ-
ଭ୍ରାମ୍ୟଭାଷ : ୯୯୩୭୯୮୨୮୪୬

Magazine Downloaded from www.aahwaan.com

# ବଉଳର ବାସ୍ନା



ସସ୍ମିତା ମିଶ୍ର

ବଉଳର ବାସ୍ନାରେ

ତୋଟା ମନେ ପଡେ

ତୋଟାମନେ ପଡୁ ପଡୁ

ମୋ ଗାଁ ମନେ ପଡେ

ବସନ୍ତେ ବଉଳଭରା ଆମ୍ବ ବନେ ହଜିଥିବା

କୁହୁ କୁହୁ କୋଇଲିର ସୁର ମନେପଡେ

ବଉଳର ବାସ୍ନାରେ

ପିଲା ବେଳ ମନେପଡେ

ତୋର ଥରେ କୁ ମୋର ଥରେ

କେତେ ଥର ନକଲିଆ କୁହୁ ମନେପଡେ

ମୋ କୁହୁରେ ସିଏ କିଆଁ ରାବୁ ନାହିଁ

ଉଡ଼ିଗଲା କାହିଁ

ଉଣ୍ଡି ଉଣ୍ଡି ଆମ୍ବ ଡାଳେ

କୋଇଲିକୁ ଖୋଜିବାର

ଅଫେରା ସେଦିନ ମନେପଡେ

ବଉଳର ବାସ୍ନାରେ

ଗାଁ ଚାଳି ମନେପଡ଼େ

ଅଗଣାର ଛବି ମନେପଡେ

ଲିପାଅଗଣାରେ ପଖାଳର କଂସା ମନେପଡେ

ଅଝଟ ମୁଁ ହେଲାବେଳେ ଖାଇବିନି ବୋଲି

ଭାଙ୍ଗିଦିଏ ନାସିଲଗା କୁନି ଆମ୍ବଟିଏ

ତୋରାଣି ଟିକକ ଶୁଙ୍ଘାଇ ଦେଇ

କହେ ମା ମୋର 'କି ବାସ୍ନା ଖାଇବୁନି ତ'

ଗାବୁ ଗାବୁ ଭକ୍ଷିଦିଏ କ୍ଷଣିକେ ସେତକ

ବଉଳର ବାସ୍ନାରେ

ମାର ସେ ହାତ ମନେ ପଡ଼େ

ବଉଳର ବାସ୍ନା ରେ

ତମେ ମନେପଡ଼

 Magazine Downloaded from www.aahwaan.com

ଆଉ ନିଷ୍ପାପ ତମର ସେ
ପ୍ରେମ ମନେପଡ଼େ
ଆଗେ ଆଗେ ଚାଲି ଗଲେ ତମେ
ଗ୍ରାମ ଚଲା ପଥେ
ଧାଇଁଯାଇ ଭିଡି ଧରେ
ହାତଟାକୁ ଜବରରେ
କହେ "ମୁନୁ ଝାଡି ଦବୁନୁ ସେ ଆମ୍ବଟା,
ଦେଖ ବ୍ଲେଡପାତ ଲୁଣାଲଙ୍କା
ତତେ ବି ଦେବି"
ଫିଙ୍ଗି ଦେଇ ବସ୍ତାନି ଟା
ଫୋପଡ଼ା ଗୋଟାଇ ଆଣ ପୁରୁଷ ପୁଙ୍ଗବ
ମାର କେତେ ଢଂଗଢାଙ୍ଗ କରି
ଡ଼େଇଁଯାଏ କେତେ କଣ ଭାବି
ସତେକା ଲକ୍ଷ୍ୟ ଭେଦ ନ ହେଲେ
ରାମସୀତାଙ୍କ ବାହାଘର ବାତିଲ
ଆଉଟିକେ ଇ ଆଡକୁ ସି ଆଡ଼କୁ
ହେ ହେଲାନି ,ତୋ ଦେଇ ହବନି
ଶହେ ଡାଗିଦାର ଶେଷରେ
ଝଡାଇ ଦେଇ ଆମ୍ବଟା
ସଗର୍ବେ ହାତ କୁ ଦଉ ଦଉ.
ସରିଯାଏ. ପ୍ରାର୍ଥନା
ଏକ ଗୋଡ଼ିକିଆ ଠିଆକରି
ପଣ୍ଡିତେ ଧରନ୍ତି ବେତ
ତମେ ରଖ ଭିନ୍ନ ଦିନ
ଭିନ୍ନଭିନ୍ନ ବାହାନା ଭିନ୍ନ ମତ
ମୋ ବାବଦକୁ
ମିଛଟାକୁ କୁହ ସତ ପରି
ମୋରି ପାଇଁ
ଆରାମରେ ଖସିଯାଏ ମୁଁ
ନିର୍ଦୋଷରେ ଖଲାସ
ଛାଟ ପରେ ଛାଟ ଖାଇ
ଫାଟିଯାଏ ନୋଳା
ଫିଟେନାହିଁ ପାଟି
ନୀରବତା ଅନ୍ତଭେଦି
ଶବ୍ଦାୟିତ ତୁମର
ସେ ପ୍ରେମ ମନେପଡେ

ମହାନଦୀବିହାର ମହିଳା ମହାବିଦ୍ୟାଳୟ କଟକ
ଦୂରଭାଷ. 9078579612

 Magazine Downloaded from www.aahwaan.com

# ମୁଠାଏ ସ୍ମୃତି



ଲିପୁ ସାହୁ

ନିଦ ରାଇଜର ସପନ ପୁଅ
ଜାଳିଦିଏ ସ୍ମୃତିର ଦୀପାଳି
ନିଦ ହୁଏନା, ରାତି ପାହେନା
ଉଜାଗର ରହେ ଖାଲି ।

ଛୁଆଇ ଆଲୁଅ ଖେଳରେ
ହଜିଛି ଏ ଜୀବନ ଆଜି
ବାକି ରହିଯାଇଛି ଅତୀତର
ଭଙ୍ଗା ଗଢ଼ା ସ୍ମୃତି ଖାଲି ।

ଆଖିରେ ତୁମର ପ୍ରେମ ପିପାସା
ପାଗଳ କରିଛି ମତେ
ଆଶାର ଆଲୋକ ହୃଦୟେ ଜାଳି
ଦିନୁଦିନ ମତେ ମାରେ ।

ପାଇବାକୁ କିଛି ଆଶାନାହିଁ ବୋଲି
ମନକୁ ବୁଝାଏ ମିଛରେ
ସ୍ମୃତି ମୁଠାକ ଆଖିରେ ଜାକି
ଆଖିର ଲୁହ ଆଖିରେ ମାରେ ।

ଦୁର୍ବିସହ ଲାଗେ ଜୀବନ ଆଜି
ନାହିଁ ତା କୁଳ କିନ୍ନାରା
ମଝି ରାସ୍ତାରେ ଅଟକି ଯାଇଛି
ହୋଇ ଆଜି ଦିଗହରା ।

ଗ୍ରାମ- ରଥିଜେମା, ଅଶୀଘର ସାହି
ଇମେଲ୍ : lipusahoo9954@gmail.com
ଭ୍ରାମ୍ୟଭାଷ : ୯୭୭୭୯୩୯୩୬୩

 Magazine Downloaded from www.aahwaan.com

# ସ୍ୱପ୍ନ ସୁନ୍ଦରୀ



ଆତ୍ମପ୍ରକାଶ ସାହୁ

କି କହିବି କିଏ ସେ ପରି

ନିତି ଆସେ ସ୍ୱପ୍ନ ଧରି

ପକ୍ଷେ ବସେ, ବହୁତ ହସେ

ଜୀଇଁବାର ନୂଆ ଆଶା ଦିଏ

ହସିବା ନାଚିବା, ଆଉ ଖୋଲିକି ଜୀଇଁବା

ସେ ଶିଖେଇ ଦିଏ ।

କାହିଁକି କେଜାଣି ଭୁଲି ପାରେନା, ସେ ସ୍ୱପ୍ନକୁ

ଆଉ ସେ ସ୍ୱପ୍ନ ସୁନ୍ଦରୀକୁ

ପାହାନ୍ତା ସକାଳର ପରେ ପରେ ଭାବେ...

କୁଆଡେ ଗଲା ସେ ମୋ ପରୀ ?

ଆଉ ଅନେଇ ବସେ ସେ ରାତିକୁ ଯେଉଁ

ରାତିରେ

ମୁଁ ପୁଣି ବାହାନ ଖୋଜିବି ନିଦ ରାଣୀର

ତାକୁ ଟିକେ ଦେଖିବାକୁ.....ଗପିବାକୁ

ଆଉ ମନ ଖୋଲି ହସିବାକୁ ।

ସେ ବି ଆସେ ଏଇ ମୋ ମାନସେ

ଅଭୂଲା ସ୍ମୃତି ଗହନ ମାନେ ସାଉଣ୍ଟେ ।

ଭ୍ରାମ୍ୟଭାଷ : ୮୪୫୫୯୮୬୪୮୭

 Magazine Downloaded from www.aahwaan.com

# ଥୁଣ୍ଟା ଗଛ



ଶୁଭସ୍ମିତା ବେହେରା

ଆଜି ତୁମେ ମନେ ପଡ଼ିଗଲ
ହଁ ଟିକେ ଅଧିକା...
କିଛି ବିଶେଷ ମୁହୂର୍ତ୍ତର ସ୍ମୃତିମାନ
ଆଙ୍କି ହେଇଗଲା ଅଶାନ୍ତ ମନରେ...
ଲିଭାଇବାର ପ୍ରୟାସରେ
ବାରମ୍ବାର ହାରିଲି....
ଗୁମ୍ ହେଇ ବସିଲି ସେଇ ଥୁଣ୍ଟା ଗଛ ପାଶେ
ଯୋଉ ଗଛଟା ଦୃଶ୍ୟ ହେଉଥିଲା
ଠିକ୍ କଙ୍କାଳଟେ ପରି....
ଯେଉଁଠି ଦିନେ ପତ୍ର, ଫୁଲ ର ମିଶ୍ରିତ ରୂପ ଥିଲା
ସେ ଆଜି ଅଲୋଡା
ଠିକ୍ ମୋରି ପରି....
ସେ ଆଜି ବେସାହାରା
ହେଲେ,
ଦିନେ ଥିଲା ସଭିଙ୍କ ସାହାରା....
ମୁଁ ତଉଲି ବସେ
ତାକୁ ମତେ ନେଇ,
ତା ଜୀବନଟା ଚାଲିଗଲା ତ୍ୟାଗରେ
ଆଉ,
ମୋର ତୁମକୁ ନେଇ
ଅପେକ୍ଷା କରିବାରେ....
ସେ ତ୍ୟାଗରେ ଥିଲା
ତା ପାଇଁ ଆନଂଦ,
ମୋ ପାଇଁ ମୋ ଅପେକ୍ଷାର ପରମ ଶାନ୍ତି.....

ଜେନାପୁର, ଯାଜପୁର, ଓଡ଼ିଶା

 Magazine Downloaded from www.aahwaan.com

# ଆସ ଖୋଜିବା ଠିକଣା



ରାହାସ କୁମାର
ବେହେରା

କେଉଁଠି ପାଇବା ତା' ଘରର ଠିକଣା
ସେ'ତ ନୀଳ ଆକାଶର ରଙ୍ଗହୀନ ଚଢେଇଟିଏ
ସେ'ତ କାହା କଥା କୁହା ଅଲୌକିକ କାହାଣୀଟିଏ
ହେଲେ କେତେବେଳେ କେଉଁଠି ତା' ସନ୍ଧାନ ମିଳେ
ଘଞ୍ଚ ପାହାଡ଼, ଦୂର ଦିଗବଳୟ
ଅବା ସାଗର କୂଳ ସେପାରିରେ
ନା' ଭୂମିରେ/ଭୂମାରେ ??।

ସେତ ଏଇଠି ଥିଲା
ବିସ୍ତାରିଥିଲା ତା'ର
ନିଜ ଇଛାର ଦୁଇଟି ଲମ୍ବା ଡେଣା
ବସିଥିଲା ସମୟର ବୁଢା ବରଗଛ ଡାଳରେ
ପୁଣି ଉଡିଯାଇ ମୁନିଆ ଚଞ୍ଚୁରେ ନେଉଥିଲା
ଟିକି ଟିକି ଖୁଦ ମରୁଖର
ଜୀବନ୍ୟାସର ଅମୃତ ଦାନା ।

 Magazine Downloaded from www.aahwaan.com

ସମସ୍ତଙ୍କର ନିଜର ଗୋଟେ ଠିକଣା ଥାଏ

ନିଜ ନାଆଁ, ବାପାଙ୍କ ନାଆଁ, ଗ୍ରାମ, ଜିଲ୍ଲା, ପ୍ରଦେଶ

ଦେଶ ଅବା ମହାଦେଶ ଆମ ପୃଥିବୀ ଗ୍ରହ

ମାତ୍ର ନିଜ ଠିକଣା ଥାଇ

ନା ଁ କହିବା ନ ଜଣେଇବାର ଅର୍ଥ କଣ

ସେ ଜଡ ନା ଁ ଅନ୍ଧ, ମୁକ/ବଧିର ??।

ସେ ଗୋଟେ ଅଦୃଶ୍ୟ ଶକ୍ତିରର ସମାହାର

ସେ ଜାଣିଛି ସମ୍ମୋହନ କରିବାର କୌଶଳ

ସେ କେତେବେଳେ ଆସେ ଆଉ କେତେବେଳେ ଯାଏ

ସେ ଅମର, ଅଶରିରୀ ନିଜ ଇଛାର ମାଲିକ

ସେ ଆସିଲେ ଭରେ ଜୀବନ

ଜୀବ ସଞ୍ଚାରେ ପିଣ୍ଡରେ

ସେ ଗଲେ ଶୁଖିଯାଏ ଦେହ ରୂପୀ ସମୁଦ୍ର ।

ସେ ନା କେବେ ଜଳେ ନିଆଁରେ

ନା କେବେ ବୁଡ଼ାଇଲେ ବୁଡ଼େ ଅଗଭୀର ଜଳରେ

ତାର ନା କିଛି ଅଛି ନିଜର ଆକାର/ପ୍ରକାର

ସେ ରହେନା ପାହାଡ଼ ଗୁମ୍ଫାରେ

 Magazine Downloaded from www.aahwaan.com

ଅବା କୋଠାବାଡ଼ି କାହା ଇଛାରେ
ଅବା ହୋଟେଲ ଅବା ପାର୍କରେ
ସେ ଆସେ ମିଶେ ପବନରେ
କଥା ହୁଏ ଅଦୃଶ୍ୟରେ
ଦାନ୍ତ ଦେଖାଇ ହସେ
ସମୟର ଇଶାରାରେ ।

ଖୋଜିଲିଣି ତା' ଠିକଣା ଅନେକ ଦିନରୁ
ମୋ' ଜନ୍ମମରୁ ଆଜିଯାଏ ..
ପାଉନି ରହିବାର ସନ୍ଧାନ
ଜଗି ବସିଲେ ଆସେନି କି ଧରାବି ଦିଏନି
ସେ ଯେତେବେଳେ ନାଚ କରେ
ମୁଁ ଶୋଇଯାଇଥାଏ ମୋ ମାଆର କୋଳରେ
ଉଠିପଡିଲେ ମିଳେଇଯାଏ ମହା ଶୂନ୍ୟରେ ।

ବାଲ୍ୟମ୍ବା , ଢେଙ୍କାନାଳ :୭୫୯୦୧୫
ମୋ: ୯୪୩୮୧୧୪୩୬୮

Magazine Downloaded from www.aahwaan.com

# ଆମେ ମୟୂରଭଞ୍ଜିଆ



ପଙ୍କଜ କୁମାର ମାହାନା

ଆମେ ମୟୂରଭଞ୍ଜିଆ
ଆମ ମାଟି ଭଞ୍ଜମାଟି
ମା କିଚେକଶ୍ୱରୀ ମାଟି
ଅମ୍ବିକା ମାଟି
ଦ୍ୱିତୀୟ ଶ୍ରୀକ୍ଷେତ୍ର ଏ ମାଟି ।
ଆମେ ମୟୂରଭଞ୍ଜିଆ ।
ଆମ ରାଜା ଭଞ୍ଜ ରାଜା
ଆମ ଭାଷା ଓଡିଆ
ଆମ କଥା ଭାରି ବଢିଆ
ଆମେ ଅତି ସରଳିଆ ।
ଆମେ ମୟୂରଭଞ୍ଜିଆ ।
ଆମର ଏଠି ଅଛି
ମୟୂରଭଞ୍ଜ ପ୍ରାସାଦ
ବେଲଗଡିଆ ପ୍ରାସାଦ
ଅଛି ଶିମିଳି ପାଳ
ବାମନ ଘାଟୀ
ଅଛି ବରେହିପାଣି,
ବୁଢ଼ାଭଳଙ୍ଗ ନଦୀ ଗାଏ ତା ଗାଥା
ମାଦଳର ତାଳେ ତାଳେ
ଛଉ ନୃତ୍ୟ
ସାରା ଜଗତ ଜାଣେ ଏ କଥା ।
ଆମେ ମୟୂରଭଞ୍ଜିଆ
ଅଛି ଭଞ୍ଜବିହାର *
ଅଛି ଶ୍ରୀରାମଚନ୍ଦ୍ର ପାଠାଗାର ।
ଆମେ ମୟୂରଭଞ୍ଜିଆ ।
ଦିନେ ଭଞ୍ଜଭୂମି ଥିଲା
ମୟୂରଭଞ୍ଜ ରାଜ୍ୟ ।
ଆମେ ମୟୂରଭଞ୍ଜିଆ
ଲୋକ ଭାରିସରଳିଆ
ହାଣ୍ଡିଆ ପିଇ
ମାଦଳ ସହ କରିଥାଉ ମଜା

ଆମେ ମୟୂରଭଞ୍ଜିଆ ।

ବାରିପଦା,ମୟୁରଭଞ୍ଜ
୯୫୮୩୨୫୪୯୨୮

* : (ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟ )

 Magazine Downloaded from www.aahwaan.com

# ସ୍ୱପ୍ନ ସୁନ୍ଦରୀ



ମନୋଜ ମହାନନ୍ଦ

ମୋ ଜୀବନେ ଆସିଥିଲ
କେତେ ଆଶା ନେଇ,
ମୋ ଜୀବନକୁ ବାନ୍ଧିଦେଲ
ସୁନା ପଞ୍ଜୁରୀ ହୋଇ ।
ଏଇ ସୁନୀଳ ଆଖି
ତୁମ ଚାହାଣି ଚାଖି,
ପାଗଳ ହେଇଛି ମୁଁ
ତମ ବଦନ ଦେଖି ।
ପୁଣି ତୁମ ସେହି ଓଠ
ମିଠା ମିଠା ହସ,
ପ୍ରିତୀ ଝୁଲଣାରେ ଝୁଲିବାକୁ
ଥରେ ମୋ ପାଖକୁ ଆସ ।
ଓଠ ଉପରେ କଳା ଜାଇ
ତୁମ ପ୍ରେମ ମୋତେ କଲା ବାଇ,
ସ୍ୱପ୍ନ ନଗରୀର ଜହ୍ନ ଆକାଶରେ
ପ୍ରେମର ଘର ଗଢିବା ଯାଇ ।
ପ୍ରେମ ବନ୍ଧନରେ ବାନ୍ଧି ଦିଅ ମୋତେ
ସଜାଇ ପ୍ରୀତି ଅଞ୍ଚନେ,
ମୋ ମାନସରେ ଛବି ମୁଁ ଆଙ୍କିବି
ପଡେ ତୁମ କଥା ମନେ ।

 Magazine Downloaded from www.aahwaan.com

ଦେଖିଛ କି ?...ଦେଖିଛ କି ?
ଜହ୍ନ ଉଇଁଲେ କଇଁଫୁଲର ଅଭୁଲ ହସ,
ସୂରୁଜର୍ ସେଇ ପହିଲି କିରଣେ
ପଦ୍ମ ଫୁଲର ହର୍ଷ ଉଲ୍ଲାସ ।
ହେ.......ମାନସୀ !
ସେହି ପରି ମୋ ଜୀବନେ ଆସି
ପଦ୍ମ, କଇଁ ପରି ଫୁଲ ଫୁଟେଇଲ,
ପ୍ରେମ ସମୁଦ୍ରେ ଗଲି ମୁଁ ଭାସି ।
ଜୁଇ, ଜାଇ, ହେନା,
ମଲ୍ଲି ଫୁଲର ବାସ୍ନା,
ଜହ୍ନ ରାତିର ଜ୍ୟୋତ୍ସ୍ନାରେ ମୋର
ମେଣ୍ଟାଅ ପ୍ରେମର ତୃଷ୍ଣା ।
ତମେତ ମାନସୀ ମୋ ଜୀବନେ ଆସି
ଦେଖେଇ ଦେଲ ଏ ପ୍ରେମ ଦୁନିଆଁ,
ଜଳ ବିନା ମୀନ ଛଟପଟ ଭଳି
ମରୁଛି ମୁଁ ନିତିଦିନିଆ ।
ତମ ବିନା ମୋର ସ୍ୱପ୍ନ ସୁନ୍ଦରୀ
ବଞ୍ଚିବାର ନାହିଁ ଆଶା,
ତଥାପି ଭାବୁଛି ସ୍ୱପ୍ନ ସତ ହେବ
ଈଶ୍ୱର ଅଛି ସାହା ଭରସା ।

କରୁଆଁଝର, ଦେଓଗାଁ, ବଲାଙ୍ଗିର
ମୋ - ୯୦୮୦୭୨୯୩୪୧

 Magazine Downloaded from www.aahwaan.com

# ସବୁ ସୁନ୍ଦର



ଅଜୟ ବେହେରା

ମାଆଟି ମୋର
କଥାରେ ତାର
ଜୀବନ ମୋର
ହେବ ସୁନ୍ଦର ।।

ନାହିଁ ତାଠାରେ
ଆପଣା ପର
ସବୁ ନିଜର
ନୁହେଁ କେ ପର ।।

ମନ ତାହାର
ସମ ମନ୍ଦିର
ହୃଦୟ ତାର
ନୀଳ ସାଗର ।।

ଦୁଃଖରେ ଯିଏ
ସାହା ମୋହର
ସିଏ ମୋ ମାଆ
ଅତି ନିଜର ।।

ଭାରି ସୁନ୍ଦର
ନାଆଁଟି ତାର
ତା ଡାକ ପୁଣି
କେଡ଼େ ମଧୁର ।।

ଅବାଟେ ଗଲେ
ଦେଖାଏ ବାଟ
ନ ମାରି ଛାଟ
ପଢାଏ ପାଠ ।।

 Magazine Downloaded from www.aahwaan.com

# କଳାକହ୍ନେଇ



ଦୁଷ୍ମନ୍ତ କୁମାର ମିଶ୍ର

ତୋ କଳା ବଦନ  ଚାହିଁ ଯାଉଦିନ
ଏତିକି ତୋ ପଦେ ଅଳିରେ
କଳା କାଇଁଚ ମାଳି
ତୁତ ଭାବ ବିନୋଦିଆ ହରିରେ
କଳା କାଇଁଚ ମାଳି
ଯଦି ତୋତେ ନିତି  ଦେଖି ନପାରିବି
ଆଖିମୋର ଯାଉ ଫୁଟି
ତୋ ଗୀତ ଗୋବିନ୍ଦ ଗାଇ ନପାରିବି
ଜିଭ ମୋର ଯାଉ କଟିରେ   ।୧ ।

ତୋ ବଡ଼ ଦାଣ୍ଡରେ  ତୋ ନନ୍ଦିଘୋଷରେ
ବଡ଼ ଦାଣ୍ଡେ ଯାଉଥିବୁ
ଦେଖୁଥିବି ତୋତେ
ଜୀଵ ଯିବ ଚାଲି
ଏତିକି ଦୟା କରିବୁରେ
କଳା କାଇଁଚ ମାଳି   ।୨ ।

ଦେଉଳକୁ ତୋର ଦେଖିବାକୁ ଗଲେ
କବାଟ ଦେଉତୁ କିଳି
ମୋହଦଧି ଜଳେ ବୁଡି ମୁଁ ମରିବି
ଅପଯଶ ହେବ ବୋଲି ରେ
କଳା କାଇଁଚ ମାଳି
ମିଶ୍ର ଟୁକୁ କରେ ଅଳିରେ
କଳା କାଇଁଚ ମାଳି   ।୩ ।

ଜୟ ଜଗନ୍ନାଥ

ଢେଙ୍କାନାଳ, ଓଡ଼ିଶା

 Magazine Downloaded from www.aahwaan.com

# ଆତ୍ମଚିନ୍ତନ



ବନଜ୍ୟୋତ୍ସ୍ନା ପଣ୍ଡା

ପ୍ରାପ୍ତି ଅପ୍ରାପ୍ତିର ଆସକ୍ତିରେ ବନ୍ଧା
ଜୀବନ ତ ପ୍ରତିକ୍ଷଣ
ଆଶା ନିରାଶାର ବଳୟ ମଧ୍ୟରେ
ଦଗ୍ଧିଭୂତ ଏଇ ପ୍ରାଣ ।
ଜୀବନ ପ୍ରଦୀପ ଲିଭିଗଲା ପରେ
ଶେଷ ହୁଏ ସବୁ ସ୍ୱପ୍ନ
ପଞ୍ଚମହାଭୂତେ ବିଲୀନ ହୋଇଲେ
ରହିଯାଏ ଖାଲି ଶୂନ୍ୟ ।
ନଶ୍ୱର ଶରୀରେ ଅବିନାଶୀ ଆତ୍ମା
ନିରାକାର ନିର୍ବିକାର
ଏ ଭବ ସାଗର ମାୟା କବଳରୁ
ମନକୁ ଉଦ୍ଧାର କର ।

ଜାଗତିକ ସୁଖ ଭରିଦିଏ ଦୁଃଖ
ଜନ୍ମିଥାଏ ଯେତେ କ୍ଷୋଭ
ଆତ୍ମ ଚିନ୍ତନରେ ବିତିଗଲେ ଦିନ
ଦିବ୍ୟତାର ଅନୁଭବ ।
ମନନ ଚିନ୍ତନ ଏକାଗ୍ର ସାଧନ
ପ୍ରୟାସ ନହୁଏ ବ୍ୟର୍ଥ
ସୁସୁପ୍ତ ଶକ୍ତିର ଜାଗ୍ରତ କେବଳ
ଅଟେ ଶ୍ରେଷ୍ଠ ପୁରୁଷାର୍ଥ ।
ଅନିତ୍ୟ ସଂସାରେ ଈଶ୍ୱର ହିଁ ସତ୍ୟ
ଶୁଦ୍ଧ ଭାବନାରେ ପ୍ରାପ୍ତ
ପ୍ରତି ମୁହୂର୍ତ୍ତରେ ଯହିଁ ଦେଖ ତହିଁ
ସତ୍ତା ତାଙ୍କ ପରିବ୍ୟାପ୍ତ ।

ବାଲେଶ୍ୱର, ଓଡ଼ିଶା

 Magazine Downloaded from www.aahwaan.com

# ମନ ମନ୍ଦିର, ବିବେକ ପୂଜାରୀ



ରୋଜା ପଣ୍ଡା

ଅଳିଆ ରଖିବା ଘର ନୁହେଁ ମନ
ମନ ଯେ ପବିତ୍ର ମନ୍ଦିର,
ଇର୍ଷା, ରାଗ, କ୍ରୋଧ ନରଖି ସେଥିରେ
ସ୍ନେହ,ପ୍ରେମ ଭରି ସଭିଏଁ ତାହାକୁ
ଆସରେ କରିବା ସୁନ୍ଦର ---------------୧

ମନ୍ଦିରରେ କିଏ ଦେଖିଛ କି କେବେ
ଈଶ୍ୱରଙ୍କ ସ୍ଥାନେ ଅସୁର,
ତେବେ କାହିଁ ମନେ ଭରିବା ବିଷକୁ
ନଷ୍ଟରାଇ ସେଇ ପବିତ୍ର ମନରେ
ଶାନ୍ତିର ଅମୃତଧାର--------------------୨

କ୍ରୋଧ ମଣିଷର ସବୁ ଧୋଇନିଏ
ଇର୍ଷା ଭୁଲିଯାଏ ସମ୍ପର୍କ,
କାହିଁକି ସେଥିରୁ ଦୁରେଇ ନଯିବା
କେତେଦିନ ଆଉ ଆୟତେ ନରହି
ମନକୁ କରିବା ନର୍କ--------------------୩

ଆସରେ ସଭିଏଁ ଏକମନ ହୋଇ
ବାଣ୍ଟିବା ଶାନ୍ତିର ବାରତା,
ଇର୍ଷା,କ୍ରୋଧ ପରି ଅସୁରକୁ ତ୍ୟାଗୀ
ହେବା ଏହିକ୍ଷଣି ସତ୍ୟ,ନ୍ୟାୟ,ନିଷ୍ଠା
ସ୍ନେହ ଓ ପ୍ରେମର କରତା----------------୪

ହସି ହସାଇବା ସଭିଙ୍କୁ ମହୀରେ
ହରିବା ସବୁରି ଦାରୁଣ ଦୁଃଖ,
ନବୁଝି ପାରିଲେ ଦୁନିଆଁ ଆମକୁ
ବୁଝିବେ ଈଶ୍ୱର ଆମ ହୃଦୟକୁ
ଏଇ କଥାଟିକୁ ମନରେ ରଖ----------------୫

ସମାଜ କଥାକୁ ମନକୁ ନନେଇ
ଆତ୍ମାକୁ ପଚାରି କର୍ତ୍ତବ୍ୟ କର,
ସବୁବେଳେ ନୁହେଁ ସମାଜ ଯେ ଠିକ
ନିଜ ବିବେକର କଥା ମାନି ସଦା

 Magazine Downloaded from www.aahwaan.com

ଭୁଲ,ଠିକ ବାଛି ଆଗକୁ ବଢ଼------------------୬

ସମାଜ ବି କେବେ ନିଜ ସ୍ୱାର୍ଥ ପାଇଁ
ଭୁଲ ରାସ୍ତା ପଟେ ନେବ କଡେଇ,
ବିବେକ ନିଜର ସଦା ସାଥି ଦେବ
ବିବେକାନୁଯାୟୀ କାର୍ଯ୍ୟ କରୁଥିଲେ
ଈଶ୍ୱର ବି ଦେବେ ପଥ ଦେଖାଇ-----------------୭

ମନ ମନ୍ଦିରରେ ଈଶ୍ୱରଙ୍କୁ ସ୍ଥାପି
ସର୍ବଦା ସତ୍ୟର ମାର୍ଗରେ ଯିବା,
ଅନ୍ୟାୟ, ଅନୀତି ଦେଖିଲେ ସାମ୍ନାରେ
ନିଜ ପର ଭୁଲି ସବୁ ସମୟରେ
କେବଳ ନ୍ୟାୟର ପକ୍ଷରେ ଥିବା------------------୮

ପୂର୍ଣ୍ଣାନନ୍ଦ ଭବନ, ନେତାଜୀ ନଗର,ମଧୁପାଟଣା
କଟକ-୭୫୩୦୧୦, Email-roja.somya@gmail.com

Magazine Downloaded from www.aahwaan.com

# ଫିଙ୍କରେ ଚୂଲିକୁ



ଏମ୍ ବିଜୟ କୁମାର

ନିଆଁରେ ଜଳାଅ
ତମ ରୀତିନୀତି
ଧର୍ମଗ୍ରନ୍ଥ ଯେତେ
ଏ ବେଦ ପୁରାଣ
ଗୀତା ରାମାୟଣ
ମହାଭାରତ ଓ
ପୋଥି ମନୁସ୍ମୃତି

ମାନିବାକୁ ବାଧ୍ୟ
ନୁହେଁ ଏ ମଣିଷ
ଧର୍ମଗ୍ରନ୍ଥ ବୋଲି
ଫିଙ୍କ ଫିଙ୍କ ଚୂଲି
ଧ୍ୱଂସ ହେଉ ଜଳି

ଚିତା ଚଇତନ
କାଟି ଧର୍ମବକ
ନାମାବଳୀ ଜପି
କେମିତି ମାନୁଛ ?
ଯାହା ପକ୍ଷପାତି
ପ୍ରଚଣ୍ଡ ବିରୋଧୀ

ମାନବ ଜାତିର
ଭେଦ ଭେଦ ଭେଦ
ଉଚ୍ଚ ନୀଚ ଫନ୍ଦି
ମହାସାଗରର
ପାଣି କୁ କରତ
ଏତେ ଭାଗ ଭାଗ
ଜାତି ସଜା ସିଢି
କିଏ କଲା କୁହ ?

ପାଣିକୁ ଫିଙ୍କରେ
ଜଲରେ ଭସାଅ
ବିସର୍ଜନ କର
ଯେତେ ଫଟୋମୂର୍ତ୍ତୀ

ମାନିବାକୁ ବାଧ୍ୟ
ନୁହେଁ ଏ ମଣିଷ
ଭଗବାନ ବୋଲି

 Magazine Downloaded from www.aahwaan.com

ମଣିଷର ଇଚ୍ଛା
ମର୍ଜିର ସେ ଦାସ
ସଖୀ କଣ୍ଠେଇ
ବିଦ୍ୱେଷାଷର ବିଷ

ଫିକ ଫିକ ପାଣି
ଜଳେ ଭସ୍ମ ହେଉ
କାହିଁକି ?ମାନୁଛ
ଯେହ୍ନେଥିଲେ ଆଣି
ବିନା ପରୀକ୍ଷା ରେ
କେମିତି ?ମାନୁଛ
ଅନ୍ଧ ପଟି ଖୋଲ
ସତ୍ୟତା ବିଚାର

ଯିଏ ମାନବତା
ଛିନ୍ନ କରିଅଛି
ମଣିଷ ସ୍ୱାଧୀନ
ହରଣ କରିଛି
ଛଦ୍ମରୂପ ନାମେ
ବର୍ବର ସାଜିଛି
ମଣିଷକୁ ମାରି
ଈଶ୍ୱର ବୋଲୁଛି
ଧର୍ମର ନିକିତି
ଧରି ପକ୍ଷପାତ
ପଚାର କରଇ
ଭେଦ-ଜାତ-ପାତ
ମୁକ୍ତି ର ପଥିକ
ହୁଅହେ ମାନବ
କ୍ରାନ୍ତି ଯୋଦ୍ଧା ଜିଣେ
ହୃଦୟ ବିପ୍ଳବ

ଉତ୍ତରା ରାମ ମନ୍ଦିର ପାଖ, ଭୁବନେଶ୍ୱର
ମୋ-୭୯୭୮୭୮୪୧୩୦

Magazine Downloaded from www.aahwaan.com

# ମମତାମୟୀ ମା ତାରିଣୀ



ଶିବାଶିଷ ନାଏକ

- ଦ୍ୱିତୀୟ ଭାଗ

ସ୍ୱପ୍ନେ ଭଞ୍ଜିକୁ ଦେଲେ ଉପଦେଶ
ମଙ୍ଗଳବାର ମୋ ପ୍ରିୟ ବ୍ରତ
ଯେ କରିବ ତାହା ପାଳନ
ତା ସଂସାର ହେବ ଧନ୍ୟ ,
ମମତା ମୟୀ ମା ତାରିଣୀ
ମମତା ମୟୀ ମା ତାରିଣୀ ।
କହିଗଲେ ମାତ ପ୍ରିୟ ପୁଷ୍ପ
ସଂସାର ଘରଣୀ ମୁଖେ ଥାଏ ତା ରକ୍ତ
ସେ ରକ୍ତ ଗର୍ଭେ ମୋ ପୁଷ୍ପ
ତାକୁ ପାଇଲେ ମୁଁ ହୁଏ ସନ୍ତୁଷ୍ଟ ,
ମମତା ମୟୀ ମା ତାରିଣୀ
ମମତା ମୟୀ ମା ତାରିଣୀ ।
ଭଞ୍ଜି କହିଲେ ମୁଁ ବୁଝିବାକୁ ଅସମର୍ଥ
ମାତା ବୋଇଲେ ସେତ ମନ୍ଦାର ,
ଭଞ୍ଜି ରାଜ ହସ ମୁଖେ କହିଲେ
ମୋ ବାଡ଼ିରେ ନାଲି ମନ୍ଦାର
ପ୍ରତିଦିନ ଦେବି ତୁମ ଗଳାରେ ହାର ,
ମମତା ମୟୀ ମା ତାରିଣୀ
ମମତା ମୟୀ ମା ତାରିଣୀ ।
ମାତା କହିଲେ ପୂର୍ଣ୍ଣ ହେଉ ତୁମ ଭାବ
ସଦୈବ ରହିବ ମୋ ଇତିହାସର ପାଦଚିହ୍ନ ,
ସଭିଏଁ ଜାଣିବେ ମୁଁ ଭକ୍ତର ଚାତୁର୍ଯ୍ୟ
ତୁମେ ରାଜା ଧନ୍ୟ ,
ମମତା ମୟୀ ମା ତାରିଣୀ
ମମତା ମୟୀ ମା ତାରିଣୀ ।
ମାତା ଦୃଶ୍ୟ ଭବେ କହିଲେ
ଭଞ୍ଜି ମତେ ମାଟି ଘୋଡ଼ା ଆଣିଦିଅ ,
ମୁଁ ଯେ ବୁଲିବି ତୋର ସବୁ କିଲ୍ଲା
ତା ସଙ୍ଗେ ପୃଥିବୀ କୂଳ ,

 Magazine Downloaded from www.aahwaan.com

ମମତା ମୟୀ ମା ତାରିଣୀ
ମମତା ମୟୀ ମା ତାରିଣୀ ।
ଏହା ଶୁଣି ଭଞ୍ଜରାଜ ସଙ୍ଗେ ଶୀଘ୍ରେଘେନିଲେ
ଯୋଡ଼ିକ ଘୋଡ଼ାର ସହଗ ,
ମାତା ଦେଖି ଆନନ୍ଦିତ
କହିଲେ ଭଞ୍ଜ ତୁତ ପ୍ରକୃତ ଭକ୍ତ ,
ମମତା ମୟୀ ମା ତାରିଣୀ
ମମତା ମୟୀ ମା ତାରିଣୀ ।
ଭଞ୍ଜ ରାଜ ଦୂତ କହିଗଲେ ସାରା ଜଗତ
ମାତାଙ୍କ ପ୍ରିୟ ଜିନିଷ ,
ଭକତ ମେଳରେ ଭଉଁରୀ ଛାଟ
ସଭିଙ୍କ ମନ ଛଉକ ,
ମମତା ମୟୀ ମା ତାରିଣୀ
ମମତା ମୟୀ ମା ତାରିଣୀ ।
ଛୁଟି ଆସିଲେ ଭକତ ମେଳି
ମଙ୍ଗଳବାର ଭିଡ଼ ,
କିଏ ଆଣିଛି ନାଲି ଶଙ୍ଖା
କିଏ ଆଣିଛି ନାଲି ମନ୍ଦାର ,
କା ହାତେ ଯେ ଯୋଡ଼ିକ ଘୋଡ଼ା
କା ହାତେ ବାଡ଼ି ନଡ଼ିଆ ,
ସଭିଙ୍କ ଭଲପାଇବା ଦେଖି
ମା ଆନନ୍ଦ ଲଭା ,
ମମତା ମୟୀ ମା ତାରିଣୀ
ମମତା ମୟୀ ମା ତାରିଣୀ ।
କିଏ କରିଲା ମାନସିକ
କିଏ କରିଲା ବ୍ରତ ,
ଏମନ୍ତ ଚାଲି ରହିଥିବ
ମା'ର କୃପା ରଥ ,
ମମତା ମୟୀ ମା ତାରିଣୀ
ମମତା ମୟୀ ମା ତାରିଣୀ ।

ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟ,କେନ୍ଦୁଝର
ଓଡ଼ିଆ ସମ୍ମାନ ଛାତ୍ର
ଜଘିଂରା, କେନ୍ଦୁଝର, ଓଡ଼ିଶା
ବାର୍ତ୍ତାଳାପ - ୯୬୬୮୬୦୩୮୭୧, ୭୯୭୮୧୫୭୯୩୬
ଇ-ମେଲ ଠିକଣା - shibasheesh-
naikjgr@gmail.com

 Magazine Downloaded from www.aahwaan.com

# ମୋ ଗାଁ



ପର୍ଶୁରାମ ସାହୁ

ମନେପଡ଼େ ଆଜି ଗାଁ କଥା ମୋର
ଗାଁ ପରିବେଶ ବହୁତ ସୁନ୍ଦର । (୧)
ଯେଉଁଠି ବିତିଛି ମୋ ପିଲାଦିନ
ମନେରହିବ ସେ ସାରା ଜୀବନ ।(୨)
ଖରାବେଳର ସେ ଲୁଚକାଳି ଖେଳ
ଆମ୍ବତୋଟା ମୂଳେ ସାଥୀଙ୍କ ମେଳ ।(୩)
ନଈ ତୁଠର ସେ ଗାଧୁଆବେଳ
ଅପରାହ୍ଣରେ ସେ କ୍ରିକେଟ ଖେଳ । (୪)
ଦୁର ତାଳବଣ ବିଲ ପାହାଡ଼
ଗାଁ ହାଟରେ ଲୋକମାନଙ୍କ ଭିଡ଼ । (୫)
ଚଷାଭାଇର ବିଲ ମନୋହର
ମନ୍ଦିର ସମାନ ବିଦ୍ୟାଳୟ ମୋର । (୬)
ଭୁଲି ପାରିବିନି ଅଭୁଲା ସ୍ମୃତିକୁ
ମନେରହିବ ସେ ଚିର ଦିନକୁ । (୭)

ଧର୍ମଶାଳା, ଯାଜପୁର

Magazine Downloaded from www.aahwaan.com

# ବିଚାରୀ ମାଆଟା



ନାରାୟଣ ଚନ୍ଦ୍ର
ସେନାପତି

ମାଘ ମାସ ଶୀତ ବାଘପରି ଆସି
କରୁଥିଲା କେତେ  ଦଙ୍ଗା,
ଥରି ଉଠୁଥିଲା ଦେହ,ହାତ ସବୁ
ଲାଗୁଥିଲା ହାଡ଼ଭଙ୍ଗା  । ।(୧)

ଦ୍‌ଵିମାସ ଶିଶୁଟା କମ୍ପୁଥିଲା ଜ୍ୱରେ
ତା ଦେହ ଯାଉଥିଲା ଥରି,
ବିଚାରୀ ଅଭାବୀ ମାଆଟା ଆଖିରେ
ଅଶ୍ରୁ ଯାଉଥିଲା ଝରି  । ।(୨)

ପାଖରେ ନ ଥିଲା ଫଟା କଉଡ଼ିଟେ
ଯିବାକୁ ଗାଡ଼ିରେ ବସି,
ଚାଲି ଚାଲି ଯାଏ ଚାରି କୋଶ ବାଟ
ଜଗନ୍ନାଥଙ୍କୁ ଭରସି  । ।(୩)

ପାଉଣା ଅଭାବେ ସକାଳୁ ଆସି ସେ
ସଞ୍ଜ ଯାଏ ହୋଇ ଛିଡା,
ଶେଷରେ ପାଇଲା ଚିଠାଟିଏ ସିନା
ଖାଇଲା କେତେ ଯେ ହୁଡା  । ।(୪)

ନ ଥିଲା ପଇସା କିଣିବ ଔଷଧ
ବୁଲି ବୁଲି ଭିକ ମାଗି,
ଟଙ୍କା କେଇଟାରେ କିଣିଲା ଔଷଧ
ପାଟିରେ ଖୁଆଏ ବେଗି  । ।(୫)

ସନ୍ଧ୍ୟା ଆଗମିଲା କେମିତି ବା ଯିବ
ଜଙ୍ଗଲ ରାସ୍ତାରେ ପଶି,
ରାସ୍ତାକଡ଼ ଏକ ଦୋକାନ ପାଖର
ବାରଣ୍ଡାରେ ଗଲା ବସି  । ।(୬)

ଥୁରୁଥୁରୁ ହୋଇ ଥରୁଥାଏ ସିଏ
ଛୁଆଟା ଥରୁଛି ବଳି,
ନ ଥିଲା କନ୍ଥା କି କମ୍ବଳ ଚଦର
କଣ କରିବ ସେ ଭାଳି  । ।(୭)

 Magazine Downloaded from www.aahwaan.com

ସାତ ସିଆଁ ଚିରା ପିନ୍ଧା ପଣତକୁ
ତା ଧନ ଉପରେ ଢାଙ୍କି,
ଶୋଇ ଯା ଧନ ମୋ ରାତି ପାହିଯାଉ
ଘରକୁ ଯିବା କାଲିକି । ।(୮)

ଛାତିରେ ଚାପିସେ ତା ଗଣ୍ଠିଧନକୁ
ହାତରେ ଦେଲା ଆଉଁସୀ,
ବୋଧ କରି କହେ କାନ୍ଦେନାରେ ଧନ
ଆସୁଛି ଉଷା ମାଉସୀ । ।(୯)

ଆଉଜା ଛାତିର ଅଟଳ ବିଶ୍ୱାସ
ଆଉଁସା ହାତ ଭରସା,
ମା କୋଳେ ଥିଲେ ତା ପ୍ରାଣ ଶିଶୁଟା
ଯମ ହୁଏ ଲୋକହସା । ।(୧୦)

ରାତି ପାହିଗଲେ ସୁରୁଜ ଦେବତା
ଆସିବେ କିରଣ ଧରି,
ସେ ରେଣୁ ପଡିଲେ ଲୁଚି ଚାଲିଯିବ
ଏ ଦୁଷ୍ଟ ଶୀତ ଲହରୀ । ।(୧୧)

ଆ'ରେ ସକାଳ ସଅଳ ସଅଳ
ଧନ ମୋ ପାଏ ଯନ୍ତ୍ରଣା,
ଘରକୁ ଯିବାକୁ ପାଶେ ନାହିଁ ଧନ
କେ ଦେବ ଏତେ ପାଉଣା ?(୧୨)

ଦୁଃଖ ଯେବେ ଆସେ ଭାଇ ବନ୍ଧୁ ଧରି
ବିପଦର ଘୋଡାଚଢି,
ଆ ଜଗା ମୋର ଢାଳିଦେ ସୁଖ ତୁ
ଭାଙ୍ଗି ଦୁଃଖର ଲହଡି । ।(୧୩)

ଜମ୍ବରା, କେନ୍ଦୁଝର, ଓଡ଼ିଶା

 Magazine Downloaded from www.aahwaan.com

# ଅଭିନନ୍ଦନ



ଜିତେନ୍ଦ୍ର କୁମାର
କହଁର

ହେ ବୀର ସୁତ ଅଭିନନ୍ଦନ
ଗର୍ବିତ ଆଜି ଭାରତମାତା
ଗର୍ବିତ ଆଜି ସାରାଦୁନିଆ
ଦେଖି ତୁମ ଦେଶଭକ୍ତି ଦେଖି ତୁମ ପରାକ୍ରମ । - ୧
ଶତ୍ରୁର ସାମ୍ନାରେ ନିର୍ଭୟ ତୁମେ
ଦେଶ ମାତୃକାର ପରିଚୟ ତୁମେ
ଦେଲନାହିଁ ନଇଁବାକୁ ମାଆ ମାଟିର ମଥା
ଶତ୍ରୁର ଦେଶରେ ବି ଗାଇଗଲ ଭାରତର ବିଜୟ ଗାଥା । - ୨
ଆମ ଦେଶର କୋଣ ଅନୁକୋଣେ
ଶାନ୍ତିର ବାରତା ହୋଇ ଆମରି ସୁରକ୍ଷା ପାଇଁ
ଉତ୍ସର୍ଗୀକୃତ କରିଛ ତୁମ ପ୍ରତିଟି ସମୟ
ମହାନ ତୁମ ବଳିଦାନ ମହାନ ଏଇ ମାଟି
ତୁମ ପରି ବୀରସନ୍ତାନ ପାଇ । - ୩
ହରାଇ ସାରିଛି ଏଇ ମାଟି
କେତେ ଯେ ଯବାନ ପ୍ରତି ମୁହୂର୍ତ୍ତରେ
କୋଟିଏ ମୁଖରେ ଗୋଟିଏ ପ୍ରାର୍ଥନା ଥିଲା ତୁମପାଇଁ

 Magazine Downloaded from www.aahwaan.com

ଫେରିବ ବୋଲି ପୁଣି ଭାରତମାତାର ସେବା ପାଇଁ । - ୪

ସନ୍ଦେଶ ଯେବେ ଆସିଥିଲା

ତୁମେ ପୁଣି ଫେରୁଛ

ତୁମର ଗୋଟିଏ ଝଲକ ପାଇଁ

ଅଟକି ଯାଇଥିଲା ସମଗ୍ର ଭାରତ,

ତୁମର ସ୍ୱାଗତ ପାଇଁ

ଝରି ପଡ଼ିଥିଲା ବର୍ଷାର ଜଳବିନ୍ଦୁ ରୂପରେ

ଭାରତ ମାଆ ଆଖିରୁ ଖୁସି ମିଶ୍ରିତ ଲୋତକର ସନ୍ତକ । - ୫

ମୃତ୍ୟୁକୁ ସାମ୍ନାରେ ଦେଖି

ଯିଏ ବିଚଳିତ ନଥିଲା,

ତୁମେ ସେଇ ବରପୁତ୍ର

ଦେଶର ସୁରକ୍ଷାକୁ ତଥାପି ଯିଏ ସର୍ବାଗ୍ରେ ରଖିଥିଲା । - ୬

ନା ନିଜେ ଦୁର୍ବଳ ପଡ଼ିଥିଲ

ନା ଦେଶବାସୀଙ୍କୁ ଦୁର୍ବଳ ପଡ଼ିବାକୁ ଦେଇଥିଲ

ନିଜ କର୍ତ୍ତବ୍ୟରେ ଛାତି ପତାଇ ଠିଆ ହୋଇଥିଲ

ଅକଥନିୟ ଯନ୍ତ୍ରଣାକୁ ଦେଶବାସୀ ପାଇଁ ସହି ଯାଇଥିଲ । - ୭

ସ୍ୱର୍ଣ୍ଣଅକ୍ଷରେ ଲିପିବଦ୍ଧ ହେଲା

ଇତିହାସେ ତୁମ ବୀରତ୍ୱର କାହାଣୀ,

ଯୁଗେ ଯୁଗେ ପ୍ରେରଣାର ଉତ୍ସ ସାଜି ଯାଉଥିବ

 Magazine Downloaded from www.aahwaan.com

ଯିଏ ଦେଉଥିବ ଅଦମ୍ୟ ସାହାସର ବିବରଣୀ । - ୮

ଗରବରେ ଆଜି ଫୁଲିଉଠେ ଛାତି

ହେ ବୀରପୁତ୍ର ଅଭିନନ୍ଦନ ତୁମ ପାଇଁ

ଶହ ଶହ ଅଭିନନ୍ଦନ ଲୋଡ଼େ ଏ ମାଟି ମାଆ କୋଳ

ଉଚ୍ଚା ରଖିବାକୁ ଦେଶର ମାନ ଚିରଦିନ ପାଇଁ । - ୯

କଲାଡ଼ି, ଫୁଲବାଣୀ, କନ୍ଧମାଳ

ଦୂରଭାଷ-୯୪୩୯୫୪୨୫୧

 Magazine Downloaded from www.aahwaan.com

# ନିଶାକୁ କରିବା ଦୂର



ହରେରାମ ପଣ୍ଡା

ରସିକ ମକରା ପାଦ ଟଳମଳ
ଯାଉଯାଉ ନଦୀ ବନ୍ଧରେ ,
ବାନ୍ତି ଓକାଳ କରିକି ପଡ଼ିଛି -
ରହି ହେଉ ନାହିଁ ଗନ୍ଧରେ ॥

ବାନ୍ତି ଚଟିବାକୁ ଘେରିଲେ କୁକୁର
ଚାଟିଲେ ମକରା ମୁହଁକୁ ,
ପଥରରେ ପଡ଼ି ଲହୁ ଲୁହାଣ ତା -
ଚାହିଁ ହେଉନାହିଁ ଦିହକୁ ॥

ଏମିତି ଘଟଣା କେତେ ଯେ ଘଟୁଛି
ମଦ ନିଏ କେତେ ଜୀବନ ,
କେତେ ଦୁର୍ଘଟଣା, କେତେ ରୋଗବ୍ୟାଧି -
କେତେ ଯେ ଅକାଳ ମରଣ ॥

ଶୁଣିଛି ଏ କାନ ସୋମରସ ପିଇ -
ଦେବତାଏ ମତ୍ତ ହେଲେ ,
ପୁରାଣ କହୁଛି କାଦମ୍ବରୀ ପିଇ -
ଯଦୁବଂଶ ଧ୍ୱଂସ ହେଲେ ॥

ମଦ ପ୍ରାଣ ନିଏ, ଘର ଭାଙ୍ଗିଦିଏ -
ସମାଜେ ଖେଳାଏ ଆତଙ୍କ ,
ତଥାପି ଶାସନ, ପୋଲିସ ନିରବ -
କାହା ମନେ ନାହିଁ ଦବକ ॥

ଆସନ୍ତୁ ସରବେ ସଚେତନ ହୋଇ -
ନିଶାକୁ କରିବା ଦୂର ,
ନିଶା ଦୂର ହେଲେ ଦୁଃଖ ଦୂରହେବ
ହସିବ ଦେଶ ଆମର ॥

ଅବସର ପ୍ରାପ୍ତ ପ୍ରଧାନଶିକ୍ଷକ
ମଧୁପୁର ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟ ,
କୁଆଁସ , ମେର୍ଦ୍ଧା କାଟିଆଛକ , ଯାଜପୁର ।

 Magazine Downloaded from www.aahwaan.com

# ଅନ୍ତରେ ଜ୍ୱଳନ ତୁମପାଇଁ ସାଥୀ



ସୁଜ୍ଞାନ କୁମାର କହଁର

ଯେବେ ଦେଖା ହେଲା ତୁମ ସହ,
ବହୁ ବର୍ଷ ପରେ ଅକସ୍ମାତ ।
ଦିନ ପରେ ଦିନ ବିତି ଯାଇଥିଲା,
ମାସପରେ ମାସ ବିତି ଯାଇଥିଲା,
ବିତି ଯାଇଥିଲା ଚାରି ବର୍ଷ ।
ଏତେ ବର୍ଷ ଏକା ମୁଁ କେମିତି କାଟିଲି,
ଭାବିଛ କି କେବେ ?
ନିରାଶର ମରୁ ମରିଚିକା,
ଦେଖିଥିଲି କେତେ ?
ଯନ୍ତ୍ରଣା ବି ପାଇଲି କେତେ ?
ବିରହର ଅନଳ ପରେ ଜଳିଛି କେତେ ?
କେବଳ ତୁମ ବିନା ଏକାଏକା ।
ଚାରିବର୍ଷ କାଳ ନିଃସଙ୍ଗ ହିଁ
ସାଥି ହୋଇ ରହିଥିଲା ।
ମୁଁ ଏକା ଏକା ପାଉଥିଲି କେତେ ଯନ୍ତ୍ରଣା ?

ହୁଏତ ତୁମେ କେବେ ଅନୁଭବ କରି ନଥିବ,
ଅନୁଭବ କରିନଥିବ ଏତେ ଯନ୍ତ୍ରଣା ।
ନିଃସଙ୍ଗ ତାର ବେଳାଭୂମି ରେ ,
ଏକା ଏକା କାଟିଛି ସମୟ,
ଚକ୍ଷୁ ରୁ ଲୋତକ ଅବିଶ୍ରାନ୍ତ ବୁହାଇ ।
ଛଳଛଳ ନୟନରେ କେବଳ ତମକୁ ଖୋଜିଛି
ପ୍ରିୟା,
ପ୍ରତି ମୂହୁର୍ତ୍ତ ରେ ଆଶା ଅଶ୍ରୁରେ ଭିଜି ।
ମୁଁ ମାନିନୀ ଦିନ ଅବା ରାତି,
ଜଳିଛି ଦିନ ପରେ ଦିନ ।
କେବଳ ବିରହ ଜୁଇରେ ଜଳି ।

ଶିକ୍ଷକ, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ,
ଦେଶୁଘାଟି

Magazine Downloaded from www.aahwaan.com

# ଆସ ହେ ବସନ୍ତ



ପ୍ରେମଶିଳା ରାଉତ

ଆସ ହେ ବସନ୍ତ ହରଷ ମନରେ
ଚାହିଁ ରହିଛି ଧରଣୀ
ତୁମ ଆଗମନେ ହସିବ ନାଚିବ
ଝରେଇ ଖୁସିର ମଣି ।
ସଜେଇବ ଆସି ପ୍ରକୃତି ରାଣୀକୁ
ନାନା ରଙ୍ଗେ ନାନା ଫୁଲେ
ଚଉପାଶେ ଆମ ଚହଟିବ ସତେ
ବାସ୍ନାର ଆମ୍ବ ବଉଳେ ।
ଥୁଣ୍ଟା ଗଛେ କେତେ କଅଁଳିବ ପତ୍ର
ଉଳିକି ଉଳିକି ହୋଇ
ପତ୍ର ଉହାଡରେ ପକ୍ଷୀଙ୍କର ରାବ
ମନ ସତେ ନେବ ମୋହି ।
ମୃଦୁ ମୁରୁଦୁ ମଳୟ ପବନରେ
ସଭିଙ୍କ ଛୁଇଁବ ମନ
ପ୍ରେମର ସଂଗୀତ ଆସରେ ସଂଗାତ
କରିବା ସମସ୍ତେ ଗାନ ।

ସବୁଜିମା ଭରା ପ୍ରକୃତି ଆମର
ଦିଶିବ ଯେ ମନଲୋଭା
ତୁମ ଆଗମନେ ଆହେ ଋତୁରାଜ
ପାଇବ ପ୍ରକୃତି ଶୋଭା ।
ଆସି ତୁମେ ଯେବେ ଆଣିବ ସାଥିରେ
ପ୍ରୀତି ପୁଲକ ଫଗୁଣ
ଜୀବନରେ ଆସି ବୋଳି ଦେଇଯିବ
ପ୍ରେମ ଭରା ରଙ୍ଗ ମାନ ।
ରଙ୍ଗମୟ ହେବ ଆମରି ଜୀବନ
ତୁମରି ପରଶ ପାଇ
ପ୍ରତିଟି ମନରେ ଶାନ୍ତି ପ୍ରିତି ରଙ୍ଗ
ଆସି ଯେ ଦେବ ଲଗେଇ ।

ବୃନ୍ଦାବାହାଲ, ଗୋଲାମୁଣ୍ଡା, କଳାହାଣ୍ଡି

 Magazine Downloaded from www.aahwaan.com

# ନିଶିଥ ଲଗନେ



ବିକାଶଚନ୍ଦ୍ର ଧୁଙ୍ଗିଆ

ନିଶୀଥ ଲଗନେ ତୁମେ ଯେବେ ଆସ,
କୋମଳ ପାଦରେ ଚାଲି ।
ଧରଣୀ ବକ୍ଷରେ ଉଚ୍ଛୁଳି ପଡଇ,
ଶୁଭ୍ର ଜୋଛନା ଶିରୀ ।।
ଓଠରେ ତୁମର ହସର ଜୁଆର,
ଦେଖି ହୃଦଯାଏ ଲାଖି ।
ଦୁନିଆ ପାଇଁ ତ ହେଲେ ତୁମେ ହୀରା,
ମୋ ପାଇଁ ହୃଦୟ ରାଣୀ ।।
ମୃଦୁ ସମୀରଣ କୂଳେ କୂଳେ ଆସି,
ମୋ ଦେହେ ବାଜିଲା ପରେ ।
ଫୁଲର ପସରା ବିଛିହେଇଯାଏ,
ମୋ ମନ ରାଇଜେ କେତେ ??
ପାଦରେ ତୁମର ଅଳତାର ଧାର,
ବସନ୍ତେ ଧରଣୀ ପରି ।
ଇର୍ଷା କରେ ଦେଖି ଦୁନିଆ ତୁମକୁ,
ନପାରେ କାହାକୁ କହି ।।

କୁନି କୁନି ପାଦେ ଯେବେ ଚାଲିଆସ,
ଛପି ଛପି ମଧୁବନେ ।
ପ୍ରେମିକ ଭଅଁର ଅପେକ୍ଷାରେ ତୁମ,
ପାଇଁ ତୁମ ଅଭିସାରେ ।।
ହୃଦୟରେ ତୁମ ଅଙ୍କାବଙ୍କା ତୀରେ,
ଜୁଆର ଆସିଲେ ମାଡି ।
ମୋ ମନ ଆକାଶେ ଇନ୍ଦ୍ରଧନୁ ଖେଳେ,
ରଙ୍ଗ ବଳି ଦେବାପାଇଁ ।।
କୋମଳ ହୃଦୟ ହୃଦୟରେ ତୁମ,
ଫୁଟିଅଛି ଶତଦଳ ।
ସେ ଫୁଲରେ କେବେ ନଲାଗୁ କଳଙ୍କ,
ତୁମ ଆଗେ ମୋର ପ୍ରାଣ ।।
ଫଗୁଣରେ ଫୁଲ ଡାଳରେ କୋଇଲି,
ଗାଏ ଗୀତ ସାତ ସୁରେ ।

 Magazine Downloaded from www.aahwaan.com

ତୁମ ଗୀତ ସୁର ଶୁଣି ଯେବେ ତାର,

ହୁଏ ଆନମନା ଲାଜେ ।।

ଦେଖିଲେ ତୁମକୁ ତୁମ ରୂପବିଥି,

ପଲକ ନପଡେ ମୋର ।

ମୋ ଆଖି ମୁଦିବା ଯାଏଁ ତୁମ ରୂପ,

ଏ ଆଖିରେ ରହିଥିବ ।।

ତୁମରି ସାଥିରେ ଚାଲୁଛି ବାଟ ମୁଁ,

ଚାଲିବି ଜୀବନ ଯାକ ।

ହାତ କେବେ ମୋର ଛାଡିବନି ତୁମେ,

ଏ ଜୀବନ ଥିଲେ ମୋର ।।

ତୁମେ ଯେବେ ଆସ ନିରଳାରେ ଏକା,

ମୋର ମନ ଅଗଣାରେ ।

ଭୁଲିଯାଏ ସବୁ ଦୁନିଆର ଦୁଃଖ,

ତୁମକୁ ପାଇ ମୋ ପାଖେ ।।

 Magazine Downloaded from www.aahwaan.com

# ଆଖିରେ ଆକାଶେ ପ୍ରେମ



ସସ୍ମିତା ସାହୁ

ତୁମ ବର୍ଣିତ ମୋ ନିଦୁଆ ଆଖିରେ

ମୋ ନିଦର ପଦ ଚିହ୍ନ ନିଖୋଜ,

ମୁଁ ଖୋଜୁଛି ସେହି ନିଦର ନିଶାକୁ

ଯାହାକୁ ଦେଖି ତୁମେ ଲଗାଇ ଥିଲ

ଭାବ ବିହ୍ୱଳ ର ଅଗ୍ନି ସଂଯୋଗ ।

ତୁମେ କଣ ସତରେ ସେ ନିଦୁଆ ଆଖିରେ ହଜିବାକୁ ଚାଁହୁଥିଲ,

ଅବ୍ୟକ୍ତ ଗଭୀର ଭାବନାର ପ୍ରହେଳିକା ଭେଦି ମୋତେ ପାଇବାକୁ ଚେଷ୍ଟା କରୁଥିଲ,,....

କେଜାଣି,

ତୁମେ ସେ ଆଖିରେ ମତୁଆଲା ହେବାର ସ୍ୱପ୍ନ ଦେଖୁଛ

ଅବା କୁହୁଡ଼ିରେ ପଂହରୁଛ.....

ଯଦି ସତରେ ନିଜକୁ ହଜାଇ ବାକୁ ଚାଁହ ଏ ସୀମା ହୀନ ନୟନ ବଳୟ କୁ,

ତେବେ ସମ୍ପର୍କ ର ନାଲି ସୂତା କୁ ବନ୍ଧନ ସ୍ୱରୂପ ବାନ୍ଧି ଦିଅ ମୋ ଦେହରେ

ଆଉ ରଚିଦିଅ ଭବ୍ୟ ପ୍ରେମ ର ରଙ୍ଗୀନ ପ୍ରତିଛବି ଚିର କାଳକୁ ।

ବ୍ୟାସନଗର, ଯାଜପୁର

 Magazine Downloaded from www.aahwaan.com

# ଲୋ ରେବ, ଲୋ ଚୁଲି, ଲୋ ନିଆଁ



ପ୍ରିୟଙ୍କା ନାୟକ

ଆଜିର ରେବତୀ କୁନି ପାପୁଲିରେ ଧରୁନି
ପେନ୍ କି ପେନ୍‌ସିଲ,
ବୋହୁନି ସେ ବହି ବସ୍ତାନିର ବୋଝ,
କୁନି ହାତରେ ଧରିବା ଶିଖିଲାଣି
ସଂସାରର ଘର କରଣା କାମ
କାଢ଼ିଲାଣି ଭାତହାଣ୍ଡିର ଗରମ ପେଜ
ବଡ଼ ହୋଇ ଦିନେ କାଳିଆ ଘୋଡ଼ାରେ ଚଢ଼ି
ମଧୁବାବୁ ସହ ଲଢ଼ିବାର ମନେ ଆଙ୍କିଥିଲା
ଅସୁମାରି ସପନ,
ଛୋଟ ପ୍ରଜାପତି ପରି ଖେଳିବୁଲି ଯାଉଥିଲା ସ୍କୁଲ
ଆନନ୍ଦମନେ ।
କିନ୍ତୁ ସେ ଜାଣିନଥିଲା ପେନ ଧରୁଥିବା କୁନି
ପାପୁଲିରେ ଢାଙ୍କି ହେବନି ଅସହ୍ୟ ଲୋଲୁପ ଦୃଷ୍ଟିକୁ,
ଶୀକାର ହେଲା ଦାନବର ଲୋଲୁପ ଆକ୍ରୋଶରୁ,
ଅସହ୍ୟ ବିକଳ ଚିତ୍କାର ଶୁଣି କର୍ଣ୍ଣପାତ କଲାନାହିଁ
ସମଗ୍ର ଜଗତ,
କୋମଳ ରକ୍ତମାଂସ ଶରୀରଟିକୁ ଟିକିଟିକି କରି
ଛିନ୍ନଭିନ୍ନ ଶକ୍ତ ନଖ ମୁନରେ ।

 Magazine Downloaded from www.aahwaan.com

ଦୁନିଆକୁ ଚିହ୍ନିବା ଆଗରୁ
ଦୁନିଆ ଚିହ୍ନେଇଲା ତାକୁ
ପିପିଲି ବେବିନା, କେନ୍ଦୁଲି ପରି ଗଣଦୁଷ୍କର୍ମା
ରେବତୀ ନାମେ ।
ପଡ଼ିଥିଲା ଜଙ୍ଗଲ ମଧ୍ୟେ ଉଲଗ୍ନ ଉନ୍ମୁକ୍ତ ରକ୍ତଭିଜା
ଶରୀର,
ଶୁଭୁନଥିଲା କଣ୍ଠଭିଜାର ଆର୍ତ୍ତଚିତ୍କାର ଲିଭିଗଲା
ଓଠୁ ହସ
ଶୁଖିଗଲା ଆଖିରୁ ଲୋତକର ଧାର,
ଖବର ସମଗ୍ର ହୋଇଲା ପ୍ରଚାର ବିଭିନ୍ନ ରାଜନୀତିର
କରାଳ ବାହୁରେ ନିସ୍ତାରି ପାରିଲାନି ନିଜ
କୋମଳ ଜୀବନ ।
ଏବେ ସିଏ ନିସ୍ତେଜ ସ୍ଥାଣୁ ପାଲଟି କୋଠରୀର
ଚାରିକାନ୍ଥ ମଧ୍ୟରେ
ବନ୍ଧା ପଡ଼ିଛି ଛୋଟ ନିଷ୍ପାପ ହୃଦୟ
ଜେଜେମାର ଲୋ ରେବ, ଲୋ ଚୁଲି, ଲୋ ନିଆଁ
ଡାକରେ ।

ଗ୍ରା: ଆବଲପୁର, ପ୍ରହରାଜପୁର, ପିପିଲି
ପୁରୀ, ଓଡ଼ିଶା

 Magazine Downloaded from www.aahwaan.com

# ଓଡ଼ିଆ ଭାଷା



ତାନଶ୍ରୀ ପାଣିଗ୍ରାହୀ

ଶିଖ ଓଡ଼ିଆ, ଲେଖ ଓଡ଼ିଆ
କୁହ ଓଡ଼ିଆ ଭାଷା,
ଆପଣା ଭାଷା ଜାଣିନଥିଲେ
ହେବଟି ଲୋକ ହସା ।
ମାଆ ଡାକଟି ଲାଗଇ ମିଠା
ସରିକେ ହେବ ନାହିଁ
ସେ ଡାକ ଛାଡ଼ି ମାଆକୁ ଆମେ
'ମମ୍ମି' ଡାକିବା କାହିଁ ?
ବାପା ଆମର ସ୍ୱର୍ଗଠୁ ବଡ଼
ତାଙ୍କ ପରିକେ ନାହିଁ
ସେ ଡାକ ଭୁଲି ବାପାଙ୍କୁ ଆମେ
'ଡାଡ୍' ଡାକିବା କାହିଁ ?
ଓଡ଼ିଆ ଭାଷା ସାହିତ୍ୟ ଆମ
ଉଚ୍ଚରେ ବୋଲି ଜାଣ
ବିଦେଶୀ ଭାଷା ଶିଖିବା ନିଶା
ମନେ କେବେ ନ ଆଣ ।

କୋଣାରକର ମୂକଶିଳାରେ
କଳାର ଅବଗତ
ଆମ ରାଇଜ କଳା କୁଶଳ
ବିଦେଶେ ଆଜି ଖ୍ୟାତ ।
ଆମ ଠାକୁର ଜଗତନାଥ
ପୁରୀ ଧାମରେ ବାସ
ଜଗତେ ସିଏ ବଡ଼ ଠାକୁର
ଏ ଜାତି ପଉରୁଷ ।
ଉଚ୍ଚନୀଚର ଭେଦଭାବକୁ
କରିବା ଆମେ ନାଶ
ଓଡ଼ିଆ ଭାଷା ପଢ଼ି ଲେଖିବା
ଅରଜିବାରେ ଯଶ ।

ପୂର୍ଣ୍ଣଚନ୍ଦ୍ରପୁର, ଅମରଦା, ମୟୁରଭଞ୍ଜ
୭୫୭୦୫୫, ଓଡ଼ିଶା

Magazine Downloaded from www.aahwaan.com

# ଲଙ୍ଗଳା



ଡା ନୀଳମାଧବ କର

ତମ ଦେହ ଏତେ ଶସ୍ତା
ବିକିଦେଲ ଅନାୟାସେ
ମୁଠେ ଖୁଚୁରା ଟଙ୍କାରେ !
କିଣିବାକୁ ଲୋକ ଏଠି
ସାଲୁବାଲୁ ମାଛି ଓ ଭଅଁର
ଖୋଳିତାଡ଼ି ଖୁମ୍ପିବାକୁ
ସାମାନ୍ୟ କେତେଟା ଟଙ୍କା ବଦଳରେ
ମୂଲ୍ୟଯା'ର ଆଜି ଖାଲି ପାଉଁଶ ଗୋଡ଼ିରେ
ଏତିକି ବୁଝିଲ ନାହିଁ
ପାନ ଖଣ୍ଡେ ଲାଞ୍ଚ ନେବାଠାରୁ
ହଜାରେ ବା ଲକ୍ଷେ
ଆଦୌ ବଡ଼ କଥା ନୁହେଁ ।

ଜୀବନଟା ସତ୍ୟ ହୋଇପାରେ
ମୃତ୍ୟୁପରେ - ବଞ୍ଚିଥିବ ଯଦି ତୁମେ
ଅନ୍ୟ ହୃଦୟରେ ।
ଲଙ୍ଗଳା ହେବା ପରେ କିନ୍ତୁ
ଥରେ ସମାଜ ଆଖିରେ
ଚରିତ୍ର କହ ଆଉ ଗୁଡ଼େଇବ
କି ପରିଚ୍ଛଦ
ଢାଙ୍କିବାକୁ ଆପଣା କୀରତି
ଯା ପାଇଁ ଲୋଡ଼ିବ ତୁମେ
ହୁଏତ ଏଣିକି -
ଅମାବାସ୍ୟ ରାତି ଆଉ
ଚବ ଚବ ଗୋଳିଆ ପାଣିକି ।

ଓଲଭରହାମ୍ପଟନ୍, ଇଂଲଣ୍ଡ

 Magazine Downloaded from www.aahwaan.com

# ଶହୀଦର ନିବେଦନ



ଧିରେନ୍ ବାଗ୍

ମୁଁ ତ

ରକତ ଛିଟା ପିନ୍ଧି

ମାଆ କୋଳେ ଯାଉଛି ଶୋଇ

ଫେରିବିନି ଆଉ ଏ ଧାମକୁ

ମୋ ପାଇଁ ଲୁହ ଝରାଇବ ନାହିଁ ।

ମନେ କରୁଥିବେ କେତେ

ମୋ ପିଲାଛୁଆ

ମୌନେ ଏକା ବସି

ଲୁହ ଝରାଉଥିବେ

ମୋ ବୁଢ଼ା ବାପା, ମାଆ

ଘର ଦୁଆରେ ବସି ।

ଲିଭିଥିବ ସ୍ତ୍ରୀର

ଲଲାଟ ସିନ୍ଦୁର

ଜରାଜୀର୍ଣ୍ଣ ଥିବ ବସନ

ହୃଦୟେ କୋହ ରଖି

ମୋତେ ସେ ଖୋଜିଥିବ

ରଖି ପ୍ରୀତିର ଗୋପନ ।

ଗୁହାରୀ କରେ

ହେ ମୋ ଭାରତ ବାସୀ

ତୁମେ ଯେବେ ହସିବ

ମୋ ପରିବାରକୁ ହସାଇ

ମୁଁ ସହିଦ ବୋଲି କହିବ ।

ଭ୍ରାମ୍ୟଭାଷ : ୯୬୯୨୧୮୮୦୮୧

ଗୌଡ଼ରମା, କୁଳିଅଣା, ମୟୁରଭଞ୍ଜ

 Magazine Downloaded from www.aahwaan.com

# ଭାରି ଇଚ୍ଛା ହୁଏ



ନିନୁ ନାଏକ

ଇଚ୍ଛା ହୁଏ ହେବାକୁ ତୁମ ପାଇଁ
ସକାଳର ଶୀତୁଆ ପବନ
ତୁମ ଘର ଝରକା ଦେଇ ଛୁଅନ୍ତି
ତୁମ ଅସଜଡ଼ା ହୃଦୟ ମନ ।
ହାଲକା ଶୀହରଣେ ଶୋଇଥାନ୍ତ
ଖୁବ୍ ନିଘୋଡ଼େ ଚାଦର ଭିଡ଼ି
ଧରିବାକୁ ଇଚ୍ଛା କରିଥାନ୍ତି
କିନ୍ତୁ, ମୁଁ ଯାଆନ୍ତି ଦୂରକୁ ଉଡ଼ି ।
ଅଭିମାନ କରି ମୁହଁ ଫୁଲାଇ
ବସିଥାଆନ୍ତ ଏକା
ମୁଁ ଆସନ୍ତି ଲାଜେଇ ଲାଜେଇ
ତୁମ ଗାଲେ ଦିଅନ୍ତ ଚୁମା ଏକା ।

ଅସନବଣି, ହିଜିଳି, ମୟୁରଭଞ୍ଜ

 Magazine Downloaded from www.aahwaan.com

# ଅମର ଶହୀଦ



ବିଭୁତିଭୂଷଣ ସାମଲ

ସେହି ଶୁଭକ୍ଷଣେ ପ୍ରସୂତି ଲଗନେ
ଶୁଭିଥିଲା କୁଆଁ କୁଆଁ ଶବ୍ଦ
ସମସ୍ତେ ହସିଲେ ଶୁଣି ତୁମ କାନ୍ଦ
ଖେଳିଥିଲା ଅପୂର୍ବ ଆନନ୍ଦ ।
ତୁମର ଶୈଶବ ଦେଖିଅଛି ଯିଏ
ଦେଖିଛି ତୁମର ବାଲ୍ୟକାଳ
ତୁମ ଗୁଣ ଗୁଣି ଝୁରି ତୁମ କଥା
ଆଖି ତା ହେଉଛି ଛଳ ଛଳ ।
ତୁମ ସହପାଠୀ କାନ୍ଦୁଛନ୍ତି ଲୋଟି
କାନ୍ଦୁଛନ୍ତି ଝୁରି ତୁମକଥା
ତୁମ କର୍ମଭୂମି ତୁମ ଜନ୍ମମାଟି
ଗାଉଅଛି ଗଉରବ ଗାଥା ।
ଦେଶପାଇଁ ଦେଲ ନିଜ ପ୍ରାଣବଳି
ସ୍ୱର୍ଣ୍ଣାକ୍ଷରେ ତୁମ ନାମ ଲେଖା
ତୁମେ ସୁରବୀର ଚୀର ଅମର
ହେବନାହିଁ ସିନା ଆଉ ଦେଖା ।

ଇହଲୀଳା ତୁମେ କଲ ସମ୍ବରଣ
ତ୍ରୀରଙ୍ଗାରେ ଢାଙ୍କିଛି ଶରୀର
ଏ ଭାରତବର୍ଷ କରୁଛି ସଲାମ
ଆହେ ଶହୀଦ ବୀର ଅମର ।
ତୁମର ଆତ୍ମାର ସଦଗତି ପାଇଁ
ଦେଶବାସୀ ଜାଳନ୍ତି ଦୀପାଳି
ତୁମ ଚରଣରେ କରି ପ୍ରଣିପାତ
ଦେଇ ପୁଷ୍ପାଞ୍ଜଳି ଫୁଲମାଳି ।
ଭାରତ ମାତାର ସୁଯୋଗ୍ୟ ସନ୍ତାନ
ଏ ଜାତି ତୁମକୁ ଆଜି ଝୁରେ
ତୁମ ବଳିଦାନ ଯିବ ନି ବେକାର
ରହିବ ସବୁରି ହୃଦୟରେ ।

ଜଳ ପରିମଳ ବିଭାଗ
କୁଳିଅଣା, ମୟୁରଭଞ୍ଜ

Magazine Downloaded from www.aahwaan.com

# ସାଥିପାଇଁ ଚିଠିଟିଏ



ଗଙ୍ଗାସୁନନ୍ଦିନି
ରୂପମା ଗୁରୁ

ଝାରିବୁନି ଲୁହ ବାଢ଼ିବୁନି କୋହ
ପ୍ରିୟା ତତେ ରାଣ ମୋର
ଦେଶ ମା' ପାଇଁ ଶହୀଦ ଯେ ହୋଇ
ଖେଳିଛି ହୋଲି ରକ୍ତର
ରକତର ହୋଲି ଖେଳିବା ପାଇଁକି
ରଙ୍ଗଯେ ନିଅଣ୍ଟ ହେଲା
ସେଥିପାଇଁ ପରା ସୀମନ୍ତରୁ ତୋର
ସିନ୍ଦୁର ଲୋଡ଼ା ପଡ଼ିଲା
ସିନ୍ଦୁର ଲିଭାଇ ସୁହାଗ ତୋ ନେଇ
ଯାଉଛି ଲୋ ବହୁଦୂର
ଚାହିଁବୁନି ବାଟ ହେବୁନି ଅଝଟ
ଫେରିବାର ନାହିଁ ମୋର
ରାତି ଅଧେ ତୁ ଯେ ଖୋଜିବୁନି ମୋତେ
ଶୋଇଛି ତ୍ରିରଙ୍ଗା ତଳେ
କଫିନ୍ ଭିତରେ ଅଧା ଶରୀରରେ
ଦେଖିଲେ ଡରିବୁ କାଳେ....

ୟୁଜି, ୟୁପି ସ୍କୁଲ୍, ବାଲିସୁଆଁ, ମହାକାଳପଡ଼ା, କେନ୍ଦ୍ରାପଡ଼ା

Magazine Downloaded from www.aahwaan.com

# ମହକିବ ଧରାଭୂଇଁ



ରବୀନ୍ଦ୍ରନାଥ
ମହାରଣା

କାହାପାଇଁ ଏଠି ଝୁରୁଛି ଫଗୁଣ
ବସନ୍ତ ଆସିବ ବୋଲି,
ନାଲିରଙ୍ଗ ଘେନି ହସୁଛି ଧରଣୀ
କୃଷ୍ଣଚୂଡ଼ା ଫୁଟେ ବୋଲି ।
ଦୋଳଯାତରାରେ ଅଗି ଜାଳିଦେଇ
ସଭିଏଁ ଖେଳିବେ ହୋଲି
ଫଗୁ ରଙ୍ଗ ବୋଳି ଚହଟି ଉଠିବେ
ଖୁସିରେ ନାଚିବେ ବୋଲି ।
ବଉଳ ବାସ୍ନାରେ ବାସ୍ନାୟିତ ହୋଇ
ମହକିବ ଧରାଭୂଇଁ
ମନ୍ଦ ମନ୍ଦ ହୋଇ ମଳୟ ବହିବ
ସବୁରି ହୃଦୟ ଛୁଇଁ ।

କୁହୁ କୁହୁ ତାନେ କୋଇଲି ଗାଇବ
ସବୁଜ ବନାନୀ ଦେହେ
ଝର ଝର ହୋଇ ଝରଣା ବହିବ
ଉଜ୍ଜ୍ୱଳ ଶରୀର ଶୋହେ ।
ବନେ ଉପବନେ କୁସୁମ କଳିକା
ଫୁଟିବେ ପସରା ମେଲି
ଫଗୁ ରଙ୍ଗ ନେଇ ହସେ କୃଷ୍ଣଚୂଡ଼ା
ଚହଟିବେ ଚମ୍ପାମଲ୍ଲି ।
ନୀଳ ଆକାଶରେ ରୂପାଥାଳି ପରି
ଚନ୍ଦ୍ରମା ଆସିବେ ଉଇଁ
ରୂପେଲି କିରଣେ ଜୋଛନା ରାତିରେ
ମହକିବ ଧରାଭୂଇଁ ।

Magazine Downloaded from www.aahwaan.com

# ପ୍ରତିଶୋଧ



ବୈଶାଖୀ ନାୟକ

ଆଜି ହୋଇଛି ପ୍ରତିଶୋଧ ପୂରଣ
ସକାର ହୋଇଛି ଆଜି ଆମ ସପନ ।
୪୦ ବଦଳେ କଲୁ ୩୦୦ର ଖଣ୍ଡନ
କିପରି ସିଦ୍ଧି ହୋଇବ ପାକିସ୍ଥାନର ସେ ମନ୍ଦ ଅଭିମାନ ।
ଆତଙ୍କବାଦିର ସେ ହିଂସା ବୁଦ୍ଧି ହୋଇନାହିଁ ଆଜି ପୂର୍ଣ୍ଣ
ସବୁପରେ ବି ତ ଭାରତ ଆଜି କରିଲା ନିଜର ଜୟଗାନ ।
ଜଗି ବସିଥିଲେ ସୀମା ନିକଟରେ କେବେ ହେବ ଆକ୍ରମଣ
ସ୍ଥଳରେ ତ ନୁହଁ ବାୟୁସେନାରେ ମୋଦି ଜଣେଇଲେ ସହୀଦଙ୍କୁ ସମ୍ମାନ ।
ପୁଲବାମା ଆକ୍ରମଣ ପରେ ମା' କାନ୍ଦୁଥିଲା ମୋ ପୁଅ ଆଉ ନାହିଁ
ବାଲାକୋଟ୍ ଆକ୍ରମଣ ଆଜି ଜଣେଇ ଦେଇଛି ଭାରତ ବି କମ ନୁହଇଁ ।
ଇଟାର ଜବାବ ଆଜି ଦେଲୁ ପଥରରେ
ନିଆଁ ଜାଳିଦେଲୁ ଇମ୍ରାନ ଖାଁର ମନରେ ।
ଏକୋଇଶ ମିନିଟରେ ମାରିଲେ ତିନିଶହ ଜଣଙ୍କୁ
ପାକିସ୍ଥାନ ଏବେ ଭରସା କରିବ କାହାକୁ ?
ଏକ ହଜାର କିଲୋ ବୋମା ନିକ୍ଷେପରେ ଆତଙ୍କବାଦୀ ନିପାତ
ସର୍ବଶେଷରେ ଏତିକି କହୁଛି ଆଜି ମହାନ ମୋ ଭାରତ ।

 Magazine Downloaded from www.aahwaan.com

# ଜୀବନ



ଡଃ ଜ୍ଞାନେଶ୍ୱର ମିଶ୍ର

ଜୀବନ ସଂସାର କାଗଜରେ
ଭାଗ୍ୟ ପେନ୍‌ସିଲରେ ଟଣା ସରୁ ଗାରଟିଏ
ରୋଗର ରବର ବାଜିଲେ
ନ ମାନି ମହୌଷଧି ନିମିଷେ ଅଦୃଶ୍ୟ ହୁଏ ।
ଜୀବନ ସଂସାର ମାୟାଡୋରରେ ବନ୍ଧା
ସ୍ୱପ୍ନ ପବନରେ ଉଡୁଥିବା ଏକ ଗୁଡ଼ି
ଦୁର୍ଘଟଣାର ହାଲୁକା ପବନରେ
ସଂସାରରୁ ଛିଣ୍ଡିଯାଏ ଛାଡ଼ି ।
ଜୀବନ ଜଞ୍ଜାଳ ଝଙ୍କାଳିଆ ଗଛର
ଖରାବେଳର ଛାଇ
ଭାଗ୍ୟ ସୂର୍ଯ୍ୟ ଘୁରିବୁଲେ
ଛାଇ ଘୁରିଯାଏ ସଂସାର ଥାଏ ରହି ।

ଜୀବନ ଏକ ଚଳନ୍ତା ଟ୍ରେନ୍
ସମାଜର ରେଳ ଧାରଣାରେ
ଶେଷରେ ଅଟକି ଯିବାକୁ ହୁଏ
ଶେଷ ସତ୍ୟ ଷ୍ଟେସନରେ ।
ପଛରେ ଛାଡ଼ି ଆସିଥିବା ବତୀଖୁଣ୍ଟ
ବିଲବାଡ଼ି, ଗଛଲତା ସବୁ ଲିଭିଯାଏ
ବନ୍ଧୁବାନ୍ଧବ, ପୁଅଝିଅ, ସାହି ପଡ଼ିଶା
ଆତ୍ମୀୟ ଦୋସର ସବୁ ଗପ ହୋଇଯାଏ ।
ସବୁ ଯଦି ହଜିଯାଏ ଲିଭିଯାଏ
ଜୀବନକୁ ଏତେ କାହିଁକି ଜାବୁଡ଼ି ଧରିବା
କାଳର ନିୟମ ଦୁଃଖ କିମ୍ବା ସୁଖକୁ ନ ମାନି
ଜୀବନ ଶବ୍ଦଟି ଥିଲା ଯାଏଁ ଆମେ
ଜୀଇଁଯିବା ।

ଭ୍ରାମ୍ୟଭାଷ : ୮୪୨୦୨୪୨୭୫୫

 Magazine Downloaded from www.aahwaan.com

# ବଜାର ବୁଲା



ବେବିସ୍ମିତା କର

ଯାଇଥିଲି ଦିନେ ବଜାର ବୁଲି
ଆଣିବାକୁ ଅଟା, ଚାଉଳ ଡାଲି ।
ବାଟରେ ଦେଖିଲି ଯେତେ ଦୋକାନ
ସଜେଇ ରଖନ୍ତି କରି ଯତନ ।
ଗୋଟେ ପରେ ଗୋଟେ ଲାଗିଛି ଧାଡ଼ି
ଗହଳି ଦେଖିକି ଗଲି ମୁଁ ମାଡ଼ି ।
ଦେଖିଲି ଦୋକାନୀ ଡାକ ଛାଡୁଛି
ଶସ୍ତାରେ ଭଲ ସେ ସଉଦା ଦେଉଛି ।
ସଭିଙ୍କର ପାଦ ତା'ରି ଆଡ଼େ
ଦଉଡୁଥାଆନ୍ତି ପିଲାଠୁ ବୁଢ଼େ ।
ଠକିବାର ନାହିଁ ଚିଜ ଅସଲ
ଦେଖିଲି ପଛରେ ଚାଲେ ଭେଜାଲ ।

ଫେରିଲି ସେଠାରୁ ମୁହଁ ବୁଲାଇ
କିଛି ବାଟପୁଣି ଆଗେ ଚାଲଇ ।
ଦେଖିଲି ଦୋକାନେ ବୁଢ଼ା ଲୋକଟେ
ବାଳ ନାହିଁ ମୁଣ୍ଡେ
ଧଳା ଧଳା ନିଶ ଅଛି ଲମ୍ବାଟେ ।
ଦୋକାନରେ ତା'ର ଗହଳି ନାହିଁ
ବସିଛି ମୁଣ୍ଡକୁ ନୁଆଇଁ ଦେଇ ।
ପଢୁଛି ସେ ଦେଶ ବିଦେଶ କଥା
ସଜେଇ ରଖିଛି କେତେ ସଉଦା ।
ଦେଖିଶୁଣି ସବୁ ଜାଣିଲି ଭଲ
କିଣି ମୁଁ ଆଣିଲି ଦେଇ ତା ମୂଲ ।


ଇମେଲ୍ : bebismita.kar99@gmail.com

 Magazine Downloaded from www.aahwaan.com

# ମା ଓ ବନ୍ଧୁ

ମୂଳ ରଚନା ହିନ୍ଦୀ : ଧରମ ଦୁବେ

ଓଡ଼ିଆ ଭାଷାନ୍ତର : ସନାତନ ମହାକୁଡ଼





ସନାତନ ମହାକୁଡ଼

ମା

ବାବୁ ଆସିଗଲୁ !
ଏଥିରେ ଭରିଥିବା
ବାତ୍ସଲ୍ୟକୁ
ମୁଁ ସ୍ୟାହିରେ
ଉତ୍ତାରି ନ ପାରେ ।

ବନ୍ଧୁ

ଆଜି ଫେସବୁକରୁ ଫ୍ରେଣ୍ଡର୍ସରୀ ପାଳିବାର
ମିଳିଲା ସୂଚନା ମୋତେ
କୋଉଠି ଅଛୁ ?
ଆସି ଯା, କ୍ଷୀରି, ଡାଲି, ପୁରୀ ଖୁଆଇବି
ତୋତେ
ଯେମିତି ବନ୍ଧୁତ୍ୱ ବଜାୟ ରହେ ଆମର ।

ଗ୍ରା/ପୋ : ବେରୁଆଁବାରୀ, ୭୫୨୦୮୨
ନୟାଗଡ଼ ଜିଲ୍ଲା, ଓଡ଼ିଶା
ଭ୍ରାମ୍ୟଭାଷ : ୦୯୩୩୯୭୧୦୧୭୮
ଇମେଲ୍ : sanmahakud@gmail.com
ୱେବ୍‌ସାଇଟ୍ : www.sanatanmahakud.in

 Magazine Downloaded from www.aahwaan.com

# ଅହଂକାରୀ ଦୋଷୀ



ଜୟନ୍ତକୁମାର ସାହୁ


ବେଇମାନୀ ନିର୍ଦ୍ଦୋଷ ନୁହେଁ ବରଂ
ଅହଂକାରୀ ଦୋଷୀ
ଲୁହରେ ଭିଜିବା ଆଗରୁ
ଥରେ ବୁଝିବାକୁ ଚେଷ୍ଟାକର
କାହା ଆଗରେ ତୁ ଦୋଷୀ
ନା ମିଛରେ କରୁଛି ଅନୁତପ୍ତ
କ'ଣ ପଡୁଛି କିଛି ଫରକ
ନା ତୁ ଏବେବି ସେହି
ନିଜକୁ ଫାଙ୍କୁଥିବା ବେଇମାନୀ ମଣିଷ ।

ଆଜି ଭୁଲ ମାଗିବାକୁ ବି
ଲାଗୁଛି ଡର
କ'ଣ ଜୀବନରେ କେବେ ତୋ ଗର୍ବ
ଆଉ ଅହଂକାର ମଧ୍ୟରେ
ଭାସୁଥିବା ତୋ ହୃଦୟ
ନା ଆଉ କିଛି ଯାହା
ପିଲାଦିନର ନିର୍ମଳ ବିବେକ
ଦେଇ ଦେଖୁଥିଲା ଏଇ ଦୁନିଆ
ପାଇଁ କିଛି ସ୍ୱପ୍ନ ।

ଏଇ ଦୁଇଟି ବିଡ଼ମ୍ବନା ମଧ୍ୟରେ
ଅଟକି ଯାଇଛି ଜୀବନ
ନା ମୁଁ ଦୋଷୀ ନୁହଁ ବରଂ ବେଇମାନୀ
ହଁ ମୁଁ ଦୋଷୀ କିନ୍ତୁ ଗର୍ବ
ଅହଂକାରରେ ଭୁଲ ମାଗିବାକୁ
ଲାଗୁଛି ଡର ।

Magazine Downloaded from www.aahwaan.com

# କର ବିଲୀନ



ଗୌରୀ ପଣ୍ଡା

ଶହୀଦ ରକ୍ତରେ ଭିଜିଲା ପଣତ
ଗୁମୁରି କାନ୍ଦୁଅଛି ଜନନୀ ଭାରତ ।
ଜନମିଥିଲେ ବୀର ଭାରତ କୋଳରେ
ପରାଣ ଦେଇଗଲେ ସୀମା ସୁରକ୍ଷାରେ ।
ପିଉଥିଲେ ସେ ଝର, ଜନନୀ ବକ୍ଷର
ବୋହିଗଲା ସେ ଝର ନଦୀ ରକତର ।
ବୀର କିଛି ବୁଝିବା, ଜାଣିବା ଆଗରୁ
ଫୁଟିଲା ଆଇଡ଼ି ବିସ୍ଫୋରଣ ବୋମାରୁ ।
ଆହା କି ଦୁଃଖଦ କାହାଣୀ ଘଟିଲା
ଚାଳିଶି ବୀରଙ୍କର ଜୀବନ ସେ ନେଲା ।
କିଏ ରେ ସେ ଦୁର୍ବୃତ୍ତ ମତିଭ୍ରଷ୍ଟ କଲା
ନିରୀହ ଓ ନିରସ୍ତ୍ର ଜୀବନକୁ ନେଲା ।
ମୋ ଭାରତ ଜନନୀ ଦୁଃଖେ ଭାଙ୍ଗିପଡ଼ି
ପଚାରୁଛି ସେ ଆଜି ପାରିବକି ଲଢ଼ି ?
ଦୁଃଖେ ଦେଖ ଭାରତ ଆଜି ମର୍ମାହତ
ସନ୍ତାନର ପ୍ରାଣ ପାଇଁ ସେ ବିଚଳିତ ।

କାନ୍ଦି କାନ୍ଦି କହୁଛି ମୋ ସନ୍ତାନ ଶୁଣ
ଶୁଝିବା ପାଇଁ କି ରେ ଜନନୀର ଋଣ ।
ଲୋଡ଼ିନାହିଁ ତୁମର ପ୍ରାଣର ଆହୁତି
ଆଦେଶ ଦେଉଛିରେ ଚିରଶତ୍ରୁ ଛାତି ।
ଶତ୍ରୁ ଲୁହରେ ମୋର ପାଦ ଧୋଇଦିଅ
ଆଜି ଏ ପ୍ରତିଜ୍ଞା, ମୋ ସନ୍ତାନ ନିଅ ।
ମୋ ବକ୍ଷର ଝରରେ ଭୟକ୍ରାନ୍ତି ନାଇଁ
ଜାଣି ଶତ୍ରୁ ପଛରୁ ପ୍ରହାର କରଇ ।
ଶୁଣ ମନଦେଇ ମୋ ଭାରତ ସନ୍ତାନ
ମାରିଯାଅ ଶତ୍ରୁକୁ, ନଦେଇ ପରାଣ ।
ଖୋଲିଦିଅ ସମସ୍ତ ବନ୍ଧନ ଶୃଙ୍ଖଳ
ଶତ୍ରୁଦେବେ ହେଉରେ ଉଗ୍ର କୋଳାହଳ ।
ଜାଗିଉଠି ଦେଶରେ ଜନ ଆନ୍ଦୋଳନ
ଆସିଅଛି ଏବେ ରେ ଜାଣିବାର ଦିନ ।

 Magazine Downloaded from www.aahwaan.com

ଉଠରେ ଉଠ ମୋର ସୁପ୍ତ କୋଟି ସିଂହ
ଦମନ କରି ଭାଙ୍ଗ ଶତ୍ରୁଙ୍କର ମୁହଁ ।
ସମୟ ଆସିଛିରେ ଭାଙ୍ଗ ତାର ଦମ୍ଭ
ଯେପରି ନ କରେ ସେ ଯୁଦ୍ଧ ଶୁଭାରମ୍ଭ ।
କୌଶଳରେ ଆୟତ୍ତ କର ଶତ୍ରୁହାତ
ରାଜନୀତି ଶିଖାଏ ସେ ମହାଭାରତ ।
ରଖନାହିଁ ଆତ୍ମୀୟ ସ୍ୱଜନ ଭାବନା
ଜନନୀ ପାଇଁ ଆଗେ କର ତାକୁ ଚୁନା ।
ଲୋଡ଼ିନାହିଁ ମୋର ସେ ଆତ୍ମୀୟସ୍ୱଜନ
କଷ୍ଟଭୋଗେ ଯା ପାଇଁ ମୋହର ସନ୍ତାନ ।
ଜାଗରେ, ଜାଗ ତୁମେ ଭାରତୀ ସନ୍ତାନ
କାଟିରେ ମୁଣ୍ଡ ଆଣ ଯାଇ ପାକିସ୍ତାନ ।
ଯେତେ ପାର ସେତେରେ କାଟି ମୁଣ୍ଡ ଆଣ
ମାନଚିତ୍ରୁ ତା ନାମ କରରେ ବିଲୀନ ।

ଜୟପୁର, କୋରାପୁଟ

 Magazine Downloaded from www.aahwaan.com

# ଶିକ୍ଷା



ଅନାମ ଚରଣ ସାହୁ

ପାହାଡ଼ ଶିଖାଏ ଆମକୁ
ଆମେ ହେବା ଉଦାର
ସହନ ଶକତି ବଳରେ
ଜିଣି ହୁଏ ସଂସାର ।

ସାଗର ଜଣାଏ ବାବୁରେ
ସବୁ ଦେବା ଫେରାଇ
ଋଣି ନ ହୋଇବା କାହାରି
ଛୋଟ ଜୀବନ ପାଇ ।

ଆକାଶ କୁହଇ ଶୁଣରେ
ହୃଦ କର ବିଶାଳ
ସଭିଏଁ ଅଟନ୍ତି ସମାନ
ପ୍ରେମେ ପରାଣ ଜାଳ ।

ତଟିନୀ ଶିଖାଏ ଆନନ୍ଦେ
ସର୍ବେ ମଣ ନିଜର
ଭେଦଭାବ କେବେ ନ ରଖି
ଶେଷେ ମିଶ ସାଗର ।

ଦୀପଶିଖାଟିଏ ଜଳଇ
ନାଶେ ଘୋର ଅନ୍ଧାର
ଜ୍ଞାନଚକ୍ଷୁ ଫେଡ଼ ବାଳକେ
ପୃଥ୍ୱୀ ହେବ ସୁନ୍ଦର ।

ବିଭୁତିପୁର, କାକଟପୁର, ପୁରୀ
ଭ୍ରାମ୍ୟଭାଷ : ୯୯୩୭୨୧୦୨୬୦

 Magazine Downloaded from www.aahwaan.com

# ସହୀଦ ! ଅମରାତ୍ମା !



ଚନ୍ଦ୍ରଶେଖର ଗୋ

ହେ ସୈନ୍ୟଗଣ-
ତମେ ସ୍ପନ୍ଦନ ଭାରତ ମାତାର
ସୈନ୍ୟବାହିନୀ ରକ୍ଷାକବଚ ଆମ ସ୍ୱାଧୀନତାର ।
ଧନ୍ୟ ସେହୁ ପିତାମାତା-
ଯାହାଙ୍କ ଔରସୁ ଜନମ ଆପଣଙ୍କର
ଚିର ନମସ୍ୟ ସେ ମାତୃଦେବୀ ଭଗିନୀ ଭାରତୀର । ।
ତମେ ମଣିଷ ସିନା ରକ୍ତମାଂସହାଡ଼ର
କଦାପି ତମକୁ ଛୁଇଁ ପାରିବନି ମୃତ୍ୟୁ
ତମେ ପରା ସହୀଦ ! ଅମର ! !
ମଲାଯାଏ ବୁହାଇବ ସିନା ଅନ୍ତର ଫଟାଇ-
ମା'ମମତାର ଲୁହଧାର । ।
ମାଟି ପାଇଁ ଜୀବନ କଲ ହେ ବିସର୍ଜନ
ପୁଲୱାମା ରାଜପଥ ପାଲଟିଗଲା ରକତ ତଟିନୀ
ସେଇ ରକ୍ତେ ମିଶି ବୋହିଗଲା ସତେ
ରକ୍ତବର୍ଣ୍ଣା ସିନ୍ଦୂର ପ୍ରାଣପ୍ରିୟାର
ପରିବାର ପାଲଟିଗଲା ଶୋକ-ପାରାବାର । ।
କି ଅବନ୍ତିପୋରା ଅଞ୍ଚଳ, କ୍ଷଣେ ସ୍ତବ୍ଧ ହେଲା ଭାରତ
ଶୋକବନ୍ୟା ଖେଳିଗଲା ପ୍ରତି ପ୍ରାଣେ ପ୍ରାଣେ । ।
ବୀର୍ଯ୍ୟବନ୍ତ ବୀର ସମ୍ମୁଖେ-
କାପୁରୁଷୋଚିତ ଆତଙ୍କୀ ଆତ୍ମଘାତୀ ଆକ୍ରମଣ

 Magazine Downloaded from www.aahwaan.com

କେବେ କି ଲଭିବ ଟୀକା ବିଜୟର ।
ପରାହତ ସିନା ନିଷ୍ଟେ ବାରମ୍ବାର । ।
ଏଠି ଥରେ ପଡ଼ିବ ଯା'ର ପାଦ
ହେବ ତା'ର ଜୀବନର ପୁଣ୍ୟତୀର୍ଥ
ଯୋଟିବ କି ସେହି ସୌଭାଗ୍ୟ ମୋର
ଯହିଁ ୪୪ ଯବାନ ସହୀଦ ହୋଇ ଲଭିଲେ ଅମରତ୍ୱ । ।
ତମେ ଇତିହାସ ରଚିଗଲ ବଳିଦାନେ
ଦେଶପ୍ରୀତି ଚେତନାକୁ ପୁନର୍ଜୀବିତ କରି ପ୍ରାଣେପ୍ରାଣେ
ପାଣିପବନେ ନଦୀକାନନେ ସର୍ବତ୍ର ମାଟିରୁ ଆକାଶ ଯାଏ । ।
ହେ ଯବାନ ତମପରି ଆଉ କିଏ ଅଛି ଭୂପୃଷ୍ଠରେ
ଯିଏ ସରାଗେ ସେବିବ ଦେଶମାତୃକା
ଛାଡ଼ିଦେଇ ପରିବାର ବନ୍ଧୁବର୍ଗ ବିଛେଦବାସେ ନିରନ୍ତର । ।

ହେ ସହୀଦ ସୈନ୍ୟଗଣେ ଘେନ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳୀ କୋଟିକୋଟି ହୃଦୟର
ଚନ୍ଦ୍ରସୂର୍ଯ୍ୟ ଅସ୍ତୋଦୟ ହେବାଯାଏ ପ୍ରତିଥର । ।

ନନ୍ଦିତା ମହଲ, କର୍ଲାଖମାର
ମୋ-୮୨୫୮୧୮୦୭୫୬

 Magazine Downloaded from www.aahwaan.com

# ପ୍ରଣାମ ବୀର ଜବାନ୍



ନିବେଦିତା ମହାପାତ୍ର

ଅମାନିଆ ଆଖି ଲୁହେ ଓଦା ହୁଏ ପଣତ
ଶୋକରେ ବୁଡିଛି ଦେଖ ଆଜି ସାରା ମୁଲକ,
ବାହୁନି କାନ୍ଦୁଛି ମାଆ ଶୁଖୁନି ଆଖି ଲୁହ
ଆତଙ୍କବାଦୀଙ୍କ ଶୀକାର ହୋଇଛି ତା ପୁଅ ॥(୧)
ଦଶମାସ ଗର୍ଭେ ଧରି ଦେଇଥିଲା ଜନମ
ସହି ଥିଲା ଅଳି ଅଝଟ ମାନ ଅଭିମାନ,
କୁଳର ନନ୍ଦନ ଥିଲା ସିଏ ମା' ଗଣ୍ଠିଧନ
କେମିତି ଦବ ସେ ବିଦାୟ ବୁଝୁନି ତା ମନ ॥(୨)
ପୁଅ ଥିଲା ତାଙ୍କ ଜୀବନ ଏକାକୀ ଭରସା
ତା କାନ୍ଧେ ଯିବାକୁ ମଶାଣି ବାନ୍ଧିଥିଲେ ଆଶା
ଅଦିନରେ ଲିଭିଗଲା ସେ କୁଳର ପ୍ରଦୀପ
ହୃଦୟକୁ ପଥର କରି ସହିଛନ୍ତି ବାପା ॥(୩)
ବେଦୀ ନିଆଁ ସାକ୍ଷୀ ରଖି ଦେଇଥିଲା ବଚନ
ହାତ ଧରିଥିଲା ସାଥି ହେବ ସାରା ଜୀବନ,
ମଥାର ନାଲି ସିନ୍ଦୁର ତା ପଡିଗଲା ଫିକା
ଭାଙ୍ଗିଗଲା ସଧବାର ସନ୍ତକ ନାଲି ଶଙ୍ଖା ॥(୪)
ଅସମୟେ ଚାଲିଗଲା କାଟି ସବୁ ବନ୍ଧନ
ରଙ୍ଗହୀନ ହେଇଗଲା ନବବଧୂ ଜୀବନ,
ଆଖିରେ ଭରିଥିଲା ଯିଏ ସୁନେଲି ସପନ
ଅଧାବାଟେ ଛାଡିଗଲା ସେ ଭାଙ୍ଗିଦେଇ ମନ ॥(୫)

 Magazine Downloaded from www.aahwaan.com

ନିଷ୍ପାପ ସନ୍ତାନଟି କରିଥିଲା କିବା ଦୋଷ
ବିଧାତା ଲେଖିଲା କପାଳେ ତାର ଏତେ କଷ୍ଟ
ପିତାର ଆଶିଷ ସ୍ପର୍ଶ ସେ ଆଉ ପାଇବନି
ବଞ୍ଚିବ ସାରା ଜୀବନ ବାପଛେଉଣ୍ଡ ହୋଇ ।।(୬)
ଭାଇ ସ୍ନେହ ପାଇଁ ଭଉଣୀର ଝରିବ ଲୁହ
ରାକ୍ଷୀ ପୁନେଇଁ ଦିନ ଉଠିବ ମନରେ କୋହ
କିଏ ଅବା କରିବ ଦୂର ତାର ସେଇ ଦୁଃଖ
ବିରସ ମନରେ ଭରିବ ଭରସା ବିଶ୍ୱାସ ।।(୭)
ଭାଇ,ବନ୍ଧୁ,ଜ୍ଞାତି କୁଟୁମ୍ବ ଆତ୍ମୀୟ ସ୍ୱଜନ
ସବୁରି ଆଖିରେ ଭରିଛି ଲୁହର ଶ୍ରାବଣ,
ନିସ୍ତବ୍ଧତା ଭରିଯାଇଛି ଆଜି ସବୁ ସ୍ଥାନେ
ଅଶ୍ରୁଳ ବିଦାୟ ଦେବାକୁ ଚାହିଁଛନ୍ତି ଜନେ ।।(୮)
କଥା ଦେଇ ଯାଇଥିଲା ଦିନେ ଫେରିବା ପାଇଁ
ଫେରୁଛି ଆଜି ସେ ଗାଁକୁ ଜଳିବ ତାର ଜୁଇ,
ରାଷ୍ଟ୍ରିୟ ମର୍ଯ୍ୟାଦାରେ ଶେଷ ହେବ ଶେଷକୃତ୍ୟ
ଜୟକାର ଧ୍ୱନିରେ ଧରା ହେବ ପ୍ରକମ୍ପିତ ।।(୯)
ଭାରତମାତାର ପରା ସେ ସୁଯୋଗ୍ୟ ସନ୍ତାନ
ସବୁଠୁ ଅମୂଲ୍ୟ ଅଟଇ ତାଙ୍କ ବଳିଦାନ
ଛାଡି ଦେଇଗଲେ ସେମାନେ ଯେଉଁ ଶୂନ୍ୟସ୍ଥାନ
ନୁହଁଇ ସମ୍ଭବ କେବେ ଭରିବା ସେହି ସ୍ଥାନ ।।(୧୦)

 Magazine Downloaded from www.aahwaan.com

# ନାଟକ ମୋ ରଙ୍ଗମଞ୍ଚେ



ଜ୍ୟୋତିରଞ୍ଜନ ସାହୁ

ପରଦା ପଛର ନାୟକ ମୁଁ ଜଣେ
ଏ ଦୁନିଆଁ ରଙ୍ଗମଞ୍ଚେ
ମୋର ନିର୍ଦ୍ଦେଶିତ ମୋ ନିଜ ନାଟକେ
ଅଭିନୟ ରଙ୍ଗ ବିଞ୍ଚେ ॥
ମୋ ନିଜ ନାଟକେ ମୁଁ ଯେ ଅଭିନେତା
ଏକା ମୁଁ ଦର୍ଶକ ଜଣେ
ସମୀକ୍ଷକ ସାଜି ମୋ ନିଜ ବିବେକ
ବସେ ରଙ୍ଗମଞ୍ଚ କୋଣେ ॥
କ୍ଷଣେ ହସି ପୁଣି କ୍ଷଣିକରେ କାନ୍ଦେ
ଏହି ମୋ କାହାଣୀ ସାର
ନିଜେ ମୁଁ ଦର୍ଶକ ଉପଭୋଗ କରେ
ନିଜ ଅଭିନୟ ମୋର ॥
ପ୍ରତିକ୍ଷଣେ ଚାଲେ କେତେ ଅଭିନୟ
ନିଜର ମୁଁ ପ୍ରତିଯୋଗୀ
ନିଜେ ସାଜି କରେ ମୁଁ ପ୍ରତିଯୋଗିତା
ନିଜକୁ ମୁଁ ହରାଇବି ॥
ଏ ରଙ୍ଗମଞ୍ଚରେ ପ୍ରଦର୍ଶିତ କରେ
ନିଜ ଅଭିନୟ ମୋର

ଗୋଟିଏ ରଜନୀ ନାଟକ ଏହା ମୋ
ପାଖେ ଦୁଃଖ, ସୁଖ ଦୂର ॥
ନାଟକ ସରିଲେ ଅଭିନୟ ମୋର
ରଙ୍ଗମଞ୍ଚୁ ଯିବ ସରି
ବିବେକ ହାତରେ ସମୀକ୍ଷା ହୋଇବ
ମୋ ଅଭିନୟ ଚାତୁରୀ ॥
ସମୀକ୍ଷକ ସାଜି ବିବେକ କରିବ
ଅଭିନୟ ମୂଲ୍ୟାଙ୍କନ
ଯାହାକୁ ବୁଝିବା ପାଇଁକି ହୁଅଇ
ଲୋଡ଼ା ଅହଂ ଶୂନ୍ୟ ଜ୍ଞାନ ॥
ମୋ ନିଜ ଲିଖିତ କାହାଣୀର ପୃଷ୍ଠା
ଚିରାହେବ କାଳ ହାତେ
ଆଉ ନହୋଇବ ପୁନଃ ପ୍ରଦର୍ଶୀତ
ନାଟକ ମୋ ରଙ୍ଗମଞ୍ଚେ ॥

୮୮୯୫୧୫୬୩୫୫

Magazine Downloaded from www.aahwaan.com

# ଭ୍ରୂଣହତ୍ୟା



ଶିବଶଙ୍କର ପାତ୍ର

କହିବାକୁ ଅଛି କେତେ ମୋର କଥା
ରହିନାହିଁ ଆଉ ବେଳ,
ଲୁଚି ଯେ ରହିଛି ଅନେକର କଥା
ସରିଲା କି ମୋର ବେଳ ।୧ ।
କେଉଁ ଜନମରେ କି ପାପ କଲେ ସେ
ଦୁନିଆଁ ପାରିବୁ କହି,
କହିଦେଲେ ଥରେ ସାରିଦେବି କଥା
କେବେ ପଚାରିବି ନାହିଁ ।୨ ।
ଶିଶୁକନ୍ୟାକୁ ତୁ ପାଦରେ ଆଡେଇ
ମିଛ କହୁ କାଇଁ ଏତେ,
ସ୍ନେହ ମମତାର ଫୁଲ କି ସରିଲା
ହଜିଲୁ କି ଦେଖି ସତେ ।୩ ।
କେବେ ସେ ଅବଳା କେବେ ସେ ଦୁର୍ବଳା
ପଡେ ଯେ ରାଜରାସ୍ତାରେ,
ତଥାପି ସଭିଏଁ ସ୍ୱାର୍ଥପର ହୋଇ
ଫେରନ୍ତି ନିଜ ପଥରେ ।୪ ।
ମାଆର ସେନେହ ପାଇ ପାରିବନି
କରିଲୁ ତୁ ହୀନମାନ,
ସମ୍ମାନ କି ନାହିଁ ତାହାରି ଜୀବନ
ହରାଇବ ସେ କି ପ୍ରାଣ ।୫ ।
ନିଷ୍ପାପର ଶିଶୁ ପୃଥିବୀକୁ ଆସି
ଆଲୋକ ପାରେନା ଦେଖି
କନ୍ୟାଭ୍ରୂଣ ହତ୍ୟା କେବେ ନର୍ଦ୍ଦମାରେ
ଫିଟେନା କାହାରି ଆଖି ।୬ ।
ଅନ୍ୟର ଦୁଃଖରେ ଦୁଃଖୀ ହୋଇଯାଏ
ବହେ ତା ଆଖିରୁ ଲୁହ
ଆଖି ବୁଜି ସିଏ ସବୁ ସହିଯାଏ
ଦିଏ ନାହିଁ କେବେ କୋହ ।୭ ।
କେମିତି ହଜିଛି ସଭିଁଙ୍କ ହୃଦୟ
ପାରେନା ଆଜି ମୁଁ ଦେଖି
ଏମିତି ଦୁର୍ଦ୍ଦିନ ଦେଖିବା ଆଗରୁ
ବୁଜିଯାଉ ମୋର ଆଖି ।୮ ।

ଭୋଗରାଇ, ବାଲେଶ୍ୱର

Magazine Downloaded from www.aahwaan.com

# ଆସିଛି ରଙ୍ଗୋଲୀ



ସମ୍ବିତ
ସତ୍ୟପ୍ରକାଶ ମିଶ୍ର

ରୂପର ସମ୍ଭାର ସୃଷ୍ଟିର ସେଇ ଫଗୁରେ ଦେଇଛି ବୋଲି
ସଜବାଜ ହୋଇ ଆସିଛି ରଙ୍ଗୋଲୀ ସୁନାର ପ୍ରଦୀପ ଜାଳି ।୧ ।
ସବୁରି ପରାଣେ ଭେଦଭାବ ଭୁଲି ମମତା ସାଗର ଢେଉ
ମନ ଉପବନେ ଆନନ୍ଦ ଲହରୀ ଫଗୁଣର ରଙ୍ଗ ନେଉ । ୨ ।
ରଙ୍ଗ ପସରାର ଉଛୁଳା ପ୍ରେମରେ ସୀମା ପରିସୀମା ଡେଇଁ
ଫଗୁ ମୁଠା ମୁଠା ରଙ୍ଗ ବେରଙ୍ଗର ଉଡଇ ଗଗନେ ଯାଇ । ୩ ।
ବୁଝିବା ପାଇଁକି କାହା ମନଭାଷା ସମୟ ନଉକା ନାହିଁ
ବୁଝେନା ଏମନ କିଏ ବଡସାନ ଆନନ୍ଦର ବର୍ଷା ଦେଲା ଭିଜେଇ । ୪ ।
ଆମ ପ୍ରେମାଞ୍ଜଳି ରଙ୍ଗେ ରଙ୍ଗିନ ହୋଲି ନ କରିବ ମନେ ପର
ଖୁସି ଆଣିଦେବ ପ୍ରତିବର୍ଷ ପରି ରଖିବ କଥା ଆମର । ୫ ।

ଠିକଣା –ଗୁଡିଆନ ।ଲୀ ,ଢେଙ୍କାନାଳ ,୭୫୯୦୦୧
ଇମେଲ ଠିକଣା :- sambitsm1987@gmail.com

 Magazine Downloaded from www.aahwaan.com

# ବନ୍ଧୁ



ଦିପ୍ତିଶିଖା କର

ସ୍ନେହ ମମତାର ସେତ ଆରମ୍ଭ ବିନ୍ଦୁ
ବିପଦ ବେଳରେ ସାଜେ ସାହାଯ୍ୟର ସିନ୍ଧୁ ।
ଝଡ଼ କି ବତାସ ଅବା ଆସୁ ପଛେ ଅନ୍ଧୁ
ପାଖେ ଆସି ଛିଡ଼ା ହୁଏ ମୋର ବନ୍ଧୁ ।

ବନ୍ଧୁ ଶବ୍ଦ ଅଟେ ପରା ଅତୀବ କୋମଳ
ନ ବୁଝିଲେ ମାନବକୁ କରଇ ଦୂର୍ବଳ ।
ବନ୍ଧୁ ଅଟେ ଭ୍ରାତା ସେ ପୁଣି ଭଗିନୀ
ତା ସହ ବିତିଯାଏ ଦୁଃଖର ରଜନୀ ।

କଳିଯୁଗ କଳହରେ ହୋଇ ଅଛି ବନ୍ଦୀ
ଅବିଶ୍ୱାସର ବିଷେ ସେ ତ ହୋଇଯାଏ ରୁନ୍ଧି ।
ଦୁନିଆଟା ଅଟେ ପରେ ଅତ୍ୟନ୍ତ ଅଜବ
ସ୍ୱାର୍ଥଲିପସୁ ବନ୍ଧୁ ଏଠି ସାଜଇ ଦାନବ ।

ବନ୍ଧୁତ୍ୱକୁ ସାକ୍ଷୀରଖି ବ୍ୟକ୍ତି ଦିଅଇ ଜୀବନ

 Magazine Downloaded from www.aahwaan.com

ସବୁଠାରେ ଉଚ୍ଚେ ରହେ ବନ୍ଧୁତ୍ୱ ଆସନ ।

ରାମାୟଣ ବି ଦେଇଛି ବନ୍ଧୁତ୍ୱର ପ୍ରମାଣ

ସୁଗ୍ରୀବ ପାଇଁ ପ୍ରଭୁ ନେଲେ ବାଳିର ପରାଣ ।

ସୁଦାମାର ଖଇ ଖାଇ ପ୍ରଭୁ ହେଲେ ପ୍ରୀତ

ଦ୍ୱାପରରେ ବନ୍ଧୁତ୍ୱକୁ ଦେଖିଲା ଜଗତ ।

ବନ୍ଧୁତ୍ୱ ଆଗରେ ପରା ଦୁନିଆ ଯେ ଅନ୍ଧ

କବିର ଲେଖନୀକୁ କେବେ ନ ଭାବିବ ମନ୍ଦ ।

ଉଦ୍ଭିଦ ବିଜ୍ଞାନ ଛାତ୍ରୀ

ନରସିଂହ ଚୌଧୁରୀ ମହାବିଦ୍ୟାଳୟ, ଯାଜପୁର

 Magazine Downloaded from www.aahwaan.com

# ଏଇତ ଜୀବନ



କେଶରୀ ପ୍ରସାଦ ମହାନ୍ତି

ରାତି ଏଠି ଛୋଟ ହେଲେ ଅନେକ ସପନ
କାମିନୀ ପଛରେ ପଡ଼ି ମଣିଷ ଅଜ୍ଞାନ ।
କୁମନ୍ତ୍ରଣାରେ ମାତି ପୁତ୍ର ପିତାଠାରୁ ଭିନ୍ନ
ପଚାରିଲେ କହିଦିଏ ଏଇତ ଜୀବନ ।
ଆକାଶରେ ଯେବେ ପରା ଆସେ ନୀଳ ଜହ୍ନ
ତାକୁ ଦେଖି ଉଠେ ପଡ଼େ କୁମାରୀର ମନ ।
ଜାଣିପାରେ ନାହିଁ କେବେ ହୁଏ ତାକୁ ପ୍ରେମ
ପଚାରିଲେ କହେ ସେତ, ଏଇତ ଜୀବନ ।
ଯେତେ ଭାଇ ସେତେ ଘର, ସମାଜର ଧର୍ମ
ସତ୍ୟ ଭୁଲି ଅବାସ୍ତବେ ମାତେ ମଣିଷର ମନ ।
ମଣିଷ ସାଜିଛି ଆଜି ସାଧାରଣ ଜ୍ଞାନ ହୀନ
ପଚାରିଲେ କହିଦିଏ ଏଇତ ଜୀବନ ।
ମଣିଷ ତ ସାଜିଅଛି ନରଭକ୍ଷୀ ଶ୍ୱାନ
ଚୋରି ନାରୀ ଦୁର୍ନୀତିରେ ପେଟ କରେ ପୂର୍ଣ୍ଣ ।
ଜାଣିପାରୁନାହିଁ ସେ ତ କମୁଛି ସମ୍ମାନ
ପାଗଳ ପରିକା କହେ ଏଇତ ଜୀବନ ।

 Magazine Downloaded from www.aahwaan.com

ଦୂର ନକ୍ଷତ୍ରମଣ୍ଡଳେ ଜଳୁଅଛି ବ୍ୟୋମ

ହାତଠାରି ଡାକେ ତତେ ତୋର ଦୁର୍ଦ୍ଦିନ ।

ଧର୍ମେ କର୍ମେ ମନ ଦେଇ ରଖ ସ୍ୱାଭିମାନ

ଏଇ ଆଶା ରଖି ବିଧି ଦେଇଛି ଜନମ ।

ଅଜବ ମଣିଷ ଆଧୁନିକତାର ରମ୍ୟ

ଜୀବନ-ମୃତ୍ୟୁର ଜାଣେ ନାହିଁ ତାରତମ୍ୟ ।

ସବୁଠି ଚାଲେ କଳହ ନାହିଁ ଉପଶମ

ମନେରଖ ଶେଷେ ବାନ୍ଧିନେବ ଯମ ।

ଜୀବନଟା ଗୋଟେ ହସ କାନ୍ଦ ନଈ

ଅମାନିଆ ହୋଇ ଯାଏ ସେ ତ ବହି ।

କବି ଜାଣେ ଜୀବନଟା ସ୍ୱପ୍ନର ସାଗର

ସ୍ନେହ ପ୍ରେମ ମମତାରେ ସର୍ବେ ହୁଅ ଏକାକାର ।

ଉଦ୍ଭିଦ ବିଜ୍ଞାନ ଛାତ୍ର

ନରସିଂହ ଚୌଧୁରୀ ମହାବିଦ୍ୟାଳୟ, ଯାଜପୁର

Magazine Downloaded from www.aahwaan.com

# ସୁନ୍ଦରତା



ସୁଶାନ୍ତ କୁମାର ଧଳ

ମହାବିଦ୍ୟାଳୟେ ପଢୁଥିଲା ସାଥେ
ନିରିମାଖି ଏକ ବାଳା
ଦେଖିବାକୁ ଏତେ ଭଲ ସେ ନଥିଲା
ରଙ୍ଗଥିଲା ଟିକେ କଳା ।

ଆକର୍ଷଣ ତା'ର ପ୍ରତିମା ନଥିଲା
ଦେଖିବାକୁ ବାରବାର
ଆଢୁଆଳେ ସଦା ରହୁଥିଲା ସିଏ
ନଥିଲା ଦୃଷ୍ଟି କାହାର ।

ପଢୁଥିଲେ ଯୁବ ସୁନ୍ଦରୀ ପଛରେ
କରି ପ୍ରେମ ନିବେଦନ
ତା ପଛରେ କେହି ଆସିବାକୁ ଟିକେ
ନଥିଲା କାହାରି ମନ ।

ନିନ୍ଦୁଥିଲା ସଦା ଭାଗ୍ୟକୁ ତାହାର
ବିଧାତାକୁ ଦେଇ ଦୋଷ,
ପ୍ରତିକ୍ଷଣେ ସେ ଜଳି ମରୁଥିଲା
ନଥିଲା ଓଠରେ ହସ ।

କାହିଁକି ବିଧାତା ଗଢ଼ିଲା ଏମିତି
କରିଦେଇ ଅସୁନ୍ଦର
କେତେ କଥା ଭାବି ମନସ୍ତାପ ତାର
କରେ ନିଜକୁ ଧିକ୍କାର ।

 Magazine Downloaded from www.aahwaan.com

ହେଲେ,

ସେ କି ଜାଣିବ ସୁନ୍ଦରତା ନୁହେଁ

ସବୁକିଛି ମଣିଷର

ଗୁଣରେ ବିଦ୍ୱାନ ମିଳଇ ସମ୍ମାନ

ପ୍ରବେଶ ଯହିଁ ତାହାର ।

ସୁନ୍ଦରତା ଅଟେ କ୍ଷଣସ୍ଥାୟୀ ପୁଣି

ଚାଲିଯିବ କିଛିଦିନେ

ଗୁଣରେ ଯେ ଗୁଣି ହୋଇଥିଲେ ତୁହି

ରହିବୁ ସଭିଙ୍କ ମନେ ।

ବ୍ରାହ୍ମଣୀକୂଳ, ଜୟନ୍ତରା, ଯାଜପୁର

ଭ୍ରାମ୍ୟଭାଷ : ୮୩୩୮୯୩୪୫୨୭

 Magazine Downloaded from www.aahwaan.com

# ହୋଲି



ଅନନ୍ୟା
ଅନ୍ୟତମା ମହାନ୍ତି

ହୋଲିଯେବେ ଆସିଥିଲା ସାଥିରେ ନେଇ ସାତରଙ୍ଗର ଅବିର,
ତୁମେ ସେବେ ଆସିଥିଲ ମୋ' ଜୀବନରେ ପ୍ରଥମଥର ।
ହୋଲି ନାଲି- ନୀଳରଙ୍ଗରେ ସଭିଁଙ୍କୁ କରିଥିଲା ରଂଗମୟ,
କିନ୍ତୁ ତୁମେ ପ୍ରେମର ନୂଆରଙ୍ଗରେ ମୋତେ କରିଦେଇଥିଲ ପ୍ରେମମୟ ।
ହୋଲି ଫେରିଗଲା ପୁଣିଥରେ ଆସିବାର ଦେଇ ପ୍ରତିଶ୍ରୁତି,
ତୁମେ କିନ୍ତୁ ଚାଲିଗଲ ଚିରଦିନ ପାଇଁ ମୋ' ହୃଦୟରେ ଛାଡ଼ିଦେଇ କିଛି ଅଭୂଲା ସ୍ମୃତି ।
ହୋଲି ପୁଣି ଯେବେ ଫଗୁଣର ସବାରୀରେ ଆସେ ଲେଉଟି,
ଗୋଟାଏ ଆନନ୍ଦଦାୟକ ଯନ୍ତ୍ରଣାରେ ମୋ ହୃଦୟକୁ ଜର୍ଜରିତ କରି ପକାଏ ତୁମର ସ୍ମୃତି ।
ପ୍ରତିବର୍ଷ ମୋର ସାଂଗମାନେ ହୋଲି ଖେଳନ୍ତି ବଜାରର କୃତ୍ରିମ ରଙ୍ଗରେ,
ମୁଁ ହୋଲି ମନାଏ ଲୁହ ଏବଂ ଲହୁରେ ।

ରଘୁନାଥପୁର, ନମାରୋ, ପୁରୀ
୭୫୨୧୦୯, ଓଡ଼ିଶା
ଇମେଲ୍ : ananyaanyatama87@gmail.com

 Magazine Downloaded from www.aahwaan.com

# ତୃଷ୍ଣାମୟୀ ନାରୀ



ହୃଦୟାନନ୍ଦ ପଧାନ

ଅନ୍ଧ ଦୁନିଆର ମହାରନବ ଜଳେ
ସ୍ନାନ କରିବାକୁ ଇଚ୍ଛା କରିଥିଲି ସତ
ସେତଥିଲା ଧୁମାଭ୍ର ଦିଗନ୍ତର ମେଞ୍ଚାଏ କୁହୁଡି !

ସତ କେବଳ ସ୍ୱପ୍ନରେ ଚିରନ୍ତନ ନୁହେଁ !
ସବୁଏଠି ତୃଷ୍ଣାମୟ ସବୁଏଠି ଆଶ୍ରିତ
ସ୍ୱାର୍ଥ, ମର୍ତ୍ତ୍ୟ, ପାତାଳ
କେତେଯେ ଅଛନ୍ତି କଳଙ୍କିତ ଆତ୍ମା
ତୁମ ଆମ ସମସ୍ତଙ୍କ ମଧ୍ୟେ !

ମାୟା ସାଥେ କାୟର ଖେଳ
ପୁଣି ଭଲ ପାଇବାର ଛଳନା
କିଏ ଏଠି ନ ଜାଣିଛି ସବୁତୁଚ୍ଛ
ଏ ଚତୁର ଦିଗ ଘେରା ଧରିତ୍ରୀ ପ୍ରୁସଟେ !

ବିଶ୍ୱାସର ନିଆଁ ଏଠି

 Magazine Downloaded from www.aahwaan.com

ଜଳିପୋଡି ପାଉଁଶ ହେଲାନି

ତଥାପି ଏ ନାରୀ ନିସ୍ତବ୍ଧ

ସେତ ଅନୁସୟା ଗର୍ଭରୁ ଜନ୍ମିତ

ସବୁଯୁଗେ ଲିପିବଧ୍ୟ ତୋର

ଏ କଳଙ୍କିତ ଇତିହାସେ !

ଇଚ୍ଛା କରିଥିଲି ସାଉଁଟି ବି ମୁକ୍ତା

ସାଗରର ଅତଳ ଗର୍ଭରୁ

କାହିଁବ ! ସେ ମୁକ୍ତା ସେତଦିବା ସ୍ୱପ୍ନ

ଅମାବାସ୍ୟା ରାତିର ଜହ୍ନ !!!!!!

ଅମରପାଲି, ବୀରମହାରାଜପୁର

ସୁବର୍ଣ୍ଣପୁର, ଓଡ଼ିଶା

Magazine Downloaded from www.aahwaan.com

# ନୁହେଁ ସେ ତ କାଠ



ଯଶସ୍ୱିନୀ ସାହୁ

ନୁହେଁ ସେ ତ କାଠ

ନୁହେଁ ସେ ପିତୁଳା

ନୁହେଁ ସେ ଲାବଣ୍ୟବତୀ

ନୁହେଁ ତ ଚନ୍ଦ୍ରାବତୀ !

ସେ ସମାଜର ଅଗ୍ରଦୂତୀ

ଆଜିର ରମଣୀ ।

ନା ମୁଁ ସୌନ୍ଦର୍ଯ୍ୟମୟୀ ରାଧା

ନା ମୁଁ ଉର୍ବଶୀ

ମୁଁ ତ ସମାଜର ଅଗ୍ରଦୂତୀ

ରାଣୀ ଲକ୍ଷ୍ମୀବାଇ ।

ଚାହେଁନା ମୁଁ ଆବଦ୍ଧ କୋଠରୀ

ଚାହେଁ ନା ମୁଁ ପାଦେ ବେଡ଼ି

ଚାହେଁ ମୁଁ କ୍ଷେପିଯିବାକୁ

ଆକାଶରେ ଡେଣା ବାଡ଼େଇ ।

ଲଙ୍ଘିଯିବି ମୁଁ ଆକାଶର ଦ୍ରାଘିମା

ଉଡ଼ାଇବି ବିଜୟର ପତାକା

ନୁହେଁ ମୁଁ ଦୁର୍ବଳା

ନୁହେଁ ମୁଁ ଅବଳା

ବୋଧେ ମୁଁ ନଥିଲେ

ଭଙ୍ଗ ହୋଇଥାନ୍ତା ଶୃଙ୍ଖଳା

ସ୍ୱାଧୀନତା ମୁଁ ବି ପାଇଛି

ମୁଁ ବି ଲଢ଼ିଛି

କାହିଁକି ମୁଁ ଆଜି

ପଛଘୁଞ୍ଚା ଦେବି ।

ଜାଗ ଜାଗ ଉଠ ଉଠ

ସେ ପୁରର ନାରୀ

ଡରିବାନି କାହାରିକୁ

ମନେ ଦମ୍ଭଧରି

 Magazine Downloaded from www.aahwaan.com

ଡର ଅଛି ମୋର

ଲଜ୍ଜା ଅଛି ମୋର

ସେ ଡର ଲଜ୍ଜାକୁ

ଭାବିଛକି ମୋ ଦୁର୍ବଳ ଅଙ୍ଗ ?

ସେ ଡର ଲଜ୍ଜା ନୁହେଁ

ଅନ୍ୟ କାହାରିକୁ

ସେ ଡର ଲଜ୍ଜା ତ

ମୋର ନିଜକୁ

କାହିଁକି ମୁଁ ଚୁପ୍ ହୋଇଛି

ଏତେଦିନ ଧରି

ଏବେ ସକାଳ ହୋଇଛି

ସୂର୍ଯ୍ୟ ବି ଉଇଁଛି

ଦେଖାଇବା ଆଜି

ନାରୀଙ୍କ କରାମତି ।

କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ, ଓଡ଼ିଶା

 Magazine Downloaded from www.aahwaan.com

# ମନ କଣ କହୁଛି



ଶ୍ରୀରାଜଶେଖର
ସି଼ ଚିମା

ମନ କଣ କହୁଛି !
ମନ କଣ ଚାହୁଁଛି !
ପ୍ରେମକଥା ଭାବିବାକୁ କହୁଛି !
ଅଭିନବ ଅନୁଭବ ଦେଖିବାକୁ ଚାହୁଁଛି !
ମୋ ମନ କହୁଛି ନୂଆ ପ୍ରପଞ୍ଚକୁ ଯିବା ପାଇଁ,
ନିଜ ପ୍ରିୟ ସଖୀ ସହ ବିନୋଦବିହାର ପାଇଁ,
ପ୍ରଣୟିନୀଙ୍କ ସହ ପ୍ରୀତିକର ପ୍ରଣୟାଳାପ ପାଇଁ,
ମୋ ସୌମ୍ୟ ସୁମଲତାଙ୍କ ସ୍ମିତହାସ ଚାହିଁବା ପାଇଁ।୧।
ଇନ୍ଦୁଲୋକ ଇନ୍ଦୁ ବଦନାଙ୍କ ପ୍ରତି ମୋହ ରହିବ ସଦାପାଇଁ,
ମଧୁରବାଣୀ ଶୁଣିଲାଗେ ପଲ୍ଲୀ କୋଇଲି ଗାଉଛି ମୋ ପାଇଁ,
ମୋ ଅନ୍ତଃକରଣ ଉତ୍ତେଜିତ କରେ ପ୍ରେମଗୀତ ଗାଇବା ପାଇଁ,
ପ୍ରାଣସଖୀ ବିନା ଯୌବନ ଉଦ୍ଦୀପନର ଅସ୍ତିତ୍ୱ ଅଛି କଣ ପାଇଁ।୨।
ଜୀବିକା ଲାଗି ଶ୍ରୀ ଜଗନ୍ନାଥ ସବୁକିଛି ଦେଇଛନ୍ତି ମୋ ପାଇଁ,
ମାତାପିତା ଗୁରୁଜନଙ୍କ ଅପାର ଆଶିଷ ଚାହୁଁଛି ଚିରଦିନ ପାଇଁ,
ସୀମିତ ଜୀବନରେ ନବରସର ଅନୁଭବ ମିଳେ ପ୍ରଜ୍ଞା ପାଇଁ,
ପ୍ରେମ ନ ରହିଲେ ସଂସାରରେ ରହିବି କଣ ପାଇଁ କାହା ପାଇଁ।୩।
ମନ କଣ କହୁଛି !
ମନ କଣ ଚାହୁଁଛି !
ପ୍ରେମକଥା ଭାବିବାକୁ କହୁଛି !
ଅଭିନବ ଅନୁଭବ ଦେଖିବାକୁ ଚାହୁଁଛି !

 Magazine Downloaded from www.aahwaan.com

# ସୁବର୍ଣ୍ଣ ମୋତି



ବିଭୁତି ରଞ୍ଜନ
ପାଣିଗ୍ରାହୀ

ଚୋରିକରିଲ ହୃଦୟ କାହିଁ ଯେବେ ଏହା କେବଳ ତୁମର ଥିଲା
ଧଡ଼କନ କିଆଁ ଚୁପ୍ ହୋଇଲା ଯେବେ ଏହା ତୁମ ନାଁ ନେଉଥିଲା
ଆଖି ପଲକ କିଆଁ ବୁଜିଦେଲ ଯେବେ ଆଖିରେ ତୁମ ମୋ ଚେହେରା ଥିଲା
ଓଠରେ ତୁମ ମୋ ନାଁ ଥାଇ ବି କାହିଁ ଆଜି ସାମ୍ନାରେ ମୋର ତୁନିଗଲା
ସ୍ପର୍ଶ ତୁମ ପ୍ରଥମଥର କେମିତି ଏକ ମନେ ଶିହରଣ ଦେଲା
କଥା ତୁମ ମନେ ମୋ ଏକ ଅଦ୍ଭୁତ ଉନ୍ମାଦନା ଦେଲା
ଆସି ମୋ ଜୀବନେ ତୁମେ ଅଜସ୍ର ଖୁସି ସଞ୍ଚାରିଦେଲ
ହେଇ ମୋ ଲାଗି ସେଇ ସୁବର୍ଣ୍ଣମୋତି ହୃଦୟେ ମୋ ଘର କରିଲ
ଆଖିରେ ତୁମ କଜ୍ଜଳଗାର ମୋ ଜୀବନେ ଭାଗ୍ୟର ଗାର ସାଜିଲା
ଓଠରେ ତୁମ ଗୋଲାପୀ ହସ ମୋ ମନେ ପ୍ରେମର ବାସ୍ନା ଦେଲା
ଲେଖିବି ତୁମ ଲାଗି ଯଦି କବିତା ମନେ ମୋ ତାହାର ଶେଷ ନ ଆସିଲା
ପ୍ରଭୁଙ୍କ ଆଗେ ମୋ ଏଇ ଶେଷ ଦୁଇ ଇଚ୍ଛା ରହିଲା
କେବେ ସାଜିବ ତୁମେ ମୋ ପ୍ରେମିକା ସମୟକୁ ମୋର ଅପେକ୍ଷା ରହିଲା
କେବେ ଆସିବ ମୋ ଘରକୁ ବୋହୁ ସାଜି ଇଚ୍ଛା ଆଜି ମୋ ମନେ ଘର କରିଲା
ଅବା ସାଜି ମୋ ଲାଗି ପ୍ରୀତିର ବସନ୍ତ ଆସିବ ଯେବେ ଦୁନିଆକୁ ମୋ
ସେଇ ମୁହୂର୍ତ୍ତକୁ ମୋ ଅପେକ୍ଷା ରହିଲା
ସେଇ ମୁହୂର୍ତ୍ତକୁ ଅପେକ୍ଷା ରହିଲା...

 Magazine Downloaded from www.aahwaan.com

# କଟକ



ସଂଘମିତ୍ରା ବେହେରା

କାହାକୁ ମୁଁ ଅପାସୋରା ନୁହେଁ, ଅତି ଅନ୍ତରଙ୍ଗ
ହଜିନାଇଁ ବା ମରିନାହିଁ ସମୟର ସ୍ରୋତେ ।
ମୁଁ ଛାଡ଼ିନି ବା'କୁ ମା'କୁ ପୁଅ ଅବା ଝିଅକୁ
ସଭିଏଁ ମୋ ଫାନ୍ଦେ ବନ୍ଧା, କାଳକାଳକୁ ।
ଆସ, ଫେରି ଦେଖ ତ ବିସ୍ତୃତ ମୋ କଳେବର
ମୁଁ ରଚେ ଅତୀତ ଇତିହାସ, ବର୍ତ୍ତମାନ ପୁଣି ଭବିଷ୍ୟତ ।
ମୋ ଗରଭେ ତୋଳା ହେଲା କେତେ ଯେ ଇମାରତ
ବାରବାଟୀ, ରେଭେନ୍ସା, ଖ୍ରୀଷ୍ଟ ପୁଣି ଷ୍ଟୁଆର୍ଟ୍ ।
ରାଣୀହାଟ କ୍ୟାଣ୍ଟନମେଣ୍ଟ ଠାରୁ ଜୋବ୍ରା ଆନିକଟ ଯାଏ
ମିଶନ୍ ରୋଡ଼ ପୁଣି ମର୍କତ ନଗର, ବାଉନବଜାର ଅବା ତେପନ ଗଳି ।
ଗାଥା ନା ଇତିହାସ ! ନିରବତା ବାନ୍ଧେ ଏଠି
କଲେକ୍ଟର ଆଉ ସଂଗ୍ରହାଳୟ ବସା ।
କର୍ପୂରର ମହକ ତ ଗଲାଣି ହଜି, ସାଉଁଟୁଛି କନାଟି
କଟକୀ ଆଉ କଟକ, ସତେଜ ପୁଣି ସମୟ ଗରଭେ ।

ଓଡ଼ିଆ ବିଭାଗ
ସହକାରୀ ପ୍ରଫେସର, ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ

 Magazine Downloaded from www.aahwaan.com

# ମାତୃଭୂମି ପାଇଁ ପଦେ



ପବିତ୍ର ଦାସ

ମାଆର ଜଠରୁ ପଡ଼ିବା ଦିନରୁ
ପଡ଼ିଛି ମୁଁ ତୋ ଶରଣେ
କେମିତି ଭୂଲିବି ଜନ୍ମଭୂମି ପ୍ରେମ
କହ ମୋତେ ତୁହି ଥରେ ।
ଅସାର ଜଗତ ତୋହରି କୃପାରେ
ହେଉଛନ୍ତି ଆତଯାତ
ତୋ କରୁଣା ଥରେ ଊଣା ହୋଇଗଲେ
ଜୀବକି ପାଇବ ତ୍ରାଣ ।
ତୁହି ତ ଜନନୀ ବୀର ପ୍ରସବିନୀ
ଉତ୍କଳର ଅଟୁ ମାତା
ତୋ କରୁଣା ଲାଭ ପାଇବା ପାଇଁକି
ଝୁରି ହେଉଥାଏ ମଥା ।

ଅନେକ ଦିନରୁ ଭାବିଛି ମନରେ
ଶୁଝିବି ତୋହରି ଋଣ
ବାଟ ଦିଶୁନାହିଁ ଦିଶୁନାହିଁ ଦିଗ
କେମିତି ଶୁଝିବି କହ ।
ତୋହରି ଦୟାରେ ଏ ଦେହରେ ବଳ
ଜମାଟ ବାନ୍ଧି କି ଅଛି
ତୁ ଯେବେ କହିବୁ ତୋ ମାନ ପାଇଁ କି
ମାଡ଼ିଯିବି ଶତ୍ରୁକୂଳେ ।
ଜାତିର ସୁରକ୍ଷା ଜୀବନର ଲକ୍ଷ୍ୟ
ହେଉ ଏ ଜୀବନ ବ୍ରତ
ମାତୃଭୂମି ଋଣ ଶୁଝିବା ପାଇଁ କି
ଏ ତ ବଡ଼ ଉପାଦାନ

ରେଭେନ୍‌ସା ବିଶ୍ୱବିଦ୍ୟାଳୟ, କଟକ

 Magazine Downloaded from www.aahwaan.com

# ସାଥୀ



କାର୍ତ୍ତିକ ପାଣିଗ୍ରାହୀ

ସାଥି...

ନା କିଛି କହିବାର ଥିଲା

ନା କିଛି ଶୁଣିବାର ଥିଲା

ନା କିଛି ବୁଝିବାର ଥିଲା

ନା କିଛି ବୁଝାଇବାର ଥିଲା

ନା ଦେଖିବାର ଇଚ୍ଛା ଥିଲା

ନା ନ ଦେଖିବାର ଜିଜ୍ଞାସା

ତଥାପି ସବୁ ସମ୍ଭବ ହେଲା

ସମୟ ସୁଅରେ...

ବାସ୍ ଗୋଟିଏ ଝଲକ ଦେଖିଲା ପରେ

କେଜାଣି କାହିଁକି ବାରମ୍ବାର ଇଚ୍ଛା ହେଲା

ଦେଖିବାକୁ....ଦେଖି ରହିବାକୁ...

ତନ୍ଦ୍ରା ତୁଟିଲା ତୁମ ଆକସ୍ମିକ ପ୍ରଶ୍ନରେ

" ଦେଖୁ ଦେଖୁ ଭଲପାଇ ଗଲେନି ତ ?"

କେମିତି କହିବି ଭଲପାଇବାର ସଂଜ୍ଞା ?

ମୁଁ ତ ଏଯାଏଁ ନିଜେ ହିଁ ବୁଝିପାରିନି

କଣ କହିବି....'ହଁ' କହିବି

ନା 'ନା' କହିବି ...

ସାଥି...

ତମେ ହିଁ କହୁଥିଲ ନା..

ତୁମଠୁ ଭଲ

ମୋତେ କେହି ବି ଜାଣିନାହାନ୍ତି !

ଦେଖ ତ

ଆଜି ମୁଁ ସମ୍ପୂର୍ଣ୍ଣ ନିରବ

ଅଥଚ

 Magazine Downloaded from www.aahwaan.com

ନା ତମେ ମୋ ନିରବତାକୁ ବୁଝିଛ

ନା ନିରବତାର ଅକୁହା କଥାକୁ...

ସାଥି...

ଆଜି ମୁଁ ଆଜାଦ୍

ମୋ ମନ ହାତରୁ

ତୁମ ସ୍ମୃତିର ପରିସରରୁ

ତୁମ ଆଖିର କଜ୍ଜ୍ୱଳ ଗାରରୁ

ତୁମ ଓଠର ଚୁପି ଚୁପି କଥାରୁ

ତୁମ ଚିବୁକର କଳାଯାଇର ମୋହରୁ

ଆଜି ମୁଁ ଆଜାଦ୍ ମୋ ଭିତରୁ

କାରଣ

ଆଜି ମୁଁ ଦାହ କରିଦେଇଛି

ନିଜ ଭିତରେ ମୋ ନିଜତ୍ୱକୁ...

ବ୍ରହ୍ମପୁର, ଓଡ଼ିଶା

 Magazine Downloaded from www.aahwaan.com

# ପଡ଼ୋଶୀ



ଅନୁସୂୟା ମିଶ୍ର

ଏମିତି କଣ ଗଡ଼ିଚାଲିଥିବ

ପ୍ରତିପକ୍ଷତାର ଗଡ୍ଡାଳିକା ପ୍ରବାହଟି !!

ତୁ କ୍ଷତାକ୍ତ କରୁଥିବୁ ମୋତେ

ମୁଁ ହୋଇଉଠୁଥିବି ତୋ ରକ୍ତର ପିପାସୀ,

ମୁଁ ଦୋଷ ଦେଉଥିବି ତୋତେ

ତୁ ଭାବୁଥିବୁ ସକଳ ତୋ ସ୍ୱାର୍ଥସାଧନର

ମୁଁ ହିଁ ପ୍ରଧାନ ପ୍ରତିଦ୍ୱନ୍ଦୀ,

ମୋ ଶତ୍ରୁତାର ଶରବ୍ୟ ହେଉଥିବୁ ତୁ

ମୁଁ ବି ହେଉଥିବି

ଅସରନ୍ତି ତୋ ଆକ୍ରୋଶର ମୂଳଭିତ୍ତି ।

ଭୁଲିଯାଉଥିବା ଆମେ

ତୋ'-ମୋ' ଭିତରେ ଆଜିବି

ମାଟିର ଗାରଟିଏ ମାତ୍ର ଅଛି ।

ଅବରୁଦ୍ଧ ଆମ ବିବେକର ଦ୍ୱାର ଆଜି

ଅନ୍ଧ ବି ମାନବିକ ଅନ୍ତର୍ଦୃଷ୍ଟି,

'ଭାଇଚାରା' ଏକ ରାଜନୈତିକ ପଶାକାଠି

ଶାନ୍ତି, ସୌହାର୍ଦ୍ଦ୍ୟ ଓ ସଦ୍ଭାବନାର ପ୍ରତିଶୃତି

ବି

କୁଟନୈତିକ ଅଭିସନ୍ଧି କିଛି,

ତୁ ଅବାଧ୍ୟ ହେଲେ

ଅସହିଷ୍ଣୁ ହୁଏ ମୁଁ ବି

ଆମ ମନକୁ ବିଷାକ୍ତ କରିଦିଏ

'ଅତୀତ'ର ମନ୍ଥରା ପ୍ରକୃତି,

ଅସନ୍ତାକାଲି ପାଇଁ ସାଇତି ରଖୁ ଆମେ

ଅଜସ୍ର ତିକ୍ତତାର ମନୋବୃତ୍ତି ।

 Magazine Downloaded from www.aahwaan.com

ଧର୍ମକୁ ଆଖିଠାର ଦିଏ
ଶାନ୍ତିପୂର୍ଣ୍ଣ ସହାବସ୍ଥାନର ଚୁକ୍ତି ।
ମୋ ଉନ୍ନତିରେ ଗାତ୍ରଦାହ ହୁଏ ତୋର
ତୋ କ୍ଷୟକ୍ଷତିରେ ମୋର ଅପାର ଆତ୍ମତୃପ୍ତି,
ଅହଂର ଅଗ୍ନାଅଗ୍ନି ବନସ୍ତରେ
ବାଟବଣା ତୁ, ଦିଗହରା ମୁଁ ବି,
ଦେଖିବାକୁ ଅସମର୍ଥ ଆମ ଦୃଷ୍ଟି
ଅନ୍ୟାୟର ପ୍ରତିବାଦ
ଓ ପ୍ରତିହିଂସାର ପ୍ରବୃତ୍ତି
ଭିତରେ ଯେ ଅନେକ ଫରକ୍ ଅଛି !

ହିମାଳୟ ବି
ଆତ୍ମୀୟତାର ଅନ୍ତରାୟଟିଏ ନୁହେଁ ତ ,
ବିଦ୍ୱେଷର ବରଫ କିଛି ।

ନିମିଷକେ ନିଶ୍ଚିହ୍ନ ହୋଇଯାଆନ୍ତା ସେ
ଉଷ୍ମତାର ସ୍ପର୍ଶଟିଏ ନେଇ ଆଜି
ତୁ ପାଦେ, ମୁଁ ପାଦେ ଆଗେଇ ଆସନ୍ତେ
ଯଦି ।
ଦୂର ହୋଇଯାଆନ୍ତା
ଦୃଷ୍ଟିକୋଣର ସମସ୍ତ ଆବିଳତା,
ତୁ ଦେଖିପାରନ୍ତୁ ସ୍ୱଷ୍ଟ, ମୁଁ ବି ବାରିପାରନ୍ତି
ମୁଦାଆଖି ତଳେ ତୋର
ଯିଏ ନିରାକାର ସର୍ବମୟ ଏକ ସତ୍ତା
ସିଏ ହିଁ ରୂପଟିଏ ନିଅନ୍ତି ମୋ ଆଖି ଆଗକୁ
ଆସି
ମୋ ବିଶ୍ୱାସର ଅନୁରୂପୀ ।
ଲିଭିଯାଆନ୍ତା ପ୍ରଚ୍ଛନ୍ନ ଏକ ଧ୍ୱଂସର
ବିଭୀଷିକା,
ନିର୍ଦ୍ଦୋଷ ଭବିଷ୍ୟତ ବି
ନିତି ନିତି ବଳି ପଡ଼ନ୍ତାନି ଆଉ
ବର୍ତ୍ତମାନର ଅଦୂରଦର୍ଶିତା ଲାଗି ।

 Magazine Downloaded from www.aahwaan.com

# ବସନ୍ତ



ଚନ୍ଦ୍ରକାନ୍ତ ଜେନା

ଶୀତ ସରିଗଲା, ବସନ୍ତ ଆସିଲା
ମୃଦୁମଳୟକୁ ନେଇ
ମଳୟକୁ ମୁଁ ଯେ, ଖୋଜି ହେଉଥିଲି
ନିଦାଘ ଆସିଲା ଧାଇଁ ।
କୋଇଲିର କୁହୁ, ଶୀତଳ ପବନ
ଆହା କି ସୁନ୍ଦର ପରିବେଶ
ସବୁ ହଜିଗଲା, ଖୋଜି ହେଉଥିଲି
ଅପୂର୍ବ ସେ ଧରା ବେଶ ।
ମଳିନ ପଡ଼ିଲା, ଶ୍ରୀହୀନ ଦିଶିଲା
ବସନ୍ତର ପରିପାଟି
ନିସ୍ତବ୍ଧ ହୋଇଲା, ନିସ୍ତେଜ ପାଲଟି
ମୁଖେ ଅନ୍ଧକାର ଆସେ ଘୋଟି ।
ମନୋହରୀ ସେହି ମୃଦୁତାର ପ୍ରୀତି
ମନୋରମା ତା'ର ରୀତି
ସତେ କିଆଁ ଅବା, ନିଦାଘର ଉଷ୍ମ
ଭରିଦେଲା ତହିଁ ତାତି ।

ଶୀତଳ ତା ଛୁଆଁ, କୋମଳ ତା ପ୍ରେମ
ପୁଲକିତ କରେ ମନ
ହେ ବସନ୍ତ ତୁମ ଚମତ୍କାରିତାର
ହଜେଇ ଦେଲ କି ଦିନ ?
ସ୍ମୃତି ଆକାଶରେ ବିସ୍ମୃତିର ଚିହ୍ନ
କେବେ ? ହୃଦୟକୁ କରେ ଶୂନ୍ୟ ।
ଶୂନ୍ୟତାର ଭବେ, ପୂର୍ଣ୍ଣତା ଆଣିଲେ
ପୁଣି ଫେରନ୍ତା ଯେ ସେହିଦିନ
ଅଫେରା ରାଇଜ, ଯାଇଛ କି ଚାଲି
ପ୍ରକୃତିରାଣୀକୁ ଗଲଣି କି ଭୁଲି ?
ଚାଲିଆସ ଫେରି, ନ ଯାଅ, ନ ଭୁଲି
ଚହଟିବ ଚମ୍ପା, ଚହଟିବ ମଲ୍ଲି ।
ଫେରିଆସୁ ସୁଖ, ଫେରିଆସୁ ଶାନ୍ତି
ଉପଶମ ହେଉ କ୍ଲାନ୍ତି
ହେ ବସନ୍ତ ଆଜି ତୁମ ଆଗମନେ
ହସି ଉଠନ୍ତା ଏ ଧରଣୀ ।

 Magazine Downloaded from www.aahwaan.com

# ନଜର ରଖିଥା' ତାଙ୍କୁ



ଶିଶିର କୁମାର ପଣ୍ଡା

ଆମ ମାତୃଭୂମି ସେନେହ ମମତା
ଭଲ ଲାଗୁନାହିଁ ଯାହାକୁ ଆଉ
ଏଠି ସେ ନରହି, କାହାକୁ ନକହି
ପାକିସ୍ତାନ ଆପେ ପଳେଇ ଯାଉ ।

ଯାହା ମନଟାଣେ ସେ ଦେଶ ପାଇଁକି
ଦରଦ ଯାହାର ପଡୁଛି ଝରି,
ଆହେ ମାନ୍ୟବର, ଏତିକି ତ କର
ଗୋଟା ଗୋଟା ପଠା ତାହାଙ୍କୁ ଧରି ।

ବୟାନବାଜିରେ କିଛି ଲାଭନାହିଁ
କାମରେ କରିକି ଦେଖେଇ ଦିଅ
ତୁମରି ପଛରେ ଅଛୁ ଆମେସବୁ
ଏ ଦେଶର ଯେତେ ପୁଅ ଓ ଝିଅ ।

ଇମ୍ରାନ ମିଆଁକୁ ଆପଟେଇ ନେଇ
ସେନା ମନୋବଳ ଭାଙ୍ଗୁଛି ଯିଏ
ସେଭଳି ଲୋକଙ୍କୁ କି ଅବା କହିବା
ଗୃହଶତ୍ରୁ ବିଭୀଷଣ ଟି ସିଏ ।

ଘରେପଶି ଆମେ ମାରିଲୁ ମାରିବୁ
ସଂହାର କରିବୁ ଆତଙ୍କୀ ଲୀଳା
ବିରୋଧ କରିବ ଯିଏ ସେ କାମକୁ
ତାଙ୍କପାଇଁ ଅଛି ଅଚଂଛା କୀଳା ।

କୁଆଁସ, ମେରଦା କାଟିଆ, ଯାଜପୁର
ଆଳାପ-୮୯୮୧୭୩୭୨୨୮

 Magazine Downloaded from www.aahwaan.com

# ପ୍ରଜାପତିର ଡେଣା



ଅଶ୍ୱିନୀ ଦାଶ

ସତର୍କତା ସହ ସମାଧାନରେ
କିଛି ପ୍ରଶ୍ନର ସମାପ୍ତି ।

ସବୁ ସୂତ୍ରଙ୍କ ସାହାଯ୍ୟରେ
କିଛି ସନ୍ଦେହ ଶେଷ ହୁଏନି,
ଭୂତଙ୍କ ସହ ଯୁଦ୍ଧ ହୁଏ
ଅଜାଣତେ , ଅଦୃଶ୍ୟରେ ।

ତୋ ଆଡେ ଅନାନ୍ତି କେମିତି
ସେମାନେ,
ଚାଲି ଆସନ୍ତି ତୋ ପାଖକୁ
ଗୋଟେ ଚୁମ୍ବକୀୟ ଆଲିଙ୍ଗନ
ଅବା ଯୁଦ୍ଧ ପିପାସାରେ ।

ସେଇ ରାସ୍ତାରେ ଚାଲୁ ଚାଲୁ
ସଫେଦ ସେମାନେ,
ନିଜକୁ ମାଜନ୍ତି,
ଚିକ୍କଣ କରାନ୍ତି ।

ନିଜ ଆଲୁଅ ହିଁ ତିଆରେ
ନିଜ ପାଇଁ ପଥ,
କାହା ଛାଇରେ ସବୁଦିନ ଚାଲି ହୁଏନି,
ନିଜ ସୂତ୍ରରେ
ନିଜକୁ ବାନ୍ଧି ଚଳିବାକୁ ହୁଏ
ନିଜ ଛାଇରେ ।

ଓଡିଆ ଭଣ୍ଡାରି ସାହି,
ପାରଳାଖେମୁଣ୍ଡି,
ଗଜପତି,
ମୋବାଇଲ-୮୭୭୩୨୫୦୭୫୭

 Magazine Downloaded from www.aahwaan.com

# ଦେହଛୁଇଁ କଥାଦେଲି ତତେ ଭୁଲିବି ନାହିଁ



ସୁଧାଂଶୁ ମଣ୍ଡଳ

ହସକୁ କହିଛି ତୋ ଓଠରେ ରହି ସବୁଦିନ ହସେଇବ ।
ଲୁହକୁ କହିଛି ତୋରି ଆଖିରୁ ସାତପର ହୋଇଯିବ ।
ଫୁଲ ଝରିଯିବ ଗଛ ମରିଯିବ ଆଉ ପତର ପଡ଼ିବ ଝଡ଼ି ।
ରହିବାନି ଆମେ କେହି କାହାକୁ ଛାଡ଼ି ।
ଗପ ତ ସରିବ
ଗୀତ ବି ସରିବ
ହେଲେ ସ୍ନେହ ତ ସରିବ ନାହିଁ
ରକତର ଏ ଡୋରି କେବେ ଛିଡ଼ିବ ନାହିଁ ।
ମାଟିକୁ ଆକାଶ ନ ଛୁଇଁଲା ନାହିଁ
ତୁ ମୋତେ ଗଲୁ ଛୁଇଁ
ମନ କାଗଜରେ ଲେଖିଛି ତୋ ନାଁ
କାହିଁ କେତେ ଯୁଗ ପାଇଁ ।
ଋତୁ ସରିଯିବ ରାତି ସରିଯିବ
ହେଲେ ପ୍ରେମ ତ ସରିବ ନାହିଁ
ଦେହ ଛୁଇଁ କଥାଦେଲି ତତେ ଭୁଲିବି ନାହିଁ ।

ବାଲେଶ୍ୱର, ଓଡ଼ିଶା, ଭ୍ରାମ୍ୟଭାଷ : ୭୭୫୨୦୪୬୬୬୦

 Magazine Downloaded from www.aahwaan.com

# ନାରୀ



ନିବେଦିତା
ମହାପାତ୍ର

ସ୍ରଷ୍ଟାଙ୍କ ସୃଷ୍ଟିରେ ପାଇଛି ଯେ ସର୍ବୋତ୍ତମ ସ୍ଥାନ
ଗଢ଼ିଛନ୍ତି ବିଧାତା ତାକୁ ଦେଇ ମନ ଧ୍ୟାନ
ସର୍ବଂସହା ଅଟଇ ଯେ ସେହି ଏକା ନାରୀ
ମର୍ତ୍ତ୍ୟ ମଣ୍ଡଳେ ନୁହଁଇ ସେ କାହାରି ବଇରୀ (୧)

କ୍ଷୀଣ ତନୁ ହେଲେ ତାର ଦୃଢ଼ ମନୋବଳ
ସ୍ନେହ ମମତା ଦେଇ ସଭିଙ୍କୁ କରିନିଏ କୋଳ
ଘାତ ପ୍ରତିଘାତ ସବୁକୁ ସହେ ହସି ହସି
ନିଜ କଷ୍ଟ  ଯାଏ ଭୁଲି ଅନ୍ୟର ଦେଖି ଖୁସି (୨)

ଜନନୀ, ଜାୟା, ଭଗିନୀ ପରି କେତେ ରୂପ
ପାରିବେ  ନାହିଁ ହୋଇ କେହି ତାର ଅନୁରୂପ
ସବୁ ସହିଯାଏ ସେ କେବେ କରେନି ପ୍ରତିବାଦ
ସେଥିପାଇଁ ମିଳଇ ନିତି ତାକୁ ଯନ୍ତ୍ରଣା ଅମାପ (୩)

ମାତୃ ଗର୍ଭରେ ହେବା ଦିନୁ ପ୍ରାଣ ସଂଚରିତ

 Magazine Downloaded from www.aahwaan.com

ମୃତ୍ୟୁର କରାଳ ହସ୍ତ କରେ ତାକୁ ସ୍ପର୍ଶ
ସଭିଁଙ୍କ ଆଖିରେ ବନ୍ଧା ପୁତ୍ର ମୋହ ପଟି
ତେଣୁ ବଳି ପଡିଯାଏ କନ୍ୟା ଭ୍ରୁଣ ଗୋଟି (୪)

କେହି ବୁଝେ ନାହିଁ ତା' ତ୍ୟାଗର ମୂଲ
ନାରୀ ଜନ୍ମ ସତେ ଅବା ପାପର ଫଳ
ତଥାପି ମନରେ ରଖି ନାହିଁ କିଛି ଅବଶୋଷ
ତାବିନା ଏ ସୁନ୍ଦର ସୃଷ୍ଟି ହୋଇ ଯିବ ଧ୍ୱସଂ (୫)

ନୂତନ ସୃଷ୍ଟି ସମ୍ଭବା ସେତ ଗରଭ ଧାରିଣୀ
ମୃତ୍ୟୁ ଦ୍ୱାରେ ରହି ଆଣେ ଜୀବନକୁ ଛାଣି
ଜନନୀ ରୂପରେ କରଇ ସେ ଲାଳନ ପାଳନ
ସହେ କେତେ ଅଳି ଅଝଟ ମାନ ଅଭିମାନ (୬)

ଆସଇ ଜୀବନେ ଯେବେ ସେ ଭଗିନୀ ରୂପରେ
ସ୍ୱର୍ଗ ସୁଖ ମିଳିଯାଏ ସତେ ହାତ ପାହାନ୍ତାରେ
ରାକ୍ଷୀ ପୁନେଇଁରେ ଭାଇ ହାତେ ବାନ୍ଧି ରାକ୍ଷୀ
ସୁରକ୍ଷା କରିବା ପାଇଁ ମାଗି ଥାଏ ପ୍ରତିଶୃତି (୭)

 Magazine Downloaded from www.aahwaan.com

ଜାୟା ହୋଇ ସାଜି ପୁଣି ପୁରୁଷର ଅର୍ଦ୍ଧାଙ୍ଗିନୀ
ସାତ ବଚନ ଦେଇ ହୁଏ ଜୀବନ ସଂଗିନୀ
ଦିପାଳି ସଳିତା ପରି ଜଳୁଥାଏ ପ୍ରତି କ୍ଷଣ
ଆଲୋକିତ କରି ଦିଏ ସେହି ସବୁରି ପରାଣ (୮)

ଫୁଲ ହୋଇ ଫୁଟେ ଯେବେ ଅଗଣା ବଗିଚାରେ
ସୁବାସିତ ହୋଇ ଉଠଇ ଘର ତାର ମହକରେ
ଦୁଇକୁଳ ପାଇଁ ସଦା ତାର ମନେ ଚିନ୍ତା
ସେଥିପାଇଁ ନାମ ତାର ଯେ ଅଟଇ ଦୁହିତ (୯)

ନିଜ ସ୍ୱାର୍ଥ ଭୁଲି କରିଥାଏ ସବୁରି ଉପକାର
ତଥାପି ମିଳେନା ତାକୁ ତାର ନାର୍ଯ୍ୟ ଅଧିକାର
ଯାତନା ସହୁଛି ସର୍ବଦା ଛାତିକୁ ପଥର କରି
ବସୁଧା ପରି ମହାନ ସେହି ଏକା ନାରୀ (୧୦)

ନିବେଦିତା ମହାପାତ୍ର
ମୁକୁନ୍ଦ ମିଶ୍ର ନଗର, ପୁରୀ

Magazine Downloaded from www.aahwaan.com

# ପଣତ କାନି



ସଂଘମିତ୍ରା କାନୁନଗୋ

ଗୋଟାଏ ପଣତ କାନିରୁ
ଆଉ ଗୋଟାଏ ପଣତକାନିର
ଦୂରତା, ଇମିତି କେତେ ଯେ ?
ଯାହା ଭୁଲେଇ ଦିଏ ଜନ୍ମର ବାତ୍ସଲ୍ୟକୁ,
କୈଶୋରର ଅଝଟ ପଣିଆକୁ,
ଯୌବନର ଉଦ୍ଦାମତାକୁ ।

ଆଉ ପୁଅ ଖୋଜେ ନାହିଁ,
ମୁହଁ ପୋଛିବାକୁ,ସେ କସ୍ତା ଶାଢୀର
ଝାଳନାଳ ପଣତ କାନିକୁ ।
ମନେ ପଡେନା ସେ ବାଲୁତ  କାଳକୁ,
ହଜିଯାଏ,ମନର ସବୁ ଆବେଗିକ ସଂପର୍କ,
ମା ବି ନିଜକୁ ସାଙ୍କୁଡି ନିଏ
ନିଜକୁ କଇଁଛ ଖୋଳପା ଭିତରେ ।

ଗୋଟାଏ ପଣତ କାନିର ତେଲଚିକିଟା
ଦୁଧିଆ ବାସ୍ନାଟା ,କିମିତି ରୂପାନ୍ତରିତ
ହୋଇଯାଏ,ଅତର ବାସ୍ନାରେ ଯେ
ମନ ଖାଲି ଡୁବି ରହେ ବାସ୍ନାୟିତ
ତରଂଗରେ, ସ୍ୱାମୀସ୍ତ୍ରୀଙ୍କ ସଂପର୍କର ବଳୟ
ଭିତରେ
ଲକ୍ଷ୍ମଣରେଖା ଲାଗିଯାଏ,
ମା'ର ଅନୁପ୍ରବେଶକୁ, ପଣତକାନିର
ଦୈର୍ଘ୍ୟ, ପ୍ରସ୍ଥ ଛୋଟ ହୋଇଯାଏ,
ପରିଚୟ ହଜିଯାଏ, ପାଦ ତଳୁ
ମାଟି ମୁଠାକ ବି ଖସିଯାଏ ।

 Magazine Downloaded from www.aahwaan.com

କେଉଁ ଜରା ନିବାସରେ, ଅଂଧାରରେ

ଖଟ ଅଣ୍ଡାଳୁ ଅଣ୍ଡାଳୁ, ମା କହେ

"ଧନ ମୋର ଆସିଲାକି ?"

କାହା ପାଦ ଶବଦ ଶୁଭୁଛି ।

ପୁଅ ତ ଆସିବନି,

କଳା ବାଦଲ କୋଳରେ,

ସୂର୍ଯ୍ୟ ମୁହଁ ଢାଙ୍କୁଥିଲା ପରି,

ମୁଠା ମୁଠା ଦୁଃଖର ପଣତକାନିରେ,

ମୁହଁ ଢାଙ୍କୁଥିବ ମା,

ମୁହଁ ଢାଙ୍କୁଥିବ ମା....

ସଂଘମିତ୍ରା କାନୁନ୍‌ଗୋ

ଭବାନୀପାଟଣା, କଳାହାଣ୍ଡି ।

 Magazine Downloaded from www.aahwaan.com

# ଆହ୍ୱାନ



ଦୀପକ କୁମାର ଦାସ

ବୀର ରକ୍ତର ଅବିରରେ ଆଜି ଏ ମାଟି ହୋଇଛି ଅମ୍ଳାନ

ବିପ୍ଲବୀର ସେହି ବିଜୟୀ ରକ୍ତଟା ବାରମ୍ବାର ଦିଏ ଆହ୍ୱାନ

ମାର ଅବା ମରର ସିଦ୍ଧ ମନ୍ତ୍ରରେ.... ୧

ମା'ର ବକ୍ଷରୁ ରକ୍ତ ଝରେ ଆଜି, ସ୍ତ୍ରୀର ଆଖିରୁ ଲହୁ...

ଅବ୍ୟକ୍ତ ସେହି ଅସହ୍ୟ ଯନ୍ତ୍ରଣା ଦେଖୁ ଦେଖୁ କିବା ସହୁ ।

ଭାରତ ମାତାର ବୀର ପୁତ୍ର ତୁ, ରକ୍ତତୋ ଅଟେ ବିଜୟ । - ୨

ଡେରିକରୁ କିମ୍ପା, ବଜାଓ ଏଥର ବିପ୍ଳବୀ ଶଙ୍ଖ ବାଦ୍ୟ ।।

ପାପୀଙ୍କ ପାପରେ ଧରିତ୍ରୀ ଆଜି ହୋଇଅଛି ଦିଗହରା ।

ପାପିଙ୍କ ରକ୍ତରେ ଆହୁତିତ ଦିଅ......

ଶାନ୍ତି ଲଭିବ ଧରା । -୩

ପ୍ରଳୟ ଆସିବ .... ଭୂମିକମ୍ପ ହେବ ।

ଆର୍ବିଭିବେ ଦଶଭୂଜା....

ଦୃଷ୍ଟ ସଂହାରି, ସନ୍ଥ ପାଳିବେ

ଉଡିବ ଧର୍ମର ଧ୍ୱଜା ।

ଛତ୍ରପୁର, ଗଂଜାମ

ଭ୍ରାମ୍ୟଭାଷ- ୯୭୭୭୩୬୭୦୭୮

 Magazine Downloaded from www.aahwaan.com

# ଶେଷ ଫଗୁଣ



ନୀଳକଣ୍ଠ ମହାନ୍ତି

ରାତି ନ ପାହୁଣୁ ଝରକା ଫାଙ୍କରୁ, ଅଚାନକ
ଝରା ପତ୍ରଟିଏ ଟୁପକିନା,
ଫଗୁଣଆସିବା ସନ୍ଦେଶ ଛାଡି ଦେଇଗଲା ।

ଦଲକାଏ ପବନ, ଅସରାଏ ବର୍ଷା
ଛାତି ଭିତରଟାକୁ ମୋ ଅଜାଣତ ପୁଣି ଭିଜାଇ ଦେଲା ।
ପୁରୁଣା ଜଖମ ଯେତେସବୁ ଥିଲେ, ଆଉଥରେ ଜିଇଁ ଗଲେ ।
ତୁମେ ଯିବାପରେ ବିତାଇଥିବା ଉନ୍ନିଦ୍ର ରଜନୀ ଯେତେ,
ଆପେ ଆପେ ତାଜା ହୋଇଗଲେ ।

ସେ ଆସିଲେ..
ଭିଜିଲା ଦୀପ ଟି ପୁଣି ତେଜି ଯିବ ।
ତୁମ ସେହି ସୁନେଲି ହାତ ରେ ହାତ ଛନ୍ଦି ହୋଇ
ବିତାଇ ଦେଇଥିବା ସବୁ ଅଭୁଲା ମୁହୂର୍ତ୍ତ ଗୁଡିକର
ଗୋଟି ଗୋଟି ହିସାବ ମାଗିବ ।

 Magazine Downloaded from www.aahwaan.com

ନଇ ବାଲିପଠା, ବାଡ଼ି ଆମ୍ବ ତୋଟା....

ବର୍ଷା ଭିଜା  ସୁନସାନ  ରାଜରାସ୍ତ ।.

..ଚଳନ୍ତା ଗାଡିଭିତରେ ଗୁଞ୍ଜରିତ, ତୁମ ଖିଲିଖିଲି ହସ ...

ସବୁଠି ସେ ଖୋଜିବ  ।

ଏବେ ତାକୁ କେମିତି ବୁଝାଇବି ଯେ.....

ଭଲହେବା...ଭଲପାଇବା ମଧ୍ୟରେ ଦୂରତା ଟା ମାପୁ ମାପୁ.....

ଅମୀମାଂସିତ ଏହି ଗଣିତ ର ସମାଧାନ ଖୋଜୁ ଖୋଜୁ..

ଅନେକ   ଅସଜଡ଼ା ସ୍ୱପ୍ନଙ୍କ ଭିଡକୁ ପଛରେ ପକାଇ

.ଗୋଡ଼ ଯାଇ

ଅଟକି ଥିଲା ,  ସମୟର ଏମିତି ଏକ ଦୋଛକିରେ,...

ଯେଉଁଠି  ମୋ ପୃଥିବୀ ଟା ବୋଧେ ଶେଷ..... ।

ଆଉ ତୁମରି ପାଇଁ, ତୁମ  ନୂଆଏକ ପୃଥିବୀର ଆରମ୍ଭ ...  ।

ତଥାପି  ପୁଣି କାହିଁକି  ଅପେକ୍ଷା..... ?

ଛାତି ତଳେ କାତର ଅନୁଭବ, ?

ଓଠ ତଳେ ଅସୁମାରୀ ଅଝଟ ପ୍ରଶ୍ନ,.  !...

ତୁମେ ଥିଲ,ଛାତି ଥିଲା,ଦରଦ ଥିଲା.... ।

ଆଉ ଆଜି  ଅଛି କେବଳ ସନ୍ଦିଗ୍ଧ  ପ୍ରଶ୍ନ ବାଚି ଟିଏ.... ।

ସତରେ, ଆଉସେ ଫଗୁଣ  ଲେଉଟିବନି.... ? ? ?

ଆଇନଜୀବୀ, ଭୁବନେଶ୍ୱର

Magazine Downloaded from www.aahwaan.com

# ନାରୀ ତୁମେ



ଟିଟୀ ସାରଙ୍ଗୀ

ନାରୀ ତୁମେ ପୁରୁଷ କେବେ ବି ହୋଇ ପାରିବନି
ସେଭଳି କଠୋର ମନ କୁହ କେଉଁଠୁ
ଆଣିବ !!
ଜ୍ଞାନର ସନ୍ଧାନରେ କ'ଣ ଏକା ବୁଦ୍ଧ ଯାଇପାରନ୍ତି
ତୁମେ ପାରିବନି ?
ତୁମକୁ କି ଲୋଡା ନାହିଁ ଜ୍ଞାନର ଆଲୋକ !!
ହେଲେ ପାରିବ କି ଛାଡି ପତିଦେବତାଙ୍କୁ
ଆଉ ତାଙ୍କ କୋଳରେ ତୁମ ନବଜାତକ ଶିଶୁକୁ ? - ୧
ଆରେ ତୁମେ ତ ସେମାନଙ୍କ ପାଇଁ
ବାଜି ଲଗେଇ ଦବ ନିଜ ଜୀବନ ଆଉ ଭବିଷ୍ୟତ
ସେମାନଙ୍କ ଓଠରେ ହସଧାରେ ପାଇଁ
ଅତିକ୍ରମ କରିଯିବ ଲୁହର ସାଗର । - ୨
ନାରୀ ତୁମେ ପୁରୁଷ କେବେ ବି ହୋଇ ପାରିବନି
ସେଭଳି କଠୋର ମନ କୁହ କେଉଁଠୁ ଆଣିବ !!
କୁହ ରାମ ହେଇ ପାରିବ ? - ୩
ପତିକୁ ତ୍ୟାଗ କରିପାରିବ ସେଇ ଭୁଲ୍ ପାଇଁ

 Magazine Downloaded from www.aahwaan.com

ଯେଉଁ ଭୁଲ୍ ସେ କରି ବି ନଥାନ୍ତି ପଛେ ?
ନେଇ ପାରିବ ଅଗ୍ନି ପରୀକ୍ଷା ପତିଙ୍କର
ପରନାରୀ ସହ ସମ୍ପର୍କ ଅଛି କି ନା ପ୍ରମାଣ ପାଇଁ ? - ୪
ଆରେ ତୁମେ ତ ତାଙ୍କର ହଜାର ଭୁଲ୍ କ୍ଷମା କରିଦବ
ହସି ହସି ତିନିଗଡଗଡା ଗୋଇଠା ଖାଇବ ପଛେ
ଓଠରେ ଖେଳାଉଥିବ  ପ୍ରେମର ଧାରେ ହସ  । - ୫
ନାରୀ ତୁମେ ପୁରୁଷ କେବେ ବି ହୋଇ ପାରିବନି
ସେଭଳି କଠୋର ମନ କୁହ କେଉଁଠୁ ଆଣିବ  ! ! - ୬
କୁହ କୃଷ୍ଣ ସାଜି ପାରିବ  ?
ଯୋଡି ପାରିବ ନିଜ ନାମ ସହ ପରପୁରୁଷର ନାମକୁ
ଯେମିତି କୃଷ୍ଣଙ୍କ ସହ ରାଧା  ।
ଆରେ ତୁମେ କୁଳଟା କଳଙ୍କିନୀ ଆଖ୍ୟା ପାଇବ  !
କାହା ସାଙ୍ଗେ ମିଠା ହସ ହସି କଥା ହେଲେ(କୃଷ୍ଣଙ୍କ ଭଳି )
ଚରିତ୍ର ହୀନାର ମୁକୁଟ ପିନ୍ଧି ବୁଲିବ  । - ୭
ନାରୀ ତୁମେ ପୁରୁଷ କେବେ ବି ହୋଇ ପାରିବନି
ସେଭଳି କଠୋର ମନ କୁହ କେଉଁଠୁ ଆଣିବ  ! ! -୮
କୁହ ହେଇ ପାରିବ ଧର୍ମବୀରା
ବାଜି ଲଗେଇ ପାରିବ ପତିଦେବତାଙ୍କୁ ଜୁଆରେ  ?
ଆରେ ତୁମେ ତ ତାଙ୍କୁ ଜୁଆରୁ ମୁକୁଳେଇ

 Magazine Downloaded from www.aahwaan.com

ନିଜକୁ ନିଜେ ବାଜି ଲଗେଇ ଦବ । - ୯

ଥାଉ ତୁମ ସଶକ୍ତିକରଣ

ତୁମେ ତ ପ୍ରେମମୟୀ

ତୁମେ ତ ସ୍ନେହମୟୀ

ତୁମେ ତ ଆନନ୍ଦ ମୟୀ

ତୁମେ ଚିର ଶାନ୍ତି ମୟୀ

ଅବଶ୍ୟ

ତୁମ ପ୍ରେମ ଯେତିକି ମିଠା

ତୁମ ପ୍ରତିଶୋଧ ସେତିକି ଭୟଙ୍କର

କାରଣ ପ୍ରେମ ଭିନ୍ନ ତୁମେ କିଛି ବି ବୁଝନି ।

ନାରୀ ତୁମେ ପୁରୁଷ ହେଇ ପାରିବନି । - ୧୦

ଟିଟୀ ସାରଙ୍ଗୀ

ସୋନପୁର, ଓଡ଼ିଶା

 Magazine Downloaded from www.aahwaan.com

# ଆଈମା' କାହାଣୀ



ବିଦ୍ୟାଧର ସେଠୀ

ମହାନ୍ ଏ ମାଟିର ଗରିମା
ଯେଉଁଠି ମଳୟ ବହିଲେ
ମହକେ ସୁଗନ୍ଧିତ ପୁଷ୍ପ
ତଥା ପାଣି ପବନର ମହମହ ବାସ୍ନା
ପୁଣି ମଉସୁମୀ ପହିଲି ଛୁଆଁରେ
ଦିଗନ୍ତ ବିସ୍ତାରୀ ଏ ବିସ୍ତୀର୍ଣ୍ଣ ପ୍ରାନ୍ତର
ଭରିଯାଏ ସତେ ବହଳ ସବୁଜିମା ।
ଐତିହ୍ୟ ମଣ୍ଡିତ ଏ ମାଟିର ଇତିହାସ ପୃଷ୍ଠା
ଅତ୍ୟନ୍ତ ଉତ୍କର୍ଷ ଆମ ଜାତୀୟ ସଂହତି
ପରନ୍ତୁ ଭାଷାଗତ ବିଚିତ୍ରତା
ଧର୍ମଗତ ବିଭିନ୍ନତା
ଦାରିଦ୍ର୍ୟର କଷଟି ପଥର ତଳେ
ନିଷ୍ପେଷିତ ଏଠି ଜୀବନ ଜୀବିକା ।

କାହିଁ ଯେ କେତେ କାଳ
ପରତନ୍ତ୍ରତାର ଦୃଢ ଶୃଙ୍ଖଳରେ
ଗୋଲାମି ଖଟିଛି ଏ ଜାତି
ନିପୀଡିତ ଜୀବନର ମୂଲ୍ୟବୋଧ
ଜାଲିଆନାବାଲାବାଗ୍‌ର ସେହି
ବର୍ବର ମର୍ମଭେଦୀ ଦୃଶ୍ୟପଟ
ଏତେ ଶୀଘ୍ର ଏ ମାଟି ମାଆ
ଭୁଲିଯିବ କିପରିଯେ....... ?
କାଳର କରାଳ ଗତି ବହିଚାଲେ
ଦିବାନିଶି ସମୟର ଅନ୍ତରାଳେ
ଯୁଗଜନ୍ମା ମହାତ୍ମାଙ୍କ ଅହିଂସା ଅସ୍ତ୍ରରେ
ସ୍ୱାଧୀନତା ପରିପକ୍ୱ ଫଳ
ଏବେତ ଆମ ହାତ ପାହାନ୍ତାରେ
ନଭଶ୍ଚୁମ୍ବୀ ଇପ୍ସିତ ଆକାଂକ୍ଷା

 Magazine Downloaded from www.aahwaan.com

ବିକଶୀତ ହେବା ପାଇଁ ଉନ୍ମତ୍ତ ପ୍ରୟାସ

ଫସର ଫାଟେ ପୁନଶ୍ଚ ପ୍ରତି ମୁହୂର୍ତ୍ତରେ ।

ସବୁଠୁଁ ନିଆରା ଏ ପରମ୍ପରା

ସ୍ୱର୍ଣ୍ଣାଭ ଐତିହ୍ୟର ବୃଥା ଆସ୍ଫାଳନ

ଆଇମା’ କାହାଣୀର ପରିକଳ୍ପନା

ପଥଭ୍ରଷ୍ଟ ଅନିଶ୍ଚିତ ଭବିଷ୍ୟତ

ଦିଗବଳୟେ ବିବର୍ଣ୍ଣ ଛାଇର ଚିତ୍ର

ଜାତି ଧର୍ମର ବିଭେଦ ପ୍ରାଚୀର

ଦୃଢ଼ୀଭୂତ ହୁଏ କ୍ରମେ

କ୍ଷୁଧିତ ପ୍ରାଣର ଆତୁର ଚିତ୍କାର

ରହି ରହି ଶୁଭେ ଅବଶ୍ୟ

ଚଉଦିଗେ ସନ୍ତ୍ରାସର ନିଆଁ

ହୁତୁହୁତୁ ଜଳେ ପୁନରପି

କାହାଣୀର ପ୍ରଚ୍ଛଦପଟରେ ।

ବ୍ୟକ୍ତିଗତ ସହାୟକ

ଜିଲ୍ଲା ପରିଷଦ କାର୍ଯ୍ୟାଳୟ, ବାଲେଶ୍ୱର

ଓଡ଼ିଶା, ୭୫୬୦୦୧

 Magazine Downloaded from www.aahwaan.com

# ଯାତନାର ଢେଉ



ଶଶାଙ୍କ ଶେଖର ପଣ୍ଡା

ଭଙ୍ଗା ହୃଦୟକୁ ଯୋଡ଼ିବା ପାଇଁକି
ଦୁଆରେ ଅତିଥି ହେଲ
ମୁଠା ମୁଠା ସ୍ୱପ୍ନ ଆଞ୍ଜୁଳିରେ ଭରି
ମୋ ହାତେ ବଢ଼ାଇ ଦେଲ,
ତୁମ ଛୁଆଁ ପାଇ ତନୁମନ ମୋର
ପୁଲକିତେ ଗଲା ଚେଇଁ
ପାଇବା ଆଶାରେ ଅତୀତ ଭୁଲିଲି
ଭାବନା ରାଇଜ ଡେଇଁ,
ବିଶ୍ୱାସର ବତୀ ଜଳାଇ ମନରେ
ଅନ୍ଧାରକୁ ଦୂର କଲ.....
ବେଳା ଭୂଇଁ ପରେ ଲୁହ ସାଗରରେ
ଯାତନାର ଉଠେ ଢେଉ
ସ୍ମୃତିର ପ୍ରାସାଦ ନିରବେ ଶୋଇଛି
ପାଇବ ପାଉଣା କାହୁଁ,
ତଥାପି ଶିଶିର ସିନ୍ଦୁରାରେ ମୋତେ
ନିଦରେ ଆଉଁସି ଗଲ.....

ଉତ୍ତରବାଡ଼, ଭଣ୍ଡାରିପୋଖରୀ, ଭଦ୍ରକ
ମୋ -: ୯୯୩୭୧୨୬୮୦୪
Email -: sasanka87@rediffmail.com

Magazine Downloaded from www.aahwaan.com

# ନୀଳ ଲଫାଫା



ସୁଜାତା ଗିରି

କିଛି ସ୍ମୃତି ଧୂଆଁ ଧୂଆଁ
ବୋଲିହୁଏ ଶୁଷ୍କ ଛିଣ୍ଡା
ପତ୍ରରେ ଲେସି ଥିବା
ଝାପ୍ସା ଝାପ୍ସା ...
ଅକ୍ଷର ସବୁ ।
ଆଜି ନିରେଖି ଦେଖୁଛି ।
ମନେ ପଡ଼େ ସେଇ ମୁହୂର୍ତ୍ତ
ମନ ଦିଆ ନିଆର ।
ଯେଙ୍କେ ଖୋଲିଦିଏ
ମହକ ଭରା
ତୁମ ନୀଳଲଫାପା
ସ୍ମୃତି ସବୁ ଝରିପଡ଼େ ।

କେତେ ଥିଲା ଚଞ୍ଚଳତା
ସେ ଅପେକ୍ଷାର ବେଳ
ତୁମ ଚିଠିର ଶବ୍ଦ ଥିଲା
ମୋତି ଭଳି ଉଜ୍ଜ୍ୱଳ ।
ଆଖିର ରାହାରେ
ହୃଦୟେ ଭେଦୁ ଥିଲା ।
ତୁମ ଚିଠିର ଉତ୍ତର
ପୁଣି ଚିଠିର ଅପେକ୍ଷା ।
ଦିନ ପରେ ଦିନ ଗଲା
ରହିଗଲା ଏଇ
ନୀଳ ଲଫାପାର ପ୍ରତିକ୍ଷା ...
ବାରମ୍ବାର ମନକୁ
କରେ ବ୍ୟାକୁଳିତ ।

 Magazine Downloaded from www.aahwaan.com

ଦୁଃଖ ବି ଥିଲା ,ସୁଖ ବି ଥିଲା

ମିଳନ ବି ଥିଲା, ବିଚ୍ଛେଦ ବି ଥିଲା

ବିରହ ହେଲା କଣ ପାଇଁ ?

ହେଲେ....

ଆଜିବି ମହକି ଉଠୁଛି

ସେ ନୀଳଲଫାପା

ସ୍ମୃତି ଶିହରି ଉଠୁଛି ମୁଁ

ଧୂଆଁ ଧୂଆଁ ଶବ୍ଦ ଫେରେଇ

ନେଉଛି ତୁମ ପାଖକୁ ।

ଆଜିବି ଅପେକ୍ଷା

ତୁମ ନୀଳଲଫାପା କୁ !!!!!!!

ସୁଜାତା ଗିରି

ଚନ୍ଦନେଶ୍ୱର, ବାଲେଶ୍ୱର

 Magazine Downloaded from www.aahwaan.com

# ଦୋଳଯାତ୍ରାର ଆଗମନ



ପ୍ରଦ୍ୟୁତ ମହାକୁଡ଼

ଋତୁରାଜ ଆଗମନେ ସୁରଭିତ
ଗୁଞ୍ଜରେ ଆମ୍ର କାନନ
କୋଇଲି ର କୁହୁତାନ ସହିତରେ
ଆସେ ମଳୟ ପବନ ।।
ପ୍ରକୃତି ରାଣୀର ଅପୂର୍ବ ଶୋଭାରେ
ଧରା ହୋଇଛି ମଣ୍ଡିତ
ବିମାନରେ ଫଗୁ କ୍ରୀଡ଼ାରେ ମଜ୍ଜିବେ
ମୋହନ ରାଇ ସହିତ ।।
ଫଗୁ ଦଶମୀ ରୁ ଦଶଦୋଳ ଯାଏ
ଲାଗି ରହିଥିବ ଯାତ
ରାଧାକୃଷ୍ଣ ଙ୍କର ମିଳନକୁ ଦେଖି
ପବିତ୍ର ହୋଇବ ନେତ୍ର ।।
ବୀମାନେ ଦେଖିବୁ ଦୋଳ ଗୋବିନ୍ଦଙ୍କୁ
ଚାପରେ ମଧୁସୂଦନ
ରଥରେ ଦର୍ଶନ ବାମନ ଠାକୁର
ଜୀବନ କରିବୁ ଧନ୍ୟ ।।

ଜୟ ଗୋପୀନାଥ ଗୋବିନ୍ଦ ଗୋପାଳ
ବନମାଳୀ ହୃଷୀକେଶ
ପ୍ରଭୁ ତ୍ରିବିକ୍ରମ ସାରଙ୍ଗଧର ହେ
ଜନାର୍ଦ୍ଦନ ପୀତବାସ ।।
ଅଖିଳ ଯାମଳା ଅର୍ଜୁନ ଭଞ୍ଜନ
ଚକ୍ରପାଣି ବାସୁଦେବ
ଦୀନବନ୍ଧୁ ଦଇତାରୀ ପଦ୍ମନାଭ
ପୁରୁଷୋତ୍ତମ କେଶବ ।।
ଶ୍ରୀଧର ଶ୍ରୀପତି କୁମର ଅଦିତି
ମାଧବ ବିଶ୍ୱ କେଶନ
ଶ୍ରୀନିବାସ ବିଶ୍ୱମ୍ବର ପିତାମ୍ବର
ନିଧି ଯଶୋଦା ନନ୍ଦନ ।।
ଗରୁଡ଼ ବାହନ ଶ୍ରୀକାନ୍ତ ମୁକୁନ୍ଦ
ସନାତନ ରାଘବେନ୍ଦ୍ର

 Magazine Downloaded from www.aahwaan.com

ସଂସାରୁ କଳୁଷ ନାଶକର ଶ୍ୟାମ

ପୁରୁଷୋତ୍ତମ ଉପେନ୍ଦ୍ର ।।

ଠାକୁରଙ୍କୁ ଧରି ବାଡି ଖେଳେ ମାତି

ଧରି ଆଲଟ ଚାମର

ସର ଲବଣୀ ରେ ପ୍ରସାଦ ଲଗାଇ

କରି ଗ୍ରାମ ପଟୁଆର ।।

ଭାଇ ଭଉଣୀ ଙ୍କୁ ଏତିକି ବିନତୀ

ପ୍ରତିବନ୍ଧ ଲଗାଇବ

ରସାୟନ ରଙ୍ଗ ଦୁରେ ଫିଙ୍ଗିଦେଇ

ଫଗୁ ଖେଳ ରେ ମାତିବ ।।

ବ୍ୟବହାର କଲେ ଅନାବନା ରଙ୍ଗ

ଶରୀର ପାଇଁ ଅହିତ

ରାଧାକୃଷ୍ଣ ପାଦେ ରହିଥାଉ ମନ

ଆରତେ ଡାକେ ଭକତ ।।

ପ୍ରଦ୍ୟୁତ କୁମାର ମହାଖୁଡ଼

ପଞ୍ଚାୟତ ଉଚ୍ଚବିଦ୍ୟାଳୟ, ଇଚ୍ଛାବତୀ ପୁର

ଢେଙ୍କାନାଳ

Magazine Downloaded from www.aahwaan.com

# ତୁମେ ତ... ପାରିବ ବୁଝି



ଦୀପକ ଷଡ଼ଙ୍ଗୀ

ଲୁହର ତାତିରେ ଲୁହର କବିତା
ଲେଖୁଛି ମୁଁ ବସି ଆଜି
କେହି ନ ବୁଝିଲେ ସାରା ଦୁନିଆରେ
ତୁମେ ତ ପାରିବ ବୁଝି

ମନ ମଶାଣି ର ନିରାଶ ଜୁଇକୁ
କେହି ନ ପାରିଲେ ଦେଖି
ତୁମେ ତ ଦେଖିଛ ମୁଁ ଜଳୁଛି ଏଠି
ପ୍ରେମ ଏକା ଆମ ସାକ୍ଷୀ

ଦୂର ଆକାଶରେ ଅଭିନବ ଜହ୍ନ ମୁହିଁ
ଜୋଛନା ମୋତେ ମାଗନା
ମୁଁ ଏକ ଶୁଷ୍କ ପାହାଡୀ ଝରଣା
ଜଳ ଖୋଜିଲେ ବି ମିଳେନା

ଦିଗହରା ମୁଁ ଯେ କ୍ଳାନ୍ତ ପଥିକ
ପଥକୁ ପାଉନି ଖୋଜି
କେହି ନ ବୁଝିଲେ ନ ବୁଝନ୍ତୁ ପଛେ
ତୁମେ ତ ପାରିବ ବୁଝି

ସହକାରୀ ଅଧ୍ୟାପକ
ରୋଲାଣ୍ଡ ଫାର୍ମାସୀ ମହାବିଦ୍ୟାଳୟ
ଖୋଡାସିଙ୍ଗି, ବ୍ରହ୍ମପୁର-୧୦

Magazine Downloaded from www.aahwaan.com

# ସଂବଲପୁରୀ

# ବିଭାଗ

Magazine Downloaded from www.aahwaan.com

# ଜୀବନ୍ ଜୁଏ



ଆର୍ତ୍ତତ୍ରାଣ ଖୁର୍ଦ୍ଦିଆ

ଜନମ୍ ଠାନୁ ଇ ମରନ୍ ଭିତରେ
ଯେତକି ଥାଏସି ଦୂରତା,
ସେତେଦିନ୍ ତକ୍ ଜଲୁଥିବା ସତେ
ଆମର୍ ଜୀବନ୍ ସଲତା.
ଜୀବନ୍ ଆଏତ ପାଏନ୍ ଫୁଟକା
ତଥାପି ଭରମ୍ଁ କେତେ,
ଜନମ୍ ଥିଲେ ତ ମରନ୍ ଟେ ଅଛେ
ପରଭୁ ହେଲେ ବି ସତେ.
ବଂଧୁ, ବାଂଧବ୍ କୁଟୁମ୍ ବାଟୁମ୍
ସବୁ ତ ଆଏ ବେକାର୍
ପରାନ୍ ଛାଡଲେ ଅଛୁଁଆ କହେବେ
କରବେ ଛିଛି କାର୍ .

ମଶାନର୍ ଜୁଏ ସଜା ହେଇଥିବା
ଖଇ ଝିଂଟି ନେବେ ବୁହି,
ଜନମ୍ ମରନ୍ ଦୁଇଟା ଜିନିଷ୍
ଦୁନିଆଁରେ ସତ୍ ଭାଇ.
କିଏ କହୁଥିବା ବନେ ଲୁକଥିଲା
କିଏ ଦେଉଥିବା ଗାଲି,
କିଏ କାଂଦୁଥିବା ଗୁଲ୍ ଗୁଲା ହେଇ
କିଏ ମାରୁଥିବା ତାଲି.
ଜିଇଁ ଥିବା ଯାଏ ରାମ୍ ନାମ୍ ଜପ
ଜୀବନଟା ହେବା ସାର୍ ,
ମୁନୁଷ୍ ଜୀବନ୍ ତ ଦୁଇ ଦିନିଆଁ
ଛାଡ ଲୁଭ, ଅହଁକାର୍ .

ବୀରମହାରାଜପୁର, ସୁବର୍ଣ୍ଣପୁର
ମୋ-୯୪୩୯୧୪୦୮୧୪

Magazine Downloaded from www.aahwaan.com

# ଫଟ୍‌ଫଟି



ଯାଦବ ପ୍ରଦୀପ ପରୁଆ

ଟୁକେଲ ଗୁଟେ କେନ୍ତା ଯିବା ପର୍ ଘର୍ କେ ଖଟି
ନାଇଁ ଦେଲେ ଫଟ୍‌ଫଟି । ।୦୧ । । (ଘୋଷା)

ବେଦୀ ଶାଳ କେ ପଡ଼ଲେ ଡ଼ାକ୍
ବର କରୁଛେ ଫଟ୍‌ଫଟି ହାକ୍
ପଲସର୍ ସାଙ୍ଗେ ସୁନା ଦୁଇ ଭରି
ଆଗମୁଡ଼େ ମୋର ନେଇ ଦେଲେ ଡ଼େରି
କେନ୍ତା ପଡ୍‌ବା ବର କନିଆଁର ହାତ୍ ଗଁଠି
।।୦୨ ।।

ଫଟ୍‌ଫଟି ଦେଇ କାଏଁଟା ସୁଖ୍
ଯେନ ରାଣୀ କେ ଫେର୍ ସେ ଦୁଃଖ୍
ଶାଶ୍ ନନ୍ଦ ମିଶି ଲାତ୍ ଆର୍ ବିଧା
କଥା କଥାକେ କରସନ୍ ଖେଦା
କେଡ଼େ ରଙ୍ଗେ ଢ଼ଙ୍ଗେ ହାତେ ଧରି ଜୁଏ ଲୁଠି
।।୦୩ ।।

ନନ୍ଦ ବି ଯିବା ପର୍ହର୍ ଘର
ବିହା ହେଇ ଗୁଟେ ସୁନ୍ଦରା ବର
ନାଇଁ ନେଇ ଥିବା ଯଦି ଫଟ୍‌ଫଟି
ଘିଚି ଦେବା ଶାଶ୍ ମୁଡ଼ର ଚୁଟି ।
ହେନ୍ତି ବେଳେ ଶୋର୍ କରବା ବହୁକେ ଥିଲା ପିଟି
।।୦୪ ।।

ଶାଶ୍ ବି ଦିନେ ଥିଲା ବହ
ତାର କଥା ଆର ନେଇଁ କହ
ନାଇଁ ଆନି ଥାଇ ଗୁଟେ ଫଟା ଟିନ୍
ଏହାଦେ ଦେଖ୍ ତାର କେଡ଼େ ଡ଼ିଙ୍ଗ୍
ତାର ବୁଆ ଘରୁ ଆନି ଥିଲା କାଏଁ ବେଟି
ସେ ଗୁଟେ ଫଟ୍‌ଫଟି । ।୦୫ । ।

ମୋ-୯୩୪୮୨୭୨୭୮୫
କୁଶାବାହାଲି, ପାଟଣାଗଡ଼

 Magazine Downloaded from www.aahwaan.com

# ଦଗଲି



ସୁବାଷ ଚନ୍ଦ୍ର ଭୁଏ

କାଣା ନାଇଁ କରୁଛେ ଦଗଲି
ନକଲି ଲୋକ ଭି ହେଲାନ ଅସଲି
ବିଚାର ଗଲାନ ବଦଲି
କାଣା ନାଇଁ କରୁଛେ ଦଗଲି...........୧

ଯାତରା ପରବ ତିହାର ବାହାରେ
ମତେ ପଡସୀ ଡକରା
ଲାଲ୍ ସାଗୁଆ କଲା ପଂର୍ରା
ମିଲସୀ ଭିନ ଭିନ ପସରା............୨

ପିନ୍ଧଲେ ସତେ ଲାଗସି ଯେନ୍ତା
ରଜା ଲେଖେ ଗୁଟା ବେଶ
ଦେହେ ସାଙ୍ଗେ ବାହା ଦୁଇଟା ଅଛେ ହେଲେ
ମନ ଲାଗୁଛେ ବଦଲେଇ ଦେତି କାଏଁ ଦେଶ ...........୩

ମୁନୁଷର୍ ଗୁନ ଥି ଗୁନି
ସତେ ଦଗଲି ଯେନତା ସୁନାର୍ ରାନୀ
ଇ ସମିଏଂ ପାପ ଦୋଷ ନାଇ ଦିସ୍ ବାର୍
ସବୁ ଗଲାନା ଭୁସ୍ ଲି

 Magazine Downloaded from www.aahwaan.com

ନକଲି ଲୋକ ଭି ହେଲାନ ଅସଲି

ବିଚାର ଗଲାନ ବଦଲି

କାଣା ନାଇଁ କରୁଛେ ଦଗଲି........ ୪

ଦୁନିଆ ବିଚାର କରୁଛେ ଦଗଲି ଦେଖି

ସଥେ କେଁ ଗଲାନ ଆଏଁଖ ଫୁଟି

ମୁନୁଷ ପଣିଆ ଭାଙ୍ଗ ଛି ଡ଼ ଲା ରେ

ଦିନୁ ଦିନ କେ ଗଲା ତୁଟି......... ୫

ଉପର ଚିକନ ଥିଲେ କେଇଟା ହେବା

ଭିତର ଥିଲେ ମଏଲା

ଭୁସ୍ ଲି ଗଲା ରେ ନିଏ

ପାପ ଦୋଷ କିଛି ନାଇ ଦିସ୍ ଲା

ପାପ ଦୋଷ କିଛି ନାଇ ଦିସ୍ ଲା..... ୬

ଉଠରେ ଭେଣିଏ ଉଠ

ଖୁ ରେଇ ଦେଇ ଦଗଲି ବିଚାର

ମୁନୁଷି ଆ ଭାବ କର

ମୁନୁଷିଆ ବିଚାର ଧର

ମୁନୁଷ ପଣିଆ ଭାବ କର............ ୭

ଅଧ୍ୟାପକ, ଡୁଙ୍ଗୁରିପାଳି ମହାବିଦ୍ୟାଳୟ,

ଧାଙ୍ଗେର,ବରଗଡ, ଓଡିଶା

 Magazine Downloaded from www.aahwaan.com

# ମନେଥଉ



କବି ପ୍ରସାଦ

ଅଏନ୍ ଲୋକ୍ କୁଁ
ଲୋକ୍ ସହଜେ ପାଶିରି ଯାଏସନ୍
ଅସାର୍ କେ ଶୋର୍ କରିଥିସନ୍
ଘାଏ ଭାବ୍ ଜାନି ହେବା
ହେଟା ତ ଦୁଖର୍ ମଂଜି ।
ଫଲ୍ ଝାରସନ୍ ଲେଧାମାରି
ହେ ଦୁଖା କେ ଗଛ୍ ଯାଏସି ଭୁଲି
ଆର୍ ଭିଲ ଫୁଲ୍ ଫୁଟିକରି ଫଲ୍ ଧରସି
ଲେଧାମାରୁ କେ ଭୁଲିକରି
ଶୋର୍ କରିଥିସି ପାଏନ୍ ଦଉକେ ।

ବିଗିଡେଇ ଦେଲା ଯେନ୍
ତାହାର୍ ବିଗିଡାଲେ
ତୁଇ ଭିଲ ତ ହେଲୁ ବିଗିଡଉ
ଅପକାରି କେ ଘାଏକେ ଭୁଲିଯା
ଉପକାରୀର୍ ଉପକାର୍ ମନେଥଉ ।
ଦେଖବୁ ହେତରକ
ସଭେ ନିଜର୍ ଲାଗବେ
ବଏରି ଭିଲ ମଇତର କହେବା
ଅଭାବ୍ ଛାଡି ଭାବ୍ ଆଏବା
ଦୁଖ୍ ରୂପି ଝଉ ଭିଲ
ସୁଖର୍ ମହୁଲିଆ ଧୁକା ଲେଖେଁ ଲାଗବା ।

ସର୍ଗିଗୁଡା , ବେଲପଡା , ବଲାଙ୍ଗୀର
ମୋବାଇଲ୍ - ୭୬୦୬୦୫୧୩୯୫

 Magazine Downloaded from www.aahwaan.com

# ବାଟ୍



ପ୍ରସନ୍ନ ପ୍ରୟାସ ଭୁଏ

ଆଶାର୍ ବଂଧା ଯାଉଛେ ଭାଂଗି
ସପନ୍ ଯାଉଛେ ହଜି,
ହୁରୁଦର୍ ମନ୍ଦିର୍ ହଉଛେ ଧଁସ୍
ଜୀବନ୍ ନି ପାଉଛେ ଖୁଜି ।

ମନ୍ ହଇଛେ ମରୁ ଭୁଇଁ
ହୁରୁଦେ ଯେ କଁଟା ଭରା,
ପିରତୀ କରି ପାଏଲି ଇ ସବୁ
ମୋର ଇ ଜୀବନ୍ ସାରା ।

ଗଲା ସୁର୍ତା ଭୁଲି ନି ହେବାର୍
ଅନୁଖନୁ ହଉଛେ ସାନିଘାଁଟି,
ଦୁର୍ ଦୁର୍ ଜଲି ଯାଉଛେ ଭବିଷ୍
ହୁର୍ଗୁନି ହଉଛେ ଛାତି ପିଟି ।

ଧିରଜ୍ ଆରୁ ନାଇଁ ନ ଦିହେଁ
ଭାଂଗି ଯାଉଛେ ମନର୍ ବଲ୍,
ପିରତୀ ରଂଗେ ମାତିଥିଲି ବଲି
ପାଉଛେ ଆଏଜ୍ ତାର୍ ଫଲ୍ ।

କେନ୍ତା ବଅଁଚିମି ଭଂଗା ହୁରୁଦେ
ନାଇଁ ପାରୁଛେ ମୁଇଁ ବୁଝି,
ଜୀବନର୍ ଦୁଇଛକି ଥି ଠିଆ ହଇ
ବାଟ୍ ନାଇଁ ପାଉଛେ କିଛି ।

ପ୍ରଧାନପାଲି, ସମ୍ବଲପୁର
ଭ୍ରାମ୍ୟଭାଷ : ୮୬୫୮୨୧୮୭୬୬

 Magazine Downloaded from www.aahwaan.com

# ଖୁସିର୍ ସପନ୍ ସପନ୍ ହେଇଗଲା



ମନୋଜ ମହାନନ୍ଦ

ହେତେଇ ଦେଲେ ଘାଏ
ପୋଲଜ୍ଞାମାର୍ କଥା
ହୃଦ୍ ଯଉଛେ ଫାଟି,
ଯୋର୍ କଲେ ସେ
ପରିବାର୍ କଥା
ସୁଖି ଯଉଛେ ଟଁଟି ।

ଯେନ୍ ବୁଆ ଦି'ନେ
ଯେନ୍ ଛୁଆକେ
ଖଁଦ୍ ଗୁଡେଇକରି ବୁହିଛେ,
ହେଇଁ ବୁଆ ଆଏଜ୍
ହେଇଁ ଛୁଆର ମୁର୍ଦାଲ୍
ହେଇଁ ଖଁଦେନ ବୁହୁଛେ ।

ଯେନ୍ ମାଁ ଦି'ନେ
ଭାବିଥିଲା ମନେ
ଅଛେ ମୋର୍ କଳା କହ୍ନାଇ,
ଆଁଖି ମୁଜ୍ଲେ ମୁଇଁ
ମାଁ ଗୋ ! ବୋଲି
ବେଟି ପକାବା ବୁହି ।

ସେ ମା'ର୍ ଆଁଖେ
ଦିଶୁଛେ ଆଏଜ୍
ଆଁଖି ମୁଜିଛେ ତାର୍ ଛୁଆ,
ଅନ୍ଧାର୍ ହେଲା ତାର୍
ଆଶାର୍ ଦୁନିଆଁ
କିଏ କର୍ବା ଆରୁ ଆହାଃ ।

ଯେନ୍ ଦଦାର୍ ଆଘେ
ଗେଲେଇ ବୁହେନ୍

 Magazine Downloaded from www.aahwaan.com

ହଁଟ୍ କରେ ମୁହୁଁ ଫୁଲେଇ,
ହେଇଁ ଦଦା ଆଏଜ୍
ବୁହେନର୍ ଆଘେ
ଉଲ୍ଟିଆ ଖଟେ ଅଛେ ଶୁଇ ।

କାନ୍ଦୁଛେ ବୁହେନ୍
ହାପ୍ସି କେଚେ୍ଡଇ ହେଇ
ଦଦା ହଁଟ୍ କର୍ବାର୍ ଦେଖି,
ସୋର୍ କରୁଛେ ସେ
ରାକ୍ଷୀ ପୁନି ଦିନ୍
କାହାର୍ ହାତେ ବାନ୍ଧି ରାକ୍ଷୀ ।

ଭାରତର୍ ମାନ୍
ତ୍ରିରଙ୍ଗାଝଜା
ଉଁଘେଇ କରି କୂଳେ ଧରିଛେ
ତୋର୍ କାଜି ଗର୍ବେ
ଆଶ୍ମାନେ ଉଡେଁ ବୋଲି
ସବୁ ଗୁନ୍ ହେତେଇ କାନ୍ଦୁଛେ ।

ହାଏରେ ଦଇବ !
କାଣା କଲୁ ଇଟା
ସମ୍‌କର୍ ହସ ଖୁସି ଭାଙ୍ଗି ଦେଲୁ,
କେନ୍ ଛୁଆକେ
ଅନାଥ୍ କରିଦେଇ
କାହାର୍ ସିନ୍ଦୁର୍ ଗାର୍ ମେଟେଇ
ଦେଲୁ ।

ଆର୍ କାହାକେ
କୁଆଁରୀ ଦିହେଁ
ଲଗାଲୁ ରାଆଁଣୀ ଚିହ୍ନା,
କେନ୍ ଯୁଗର୍ କାଳର୍
ରିସ୍ ଉତାର୍ଲୁ
କାଣା ଥିଲା ତାର୍ ଦୋଷ୍
ଗୁନା ।

କହି ନାଇଁ ହଉଛେ
ଇ ଦୁଃଖର୍ କଥା
ବକତ୍ ହଉଛେ ବାନ୍ଧି,

 Magazine Downloaded from www.aahwaan.com

କବିତା ଆକାରେ
ଲେଖି ଦେଖୁଛେଁ ଯେ
କଲମ୍ ବି ପକଉଛେ କାନ୍ଦି ।

ଝରୁଛେ ଆଁଖଲ୍
ଥମ୍ବାର୍ ନାଇଁ
ବୁଝ୍ବାର୍ ନାଇଁ ଇ ମନ୍,
ମାଟି ମା'ର ଲାଗି
ସହିଦ୍ ହେଇଗଲେ
ଧନ୍ୟ ତାକର୍ ଜୀବନ୍ ।

ତାକର୍ ଲାଗି ବୋଲି
କୋଟି କୋଟି ଲୋକ୍
ଗୁଟେ ହଇଛନ୍ ଆଏଜ୍,
କାହିଁ ଗଲେ ଆମର୍
ରାମ୍ ଲଖନ୍ ବୋଲି
ଖୁଜୁଛେ ରାମ୍ ରାଏଜ୍ ।

ଜାନିଛେଁ ପ୍ରଭୁ
ବୁହିଗଲା ପାଏନ୍
ନାଇଁ ଆସେ ଆରୁ ଫିରି,
ନାଇଁ ଛମ୍ବେକ ଆରୁ
ସତୀର୍ ଦୁଇହାତେ
ଭାଙ୍ଗିଗଲା ଲାଖ୍ ଚୁରି ।

ସହିଦ୍ ହେଇଗଲା
ବୀର୍ ଯବାନ୍ କୁ
ଭକ୍ତିଭରା ମୁଡିଆ ମାରୁଛେଁ,
ଅମର୍ ଆତ୍ମା ତାକର୍
ସତ୍ ଗତି ହଉ
ଏହି କାମନା କରୁଛେଁ ।

ବାଗଯୋର, ସଇଁନ୍ତଲା, ବଲାଙ୍ଗିର
ପିନ୍ - ୭୬୭୦୩୨
ମୋ - ୮୦୧୮୦୮୯୩୩୫

 Magazine Downloaded from www.aahwaan.com

# ଫଲ୍‌ସା ଫୁଲ



ଏମ୍ ବିଜୟ କୁମାର

ଫଲସାଫୁଲ ଘର୍ ଘରା ଜୁଏଁ
ଡ଼ହ ଡ଼ହ ହେଇ ଜଲବା
ଛାତି କଲଜେ ଆଜିଁ ଦାଗିଦେବା
ଉଲଗୁଲାନ
ଘର ଘର ଜାଇ କହେବା
ଫଲସାଫଲ  ଅଗଂରା ଜୁଏ
ଉଲଗୁଲାନ ଉଲଗୁଲାନ - ୧
ତମର ଦେଖାଥି ଫଲସାଫୁଲ
କହଁର ନାଇ କି ମହକ ନାଇ
ଲାଲ ଗଲ ଗଲ
ଦେଖେନ ସୁନ୍ଦରୀ
ମୁଇ ଦେଖସି ରକତମୂଲ
ଗୁଟେ ବିପଲବ ବୀରର
ହସି ମୁଲ୍ ମୁଲ୍
ନିଆଁଲଗାଏ ଜୁଏହୁଲାଧରି
କଲା ପାତକା ଦେଖାଇ
ଜୁଏଁ ଜଲୁଛେ
ସଥେଁକେ ସାନତିର ଛୁରୀ - ୨
ନିରମଲର ଖାଲି ନାଁ
ଫାଡ଼ିଛେ କେଡ଼େ   ଆଁ
ଜଲ ଜମିନ ଜଗଂଲ
ପାହାଡ଼ ଗୋଲା ଗୋଲା
ଗିଲବାକେ  ଢୁଣିମୁଢ଼ି
କଲା ସଂସକୃତି ସବୁଜିମା
ସମପୁରୁନ ଧଂଅସ ଲିଗି
ଆଉଛେ ଆଗକେ ମାଡ଼ି
ହେତିରଲାଗି ଫଲସା ଫୁଲ
ରକତ ନିଆଁ
ଉଲଗୁଲାନ ଜୁଏହୁଲାନ - ୩

ମୋ : ୭୯୭୮୭୮୪୧୩୦

 Magazine Downloaded from www.aahwaan.com

# ଇ ମୋର୍ ଗାଁ କଥା



ଯୋଗେଶ୍ୱର ସାହୁ

ଛୋଟଥିଲା ବେଳେ ଭାବୁଥିନି ମୁଇ ଗାଁନୁ ସହର ଆଏ ବନେ
ଏଭେ ଭାବୁଛେ ମୁଇ ସହରୀ କଥା ଗାଁନୁ ବି ହୀନ ପରେ ।
ଗାଁ ଗଣାଥି ମୁରୁଖ୍ ଲୋକପରେ ଚରେଇ ଯାଉଥିଲେ ଗାଇ ଗୁରୁ,
ସହରୀ କଥା କହେବ କାଣା ସେନ କୁକୁର୍ ଚରଉଛନ୍ ଶିକ୍ଷିତ ଗୁରୁ ।
ଗଅଁଲି ଗାଁ ମୁରୁଖ୍ ଛୁଆ ମାବୁଆ କେ ପୁଶେ,
ସହରୀ ଶିକ୍ଷିତ ମାଆବୁଆକେ ଆଶ୍ରମ ଥି ନେଇ ରଖେ ।
ଇ ଆମର ଛୋଟ ଗାଁଥି ଅଛେ ଯେ କେତେନି କେତେ ଖେଳ୍
ଲୁକଲୁକାନି, କେଳି, ବହୁଗୁଡ଼ି, ବାଟି ଖେଳି ବୁଡ଼େ ବେଳ ।
ଗଛଖୁଟ୍ କାଟି ସହରୀ ଲୋକ ବନେଇ ନେଉଛନ୍ ଘରଦ୍ୱାର,
ଗଅଁଲି ଭାଇ ଆମର ଗଛ ଖୁଟ୍ ଯୁଗାଉଛେ ଛାଡ଼ିକରି ଘରଦ୍ୱାର ।
ସାହରେ ତ କି ଗାଁରେ ଥ ଚିନ୍ତା କରବ ଇ ସବୁ କଥା,
ସବୁନୁ ଅଏନ୍ ସବୁନୁ ବଏନ୍ ମୋର ଗାଁ, ମୋର ଗାଆଁ ମଥା ।

ଘସିଏନ, ବଲାଙ୍ଗିର

 Magazine Downloaded from www.aahwaan.com

# ସଜନୀ ବିନେ ରଜନୀ



ଚନ୍ଦ୍ରଶେଖର ଗୋ

ଦିନ୍ ଶୁଇ ପଡ଼ସି ରାତିର୍ କଥଲିନେ
ଚଷାପୋ ବାରି କଳେକଲ୍
ସତେ ଥକାପନ୍ ଘୁଚାସି ଦିନ୍ ଯାକର୍ ଉସତେଁ । - ୧
କେଭେଁ ଜନ୍'କେ ଧରାସି
କେଭେଁ ଲିମେଇ ଦିକରି ଶୋଏସି
ଆର୍ କେଭେଁ କେଭେଁ ଘଡ଼ିକେଘଡ଼ି ଧରୋଥିସି
କେଭେଁ ଉକିଆଁନେ କେଭେଁ ଅଧାଁରେ ଶୁଇଭାର୍
ଅଜଭ୍ ଲୁଏ ଅଛେ ତାର୍ । - ୨
ମୁଁଇଁ ମାତର୍ ସୋରୋଘୋରୋରେତ୍ ଉସନିଦିରା
ଶୁଇ ନେପାରେଁ ଗୁଟେନିନ୍ଦ୍ ବି ଭଲ୍'ସେ
ଲହରୁଥିସି ଇମନ୍ ବିଛେଦର୍ ବେଲାଭୁଇଁନେ
ଅସାଁତି ସମୁଦର୍ ଭଲିଆ । - ୩
ଜନ୍ ଉଁଲେ ପୁନି ନାଇଁଉଁଲେ ଉଆଁସ୍
ତମେ ଛୁମେରେଲେ ମୋର୍ ସବୁରେତ୍ ପୁନି ଏ
ନାଇଁରେଲେ ଲାଗସି ସତେ ମୁଁଇଁ ସଁସାରର୍ ଆଖରି ମୁନୁସ୍ ଆଏ
ଝୁମରା ସାଜସି ମୋର୍ ବଏରି । - ୪
ମୁଁଇଁ ରାଏତ୍ ରାଏତ୍ -
ପହରା ପକାଏଁ ଆମର୍ ସୁମୁତିର୍ ପୁରୁଥିକେ
ରସିକିଆପନେ ଭାବର୍ ବନ୍ଧୁକ୍ ବୁହି ଛାତିନେ
ସତେ କେଁହଲେ ମୋର୍ କବାର୍ ନିପ୍'ଟାଏଁ ପାରୁପର୍ଯନ୍ତ
ତମର୍ ବିନେ ଏକ୍'ଲା । - ୫

 Magazine Downloaded from www.aahwaan.com

# ପ୍ରବନ୍ଧ ବିଭାଗ

 Magazine Downloaded from www.aahwaan.com

# ଗିରନାର ପାହାଡ଼



ସୁବଳ ମହାପାତ୍ର

ଭ୍ରମଣ କାହାଣୀ : ଗିରନାର ପାହାଡ (ଜୁନାଗଡ଼, ଗୁଜରାଟ )

ଜୟ ଗିରନାରୀ... ଗିରନାର ବାବା କି .....ଜୟ

ସବୁବର୍ଷ ଶୀତ ଆସିଲେ ମନେ ପଡେ ବଣଭୋଜି, ପାର୍ଟି, ଆଉଟିଙ୍ଗ ଇତ୍ୟାଦି ଇତ୍ୟାଦି । ନିଜ କର୍ମମୟ ଜୀବନରୁ କିଛି ଦିନର ଛୁଟିରେ ମାନସିକ ଚିନ୍ତା ଦୂର କରି ପ୍ରକୃତି କୋଳରେ ହଜିଯିବାର ସ୍ୱାଦ ନିଶ୍ଚିତ ଭାବେ ନିଆରା । ସବୁବର୍ଷ ପରି କିଛି ଦିନର ବ୍ୟବଧାନ ପରେ ଅଫିସର କିଛି ସାଙ୍ଗ ବାହାରିଲେ କୁଆଡେ ଗୋଟେ ଯିବାପାଇଁ । (କୁଆଡେ ଗୋଟେ କହିଲେ, ପ୍ରକୃତ ଜାଗା ଜଣାନଥାଏ, ପ୍ରଥମେ ଯିବା କଥା ସ୍ଥିର ହୁଏ ତା' ପରେ ଜାଗା ଖୋଜା ଆରମ୍ଭ ହୁଏ) । ବହୁତ ଜାଗାର ନାଁ ଆସିଲା ପରେ ଶେଷ ନାଁ ଟି ଥିଲା 'ଗିରନାର' ପାହାଡ଼ । ପିଲାଙ୍କ ହଁ, ନା ଭିତରେ, ବହୁତ କଥା କଟାକଟି ପରେ ଶେଷ ବି ହେଲା ଏହି ଜାଗାରେ । ପନ୍ଦରରୁ ବାର, ଏଗାର, ଦଶ, ଆଠ, ଛଅ, ପରେ ଚାରିଜଣ ରାଜି ହେଲେ ଯିବା ପାଇଁ । ଏତେ କଥା ଭିତରେ ଜିଦ ରହିଲା ଗିରନାର ହିଁ ଯିବା ଆଉ ଚଢ଼ିବା ଶେଷ ଯାଏଁ ।

ଗିରନାର କଣ ?

ଗୁଜରାଟର ଗିର ଜଙ୍ଗଲ ଭିତରେ, ଜୁନାଗଡ଼ରୁ ମାତ୍ର ସାତ କିଲୋମିଟର ଦୂରରେ ପାଞ୍ଚଟି ପାହାଡ଼ ଅବସ୍ଥିତ, ଯାହାର ନାଁ ଗିରନାର । ଏହାକୁ ପାହାଡ଼ ମାନଙ୍କ ସଙ୍କଳନ ମଧ୍ୟ କୁହାଯାଏ ।  ପୃଥିବୀର ସବୁଠୁ ପୁରୁଣା ପାହାଡ଼ ମାନଙ୍କ ମଧ୍ୟରୁ ଏ ପାହାଡ଼ଟି ଅନ୍ୟତମ । ଗିରନାର ପର୍ବତ (ପ୍ରାଚୀନ ନାମ ଉଜୟନ୍ତ ତଥା ଗିରିବର ତଥା ରେତକ) ହିମାଳୟ ଠାରୁ

 Magazine Downloaded from www.aahwaan.com

ମଧ୍ୟ ପୁରୁଣା ପର୍ବତ ଅଟେ । ଏହା ୨୨ତମ ତୀର୍ଥଙ୍କର ନେମିନାଥଙ୍କର ନିର୍ବାଣ ଭୂମି । ସମୁଦ୍ର ପତ୍ତନଠାରୁ ପ୍ରାୟ ୧୦୩୧ ମିଟର ବା ୩୬୬୬ ଉଚ୍ଚ ଏହି ପର୍ବତଟି ଗୁଜରାଟର ଜୁନାଗଡ଼ ଜିଲ୍ଲାରେ ଅବସ୍ଥିତ । ଏଠାରେ ପ୍ରାୟ ୮୬୬ଟି ହିନ୍ଦୁ ଓ ଜୈନ ମନ୍ଦିର ଅଛି । ଦୂରରୁ ଦେଖିଲେ ପାହାଡ ଗୁଡିକ ଜଣେ ଶୋଇଥିବା ଋଷିଙ୍କ ମୁଖ ବା ମୁହଁ ପରି ଦେଖାଯାଏ । ଏହା ଏକ ପବିତ୍ର ସ୍ଥାନ ।



(ଶୋଇଥିବା ସନ୍ୟାସୀଙ୍କ ମୁଖ ଆକୃତିର ପାହାଡ )

ମନ୍ଦିର ମାନଙ୍କ ମଧ୍ୟରେ ମୁଖ୍ୟତଃ ଜୈନ ମନ୍ଦିର (୪୫୦୦ ପାହାଚ), ଗୋମୂଖୀ ଗଙ୍ଗା (୫୦୦୦ ପାହାଚ), ଅମ୍ବା ମାତା (୫୫୦୦ ପାହାଚ), ଗୋରଖନାଥ ମହାଦେବ (୬୫୦୦ ପାହାଚ) ଓ ଗୁରୁ ଶିଖର ବା ଦତ୍ତାତ୍ରେୟ ମନ୍ଦିର (୧୦୦୦୦ ପାହାଚ) ଅନ୍ୟତମ । ( ପାହାଚ ସଂଖ୍ୟା ଗୁଡିକ ପ୍ରକୃତ ପାହାଚର ସଂଖ୍ୟା ନୁହେଁ, ଆନୁମାନିକ.....)

ଦଶହଜାର ପାହାଚ ? ଯିବା ଦଶହଜାର, ଫେରିବା ବି ଦଶହଜାର ? ମାନେ କୋଡିଏ ହଜାର ? ଏ ସଂଖ୍ୟାଟି ମନଭିତରେ ଭୀତି ସଂଚାର କରିବା ଯଥେଷ୍ଟ ଥିଲା, ଯାହାପାଇଁ ଆମ ପିକନିକ ପାର୍ଟିର ମେମ୍ବର ସଂଖ୍ୟା ପନ୍ଦରରୁ ଖସି ଚାରିକୁ ଆସି ସାରିଥିଲା ।

ମୁଁ କିନ୍ତୁ ବହୁତ ଖୁସିଥିଲି । ଗୁଜରାଟରେ ଆଠବର୍ଷ ରହିବା ଭିତରେ ଗତ ଚାରିବର୍ଷରେ ଚାରିଥର ନିଶ୍ଚୟ ଚେଷ୍ଟା କରିଥିବି ଗିରନାର ଚଢ଼ିବା ପାଇଁ କିନ୍ତୁ କେବେ ଜଣେ ସାଙ୍ଗ ପାଇନଥିଲି । ବେଳେବେଳେ କିଛି ସାଙ୍ଗ ଯାଇ ଫେରିବା ପରେ ଖବର ପାଇଥିଲି ସେମାନେ ଯାଇଥିଲେ ବୋଲି, ତେଣୁ ମନ ଦୁଃଖ ହେଲେ ବି କିଛି କରିବାର ନଥାଏ, କାରଣ ସେମାନେ

 Magazine Downloaded from www.aahwaan.com

ସେମାନଙ୍କ ସମ୍ପର୍କୀୟ ମାନଙ୍କ ସହ ଯାଇ ଫେରିଥାନ୍ତି କିମ୍ବା କୌଣସି କାରଣ ବଶତଃ ସେମାନେ ଜଣେଇ ପାରି ନଥାନ୍ତି । ତେବେ ପ୍ରଭୁ ଜଗନ୍ନାଥଙ୍କ ଡୋରି ନ ଲାଗିଲା ଯାଏଁ ପୁରୀରେ ଥାଇ ମଧ୍ୟ ଦର୍ଶନ ନହେଲାପରି, ଗୁଜରାଟରେ ଥାଇ ମଧ୍ୟ ଗିରନାର ନ ଚଢି ପାରିବାକୁ ମୁଁ ସେପରି କିଛି ଧରି ନେଇଥିଲି ।

ଚାରି ଜଣ ହେଲେବି ସେମାନଙ୍କ ଉତ୍ସାହ ଦେଖି, ମୁଁ ୩୭ ବର୍ଷର ବୁଢ଼ା (ବୁଢ଼ା ଏଥିପାଇଁ ଯେ ସେମାନେ ସମସ୍ତେ ମୋଠୁଁ ପ୍ରାୟ ଦଶ, ବାର, ଚଉଦ ବର୍ଷ ସାନ) ବି ଉତ୍ସାହୀ ହୋଇଯାଇଥିଲି । ତେବେ ମେମ୍ବର ସଂଖ୍ୟା ପୁଣି ବଢ଼ିବାରେ ଲାଗିଲେ । ଆସ୍ତେ ଆସ୍ତେ ।

କର୍ମମୟ ଜୀବନରୁ ଟିକିଏ ବିରତି ବି ବହୁତ ଖୁସି ଦେଇପାରେ । ଆଉ କର୍ମ ପାଇଁ ବେଳେବେଳେ ନିଜ ଖୁସିକୁ ବି ଅଟକେଇବାକୁ ପଡେ । ଡିସେମ୍ବର ପଚିଶରୁ ଆରମ୍ଭ କରିଥିବା ଏ ଯୋଜନାରେ ହଠାତ ଭଟ୍ଟା ପଡିଯାଏ, କ୍ଲାଏଣ୍ଟ ଓ କମ୍ପାନୀର ଓନର ଆମେରିକାରୁ ଆସିବା ଶୁଣି । ପ୍ଲାନ ରହିଯାଏ ଅଧାରେ । ଜାନୁଆରୀରେ କ୍ଲାଏଣ୍ଟ ଓ କମ୍ପାନୀ ଓନର ଆସି ବିଭିନ୍ନ ବିଷୟ ତର୍ଜମା କରନ୍ତି, ସକାଳ ଆଠରୁ ରାତି ବାର କେମିତି ହୁଏ ଜଣା ବି ପଡେନାହିଁ । କାମ, କାମ, କାମ.... ବାସ, ଏଇତ ଜୀବନ । କିନ୍ତୁ ମଝିରେ ମଝିରେ ଟିକିଏ ଟିକିଏ ଖୁସି ସାଉଁଟି ନେବା ବି ଆମର ହକ । କ୍ଲାଏଣ୍ଟ ଓ କମ୍ପାନୀ ଓନର ଯିବାପରେ ପୁଣି ଆରମ୍ଭ ହୁଏ ଅଧା ରହି ଯାଇଥିବା ପ୍ଲାନ । କିନ୍ତୁ ଓଃ... ଏ ଶୀତ.... କିଏ ବାହାରିବ ଏ ଶୀତରେ... ଘରେ ରେଜେଇ, କମ୍ବଳ ଘୋଡ଼ି ହୋଇ ଶୋଇବାରେ ଲାଭ ଅଛି ।

ହଠାତ ମାତ୍ର ଦୁଇଦିନ ପାଇଁ ଶୀତ ଛାଡିଯାଏ ଓ ମାତ୍ର ଦୁଇ ଘଣ୍ଟାରେ ହୋଇଯାଏ ପ୍ଲାନ । ଶେଷ ଥର ପାଇଁ ପଚରାଯାଏ କିଏ ଯିବେ କି ନଯିବେ । ଯାହାହେଉ ମେମ୍ବର ପୁଣି ବଢ଼ି ବଢ଼ି ଦଶରେ ପହଞ୍ଚନ୍ତି, ପୁଅ ଛଅ ଜଣ ଝିଅ ଚାରି ଜଣ । ଶୁକ୍ରବାର, (ଫେବୃଆରୀ ଆଠ

 Magazine Downloaded from www.aahwaan.com

ତାରିଖ) ସନ୍ଧ୍ୟା ଛଅଟା ପଇଁଚାଳିଶରେ ବସ, ସ୍ଲିପର । ପହଁଚିବୁ ରାତି ୩.୩୦ରେ ଜୁନାଗଡ଼ । ହୋଟେଲରେ ନିତ୍ୟକର୍ମ ସାରି ଭୋର ୪.୩୦ରୁ ଆରମ୍ଭ ହେବ ପାହାଡ଼ ଚଢା, ଫେରିବୁ ଦିନ ଚାରିଟା ସୁଦ୍ଧା । ପୁଣି ସନ୍ଧ୍ୟା ୫.୩୦ରେ ବସ ଧରିବୁ ଗାନ୍ଧିନଗରକୁ ।

କେଜାଣି କାହିଁକି ଟିକେ ଖଟକା ଲାଗୁଥାଏ । ଏତେ କମ ସମୟ, ଚଢ଼ି ପାରିବୁ କି ନାହିଁ, ଯଦି ଚଢ଼ିଲା ପରେ ସମୟ ନ ଅଣ୍ଟିଲା ତେବେ ? ଫେରିବା ପାଇଁ ତ ସେଇ ସମାନ ରାସ୍ତା । ନିଜେ ହିଁ ଓହ୍ଲେଇବ । ଗାଡ଼ି ଘୋଡ଼ା ତ ନାହିଁ ଯେ ପଳେଇ ଆସିବ । ଅନ୍ୟ ଏକ ପ୍ଲାନ ବି କାହିଁକି ଠିକ ଲାଗୁ ନଥାଏ, ପାହାଡ଼ରୁ ଓହ୍ଲେଇ ସାରିଲା ପରେ ସେଦିନ ହୋଟେଲରେ ରହି ପରଦିନ ଫେରିବା । କିନ୍ତୁ ପାହାଡ଼ଚଢ଼ାରୁ ଫେରି ଗୋଟେ ଦିନ ଶୋଇଲା ପରେ ପରଦିନ ଯେ ଚାଲିବାକୁ ଅବସ୍ଥା ଥିବ, ସେ ବି ସନ୍ଦେହ । ତେବେ ? ? ଭଗବାନ ଭରସା.....

ଏଠିକାର ଲୋକମାନେ ଗୁରୁ ଦତ୍ତାତ୍ରେୟଙ୍କୁ ବହୁତ ମାନନ୍ତି । କୁହନ୍ତି ଯଦି ଭଗବାନଙ୍କ ଡୋରି ନ ଲାଗିଛି ତେବେ ତୁମେ ଯାଇ ହିଁ ପାରିବନି । ତେବେ ? ଯଦି ଡୋରି ଲାଗିଛି, ସେ ହିଁ ବୁଝିବେ । ତଥାପି.... ତେବେ ଭଗବାନଙ୍କ ଇଛା ଉପରେ କେବେ ସନ୍ଦେହ କରିବା କଥା ନୁହେଁ । ତାଙ୍କ ଉପରେ ଛାଡ଼ିଦେଲେ ସେ ହିଁ ବୁଝିବେ ଏକଥା ମୁଁ ନିଷ୍ଚେ ଅଙ୍ଗେ ନିଭେଇଛି ଏଥର ।

ବସ ଖୋଜୁ ଖୋଜୁ ଯିବା ପାଇଁ ୬.୪୫ର ବସ ତ ମିଳିଗଲା, କିନ୍ତୁ ଫେରିବାର ସବୁ ବସ ଫୁଲ । ଫେରିବା ପାଇଁ ରାତି ୯.୫୦ ବସରେ ସିଟ ମିଳିଲା । କଣ କରିବା ? ଗୋଟେ ଦିନ ରହି ପରଦିନ ଫେରିବା ନା ସେହିଦିନ ରାତିରେ ? ତେବେ ସର୍ବ ସମ୍ମତି କ୍ରମେ ରାତି ୯.୫୦ ବସ ହିଁ ଫାଇନାଲ ହେଲା ଫେରିବା ପାଇଁ । (ଆଗକୁ ପଢିବେ, ଏଇଟା ହିଁ ଭଗବାଙ୍କ ଇଛା ଥିଲା) ଆଉ ଟିକେଟ କଟା ବି ସରିଗଲା । ଗୁରୁବାର ସନ୍ଧ୍ୟାରେ ଅଫିସରୁ ଫେରିଲା

 Magazine Downloaded from www.aahwaan.com

ପରେ ଫୋନ ଉପରେ ଫୋନ, କଣ ନିଆହେବ ? ପ୍ୟାକିଙ୍ଗରେ କଣ କଣ ରହିବ ? ଡ୍ରେସ କେତେଖଣ୍ଡ ? ବାକି ଆଉ କଣ ? ଓଃ......

ବୁଲିଯିବା ଆଗରୁ ସେହି ଜାଗା ବିଷୟରେ ତନାଘନା କରିବା, ମୋର ଗୋଟେ ବହୁତ ବଡ଼ ଖରାପ ଅଭ୍ୟାସ । ସେଥିପାଇଁ ସବୁବେଳେ ମୁଁ ଟିକେ ଅଧିକ ସଚେତନ ରହେ । କେତେ ବାଟ ? କେମିତି ଯିବ ? ଗୋଟେ ସାଇଟରୁ ଅନ୍ୟ ସାଇଟ କେତେ ବାଟ ? କଣ କଣ ସବୁ ଦେଖିବାର ଅଛି ? କେଉଁଟା ଭଲ ? କେଉଁଟା ନ ଦେଖିଲେ ବି ଚଳିବ ସେମିତି ? ଯଦି କାର ନ ମିଳେ, ଅଟୋ ଯାଉଛି କି ନାହିଁ ? ଏମିତି ସବୁ । ଏ ସବୁରେ ବେଷ୍ଟ ହେଲା ଆଗରୁ ବୁଲି ଯାଇଥିବା ଲୋକଙ୍କର ମତାମତ ପଢ଼ି ଜାଣିବା । ସେମାନେ ସବୁ ବିଷୟରେ ଲେଖିଥାନ୍ତି ।

ଆଗରୁ ଗିରନାର ଚଢିଥିବା ଲୋକଙ୍କର ମତାମତ ପଢ଼ିବା ପରେ ମୁଁ ଆଗୁଆ କିଛି ଲିଷ୍ଟ ତିଆରି କରିଥିଲି, କଣ କଣ ଅତି ଦରକାରୀ ଜିନିଷ ଆଉ କଣ କଣ ନେବା ଦରକାର ନାହିଁ । ଦରକାରୀ ଜିନିଷ ଭିତରେ ଟର୍ଚ୍ଚ, ମେଡ଼ିସିନ, ଗୋଟେ ପାଣି ବୋତଲ, ଲାଠି, କିଛି ଶୁଖା ଖାଦ୍ୟ, ଦର୍ଦ ନିବାରଣକାରୀ ଔଷଧ (ସ୍ପ୍ରେ), ଭଲ ଜୋତା (ଯାହା ସବୁ ଯିବ ପାହାଡ଼ ଚଢ଼ିଲା ବେଳେ) ଆଉ ଗୋଟେ ଯୋଡ଼ି ଡ୍ରେସ, ରାତିରେ ବସ ପାଇଁ କମ୍ବଳ, ଗାମୁଛା, ଆଉ ଯାହାର ଯାହା ଅତି ଦରକାରୀ ଜିନିଷ ।

ମତାମତରୁ ପଢ଼ିଥିଲି ପାହାଡ଼ ଉପରେ ଖାଇବା, ପାଣି ବୋତଲ ସବୁ ମିଳିବ, ତେଣୁ ଅଯଥା ସେସବୁ ବୋହି କି ନେବା ଅପେକ୍ଷା ବରଂ ଖାଲି ଖାଲିରେ ଗଲେ ଅଧିକ ବାଟ ଯାଇ ପାରିବ ତେଣୁ.... । ଆସିଗଲା ଶୁକ୍ରବାର, ସକାଳୁ ଉଠୁ ଉଠୁ ମୁଣ୍ଡଟା କାହିଁକି କେଜାଣି ଟିକେ ବୁଲେଇ ଦେଲା । ଅଳ୍ପ ସମୟ ଖଟ ଉପରେ ବସି ତଳକୁ ଓହ୍ଲେଇବା ପରେ ଆରମ୍ଭ ହୋଇଗଲା ବାନ୍ତି । କାହିଁକି ? କେଜାଣି... ରାତିରେ ତ ସେମିତି କିଛି ଖାଇନି, ତେବେ ? ଯିବାର ଚିନ୍ତା

 Magazine Downloaded from www.aahwaan.com

ବୋଧହୁଏ । ଦଶ ଜଣଙ୍କ ଭିତରେ ମୁଁ ଥିଲି ସବୁଠୁ ବଡ଼, ପୁଣି ଟିମ୍ ଲିଡ଼ର, ସାଙ୍ଗରେ ଝିଅ ମାନେ ବି ଅଛନ୍ତି ତେଣୁ ଚିନ୍ତା ହେବା ସ୍ୱାଭାବିକ । ଆଗରୁ ବି ଆମେ ସମସ୍ତେ ମିଶି କି ଯାଉ ବୁଲିବାକୁ । କିନ୍ତୁ ସବୁଥର କିଛି ସହକର୍ମଚାରୀମାନଙ୍କ ସହ ସେମାନଙ୍କ ସ୍ତ୍ରୀ ଓ ଛୁଆ ସବୁ ଥା'ନ୍ତି । ଏଥର ସ୍ତ୍ରୀମାନେ ଯିବାକୁ ମନା କଲେ (ଦଶହଜାର ପାହାଚ ଚଢ଼ି ପାରିବେନି ବୋଲି) ତେଣୁ ସ୍ୱାମୀ ମାନେ ବି ରହିଲେ ଘରେ । ଯେଉଁ ମାନେ ଯିବାକୁ ବାହାରିଲେ ସେମାନେ ସବୁ ୨୨, ୨୪, ୨୬ ବର୍ଷର ପିଲା (ମୁଁ ସେମାନଙ୍କ ଭିତରେ ସବୁଠୁ ବୁଢ଼ା) । ପୁଣି ଝିଅମାନେ ବି ଅଛନ୍ତି । ଏବେ ଯାଏଁ କୁଆଡ଼େ ? ଚିନ୍ତା ହେବ ହିଁ ହେବ । ତଥାପି ନିଜକୁ ସମ୍ଭାଳି, ନିତ୍ୟକର୍ମ ସାରି ଅଫିସ ଗଲି । ଅଫିସରେ ବି ନର୍ମାଲ ରହିଲି, ତଥାପି ମଝିରେ ମଝିରେ ମୁଣ୍ଡ ଟିକେ ଟିକେ ବୁଲେଇ ଦେଉଥାଏ, କାହାକୁ କିଛି ଜାଣିବାକୁ ଦେଉନଥିଲେ ବି କାଳେ କିଏ ଜାଣିବ ବୋଲି ସତର୍କ ରହିବାକୁ ପଡୁଥାଏ । ପାଞ୍ଚ ବାଜିବା ମାତ୍ରେ ସମସ୍ତେ ବାହାରିଲେ ଘରକୁ ଯାଇ ପ୍ୟାକିଙ୍ଗ ବ୍ୟାଗ ଧରି ବସଷ୍ଟାଣ୍ଡରେ ପହଞ୍ଚିବେ ବୋଲି । ମୁଁ ବି ବାହାରିଲି । ହେଲେ ଘରକୁ ନୁହେଁ, ଡାକ୍ତର ପାଖକୁ । ଡାକ୍ତର ଚେକ କରି କହିଲେ ରକ୍ତଚାପ ବଢ଼ିଯାଇଛି । କିନ୍ତୁ ଆଉ ଥରେ ଦି ଥର ପରୀକ୍ଷା କର, ସବୁବେଳେ ଯଦି ଏମିତି ରୁହେ ତେବେ ରେଗୁଲାର ମେଡ଼ିସିନ ଖାଇବାକୁ ପଡିବ । ନଚେତ ସମସାମୟିକ ଭାବେ ବେଳେ ବେଳେ ରକ୍ତଚାପ ଅଧିକ ହୋଇଯାଏ । କୌଣସି ଚିନ୍ତା, ପ୍ରେସର ଅଧିକ ରହିଲେ ବଢ଼ିଯାଏ, ପୁଣି କିଛି ସମୟ ପରେ କମିଯାଏ । ତେଣୁ ଦି ଦି ଦିନ ଛାଡ଼ି ପରୀକ୍ଷା କର ତା'ପରେ ଯଦି ଦରକାର ହୁଏ ମେଡ଼ିସିନ ଦେବି ।

ଏବେ କଣ କରିବି ? ମୁଣ୍ଡ ବୁଲାଉଛି, ଘଣ୍ଟେ ପରେ ଗିରନାର ଯିବି ଚଢ଼ିବାକୁ । ଆଉ ସମୟ ନାହିଁ କାହାକୁ କିଛି ଜଣେଇବାକୁ, ଯଦି କହେ ସେମାନଙ୍କ ଇଛା ବି ମରି ଯାଇପାରେ ।

 Magazine Downloaded from www.aahwaan.com

ତେବେ ? ଡାକ୍ତର ? "ଠିକ ଅଛି, ଏଇ ମେଡ଼ିସିନ ଆଜି ଖାଇଦିଅ ଏବେ । କାଲି ସକାଳୁ ଯଦି ମୁଣ୍ଡ ବୁଲେଇଲା ତେବେ ଆଉ ଗୋଟେ ନେବ । ସୋମବାର ଆସି ମୋତେ ପୁଣି ଦେଖା କରିବ" ସେଇଠି ମେଡ଼ିସିନ ଖାଇ ଘରକୁ ଆସିଲି ।

ଘରେ ପହଞ୍ଚି ବ୍ୟାଗ ଧରି ବସଷ୍ଟାଣ୍ଡ ପହଁଚିଲା ବେଳକୁ ଦି ଜଣ ମୋତେ ଖୋଜୁଛନ୍ତି, ଆଉ ବାକି ସବୁ ବସରେ ବସି ଯିବାପାଇଁ ତୟାର । ବସରେ ଯାଇ ବସିଲି । ନିର୍ଦ୍ଧାରିତ ସମୟରେ ବସ ଛାଡିଲା । ଏବେ ଶୋଇବା ବ୍ୟତୀତ ଆଉ କିଛି କାମ ନଥିଲା । ରାତିରେ ବସ କୌଣସି ହୋଟେଲରେ ରଖିଲେ ଖାଇବା ଚିନ୍ତା... ସେବେ ଯାଏଁ ଜୟ ଜଗନ୍ନାଥ....

ରାତିରେ ଖାଇ ପିଇ, ରାତି ୩:୩୦ରେ ପହଞ୍ଚିଲୁ 'ଜୁନାଗଡ଼' । ଗୁଜୁ ଭାଷାରେ 'ଜୁନା' ଅର୍ଥ ପୁରୁଣା, ଗଡ଼ ମାନେ ଗଡ଼ (ରାଜା ରାଜୁଡ଼ାଙ୍କ ଗଡ଼) । ବସ୍‌ଷ୍ଟାଣ୍ଡ ପାଖରେ ହୋଟେଲଟିଏ ବୁଝି, ନିଜର ନିତ୍ୟକର୍ମ ସାରି, ଗରମ ପାଣିରେ ଗାଧୋଇ, ପାଖରେ ଥିବା ବିସ୍କୁଟ, ମିକ୍ସଚର, କୁରକୁରେ ଖାଇ ଅତି ଦରକାରୀ ଜିନିଷ ବ୍ୟତୀତ ବାକିସବୁ ହୋଟେଲ ଲକରରେ ରଖି ବାହାରିଲୁ ଗିରନାରର ତଲେଟି (ପାହାଡ଼ର ପାଦଦେଶ) କୁ......

ଭୋର ୪.୩୫ । ଲୋକ ସବୁ ଆସ୍ତେ ଆସ୍ତେ ଆସିବାକୁ ଲାଗିଥାନ୍ତି । ବହୁତ ଲୋକ ଚଢ଼ିବା ଆରମ୍ଭ କଲେଣି । ଆହୁରି କିଛି ନିଜ ନିଜ ଜିନିଷ କିଣୁଥାନ୍ତି ଦୋକାନରୁ । ଏଠି ଚବିଶ ଘଣ୍ଟା ଗହଳି ଚହଳି । ସବୁ ସମୟରେ ଲୋକ ଚଢନ୍ତି । ଖରା, ବର୍ଷା, ଶୀତ, ଦିନ ରାତି, ସବୁ ସମୟରେ । କିନ୍ତୁ ଶୀତଦିନେ ଚଢ଼ିବା ଭଲ । ଖରାକୁ ଡର ନଥାଏ କି ବର୍ଷାରେ ଗୋଡ଼ ଖସିବାର ଭୟ ନଥାଏ । ସେଥିପାଇଁ ଶୀତଦିନେ ଅଧିକ ଲୋକ ଆସନ୍ତି । ପାଣିପାଗ ବି ଭଲ ଥାଏ । ଆମେ ସବୁ ଦୋକାନରୁ ଲାଠି (ବାଉଁଶ ବାଡ଼ି) ଖଣ୍ଡେ ଖଣ୍ଡେ ଦଶ ଟଙ୍କା ଭଡାରେ ଆଣି ଚଢ଼ିବା ଆରମ୍ଭ କଲୁ । ଦୋକାନୀ ପ୍ରତି ଲାଠି ତିରିଶ ଟଙ୍କା ହିସାବରେ

 Magazine Downloaded from www.aahwaan.com

ରଖିବ, ଲାଠି ଫେରେଇଲେ ଦଶ ଟଙ୍କା କାଟି କୋଡିଏ ଟଙ୍କା ଫେରେଇବ । ଯେତେଜଣ ଯାଇଥିଲୁ ଆଗରୁ କେହି ବି ଗିରନାର ଚଢ଼ିନଥାନ୍ତି, ତେଣୁ ମତାମତ ପଢ଼ି ଜାଣିଥିବା ଲୋକ ହେଲି ମୁଁ, ସବୁଠୁ ଜ୍ଞାନୀ ସେମାନଙ୍କ ଭିତରେ । ସମସ୍ତଙ୍କୁ ବାଧ୍ୟ କରି ଲାଠି ଗୋଟେ ଗୋଟେ ଧରେଇଲି । ଆରମ୍ଭ କଲୁ ଚଢ଼ିବା । ଭୋର ୪.୪୫ ରେ ।

ହସ, ଖୁସି ଥଟ୍ଟା, ମଜା ଭିତରେ ଉତ୍ସାହ ଅଧିକା ଥାଏ । କେହି କେହି ପାହାଚ ପରେ ପାହାଚ ଦୌଡ଼ିବା ଆରମ୍ଭ କଲେ । ଡାକ ଛାଡ଼ି ଏକାଠି କଲି ସମସ୍ତଙ୍କୁ । କହିଲି, "ଧିରେ ସୁସ୍ଥେ ଯିବା, ନିଶ୍ଚୟ ଜିତିବା" (Slow and Steady wins the race) । ଦୌଡ଼ିଲେ ଅଧିକ ବାଟ ଯାଇ ପାରିବା ନାହିଁ । କାହା ସହ ପ୍ରତିଯୋଗିତା କରୁନେ । ଆସ୍ତେ ଆସ୍ତେ ଚାଲ, ଆମକୁ ଦଶହଜାର ପାହାଚ ଚଢ଼ିବାର ଅଛି । ତେଣୁ ଆସ୍ତେ । ଅନ୍ଧାର ଅଳ୍ପ ଅଳ୍ପ ଅଛି । ଷ୍ଟ୍ରୀଟ ଲାଇଟ ଲାଗିଛି ତଥାପି କିଛି ଜାଗା ଅନ୍ଧାର, ତେଣୁ ଟର୍ଚ୍ଚ ହାତରେ ଧରି, ଦରକାର ବେଳେ ବ୍ୟବହାର କରି, ନିଜ ନିଜ ସକ୍ଷମ ଅନୁସାରେ ଚାଲ । ଦରକାର ପଡ଼ିଲେ ଆଉ ଜଣଙ୍କ ପାଇଁ ଅଳ୍ପ ସମୟ ଅପେକ୍ଷା କର । କଥାବାର୍ତ୍ତା ହେଇ ଚାଲ ଯେ କଷ୍ଟ ଜଣା ପଡିବ ନାହିଁ, ନଚେତ ମୋତେ ଦୋଷ ଦେବନାହିଁ.... ଏବେ ଚାଲ....

ପାଞ୍ଚଶହ ପାହାଚ ଅତିକ୍ରମ କଲା ବେଳକୁ, ଯେଉଁମାନେ ଅଧିକ ଶକ୍ତି ଅଛି ବୋଲି ଦେଖେଇ ହେଉଥିଲେ ସେମାନେ ଫୁସ... ନା, ଆଉ ଯାଇ ହେବନି.... ରହିବା ଟିକେ । ଠିକ ଅଛି, ମାତ୍ର ପାଞ୍ଚ ମିନିଟ, ଅଧିକ ସମୟ ରହିଲେ ପୁଣି ଚାଲି ପାରିବାନି । ଢୋକେ ପାଣି ପିଅ, ଯେତେବେଳେ ଶୋଷ ହେବ, ଢୋକେରୁ ଅଧିକ ପାଣି ପିଇବ ନାହିଁ । ଆଉ ଅଳ୍ପ ସମୟ ଯାଉ, ହଜାରେ ପାହାଚ ଚଢ଼ି ସାରିଲା ପରେ ଅଳ୍ପ ଜଳଖିଆ ଖାଇ, ଢୋକେ ପାଣି ପିଇ ପୁଣି ଚଢ଼ିବା ।

 Magazine Downloaded from www.aahwaan.com

ଆସ୍ତେ ଆସ୍ତେ, ହସ, ଖୁସି ମଜା ମଜଲିସରେ ତିରିଶ ସେକେଣ୍ଡ, ଗୋଟେ ମିନିଟ, ଦୁଇ ମିନିଟ ଜଣେ ଅନ୍ୟ ଜଣଙ୍କୁ ଅପେକ୍ଷା କରି, ବିଶ୍ରାମ ନେଇ ପହଞ୍ଚିଗଲୁ ନଅଶହ ପାହାଚ । କାହା ଦେହରେ ଆଉ ଜୀବନ ନାହିଁ । ମୁଁ ବି ଭାବିଲି ଏତିକି ବୋଧେ । ହଉ, ଦେଖାଯାଉ । ଆଲୁଚିପସ, ଗୋଟେ ତିରିଶ ଟଙ୍କିଆ ପ୍ୟାକେଟକୁ ଦଶ ଜଣ, ଢୋକେ ପାଣି, ପାଞ୍ଚ ମିନିଟର ବିଶ୍ରାମ । ପୁଣି ଚାଲ, ୯୦୧, ୯୦୨, ୯୦୩....୧୦୦୦ । ମଝିରେ ମଝିରେ ଜଣେ ଅନ୍ୟ ଜଣଙ୍କୁ ଅପେକ୍ଷା ବାହାନାରେ ତିରିଶ ସେକେଣ୍ଡ, ଗୋଟେ ମିନିଟର ବିଶ୍ରାମ..... ସେତିକି ହିଁ ଯଥେଷ୍ଟ..... ୧୦୦୧ , ୧୦୦୨ , ୧୦୦୩ ... ୧୫୦୦ .... ବାସ, ରହିବା ଏବେ ।

ଆଜିର ପିଲା ମାନଙ୍କୁ ସେଲ୍ଫି, ଫୋଟୋ କଥା କହିଲେ ଶତ ସିଂହର ବଳ ଆସିଯାଏ ସେମାନଙ୍କ ଦେହରେ । ମୋଟରୁ ଚାଲିବାକୁ ଅକ୍ଷମ, ସମାନ ପଥର ଖଣ୍ଡେ ଦେଖିଲେ କ୍ଷଣେ ବସିଯିବାପାଇଁ ବାହାନା ଖୋଜୁଥିବା ପିଲା ୧୫୦୦ ପାହାଚ ପରେ ତଳେ ଦେଖାଯାଉଥିବା ଜୁନାଗଡ଼ ସହରର ଲାଇଟ ସହ ଫୋଟୋ ଉଠେଇବା ପାଇଁ ଡେଇଁ ପଡିଲେ । ଖଚାଖଚ ଫୋଟୋ ଉଠା ଚାଲିଲା । ଭିନ୍ନ ଭିନ୍ନ ପୋଜରେ, ଭିନ୍ନ ଭିନ୍ନ ଭଙ୍ଗୀରେ । ପନ୍ଦର ମିନିଟ ଶେଷ । ଏବେ ପୁଣି ଆଉ ୮୫୦୦ ବାକି ଅଛି ଯେ.... ସମୟ ସକାଳ ୬.୧୫, ତଥାପି ଅନ୍ଧାର ଥାଏ । ଅଳ୍ପ କିଛି ଫୋଟୋ ଉଠେଇ ପୁଣି ଚାଲିଲୁ । ପଶ୍ଚିମ ପଟେ ପୂର୍ବ ଅପେକ୍ଷା ପ୍ରାୟ ଦୁଇଘଣ୍ଟା ବିଳମ୍ବରେ ସୂର୍ଯ୍ୟ ଉଦୟ ହୁଏ ଓ ଦୁଇ ଘଣ୍ଟା ବିଳମ୍ବରେ ଅସ୍ତ ଯାଏ । ସୂର୍ଯ୍ୟ ଉଦୟ ହେବାକୁ ଆଉ ଅଳ୍ପ ସମୟ । ଆକାଶରେ ସିନ୍ଦୁରା ଫାଟି ଟିକେ ଟିକେ ଫରଚା ହୋଇ ଆସିଲାଣି । କେତେ ପାହାଚ ଚଢ଼ିଲୁଣି କିଛି ହିସାବ ନାହିଁ । ମଝିରେ ମଝିରେ ଲେଖା ହୋଇଥାଏ ବୋଲି ପଢିଥିଲି କିନ୍ତୁ ସବୁ ଜାଗାରେ ନୁହେଁ, ତେଣୁ ଜାଣିବା ଅସମ୍ଭବ । ଚାଲୁ, ଦେଖାଯାଉ ଯେଉଁ ଯାଏଁ ଯାଇହେବ । ପିଲାଙ୍କୁ କହିଲି, ଉପରକୁ ଚାଲ, ସୂର୍ଯ୍ୟ ଉଦୟ

 Magazine Downloaded from www.aahwaan.com

ଦେଖିବା । ଶୀଘ୍ର ଚଢ଼ । ପିଲା ବି ଅଳ୍ପ ଉତ୍ସାହରେ ଆଗକୁ ମାଡି ଚାଲିଥାନ୍ତି । କିନ୍ତୁ କାହିଁ ? ସୂର୍ଯ୍ୟ ତ ଦିଶୁ ନାହାନ୍ତି । ଯେତେ ଉପରକୁ ଗଲେ ବି ଦେଖାଯାଉ ନଥାନ୍ତି । ପାହାଡ଼ର ପଶ୍ଚିମ ପଟେ ଥାଇ ସୂର୍ଯ୍ୟ ଦେଖିବାକୁ ମନ କଲେ କେମିତି ହେବ ? ସୂର୍ଯ୍ୟ, ମଝିରେ ପାହାଡ଼, ପଛରେ ଆମେ । ହତାଶ ହେବାକୁ ପଡିଲା । ତେବେ ଟିମ ଲିଡର ହିସାବରେ ଖରାପରୁ ବି ଭଲ ବାଛି ଟିମକୁ ଆଗକୁ ନେବା ମୋ କାମ ବୋଲି ଜାଣିଛି । ତେଣୁ ମଝିରେ କହି ଉଠିଲି, "ସୂର୍ଯ୍ୟ ନ ଦେଖିଲେ ନାହିଁ, ସେ ହାଙ୍ଗାରେ ଆମେ କିଛି ନହେଲେ ବି ହଜାରେ ଉପରେ ପାହାଚ ଅତିକ୍ରମ କରିଗଲେ ।" ମନକୁ ନ ପାଇଲେ ବି ବେଳେବେଳେ ନିଜକୁ ବୁଝେଇବାକୁ ପଡେ । ସେମାନେ ବି ମୁଣ୍ଡ ଟୁଙ୍ଗାରି ନିଜ ନିଜ ସମ୍ମତି ପ୍ରଦାନ କଲେ । ପୁଣି ଚାଲିଲୁ । ଚାଲିଲା ବେଳେ ଗରମ ଲାଗିବା ଯୋଗୁଁ, ଜଣେ ପରେ ଜଣେ ସ୍ୱିଟର, ଜ୍ୟାକେଟ ଖୋଲି ଅଣ୍ଟାରେ ବାନ୍ଧିବା ଆରମ୍ଭ କଲେ । ଅଳ୍ପ ଥଣ୍ଡା, ଅଳ୍ପ ଗରମରେ ଚାଲିଲୁ ଆଗକୁ ଆଗକୁ ।



ଛବି : ୧୫୦୦  ପାହାଚରୁ ତଳେଟି ଓ ଜୁନାଗଡ଼ର ଦୃଶ୍ୟ

ସମୟ ପ୍ରାୟ ଆଠଟା । ସୂର୍ଯ୍ୟ ଅଳ୍ପ ଅଳ୍ପ ଦେଖାଗଲେ । ୩୫୦୦ ପାହାଚ ଅତିକ୍ରମ କରି ସାରିଲୁଣି ବୋଲି କାନ୍ଥରେ ଲେଖା ଯାଇଥିବା ଦେଖିବାକୁ ମିଳିଲା । ବହୁତ ଲୋକ ଆମକୁ ଅତିକ୍ରମ କରି ଆଗକୁ ଚାଲି ଯାଉଥାନ୍ତି । ପୁଣି ସେମାନେ ଟିକେ ବିଶ୍ରାମ ନେଲାବେଳେ ଆମେ ଆଗରେ । ଏମିତି ଆଗ ପଛର ଖେଳ ଭିତରେ କିଏ କିଏ ବହୁତ ଆଗକୁ ଚାଲିଯାଉଥାନ୍ତି ତ କିଏ କିଏ ପଛରେ ପଛରେ ରହି ଯାଉଥାନ୍ତି । ବର୍ଷେ ଦୁଇବର୍ଷ ପିଲାଙ୍କଠାରୁ ଆରମ୍ଭକରି ସତୁରି, ପଞ୍ଚସ୍ତରୀ ବର୍ଷର ବୁଢାବୁଢ଼ୀମାନେ ବି ଚାଲୁଥାନ୍ତି । କିଏ ବାପା କି କାକାର କାନ୍ଧରେ ବସି ତ କିଏ ଭାରୁଆ (ଛୋଟ ପିଲା ଓ ଜିନିଷ ପତ୍ର ବୋହିନେବା ପାଇଁ ଭାରୁଆ ମିଳନ୍ତି ଏଠି)

 Magazine Downloaded from www.aahwaan.com

ର କାନ୍ଧରେ । କେହି କେହି ବୁଢାବୁଢ଼ୀ ଦୋଳାରେ ବସି ଯାଉଥାନ୍ତି । (ଯେଉଁ ମାନେ ଚାଲି ନ ପାରିବେ, ସେମାନଙ୍କ ପାଇଁ ଦୋଳାର ବ୍ୟବସ୍ଥା ଅଛି । ଜଣେ ମଣିଷର ଓଜନକୁ ନେଇ ଭଡା ଫାଇନାଲ ହୁଏ । ଦୁଇଜଣ ଲୋକ ସେ ଲୋକଟିକୁ ଦୋଳାରେ ବସେଇ ବୋହି ନେଇ ଯାଆନ୍ତି, ପୁଣି ତଳକୁ ଆଣନ୍ତି । ଲୋକର ଓଜନ ଅନୁସାରେ ୧୨୦୦୦ରୁ ୨୫୦୦୦ ଯାଏଁ ଦର ଛିଣ୍ଡେ । ତଳୁ ଉପର ଯାଏଁ, ପୁଣି ଉପରୁ ତଳ ଯାଏଁ ସେମାନେ ଗୋଟେ ଭଡା ନିଅନ୍ତି) । ସମସ୍ତଙ୍କୁ ଦେଖି ଦେଖି, ନିଜ ବାଟରେ ନିଜେ ଚାଲିଥାଉ । ଅଣଓସାରିଆ ପାହାଚ ଗୁଡିକରେ ଲୋକଙ୍କୁ ପଛକୁ ଛାଡ଼ିଦେଇ ଆଗକୁ ଯିବାକୁ ଜାଗା କମ ପଡୁଥାଏ । କେହି କେହି ପଛେଇ ଗଲେ କିମ୍ବା ଆସ୍ତେ ଆସ୍ତେ ଚାଲିଲେ, ନିଜ ବେଗ ବି କମ କରିବାକୁ ପଡୁଥାଏ । ତେଣୁ ଅତି ଗହଳିରେ ବିଶ୍ରାମ ନେଇ ଲୋକ ଖାଲି ଥିଲାବେଳେ ଚାଲିବାକୁ କହିଲି ପିଲାଙ୍କୁ । ନଚେତ କାହା ପଛେ ପଛେ ଗଲେ ସେ ଯଦି ପଛେଇ ଗଲା, ନିଜର ବଳ ଖର୍ଚ୍ଚ ହେବ ସିନା ଆଗକୁ ଯାଇ ହେବନାହିଁ । ତଥାପି ୧୫୦୦ରୁ ୩୫୦୦ ପର୍ଯ୍ୟନ୍ତ ପାହାଚ ଟିକେ ଅଧିକ ଉଚ୍ଚ ଥିଲା । ଉପରକୁ ଉଠିବା ବେଳେ ଗୋଡ କାଟୁଥାଏ । ତେଣୁ ଅଳ୍ପ ବାଟ ଯାଇ ଟିକେ ବିଶ୍ରାମ ନେଇ ପୁଣି ଉପରକୁ ଉଠୁଥାଉ ।

ଛବି : ଦୋଳା , ଭାରୁଆ





ଛବି : ୩୫୦୦ ପାହାଚରୁ ତଳେଟି ଓ ଜୁନାଗଡ଼ର ଦୃଶ୍ୟ

 Magazine Downloaded from www.aahwaan.com

୪୫୦୦ ପାହାଚରେ ଜୈନ ମନ୍ଦିର, ଆଉ ମାତ୍ର ୧୦୦୦ ପାହାଚ, ଆମେ ୩୫୦୦ ଅତିକ୍ରମ କରି ସାରିଲେଣି, କଣ ପହଞ୍ଚି ପାରିବା ନି ? ?..... ଟିକେ ଅଧିକ ଉତ୍ସାହର ସହ କହିଲି । ସମସ୍ତେ ମୋତେ ଏମିତି ଦେଖିଲେ ଯେମିତି ଅଫିସରେ ବସି ମୁଁ ଫେସବୁକରେ ଗପ ପଢୁଛି ଆଉ ସେମାନଙ୍କୁ ଆଠ ଘଣ୍ଟାର କାମ ମାତ୍ର ଦୁଇ ଘଣ୍ଟାରେ ସାରିବାକୁ କହୁଛି । ଓଃ... ମୁହଁ ବୁଲେଇ ଆଗକୁ ଯିବାରେ ମନ ଦେଲି....

ପିଲାଙ୍କ ମନସ୍ତତ୍ୱ ବୁଝିବାକୁ ବାକି ନଥିଲା । ୩୭୦୦ ପାଖାପାଖି ପାହାଚ ଅତିକ୍ରମ କରି ସାରିଲୁଣି । ହଠାତ ଦେଖିଲି ଦୋକାନୀ ଭାଇଟିଏ ଦୋକାନ ଖୋଲି ଚା ତିଆରି କରିବାକୁ ବାସନ ଧୋଉଛି । ଦୋକାନ ଆଗରେ ଗୋଟେ ଖାଲି ଜାଗା ସହ ବସିବା ପାଇଁ ପିଣ୍ଡିଟିଏ କରାଯାଇଛି । ଦୋକାନୀ ଭାଇକୁ ପଚାରିଲି, "କଣ ଚା' ତିଆରି କରିବ ? କେତେ ଟଙ୍କା ?"

- ହଁ, ତିଆରି କରିବି । ହାଫକୁ ଦଶ ଟଙ୍କା ।

- ହଉ ତେବେ, ତିଆରି କର, ଆମେ ବସିଛୁ ଏଠି ।

ସମସ୍ତଙ୍କୁ ଏଇଠି ରହି ଚା ପିଇବା ବୋଲି ଯେମିତି କହିଛି, ପିଣ୍ଡି ଉପରେ ଅଧା ଶୁଆ ଭାବେ ଗଡ଼ିଗଲେ ସମସ୍ତେ । ମଣିଷକୁ ବାଧା ଲାଗିଲା ବେଳେ ତୁଚ୍ଛା ମାଟି ପିଣ୍ଡି ବି ତୁଳିତଳ୍ପ ଶେଜଠାରୁ ମୂଲ୍ୟବାନ ଲାଗେ । କି ଝିଅ, କି ପୁଅ, କିଛି ବାଛବିଚାର ନାହିଁ । ଅଛି ତ କେବଳ ଅବଶ ଦେହଟିକୁ ମାତ୍ର ପାଞ୍ଚ ମିନିଟ ପାଇଁ ଗଡେଇ ଦେବାର ଇଚ୍ଛା । ପୁଣି ବାଜିବ ଟିମ ଲିଡରର ହଣ୍ଟର, "ଭାଗୋ, ଲାଇଫ ଇଜ ଏ ରେସ"... ପ୍ରାୟ ଦଶ ମିନିଟପରେ ଦୋକାନୀ ଭାଇ ମନଜାଣି ସମସ୍ତଙ୍କ ପାଇଁ ହାଫ କଡ଼ା ଚା' ଆଣି ଆସିଲା । ସମସ୍ତେ ନିଜ ନିଜ "ସୁପର ପାୱାର ନାପ"ରୁ ଉଠି, ଢୋକେ ଲେଖାଏଁ ପାଣି ପିଇ, ଚା'କୁ ଏମିତି ପିଇଗଲେ ଯେମିତି

 Magazine Downloaded from www.aahwaan.com

ବୋଧହୁଏ ପ୍ରାୟ ମାସେ ହେଲା ଚା' ପିଇ ନାହାନ୍ତି ।

(ମୁଁ ଏତେ କଥା କହୁଛି କାରଣ ଦୋକାନୀ ହିସାବ କରି ନ ପାରି ମାତ୍ର ନଅଟି ଚା' ଆଣିଥିଲା ଆଉ ମୁଁ ଚା' ପିଆରୁ ବଞ୍ଚିତ ଥିଲି, ସେ ପୁନର୍ବାର ଦୋକାନକୁ ଫେରି ଚା' ଛାଣି ନ ଆଣିବା ଯାଏଁ ) । ଚା ଦୋକାନୀ ଆଉ ଥରେ ଚା' ଆଣିବାକୁ ଗଲା, ଆଉ ଗୋଟେ.. ଆଉ ଗୋଟେ.. ଆଉ ଗୋଟେ ହୋଇ, ପୁଣି ତାକୁ ଚା' ଆଣିବାକୁ ପଡିଲା ସମସ୍ତଙ୍କ ପାଇଁ ଏଥର କିନ୍ତୁ ଏଗାରଟି (ମୁଁ ବି ଦିଟା ଚା' ପିଇବି ନା...) ।


ଦଶ ଜାଗାରେ କୋଡିଏ ମିନିଟ ଯାଇ ସାରିଥିଲା । ଉଠିଲୁ ଏବେ ପୁଣି ଚଢ଼ିବା ପାଇଁ । କିନ୍ତୁ ଏଥର ସମସ୍ତେ ଫୁସ । ଚାଲିବାକୁ ବଳ ପାଉନି, ଗୋଡ କାଟିବା ଆରମ୍ଭ ସମସ୍ତଙ୍କର । ମୁଁ ବି ଟିକେ ଜୋର ପାଟିରେ ଚିଲ୍ଲେଇ ଦେଲି, "ମନା କରିଛି ନା ନାହିଁ? ଅଧିକ ସମୟ ବିଶ୍ରାମ ନେଲେ ଚାଲି ହେବନି ବୋଲି । ଏବେ ଭୋଗ ସମସ୍ତେ । କହିଥିଲି ଶୋଇବା ମନା । ପିଣ୍ଡି ଉପରେ ଗଡ଼ିଗଲ ସମସ୍ତେ । ଏବେ ବୁଝିଲ ? ?" ସମସ୍ତଙ୍କ ମନ ନିରାଶାରେ ଘାଣ୍ଟି ହେଉଥିଲା । ବୁଝି ପାରୁଥିଲେ ସମସ୍ତେ ଭୁଲ କେଉଁଠି ରହିଲା । ବେଳେବେଳେ ପିଲାମାନଙ୍କୁ ଭୁଲ କରିବାକୁ ଛାଡ଼ିଦେବା କଥା । ନିଜେ ବୁଝିଲେ ହିଁ ଆଉ ସେମିତି ଭୁଲ କରିବେନି । ନିଜେ ନିଜେ ଠିକିଲେ ଶିଖିବେ, ଯେବେଯାଏଁ ଭୁଲ କରି ନାହାନ୍ତି, ସେମାନେ ଜାଣି ପାରିବେନି ଭୁଲ କଣ, ଠିକ କଣ । ଯେବେ ଜାଣିବେ ତା ପରେ ନିଜେ ହିଁ ସୁଧୁରୀ ଯିବେ ।

ଏ ଭିତରେ ମୁଁ ନଶୋଇ ଏପଟ ସେପଟ ହେଉଥିଲି । ଏବେ ମୋ ପାଳି । (ପୂର୍ବର ଚାହାଣି ଭୁଲି ଯାଇଛି ନା କଣ ?) ଏଥର ଆଦେଶ ଦେବା ଭଙ୍ଗୀରେ କହିଲି, "ଗୋଡ ଦି ଥର ଭଲରେ ଛାଟି, ଦଶ ପନ୍ଦର ପାହାଚ ଟିକେ ଜୋର ଜୋର ଚାଲ । ଟିକେ ଭଲ ଲାଗିବ ।" କଥା ମାନି ସମସ୍ତେ ଗୋଡ଼ ଛାଟି ଜୋର ଜୋର ଚାଲିବା ଆରମ୍ଭ କଲେ । ଏଥର କିନ୍ତୁ

 Magazine Downloaded from www.aahwaan.com

ଶିକ୍ଷାଟି ଭଲ କାମ ଦେଇଥିଲା । ଆଠଶହ ପାହାଚ ମାତ୍ର ଅଧଘଣ୍ଟା ଭିତରେ ଅତିକ୍ରମ କରି ସାରିଥିଲୁ ।

ଜୈନ ମନ୍ଦିର, ଜୈନ ଧର୍ମାବଲମ୍ବୀ ମାନଙ୍କ ପାଇଁ ଏ ସ୍ଥାନଟି ଏକ ପବିତ୍ର ସ୍ଥଳ । ଦେଶର ପ୍ରାଚୀନ ଜୈନ ମନ୍ଦିର ମାନଙ୍କ ଭିତରେ ଅନ୍ୟତମ । ଏଠି ଶ୍ୱେତାମ୍ବର ଓ ଦିଗାମ୍ବର ଜୈନ ମନ୍ଦିର ସହ ଅନେକ ଗୁଡିଏ ମନ୍ଦିର ଓ ମୂର୍ତ୍ତି ସବୁ ଅଛି । ଧାଡି କି ଧାଡି ପ୍ରାୟ ୧୦୦ ଉପରେ ମୂର୍ତି, ଆଳତି ଚାଲିଥାଏ । ଜୈନ ଧର୍ମାବଲମ୍ବୀମାନେ ପ୍ରାୟତଃ ଧଳା କିମ୍ବା ନାଲି ଲୁଗା ପିନ୍ଧିଥାନ୍ତି, ମୁହଁରେ ଧଳା କଣ ବାନ୍ଧିଥାନ୍ତି । ମନ୍ଦିର ଭିତରକୁ ଯାଇ ଦର୍ଶନ କଲୁ । ଜୈନ ମନ୍ଦିର ପାଖରେ ଶୌଚାଳୟ (ପୁରା ପାହାଡ଼ ଉପରେ ଏହି ଗୋଟିଏ ଜାଗାରେ ଶୌଚାଳୟ ଅଛି) ସହ ଗାଧୋଇବା ପାଇଁ ଗରମ ପାଣିର ସୁବିଧା ବି ଅଛି । ତା ସହ କେବଳ ଜୈନ ମାନେ ରହିବା ପାଇଁ ଧର୍ମଶାଳାଟିଏ ବି ଅଛି । ବାଡ଼ି, ବ୍ୟାଗ ଓ ଜୋତା ମନ୍ଦିର ବାହାରେ ସୁରକ୍ଷାକର୍ମୀ ପାଖରେ ରଖି ମନ୍ଦିର ବୁଲିବା ପାଇଁ ଗଲୁ । ଦର୍ଶନ ପରେ ପୁଣି ବାହାରକୁ ଆସି ନିଜ ନିଜ ଜିନିଷ ପତ୍ର ଧରି ଚାଲିବା ଆରମ୍ଭ କଲୁ ।



ଛବି : (ଜୈନ ମନ୍ଦିର )(ଜୈନ ମନ୍ଦିର  ) (ଜୈନଗୁରୁ ନେମିନାଥ  )

ଜୈନ ମନ୍ଦିର ପରେ ପରେ ଗୌମୁଖୀ ଗଙ୍ଗା ମନ୍ଦିର ଓ କୁଣ୍ଡ । ହିନ୍ଦୁମାନଙ୍କର ଏକ

 Magazine Downloaded from www.aahwaan.com

ମନ୍ଦିର, ଭିତରେ କୁଣ୍ଡ ଭିତରେ ଗୋମୁଖରୁ ଝରୁଥିବା ଜଳ କୁଣ୍ଡରେ ପଡୁଥିଲା । ପାହାଡ଼ ଉପରେ ଥିବା ଦୁଇଟି କୁଣ୍ଡ (ଗୌମୁଖୀ ଗଙ୍ଗା ଓ କମଣ୍ଡଳ କୁଣ୍ଡ )ମଧ୍ୟରୁ ଏହା ଅନ୍ୟତମ କୁଣ୍ଡ ।


Ganga Flow From Gokukham At Gomukhi Ganga On Girnar Hills

ଛବି : ଗୋମୁଖୀ ଗଙ୍ଗା

ଏଥର ଅଳ୍ପ ଆଗକୁ ଯାଇ, ଦୁଇଟି ଚିପ୍ସ ପ୍ୟାକେଟ ଉଦରସ୍ଥ କରି ଅଳ୍ପ ପାଣି ପିଇ ଅଳ୍ପ କିଛି ଫୋଟୋ ଉଠେଇ ପୁଣି ଆରମ୍ଭ କଲୁ ଚଢ଼ିବା । ୫୦୦ ପାହାଚ ପରେ ଅମ୍ବାଜୀ ମନ୍ଦିର । ହିନ୍ଦୁ ମାନଙ୍କର ମନ୍ଦିର । ବିଶେଷ କରି ଜୈନ, ହିନ୍ଦୁ ଓ ନବବିବାହିତ ମାନେ ଏହି ମନ୍ଦିରକୁ ଅଧିକ ସଂଖ୍ୟାରେ ଆସନ୍ତି ମା'ଙ୍କ ଆଶୀର୍ବାଦ ପାଇଁ । ମନ୍ଦିରଟି ପ୍ରାୟ ୧୨୦୦ ଶତାବ୍ଦୀରେ ତିଆରି ହୋଇଥିଲା । ଅଧିକ ସଂଖ୍ୟାରେ ଲୋକ ଏହି ଯାଏଁ ଆସି ପୁଣି ଫେରି ଯାଆନ୍ତି ତଳକୁ । ଆଗକୁ ଯିବାକୁ ମନ କରନ୍ତି ନାହିଁ । ମନ୍ଦିର ଦର୍ଶନ, ଭୋଗ ସାରି ଆମେ ପୁଣି ଆଗକୁ ଚାଲିବା ଆରମ୍ଭ କଲୁ । ତଳୁ ଏବେ ଯାଏଁ ଦେଖି ଆସୁଥିବା ଦୋକାନ ଗୁଡିକ ଏହିଠାରେ ଶେଷ । ଆଗକୁ କୌଣସି ଦୋକାନ ନାହିଁ । ତେଣୁ ଆଗକୁ ଯିବାକୁ ହେଲେ ଏହିଠାରୁ ପାଣି ଓ ଶୁଖିଲା ଖାଦ୍ୟ ନେଇ ଆଗକୁ ଯିବାକୁ ହୁଏ । ଆମ ପାଖରେ ଖାଦ୍ୟ ଓ ପାଣି ଆଗରୁ ଥିଲା । ତଥାପି ଦୋକାନ ଗୁଡିକୁ ଦେଖି ଆଶ୍ଚର୍ଯ୍ୟ ଲାଗିଲା । ପାଞ୍ଚହଜାର ପାହାଚ ଉପରେ ବି ବଡାପାଓଁ, ଦାବେଲି, ଗାଣ୍ଠିଆ, ପାମ୍ପଡ଼, ସହ ଆଳୁଚପ, ପକୁଡି ଆଦି ମିଳୁଥିଲା । ତଳୁ ଗ୍ୟାସଟାଙ୍କି ସହ ସବୁ ଆସବାବପତ୍ର ବୋହି ଆଣି ତେଲ କଡେଇ ବସେଇ ସେମାନେ ଗରମ ଗରମ ଜିନିଷ ଛାଣି ଲୋକଙ୍କୁ ପରଷୁଥିଲେ । ଦାମ, ଶହେ ଗ୍ରାମ ପ୍ରତି ପ୍ରତି ମାତ୍ର ଦଶ ଟଙ୍କା ଅଧିକ । ପାଣି ବୋତଲ ତ ପାଞ୍ଚଶହ ପାହାଚ ପରେ ବି ଚାଳିଶ ଟଙ୍କା, ପାଞ୍ଚ ହଜାର ପାହାଚ ପରେ ବି

 Magazine Downloaded from www.aahwaan.com

ଚାଳିଶ ଟଙ୍କା । ଫ୍ରିଜ ସହ ଇଲେକ୍ଟ୍ରିର ସବୁ ସୁବିଧା । କିନ୍ତୁ ସବୁ ଜିନିଷ ସେମାନଙ୍କୁ ତଳୁ ବୋହି ବୋହି ଆଣିବାକୁ ପଡୁଥିବାରୁ ବଡ ବଡ ଅକ୍ଷରରେ ଲେଖାଥିଲା 'ଦୟାକରି ଖାଇ ସାରିବା ପରେ ପିଇବାକୁ ପାଣି ମାଗନ୍ତୁ ନାହିଁ ।' ଭିନ୍ନ ଭିନ୍ନ ପ୍ରକାରର ଦୋକାନ ପୁରା ପାହାଡ଼ ସାରା ଦେଖିବାକୁ ମିଳିଥିଲା । ଏଠି କିନ୍ତୁ ଖାଇବା ସହ ଭୋଗ, ଫଳ ଦୋକାନ, ସାଲଡ଼ ଦୋକାନ ଓ ଅନ୍ୟ ଦୋକାନ ସବୁ ଦେଖିବାକୁ ମିଳିଲା । ତେବେ ଆମେ ପୁଣି ଆଗକୁ ଚାଲିଲୁ...





ଛବି : ଅମ୍ବା ମାତା, ମନ୍ଦିରର ମୁଖ୍ୟ ଦ୍ୱାର, ମନ୍ଦିର ସମ୍ମୁଖ ଭାଗ

ଗୋଟିଏ ପାହାଡ଼ ଛାଡି ଅନ୍ୟ ପାହାଡ଼କୁ ଯିବୁ । ମଝିରେ କିଛି ପାହାଚ ଚଢି ପୁଣି ଓହ୍ଲେଇସାରି ପୋଲ ଉପରେ ଚାଲିଲୁ । ସମତଳ ପୋଲ । ଦୁଇ ପାହାଡର ଅଗ୍ର ଭାଗକୁ ମିଶେଇ ପୋଲଟି ତିଆରି ହୋଇଛି । ଦୁଇ ପାହାଡ଼ ମଝିରେ ଅନ୍ୟ କୌଣସି ପ୍ରତିବନ୍ଧକ ନଥିବାରୁ ପବନ ବହୁତ ଜୋର ହେଉଥାଏ । ଏବେ ଯାଏଁ ଚାଲି ଚାଲି ଗରମ ଥିବା ଦେହ ବି ଶୀତରେ କୋଲ ମାରି ଯାଉଥାଏ । ତାପମାତ୍ରା ହଠାତ ୧୫ଡିଗ୍ରୀରୁ କମ ହୋଇ ପାଞ୍ଚ ଡିଗ୍ରୀକୁ ଚାଲି ଆସିବା ପରି ଲାଗୁଥାଏ । ଚାଲିବା ପାଇଁ ଥିବା ପୋଲ ଦୁଇପଟେ ଶକ୍ତ ସିମେଣ୍ଟ ବାଡ଼ । କିନ୍ତୁ ପବନ ଅଧିକ ଯୋଗୁଁ ଉଡେଇ ନେବା ଭଳି ଲାଗୁଥାଏ । ପଡିବାର କୌଣସି ଭୟ ନାହିଁ ।

 Magazine Downloaded from www.aahwaan.com

ଶୀତ ଯୋଗୁଁ ଦେହ ହାତ ଥରି ଯାଉଥିଲେ ବି ବ୍ୟାଗ ଭିତରୁ ସ୍ୱେଟର କିମ୍ବା ଜ୍ୟାକେଟ କାଢ଼ିବା ସମ୍ଭବ ନଥିବାରୁ ଶୀଘ୍ର ଶୀଘ୍ର ପାଦ ପକେଇ ଅନ୍ୟ ପାହାଡ଼କୁ ଯିବାକୁ ଚେଷ୍ଟା କଲୁ ।




ଛବି : ଦୁଇ ପାହାଡ ମଝିରେ ଥିବା ପୋଲ ଏବଂ ପୋଲ ଉପରୁ ଗୋରଖନାଥ ମନ୍ଦିର

ଅନ୍ୟ ପାହାଡ଼ରେ ପହଞ୍ଚୁ ପହଞ୍ଚୁ ଏକ ମନ୍ଦିର ଶିବ ମନ୍ଦିର 'ଗୋରଖନାଥ ଶିବ ମନ୍ଦିର' ଦେଖିବାକୁ ମିଳିଲା । ଅଖଣ୍ଡ ଧୁନି ଜଳୁଛି ସେ ମନ୍ଦିର ଭିତରେ । ମନ୍ଦିରରେ ଥରେ ମୁଣ୍ଡିଆଟିଏ ଲେଖାଏଁ ମାରି ଚାଲିଲୁ ଆଗକୁ । ୬୫୦୦ ପାହାଚ ଅତିକ୍ରମ କରି ସାରିଥିଲୁ ଯା ଭିତରେ । ଏଥର ସମୟ ଥିଲା ସମସ୍ତେ ଆଶ୍ଚର୍ଯ୍ୟ ହେବାର । ମୁଁ ତ ଆଗରୁ ଜାଣିଥିଲି (ମତାମତ ପଢ଼ି ଓ ଫଟୋ ଦେଖି), ହେଲେ ବାକି ସମସ୍ତେ ଆଶ୍ଚର୍ଯ୍ୟ ଯେତିକି ହେଲେ ତାଠୁ ଅଧିକ ଖୁସି ହେଲେ । କାରଣ ଏବେ ଥିଲା ଓହ୍ଲେଇବା ପାଳି । ପଛକୁ ଯିବା ନୁହେଁ, ଆଗକୁ ଯିବାକୁ ହେଲେ ୨୫୦୦ ପାହାଚ ଓହ୍ଲେଇବାକୁ ପଡିବ ପାହାଡ଼ ଉପରୁ ଓ ପୁଣି ଚଢ଼ିବାକୁ ପଡିବ ଅନ୍ୟ ଏକ ପାହାଡ଼ । ପାହାଡ଼ ତଳେ ଅଛି କମଣ୍ଡଳୁ କୁଣ୍ଡ, ଅଖଣ୍ଡ ଧୁନି, ଉପରେ ଅଛି ପ୍ରଭୁ ଦତ୍ତାତ୍ରେୟଙ୍କ ପାଦୁକା । ମଝିରେ ମଝିରେ ମୋବାଇଲର ନେଟୱାର୍କ ଆସୁଥାଏ, ଯାଉଥାଏ । ଘରକୁ ଥରେ ଦି'ଥର କିଏ କିଏ ଫୋନ କରିଥିଲେ, ତିରିଶ ସେକେଣ୍ଡ, ପୁଣି

 Magazine Downloaded from www.aahwaan.com

ନେଟୱାର୍କ ଗଲା... ଏମିତି ଚାଲିଥାଏ ...



ଛବି : ଗୋରଖନାଥ ଶିବ ମନ୍ଦିର, ଅଖଣ୍ଡ ଧୁନି, ପଛରେ ଗୁରୁ ଦତ୍ତାତ୍ରେୟ ମନ୍ଦିର, ବର୍ଷାଦିନେ ଗୁରୁ ଶିଖର ପାହାଡର ଦୃଶ୍ୟ

ସୁବିଧା ସୁବିଧାରେ ଓହ୍ଲେଇଗଲୁ ୨୫୦୦ ପାହାଚ । ଚାଲି ଚାଲି ଆସିବା ପରି ଲାଗିଲା । ମଝିରେ କେବଳ ଖରା ଟିକିଏ ଖାଇବା ପାଇଁ ଏକ ପଥର ଉପରେ ବସି ପୁଣି କିଛି ଚିପ୍ସ ଖାଇ ପାଣି ପିଇ ପୁଣି ବାହାରିଲୁ । କମଣ୍ଡଳୁ କୁଣ୍ଡରେ ପହଁଚିବା ବେଳକୁ ୧୦.୩୦ ହୋଇ ଯାଇଥିଲା । ମନ୍ଦିର ଦର୍ଶନ କରି, ପ୍ରସାଦ ପାଇ ଆସିଲୁ ଉପରକୁ । ଏବେ ପୁଣି ଚଢ଼ିବାକୁ ପଡିବ ଆଉ ୧୦୦୦ ପାହାଚ । ଶେଷ ୧୦୦୦ କିନ୍ତୁ ଭାରି ଉଚ୍ଚ । ଫଟୋ ଉଠେଇଲୁ ପାହାଡ଼ରେ ପ୍ରାକୃତିକ ଭାବେ ଲଖିଥିବା ହାତୀମୁଣ୍ଡ ଆକୃତିର ପଥରର । ପୁଣି ଚଢ଼ିବା ଆରମ୍ଭ । ପାହାଚ ପାଖରେ ଲୋକଟିଏ ଭୋଗ ଭାବେ ଶୁଖିଲା ନଡ଼ିଆ ଓ ଧୂପକାଠି ବିକ୍ରି କରୁଥିଲା । ମାତ୍ର ୨୫ ଟଙ୍କା । ସେଠୁ ଭୋଗ କିଣି, ଚାଲିଲୁ ଉପରକୁ । ଉପରେ ପହଞ୍ଚିବାକୁ ଲାଗିଗଲା ଘଣ୍ଟେ ପନ୍ଦର ମିନିଟ । ୧୧.୪୫ରେ ଶେଷ କଲୁ ୧୦୦୦୦ ପାହାଚ । ମନ୍ଦିରକୁ ଯାଇ ଦତ୍ତାତ୍ରେୟଙ୍କ ପାଦୁକା ଦର୍ଶନ କରି ଫେରିଲୁ । ୧୨ ବାଇ ୧୨ର ଛୋଟ ମନ୍ଦିରଟିଏ । ମନ୍ଦିରଟି ପାହାଡ଼ର ଶିଖରରେ ନିର୍ମିତ । କୁହାଯାଏ ଅନନ୍ତ କାଳରୁ ଆଜି ଯାଏଁ ବଞ୍ଚିଥିବା ଦେବତା ମାନଙ୍କ ଭିତରୁ ଦତ୍ତାତ୍ରେୟ ଜଣେ । ସେ ରୁହନ୍ତି ଏହି ମନ୍ଦିରରେ । ଏହି

 Magazine Downloaded from www.aahwaan.com

ପାହାଡ଼ରେ ଚଲାବୁଲା କରନ୍ତି । ପାହାଡ଼ ଉପରେ ପବନର ବେଗ ଅଧିକ ଥିଲା । ତାପମାତ୍ରା ୪ରୁ ୫ ଡିଗ୍ରୀ ଭିତରେ । ଶୀତ ପ୍ରବଳ ହେଉଥାଏ । ଚଢ଼ି ସାରିଲା ପରେ ଖୁସି ସମସ୍ତେ ପ୍ରସ୍ତେ ପ୍ରସ୍ତେ ସମସ୍ତେ ସମସ୍ତଙ୍କ ମୁହଁକୁ ଚାହିଁଲୁ । ସ୍ୱେଟର, ଜ୍ୟାକେଟ, ଟୋପି ପିନ୍ଧି ଆମେ ଶୀତରେ ଥରୁଥିବା ବେଳେ ଭିତରେ ବସିଥିବା ବାବା, କେବଳ ନାଲି ରଙ୍ଗର ଖଣ୍ଡେ ମଠା ପିନ୍ଧିବା ସହ ଆଉ ଖଣ୍ଡେ ଘୋଡ଼ି ହୋଇ ବସିଥିଲେ । ମନ୍ଦିରରୁ ଆସି ପାହାଡ଼ ଉପରୁ ଦେଖିଲୁ ପ୍ରକୃତିର ଶୋଭା, ଗିର ଜଙ୍ଗଲ, ଅନ୍ୟ ସବୁ ପାହାଡ଼ ଓ ପ୍ରାକୃତିକ ଦୃଶ୍ୟ । କିଛି ଫୋଟୋ ସ୍ମୃତି ପାଇଁ ଓ କିଛି ଅନ୍ୟ ମାନଙ୍କୁ ପ୍ରମାଣ ଦେଖେଇବା ପାଇଁ ଉଠେଇ ଫେରିବାକୁ ଉଦ୍ୟତ ହେଲୁ । ଏତେ ବାଟ ଚଢି ପାରିବୁ ବୋଲି ନିଜ ଉପରେ ବିଶ୍ୱାସ ନଥିଲା । ସମସ୍ତଙ୍କ ମୁହଁରେ ହସ ଫୁଟି ଉଠୁଥାଏ । "ହଁ, ଆମେ କରିପାରିଲୁ" କହି ଉଠିଲେ କେହି କେହି .... ନିଜ ନିଜ ଘରକୁ ଫୋନ ଲଗେଇ ଆନନ୍ଦରେ କହିବା ପାଇଁ ଗଲାବେଳେ ନେଟୱାର୍କ ନାହିଁ... ମୁହଁ ଶୁଖେଇ ତଳେ ପହଞ୍ଚିଲେ ସମସ୍ତଙ୍କୁ ଜଣେଇବେ ବୋଲି କହି ପୁଣି ଗୋଡ ଟଣାଟଣିରେ ଲାଗି ଗଲେ ସମସ୍ତେ....





ଛବି : ଶ୍ରୀ ଗୁରୁ ଦତ୍ତ ଦ୍ୱାର, ଅଖଣ୍ଡ ଧୁନିରୁ ବାହାରୁଥିବା ବିଭୁତି

 Magazine Downloaded from www.aahwaan.com






ଛବି : ଗୁରୁ ଦତ୍ତାତ୍ରେୟଙ୍କ ପାଦୁକା, ଗୁରୁ ଦତ୍ତାତ୍ରେୟ, ପାହାଡ ଉପରୁ କମଣ୍ଡଳ କୁଣ୍ଡ ମନ୍ଦିର

ବଡି ଭୋର ୪:୪୫ରୁ ଆରମ୍ଭ କରିଥିଲୁ ଚଢ଼ିବା, ସରିଲା ୧୧.୪୫ରେ । ବିଗତ ଚାରି ବର୍ଷରେ ଏକକାଳୀନ ତିନି କିଲୋମିଟର ଚାଲି ନଥିବା ମୋ ଶରୀରଟି ଯେ ଦୀର୍ଘ ସାତ ଘଣ୍ଟାର ଯାତ୍ରା, ୧୦୦୦୦ ପାହାଚ ଅତିକ୍ରମ କରି ଏ ଜାଗାରେ ପହଞ୍ଚି ପାରିବ ଏ ଆଶା ନଥିଲା । ଜାଣିନି, ଭଗବାନଙ୍କ ଆଶୀର୍ବାଦ ଥିଲା କି ମୋ ଇଚ୍ଛାଶକ୍ତି ତେବେ ମୁଁ ଠିଆ ହୋଇଥିଲି ଗୁଜରାଟର ଅର୍ଦ୍ଧାଧିକ ଲୋକ ଚଢି ପାରିନଥିବା ଜାଗାରେ । କୁହନ୍ତି, ଜଗାର ଡୋରୀ ନ ଲାଗିଲେ ପୁରୀ ବଡ଼ଦେଉଳ ବାହାରେ ଥାଇ ମଧ୍ୟ ଦର୍ଶନ ମିଳେନାହିଁ । ଏଠି ଗୁଜୁରାଟୀ ମାନଙ୍କ ବିଶ୍ୱାସ ଯେ, ଭଗବାନଙ୍କ ବରାଦ ନଥିଲେ ତୁମେ ଗୁରୁଶିଖର ଯାଏଁ ପହଞ୍ଚି ପାରିବ ନାହିଁ । ତେଣୁ ପାହାଡ଼ ଉପରକୁ ଚାହିଁ ଆଉ ଥରେ ମୁଣ୍ଡିଆଟିଏ ମାରି, ପୁଣି ଥରେ ମୋତେ ଡ଼ାକିବ ବୋଲି ଭଗବାନଙ୍କୁ କହି ଫେରିବାକୁ ଉଦ୍ୟତ ହେଲୁ ।




ଛବି : ହାତୀ ମୁଣ୍ଡ ପଥର ଥିବା ପାହାଡ, ଗୁରୁ ଦତ୍ତାତ୍ରେୟ ମନ୍ଦିର – ଗୁରୁ ଶିଖର ୧୦୦୦୦ ପାହାଚ



 Magazine Downloaded from www.aahwaan.com





ଛବି : ଗୁରୁ ଶିଖର ପର୍ବତ, ଗୁରୁ ଶିଖରରୁ କମଣ୍ଡଳ କୁଣ୍ଡର ଦୃଶ୍ୟ

ଯେଉଁ ରାସ୍ତା ଦେଇ ଆସିଥିଲୁ ଏବେ ଫେରିବୁ ସେହି ରାସ୍ତାରେ..... ପୁଣି ୧୦୦୦୦ ପାହାଚ । ତଳକୁ ଓହ୍ଲେଇବା ବେଳେ ମୁଁ ସ୍ପଷ୍ଟ ଭାବେ ଦେଖି ପାରୁଥିଲି ପିଲାଙ୍କ ମନରେ ଗଡ଼ ଜିଣି ଯିବାର ଖୁସି ଓ ପୁଣି ପଛକୁ, ସେହି ଅଫିସ, କାମ, କଂକ୍ରିଟ ଜଙ୍ଗଲ, କର୍ପୋରେଟ ଲାଇଫକୁ ଫେରି ଯିବାର ଦୁଃଖ । ତେବେ ଫେରିବାକୁ ତ ପଡିବ । ଅତ୍ୟନ୍ତ ଆଉ କିଛି ଘଣ୍ଟା ମନ ଖୁସିରେ ପ୍ରକୃତି କୋଳରେ କଟେଇ ଦିଆଯାଉ । ଥଣ୍ଡା ପବନ ଖାଇ ପୁଣି ମାତିଗଲୁ ଜଣେ ଅନ୍ୟଜଣଙ୍କ ଗୋଡ଼ ଟାଣିବାରେ.... ବାଟରେ କିଏ କଣ କରିଛି, କିଏ କେମିତି ଚାଲୁଥିଲା, କଣ କଣ ସବୁ ଘଟିଥିଲା ସେ ବିଷୟରେ ସବିଶେଷ ବିବରଣୀ ସହ ଅନ୍ୟର ଗୋଡ ଟାଣି ସମସ୍ତଙ୍କୁ ଟିକେ ଟିକେ ଖୁସି ଦେବାର ଉଦ୍ୟମରେ ଥିଲୁ ସମସ୍ତେ । ମଜା ମଜାରେ କଟିଗଲା କିଛି ସମୟ ।

ଫେରିବା କିରେ ? ? ପ୍ରଶ୍ନଟି ପଚାରି ଦେଇ ଚାହିଁଲି ପିଲାମାନଙ୍କ ମୁହଁକୁ । ସେମାନଙ୍କ ମୁହଁରେ ଥିଲା 'ପ୍ରଶ୍ନବାଚକ ଚିହ୍ନ' ସହ 'ନା ଥାଉ, ଯିବାନି' ପରି ଚୁପଚାପ ଉତ୍ତର । ଆଖିରେ ଆଖିଏ ସ୍ୱପ୍ନ, କିନ୍ତୁ କେଉଁଠି ଗୋଟେ ହଜି ଯିବାର ଇଚ୍ଛା । ମୋ ପାଇଁ ବଡ ହୃଦୟବିଦାରକ

 Magazine Downloaded from www.aahwaan.com

ଦୃଶ୍ୟ ଥିଲା । କାହାକୁ କିଛି ନକହି ଆଉ କିଛି ସମୟ ସେମାନଙ୍କୁ ଏମିତି ଛାଡି ଦେବାପାଇଁ ମନ କହୁଥିଲା । କିନ୍ତୁ ପେଟର ଭୋକ, ଶୋଷ, ଆଉ ଫେରିବା ପାଇଁ ବାଧ୍ୟ ଥିବା ମନକୁ ନେଇ କେତେ ସମୟ ଅବା ଅପେକ୍ଷା କରିଥାନ୍ତି ? ଫେରିବାକୁ ଯଦି ପୁଣି ସାତ ଘଣ୍ଟା ଲାଗେ ତେବେ ? ତେଣୁ ବାଧ୍ୟ ହେଲୁ ଫେରିବା ପାଇଁ ।

ଯାତ୍ରା ଆରମ୍ଭ କଲୁ ୧୨.୨୫ରେ । ୧୦୦୦ ପାହାଚ ଓହ୍ଲେଇବାର ଥିଲା । ଆସ୍ତେ ଆସ୍ତେ ଅତିକ୍ରମ କରି ଆସିଲୁ ୧୦୦୦ ପାହାଚ । ଏବେ ପୁଣି ଚଢ଼ିବାକୁ ପଡିବ ୨୫୦୦ ଅତି ତିଖ ପାହାଚ, ଯାହାକୁ ଓହ୍ଲେଇବାକୁ ଆମକୁ ମଜା ଲାଗିଥିଲା । ଏଥର କିନ୍ତୁ ଚଢ଼ିବା । ପ୍ରଥମ ୧୦୦, ୨୦୦ ପାହାଚ ଚଢ଼ିଗଲାପରେ ପ୍ରତି ୨୦, ୩୦ ପାହାଚ କିମ୍ବା ପ୍ରତି ବାଙ୍କରେ ରହିବାକୁ ପଡୁଥିଲା । ଗୋଡ଼ ବୋଲ ମାନିବା ଅବସ୍ଥାରେ ନଥିଲେ, ତଥାପି ସାହସ ଦେଖେଇ ଆସ୍ତେ ଆସ୍ତେ ଚଢ଼ିଲୁ । ଗଲାବେଳେ ଯେଉଁ ଜାଗାରେ ବସି ଖାଇଥିଲୁ, ସେହି ଜାଗାରେ ଆଉ ଥରେ ବସିଲୁ । ସମସ୍ତଙ୍କ ପାଖରୁ ପାଣି ସରି ସରି ଆସୁଥାଏ । ଢୋକେ ପିଇ, ଟିକେ ଆଗକୁ ଯାଉଥାଉ । ଅଳ୍ପ ଅଳ୍ପ ପାଣି ବଞ୍ଚେଇବାକୁ କହିଲି, କାରଣ ଅମ୍ବାଜୀ ମନ୍ଦିର ଯାଏଁ କୌଣସି ଦୋକାନ ନଥିଲା ।



ଛବି : ଫେରିବା ବେଳେ ଚଢିଥିବା ୨୫୦୦ ପାହାଚ

ଟିମ, ଗ୍ରୁପରେ ଗଲାବେଳେ ଯଦି ଜଣେ ଅନ୍ୟକୁ ସାହାଯ୍ୟ କରେ, ତେବେ ସମସ୍ତେ ଏକାବେଳେ ସକୁଶଳରେ ପହଞ୍ଚି ପାରିବେ । ଦୁଇଜଣ ଝିଅ ଏବେ ତାଙ୍କ ବ୍ୟାଗ ବି ବୋହିବା ଅବସ୍ଥାରେ ନଥିଲେ । ତେଣୁ କିଛି ସମୟ ପାଇଁ ଅଦଳ ବଦଳ କରି ତାଙ୍କ ବ୍ୟାଗ ଧରିଲୁ ସମସ୍ତେ । ସେ ଦି ଜଣଙ୍କୁ ଏକା ଏକା, ଖାଲିରେ ଚାଲିବାକୁ କହିଲୁ ।

 Magazine Downloaded from www.aahwaan.com

୩୫୦୦ ପାହାଚ ସରି ସାରିଥିଲା, ଗୋରେଖ ନାଥ ମନ୍ଦିର ପାଖରେ ପହଞ୍ଚି ସାରିଥିଲୁ, ପାଣି ସରିଯାଇଥିଲା । ଉପରକୁ ଆସି ସାରିଥିଲୁ । ଏବେ ଆଉ ୧୦୦୦ ପାହାଚ, ତା ପରେ ଯାଇ ପାଣି । ଥଣ୍ଡା ପବନରେ ଦେହ କୋଳ ମାରି ଯାଉଥାଏ, ଏଇଟା ସେହି ଜାଗା ଯେଉଁଠି ଆମକୁ ସ୍ୱେଟର ଓ ଜ୍ୟାକେଟ ପିନ୍ଧିବାକୁ ପଡିଥିଲା । ଏପଟେ ଶୋଷ, ସେପଟେ ଦେହ ହାତ କୋଲ ମାରି ଯାଉଛି, ତଥାପି ସେହି ଥଣ୍ଡା ପବନରେ ଘଡ଼ିଏ ଛିଡା ହୋଇ ଯିବାକୁ ମନ କହୁଥିଲା । ଠିଆ ହେଲୁ ବି.. କିନ୍ତୁ କେତେ ସମୟ? ଆଗକୁ ତ ଯିବାକୁ ପଡିବ.. ଚାଲିଲୁ ପୁଣି... ଯେନତେନ କରି ପହଞ୍ଚିଗଲୁ ଅମ୍ବାଜୀ ପାଖରେ । ପ୍ରଥମେ ଦୋକାନରୁ ଥଣ୍ଡା ପାଣି କିଣି ପିଇବାପରେ ସମସ୍ତେ କିଛି କିଛି ଜଳଖିଆ ଖାଇବାପାଇଁ କହିଲେ । ଗାଣ୍ଠିଆ, ଆଳୁଚପ, ବଡାପାଓଁ କିଣି ଖାଇଲୁ । ଅହମଦାବାଦରେ ଗାଣ୍ଠିଆ, ଆଳୁଚପ ଓ ବଡାପାଓଁ ଯଥାକ୍ରମେ ଶହେ ଗ୍ରାମକୁ ୩୦ ଟଙ୍କା, ଶହ ୨୦ରୁ ୩୦, ଓ ୨୦ ଟଙ୍କା ଥିବାବେଳେ ସେଠି ୪୦, ୪୦ ଓ ୩୦ ଥିଲା । ଆରାମରେ ଖାଇ ସାରିବା ପରେ ସେଇଠି ହିଁ ଶୋଇ ଯିବାକୁ ମନ କହୁଥିଲା । କିଛି ସମୟ ବିଶ୍ରାମ ନେଇ ପୁଣି ଚାଲିଲୁ ।

ଜୁନାଗଡ଼ ସହର ସେଇ ହାତ ପାଖରେ ଲାଗୁଥାଏ, କିନ୍ତୁ ପାହାଚ ଯେତେ ଓହ୍ଲେଇଲେ ବି ସରୁନଥାଏ । ଖରା ଆସ୍ତେ ଆସ୍ତେ ବଢୁଥାଏ, ତା ସହ ତାଳ ଦେଇ ଗୁଳୁଗୁଳି । ହାତରେ ପ୍ରଚୁର ସମୟ । ରାତି ୯.୫୦ରେ ବସ । ତେଣୁ ଜଲଦି ଫେରିବାର ଇଛା ନଥାଏ । ରହି, ବସି, ଉଠି, ବାଟ ସାରା ଘୋଳଦହି, ମସଲା ସୋଡା, ଚା, ପାଣି, ଲସି ପିଇ ଆସୁଥାଉ । ଚଢ଼ିବା ଠାରୁ ଓହ୍ଲେଇବା ବେଶି କଷ୍ଟ ଲାଗୁଥାଏ । ତେଣୁ ପ୍ରତି ଅଧ ଘଣ୍ଟାରେ ଥରେ ବସି ଉଠି ଚାଲିଥାଉ । ପାଦ, ପେଣ୍ଡା, ଆଣ୍ଠ, ଜଙ୍ଘ ସବୁ କେଁ କେଁ ଡାକ ଦେଉଥାଏ । ମଝିରେ ମଝିରେ ସମତଳ ପଥରରେ ବି ଗୋଡ଼ ଖସୁଥାଏ । ଲୋକମାନେ ଚାଲି ଚାଲି ପଥର ସବୁ ପାଲିସ କରି

 Magazine Downloaded from www.aahwaan.com

ଦେଇଥାନ୍ତି । ଶେଷ ତିନିହଜାର ପାହାଚ ସରିବାର ନାଁ ନେଉ ନଥାଏ । ମଝିରେ ମଝିରେ ରାସ୍ତା ଉପରେ ମାଙ୍କଡମାନେ ବସି ମଜା ନେଉଥାନ୍ତି । କିଛି କିଛି ଲୋକ (ଯେଉଁମାନେ ସକାଳ ହେଲାପରେ ୮ ଟା, ୯ ଟା ପରେ ଚଢ଼ିବା ଆରମ୍ଭ କରିଥିଲେ) ଅମ୍ବାଜୀ ମନ୍ଦିର ପାଖରୁ ଯାଇ ଫେରୁଥାନ୍ତି । ହେଇ, ଜୁନାଗଢ଼ ଦେଖା ଯାଉଛି ଆଉ ଅଳ୍ପ ପାହାଚ କହି ମନ ଭୁଲେଇଲା ବେଳକୁ ପାହାଡ଼ କଡରେ ୨୩୦୦, ୧୮୦୦, ୧୫୦୦ ପାହାଚ ବୋଲି ଚିହ୍ନଟ କରା ଯାଇଥିବାର ଦିଶିଯାଇ ମନକୁ ଆହୁରି ହତାଶ କରେଇ ଦେଉଥାଏ । ତଥାପି ଯାତ୍ରା ଚାଲିଥାଏ, ମଝିରେ ମଝିରେ କିଛି କଥା, ଜୋକ୍ସ, ଆଉ ଗୋଡ ଟଣାଟଣିରେ ରାସ୍ତା ସରି ଚାଲିଥାଏ । ଶେଷରେ ଆସି ପହଞ୍ଚିଲୁ ତଳେ ।

ଆସିଲା ବେଳେ ଭାବୁଥିଲୁ, ଏଇଟା ପ୍ରଥମ ଓ ଶେଷ । ଆଉ ଆସିବିନି ଲୋ ବାପା....

କିଛିସ୍ତ୍ରୀ ଲୋକ, ବୁଢ଼ୀ ବୁଲୁଥାନ୍ତି ତଳେ, ପାହାଡ଼ର ପାଦଦେଶରେ । ପଚାରିଲେ, "ପୁରା ଉପରକୁ ଯାଇ ଆସିଲ ?"

କହିଲୁ – ହଁ ।

– ଗୁରୁଶିଖର ଯାଏଁ ?

– ହଁ.....

ଦୁଇଜଣ ମାଡି ଆସି ପାଦ ପାଖରୁ ଧୂଳି ନେଇ ମୁଣ୍ଡରେ ମାରିଲେ ଓ ଜଣେ ଉଠିପାରୁ ନଥିବା ବୁଢ଼ୀ ମା, ରାସ୍ତା ଉପରେ ମୁଣ୍ଡ ଛୁଇଁ ଆମକୁ ପ୍ରଣାମ କଲେ । ହଡ଼ବଡେଇ ଗଲେ ବି, ସେମାନଙ୍କ ଭକ୍ତି ଦେଖି ନିଜ ଉପରେ ପ୍ରଶ୍ନ ଆସୁଥିଲା, "ଆମେ କଣ ଏତେ ଭକ୍ତିରେ ପାହାଡ଼ ଚଢିଥିଲୁ ?"

ବୋଧହୁଏ ନା....

 Magazine Downloaded from www.aahwaan.com

ପଛକୁ ଚାହିଁ ପାହାଡ଼କୁ କହି ଆସିଲି, "ଆଉ ଥରେ ଆସିବି ନିଶ୍ଚିତ..."

ସମୟ ୫.୪୫ । ଚଢ଼ି, ଓହ୍ଲେଇବାକୁ ପୁରା ୧୩ ଘଣ୍ଟା ଲାଗିଲା । ଅବଶ୍ୟ ରହି, ବସି, ଉଠି, ଖାଇ ପିଇ ମଜା କରି ଆସିଥିଲୁ । ଭଲରେ ଯାଇ ଭଲରେ ଫେରିଲୁ ।

ତଳେ ପହଞ୍ଚି ଲାଠି ଫେରେଇ, ଗୋଟେ ଦୋକାନରେ ପାଣି ଚା ପିଇ, ସନ୍ଧ୍ୟା ଆଠଟା ଯାଏଁ ବସି ଗୁଲିଖଟି କଲୁ । ନିଜ ନିଜ ଘରକୁ ଫୋନ କରି ସକୁଶଳରେ ଫେରିଲୁ ବୋଲି ଜଣେଇ ଦେଲୁ । ଆଠଟା ପରେ ହୋଟେଲରେ ଖାଇ ୯.୫୦ରେ ବସ ଧରିଲୁ । ବସ ଛାଡିଲା ବେଳେ ଭାବୁଥିଲି, ଯଦି ଆମେ ୫.୩୦ ବସରେ ଟିକେଟ କରିଥାନ୍ତୁ, ତେବେ ପହଞ୍ଚି ପାରିଥାନ୍ତ ତ ? ? (ନିଶ୍ଚିତ ଭାବେ, ଭଗବାନଙ୍କ ଉପରେ ଛାଡିଲେ, ସେ ବୁଝିବେ ସବୁ ଜିନିଷ)

ବସରେ ଚଢି, କିଏ କେମିତି ଶୋଇଲେ କେହି ଜାଣି ନାହାନ୍ତି । କଣ୍ଡକ୍ଟର ଆସି ଟିକେଟ ମାଗିବାର ପନ୍ଦର ମିନିଟ ପରେ ଟିକେଟ ଦେଖେଇ ପୁଣି ଶୋଇଗଲୁ । ସକାଳ ୬ରେ ପହଞ୍ଚି ଗଲୁ ଗାନ୍ଧିନଗର । ସେଦିନ ଥିଲା ରବିବାର । ନିଜ ନିଜ ଘରେ ପହଁଚିଲା ପରେ ଆଉ କେହି କାହା ଖବର ରଖିନୁ । ମେଡ଼ିସିନ ଖାଇ, ମୁଭ ମାରି, ଦିନ ସାରା ଶୋଇଲା ପରେ ବି ଗୋଡ଼ରୁ ପୀଡା ଯାଇ ନଥିଲା । ସୋମବାର ଅଫିସରେ ଦେଖାହେଲା ୭ ଜଣଙ୍କ ସହ, ବାକି ଦୁଇଜଣ ଛୁଟିରେ ଥିଲେ ।

ଆଜି, ତିନିଦିନ ପରେ ବି ଗୋଡ଼ରୁ ପୀଡା ଯାଇନି । ଏବେ ବି ଘର ଓ ଅଫିସର ସିଡି ଚଢ଼ିଲା ବେଳକୁ ଚଢି ଯାଉଛି ସିନା, ଓହ୍ଲେଇଲେ ମନେ ପଡୁଛି ଶେଷ ତିନିହଜାର ପାହାଚ କଥା ।

ଆହୁରି ବି ମନେ ପଡୁଛି..... ? ?

ପଛକୁ ଚାହିଁ ପାହାଡ଼କୁ କହି ଆସିଥିଲି, "ଆଉ ଥରେ ଆସିବି ନିଶ୍ଚିତ..."

 Magazine Downloaded from www.aahwaan.com

ଗିରନାର ପାହାଡ ଚଢିବା ପୂର୍ବରୁ କିଛି ଜାଣିବା କଥା :-

୧. ପାହାଡ ଉପରେ ଜଳୀୟ ବାଷ୍ପର ସାନ୍ଦ୍ରତା (Humidity) ସକାଳ ୯ଟା ପରେ ବଢିଯାଏ, ତେଣୁ ବଡି ଭୋର ୩ ଟା ରୁ ୫ ଟା ଭିତରେ ଚଢା ଆରମ୍ଭ କରିବା କରନ୍ତୁ ।

୨. ପାହାଡ ଉପରେ ଲାଇଟ ଓ ଅନ୍ୟ ସୁବିଧା ଥିଲେ ମଧ୍ୟ, ବେଳେବେଳେ କେହି କେହି ଜଙ୍ଗଲୀ ଜନ୍ତୁଙ୍କୁ ଦେଖି ଥିବାର କୁହନ୍ତି, ତେଣୁ ଦିନ ଥିବା ଭିତରେ ହିଁ ଚଢିବା ଓ ଓହ୍ଲେଇବା ଭଲ । ସାଙ୍ଗରେ ଟର୍ଚ୍ଚଟିଏ ରଖନ୍ତୁ । ହାଲକା ଟର୍ଚ୍ଚ ତଳେ ଦୋକାନରେ ମିଳିବ ।

୩. ଶୀତଦିନେ ହିଁ, ଏ ପାହାଡ଼ ଚଢିବା ଭଲ । ଖରାଦିନେ ଗରମ ଓ ବର୍ଷାଦିନେ ଖସଡ଼ା ପଥରରୁ ଖସିବାର ଭୟ ଥାଏ । ତେଣୁ ଅକ୍ଟୋବରରୁ ଫେବୃଆରୀ ପାହାଡ ଚଢିବା ପାଇଁ ପ୍ରକୃଷ୍ଟ ସମୟ ।

୪. ଚଢିବା ବେଳେ ଭଲ, ହାଲକା ଓ ସ୍ୱଚ୍ଛ ଜୋତା ହିଁ ବ୍ୟବହାର କରନ୍ତୁ, ଅଧିକ ଓଜନ କିମ୍ବା ଚମଡା ଜୋତା ଫାଟିଯିବାର ଭୟ ଥାଏ । ଓଜନ ଜୋତା ଫେରିଲା ବେଳକୁ ଅଧିକ କଷ୍ଟ ଦେଇପାରେ ।

୫. ଚଢିବା ପାଇଁ ବାଉଁଶ ବାଡ଼ିଟିଏ ସାଙ୍ଗରେ ରଖନ୍ତୁ । ମାତ୍ର ୧୦ଟଙ୍କା ଭଡାରେ ମିଳେ । ଅଧିକ ମୋଟା କିମ୍ବା ଅଧିକ ପତଳା ବାଡ଼ି ନିଅନ୍ତୁ ନାହିଁ ।

୬. କମଣ୍ଡଳୁ କୁଣ୍ଡରେ ମହାପ୍ରସାଦ ଖାଇବାକୁ ଯେମିତି ନ ଭୁଲନ୍ତି ।

୭. ଡୋଲୀ କିମ୍ବା ଜିନିଷ ବୋହୁଥିବା ଲୋକମାନେ ବେଳେ ବେଳେ ମିଛ କଥା କୁହନ୍ତି, “ଚଢି ପାରିବନି, ଜିନିଷ ବୋହି ହେବନି, ବହୁତ ଦୂର, ବହୁତ କଷ୍ଟ” ଇତ୍ୟାଦି । ନିଜ ଉପରେ ବିଶ୍ୱାସ ରଖନ୍ତୁ ଓ ସମୟ ନେଇ ଚଢ଼ିବାକୁ ଯାଆନ୍ତୁ । ଯିବା ପୂର୍ବରୁ ଇଣ୍ଟରନେଟରୁ ଜାଗା ବିଷୟରେ କିଛି କିଛି ଜ୍ଞାନ ରଖିବା ଭଲ ।

 Magazine Downloaded from www.aahwaan.com

୮. ଭଗବାନଙ୍କ ନାମ ନେଇ, କୌଣସି ଭଲ ଗୀତ ଶୁଣି ଶୁଣି ଓ ଗୁଣୁ ଗୁଣେଇ କିମ୍ବା ସାଙ୍ଗ ମାନଙ୍କ ସହ ହସ ଖୁସି ହୋଇ ଯାଆନ୍ତୁ, ଚଢ଼ିବାର କଷ୍ଟ ଜଣା ପଡିବ ନାହିଁ । ପୁରା ପାହାଡ ଚଢିବା କିମ୍ବା ଓହ୍ଲେଇବାକୁ ଅନ୍ୟ ରାସ୍ତା ନାହିଁ । ଆପଣଙ୍କୁ ନିଜେ, ପାଦରେ ଚାଲିଚାଲି ଯିବାକୁ ଓ ଓହ୍ଲେଇବାକୁ ପଡିବ ।

୯. ପେନ କିଲର, ମୁଭ ଓ ଅନ୍ୟ ଅତି ଦରକାରୀ ଜିନିଷ ସାଙ୍ଗରେ ରଖନ୍ତୁ । ଅଧିକ ଲଗେଜ ବା ଜିନିଷ ପତ୍ର ସାଙ୍ଗରେ ନିଅନ୍ତୁ ନାହିଁ । ଫେରିବା ବେଳେ ପିନ୍ଧିଥିବା ହାତ ଘଣ୍ଟା ବି ବୋହିବାକୁ କଷ୍ଟ ଲାଗିପାରେ । ପାଣି ଓ ଅନ୍ୟ ଖାଇବା ଜିନିଷ ଅଳ୍ପ ଅଧିକ ପଇସାରେ ବାଟସାରା ପ୍ରାୟ ୫୫୦୦ ପାହାଚ ପର୍ଯ୍ୟନ୍ତ ମିଳିବ, ଗୁରୁ ଶିଖର ଯିବା ପୂର୍ବରୁ ପାଣି ବୋତଲଟିଏ ପାଖରେ ରଖନ୍ତୁ ।

୧୦. ରୋଗୀ, ଶ୍ୱାସ ରୋଗୀ, ହୃଦୟ ରୋଗୀ ପାହାଡ ଚଢିବାରୁ କ୍ଷାନ୍ତ ରୁହନ୍ତୁ । ପାହାଡ ତଳେ ଥାଇ ଭଗବାନଙ୍କୁ ଡାକିଲେ ବି ସେ ଶୁଣିବେ । ଯିବାକୁ ଇଚ୍ଛା ଥିଲେ ପାହାଡତଳୁ ଡୋଲୀଟିଏ ଭଡା କରନ୍ତୁ । ଓଜନ ଅନୁସାରେ ୧୨୦୦୦ରୁ ୨୫୦୦୦ ଯାଏଁ ଟଙ୍କା ଲାଗିବ, ଯିବା ଆସିବା ।

ଖଲାରୀ, ଅନୁଗୁଳ, ଓଡିଶା

୯୩୭୬୦୧୨୫୦୦

subal.mohapatra@gmail.com

Magazine Downloaded from www.aahwaan.com

# ମଣିମା ଶୁଣିମା ହେଉ



ଶ୍ରୀ ଅଖଣ୍ଡ

ପ୍ରକୃତି ପୁରୁଷ ପ୍ରଭୁ ଶ୍ରୀଜଗନ୍ନାଥ । ଆଉ ଏହି ପ୍ରକୃତି ବଳରେ ସାରା ସଂସାର ଗତିଶୀଳ । ପ୍ରଭୁଙ୍କର ଆରମ୍ଭ କେଉଁଠି, ଶେଷ କେଉଁଠି ତାହା ଖୋଜିଲେ ମିଳେ ନାହିଁ । ସେ ହେଉଛନ୍ତି ଅନାଦି ଓ ଅନନ୍ତ । ବିଶ୍ୱାସ ଥିଲେ ବିଶ୍ୱରୂପୀଙ୍କ ବିଶାଳତାକୁ ଜାଣିହୁଏ । ଆସ୍ଥା ଥିଲେ ଈଶ୍ୱରଙ୍କ ଅସ୍ତିତ୍ୱକୁ ବୁଝିହୁଏ । ଭାବ ଥିଲେ ହିଁ ଭଗବାନଙ୍କୁ ଅନୁଭବ କରିହୁଏ । ନହେଲେ ଭଗବାନଙ୍କୁ ନେଇ ଆମେ ବ୍ୟର୍ଥ ଯୁକ୍ତି କରୁ ଓ ପ୍ରମାଣ ଖୋଜି ଖୋଜି ଜୀବନ ଶେଷ ହୋଇଯାଏ । ସଂସାରରେ ଯାହା ସବୁ ଅନୁଭବ କରାଯାଏ, ସେସବୁର କାରଣ ହେଉଛନ୍ତି ଈଶ୍ୱର । ସୁଖ, ଦୁଃଖ, ଦିନ, ରାତି ଆମେ ଯାହା ଉପଭୋଗ କରୁଛେ, ତାହା ସବୁ ଜଗନ୍ନାଥଙ୍କ ମାୟାଯୁକ୍ତ ରୂପ । ପ୍ରଭୁଙ୍କ ରୂପରେ ମିଶିଲେ, ତାଙ୍କୁ ଅନୁଭବ କଲେ, ସବୁ ଦୁଃଖ କଷ୍ଟ ଦୂର ହେବ । ସେ ହେଉଛନ୍ତି ଆନନ୍ଦ ମୂରତି । ତାଙ୍କ ଆନନ୍ଦ ଭାବକୁ ବୁଝି ସେଥିରେ ମଜ୍ଜି ରହିଲେ, ଆପଣ ନିଜେ ନିଜକୁ ଆନନ୍ଦିତ କରିପାରିବେ । ଏହା ହିଁ ପ୍ରକୃତରେ ପ୍ରଭୁଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧା । ହେ ପ୍ରଭୁ ! ଆପଣଙ୍କୁ ମୁଁ କୋଟି ନମସ୍କାର କରୁଛି । କାରଣ ଆପଣଙ୍କ ନିକଟରେ ସବୁକିଛି ଅନ୍ତର୍ନିହିତ ହୋଇରହିଛି । ସବୁଠାରେ ଆପଣ କେଉଁ କାଳରୁ ଅବିନାଶୀ ବା ଅକ୍ଷର (ଯାହର କ୍ଷୟ ନାହିଁ) ଭାବେ ବିଦ୍ୟମାନ ଅଛନ୍ତି । ମଣିଷ ଦେହରେ ତାମସିକ ଗଣ ଯୋଗୁଁ ସେ ଧିରେ ଧିରେ ଅଜ୍ଞାନ ହୋଇଯାଉଛି । ତାକୁ ପ୍ରମାଦ୍ୟ, ଆଳସ୍ୟ, ନିଦ୍ରା ବିମୋହିତ କରୁଛି । ତାକୁ ହିଁ ସେ ପ୍ରକୃତ ସୁଖ ବୋଲି ଧରିନେଉଛି । ଏହାର ଉପରକୁ ଉଠିଲେ ଯେ ପ୍ରଭୁଙ୍କ ସାନିଧ୍ୟ ରହିଛି ଓ ପରମ

 Magazine Downloaded from www.aahwaan.com

ଆନନ୍ଦ ରିହିଛି । ତାହା ସେ ବୁଝି ପାରୁନାହିଁ । ସୁପ୍ତ ଅବସ୍ଥାରୁ ଆମକୁ ଜାଗ୍ରତ ଅବସ୍ଥାକୁ ଆସିବାକୁ ହେବ । ନିଜକୁ ଉଜାଗର କରିବାକୁ ପଡିବ । ସୁପ୍ତ ମନକୁ ଭକ୍ତି ଦୀପ ଦ୍ୱାରା ଉଜାଗର କଲେ ହିଁ ତାହା ପ୍ରଭୁଙ୍କୁ ଅନୁଭବ କରିପାରିବ । ଯୋଗେଶ୍ୱର ଜଗନ୍ନାଥଙ୍କୁ ସ୍ଥିର ଭାବେ ଧ୍ୟାନ କରିପାରିବ । ଚାରିବାହୁ ବିଶିଷ୍ଟ ରୂପ ସହ ପ୍ରଭୁଙ୍କ ଶ୍ରୀମୁଖ ଅତ୍ୟନ୍ତ ସୁନ୍ଦର । ତାଙ୍କ ମୁଖକୁ ଯିଏ ଅନୁଭବ କରିଛି, ତାକୁ ଆଉ କେଉଁ ସୌନ୍ଦର୍ଯ୍ୟ ଅବା ଆକର୍ଷିତ କରିପାରିବ ? ସେ ହେଉଛନ୍ତି ବିଶ୍ୱମୂର୍ତ୍ତୀ । ଅଥାତ୍ ସାରା ବିଶ୍ୱର ସେ ହେଉଛନ୍ତି ସ୍ୱରୂପ । ଜଗତ ଇଶ୍ୱର ବିଷ୍ଣୁ ଏହି ଜଗତ ଭଳି ଆଉ କେତେ ଜଗତକୁ ମଧ୍ୟ ଧାରଣ କରିଛନ୍ତି । ପ୍ରଭୁଙ୍କ ବିଶ୍ୱରୂପ ଦର୍ଶନ କରିବାକୁ ସମସ୍ତେ ଚାହାନ୍ତି । ଭକ୍ତ ଚାହେଁ । ଦେବାଦେବୀଗଣ ମଧ୍ୟ ଏଥିପାଇଁ ଲାଳାୟିତ । ସେହି ତେଜୋମୟ ରୂପ ଦର୍ଶନ କରିବା ସମସ୍ତଙ୍କ ଭାଗ୍ୟରେ ନଥାଏ । ସମସ୍ତଙ୍କର ସେତିକି ଶକ୍ତି ମଧ୍ୟ ନଥାଏ ଯେ ସେହି ତେଜମୋୟ ରୂପକୁ ଦେଖିପାରିବେ ବା ଅନୁଭବ କରିପାରିବେ । କାରଣ ମହାପ୍ରଭୁଙ୍କ ସେହି ରୂପ ପରମ ଓ ଅନନ୍ତ । ଭକ୍ତ ପ୍ରଭୁଙ୍କ ଶରଣାପନ୍ନ ହେଲେ ହିଁ ପ୍ରଭୁଙ୍କ ସେହି ରୂପକୁ ଅନୁଭବ କରିପାରିବ । ଆପଣ ମଧ୍ୟ କଣ ସେହି ରୂପକୁ ଦେଖିବାକୁ ଚାହାନ୍ତି ନାହିଁ ବା ଅନୁଭବ କରିବାକୁ ଚାହାନ୍ତି ନାହିଁ । ତେବେ ପ୍ରଭୁଙ୍କୁ ଡାକନ୍ତୁ । ପ୍ରଭୁଙ୍କୁ ପ୍ରଣାମ କରନ୍ତୁ । ପ୍ରଭୁ ଶୁଣନ୍ତି ଓ ଆପଣଙ୍କ ଡାକ ନିଶ୍ଚିତ ଶୁଣିବେ । କାରଣ ସେ ତ ଆପଣଙ୍କ ଡାକ ଶୁଣିବାକୁ ଆତୁର ହୋଇ ଅଛନ୍ତି ।

ଠିକଣା : ଦୀକ୍ଷା ମିଶନ, ପିପିଲି, ପୁରୀ, ମୋ – ୭୦୦୮୮୧୬୮୯୧

 Magazine Downloaded from www.aahwaan.com

# ଜୟ ଜୟ ପରମାତ୍ମନ୍



ପ୍ରମୋଦ କୁମାର ପଣ୍ଡା

ବୈଦିକ ପରମ୍ପରାରେ ଅଧିକାଂଶ ପ୍ରାର୍ଥନା ସାମୁହିକ । ଏହା ଏକ ଉଚ୍ଚତର ସାମାଜିକ ଚେତନାକୁ ପ୍ରତିଫଳିତ କରେ । ପରମାତ୍ମା, ଓଁକାର, ଭାରତମାତା, ସମୂହର ଅର୍ଥାତ ଗୋଷ୍ଠୀ, ସଂଘର ଜୟଗାନ ଦ୍ୱାରା କର୍ମଯୋଗ ଜନିତ କର୍ମଫଳ ସାଧନର ଏକମାତ୍ର ତଥା ଶ୍ରେଷ୍ଠ ପନ୍ଥା ଅଟେ । ଇଏ ଏକ ଜୈବିକି ପ୍ରକ୍ରିୟା ଆଟେ । ତେଣୁ ବିବେକାନନ୍ଦ କେନ୍ଦ୍ରର କାର୍ଯ୍ୟକର୍ତ୍ତା ମାନେ ବାରମ୍ବାର ବୋଲୁଥିବା ପ୍ରାର୍ଥନାରୁ ଗୋଟିଏ ଅଂଶ  ଆଜିର ଏହି ପଦଦଳିତ ଓ ନିମ୍ନଗାମୀ ପରିବେଶରେ ମୁଁ ଏହାର ଓଡିଆ ଭାଷ୍ୟାର୍ଥ କରି ଆପଣମାନଙ୍କ ସମ୍ମୁଖରେ ରଖିବା ପାଇଁ ଇଚ୍ଛା କଲି । ଏହାଦ୍ୱାରା ଶ୍ରେଷ୍ଠ ଓ ପରାକାଷ୍ଠାର ପ୍ରତୀକ ଭାରତ ଭୂମିର କାନି, ତ୍ରିରଙ୍ଗୀ ଧ୍ୱଜା, ତଳେ ଆମ ମଥା ସବୁବେଳେ ପ୍ରଣମ୍ୟ ଅବସ୍ଥାରେ ରହିଥାଉଁ ।

ଦୟାକରି କେବଳ ଏହାକୁ ଅସାଧାରଣ ଭାବ ଭାବି ପଢିବାକୁ ଅନୁରୋଧ ।

ବୟଂ ସୁପୁତ୍ରା ଅମୃତସ୍ୟ ନୂନଂ,

ତବୈବ କାର୍ଯ୍ୟାର୍ଥମିହୋପଜାତାଃ ॥ ୩ ॥

ଅର୍ଥାତ୍,

ବୟଂ (ଆମେ) ସୁପୁତ୍ରା (ସନ୍ତାନମାନେ) ଅମୃତସ୍ୟ (ଅମରତ୍ୱର) ନୂନଂ (ବାସ୍ତବରେ),

ତବୈବ (କେବଳ ଆପଣଙ୍କର) କର୍ଯ୍ୟାର୍ଥମ୍ (କାର୍ଯ୍ୟ ନିମନ୍ତେ) ଇହୋପଜାତାଃ (ଏଠାରେ ଜନ୍ମ ନେଇଛୁ) ।

ଏହି ପ୍ରାର୍ଥନାଟିରେ ନିହିତ ବିବେକାନନ୍ଦ କେନ୍ଦ୍ରର ବିଚାର ଉପରେ ପର୍ଯ୍ୟବେସିତ

 Magazine Downloaded from www.aahwaan.com

ଭାବାର୍ଥ ତଳେ ଉଲ୍ଲେଖ କରାଗଲା ।

ଶ୍ୱେତାଶ୍ୱତର ଉପନିଷଦ, ଭାଗ-୨, ଶ୍ଳୋକ-୫ ରେ ଅତି ଉଚ୍ଚାଟ ସ୍ୱରରେ ଆମର ଅମୃତତ୍ୱ ବିଷୟ ଉଦଘୋଷଣା କରି ସାରିଥିଲେ ଯେ,

ଶୃଣ୍ୱନ୍ତୁ ବିଶ୍ୱେ ଅମୃତସ୍ୟ ପୁତ୍ରା

ଆ ୟେ ଧାମାନି ଦିବ୍ୟାନି ତସ୍ଥୁଃ ।

ଏହାକୁ ଉଦ୍ଧୃତ କରି ସ୍ୱାମୀ ବିବେକାନନ୍ଦ ୧୮୯୩ ଚିକାଗୋ ଧର୍ମ ମହାସଭାରେ ଆମେରିକାବାସୀଙ୍କୁ ଅନୁମତି ମାଗିଥିଲେ, କେବଳ ଭାରତବାସୀଙ୍କୁ ନୁହଁନ୍ତି, ବିଶ୍ୱର ସମସ୍ତଙ୍କୁ ଅମୃତର ସନ୍ତାନ ରୂପେ ସମ୍ବୋଧନ କରିବା ପାଇଁ । ସେମାନେ ସେଠାରେ କେହିହେଲେ ପାପୀ ନାହାଁନ୍ତି, ଯାହା ସେମାନଙ୍କ ଧର୍ମରେ କୁହା ଯାଉଛି । ବରଂ ଈଶ୍ୱରଙ୍କ ଅଂଶୀରୂପେ ଆମେ ସମସ୍ତେ ସେହି ଅମୃତତ୍ୱର ସନ୍ତାନ ।

ପ୍ରଶ୍ନ ଉଠିପାରେ, ଯଦି ଆମେ ଅମୃତତ୍ୱର ଅଂଶ, ଆମର ପୁନର୍ଜନ୍ମ କାହିଁକି ହେଲା ? ଆମେ ଜନ୍ମ-ମୃତ୍ୟୁର କାଳ-ଚକ୍ରରୁ କାହିଁକି ବାହାରି ଯାଉନେ ?

ଉତ୍ତର ହେଲା, ଆମେ ତାଙ୍କ କାର୍ଯ୍ୟ କରିବାକୁ ଏଇଠି ଜନ୍ମ ନେଇଛୁ ।

ପୁଣି ପ୍ରଶ୍ନ - ତାଙ୍କ କାର୍ଯ୍ୟ କଣ ?

ତାଙ୍କ କାର୍ଯ୍ୟ ହେଲା - ସାଧୁ ପ୍ରକୃତିର ଉଦ୍ଧାର ଓ ଧର୍ମର ପୁନର୍ସ୍ଥାପନା । ପ୍ରତ୍ୟେକ ମୂହୁର୍ତ୍ତରେ ପ୍ରକୃତିରେ ସ୍ଖଳନ ଅଥବା ପ୍ରାକୃତିକ ଅବସ୍ଥାର ପରିବର୍ତ୍ତନ ଘଟିଥାଏ । ଏହା ଫଳରେ ନିହିତ ଧର୍ମର ଅବକ୍ଷୟ ଅଟକାଇ ଦୁଷ୍ଟ ପ୍ରକୃତିର ନାଶ, ସାଧୁ ପ୍ରକୃତିର ଉଦ୍ଧାର ଓ ଧର୍ମର ପୁନର୍ସ୍ଥାପନା ନିମନ୍ତେ ଅମୃତର ସନ୍ତାନ ମାନଙ୍କ ଭୂମିକା ମହତ୍ତ୍ୱପୂର୍ଣ୍ଣ ଅଟେ ।

ଥରେ ନିର୍ବିକଳ୍ପ ସମାଧିର ସ୍ୱାଦ ଚାଖି ସାରିଲା ପରେ ଶ୍ରୀ ରାମକୃଷ୍ଣଙ୍କୁ ପୁଣି ଥରେ ତାଙ୍କୁ ସେହି ଅବସ୍ଥାକୁ ନେଇ ଯିବା ପାଇଁ କରିଥିବା ବିବେକାନନ୍ଦଙ୍କ ଅନୁରୋଧକୁ ପ୍ରତ୍ୟାଖ୍ୟାନ

 Magazine Downloaded from www.aahwaan.com

କରି ଶ୍ରୀ ରାମକୃଷ୍ଣ ତାଙ୍କୁ ଝିଂଘାସି ଉଠିଥିଲେ - ଲଜ୍ଜ୍ୟା ଲାଗୁନି ! ତୋ ନିଜ ସ୍ୱାର୍ଥ କଥା ହିଁ ଚିନ୍ତା କରୁଛୁ । ମା'ଙ୍କ କାମ କରିବାକୁ ତୋର ଜନ୍ମ ।

ମା'ଙ୍କ କାମ - ଭାରତମାତାର କାମ, ବିଶ୍ୱଜନନୀର କାମ !

ସେଥିପାଇଁ ଆମର ଜନ୍ମ ଏଇଠି ହେଇଛି ।

ଏଇଠି, ମାନେ ଏଇଠି ହିଁ କାହିଁକି ?

ଏହାର କାରଣ ବି ସ୍ୱାମୀଜୀ କଲମ୍ବୋ ଠାରୁ ଅଲମୋଡାରେ ଦେଇଥିବା ବିଚାର ଶୃଙ୍ଖଳାରେ ସ୍ପଷ୍ଟ କରି ଦେଇଛନ୍ତି ।

ଏକାତ୍ମା ଭାବର ଜନ୍ମଦାତା ସନାତନ ଧର୍ମର ସୃଷ୍ଟି ଏହି ମାଟିରେ ।

ବିଶ୍ୱକୁ ଏକ ଆତ୍ମାର ଆଧ୍ୟାତ୍ମିକତା ସୂତ୍ରର ବନ୍ଧନରେ ବାନ୍ଧିବାର ଅଖଣ୍ଡ ପ୍ରୟାସ ଏ ମାଟିର ।

ଏହାର ଜଳବାୟୁର ପ୍ରତିଟି ବିନ୍ଦୁ, ମାଟିର ପ୍ରତିଟି କଣ, ବେଦଶ୍ରୁତିରୁ ଝଙ୍କୃତ ପ୍ରତିଟି ଶବ୍ଦ ପବିତ୍ର ଓ ଅନୁଭବଜନିତ ପରିକ୍ଷିତ ।

ସ୍କନ୍ଦ ପୂରାଣରେ କୁହା ଯାଇଛି:

ବର୍ଷାଣାଂ ଭାରତଃ ଶ୍ରେଷ୍ଠ, ଦେଶଣାଂ ଉତ୍କଳଃ ଶ୍ରୁତ,

ଉତ୍କଳସ୍ୟ ସମୋଦେଶ, ଦେଶ ନାସ୍ତି ମହି ତଳେ ।

ତେଣୁ, ହେ ପରମାତ୍ମା !

ବାସ୍ତବରେ ଆମେ ଅମୃତର ସନ୍ତାନ,

ଏଠାରେ ଜନ୍ମ ନେଇଛୁ କରିବାକୁ ଆପଣଙ୍କ କାର୍ଯ୍ୟ ସାଧନ ।

(ସୌଜନ୍ୟ - ବିବେକାନନ୍ଦ କେନ୍ଦ୍ର ପ୍ରାର୍ଥନା, ୩)

୨ୟ ତୋଟାସାହି, ବ୍ରହ୍ମପୁର, ଓଡିଶା

 Magazine Downloaded from www.aahwaan.com

# ଜଲିଉଡ଼ରେ ନଗ୍ନତା !



ନାରାୟଣ ଚନ୍ଦ୍ର
ସେନାପତି

ଜଲିଉଡ଼ ରେ ନଗ୍ନତା-ଏକ ସମନ୍ୱୟ ବିଚାର ବିମର୍ଷର ଉଚିତ୍ ସମୟ

ବେଶହୀନ ଜୀବ ଓ ଆବରଣହୀନ ଜିନିଷ ବାସ୍ତବରେ ନଗ୍ନ । ତାହା କାନ୍ଥରେ, କାଗଜରେ, ବାଲିରେ କିମ୍ବା ଧରିତ୍ରୀ ଉପରେ ଚଳ ପ୍ରଚଳ କରୁଥିବା ରକ୍ତମାଂସର ପ୍ରତିମା ହୋଇପାରେ । ସେହିପରି ସୀମାବିହୀନ କର୍ଣ୍ଣ ଚାହୁଁଥିବା ଭାଷା ହିଁ ନଗ୍ନ । ଦିନଥିଲା, ସେଦିନ ଆଦିମ ସଭ୍ୟତାର ସେ ପୂର୍ବଜ ଥିଲା ନଗ୍ନ ବାନରର ବିଚିତ୍ର ରୂପ । ଅସଭ୍ୟ ଯାଯାବର ଥିଲା ତା ସଭ୍ୟତା ଓ ସଂସ୍କୃତି । ତା ଚରାଭୁଇଁ ଥିଲା ତା ଅଭିନ୍ନ ରଙ୍ଗମଞ୍ଚ । ଯେଉଁଥିରେ ସେ ଅଜ୍ଞାନରେ ଅଜ୍ଞାତ ଭାବେ କରୁଥିଲା ତା ନଗ୍ନ ମୂକ ଅଭିନୟ । ବସ୍ତୁତଃ ତାହା ଥିଲା ସାର୍ବଜନୀନ ବା ସାଧାରଣ । ସମ୍ବେଦନ କଣ, ପ୍ରତିକ୍ରିୟା କଣ ତାହା ଥିଲା ତା ଜ୍ଞାନର ନେପଥ୍ୟରେ । ପ୍ରକୃତିରେ ବସବାସ କରୁକରୁ ପ୍ରାକୃତିକ ଜଙ୍ଗଲର ଫଳମୂଳ, ମନ୍ଦ ସମୀରଣ, ଶୀତଳ ଝରଣା ଓ ନଦୀର ଜଳ, ଦିବାକରଙ୍କ ଆଲୋକ ଥିଲା ତାର ପ୍ରମୁଖ ଆବଶ୍ୟକତା । ମାତ୍ର ତା ଦେହର ଚର୍ମର ଆବରଣ କି ଜୀବନର ସୁରକ୍ଷାର ଆବରଣ ଚିନ୍ତା କରିବା ଥିଲା ସ୍ୱପ୍ନ ।

ଖରା, ବର୍ଷା, ଶୀତ, କାକରରେ ଯେତେବେଳେ ଥରିଲା ଲୋଡିଲା ପତ୍ରଟେ, ଡାଳଖଣ୍ଡେ ଯାହା ଢଙ୍କେଇଲେ ସେ ଟିକେ ଆରାମ ଅନୁଭବ କଲା ।

ପାଣିପାଗ ଜଳବାୟୁର ପରିବର୍ତ୍ତନ ଓ ମଣିଷର ଜୈବିକ ଆବଶ୍ୟକତା ପାଇଁ ଭିନ୍ନ ବା ବିପରୀତଲିଙ୍ଗୀ ଯେବେ ଆକର୍ଷିତ ହେଲେ ତାର ଆସିଲା ଲାଜ । ଯେଉଁ ଅଙ୍ଗମାନ

 Magazine Downloaded from www.aahwaan.com

ସମ୍ବେଦନଶୀଳ ବା ଆକର୍ଷଣର କେନ୍ଦ୍ରବିନ୍ଦୁ ତାକୁ ସେ ଲୁଚାଇବାକୁ ଚାହିଁଲା । ସେତେବେଳେ ଲୋଡାହେଲା ସ୍ଥାୟୀ ପୋଷାକ । ନଗ୍ନତାକୁ ସେ ନାପସନ୍ଦ କଲା । ଘରେ, ସାହିରେ, ବାହାରେ କେଉଁଠି ବି ଅଙ୍ଗରୁ ବିଶେଷ କରି ସମ୍ବେଦନ ଶୀଳ ଅଙ୍ଗରୁ ପୋଷାକ ଖସିଲେ ତାକୁ ଖରାପ ଲାଗିଲା । ସେ ହେଲା ପୋଷାକରେ ମାର୍ଜିତ ଓ ରକ୍ଷଣଶୀଳ । ସମାଜ ମୁଣ୍ଡ ନୂଆଇଲା ତା ସଂସ୍କୃତି, ପରମ୍ପରା ଓ ଆଦର୍ଶ ଦେଖି ।

ପୂର୍ବେ ମଣିଷ ଥିଲା କଷ୍ଟସହିଷ୍ଣୁ । କାମନା ବାସନା ଆଶା ବି ଥିଲା କ୍ୱଚିତ । ମନ୍ଦିର କାନ୍ଥର ନଗ୍ନ ରୂପ ତା ମନରେ ଆଣୁଥିଲା ମୃଦୁ୍ୟ ଉନ୍ମାଦନା । ନିଜ ଅଂଚଳର କୃତି ପ୍ରଦର୍ଶନ ଓ ନିଦର୍ଶନ ଓ ପର୍ଯ୍ୟଟକଙ୍କ ଆକର୍ଷଣ ପାଇଁ ମନ୍ଦିରର ଥିଲା ସେ କଳାକୃତି । ଯୁଗ ବଦଳିଲା । ମଣିଷ ମନୋରଞ୍ଜନ ପାଇଁ ଆଦରି ନେଲା ଯାତ୍ରା, ଚଳଚ୍ଚିତ୍ର, ଥିଏଟର, ପାଲା, ଦାସକାଠିଆ ଇତ୍ୟାଦି ।

ଅତ୍ୟାଧୁନିକତାର ସ୍ପର୍ଶରେ ଆଧୁନିକ ନାଁ ବି ଶୁଣିବାକୁ ପଡିଲା ଜଲିଉଡ଼, ଓଲିଉଡ ଓ ବଲିଉଡ । ବଲିଉଡ ଭାରତୀୟ ସ୍ତରର ବିଶେଷତଃ ରାଷ୍ଟ୍ରଭାଷାର ଚଳଚ୍ଚିତ୍ର ଜଗତ, ଓଲିଉଡ ଓଡ଼ିଶାର ଓଡ଼ିଆ ଚଳଚ୍ଚିତ୍ର ଜଗତ ମାତ୍ର ଜଲିଉଡ଼ ହେଲା ସବୁଠୁ ପ୍ରାକୃତିକ ଅତୀବ ମନୋମୁଗ୍ଧକର ଓଡ଼ିଶାର ଯାତ୍ରାଦୁନିଆଁ ।

ପ୍ରଶ୍ନ ଆସେ ଏ ତିନୋଟି ଉଡ଼ରେ ନଗ୍ନତା କ'ଣ ନିତ୍ୟାନ୍ତ ଆବଶ୍ୟକ । ସଭ୍ୟତା କହିଲେ କି ସଂସ୍କୃତି କହିଲେ ସଂସ୍କାର ଓ ନୀତି ଆଦର୍ଶ ପୂର୍ଣ୍ଣ ଚଳଣୀକୁ ବୁଝାଏ । ମୋ ଭାରତ ବର୍ଷ ବିଶ୍ୱରେ ଶ୍ରେଷ୍ଠ ତା ମହନୀୟ ସଂସ୍କୃତି ପାଇଁ । ତା ଭିତରର ଓଡ଼ିଶାର ସଂସ୍କୃତି ବିଶ୍ୱ ସଂସ୍କୃତିର ଜନନୀ । ପୁନଶ୍ଚ ଖାଣ୍ଟି ଓଡ଼ିଆଣି, ଓଡ଼ିଆ ବୋହୁ ଆଚାର ବିଚାର ପାଇଁ ଚୀର ପୂଜନୀୟା । ତାକୁ ଦେଖିଲେ ଭଗବାନ ବି ମୁଣ୍ଡ ନୁଆଇଁ ସମ୍ମାନ ଦିଅନ୍ତି । ଭାରତୀୟ

 Magazine Downloaded from www.aahwaan.com

ନାରୀ ତ ଭକ୍ତିର ଅର୍ଘ୍ୟ । ବିଶେଷ କରି ଶାଳୀନ ବ୍ୟବହାର ଶୋଭନୀୟ ପୋଷାକ ତାକୁ ନମସ୍ୟ କରେ । ଲଜ୍ଜା ତାର ଭୂଷଣ । ନଗ୍ନତାକୁ ସେ ଘୃଣା କରେ ।

ପୂର୍ବରୁ ଯାତ୍ରାରେ ଯାଉଥିଲା ତାକୁ ଶୁଣିବାକୁ ପଡୁଥିଲା 'ଯାତରା ଛତରା' । ଅତି ଅନୁନ୍ନତ, ଆଚାରବିହୀନ ପରିବାର କିମ୍ବା କ୍ୱଚିତ ଅଭାବୀ ଭଲ ଘରର ପୁଅ ଝିଅମାନେ ପରିସ୍ଥିତିରେ ଆଦରୁଥିଲେ ଏ ପ୍ଲାଟଫର୍ମ । କେବଳ ପୋଷକର ନଗ୍ନତା ନୁହଁ ଏମିତିକି ଭାଷାର ନଗ୍ନତା ବି ଜଲିଉଡ଼ରେ ରହିଲା । କେତେକ ଅସମାଜିକଙ୍କୁ ଶତ ପ୍ରତିଶତ ଖୁସି ବାଣ୍ଟିଲେ ବି ଭଦ୍ର ରକ୍ଷଣଶୀଳଙ୍କ ପାଇଁ ଥିଲା ଅସଭ୍ୟ କ୍ରିୟାକଳାପ । ତଥାପି ସେ ସମୟର ଲୋକେ ଅଧିକାଂଶ ମାତ୍ରାରେ ଈଶ୍ୱର ବିଶ୍ୱାସୀ ଓ ଜଲିଉଡ଼ର ବିଷୟବସ୍ତୁ ପୌରାଣିକ କଥାବସ୍ତୁ ଉପରେ ଆଧାରିତ ଥିବାରୁ ନଗ୍ନତା ସେତେ ନ ଥିଲା, ଏମିତିକି ନୃତ୍ୟନାଟିକା ଥିବାରୁ ନଗ୍ନତା ଅଶ୍ଳୀଳ ଠାରୁ ଦୂରରେ ଥିଲା । କେବଳ ଡୁଏଟ୍ ରେ ସାମାନ୍ୟ ନଗ୍ନତା ଉଭୟ ଭାଷା ଓ ପୋଷାକରେ ଥିଲା ଯାହା ହାରାହାରି ଚାଲିଯାଉଥିଲା ।

ଓଲିଉଡ ଓ ବଲିଉଡ ସହ ଜଲିଉଡ଼କୁ ତୁଳନା କରାଯାଇ ପାରେନା । କାରଣ ସେସବୁ ପରଦାରେ ମଣିଷ ଦେଖୁଥିଲା ଓ ଦେଖୁଛି ମଧ୍ୟ । ଓଲିଉଡର ସାମାନ୍ୟ ନଗ୍ନତା ଯେହେତୁ ପରଦା ପଛର ଓ ସେନ୍ସର ବୋର୍ଡ଼ ଦ୍ୱାରା ପାଶ୍ ହେଉଥିଲା ତାହା ଧର୍ତ୍ତବ୍ୟ ନୁହେଁ । ପୁନଶ୍ଚ ବଲିଉଡ ଅତ୍ୟାଧୁନିକତାର ଛୁଆଁରେ ଓ ବିଶେଷ କରି ପାଶ୍ଚାତ୍ୟ ଦେଶଗୁଡିକରେ ସୁଟିଂ ହେବାରୁ ବାହାରେ ସ୍ୱଳ୍ପ ସମୟ ଧରି ସୁଟିଂ ଦୃଶ୍ୟକୁ ପରଦାରେ ଅଧିକାଂଶ ଉନ୍ନତ ଉଚ୍ଚ ସ୍ତରର ବ୍ୟକ୍ତି ଦେଖୁଥିଲେ ଯାହାକି ସରଳ ମନରେ କୁପ୍ରଭାବ ପକାଇ ପାରୁନଥିଲା କି ପାରୁନାହିଁ ।

ମାତ୍ର ଜଲିଉଡ଼ ବା ଯାତ୍ରାଜଗତ ସେ ପରଦାର ବେଶଭୁଷା, ଅଶ୍ଳୀଳ ଦୃଶ୍ୟ ଓ ନଗ୍ନତାକୁ

 Magazine Downloaded from www.aahwaan.com

ଜୀବନ୍ତ ଫୁଟାଇ ବାହାଦୁରୀ ମାରି ଅଧିକ ଟଙ୍କା ରୋଜଗାର କରିବାକୁ କଳାକାର ଓ ଯାତ୍ରା ମାଲିକ, ମ୍ୟାନେଜର ସଙ୍ଗେ ସଙ୍ଗେ ବିଭିନ୍ନ ଯାତ୍ରାକମିଟି ପାଦ ବଢ଼େଇଲା । ସେଦିନ ନାହିଁ, ସେଦିନର ଯାତରା ଛତରା ଉକ୍ତି ବି ନାହିଁ, ଯାତ୍ରାର ସ୍ୱରୂପ ବଦଳିଛି, ମଞ୍ଚ ବଢିଛି, ଅତି ଉଚ୍ଚ ଶିକ୍ଷିତ ଓ ଭଦ୍ର ବଡ଼ ପରିବାରର ଉଭୟ ଲିଙ୍ଗୀ ମାନବ ପାଦ ଦେଇଛି ଜଲିଉଡ଼ରେ କଳା ବିକାଶ କରିବାକୁ ।

କିନ୍ତୁ ଦୁଃଖ ଲାଗୁଛି ଏବେ ଜଲିଉଡ଼ର ଉନ୍ମୁକ୍ତ ନଗ୍ନତା ଦେଖି । ସେତେବେଳେ ମହାନ ଖଳନାୟକ ଦୈତାରି ପଣ୍ଡାଙ୍କ ଜୀଅନ୍ତା ଶବ, ନର ରାକ୍ଷସରେ ରେପ୍‌ସିନରେ ଥିଲା ସାମାନ୍ୟ ନଗ୍ନତା, ନୀର ସ୍ୱାଇଁ କି ମିଟୁ ଦାସଙ୍କ ସେହିପରି ଦୃଶ୍ୟରେ ସାମାନ୍ୟ ନଗ୍ନତା । ଭଦ୍ର ସମାଜ ବି ଏସବୁକୁ ସହଜରେ ଆଦରି ନେଉ ନଥିଲା । ମାତ୍ର ଏବେ ଜଲିଉଡ଼ରେ ଆଜି ସେ ଦକ୍ଷ କଳାକାରଙ୍କ ଭୟଙ୍କର ଦୃଶ୍ୟ ନାହିଁ କି ସେଥିରେ ନାରୀ ଚରିତ୍ରର ଅଶ୍ଳୀଳ ନଗ୍ନତା ନାହିଁ । ନଗ୍ନତାର ସୁଅ ଛୁଟିଛି ସାମ୍ପ୍ରତିକ ରେକର୍ଡ ଡ୍ୟାନ୍‌ସରେ । ପୋଷାକ ଖଣ୍ଡିଆ ତ କିଏ ଜାଣି ଶୁଣି ଦେଖାଉଛି ଅଙ୍ଗ । ପୁନଶ୍ଚ ସ୍ୱାମୀ ସ୍ତ୍ରୀ ବି ଏପରି ମିଳନ ମୁହୂର୍ତ୍ତକୁ ସମ୍ମୁଖୀନ ହେଉ ନ ଥିବେ ଏପରି ପାଶ୍ଚାତ୍ୟ ଅଭିନବ ନୃତ୍ୟ ନାଁ ରେ ନଗ୍ନତା କରାଯାଉଛି ।

ପ୍ରକୃତ ପକ୍ଷରେ କେବଳ କୁକୁର ମାଙ୍କଡ଼ମାନେ ଏବଂ ଅନ୍ୟ ପଶୁପକ୍ଷୀ ମାନେ ହିଁ ନଗ୍ନତାକୁ ଭଲ ପାଆନ୍ତି । ପରନ୍ତୁ ଆଜିବି କେତେକ ପୋଷା କୁକୁର କି ମାଙ୍କଡ଼ ନଗ୍ନତାକୁ ନାପସନ୍ଦ କରିବାସ୍ଥଳେ ଯାତ୍ରାଜଗତର ନଗ୍ନତା ପାଇଁ ପ୍ରତିଯୋଗୀତା ଅତି ଅସୌଜନ୍ୟ ।

ବର୍ତ୍ତମାନ ଯାତ୍ରାଜଗତରେ ଚାଞ୍ଚଲ୍ୟକର ପରିସ୍ଥିତି ସୃଷ୍ଟିକରିଛନ୍ତି ନିଜକୁ ଆଇଟମ୍ କୁଇନ୍ କହି ନିର୍ଲଜ ଭାବେ ପ୍ରଶଂସିତ ହେଉଥିବା ଇଷ୍ଟର୍ଣ୍ଣ ଅପେରାର ଉଦଣ୍ଡ ନର୍ତ୍ତକୀ ରାନି ପଣ୍ଡା । ଓଡ଼ିଆ ଲୋକ ହୋଇ ମଝିରେ ମଝିରେ ଷ୍ଟାଇଲରେ ଅଣଓଡ଼ିଆ ଶୈଳୀରେ

 Magazine Downloaded from www.aahwaan.com

ଧରପଡ଼ିଲା ପରି ଅପରିପକ୍ୱ କଥା କହି ତାମିଲନାଡୁ, ଆନ୍ଧ୍ରପ୍ରଦେଶ କି ଛତଶଗଡ଼ି ପରିଚୟ ଦେଉଛନ୍ତି ସେ । ଏଇ କେତେଦିନ ହେବ ଗଣମାଧ୍ୟମରେ ଚର୍ଚ୍ଚାର ବିଷୟ ହିଁ ରାନୀଙ୍କର ନଗ୍ନତା । ସେ ମଞ୍ଚକୁ ଯେତେବେଳେ ଯା'ନ୍ତି ତାଙ୍କୁ ଦେଖିଲେ ଦର୍ଶକ ଆଖି ବନ୍ଦ କରିଦିଅନ୍ତି ନଚେତ୍ ମୁହଁ ତଳକୁ କରନ୍ତି । ଯଦି ପରିବାର ସହ କିଏ ଯାତ୍ରା ଉପଭୋଗ କରିବାକୁ ପାଦ ଦେଇଥାଏ ସେ ଏଭଳି ଲଜ୍ଜିତ ହୁଏ ଯେ ପ୍ରତିଜ୍ଞା କରେ ଏ ଅଭଦ୍ର ଯାତ୍ରା ମୁଁ ଜୀବନରେ କେବେ ଦେଖିବି ନାହିଁ । କିଏ କିଏ ବି କହନ୍ତି, ସତରେ ଏ ଝିଅ କଣ କେଉଁ ମାଆ ବାପାଙ୍କ ଠାରୁ ଜନ୍ମ ! କେହି ବି କହନ୍ତି ଏ ଝିଅର ପରିବାର ଅଛି ନା ଅନାଥିନୀଟିଏ । ଯଦି ବାପା ମା ପରିବାର ଥାଆନ୍ତେ ତେବେ ନିଶ୍ଚୟ ନାରୀ କଣ, କଣ କରିବ ଉଚିତ୍, ଲଜ୍ଜା କଣ, ଶାଳୀନତା କଣ, ସମ୍ଭ୍ରମତା କଣ ନିଶ୍ଚୟ ଶିଖାଇଥାନ୍ତେ ।

ବାସ୍ତବରେ ରାନୀର ନାଚରେ ନାଚ ନ ଥାଏ । ଥାଏ କେବଳ ଅଙ୍ଗଭଙ୍ଗୀ ପ୍ରଦର୍ଶନ । ପୁଣି ସବୁ ନୁହଁ କେବଳ ସମ୍ବେଦନ ଶୀଳ ଅଙ୍ଗ ଚାଳନା ଓ ଖରାପ ଇଙ୍ଗିତ । ଅବଶ୍ୟ ବହୁତ କରତାଳି, ହୁଇସିଲ, ସିଟି ବାଜେ ତା ଦୃଶ୍ୟରେ ମାତ୍ର ସର୍ଭେ କଲେ ଲାଗେ ଏଗୁଡ଼ାକ ମଦ୍ୟପ, ଅସାମାଜିକ, ଅସଭ୍ୟ ଓ ଇତର ଲୋକଙ୍କ ରୋଳ । ଭଲ ଭଦ୍ର ଶିକ୍ଷିତ ସମ୍ଭ୍ରମ ବ୍ୟକ୍ତି ତାକୁ ଚାହେଁନାହିଁ । ଏମିତିକି ସାଧାରଣ ଦର୍ଶକ ବ୍ୟତୀତ ଜଲିଉଡ଼ର ଅଧିକାଂଶ କଳାକାର ମୁହଁରୁ ଶୁଭେ ଛି ଛି ଏଟା ଯାତ୍ରାଜଗତର କଳଙ୍କିନୀ । କିନ୍ତୁ ରାନୀକୁ ସାକ୍ଷାତକାରରେ ପଚାରିଲେ ସେ କୁହନ୍ତି ଆଇଟମ ମାନେ ନଗ୍ନତା । ବିନା ନଗ୍ନତାରେ ଆଇଟମ ଡ୍ୟାନ୍ସ ହୁଏନା । ତା'ପରେ ମୋତେ ଲୋକେ କୁହନ୍ତି ନଗ୍ନ ହେବାପାଇଁ ମୋତେ ଦର୍ଶକ ଅନୁରୋଧ କରନ୍ତି, ଡିମାଣ୍ଡ କରନ୍ତି ନଗ୍ନ ହେବାପାଇଁ ।

ଏକଥା ଶୁଣିଲେ ଆମ ନିଜକୁ ଓଡ଼ିଆ ବୋଲି କହିବାକୁ ଦୁଃଖ ଲାଗେ, ଘୃଣା ଲାଗେ ।

 Magazine Downloaded from www.aahwaan.com

ସେ ବି କହନ୍ତି ମୁଁ ନଗ୍ନ ହେଲି କିଛି ଭୁଲ ନାହିଁ ବରଂ ଲୋକମାନେ ମୋ ଇମେଜ ଓ ପବ୍ଲିସିଟି ଦେଖି ଈର୍ଷା କରିଛନ୍ତି । ମୁଁ ଯେତେବେଳେ ଖାଇବାକୁ ପାଉନଥିଲି ବାର ଦୁଆର ବୁଲୁଥିଲି ସେତେବେଳେ ଲୋକେ କିଛି କହୁ ନଥିଲେ କିନ୍ତୁ ଆଜି ମୋର ପ୍ରଶଂସା ଦେଖି କେହି ସହି ପାରୁନାହାନ୍ତି । ମନେପଡେ ପୂର୍ବ ଓଡ଼ିଆ ସଂସ୍କୃତି ସ୍ମୃତି, କହିବାକୁ ଇଛା ହୁଏ, ଶତ ଧିକ୍ ରେ ଓଡ଼ିଆ ନାରୀ, ଯିଏ ଇଜ୍ଜତ ରଖିବାକୁ ଜୀବନ ଦେଉଥିଲା, ତା ବଂଶଜ ପୁଣି.. ଏମିତି ଅସଭ୍ୟ !

ସତ ଧିକରେ ହିନ୍ଦୁନାରୀ, ଯିଏ ନିନ୍ଦାକୁ ସହି ନପାରି ଅଗ୍ନିରେ ଝାସ ଦେଇ ଅମର ହୋଇଯାଇଥିଲା... । ମାତ୍ର ସେଇ ପୁଣ୍ୟଭୂମିର ଏ ଜଲିଉଡ଼ ଷ୍ଟାର ଟଙ୍କା, ପ୍ରଶଂସା, ଉପାଧି, ନିଜ ପିପାସା ମେଣ୍ଟାଇବା ପାଇଁ ମଞ୍ଚରେ ଆଲୋକ ଜାଳି ନଗ୍ନ ହୁଏ । ଖାଲି ମଞ୍ଚ ଉପରେ ନୁହଁ ତଳକୁ ଆସି କାହା କାନକୁ କାମୁଡ଼େ ତ କାହାକୁ ଚୁମ୍ବନ ଦିଏ । ଆଶ୍ଚର୍ଯ୍ୟ ଲାଗେ, ଏ ମାଟିରେ ଓଡ଼ିଆ ଅଛନ୍ତି ତ ? ନା ଯାଙ୍କୁ ପ୍ରଶିକ୍ଷଣ ଦିଆ ଯାଇଛି ନଗ୍ନ ଶୃଙ୍ଖଳ ସୃଷ୍ଟି କରିବାକୁ, ନଗ୍ନ ନିର୍ଲଜର ବଂଶବୃଦ୍ଧି କରିବାକୁ । ଯେଉଁ ଯାତ୍ରାପାର୍ଟି ଏଭଳି କୁସଂସ୍କାର ପ୍ରଣୟନ କରୁଛି ତାକୁ ରଦ୍ଦ କରାଯାଉନି କଣ ପାଇଁ ? ଯେଉଁ କମିଟି ନଗ୍ନ ନୃତ୍ୟ ଦେଖାଇ ଅନେକ ତାଙ୍କ ରୋଜଗାର କରୁଛି ତାକୁ ଆଇନ ଦଣ୍ଡ ଦେଉନି କାହିଁକି ? ଆମ ରାଜ୍ୟରେ ପ୍ରକୃତ ନେତା, ବୁଦ୍ଧିଜୀବୀ, ପଣ୍ଡିତ, ସମାଜସସ୍କାରକ, ସାମ୍ବାଦିକ ମାନଙ୍କ ସଂଖ୍ୟା କ'ଣ ଲୋପ ପାଇଛି ନା ସେମାନଙ୍କୁ ନଗ୍ନତା ଭଲ ଲାଗୁଛି ନା ସେମାନେ ଅସାମାଜିକଙ୍କୁ ଭୟ କରୁଛନ୍ତି ନା ତାଙ୍କ ଲୋକପ୍ରିୟତା ହ୍ରାସ ହେବାର ଭୟ କରୁଛନ୍ତି ?

ତେଣୁ କଥାରେ ଅଛି ବେଳଥାଉ ଥାଉ ସାବଧାନ, ମୁଲୁ ମାଇଲେ ଯିବ ସରି ଦେବଙ୍କ ସାଥେ କିମ୍ବା କଳି । ଯେଉଁ ଜଲିଉଡ଼ ନାରୀ ସମ୍ଭ୍ରମତା ସୀମା ଅତିକ୍ରମ କରୁଛି ତାକୁ

 Magazine Downloaded from www.aahwaan.com

ଅଭିନୟରୁ ସ୍ୱେଚ୍ଛାକୃତ ଅବସର ଦିଆଯାଉ, ଯେଉଁ ଅପେରା ପାର୍ଟି ନଗ୍ନତାକୁ ପ୍ରୋତ୍ସାହିତ କରୁଛି ତା ସକ୍ରିୟତା ରଦ୍ଦ କରାଯାଉ । ଭୁଲ୍ କରି ବାରମ୍ବାର ଠିକ୍ କରିଛି କହୁଥିବା ନବୀନ କୁଇନକୁ ମାନସିକ ଅସୁସ୍ଥତାର ଆଶୁ ଚିକିତ୍ସା ଦେଇ ସୁସ୍ଥ କରାଯାଉ ଓ ତାର ସ୍ୱଜୀବନ ଯାପନ ପାଇଁ ଅନ୍ୟ ପନ୍ଥାରେ ମାର୍ଗ ଦର୍ଶାଯାଉ । ଏବେ ଉପନୀତ ହୋଇଛି ଏକ ସମନ୍ୱୟ ବିଚାର ବିମର୍ଷର ଉଚିତ୍ ସମୟ । ବେଳଥାଉ ଥାଉ ପାଗ ବାନ୍ଧୁ, ନଚେତ୍ ଯାତ୍ରା ଉପଭୋଗ କରୁକରୁ ମାନବ ଜାତି ତା ସଂସ୍କୃତି ସଂସ୍କାର ହରାଇ ସମାଜକୁ କଳୁଷିତ କରିବା ସଙ୍ଗେ ସଙ୍ଗେ ଅତ୍ୟାଧୁନିକତାର ନିଆଁରେ ଝାସ ଦେଇ ପୁନଶ୍ଚ ସେଇ ଆଦିମ ଅସଭ୍ୟ ଜଗତକୁ କେତେବେଳେ ଯେ ଚାଲିଯିବ ତାର ସମୟ କେବେ ବି ଖୋଜି ପାଇବ ନାହିଁ ।

ଜମ୍ପୁରା, କେନ୍ଦୁଝର, ଓଡ଼ିଶା

 Magazine Downloaded from www.aahwaan.com

# ଜୀବନ ଏକ ସଂଘାତ ଓ ସଂଘର୍ଷ



ସତ୍ୟପ୍ରକାଶ ସେଠୀ

ସବୁଠାରୁ ଅବୁଝା ବେଦ ହେଉଛି ଏ ଜୀବନ, ଯାହା ନାନା ସଂଘାତ ଓ ସଂଘର୍ଷରେ ପରିପୂର୍ଣ୍ଣ । ବେଶ୍ ସରଳ ତରଳ ଥିଲା ମୋ ଶିଶୁ ମନ ଓ ଶୈଶବର ଚପଳାମି । ସଦାସର୍ବଦା ଖେଳ କୁଦରେ ମାତିଥାଏ । ସେହି ଥିଲା ମୋର ହର୍ଷ ବିଷାଦ ଭରା ଆନନ୍ଦିତ ମୁହୂର୍ତ୍ତ । ଗୋଟିଏ ଚିନ୍ତା ମୁଣ୍ଡରେ ମୁଁ କେଉଁ ଦିନ ମରଦ ହେବି । ମରଦ । ମୋର ବି ବପୁ ବିଶାଳ ହୁଅନ୍ତା । ନିଶ ଦାଢି ଉଠନ୍ତା ।ବଡ଼ ମଣିଷର ସାମର୍ଥ୍ୟ ମୋ ଭିତରେ ଆସନ୍ତା । ମୁଁ ବି ଭରସି କଥା ଜାହିର୍ କରି କହନ୍ତି । ମୋ କଥାକୁ ସମସ୍ତେ ଗୁରୁତ୍ୱ ଦିଅନ୍ତେ । କେହି ମନା କରି ପାରୁ ନଥାନ୍ତେ, ସମସ୍ତେ ମାନି ଯାଉଥାନ୍ତେ । ଭାରି ଭଲ ଲାଗୁଥାନ୍ତା, ଗର୍ବରେ ଛାତି ଫାଟି ପଡୁଥାନ୍ତା । ମୁଁ ମରଦ । ବଡ଼ ମଣିଷ । ମୋ କଥାର ଓଜନ ସମସ୍ତେ ମାପନ୍ତେ । ସମାଜରେ ମୋର ପ୍ରତିପତ୍ତି ଓ ମର୍ଯ୍ୟାଦା ବୃଦ୍ଧି ଘଟନ୍ତା ।

ହେଲେ ମୁଁ ତ ଏବେ ଛୋଟ ପିଲା । ମୋ କଥା କେହି ଗ୍ରହଣ କରୁ ନାହାନ୍ତି । ଯାହା କହିଲେ ହେଟ୍ ହାଟ୍ କରି ସମସ୍ତେ ମୋତେ ଚାପି ଦିଅନ୍ତି । ମୋ କଥାର କିଛି ଗୁରୁତ୍ୱ ରହେ ନାହିଁ । ଯାହା କଲେ ଏଟା କରନା ସେଟା କରନା'ର ବାଣୀ । ଧୀର ଚାଲ, ଏମିତି ଚାଲ, ସେମିତି ଚାଲ, ରହ ପଡ଼ି ଯିବୁ, ଝୁଣ୍ଟି ପଡ଼ିବୁ, ଧରନା ଭାଙ୍ଗିଯିବ, ଚୁପ୍ କରି ବସ, ପାଠ ପଢ । ଦୁଷ୍ଟ ହଅନା, ତଣ୍ଟିରେ ଲାଖିବ, ପାଣି ପିଇ, ଏବେ ଶୋଇ ପଡ଼, ସେବେ ଖେଳିବୁ ଏବେ ନୁହଁ, ଇତ୍ୟାଦି କେତେ କ'ଣ ଭାଷଣ, କେତେ ଉପଦେଶ ଓ ପରାମର୍ଶ । ମୋ ଶିଶୁ ମନ ବିଦ୍ରୋହ କରି ଉଠେ, ହେଲେ କିଛି କହି ପାରେନାହିଁ । ଖାଲି ଭାବେ କେଉଁଦିନ ବଡ଼ ହେବି, ଏମାନଙ୍କ

 Magazine Downloaded from www.aahwaan.com

ଠାରୁ ମୁଁ ମୁକ୍ତି ପାଇଯିବି । ଟିକିଏ ସ୍ୱତନ୍ତ୍ର ହୋଇ ଆଚରଣ ଓ ବିଚରଣ କରିବି । ଅଙ୍କୁଶର ଲଗାମ ଗୁଡ଼ାକ ସହି ହେଉନାହିଁ । ମୁଁ ଏକଦମ୍ ଅଣନିଶ୍ୱାସୀ ହୋଇଗଲିଣି ।

ଦିନେ ସତ ହେଲା । ମୁଁ ବଡ଼ ହୋଇଗଲି । ଶୈଶବର ସରସତା ଓ ବାଲ୍ୟ ଚପଳାମି ଦେଇ ଏବେ କିଶୋରରେ ପଦାର୍ପଣ କରୁ କରୁ ଗ୍ରାମ୍ୟ ସାଥୀମାନଙ୍କ ସହ ଓ ସହପାଠୀ ସହପାଠିନୀଙ୍କ ସହ ଦେଖାଦେଲା ମୋ ଜୀବନରେ ସଂଘାତ । ଟିକିଏ କଥାରେ ମତାନୈକ୍ୟ ମତାନ୍ତର । ଖେଳ କୁଦକୁ ନେଇ ସଂଘର୍ଷ । ପୁଣି ପାଠପଢ଼ାକୁ ନେଇ ଈର୍ଷା, ଦ୍ୱନ୍ଦ ନାନା ଚୁଗୁଲାମି ।ପ୍ରତିଟି କଥାରେ ବଡ଼ ପଣ ଜାହିର୍ କରିବାର ତଥା ସର୍ବଜ୍ଞାତା ସାଜିବାର ସଂଘର୍ଷ । କେହି କାହା ଠାରୁ ନ୍ୟୁନ ନୁହଁ ବୋଲି ଯେମିତି ଗୋଟେ ପ୍ରତିଯୋଗୀତା, ପ୍ରତିଦ୍ୱନ୍ଦିତା ଲାଗିଥାଏ । ସୁନ୍ଦର ସେ କଳି ତକରାଳ ।

କ୍ରମଶଃ ମୁଁ ହେଲି ଯୁବକ । ମୋ ଭିତରେ ଦେଖାଦେଲା ଯୁବ ସୁଲଭ ଉଦ୍ଦାମତା । ସମସ୍ତ ପାରିବାର ପଣିଆ ମୋ ଭିତରେ ଏକୀଭୁତ, ରୁଣ୍ଡିଭୂତ । ଠୁଳ । ମୋର ଏବେ ଗିରି ଲଂଘିବାର ଧୃଷ୍ଟତା । ଅନତିକ୍ରମଣୀୟ ସମୁଦ୍ର ଅତିକ୍ରମ କରିଯିବାର ଦୁଃସାହସ । ଏ ସମସ୍ତ ଦୁର୍ଦ୍ଦମନୀୟ ଶକ୍ତି ସାମର୍ଥ୍ୟ ନେଇ ଆଗକୁ ବଢ଼ିଲି । କୌଣସି କଥାକୁ ନା କହିଲି ନାହିଁ, ସବୁ ଖାଲି ହଁ । ସବୁ କରି ପକେଇବାର ତ ଟାଣପଣ । ଅନେକ ମୋର ସ୍ୱପ୍ନ, ସବୁ ସାକାର ହେବାର ସ୍ୱପ୍ନରେ କିଛିଟା ଉଲ୍ଲସିତ । ଗାନ୍ଧୀ ଗୋପବନ୍ଧୁ ହେବାର ପ୍ରୟାସ । କ୍ଲବ ଗଢ଼ିବା, ସାମାଜିକ ଅନୁଷ୍ଠାନକୁ କ୍ରିୟାଶୀଳ କରିବା, ସାମୂହିକ କାର୍ଯ୍ୟରେ ହାତ ଦେବା । ବିକାଶର ନାରା ଦେଇ ବିକାଶୋନ୍ମୁଖୀ ଚିନ୍ତାଧାରାରେ ଅବଗାହନ କରୁ କରୁ, ଦେଖାଦେଲା ସଂଘାତ । ତା'ପରେ ବିବାଦ, କଳି ତକରାଳ, ଗ୍ରାମ୍ୟ ଅନୁଷ୍ଠାନ ଭାଙ୍ଗି ଯାଉଥିବାର ଭୟ, ମାଡ଼ଗୋଳ, ବାଡ଼ି ଠେଙ୍ଗା, ପୁଲିସ କେସ୍, କୋର୍ଟ କଚେରୀ, ସବୁ ପରେ ସ୍ୱପ୍ନ ଭୁଶୁଡ଼ି ପଡ଼ିବାରୁ ମନ

 Magazine Downloaded from www.aahwaan.com

ବିଷର୍ଣ୍ଣ । ହତାଶାର କାଳିମା, ପୁଣି ସେଇ ହାର୍ । ହାର୍ ଓ ପରାଜୟ । ପରାଭାବର ଗ୍ଲାନି । ବ୍ୟର୍ଥତାର ହୁତାଶନ । ବେଶ୍ ଅଥୟ କରି ପକାଉଥାଏ ପ୍ରତିଟି ଅଙ୍ଗର ଶିରା ପ୍ରଶିରାକୁ । ଆଜି କାଲି ସଫଳତାର ହାରଠାରୁ ବିଫଳତାର ଜୟଗାନ ଅଧିକା । ତେଣୁ ମୋ ବ୍ୟସ୍ତତାର କାରଣ ସ୍ୱାଭାବିକ, ସେଇ ଏକ ହେତୁର ନିର୍ଦ୍ଦେଶ ।

ଏଥର ପୁଣି ପରିବାର, ପରିବାର ଆଡ଼କୁ ଦୃଷ୍ଟି ନିବଦ୍ଧ । ପାଠ । ପାଠ ପରେ ଚାକିରୀ ପାଇଁ ତୀବ୍ର ସଙ୍ଘର୍ଷ, ବେଶ୍ କିଛି ପ୍ରତିଦ୍ୱନ୍ଦିତାମୂଳକ ପରୀକ୍ଷାରେ ଉତ୍ତୀର୍ଣ୍ଣ । ଚାକିରୀ ପରେ ପରିବାରର ଆକ୍ରମଣ, ଆତ୍ମୀୟଙ୍କ କଟାକ୍ଷ । ବିବାହ । ବିବାହ ବନ୍ଧନରେ ଆବଦ୍ଧ । ପୁଣି ସେହି ଫାଶ, ନିଗୂଢ଼ ଫାଶରେ ବାନ୍ଧି ହେବାର ଯନ୍ତ୍ରଣା । ପୁଣି ଦେଖାଦେଲା ସଂଘାତ- ପତ୍ନୀର ଇଚ୍ଛା ବିରୁଦ୍ଧରେ ଲଢ଼ିବା ବା ତା'ର ସମସ୍ତ ଇଚ୍ଛା ପରିପୂର୍ଣ୍ଣ ନ କରି ପରିବାର ଅସମର୍ଥତା ଯୋଗୁଁ ହେଉ । ଜୀବନ ପାଲଟେ ସଂଘାତପୂର୍ଣ୍ଣ ଓ ଯନ୍ତ୍ରଣା ଜର୍ଜରିତ । ଆଉ କେତେବେଳେ ପୁଣି ପତ୍ନୀର ସ୍ୱାର୍ଥ ପାଇଁ ପରିବାର ଲୋକଙ୍କ ସହିତ ଲଢ଼ିବା – ହେଲେ ଲଢିବାଟା ଖାଲି ଲଢ଼ିବାରେ ଯାଏ କ'ଣଟେ ଯେ ସୁଫଳ ମିଳେ ମୁଁ ଜାଣେନା । ଜାଣିଲେ ବି ସେମିତି କିଛି କହିବାକୁ ମୋ ପାଖରେ ଏତେ ବେଶି କିଛି ନାହିଁ ।

ଏଥକୁ ଉପାୟଶୂନ୍ୟ ହୋଇ ଭଗବାନଙ୍କୁ ଡାକେ । ମୁଁ ଜୀବନର ଗୋଟାଏ ପରେ ଗୋଟାଏ ପାହାଚ ଅତିକ୍ରମ କରିବାର ଠିକ୍ ସନ୍ଧିକ୍ଷଣରେ ଅନନ୍ୟୋପାୟ ହୋଇ ତ୍ରାହି ମାଂ ତ୍ରାହି ମାଂ ଡାକ ଛାଡ଼େ । ସେଥିରୁ ଟିକିଏ ବିରତି ନେଇ ନୂତନ ଆଶା ଓ ସମ୍ଭାବନାର ଜୀବନ ଜୀଇବାକୁ ମୁଁ ଆଗକୁ ବଢେ ।କହିଲି – ଏଥର ଆଉ ସାଙ୍ଗ ସାଥି, ବାହାରବାଲା ଓ ନିଜ ପତ୍ନୀ ଠାରୁ ହାରି ପାରିବିନି । କହିଲେ – ତଥାସ୍ତୁ । ଜୀବନ ଧାଇଁଲା ଆଗକୁ । ହେଲେ କର୍ମ କ୍ଷେତ୍ରରେ ସଂଘାତ । ହାକିମଙ୍କ ହାକିମଗିରି, ସାଥି ସହକର୍ମୀଙ୍କ ପ୍ରତିଯୋଗୀତାମୟ ଭାବ

 Magazine Downloaded from www.aahwaan.com

ପୋଷଣ । ପ୍ରତିଟି କ୍ଷେତ୍ରରେ ଅଧିକ ସୁବିଧା ସୁଯୋଗ ହାତେଇବାର କଳକୌଶଳ, ତହୁଁ କୋଣଠେସା ଦେଇ ଆଗକୁ ଯିବାର ପ୍ରତିଯୋଗୀତା ।ଯେଣୁ ନେଣ ଦେଣ କାରବାରକୁ ଆମେ କୁଶଳୀ କାରିଗର ନୋହୁଁ, ତେଣୁ ଆମେ କିଛି ଲୋକ ପଛରେ ପଡୁ । ପ୍ରତିବାଦ କଲେ କେହି ଶୁଣନ୍ତି ନି ।

ଦୁନିଆଟା ଭାରି ସୁବିଧାବାଦୀ, ତେଣୁ ନିସ୍ୱାର୍ଥପରଙ୍କର ଦୁର୍ଦ୍ଦଶା । ହତାଶା କେବଳ ପୁଞ୍ଜି । ଅଶ୍ରୁ ସାଥି । ମାନସିକ ଅଶାନ୍ତି ଓ ଅସନ୍ତୋଷରେ ହୃଦୟ ହୁଏ ଶିକ୍ତ ।

ଏଥର ଏଥିରୁ ଚାହିଁବାରୁ ମୁକ୍ତି ଭଗବାନ କହିଲେ ତଥାସ୍ତୁ । ହେଲେ ଏକ ରକମର ପୁଣି ନୂଆ ସମସ୍ୟା, ନୂଆ ଯନ୍ତ୍ରଣା ।ମୁଁ ଏବେ ପ୍ରୌଢ଼ରେ ପଦାର୍ପଣ କଲିଣି । ପରିବାର ଲୋକଙ୍କ ଭିତରେ ଦେଖାଦେଲାଣି ଲମ୍ବ ଲମ୍ବ ବ୍ୟବଚ୍ଛେଦ, ବ୍ୟବଧାନ ବଢିବାକୁ ଲାଗିଲାଣି । ମୋତେ ଆଉ ଆଗ ଭଳି କେହି ଏତେ ଭଲ ପାଉ ନାହାଁନ୍ତି । ମୁଁ ବି ଆଉ କାହାରି କାମରେ ସେତେ ଆସୁନାହିଁ । କିଛିଟା ଅଲୋଡ଼ା ଅଦରକାରୀ ମନେ ହେଲିଣି । ସମସ୍ତଙ୍କର ପିଲା ଝିଲା ବଢି ଗଲେଣି । ଚାକିରୀବାକିରି କରି କେତେକ ବି ଘର ସଂସାର ବସେଇ ସାରିଲେଣି । ସେମାନେ ଏବେ ବେଶ୍ କିଛି ଆତ୍ମ ନିର୍ଭରଶୀଳ । ଆମେ ଆଉ ଖୋଜା ପଡୁନା ବା ଆମ ପାଇଁ କାହା ପାଖରେ ସମୟ ନାହିଁ । ସାହାଯ୍ୟ ସହଯୋଗ କଥା ତ ଛାଡ, ହେଲେ କଥା କଥାକେ ତାନା ମାରିବାକୁ ସେମାନେ ଭୂଲନ୍ତି ନାହିଁ – ତାହା ସେମାନଙ୍କର ଅସ୍ଥି ମଜ୍ଜାଗତ ଅଭ୍ୟାସରେ ପରିଣତ ହୋଇ ଗଲାଣି । ପୈତୃକ ସମ୍ପତ୍ତିରୁ ଅଧିକ ଲାଭ ଉଠେଇବା ପାଇଁ ସମସ୍ତେ ବ୍ୟସ୍ତ । ଫାଇଦା ନେବା ଚକରରେ ନିତି ଏଠି ନାନା ଚକ୍ରବ୍ୟୁହ ରଚନା ହୁଏ । ନିଜ ନିଜ ଭିତରେ ଦଳ ଗଢି ସାରିଲେଣି । ଜଣେ ଅନ୍ୟ ଜଣଙ୍କୁ ନିଜ ସପକ୍ଷରେ ନେବାକୁ ପ୍ରତିଯୋଗୀତା ।

ଅଶାନ୍ତି ଅସନ୍ତୋଷ କୁହେଳି କୁହେଳି ବିରାଟ ରୂପ ନେବାକୁ ବସିଲାଣି, ପାରିବାରିକ

 Magazine Downloaded from www.aahwaan.com

ସମ୍ପର୍କ ହେଲାଣି ବିଭାଜିତ । ସଂଘାତ ଓ ସଂଘର୍ଷ ଗୋଟାଏ ବଡ଼ କାଣ୍ଡ ସୃଷ୍ଟି କରିବା ଅପେକ୍ଷାରେ । ଏଇମିତି ମଣିଷ ଶାନ୍ତିକୁ ଖୋଜୁଥାଏ, ଗୋଟାଏ ପରେ ଗୋଟାଏ ସମସ୍ୟାରୁ ନିସ୍କୃତି କାମନା କରିଥାଏ । ତହିଁରୁ ମୁକୁଳି ଆସିଲା ପରେ ପୁଣି ନିତ୍ୟ ନୈମିତ୍ତିକ ନୂତନ ସମସ୍ୟା ମୁଣ୍ଡ ଟେକେ । ସେ ସମସ୍ତ ସମସ୍ୟାକୁ ସମାଧାନ କରୁ କରୁ ବଳ ବୟସ ହଟି ଯାଇଥାଏ । ସେ ମୃତ୍ୟୁର ନିକଟବର୍ତ୍ତୀ ହେବାକୁ ଲାଗେ । ହେଲେ ମୃତ୍ୟୁର ନିକଟବର୍ତ୍ତୀ ହେଉ ହେଉ ସେ କ'ଣ ଏମିତି ସାଉଁଟି ପାରିଥାଏ କି ଯାହାକୁ ବା କାହାକୁ ଭେଟି ଦେବ ଅବା ଜୀବନର ଶେଷେ ବୋହିନେବ ଆରପାରିକୁ ପର ଜନ୍ମର ପୁଞ୍ଜି କରି ?

ଆହୁରି ବାକି ରହିଯାଏ ଜୀବନର ଅନ୍ତିମ ସୋପାନ – ବାର୍ଦ୍ଧକ୍ୟ ଓ ଜରା ସେଠି ବିପର୍ଯ୍ୟୟ ନିଶ୍ଚୟତା ସମ୍ଭାବନା ତୋଳେ । ଆଜିର ବିଜ୍ଞାନୀ ମଣିଷ ଯେତେ ଯେତେ ସଭ୍ୟ ଶିକ୍ଷିତ ହେଉଛି, ସେ ସେତେ ସେତେ ଆଧ୍ୟାତ୍ମିକ ଓ ଆଧିଭୌତିକ ଚେତନାଠାରୁ ଦୁରେଇ ଯାଉଛି । କ୍ରମଶଃ ସେ ଯନ୍ତ୍ରବତ୍ ମଣିଷର ମନୀଷା ବହନ କରୁଛି । ପ୍ରତିଯୋଗିତାମୂଳକ ମନୋବୃତ୍ତିର ଦିନକୁ ଦିନ ଘୋର ବିକାଶ ଘଟୁଛି । ଆଗକୁ ବଢ଼ିବାର ପ୍ରୟାସରେ ସେ ଅତୀତକୁ ଭୂଲୁଛି । ତେଣୁ ଅତୀତ ଅବହେଳିତ ହେବା ସ୍ୱାଭାବିକ । ଭବିଷ୍ୟତ ଠାରୁ କିଛି ଆଶା କରିବା ନିରର୍ଥକ । ଅବାଞ୍ଛିତ, ଅବହେଳିତ ହୋଇ ପଡ଼ିବା ନିହାତି ଅସ୍ୱାଭାବିକ ନୁହଁ । ନିଜର ଏକଲା ପଣକୁ ନେଇ ଜୀଇବାଟା ସତ୍ୟ ।

ତେଣୁ ମୁଁ ଭାବେ ସମ୍ପର୍କଟା ଅଧିକତର କାର୍ଯ୍ୟ କାରଣଗତ । ଯାହାର ଯେତିକି ଦିନ ଆବଶ୍ୟକତା ଥାଏ ସେ ସମ୍ପର୍କ ଯୋଡ଼ି ରଖିଥାଏ । ସ୍ୱାର୍ଥ ହାସଲ ହୋଇଗଲା ପରେ ଆପଣା ଛାଏଁ ସମ୍ପର୍କଟା ଭାଙ୍ଗିଯାଏ । ଏମିତି କେତେ ଯେ ସମ୍ପର୍କ ମୋ ସହ ତୁଟାଇ ଚାଲିଯାଇଛନ୍ତି ମୁଁ ସେ ସବୁର ହିସାବ ରଖି ପାରିନାହିଁ । ମତଲବିବାଜ୍ ଦୁନିଆରେ ଆମେ ସମସ୍ତେ ଖାଲି

 Magazine Downloaded from www.aahwaan.com

ମତଲବୀ ହେଉଛନ୍ତି । କେଉଁଠୁ ଗୋଟେ ନିସ୍ୱାର୍ଥପର ସମ୍ପର୍କଟାଏ ମିଳି ଗଲେ ଆମେ କୃତ୍ୟ କୃତ୍ୟ ହୋଇଥାଏ । ବେଶ୍ କିଛି ଦିନ ଆତ୍ମୀୟତା ବାଣ୍ଟିଲା ପରେ ତାହା ବି ତୁଟିଯାଏ, ଯଦିଚ କାରଣଟା ନିହାତି ଅସ୍ପଷ୍ଟ । ତେବେ ଏପରି କାହିଁକି ହୋଇଥାଏ ? ତେବେ ଏହି କ'ଣ ଜୀବନ ? ଯେଉଁଠି ନାନା ଘାତ ପ୍ରତିଘାତ ସତ୍ତ୍ୱେ ବିଭିନ୍ନ ବିଭିଧତା ଭିତରେ ଜୀବନ ବୈଚିତ୍ରମୟ ହୋଇଥାଏ, ଅଥଚ ବେଶ୍ ଆଗକୁ ଧାଉଁଥାଏ ।

ତେଣୁ ବେଳେବେଳେ ମୁଁ ସ୍ୱତଃ ନିଜକୁ ପ୍ରଶ୍ନ ପଚାରେ – ମୁଁ କାହିଁକି ଭଲ ଲୋକି ଦେଖେଇ ହୁଏ ବା ଭଲ ଲୋକ ହେବାକୁ ପ୍ରୟାସ କରେ ? ସମସ୍ତ ଭଲ ଲୋକ କି କେବଳ ପୂରା ଜୀବନ ଜୀଅନ୍ତି ? ସେମାନଙ୍କ ଭିତରୁ ତ ଆହୁରି ଏମିତି ଥୋକେ ଅଛନ୍ତି, ଯେଉଁମାନେ କି ସମସ୍ତ କୁକର୍ମ ଓ ଅପକର୍ମରେ ଲିପ୍ତ ରହି, ଭଲ ଲୋକକୁ ଅସୁବିଧାରେ ପକାଇ, ତାଙ୍କ ମୁଣ୍ଡ ଉପରେ ଗୋଡ ଥୋଇ ଉପରକୁ ଉଠିଛନ୍ତି । ସେମାନଙ୍କର କାହିଁ କିଛି ଅସୁବିଧା ହୋଇନାହିଁ, ଶାନ୍ତିରେ ଜୀବନଟା ଜୀଇ ପାରିଛନ୍ତି । ତେବେ ଆମ ଭଲ ଲୋକ ଓ ଭଲ ଲୋକି ପଣିଆର ମହତ୍ତ୍ୱ କ'ଣ ? କେହି ଭଲା ବୁଝନ୍ତା ଅବା ଭଲ ସାର୍ଟିଫିକେଟ ଖଣ୍ଡେ ଦିଅନ୍ତା ? କିନ୍ତୁ ଏପରି ହୁଏ ନାହିଁ, ଦୁର୍ଦ୍ଦଶା ବରଂ ବଢିଯାଏ । ତଥାପି ବି ପ୍ରବୃତ୍ତି । ସମସ୍ତ କ୍ଳେଶ ସତ୍ତ୍ୱେ ଗୁଡ଼ାଏ ଅବାସ୍ତବ ଭଲର ପରିକଳ୍ପନା ଭିତରେ ଜୀଇଁବା । ସେଇଥିରେ ଜୀବନ, ସେହି ହିଁ ଶାନ୍ତି । ଦୁଃଖ ସୁଖକୁ ସବୁଟାକୁ ଆପଣାର କରି ବଞ୍ଚିବାର ଅଭିଳାଷା । ଜୀବନକୁ ବୁଝିବାର ଅପଚେଷ୍ଟା । ସବୁ ପୁଣି ବ୍ୟର୍ଥ, ଅପୂରଣୀୟ ମନୋବାଞ୍ଛା ।

ଏକଧାରେ ଲୁହ, ଅନ୍ୟ ଧାରେ ହର୍ଷିତା ଭାବ । ଏକ ପଟେ ଅଭିଶାପ, ଅନ୍ୟପଟୁ ଆଶୀର୍ବାଦର କ୍ଷୀଣପ୍ରଭା ଆଲୋକରେଖା ।ଜୀବନ ଏହି ପରି ଅବିରତ ଚାଲେ, ମୁଁ ତେଣୁ ଗାଏ-

 Magazine Downloaded from www.aahwaan.com

ମୁଁ କେବେ ଡରି ନାହିଁ ମୃତ୍ୟୁ ଭୟେ

ମୃତ୍ୟୁ ଯେଣୁ ଶ୍ରେୟସ୍କର

ସେ ଯେ ଚିର ଶାନ୍ତି

ସେ ଯେ ଶେଷ ଆଶ୍ରୟ ସ୍ଥଳ

ଆଶ୍ରୟ ମୁଁ ଲୋଡ଼ିବି କାହିଁରେ ?

ସେଦିନ ସିନା ଦୁଷ୍ମନ୍ତ ସମ

ଭୁଲି ଥିଲି ଶକୁନ୍ତଳେ

ଆଜ କିନ୍ତୁ ହେଜେ ଦେଖି

ତୁମ ସ୍ମୃତିର ଅଭିଜ୍ଞାନ

ସୃଷ୍ଟିର ଚିର ରହସ୍ୟରେ

ପାରୁନି ଯେ ଆଉ

ଯନ୍ତ୍ରଣା ହେଲାଣି ଢେର

ପ୍ରାଣ ପ୍ରିୟା ସଖୀ ମୋର

ଆଉ ଦଣ୍ଡେ ରହ

ମୁଁ ଟିକିଏ ସଜବଜ ହୋଇପଡେ

ଜାଣୁଛି ବେଳ ଯେ ହେଲାଣି ଉଛୁର

ମୋର ବି ବିଶ୍ରାମ ଦରକାର ।।

ମଣିଷ ଖାଲି ହାରେ, କେତେବେଳେ ସାମାଜଠାରୁ ବା କର୍ମ କ୍ଷେତ୍ରରେ । ନିଜ ପତ୍ନୀ / ସ୍ୱାମୀଠାରୁ ତ ପୁଣି ପରିବାରର ଲୋକଙ୍କଠାରୁ ନତୁବା ନିଜ ପିଲାମାନଙ୍କଠାରୁ । କିଛି

 Magazine Downloaded from www.aahwaan.com

ନହେଲେ ନିଜେ ନିଜଠାରେ ଖାଲି ହାରିବା ସାର ହୁଏ, କିନ୍ତୁ ଜିତିବାର ବାହାସ୍ଫୋଟ ଥାଏ । ହାରି ହାରି ଶେଷରେ ନିଜ ଜୀବନକୁ ତୁଚ୍ଛ ମଣେ । ପ୍ରକୃତିର କୋଳରେ ଆତ୍ମଗୋପନ କରିବାକୁ ଇଚ୍ଛା ହୁଏ । ଯମର ଡାକରା ଆସେ, ଲେଉଟାଣି ପର୍ବ ପାଳେ । ମାଟି ମା 'କୋଳରେ ଶେଷ ଆଶ୍ରୟ ଖୋଜେ । ସେଇ କି ଶେଷ ଆଶ୍ରୟ ସ୍ଥଳୀ ? ଜୀବନର ଇତି ହୁଏ । ଏଇତ ଜୀବନ, ଯାହାକୁ ବୃଥା ଅହମିକାରେ ଆମେ ଜୀଇ ଥାଉ । ପଡ଼ି ଉଠି ଉଠି ପଡ଼ି ଖାଲି ଧାଇଁଥାଏ । କ'ଣ ତା'ର ମାନେ ହୁଏ, ତଥାପି ସମସ୍ତେ ଜୀଉଛନ୍ତି ଦେଖି ମୁଁ ବି ଜୀଏ । ଏଷଣା ଗଣିତାଦି ପ୍ରୟୋଗ କରି ମୁଁ ଜୀବନକୁ ଅନ୍ବେଷଣ କରେ । ହେଲେ ଗବେଷଣା ଲବ୍ଧ ଜ୍ଞାନକୁ ବଖାଣିବା ପାଇଁ ମୋ ପାଖରେ ବିଶେଷ କିଛି ଉତ୍ତର ନଥାଏ । କାରଣ ଉତ୍ତରଟି ମୋତେ ବୋଧ କରି ପାରେ ନାହିଁ କି କାହାକୁ ବୁଝେଇଲେ ଏଥିରୁ ତାହାର ଅର୍ଥ ଠିକ୍ ରେ ବୋଧ୍ୟ ହୋଇ ପାରେ ନାହିଁ । ଏଇତ ଜୀବନ, ଯାହା ଅନ୍ୟ ଭାବରେ ସଂଘାତ ଓ ସଂଘର୍ଷପୂର୍ଣ୍ଣ ।

ଉପ ସହକାରୀ ନିବନ୍ଧକ

ସମବାୟ ସମିତି ସମୂହ,

ଭଦ୍ରକ ସର୍କଲ, ଭଦ୍ରକ

ଭ୍ରାମ୍ୟଭାଷ : ୯୯୩୭୨୧୮୧୮୪୬

 Magazine Downloaded from www.aahwaan.com


# ବିଶେଷ ଅନୁରୋଧ




ଆହ୍ୱାନ ଓଡ଼ିଆ ବ୍ଲଗ୍ ଆଣ୍ଡ୍ରଏଡ୍ ଆପ୍ ଡାଉନଲୋଡ୍ କରନ୍ତୁ :

https://play.google.com/store/apps/details?id=com.aahwaan.tathya

ଉପରେ ଦିଆଯାଇଥିବା ଲିଙ୍କ୍ ଉପରେ କ୍ଲିକ୍ କରନ୍ତୁ ଏବଂ ଡାଉନଲୋଡ୍ କରନ୍ତୁ ।




ଆହ୍ୱାନ ଇ-ପତ୍ରିକା ଆଣ୍ଡ୍ରଏଡ୍ ଆପ୍ ଡାଉନଲୋଡ୍ କରନ୍ତୁ :

https://play.google.com/store/apps/details?id=com.aahwaan.aahwaanePatrika

ଉପରେ ଦିଆଯାଇଥିବା ଲିଙ୍କ୍ ଉପରେ କ୍ଲିକ୍ କରନ୍ତୁ ଏବଂ ଡାଉନଲୋଡ୍ କରନ୍ତୁ ।

**ନିମ୍ନରେ ଦିଆଯାଇଥିବା ଆହ୍ୱାନ ପତ୍ରିକାର ଇମେଲ୍ ଗ୍ରୁପରେ ଯୋଗ ଦିଅନ୍ତୁ:-**

**https://groups.google.com/forum/#!forum/aahwaan-epatrika**

 Magazine Downloaded from www.aahwaan.com

# ବିଶେଷ ସୂଚନା

ଆହ୍ୱାନ ଇ-ପତ୍ରିକାର ଆଗାମୀ ସଂସ୍କରଣ : ଅପ୍ରେଲ ୨୦୧୯

ଲେଖା ପଠାଇବାର ଶେଷ ତାରିଖ : ୩ ଅପ୍ରେଲ ୨୦୧୯

ଲେଖା ପଠାଇବା ସମୟରେ ଇମେଲ୍‌ରେ ସବ୍‌ଜେକ୍ଟ ଲେଖିବେ :

Your name (**ଆପଣଙ୍କ ନାମ**) : April 2019

ଲେଖା ଗୁଡ଼ିକ ଯଦି ଓଡ଼ିଆରେ ଟାଇପ୍ କରି ୱାର୍ଡ଼ ଫାଇଲରେ ପଠାଇବେ ତା ହେଲେ ଆମକୁ ପୁଣିଥରେ ସେହି ସବୁ ଲେଖା ଟାଇପ୍ କରିବାକୁ ପଡ଼ିବ ନାହିଁ । ହାତ ଲେଖାକୁ ଫଟୋ ଉଠାଇ କିମ୍ବା ସ୍କାନ୍ କରି ଇମେଲ୍ ଆଟାଚ୍‌ମେଣ୍ଟ ଭାବରେ ପଠାଇବେ । ହସ୍ତଲେଖା ସୁନ୍ଦର ଓ ପଠନଯୋଗ୍ୟ ହେବା ଅନିବାର୍ଯ୍ୟ, ନଚେତ ଯଦି ପ୍ରକାଶନରେ କୌଣସି ତ୍ରୁଟି ରହେ ସେଥିପାଇଁ ସମ୍ପାଦକ ଦାୟୀ ରହିବେ ନାହିଁ ।

ଯଦି ଗଳ୍ପ ବା କାହାଣୀ କିମ୍ବା ପ୍ରବନ୍ଧ ପଠାଉଛନ୍ତି ତେବେ ଧ୍ୟାନ ଦିଅନ୍ତୁ, ପ୍ରତ୍ୟେକ ଶବ୍ଦ ମଧ୍ୟରେ କେବଳ ଗୋଟିଏ ଖାଲି ସ୍ଥାନ ଛାଡ଼ିବେ, କମା, ପୂର୍ଣ୍ଣଚ୍ଛେଦ, ଯୁକ୍ତାକ୍ଷର ଆଦି ବ୍ୟାକରଣ ତ୍ରୁଟି ପ୍ରତି ସାବଧାନ ରହି ଟାଇପ୍ କରିବେ । ବ୍ୟାକରଣଗତ ତ୍ରୁଟି ପାଇଁ ପ୍ରକାଶନରେ ଅହେତୁକ ବିଳମ୍ବ ହୁଏ । ତେଣୁ ଯଦି ସମ୍ଭବ ହେଉଛି ଆପଣଙ୍କ ନିକଟରେ ଥିବା କେହି ଓଡ଼ିଆ ବନ୍ଧୁଙ୍କ ଦ୍ୱାରା ନିଜ ଲେଖାକୁ ସଠିକ ଭାବରେ ପରୀକ୍ଷା କରି ନିଅନ୍ତୁ ।

ଲେଖା ସହିତ ନିଜର ଗୋଟିଏ ପାସପୋର୍ଟ୍ ଫଟୋ (ଯଦି ନାହିଁ, ତେବେ ଭଲ ଦେଖାଯାଉଥିବା ସୁନ୍ଦର ଫଟୋଟିଏ) ସହିତ ନିଜର ଠିକଣା ଲେଖି ପଠାଇବେ ।

ଆମର ଲେଖା ସଂଗ୍ରହ ଇମେଲ୍ : aahwaan@gmail.com

 Magazine Downloaded from www.aahwaan.com

# ବିଶେଷ ସୂଚନା

ଦୟାକରି ପ୍ରତ୍ୟେକ ମାସର ସଂସ୍କରଣ ନିମନ୍ତେ କେବଳ ଗୋଟିଏ ବା ଦୁଇଟି ଲେଖା ହିଁ ପଠାନ୍ତୁ । କିଛି ବନ୍ଧୁ ଏକାଧିକ ଲେଖା ପଠାଇ ଆମକୁ ଚିନ୍ତାରେ ପକାଇ ଦେଉଛନ୍ତି । ଆମେ ସେ ମଧ୍ୟରୁ ଚୟନ କରିବାକୁ ଅସୁବିଧାର ସମ୍ମୁଖୀନ ହେଉଛୁ । ସୂଚନାଯୋଗ୍ୟ ଯେ କିଛି ବନ୍ଧୁ ବିଗତ ମାସରେ ଅନ୍ୟୁନ ଦଶରୁ ଅଧିକ କବିତା ପଠାଇଛନ୍ତି । ଏହାଦ୍ୱାରା ଆମ ଇମେଲ୍ ବକ୍ସ ଭର୍ତ୍ତି ହେଉଛି ଏବଂ ସମ୍ପାଦନା କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି ।

ବାରମ୍ବାର ଅନୁରୋଧ ସତ୍ତ୍ୱେ ଅନେକ ବନ୍ଧୁ ଟାଇପ୍ ନ କରି ଲେଖା ପଠାଉଛନ୍ତି । ଏହା ଫଳରେ ଆମକୁ ସମ୍ପାଦନା ପୂର୍ବରୁ ଅନ୍ୟୁନ ଅର୍ଦ୍ଧାଧିକ ପୃଷ୍ଠା ନିଜେ ଟାଇପ୍ କରିବାକୁ ପଡୁଛି ଏବଂ ଏଥିପାଇଁ ପତ୍ରିକା ପ୍ରକାଶନରେ ବିଳମ୍ବ ଦେଖା ଦେଉଛି । ଦୟାକରି ନିଜସ୍ୱ ଲେଖା ଟାଇପ୍ କରି ମାଇକ୍ରୋସଫ୍ଟ ୱାର୍ଡ୍ ଫାଇଲରେ ପଠାନ୍ତୁ । ଯଦି ଟାଇପ୍ କରି ପାରୁନାହାନ୍ତି ତା ହେଲେ ଅନ୍ୟ ଉପାୟ କରନ୍ତୁ । ପିଡ଼ିଏଫ୍ ଫାଇଲରେ ପଠାଉଥିବା ଲେଖାକୁ ୱାର୍ଡ୍ ଫାଇଲରେ ପଠାନ୍ତୁ ।

ହ୍ୱାଟ୍ସଆପ୍‌ରେ ଲେଖା ପଠାନ୍ତୁ ନାହିଁ । ଏହା ସ୍ୱୀକାର୍ଯ୍ୟ ହେବନାହିଁ । କେବଳ ଇମେଲ୍ ଦ୍ୱାରା ହିଁ ଲେଖା ପଠାନ୍ତୁ । ଆହ୍ୱାନ ଇ-ପତ୍ରିକାର ଆଣ୍ଡ୍ରଏଡ୍ ଆପ୍ ଡାଉନଲୋଡ୍ କରନ୍ତୁ ।

**ପତ୍ରିକାରେ ଥିବା ବ୍ୟାକରଣଗତ ତ୍ରୁଟି ପାଇଁ ସମ୍ପାଦକ କ୍ଷମାପ୍ରାର୍ଥୀ ।**

ଆମ ଇମେଲ୍ ଠିକଣା :

## aahwaan@gmail.com